# ଆଜିର ଇଂଲଣ୍ଡ ଓ ୟୁରୋପ

ବୈଦ୍ୟନାଥ ମିଶ୍ର



ପାଠାଗାର
0/9596
31-5-87

# ଆଜିର
# ଇଂଲଣ୍ଡ ଓ ୟୁରୋପ

ଲେଖକ :
ଶ୍ରୀ ବୈଦ୍ୟନାଥ ମିଶ୍ର
ପୂର୍ବତନ ଅଧ୍ୟକ୍ଷ, ବି. ଜେ. ବି. କଲେଜ, ଭୁବନେଶ୍ୱର

ଗ୍ରନ୍ଥ ମନ୍ଦିର

ପ୍ରକାଶକ : ଅଭିରାମ ମହାପାତ୍ର
**ଗ୍ରନ୍ଥମନ୍ଦିର**, ବିନୋଦବିହାରୀ, କଟକ-୨

ମୁଦ୍ରକ : ଜୟରାମ ମହାପାତ୍ର
**ଗ୍ରନ୍ଥପ୍ରକାଶିନୀ**, ସୁତାହାଟ, କଟକ

ପ୍ରଥମ ସଂସ୍କରଣ : ଡିସେମ୍ବର ୧୯୮୭

ମୂଲ୍ୟ : ଟ ୨୦.୦୦
ବାଧାବନ୍ଧେଇ : ଟ ୧୭.୦୦

# ମୁଖବନ୍ଧ

୧୯୮୨ ମସିହା ମେ ମାସରେ ମୁଁ ସସ୍ତ୍ରୀକ ଇଂଲଣ୍ଡକୁ ଯାଇଥିଲି । ସେଠାରେ ବର୍ଷେ ରହିବା ମଧ୍ୟରେ ଇଂଲଣ୍ଡ, ସ୍କଟଲ୍ୟାଣ୍ଡ ଓ ୱେଲ୍‌ସ୍‌ର ବହୁ ସ୍ଥାନ ଦେଖିବାର ସୁଯୋଗ ପାଇଥିଲି । ତା' ଛଡ଼ା ଏହି ସମୟ ମଧ୍ୟରେ ଇଉରୋପ ମହାଦେଶର ହଲାଣ୍ଡ, ବେଲଜିୟମ, ଲକ୍ସେମ୍ବର୍ଗ, ଜର୍ମାନୀ ଓ ଫ୍ରାନ୍‌ସ ଦେଶମାନଙ୍କ ମଧ୍ୟ ଭ୍ରମଣରେ ଯାଇ ବହୁ ପ୍ରସିଦ୍ଧ ଓ ରମଣୀୟ ସ୍ଥାନମାନ ପରିଦର୍ଶନ କରିଥିଲି । ସେ ଅନୁଭୂତିସବୁ ମୋର ମନରେ ଅଭୁଲ ସ୍ମୃତି ହୋଇ ରହିଛି । ମୁଁ ୧୯୮୩ ସାଲ ମେ ମାସରେ ଭୁବନେଶ୍ୱରକୁ ଫେରିବା ପରେ ମୋର ଅନେକ ବନ୍ଧୁଙ୍କ ସହିତ ସାକ୍ଷାତ ହେଲା । ସେମାନେ ମୋ'ଠାରୁ ସେ ଦେଶମାନଙ୍କ ବିଷୟରେ ଆଗ୍ରହରେ ଶୁଣିଲା ପରେ ମୋର ଅନୁଭୂତିସବୁ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ପରାମର୍ଶ ଦେଲେ । ଏ ସବୁ ଦେଶ ମୋ ପୂର୍ବରୁ ଅନେକ ପରିଦର୍ଶନ କରି ତାଙ୍କର ଭ୍ରମଣ କାହାଣୀ ପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଲବ୍ଧପ୍ରତିଷ୍ଠ ଲେଖକ । ତେଣୁ, ଏହି ଭ୍ରମଣ କାହାଣୀ ଲେଖିବାକୁ ଗଲାବେଳେ ଏ ଲେଖାର ମୌଳିକତା ଓ ଉପାଦେୟତା ବିଷୟରେ ଆଶଙ୍କା ଜନ୍ମିବା ସ୍ୱାଭାବିକ । ତଥାପି ଏ ଲେଖା ପଢ଼ି ଯଦି ପାଠକମାନେ ଯତ୍‌କିଞ୍ଚିତ ଆନନ୍ଦ ଲାଭକରନ୍ତି ଓ ଏଥିରେ ଜାଣିବାର ବିଷୟ କିଛି ଅଛି ବୋଲି ମନେକରନ୍ତି, ତେବେ ମୁଁ ବିଶେଷ ଗୌରବାନ୍ୱିତ ମନେକରିବି ।

ଏହି ଭ୍ରମଣ କାହାଣୀ ଲେଖିବାବେଳେ ସ୍ୱତଃ ମୋର ଜ୍ୱାଇଁ ଉମେଶ ଓ ଝିଅ ନିବେଦିତା କଥା ମନେପଡ଼େ । ସେମାନଙ୍କର ଅକୁଣ୍ଠ ସାହାଯ୍ୟ ଓ ଚେଷ୍ଟା ଯୋଗୁଁ ଆମର ବିଦେଶ ଭ୍ରମଣ ଓ ରହଣି ସହଜ, ସରଳ ଓ ଆନନ୍ଦଦାୟକ ହୋଇଥିଲା । ଏହି ପୁସ୍ତକର ପ୍ରକାଶନ ଅବସରରେ ସେମାନଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା ଜଣାଉଛି । ଅନେକ ଘଟଣା ଓ ଅନୁଭୂତ ସ୍ଥାନ ଅଭାବରୁ ପ୍ରକାଶ କରିବା ସମ୍ଭବ ହେଉନାହିଁ । ଅନେକ ବନ୍ଧୁଙ୍କର ସ୍ନେହ ଓ ସାହାଯ୍ୟ ମଧ୍ୟ ସେହି କାରଣରୁ ଅପ୍ରକାଶିତ ରହିଗଲା । ତଥାପି ଯେତିକି ପ୍ରକାଶିତ ହେବାକୁ ଯାଉଛି, ତାହା କେବଳ ସମ୍ଭବ ହେଲା ବିଶିଷ୍ଟ ପ୍ରକାଶକ ଅଭିରାମ ମହାପାତ୍ରଙ୍କ ଅମୂଲ୍ୟ ସାହାଯ୍ୟ ଯୋଗୁ । ମୋର ତାଙ୍କୁ ଅଶେଷ ଧନ୍ୟବାଦ ।

୧୯୮୬, କାର୍ତ୍ତିକ-ପୂର୍ଣ୍ଣିମା

**ବୈଦ୍ୟନାଥ ମିଶ୍ର**

# ସୂଚୀ


| ଅଧ୍ୟାୟ | ପୃଷ୍ଠା |
| --- | --- |
| ୧ । ଅଗ୍ରମାରମ୍ଭ | ୧ |
| ୨ । ଲଣ୍ଡନ ସହରରେ | ୭ |
| ୩ । ଇଂଲଣ୍ଡରେ ଏଣେତେଣେ | ୧୨ |
| ୪ । ଇଂଲଣ୍ଡର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି | ୨୩ |
| ୫ । ଇଂଲଣ୍ଡର ସାମାଜିକ ଓ ରାଜନୈତିକ ଜୀବନ | ୫୮ |
| ୬ । ୟୁରୋପ ଭ୍ରମଣ | ୧୦୦ |
| ୭ । ଆମର ଭାରତ ପ୍ରତ୍ୟାବର୍ତ୍ତନ | ୧୨୯ |



ପାଠାଗାର
୦/ 7596
31-5-87

ଗ୍ରନ୍ଥାଗାର
0/9596
31-5-87

# ପ୍ରଥମ ଅଧ୍ୟାୟ

## ଅଗ୍ରୀମାରମ୍ଭ

ବିଦେଶ ଯାତ୍ରା ପାଇଁ ଦୀର୍ଘଦିନର ଅବିରାମ ଆୟୋଜନର ପରିସମାପ୍ତି ହୋଇଛି । ୧୯୮୨ ସାଲ ମେ ମାସ ୨୭ ତାରିଖ—ବମ୍ବେରେ ଥିବା ସାନ୍ତାକ୍ରୁଜ ବିମାନଘାଟୀ ଉଦ୍ଦେଶ୍ୟରେ ରାତି ପ୍ରାୟ ୧୦ଟା ବେଳେ ଯାତ୍ରା ଆରମ୍ଭକଲୁ ମୁଁ ଓ ମୋ ସ୍ତ୍ରୀ । ମନରେ ଆଶା ଓ ଆଶଙ୍କା ନେଇ ବିମାନଘାଟୀରେ ପହଞ୍ଚିଲୁ । ଆମ ସଙ୍ଗରେ ଆସିଥାନ୍ତି ଆମ ଜୋଇଁ ବିଶ୍ୱାମିତ୍ର ପାତ୍ରୀ । ସେ ବମ୍ବେରେ ମେଟାଲ ବକ୍ସ କମ୍ପାନୀରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ଝିଅ ଛବି ମଧ୍ୟ ଆସିଥାଏ । ସେ ସେଠାକାର ଗୋଟିଏ ବଡ଼ କମ୍ପାନୀରେ ଆର୍କିଟେକ୍ଟ ଭାବରେ ନିଯୁକ୍ତି ପାଇଛି । ଉଭୟ କାର୍ଯ୍ୟବ୍ୟସ୍ତ । ତଥାପି ଆମର ଦଶ ଦିନ ବମ୍ବେ-ରହଣି ଭିତରେ ଆମର ସବୁ କାର୍ଯ୍ୟରେ ଜଡ଼ିତ ଥିଲେ । ଆମ ସାଙ୍ଗରେ ଆହୁରି ଆସିଥାନ୍ତି ମିଷ୍ଟର ପ୍ରଧାନ । ସେ ଏୟାର୍ ଇଣ୍ଡିଆର ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ବମ୍ବେରେ ଥାଆନ୍ତି । ସେମାନେ ସମସ୍ତେ ଆସିଥିବାରୁ ଅନେକ ସୁବିଧା ହେଲା । ଏୟାର୍ ଇଣ୍ଡିଆ ଅଫିସରେ ଆମର ସମସ୍ତ ଜିନିଷ ଓଜନ ହେଲାପରେ ଜଣାପଡ଼ିଲା ଯେ ସେସବୁର ଓଜନ ମାତ୍ର ୩୫ କେ.ଜି. । ଆମେ ଦୁଇ ଜଣ ମିଶି ୪୦ କେ.ଜି. ଓଜନର ଜିନିଷ ନେଇପାରିବୁ; ତେଣୁ ଜିନିଷ ପାଇଁ ଅଧିକ ଭଡ଼ା ଲାଗିବ ନାହିଁ, ଏହା ଜାଣି ଆଶ୍ୱସ୍ତ ହେଲୁ ।

ଶୁଳ୍କ ବିଭାଗ କର୍ମଚାରୀମାନେ ଗୋଟିଏ ଗ୍ରେଟ ରଞ୍ଜନରଶ୍ମି ମେସିନ ସାହାଯ୍ୟରେ ଆମର ଜିନିଷସବୁ ତନଖି କରି ଦେଖିଲେ—କାଳେ ସେଥିରେ କିଛି ଧାତବ ଜିନିଷ ଥିବ । ଶେଷରେ ନିରାପତ୍ତା ବିଭାଗର କର୍ମଚାରୀମାନେ ଆମର ପାସପୋର୍ଟ ଇତ୍ୟାଦି ଦେଖିସାରିଲାପରେ ଆମକୁ ଉଡ଼ାଜାହାଜରେ ବସିବାପାଇଁ **boarding card** ବା ଅନୁମତିପତ୍ର ମିଳିଲା । ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କରୁ ୫୫୦ ପାଉଣ୍ଡ ଓ ସାନ୍ତାକ୍ରୁଜ ବିମାନଘାଟୀରେ ଥିବା ବ୍ୟାଙ୍କରୁ ୨୩ ପାଉଣ୍ଡ ଆମକୁ ଭାରତୀୟ ମୁଦ୍ରା ବିନିମୟରେ ମିଳିଥିଲା । ସେତିକି ପାଥେୟ କରି ଯାତ୍ରା ଆରମ୍ଭ କଲୁ ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ । ନିରାପତ୍ତା ବିଭାଗର ତନଖି ପରେ ଝିଅ ଓ ଜୋଇଁ ଆମଠାରୁ ବିଦାୟ ନେଇଗଲେ । ଲକ୍ଷ୍ୟକଲି, ସେମାନଙ୍କ ମନରେ ଆଶଙ୍କା ଓ ବିଷାଦ ।

ଏଥିପୂର୍ବରୁ ମୁଁ ଓ ମୋ ସ୍ତ୍ରୀ ଦେଶ ମଧ୍ୟରେ ବିମାନଯାତ୍ରା କରିଥିଲୁ; ବର୍ତ୍ତମାନ ଆମେ ଅନ୍ତର୍ଦେଶୀୟ ବିମାନଯାତ୍ରୀ । ଆମେ ଯାଉଥାଉ ଏୟାର ଇଣ୍ଡିଆର ୭୪୭ ବୋଇଙ୍ଗ ଜେଟ୍ ଉଡ଼ାଜାହାଜରେ । ଏହି ବିଶାଳକାୟ ଉଡ଼ାଜାହାଜରେ ମୋଟ ଯାତ୍ରୀସଂଖ୍ୟା ଥାଆନ୍ତି

୪୦୮; ତା'ଛଡ଼ା ବିମାନର କର୍ମଚାରୀବୃନ୍ଦ । ଉଡ଼ାଜାହାଜଚାଳକ ନିଜର ଓ ଅନ୍ୟ କର୍ମଚାରୀମାନଙ୍କର ସଂକ୍ଷିପ୍ତ ପରିଚୟ ଦେଲେ । ତା'ପରେ ଉଡ଼ାଜାହାଜ କେତେବେଳେ ଯାତ୍ରା ଆରମ୍ଭ କରିବ ଓ ଲଣ୍ଡନରେ ପହଞ୍ଚିବା ପୂର୍ବରୁ କେଉଁଠାରେ ରହିବ, ତାହା ଯାତ୍ରୀମାନଙ୍କ ଅବଗତି ପାଇଁ ଜଣାଇଲେ ଏବଂ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ବସିବା ସ୍ଥାନରେ ଥିବା ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଲେ । ତାହା ପରେ ପରେ ଭୀଷଣ ଶବ୍ଦ କରି ଆମର ଉଡ଼ାଜାହାଜ ଭୂପୃଷ୍ଠରୁ ଉଠିବାକୁ ଆରମ୍ଭ କଲା ।

ଯାତ୍ରା ଆରମ୍ଭ ପରେ ପରେ ଉଡ଼ାଜାହାଜର ଜଣେ କର୍ମଚାରୀ ଯାତ୍ରୀମାନଙ୍କୁ ଆବଶ୍ୟକ ସ୍ଥଳେ ଜୀବନରକ୍ଷାପାଇଁ କଅଣ କରିବାକୁ ହେବ, ସେ ବିଷୟ ବୁଝାଇଲେ । ପ୍ରଥମେ ଉଡ଼ାଜାହାଜରେ ଗ୍ୟାସମୁଖା ଥିବାର ସେ ଜଣାଇଲେ । ଉଡ଼ାଜାହାଜ ଭିତରେ ଅମ୍ଳଜାନ ଅଭାବ ହେଲେ ଏ ବିପଦରୁ ନିଜକୁ ରକ୍ଷାକରିବାକୁ ଏହି ମୁଖା ପିନ୍ଧିବା ଦରକାର । ବସିବା ସ୍ଥାନ ନିକଟରେ ଏ ମୁଖା ଥିବାର ସେ ଦେଖାଇଲେ । ତା'ଛଡ଼ା ବସିବା ସ୍ଥାନରେ ଆକାଶଛତା ଥିବାର ମଧ୍ୟ ଜାଣିଲୁ । ନିଆଁ ଲାଗିଲେ କିମ୍ବା ଇଞ୍ଜିନ୍ ଖରାପ ହେଲେ ଏହା ସାହାଯ୍ୟରେ ଜରୁରୀ ପରିସ୍ଥିତିରେ ବ୍ୟବହୃତ କବାଟ ବାଟେ ଡେଇଁପଡ଼ି ଜୀବନ ରକ୍ଷା କରିହେବ । ଏସବୁ ଜ୍ଞାତବ୍ୟ ବିଷୟ ଜାଣିଲାବେଳେ ମନରେ ସ୍ୱତଃ ଭୟ ଜାତ ହୁଏ । ଉଡ଼ାଜାହାଜ ଦୁର୍ଘଟଣାରେ କେହି ବଞ୍ଚିବା କ୍ୱଚିତ୍ ଦେଖାଯାଏ । ତେଣୁ ସେ ବିଷୟ ଭାବିଲେ ଆତଙ୍କିତ ହେବା ସ୍ୱାଭାବିକ । ଏ ଉପଲକ୍ଷ୍ୟରେ ମନେପଡ଼ୁଛି, ଏ ଯାତ୍ରାର କିଛି ଦିନ ପରେ ୧୯୮୨ ସାଲ ଜୁନ ୨୨ ତାରିଖରେ ସାଣ୍ଟାକ୍ରୁଜ୍ ବିମାନଘାଟୀଠାରେ ଏୟାର୍ ଇଣ୍ଡିଆର ଗୋଟିଏ ଉଡ଼ାଜାହାଜ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏହି ଦୁର୍ଘଟଣାରେ ବହୁ ଯାତ୍ରୀ ନିହତ ହୋଇଥିବାର ଖବର ଇଂଲଣ୍ଡରେ ଥିବା ସମୟରେ ଆମେ ପାଇ ମର୍ମାହତ ହୋଇଥିଲୁ ।

ବମ୍ବେର ସାଣ୍ଟାକ୍ରୁଜ ବିମାନଘାଟୀ ରାତି ଦେଢ଼ଟାରେ ଛାଡ଼ି ଆମେ ପ୍ରାୟ ରାତି ୩ଟା ବେଳେ ଦିଲ୍ଲୀର ବିମାନଘାଟୀରେ ପହଞ୍ଚିଥିଲୁ । ଜେଟ୍ ଉଡ଼ାଜାହାଜ ଉଠିବା ସମୟରେ ଓ ଓହ୍ଲାଇବାବେଳେ ତଳେ ଥିବା ସହରମାନଙ୍କୁ ଦେଖିବାର ସୁଯୋଗ ମିଳିଥାଏ । ଅନ୍ୟ ସମୟରେ ପୃଥିବୀପୃଷ୍ଠରୁ ପ୍ରାୟ ତିରିଶ ହଜାର ଫୁଟ ଉପରେ ଏହି ଉଡ଼ାଜାହାଜ ଉଡ଼ୁଥିବାରୁ ତଳେ ଥିବା ଘର ଇତ୍ୟାଦି ଦେଖିହୁଏ ନାହିଁ । ଆଖିରେ ପଡ଼େ କେବଳ ବହୁ ତଳେ ଥିବା ଧଳା ଧଳା ମେଘ । ପାଲମ ବିମାନଘାଟୀରେ ଓହ୍ଲାଇବା ବେଳେ ଦୂରରୁ ଦିଶିଲା ସୁପ୍ତ ଦିଲ୍ଲୀ ମହାନଗରୀର ଧାଡ଼ି ଧାଡ଼ି ଆଲୋକ । ସେଠାରେ ଅଳ୍ପ କେତେକ ଯାତ୍ରୀ ଓହ୍ଲାଇଲେ ଓ ଆଉ କେତେ ଜଣ ଉଡ଼ାଜାହାଜରେ ଉଠିଲେ । ସାଢ଼େ ଚାରିଟା ବେଳେ ପାହାନ୍ତିଆ ସମୟକୁ ଆମ ଉଡ଼ାଜାହାଜ ପୁଣି ଯାତ୍ରା ଆରମ୍ଭ କଲା । ଅଳ୍ପ ସମୟ ପରେ ବିମାନଟି ଭାରତର ଆକାଶ-ସୀମା ପାର ହୋଇ ପଶ୍ଚିମ ଦିଗରେ ଅଗ୍ରସର ହେବାକୁ ଲାଗିଲା ।

ଏହାପରେ ଦୁବାଇ ବିମାନଘାଟୀଠାରେ ଆମର ବିମାନ ସକାଳ ପ୍ରାୟ ୮ଟା ବେଳେ

ଓହ୍ଲାଇବାର କଥା । କିନ୍ତୁ ୮ଟାର ଅବ୍ୟବହିତ ପୂର୍ବରୁ ବିମାନଚାଳକ ଘୋଷଣାକଲେ ଯେ ଦୁବାଇ ନିକଟରେ ଧୂଳିଝଡ଼ ହେଉଥିବାରୁ ଉଡ଼ାଜାହାଜ ସେଠାରେ ନ ଓହ୍ଲାଇ ପାରସ୍ୟ ଉପସାଗରରେ ଅବସ୍ଥିତ ବେହେରିନ୍ ଦ୍ୱୀପଠାରେ ଓହ୍ଲାଇବ । ଏ ସମ୍ବାଦ ଶୁଣି ଆମ୍ଭେମାନେ ବିଶେଷ ଚିନ୍ତିତ ହେଲୁ । ଝିଅ ଓ ଜୋଇଁ ଲଣ୍ଡନ ବିମାନଘାଟୀଠାରେ ନିର୍ଦ୍ଦିଷ୍ଟ ସମୟରେ ଆସି ଅପେକ୍ଷା କରିଥିବେ । ବିମାନ ବିଳମ୍ବରେ ପହଞ୍ଚିଲେ ତାଙ୍କ ସଙ୍ଗରେ ସାକ୍ଷାତ କରିବାରେ ଅସୁବିଧା ହୋଇପାରେ । ତା'ଛଡ଼ା ଏ ଝଡ଼ ଯୋଗୁଁ ଉଡ଼ାଜାହାଜର ନିରାପତ୍ତା ବିଷୟରେ ସନ୍ଦେହ ହେବା ସ୍ୱାଭାବିକ । ଯାହାହେଉ, ଆମେ ଅଳ୍ପ ସମୟ ପରେ ବେହେରିନ୍ ବିମାନଘାଟୀଠାରେ ଓହ୍ଲାଇଲୁ । ବେହେରିନ୍ ପୂର୍ବ-ଆରବ ଦେଶର ଗୋଟିଏ ଦ୍ୱୀପପୁଞ୍ଜ ଏବଂ ବର୍ତ୍ତମାନ ଆରବ ଏମିରେଟର ଅନ୍ତର୍ଭୁକ୍ତ । ପୂର୍ବେ ଏହା ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହାର ଲୋକସଂଖ୍ୟା ଅଢ଼େଇ ଲକ୍ଷ ମାତ୍ର । କିନ୍ତୁ ଏଠାରେ ତୈଳଖଣି ଥିବାରୁ ଆୟତନ ଓ ଲୋକସଂଖ୍ୟାରେ କ୍ଷୁଦ୍ର ହେଲେ ବି ଏହା ବର୍ତ୍ତମାନ ଗୋଟିଏ ସମୃଦ୍ଧିଶାଳୀ ଦେଶ ।

ଅନିର୍ଦ୍ଦିଷ୍ଟ ସମୟପାଇଁ ଏଠାରେ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ଜାଣି ବିମାନଯାତ୍ରୀମାନଙ୍କୁ ଉଡ଼ାଜାହାଜରେ ବସି ନ ରହି ବିମାନଘାଟୀରେ ଥିବା ଲାଉଞ୍ଜ ବା ଅପେକ୍ଷା-ଗୃହରେ ବସିବାପାଇଁ ବିମାନଚାଳକ ପରାମର୍ଶ ଦେଲେ । ବିମାନରୁ ଆଗ୍ରହରେ ଓହ୍ଲାଇଲୁ । ତଳକୁ ଆସିଲାପରେ ଅନୁଭବ କଲୁ ସେ ସ୍ଥାନର ଉଷ୍ଣ ଜଳବାୟୁ । ଶୀତତାପ-ନିୟନ୍ତ୍ରିତ ଉଡ଼ାଜାହାଜରେ ଏପର୍ଯ୍ୟନ୍ତ ବସିଥିଲୁ; ତେଣୁ ବାହାରର ଉତ୍ତାପ ବିଷୟରେ ଜାଣିବାର ସୁଯୋଗ ନଥିଲା । ସକାଳ ମାତ୍ର ୮ଟା; କିନ୍ତୁ ସେତେବେଳେ ମଧ୍ୟ ସୂର୍ଯ୍ୟକିରଣ ଅସହ୍ୟ ବୋଧହେଉଥାଏ । ବାହାରେ ଅପେକ୍ଷା କରିଥିବା ବିମାନଘାଟୀର ବସ୍‌ରେ ବସି ଲାଉଞ୍ଜକୁ ଗଲୁ । ସେଠାରେ ଅପେକ୍ଷା କରିଥାନ୍ତି ବିଭିନ୍ନ ଦେଶର ବହୁଯାତ୍ରୀ । ସେମାନଙ୍କ ମଧ୍ୟରେ ମଧ୍ୟ-ପ୍ରାଚ୍ୟର ଅଧିବାସୀ ବେଶୀ । ସ୍ଥାନଟି ବିଭିନ୍ନ ଭାଷାଭାଷୀଙ୍କର କୋଳାହଳରେ ମୁଖରିତ ହେଉଥାଏ । ଉଡ଼ାଜାହାଜ କେତେବେଳେ ପୁନର୍ବାର ଯାତ୍ରା ଆରମ୍ଭ କରିବ, ସେହି ଶୁଭ ମୁହୂର୍ତ୍ତକୁ ଉଦ୍‌ବିଗ୍ନ ହୋଇ ଅପେକ୍ଷା କରିଥାଉ । କିଛି ସମୟ ଅପେକ୍ଷା କଲାପରେ ଅନ୍ୟମାନଙ୍କ ପରି ଆମ୍ଭେମାନେ ମଧ୍ୟ ସେଠାରେ ଥିବା ଦୋକାନ ସବୁ ବୁଲି ଦେଖିଲୁ । ବିଭିନ୍ନ ଦେଶର ଘଡ଼ି, କ୍ୟାମେରା, ରେଡିଓ, ଟେଲିଭିଜନ ସେଟ୍ ଇତ୍ୟାଦି ସୁଲଭ ଦରରେ ସେଠି ବିକ୍ରି ହେଉଥାଏ । ଏହି ବିମାନଘାଟୀରେ ଦୁଇତିନି ଘଣ୍ଟା ରହିଲା ପରେ ଆମର ଉଡ଼ାଜାହାଜ ପୁନରାୟ ଦୁବାଇ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲା । ଦୁବାଇରେ ପହଞ୍ଚିଲା ପରେ ଦୁବାଇର ଯାତ୍ରୀ ସେଠି ଓହ୍ଲାଇଗଲେ ଏବଂ ସେଠାରୁ ଲଣ୍ଡନକୁ ଯିବା ଯାତ୍ରୀ ଉଡ଼ାଜାହାଜରେ ଆସି ବସିଲେ । ସେଠି ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା କଲାପରେ ଆମର ବିମାନ ୪ଘଣ୍ଟା ବିଳମ୍ବରେ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କଲା ।

ଲଣ୍ଡନରେ ପହଞ୍ଚିବା ପୂର୍ବରୁ ଉଡ଼ାଜାହାଜ ଆଉ କେଉଁଠାରେ ରହେ ନାହିଁ । ଏତେ

ସମସ୍ତ ଏକକାଳୀନ ବସିବା ବିରକ୍ତିଜନକ ହେବ ବୋଲି ବିମାନ କମ୍ପାନୀ ତରଫରୁ ଗୋଟିଏ ଇଂରାଜୀ ଓ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର ଯାତ୍ରୀମାନଙ୍କୁ ଉଡ଼ାଜାହାଜରେ ଦେଖାଗଲା । ତା'ଛଡ଼ା ଅଳ୍ପ ସମୟ ବ୍ୟବଧାନରେ ସୁସ୍ୱାଦୁ ଖାଦ୍ୟ ବରାବର ଆସୁଥାଏ । ଉଡ଼ାଜାହାଜରେ ପ୍ରତ୍ୟେକ ଯାତ୍ରୀପାଇଁ ବସିବା ସ୍ଥାନରେ ଗୋଟାଏ **ear-phone** ବା ଶ୍ରବଣଯନ୍ତ୍ର ଥାଏ । ତାହାକୁ କାନରେ ଲଗାଇଲେ ଇଚ୍ଛାନୁଯାୟୀ ଯାତ୍ରୀମାନେ ସଙ୍ଗୀତ ଶୁଣିପାରନ୍ତି । ବିଭିନ୍ନ ପ୍ରକାର ସଙ୍ଗୀତରୁ ବାଛି କରି ଶୁଣିହେଉଥିବାରୁ ସଙ୍ଗୀତ ପରିବେଷଣ ବିରକ୍ତିଜନକ ବୋଧହୁଏ ନାହିଁ ।

ଦୀର୍ଘ ୧୯ଘଣ୍ଟା ଯାତ୍ରା ପରେ ବିମାନଚାଳକଙ୍କଠାରୁ ଯେତେବେଳେ ଶୁଣିଲୁ ଯେ ଅଳ୍ପ ସମୟ ମଧ୍ୟରେ ଲଣ୍ଡନରେ ପହଞ୍ଚିବୁ, ଉତ୍କଣ୍ଠାର ସହିତ ସେ ମୁହୂର୍ତ୍ତକୁ ଅପେକ୍ଷା କରି ରହିଲୁ । ଇଂଲଣ୍ଡରେ ପହଞ୍ଚିବା ପୂର୍ବରୁ ଇଂଲିଶ ପ୍ରଣାଳୀ ଅତିକ୍ରମ କରିବାକୁ ହୁଏ । କ୍ରମେ କ୍ରମେ ଏହି ସମୁଦ୍ର ଆମର ଦୃଷ୍ଟିଗୋଚର ହେଲା । କି ମନୋରମ ସେ ଦୃଶ୍ୟ । ଏତେ ଉପରୁ ସମୁଦ୍ରର ନୀଳ ଜଳରେ ଭାସୁଥିବା ବଡ଼ ବଡ଼ ଜାହାଜସବୁ ଅତି କ୍ଷୁଦ୍ର ଦିଶୁଥାନ୍ତି । ଉଡ଼ାଜାହାଜଟି ଲଣ୍ଡନ ସହରର ଅଳ୍ପ ଉଚ୍ଚରେ ଉଡ଼ିବାରୁ ସେ ମହାନଗରୀର ବୃହତ୍ ଅଟ୍ଟାଳିକାମାନ ଓ ରାସ୍ତାରେ ଯାତାୟାତ କରୁଥିବା ଶତ ଶତ ଯାନସବୁ ସ୍ପଷ୍ଟଭାବରେ ଦେଖିପାରିଲୁ । ତା'ପରେ ଦିଶିଲା ଟେମସ୍ ନଦୀ, ବ୍ରିଟିଶ ପାର୍ଲାମେଣ୍ଟ ଇତ୍ୟାଦି । ଶେଷରେ ଆମେ ବହୁତ ଆଶା ଓ ଉଦ୍ଦୀପନା ମଧ୍ୟରେ ଲଣ୍ଡନସ୍ଥିତ ପୃଥିବୀବିଖ୍ୟାତ ହିଥ୍ରୋ ବିମାନ-ଘାଟୀରେ ଅବତରଣ କଲୁ । ସେତେବେଳକୁ ଇଂଲଣ୍ଡ ସମୟରେ ଦିନ ସାଢ଼େ ତିନଟା ଓ ଭାରତୀୟ ସମୟରେ ରାତି ନଅଟା । ଏୟାର ଇଣ୍ଡିଆର ଲଣ୍ଡନ ଅଫିସରେ ଧର୍ମଘଟ ହେତୁ ଆମର ଜିନିଷପତ୍ର ପାଇବାକୁ ଡେରିହେଲା । ଏଥିପାଇଁ ବଡ଼ ବ୍ୟସ୍ତ ଲାଗୁଥାଏ । ଯାହାହେଉ ଆମର ଜିନିଷପତ୍ର ନେଇ ଶେଷରେ ବହିରାଗମନ ବିଭାଗ କର୍ମଚାରୀଙ୍କ ସଙ୍ଗରେ ଦେଖାକରିବାକୁ ଗଲୁ ।

ଇଂଲଣ୍ଡ ଆସିବା ପୂର୍ବରୁ ଶୁଣିଥାଉ ଯେ ହିଥ୍ରୋରେ ଥିବା ଏହି କର୍ମଚାରୀମାନେ ସର୍ବଦା ଭାରତୀୟ ଓ ପାକିସ୍ଥାନର ଯାତ୍ରୀମାନଙ୍କୁ ସନ୍ଦେହଚକ୍ଷୁରେ ଦେଖିଥାଆନ୍ତି । କାଳେ ଆଗନ୍ତୁକ ଦୀର୍ଘଦିନ ପାଇଁ ବସବାସ କରି ଇଂଲଣ୍ଡରେ ରହିଯିବେ, ସେ ବିଷୟନେଇ ସେମାନେ ସବୁବେଳେ ସତର୍କ । ଇଂଲଣ୍ଡରେ ବହିରାଗମନ ସମସ୍ୟା ଗୋଟିଏ ଜଟିଳ ଜାତୀୟ ସମସ୍ୟା ବୋଲି ପରିଗଣିତ ହୁଏ । ସ୍ଥାନୀୟ ଅଧିବାସୀଙ୍କର ବେକାର ସମସ୍ୟା ଏମାନଙ୍କର ଆଗମନ ହେତୁ ବୃଦ୍ଧି ପାଉଛି; ତେଣୁ ସେମାନଙ୍କର ଆଗମନକୁ ସଙ୍କୁଚିତ କରିବା ଏଠା ସରକାରଙ୍କର ଲକ୍ଷ୍ୟ । ହିଥ୍ରୋରେ ଅତୀତରେ ଘଟିଥିବା କେତେ ଘଟଣା ଭାରତରେ ଥିବା ସମୟରେ ଖବରକାଗଜରେ ପଢ଼ୁଥାଏ । ସ୍ୱାମୀ ଇଂଲଣ୍ଡରେ ଥିବା ସତ୍ତ୍ୱେ ସ୍ତ୍ରୀକୁ ଆସିବାକୁ ଅନୁମତି ନ ମିଳିବାର ପଢ଼ିଥିଲି । ଭାରତରେ ଥିବା ପିଲାମାନେ ବିଲାତରେ ଥିବା ପିତା-ମାତାଙ୍କ ପାଖକୁ ଯାଇନପାରିବା କଥା ମଧ୍ୟ ପଢ଼ୁଥାଏ । ତେଣୁ ଏସବୁ ଜାଣିଥିବାରୁ ସାକ୍ଷାତବେଳେ ସ୍ୱତଃ ମନରେ ଭୟ ହେଉଥାଏ କାଳେ ଆମକୁ ଇଂଲଣ୍ଡରେ ପ୍ରବେଶ

କରିବାକୁ ଅନୁମତି ନମିଳିବ କିମ୍ବା ଯଦି ମିଳେ, ଅତି ଅଳ୍ପ ଦିନ ପାଇଁ ରହିବାକୁ ଅନୁମତି ମିଳିବ । ଏ ବିଷୟ ନେଇ ଭାରତରେ ଥିବା ସମୟରେ ମତେ ଅନେକେ ପରାମର୍ଶ ଦେଇଥିଲେ ଯେ ସାକ୍ଷାତ ସମୟରେ ମାତ୍ର ଦେଢ଼ମାସ ରହିବାକୁ ଚାହୁଁ ବୋଲି କହିଲେ ଅନୁମତି ମିଳିବାରେ ଅସୁବିଧା ହେବ ନାହିଁ । ଏତେ ଅଳ୍ପ ସମୟ ରହିଲେ ଏ ଦେଶରେ କିମ୍ବା ୟୁରୋପରେ କିଛି ଦେଖିହେବ ନାହିଁ; ତେଣୁ ମନେ ମନେ ସ୍ଥିର କଲି ସାକ୍ଷାତ ସମୟରେ ଏପରି କହିବା ଠିକ୍ ହେବ ନାହିଁ । ଉପରୋକ୍ତ କର୍ମଚାରୀଙ୍କ ସଙ୍ଗେ ସାକ୍ଷାତ ହେଲା । ସେ ପ୍ରଶ୍ନ କଲାରୁ ତାଙ୍କୁ ଜଣାଇଲି ଇଂଲଣ୍ଡରେ ଥିବା ସମୟରେ ଆମର ସମସ୍ତ ଦାୟିତ୍ୱ ନେବେ ଲିଭରପୁଲରେ ଥିବା ଆମ ଜୋଇଁ ଡାକ୍ତର ଉମେଶ ଚନ୍ଦ୍ର ନନ୍ଦ । ସେ ସେଠାକାର ସାଧାରଣ ଚିକିତ୍ସକ (General Practitioner) । ମୋର ଝିଅ ନିବେଦିତା ମଧ୍ୟ ସେଠାରେ ଡାକ୍ତର । ତାପରେ ପ୍ରଶ୍ନ ହେଲା ଆମ୍ଭେମାନେ ଇଂଲଣ୍ଡରେ କେତେଦିନ ରହିବାକୁ ଚାହୁଁ । କହିଲି, ଅବସର ଗ୍ରହଣ କରି ମୁଁ ସସ୍ତ୍ରୀକ ଇଂଲଣ୍ଡ ଓ ୟୁରୋପ ଭ୍ରମଣ-ପାଇଁ ଆସିଛୁ—ସୁତରାଂ ଯେତେଦିନ ଅନୁମତି ଦେବେ ସେତେଦିନ ଆମେ ଇଂଲଣ୍ଡରେ ରହିବୁ । ମୋ କଥାରେ ସେମାନଙ୍କର ବିଶ୍ୱାସ ଜନ୍ମିଲା । ଆମକୁ ଇଂଲଣ୍ଡରେ ଛଅମାସ ରହିବାପାଇଁ ଅନୁମତି ମିଳିଲା । ଏଥିପାଇଁ ପୂର୍ବରୁ ଯେଉଁ ଦୁଶ୍ଚିନ୍ତା ଥିଲା, ତାହା ବର୍ତ୍ତମାନ ଦୂର ହେଲା । ହିଥ୍ରୋ ବିମାନଘାଟୀଠାରେ ଆମର ଝିଅ ଓ ଜୋଇଁ ଅପେକ୍ଷା କରି ରହିଥିଲେ । କାଳବିଳମ୍ବ ନକରି ସେମାନଙ୍କ ସଙ୍ଗରେ ତାଙ୍କ ମଟରଗାଡ଼ିରେ ଲଣ୍ଡନରେ ଥିବା ତାଙ୍କ ବନ୍ଧୁ ଡକ୍ଟର ଜେନାଙ୍କ ଘରକୁ ରାତ୍ରି ଯାପନ ପାଇଁ ଗଲୁ ।

# ଦ୍ୱିତୀୟ ଅଧ୍ୟାୟ

## ଲଣ୍ଡନ ସହରରେ

ଏହା ଆମର ଇଂଲଣ୍ଡରେ ପ୍ରଥମ ରାତ୍ରି ଯାପନ । ଆନନ୍ଦରେ ମନ ପୂରିଯାଇଥାଏ । ସମସ୍ତେ ମନଖୁସିରେ ବସି ବହୁତ ଗପସପ ହେଲୁ । ଏହି ଗପରେ ମଧ୍ୟ ଯୋଗ ଦେଇଥିଲେ ଡକ୍ଟର ଜେନାଙ୍କର ୫ ବର୍ଷ ଓ ୪ ବର୍ଷର ଦୁଇଟି ଛୋଟ ଝିଅ କୁନୁ ଓ ମୁନୁ । ସେମାନେ ଆମର ଭାରତରୁ ଆସିବା କଥା ଆଗ୍ରହରେ ଶୁଣିଲେ । ଲକ୍ଷ୍ୟ କଲୁ, ସେମାନେ ଓଡ଼ିଆରେ କଥାବାର୍ତ୍ତା କରିପାରନ୍ତି ନାହିଁ; ତେଣୁ ତାଙ୍କ ସଙ୍ଗରେ ଆମେ ଇଂରେଜୀର କଥାବାର୍ତ୍ତା କଲୁ । ଇଂରେଜୀରେ ସେମାନେ ସେଠିକାର ପିଲାଙ୍କ ଭଳି କଥିତ ଭାଷାରେ ସୁନ୍ଦର କଥାବାର୍ତ୍ତା କରୁଥାନ୍ତି । ଡକ୍ଟର ଜେନାଙ୍କଠାରୁ ଶୁଣିଲି, ସେ ଏଥିପୂର୍ବରୁ ଏଡେନ୍‌ରେ ଡାକ୍ତର ଥିଲେ । ଇଂଲଣ୍ଡରେ ବର୍ତ୍ତମାନ ଉଚ୍ଚଶିକ୍ଷା ଲାଭ କରୁଛନ୍ତି; ତା ଛଡ଼ା ଡାକ୍ତର-ଖାନାରେ ଅଛି ଚାକିରି । ଆମେ ଇଂଲଣ୍ଡ ଛାଡ଼ିବା ପୂର୍ବରୁ ସେ ପରୀକ୍ଷାରେ ପାସ୍ କରିବା ଖବର ପାଇ ବଡ଼ ଆନନ୍ଦିତ ହୋଇଥିଲୁ । ତାଙ୍କ ଘର ଓ ବଗିଚା ବୁଲିକରି ଦେଖିଲି । ବଗିଚାରେ ଇଂଲଣ୍ଡ ଦେଶର ନାନା ଜାତିର ଫଳ ଓ ଫୁଲ । ସାମ୍ନାରେ ଫୁଟିଥିବା ବଡ଼ ବଡ଼ ଗୋଲାପ ଫୁଲ ଏବେ ମଧ୍ୟ ମନେପଡ଼େ । ଆଶ୍ଚର୍ଯ୍ୟର ବିଷୟ ଇଂଲଣ୍ଡର ଏହି ଗୋଲାପ ଫୁଲସବୁର ମୋଟେ ବାସ୍ନା ନାହିଁ । ଘରଟି ଦୁଇ ମହଲା, ଗୋଟିଏ ସୁସଜ୍ଜିତ ଷ୍ଟୁଡିଓ ଘର । ସାରାଘରେ ଗାଲିଚା ବିଛା ହୋଇଛି । ଦେଖିଲି, ଏ ଘର ଭାରତରେ ଥିବା ଆମ ଘରମାନଙ୍କଠାରୁ ଢାଞ୍ଚାରେ ବହୁତ ଭିନ୍ନ । ଆମ ଘରସବୁ ଖୋଲା ଖୋଲା ଲାଗେ । ଝରକା କବାଟ ସବୁ ଅଧିକାଂଶ ସମୟରେ ଉନ୍ମୁକ୍ତ—ପବନ ଯିବା ଆସିବା ପାଇଁ—ନ ହେଲେ ଗରମରେ ଘରେ ରହିହେବ ନାହିଁ । ଏ ଘରମାନଙ୍କ ତୁଳନାରେ ଆମ କୋଠରି ସବୁର ଉଚ୍ଚତା ମଧ୍ୟ ବେଶି । କୋଠରିର ଉଚ୍ଚତା ଯେତେ ବେଶି ହେବ, ଘର ସେତେ ଥଣ୍ଡା ରହିବ । ପୁରୁଣା ଘରମାନଙ୍କରେ କୋଠରିସବୁ ସେଥିପାଇଁ ଏତେ ଉଚ୍ଚ ଥିଲା । ମୋର ବାରିପଦାରେ ଥିବା ସରକାରୀ କ୍ୱାର୍ଟର କଥା ମନେପଡ଼େ । କୋଠରିର ଉଚ୍ଚତା ଥିଲା ୨୦ ଫୁଟ; ତେଣୁ ଅନ୍ୟାନ୍ୟ କ୍ୱାର୍ଟରମାନଙ୍କ ଅପେକ୍ଷା ଆମ ଘର ଅଧିକ ଥଣ୍ଡା ଲାଗୁଥିଲା । ଇଂଲଣ୍ଡର ଘର ସବୁ ସଂପୂର୍ଣ୍ଣ ଭିନ୍ନ ଭାବରେ ତିଆରି । କାଚ ଝରକାସବୁ ନିବୁଜ ଭାବରେ ବନ୍ଦ । କବାଟ ମଧ୍ୟ ସବୁବେଳେ ବନ୍ଦ, ବାହାରର ହିମ-ଶୀତଳ ପବନ ଆସିବା ଦ୍ୱାରା ଯେପରି ଘରେ ଥିବା ଲୋକଙ୍କୁ ଥଣ୍ଡା ନ ଲାଗିବ । ଝରକାରେ ଅନେକ ସମୟରେ ଦାମିକା ଦୁଇ ସ୍ତରିଆ କାଚ (Double glazed glass) ଲାଗିଥାଏ ଓ କବାଟ

ତଳେ ରବର ପ୍ରଭୃତି ଦେଇ ଫାଙ୍କବାଟେ ପବନ ଆସିବା ବନ୍ଦ କରିବାର ବ୍ୟବସ୍ଥା ଥାଏ । ତା ଛଡ଼ା ଶୀତଦିନରେ ଘରସବୁ ବିଦ୍ୟୁତ୍ ସାହାଯ୍ୟରେ ଗରମ ରଖାଯାଏ । ଥଣ୍ଡା କମ୍ ହେବା ପାଇଁ କାନ୍ଥ ଓ ଚଟାଣ କାଠରେ ତିଆରି । ପୂର୍ବକାଳରେ ପଥରରେ ଘର ତିଆରି ହେଉଥିଲା ଓ ବିଦ୍ୟୁତ୍ ନ ଥିବାରୁ ଘର କୋଣରେ ଥିଲା କାଠର ଚୁଲି । ଆଜି-କାଲିକାର ଘର କାଠରେ ତିଆରି ହେବାରୁ ପଥରଘର ଅପେକ୍ଷା କମ୍ ଥଣ୍ଡା । କିନ୍ତୁ କାନ୍ଥ ଓ ଚଟାଣ କାଠରେ ତିଆରି ହୋଇଥିବାରୁ ନିଆଁର ଭୟ ଥାଏ ସବୁବେଳେ । ପ୍ରତ୍ୟେକ ଦିନ ଶୁଣିବାକୁ ମିଳେ ବିଭିନ୍ନ କାରଣରୁ କେତେ ଘରେ ନିଆଁ ଲାଗିବା କଥା । ଅଗ୍ନିକାଣ୍ଡଜନିତ ଦୁର୍ଘଟଣାରୁ ଅନେକ ଜୀବନହାନି ମଧ୍ୟ ହୁଏ । ଦେଖିଲି, ଘରସବୁ ଟେଲିଭିଜନ ଓ ଅନ୍ୟାନ୍ୟ ଦାମିକା ଆସବାବପତ୍ରରେ ଭର୍ତ୍ତି; ଏପରିକି ରୋଷାଇଘର ଓ ଗାଧୋଇବାଘର ପର୍ଯ୍ୟନ୍ତ । ରୋଷାଇଘରେ ଅଛି ଫ୍ରିଜର ଫ୍ରିଜ; ତା ଛଡ଼ା ଉନ୍ନତ ଧରଣର ବାସନପତ୍ର । ଗାଧୋଇବାଘରେ ସୁନ୍ଦର ଓ ସୁପ୍ରଶସ୍ତ ବାଥଟବ୍ ବା ଗାଧୋଇବା କୁଣ୍ଡରେ ଥଣ୍ଡା ଓ ଗରମ ପାଣିର ସୁବ୍ୟବସ୍ଥା । ଗାଧୁଆଘରେ ମଧ୍ୟ ଗାଲିଚା ବିଛା । ଏସବୁ ଦେଖିଲେ ଏ ଦେଶର ଜୀବନଧାରଣର ମାନ କେତେ ଉନ୍ନତ, କଳ୍ପନା କରିହେବ । ଗପସପ ସାରି ଶେଷରେ ଖାଇବସିଲୁ । ଖାଦ୍ୟପଦାର୍ଥ ସବୁ ସୁସ୍ୱାଦୁ ଓ ଭାରତୀୟ । ଦୂର ବିଦେଶରେ ଭାରତୀୟ ଖାଦ୍ୟ ଖାଇବାରୁ ବଡ଼ ଭଲଲାଗିଲା । ଏଥିପାଇଁ ଶ୍ରୀମତୀ ଜେନାଙ୍କୁ ବହୁତ ଧନ୍ୟବାଦଦେଲୁ ।

ତହିଁ ଆରଦିନ ସକାଳେ ଅର୍ଥାତ୍ ମେ ୨୯ ତାରିଖ ଦିନ ନିତ୍ୟକର୍ମ ସାରି ଲଣ୍ଡନ ସହର ପରିଦର୍ଶନରେ ବାହାରିଲୁ । ଆମର କାର୍ ଟିକୁ ପ୍ରଥମେ ମର୍ଡାନ ଷ୍ଟେସନରେ ଥିବା କାର୍ ପାର୍କରେ ରଖିଲୁ । ଏହି କାର୍ ପାର୍କଟି ତ୍ରିତଳ । ସେତେବେଳେ କେବଳ ତୃ ତଳରେ ସ୍ଥାନ ଥିବାରୁ ସେଠାରେ ଗାଡ଼ିଟି ରଖାହେଲା । ତା ପରେ ପିକାଡିଲି ସର୍କସ୍ ନାମକ ଷ୍ଟେସନକୁ ଟ୍ୟୁବ୍ ରେଲୱେ ସାହାଯ୍ୟରେ ମର୍ଡାନ ଷ୍ଟେସନରୁ ଗଲୁ । ଲଣ୍ଡନର ଭୂମିତଳେ ଯିବା-ଆସିବା କରୁଥିବା ଟ୍ରେନକୁ ଟ୍ୟୁବ୍ ରେଲୱେ କୁହାଯାଏ । ଏହି ଟ୍ରେନଗୁଡ଼ିକର ଗତି ଘଣ୍ଟାକୁ ପ୍ରାୟ ୯୦ ମାଇଲ । ତେଣୁ ଗୋଟିଏ ଷ୍ଟେସନରୁ ଆଉ ଗୋଟିଏ ଷ୍ଟେସନକୁ ଯିବାକୁ ଖୁବ୍ କମ୍ ସମୟ ଲାଗେ । ତା ଛଡ଼ା ପ୍ରତି ୫ ମିନିଟ୍‌ରେ ଗୋଟିଏ ଟ୍ରେନ ମିଳୁଥିବାରୁ ଯାତ୍ରୀମାନଙ୍କୁ ବେଶି ସମୟ ଅପେକ୍ଷା କରିବାକୁ ମଧ୍ୟ ପଡ଼େ ନାହିଁ; କିନ୍ତୁ ଟ୍ରେନ୍‌ଗୁଡ଼ିକ ପ୍ରତ୍ୟେକ ଷ୍ଟେସନରେ ୧୫ ସେକେଣ୍ଡ ମାତ୍ର ରହୁଥିବାରୁ ତତ୍ପରତାର ସହିତ ଟ୍ରେନ୍ ଭିତରକୁ ଯିବା ଓ ଟ୍ରେନ୍‌ରୁ ଓହ୍ଲାଇବା ଦରକାର । ପ୍ରତ୍ୟେକ ଷ୍ଟେସନରେ ଟ୍ରେନ୍‌ର ଗନ୍ତବ୍ୟ ପଥ ଆଲୋକ ଓ ମାନଚିତ୍ର ସହ ଦର୍ଶାଯାଇଥିବାରୁ ଟ୍ରେନ ବିଷୟରେ ଜାଣିବାକୁ କିଛି ଅସୁବିଧା ହୁଏ ନାହିଁ । ଏହି ଟ୍ୟୁବ୍ ଟ୍ରେନ୍‌ଗୁଡ଼ିକ ଯାତ୍ରୀମାନଙ୍କର ବଡ଼ ସହାୟକ ବୋଲି ଆମେ ଶୁଣିଥିଲୁ । ବାସ୍ତବରେ ଯାତାୟାତର ଏପରି ସୁବିଧା ଥିବାରୁ ଲଣ୍ଡନ ଭଳି ବଡ଼ ନଗରୀରେ ମଧ୍ୟ ଯାତ୍ରୀମାନେ ସୁବିଧାରେ ଯିବା-ଆସିବା କରିପାରୁଛନ୍ତି ।

ଏହି ମହାନଗରୀରେ ହଜାର ହଜାର ଯାତ୍ରୀଙ୍କର ସମାଗମ ଥିବା ସତ୍ତ୍ୱେ ଭାରତର କଲିକତା ପ୍ରଭୃତି ସହରରେ ବସ୍ ଓ ଟ୍ରାମମାନଙ୍କରେ ଯେପରି ଭିଡ଼ ଦେଖିବାକୁ ମିଳେ, ସେପରି ଭିଡ଼ ଏଠିକାର ଟ୍ରେନ୍ ଓ ବସ୍‌ରେ ନାହିଁ ।

ଅଳ୍ପ ସମୟ ପରେ ଆମେମାନେ ପିକାଡ଼ିଲି ସର୍କସ୍ ଷ୍ଟେସନରେ ଓହ୍ଲାଇ ଗୋଟିଏ ପର୍ଯ୍ୟଟକ ବସ୍‌ରେ ଲଣ୍ଡନ ସହର ଭ୍ରମଣ ଉଦ୍ଦେଶ୍ୟରେ ବାହାରିଲୁ । ସେ ବସ୍‌ରେ ଥିବା ଯାତ୍ରୀମାନେ ବିଭିନ୍ନ ଦେଶର । ବସରେ ଜଣେ ଗାଇଡ୍ ଥାଆନ୍ତି । ସେ ଆମକୁ ଲଣ୍ଡନର ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ସେମାନଙ୍କର ଇତିହାସ ପ୍ରାଞ୍ଜଳ ଭାବରେ ବୁଝାଉ-ଥାଆନ୍ତି । ପ୍ରଥମେ ଦେଖିଲୁ ଓ୍ୱେଷ୍ଟମିନ୍‌ଷ୍ଟର ଆବି । ଏହି ପୁରାତନ ଗୀର୍ଜା ରାଜା ଏଡ଼ୱାର୍ଡଙ୍କ ସମୟରେ ୧୦୬୫ ଖ୍ରୀ: ଅ: ରେ ନିର୍ମିତ ହୋଇଥିଲା । ଏହି ଗୀର୍ଜାରେ ବହୁ ଜାତୀୟ ବୀର, ବିଶିଷ୍ଟ କବି ଓ ଅନ୍ୟାନ୍ୟ ପ୍ରସିଦ୍ଧ ଲୋକଙ୍କ କବର ଅଛି । ଏଠାରେ କବିମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଚସର୍, ସ୍ପେନ୍‌ସର, ସେକ୍‌ସପିଅର, ବେନଜନ୍‌ସନ୍ ଓ ମିଲ୍‌ଟନ ପ୍ରମୁଖ ବିଶିଷ୍ଟ ଲେଖକଙ୍କର ସ୍ମୃତିଫଳକ ଅଛି । ସେଣ୍ଟ ପଲ୍‌ସ କେଥିଡ୍ରେଲ୍ ଗୋଟିଏ ପ୍ରସିଦ୍ଧ ଗୀର୍ଜା । ଏହା ସାର୍ କ୍ରିଷ୍ଟୋଫର୍ ରେନ୍‌ଙ୍କ ଦ୍ୱାରା ୧୬୭୫ରୁ ୧୭୧୦ ଖ୍ରୀ: ଅ: ମଧ୍ୟରେ ପୁନଃ ନିର୍ମିତ ହୋଇଥିଲା । ଏହି ଗୀର୍ଜା ପୂର୍ବରୁ ନିର୍ମିତ ହୋଇଥିଲେ ମଧ୍ୟ ୧୬୬୬ ଖ୍ରୀ: ଅ: ରେ ଲଣ୍ଡନରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ପୁନଃ ନିର୍ମାଣ ଆବଶ୍ୟକ ହୋଇଥିଲା । ଏହି ଗୀର୍ଜାବାଟେ ଗଲାବେଳେ ଲକ୍ଷ୍ୟକଲୁ ଏହାର ବିଶାଳକାୟ ଗମ୍ବୁଜ; ତା ପରେ ବାଟରେ ଦେଖିଲୁ ବ୍ରିଟିଶ ମ୍ୟୁଜିୟମ ଓ ଟାଓ୍ୱାର ଅଫ୍ ଲଣ୍ଡନ । ଦୂରରେ ଥାଇ ଏ ସବୁ ଦେଖିଲେ ବି ଗଭୀର ଆନନ୍ଦ ଓ ସନ୍ତୋଷ ଅନୁଭବକଲୁ; କାରଣ ଏସବୁ ଦେଖିବାକୁ ଆଗରୁ ପ୍ରବଳ ଆଗ୍ରହ ଥିଲା । ପରେ ଅବଶ୍ୟ ଏସବୁ ଦର୍ଶନୀୟ ସ୍ଥାନ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିବା ସ୍ଥିରହୋଇଥାଏ ।

ବାଟରେ ଦେଖିଲୁ ଲଣ୍ଡନରେ ପ୍ରବାହିତ ଟେମସ୍ ନଦୀ । ଏହି କ୍ଷୁଦ୍ର ନଦୀ ଉପରେ ଅନେକଗୁଡ଼ିଏ ପୋଲ ଅଛି; ତନ୍ମଧ୍ୟରୁ ଓ୍ୱେଷ୍ଟମିନ୍‌ଷ୍ଟର ବ୍ରିଜ୍ ଅନ୍ୟତମ । ଓ୍ୱେଷ୍ଟମିନ୍‌ଷ୍ଟର ବ୍ରିଜ ଦେଖିଲାବେଳେ ମନେପଡ଼ିଲା ଓ୍ୱାର୍ଡସୱାର୍ଥଙ୍କ ବହୁଜନ-ଆଦୃତ 'Upon Westminster Bridge' ନାମକ କବିତା—

"Earth has not anything to show more fair :
Dull would he be of soul who could pass by
A sight so touching in its majesty :
This city now doth, like a garment wear
The beauty of the morning; silent, bare,
Ships, towers, domes, theatres, and temples lie

Open unto the fields, and to the sky;
All bright and glittering in the smokeless air.
Never saw I, never felt, a calm so deep !
The river glideth at his own sweet will :
Dear God ! the very houses seem asleep;
And all that mighty heart is lying still !"

ଏହି କବିତାରେ କବି ତାଙ୍କର ଦିନକର ଅନୁଭୂତି ବିଷୟ ଲେଖିଛନ୍ତି । ସେ ଥରେ ପ୍ରତ୍ୟୁଷରେ ଟେମସ୍ ନଦୀ ଉପରେ ଥିବା ଏହି ପୋଲ ଉପରଦେଇ ଯାଉଥିବାବେଳେ ଦେଖିଲେ ମହାନଗରୀର ପ୍ରାତଃକାଳୀନ ଦୃଶ୍ୟ । ସେତେବେଳେ ମହାନଗରୀରେ କୋଳାହଳ ନାହିଁ । କୋଳାହଳ ପରିବର୍ତ୍ତେ ସେ ଲକ୍ଷ୍ୟକଲେ ଚତୁର୍ଦ୍ଦିଗର ମନମୋହିନୀ ନିସ୍ତବ୍ଧତା । ଯାନବାହନ ଯାତାୟାତ ନଥିବାରୁ ଏତେ ନିସ୍ତବ୍ଧତା । କବି ଆତ୍ମହରା ହୋଇଥିଲେ । ପ୍ରାତଃକାଳୀନ ମହାନଗରୀକୁ ଏ ଉପଲକ୍ଷରେ କବି ଗୋଟିଏ ନିଦ୍ରିତ ଦାନବ ସଙ୍ଗରେ ତୁଳନା କରିଛନ୍ତି । କି ସୁନ୍ଦର ଏ ଉପମା ! ଏହି ଉପମାଦ୍ୱାରା କବି ନଗରୀର ଆକାର ଓ ତାର ନିସ୍ତବ୍ଧତାକୁ ଏକସଙ୍ଗେ ଜୀବନ୍ତ ରୂପ ଦେଇଛନ୍ତି । ବସ୍‌ରେ ଗଲାବେଳେ କ୍ଷଣକ ପାଇଁ ଏ-ସ୍ମୃତି ଜାଗ୍ରତ ହେଲେ ବି ଅଶେଷ ଆନନ୍ଦ ଅନୁଭବ କଲି ।

ୱେଷ୍ଟମିନ୍‌ଷ୍ଟର ବ୍ରିଜ୍ ପରି ପାର୍ଲାମେଣ୍ଟ ଭବନ ଓ ତା ଉପରେ ଥିବା ବିଗ୍‌ବେନ୍ ଘଣ୍ଟା ଦେଖିଲାବେଳେ ଅନେକ ସ୍ମୃତି ମନରେ ଜାଗ୍ରତ ହେଲା । ଏହି ପାର୍ଲାମେଣ୍ଟକୁ ପୃଥିବୀର ଅନ୍ୟାନ୍ୟ ପାର୍ଲାମେଣ୍ଟର ମାତା ସ୍ୱରୂପ ଜ୍ଞାନ କରାଯାଇଥାଏ; କାରଣ ଏହି ପାର୍ଲାମେଣ୍ଟ ଦ୍ୱାରା ପ୍ରବର୍ତ୍ତିତ ଶାସନ-ବ୍ୟବସ୍ଥା ଅନେକ ଦେଶରେ ପରବର୍ତ୍ତୀ କାଳରେ ଅନେକାଂଶରେ ଗ୍ରହଣ କରାଯାଇଛି । ଏହି ପାର୍ଲାମେଣ୍ଟରେ ନାଗରିକ ଅଧିକାର ପାଇଁ ଅତୀତରେ ଅନେକ ସଂଘର୍ଷ ଘଟିଯାଇଛି । ପ୍ରଥମ ସଂଘର୍ଷ ଘଟିଥିଲା ରାଜା ଜନ୍‌ଙ୍କ ସମୟରେ ଦ୍ୱାଦଶ ଶତାବ୍ଦୀରେ । ତାଙ୍କଠାରୁ ତାଙ୍କ ପ୍ରଜାମାନେ ୧୨୧୫ ମସିହାରେ ହାସଲ କରିଥିଲେ ମ୍ୟାଗ୍ନା କାର୍ଟା (**Magna Carta**) । ଗଣତନ୍ତ୍ରର ରାଜତନ୍ତ୍ର ଉପରେ ଏହା ପ୍ରଥମ ବିଜୟ । ତା'ପରେ ପ୍ରଥମ ଚାର୍ଲସ୍‌ଙ୍କ ସମୟରେ ଏହି ପାର୍ଲାମେଣ୍ଟର କ୍ଷମତା ନେଇ ଗୃହଯୁଦ୍ଧ ହୋଇଥିଲା । ଆଭ୍ୟନ୍ତରୀଣ ବ୍ୟାପାର ଛଡ଼ା ଏହି ଗୃହରେ ଏଡ୍‌ମଣ୍ଡ ବର୍କ ଭାରତରେ ଅତ୍ୟାଚାର ଓ କୁଶାସନ ଅଭିଯୋଗ ଭାରତର ପୂର୍ବତନ ବଡ଼ଲାଟ ୱାରେନ ହେଷ୍ଟିଂସ୍‌ଙ୍କ ବିରୁଦ୍ଧରେ ଆଣିଥିଲେ ଓ ଏଥିଯୋଗୁଁ ତାଙ୍କର ଏହିଠାରେ ବିଚାର ହୋଇଥିଲା । ଭାରତର ଜାଲିଆନାବାଗ୍‌ଠାରେ ନିରୀହ ଜନତା ଉପରେ ଗୁଳିଚାଳନା କରି ହତ୍ୟା କରିଥିବା ଅଭିଯୋଗ ଅଣାହୋଇଥିଲା ଜେନେରାଲ ଡାୟାର୍‌ଙ୍କ ବିରୁଦ୍ଧରେ । ଏହି ପାର୍ଲାମେଣ୍ଟରେ ବିଲ୍ ଆଗତ ହୋଇ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ

କରିଥିଲା । ତେଣୁ ଏହି ଐତିହାସିକ ଗୃହ ଦେଖିଲାବେଳେ ଏହି ଗୃହର ସ୍ୱାଧୀନଚେତା ଉଦାରପନ୍ଥୀ ନେତାଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧା ଜାତ ହୁଏ ।

ପିକାଡିଲି ସର୍କସଠାରେ ବସ୍‌ରୁ ଓହ୍ଲାଇ ହାଇଡ୍ ପାର୍କ ଦେଖିବାକୁ ଗଲୁ । ଲଣ୍ଡନ ସହରର ଜନବହୁଳ ଓ୍ୱେଷ୍ଟମିନ୍‌ଷ୍ଟର୍ ଅଞ୍ଚଳରେ ଅବସ୍ଥିତ ଏହି ସୁବୃହତ୍ ପାର୍କର ଆୟତନ ୩୬୧ ଏକର । ଏହା ଭିତରେ ଗୋଟିଏ ହ୍ରଦ ଓ ଘୋଡ଼ାଚଢ଼ା ଶିଖିବା ପାଇଁ ବିସ୍ତୃତ ପଡ଼ିଆ ମଧ୍ୟ ଅଛି । ଏହି ପୁରାତନ ପାର୍କରେ ୧୮୫୧ ସାଲରେ ଗ୍ରେଟ୍ ଏକଜିବିସନ୍ **(Great Exhibition)** ନାମକ ଗୋଟିଏ ପ୍ରସିଦ୍ଧ ପ୍ରଦର୍ଶନୀ ହୋଇଥିଲା ରାଣୀ ଭିକ୍ଟୋରିଆଙ୍କ ରାଜତ୍ୱକାଳରେ । ତାଙ୍କର ସ୍ୱାମୀ ପ୍ରିନ୍‌ସ ଆଲବର୍ଟଙ୍କ ପୃଷ୍ଠପୋଷକତାରେ ଏହି ବିରାଟ ଆନ୍ତର୍ଜାତିକ ଶିଳ୍ପ ପ୍ରଦର୍ଶନୀର ଆୟୋଜନ କରାହୋଇଥିଲା । ପ୍ରଦର୍ଶନୀରେ ୧,୦୦,୦୦୦ଟି ଦର୍ଶନୀୟ ବସ୍ତୁ ପ୍ରଦର୍ଶିତ ହୋଇଥିଲା । ଦର୍ଶକଙ୍କଠାରୁ ଟିକେଟ୍ ବାବଦରେ ଏତେ ଅର୍ଥ ସଂଗୃହୀତ ହୋଇଥିଲା ଯେ ସେହି ସଞ୍ଚିତ ପାଣ୍ଠିରୁ ଭିକ୍ଟୋରିଆ ମ୍ୟୁଜିୟମ, ଆଲ୍‌ବର୍ଟ ମ୍ୟୁଜିୟମ, ବିଜ୍ଞାନ ମ୍ୟୁଜିୟମ ଓ ରୟେଲ୍ କଲେଜ୍ ଅଫ୍ ଆର୍ଟ ପ୍ରତିଷ୍ଠିତ ହୋଇପାରିଥିଲା ।

ହାଇଡ୍ ପାର୍କ ଲଣ୍ଡନର ଏକ ସୁପ୍ରସିଦ୍ଧ ସ୍ଥାନ । ଏହି ସୁସଜ୍ଜିତ ବୃକ୍ଷରାଜିପୂର୍ଣ୍ଣ ପାର୍କରେ ଅନେକ ସଭା-ସମିତି ହୁଏ । ଏଠାରେ ବକ୍ତୃତା ଦେଲାବେଳେ ବହୁ ବାଦାନୁବାଦ ଶ୍ରୋତାମାନଙ୍କ ସଙ୍ଗରେ ହୁଏ ଏବଂ ଏହା ବଡ଼ ଉପଭୋଗ୍ୟ ହୋଇଥାଏ । ତା ଛଡ଼ା ଏହି ବିସ୍ତୃତ ଓ ନିଭୃତ ପାର୍କଟି ପ୍ରେମିକ ଓ ପ୍ରେମିକାଙ୍କର ଅଭିସାରର ସ୍ଥାନ ବୋଲି କୁଖ୍ୟାତି ଅର୍ଜନ କରିଛି । ଏହିସବୁ କାରଣରୁ ପର୍ଯ୍ୟଟକ ମାନେ ସମୟେ ଏ ଅଞ୍ଚଳ ବୁଲି ଦେଖନ୍ତି । ଲଣ୍ଡନ ମହାନଗରୀର ମଧ୍ୟସ୍ଥଳରେ ଅବସ୍ଥିତ ଏହି ପାର୍କରେ ବୁଲିବାବେଳେ ମନରେ ଗଭୀର ଶାନ୍ତି ଓ ଆନନ୍ଦ ଜାତ ହୁଏ । ବଡ଼ ବଡ଼ ଗଛ ତଳେ ସ୍ଥାନେ ସ୍ଥାନେ ବେଞ୍ଚମାନ ଅଛି । ସେଠାରେ ବସି ଏହି ରମଣୀୟ ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କଲୁ ।

କିଛି ବେଳ ସେଠି ବସିଲା ପରେ ଆଉ ଗୋଟିଏ ଦର୍ଶନୀୟ ସ୍ଥାନ ଟ୍ରାଫାଲ୍‌ଗାର୍ ସ୍କ୍ୱାୟାର୍ ଦେଖିବାକୁ ଗଲୁ । ଏହି ସ୍ଥାନଟିର ଐତିହାସିକ ଗୁରୁତ୍ୱ ଅଛି । ପୃଥିବୀରେ ଆଧିପତ୍ୟ ପାଇଁ ଓ ନୌବାଣିଜ୍ୟ କ୍ଷେତ୍ରରେ ତୀବ୍ର ପ୍ରତିଯୋଗିତା ଯୋଗୁଁ ଇଂଲଣ୍ଡ ଓ ଫ୍ରାନ୍‌ସ ମଧ୍ୟରେ ଅତୀତରେ ବହୁ ଯୁଦ୍ଧ ଘଟିଯାଇଛି । ଯେତେବେଳେ ପ୍ରଥମ ନେପୋଲିୟନ୍ ଫ୍ରାନ୍‌ସର ରାଜା ଥିଲେ, ସେତେବେଳେ ଫ୍ରାନସ ଓ ସ୍ପେନ୍‌ର ମିଳିତ ନୌସେନା ଇଂରେଜ ନୌସେନା-ବାହିନୀକୁ ସ୍ପେନ୍ ଦେଶର ଜିବ୍ରାଲ୍‌ଟର ପ୍ରଣାଳୀରେ ଥିବା ଟ୍ରାଫାଲଗାର୍‌ଠାରେ ୧୮୦୫ ଖ୍ରୀ: ଅ:ରେ ଆକ୍ରମଣ କରିଥିଲେ । ସେତେବେଳେ ଏହି ଆକ୍ରମଣକୁ ପ୍ରତିହତ କରିଥିଲେ ସେନାପତି ନେଲସନ୍ । ଲର୍ଡ ନେଲସନ୍‌ଙ୍କର କିନ୍ତୁ ଏହିଠାରେ ଯୁଦ୍ଧରେ ମୃତ୍ୟୁ ଘଟିଥିଲା । ନେଲସନ୍‌ଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ବିଜୟ ଓ ଯୁଦ୍ଧରେ ଆତ୍ମବଳି ପାଇଁ ଇଂରେଜ ଜାତି ତାଙ୍କୁ ଜାତୀୟବୀର ଭାବରେ ସମ୍ମାନ କରେ । ତାଙ୍କର ସ୍ମୃତିରକ୍ଷା ପାଇଁ ଲଣ୍ଡନର ଏହି

ସ୍ଥାନରେ ନେଲସନ୍ ମନୁମେଣ୍ଟ ନାମକ ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରାହୋଇଛି । ଏହି ସ୍ଥାନଟିକୁ ମଧ୍ୟ ଟ୍ରାଫାଲଗାର୍ ସ୍କ୍ୱାୟାର ଭାବରେ ନାମିତ କରାହୋଇଛି ।

ବଡ଼ଦିନରେ ଏଠାରେ ବହୁ ଜନସମାଗମ ହୁଏ । ସେ ସମୟରେ ଅନେକ ଯାତ୍ରୀ ଏଠାରେ ଥିବା ଜଳକୁଣ୍ଡରେ ସ୍ନାନ କରି ଆନନ୍ଦ ଲାଭ କରନ୍ତି । ଆମେ ଯିବା ଦିନ ମଧ୍ୟ ଟ୍ରାଫାଲଗାର୍ ସ୍କ୍ୱାୟାର୍‌ଠାରେ ବହୁଲୋକ ରୁଣ୍ଡ ହୋଇଥାନ୍ତି । ସେମାନେ ସେଠାରେ ବହୁସଂଖ୍ୟାରେ ବସିଥିବା ପାରାମାନଙ୍କୁ ଶସ୍ୟାଦି ଖାଇବାକୁ ଦେବା ଦୃଶ୍ୟ ଦେଖିଲୁ । ଆମେମାନେ ମଧ୍ୟ ସେ ପାରାମାନଙ୍କୁ ଖାଇବାକୁ ଦେଲୁ । ଏହି ପାରାମାନେ ନିର୍ଭୟରେ ଆସି ଲୋକଙ୍କ ହାତରୁ ଖାଦ୍ୟ ଖାଆନ୍ତି; ସମୟସମୟରେ ଦର୍ଶକର କାନ୍ଧ ଓ ମୁଣ୍ଡ ଉପରେ ମଧ୍ୟ ବସିପଡ଼ନ୍ତି । ଏହା ସେଠାରେ ବଡ଼ କୌତୁକ ସୃଷ୍ଟି କରେ ।

□□□

# ତୃତୀୟ ଅଧ୍ୟାୟ

## ଇଂଲଣ୍ଡରେ ଏଣେତେଣେ

### ଲିଭରପୁଲପଥେ

ଲଣ୍ଡନ ପରିଦର୍ଶନ ସେଦିନ ଏତିକିରେ ଶେଷହେଲା । ଲଣ୍ଡନ ସହରକୁ ସଂକ୍ଷିପ୍ତ ଭାବରେ ଦେଖିସାରି ଆମେମାନେ ଲିଭରପୁଲ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭକଲୁ ସନ୍ଧ୍ୟା ୭ଟାବେଳେ । ଲିଭରପୁଲ ଇଂଲଣ୍ଡର ଗୋଟିଏ ପୁରାତନ ଓ ପ୍ରସିଦ୍ଧ ବନ୍ଦର । ଇଂଲଣ୍ଡର ଉତ୍ତର-ପଶ୍ଚିମ ଉପକୂଳରେ ଏହା ଅବସ୍ଥିତ । ଲୋକସଂଖ୍ୟା ୭ଲକ୍ଷ । ଏଠାରେ ମର୍ସି ନଦୀ ପ୍ରବାହିତ । ଲିଭରପୁଲ ସହରରେ ଡାକ୍ତର ଅଛନ୍ତି ଉଭୟ ଆମର ଟିଅ ଓ ଜୋର୍ଜ୍ଜ । ତାଙ୍କ କାର୍‌ରେ ଲିଭରପୁଲ ଅଭିମୁଖରେ ଗଲାବେଳେ ଯେଉଁ ପଲ୍ଲୀ-ଦୃଶ୍ୟ ଦେଖିଲୁ, ତାହା ଅତ୍ୟନ୍ତ ରମଣୀୟ । ରାସ୍ତାର ଦୁଇ ପାଖରେ ଯତ୍ନରେ ମେସିନ୍‌ରେ କଟା ଘାସପଡ଼ିଆ । ସେଠି ଦେଖିଲୁ ଚରୁଛନ୍ତି ଗାଈ ଓ ମେଣ୍ଢା । ଗାଈଗୁଡ଼ିକ ବେଶ୍ ହୃଷ୍ଟପୁଷ୍ଟ । କଳା ଦେହରେ ଛିଟିଛିଟିକା ଧଳା ଦାଗ ଥିବାରୁ ଦେଖିବାକୁ ଅତି ସୁନ୍ଦର । ବଡ଼ ବଡ଼ ଧଳା ଲୋମ ଥିବା ମେଣ୍ଢାଗୁଡ଼ିକ ମଧ୍ୟ ସେ ସ୍ଥାନର ଶୋଭାବର୍ଦ୍ଧନ କରୁଥାନ୍ତି । ଏହି ଗାଈ ଓ ମେଣ୍ଢାମାନଙ୍କୁ ଦେଖି ଆମର ଅବହେଳିତ ଗବାଦି ପଶୁମାନଙ୍କ କଥା ମନେପଡ଼ି ଦୁଃଖ ଲାଗେ ।

ଗାଡ଼ି ଦ୍ରୁତଗତିରେ ଚାଲିଥାଏ—ହାରାହାରି ଘଣ୍ଟାରେ ୭୦ ମାଇଲ । ରାସ୍ତା ଏକତରଫା ଓ ଚଉଡ଼ା ହୋଇଥିବାରୁ, ଗାଡ଼ିସବୁ ମଜଭୁତ ଓ ଉନ୍ନତ ଧରଣର ହୋଇଥିବାରୁ ତାହା ଏତେ ବେଗରେ ଯାଇପାରେ; ଯାତ୍ରୀମାନେ ମଧ୍ୟ କ୍ଳାନ୍ତ ଅନୁଭବ କରନ୍ତି ନାହିଁ । ଇଂଲଣ୍ଡର ଜାତୀୟ ରାଜପଥକୁ ମଟରୱେ କୁହାଯାଏ । ଏହି ମଟରୱେ କଡ଼ରେ ବହୁ-ସଂଖ୍ୟାରେ **Services**ମାନ ଦେଖିବାକୁ ମିଳେ । ଏହିଠାରେ ପେଟ୍ରୋଲ ଓ ଖାଇବା ଜିନିଷ କିଣିବାକୁ ମିଳେ । ତା'ଛଡ଼ା ଏଠାରେ ମଧ୍ୟ ପରିଷ୍କାର-ପରିଚ୍ଛନ୍ନ ଶୌଚାଗାର ବହୁସଂଖ୍ୟାରେ ଥାଏ । ହାତ ଧୋଇବାକୁ ମେସିନ ଓ ହାତ ଧୋଇସାରିଲାପରେ ହାତ ଶୁଖାଇବାକୁ ଗୋଟିଏ କଳ ଥାଏ । ଶେଷୋକ୍ତ କଳରେ ଗୋଟିଏ ଗୋଟିଏ ପାଣିକଳପରି ଟ୍ୟାପ୍ ଥାଏ । ତାକୁ ଚିପିଦେଲେ ସଶବ୍ଦରେ ବାଷ୍ପ ବାହାରେ ଓ ତାହା ସାମ୍ନାରେ ହାତ ଦେଖାଇବା ଦ୍ୱାରା ହାତ ଶୁଖିଯାଏ । ଏ ସବୁ ଶୌଚାଗାର ଦେଖି ଆମ ଦେଶର ବସ୍-ଯାତ୍ରୀଙ୍କର ଦୁର୍ଦ୍ଦଶା କଥା ମନେପଡ଼ିଲା । ଆମେ ଲିଭରପୁଲରେ ଜୋର୍ଜ୍ଜଙ୍କ ଘରେ ପହଞ୍ଚିଲୁ ସନ୍ଧ୍ୟା ସାଢ଼େ ଦଶଟା ବେଳକୁ । ଆଶ୍ଚର୍ଯ୍ୟର ସହିତ ଲକ୍ଷ୍ୟକଲୁ, ସେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୂର୍ଯ୍ୟାସ୍ତ ହୋଇନାହିଁ । ଅଳ୍ପ ସମୟ କଥାବାର୍ତ୍ତା ପରେ ଆମେମାନେ ରାତି ପ୍ରାୟ ୧୧ଟା ବେଳେ

ଶୋଇବାକୁ ଗଲୁ । ସେତେବେଳକୁ ସୂର୍ଯ୍ୟାସ୍ତର ପରବର୍ତ୍ତୀ କାଳ । ଆକାଶରେ ସୂର୍ଯ୍ୟାସ୍ତର ରକ୍ତିମା ସୁସ୍ପଷ୍ଟ ।

## ମହାମାନ୍ୟ ପୋପ୍

୧୯୮୨ ମସିହା ମେ ୩୦ ତାରିଖ ଲିଭରପୁଲ ପାଇଁ ସ୍ମରଣୀୟ ଦିବସ ହୋଇ ରହିବ । ସେଦିନ ଖ୍ରୀଷ୍ଟ ସଂପ୍ରଦାୟର ଧର୍ମଗୁରୁ ମହାମାନ୍ୟ ପୋପ୍ ଦ୍ୱିତୀୟ ପଲ ଇଂଲଣ୍ଡର ଅନ୍ୟ ସ୍ଥାନକୁ ଯିବାପରେ ଏହି ନଗରୀକୁ ପରିଦର୍ଶନରେ ଆସିଥିଲେ । ଗତ ଚାରିଶହ ବର୍ଷ ମଧ୍ୟରେ କୌଣସି ପୋପ୍ ଇଂଲଣ୍ଡକୁ ଆସିନଥିବାରୁ ତାଙ୍କର ଏହି ଇଂଲଣ୍ଡ ପରିଦର୍ଶନ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ୧୫୦୯ ମସିହାରୁ ୧୫୪୭ ପର୍ଯ୍ୟନ୍ତ ଇଂଲଣ୍ଡର ରାଜା ଥିଲେ ଅଷ୍ଟମ ହେନେରୀ । ତତ୍କାଳୀନ ପୋପ୍‌ଙ୍କ ସହିତ ତାଙ୍କର ଗୁରୁତର ମତଭେଦ ହୋଇଥିଲା । ଅଷ୍ଟମ ହେନେରୀଙ୍କର ପ୍ରଥମ ରାଣୀ ଥିଲେ କାଥାରିନ୍ । ସେ ହେନେରୀଙ୍କର ଭାଇଙ୍କର ବିଧବା ପତ୍ନୀ ଓ ସ୍ପେନ୍‌ର ରାଜା ଫର୍ଡିନାଣ୍ଡଙ୍କର କନ୍ୟା ଥିଲେ । କାଥାରିନ୍‌ଙ୍କର ଗର୍ଭରୁ କୌଣସି ପୁଅ ଜାତ ନ ହେବାରୁ ହେନେରୀଙ୍କର ତାଙ୍କ ସଙ୍ଗରେ ମନୋମାଳିନ୍ୟ ଜାତହେଲା । ହେନେରୀ ଏ ବିବାହ-ବିଚ୍ଛେଦ ପାଇଁ ପୋପ୍‌ଙ୍କ ଅନୁମତି ମାଗିଲେ । ତାଙ୍କର ଯୁକ୍ତି ଏ ବିବାହ ବେଆଇନ—ଯେହେତୁ ସେ ଭାଇଙ୍କର ବିଧବା ପତ୍ନୀଙ୍କୁ ବିବାହ କରିବାଦ୍ୱାରା ଧର୍ମବିରୋଧୀ କାର୍ଯ୍ୟ କରିଛନ୍ତି । ପୋପ୍ ସ୍ପେନର ରାଜାଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନ ଥିଲେ; ତେଣୁ ସେ ଏପରି ବିବାହ-ବିଚ୍ଛେଦ ପାଇଁ ଅନୁମତି ଦେଲେ ନାହିଁ । ହେନେରୀ ପୋପ୍‌ଙ୍କର ଇଉରୋପରେ ଥିବା ଅଖଣ୍ଡ କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ନିଜକୁ ଇଂଲଣ୍ଡର ରାଜା ଓ ଜାତୀୟ ଧର୍ମରକ୍ଷକ ବୋଲି ଘୋଷଣାକଲେ । ତା' ପରେ କାଥାରିନ୍‌ଙ୍କ ସହିତ ବିବାହ-ବିଚ୍ଛେଦ କରି ସେ ବିବାହ କଲେ ଆନବଲିନ୍‌ଙ୍କୁ । ଇଂଲଣ୍ଡ ପୋପ୍‌ଙ୍କ ଆଧିପତ୍ୟରୁ ସ୍ୱାଧୀନତା ଲାଭକଲା । କିନ୍ତୁ ସେହିଦିନଠାରୁ କୌଣସି ପୋପ୍ ଇଂଲଣ୍ଡ ପରିଦର୍ଶନରେ ଆସି ନ ଥିଲେ । ଅବସ୍ଥା ବଦଳିଛି । ବର୍ତ୍ତମାନର ପୋପ୍ ଖ୍ରୀଷ୍ଟିୟାନ ଏକତା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଇଂଲଣ୍ଡ ପରିଦର୍ଶନରେ ଆସିଛନ୍ତି । ତାଙ୍କୁ ଦେଖିବାକୁ ଇଂଲଣ୍ଡର ସର୍ବତ୍ର ପ୍ରବଳ ଭିଡ଼ । ଆମେ ଲିଭରପୁଲ ଆସିବା ସମୟରେ ହଜାର ହଜାର ସଂଖ୍ୟାରେ ବସ୍ ସବୁ ଲଗାଲଗିହୋଇ ରାସ୍ତାକଡରେ ରହିବାର ଦେଖିଲୁ । ଶୁଣିବାକୁ ପାଇଲୁ, ଏଥିରେ ଦୂରଦୂରାନ୍ତରୁ ଲୋକମାନେ ପୋପ୍‌ଙ୍କୁ ଦେଖିବାକୁ ଆସିଛନ୍ତି । ଆମେମାନେ ଏତେ ଭିଡ଼ ମଧ୍ୟରେ ପୋପ୍‌ଙ୍କୁ ନ ଦେଖି ଆମ ଘରେ ନିଭୃତରେ ଟେଲିଭିଜନ୍ ମାଧ୍ୟମରେ ତାଙ୍କର ଆଗମନ ଓ ସମ୍ବର୍ଦ୍ଧନା ଦେଖିଲୁ ଓ ଭାଷଣମାନ ମଧ୍ୟ ଶୁଣିଲୁ । ପୋପ୍ ଏତେ ବଡ଼ ପଦର ଅଧିକାରୀ ହୋଇ ମଧ୍ୟ ବିନୟର ଅବତାର । ଯେଉଁଠାରେ ସେ ଉଡ଼ାଜାହାଜରୁ ଓହ୍ଲାଉଥାନ୍ତି ପ୍ରଥମେ ସେ ସ୍ଥାନକୁ ଚୁମ୍ବନ କରି ନିଜର ବିନୟ ଓ ଆନନ୍ଦ ପ୍ରକାଶ କରୁଥାନ୍ତି । ତା ଛଡ଼ା ଧନୀ-ଦରିଦ୍ର-ନିର୍ବିଶେଷରେ ମିଳାମିଶା ଓ

କରମର୍ଦ୍ଦନ । ଏ ସବୁ ଆମର ଅଭୁଲା ସ୍ମୃତି ହୋଇ ରହିବ । ତାଙ୍କର ପରିଦର୍ଶନ ଇଂଲଣ୍ଡର ସ୍ୱାଭାବିକ ଶାନ୍ତ ପରିବେଶରେ ଚହଲ ପକାଇଦେଇଥିଲା ଏବଂ ପ୍ରତ୍ୟେକଙ୍କ ମନରେ ଗଭୀର ରେଖାପାତ କରିଥିଲା ।

## ଚିତ୍ତବିନୋଦନ କେନ୍ଦ୍ର : ସାଉଥ୍‌ପୋର୍ଟ

ଆମେମାନେ ଇଂଲଣ୍ଡକୁ ପରିଦର୍ଶକ ଭାବରେ ଆସିଥାଉଁ—ତେଣୁ ଯାହା କିଛି ଦର୍ଶନୀୟ ସେସବୁ ଦେଖିବାକୁ ପ୍ରବଳ ଇଚ୍ଛା । ୧୯୮୨ ମସିହା ଜୁନ ମାସ ପହିଲା ଦିନ ଲିଭରପୁଲରୁ ୨୦ ମାଇଲ ଦୂର ସାଉଥ୍ ପୋର୍ଟକୁ ଯିବାର ସ୍ଥିର ହେଲା । ଏହା ଇଂଲଣ୍ଡର ଉତ୍ତର-ପଶ୍ଚିମ ଉପକୂଳରେ ଅବସ୍ଥିତ ଗୋଟିଏ ସୁନ୍ଦର ସହର । ଲୋକସଂଖ୍ୟା ୮୪,୦୦୦ । ଚିତ୍ତବିନୋଦନ କେନ୍ଦ୍ର ରୂପେ ଇଂଲଣ୍ଡରେ ଏହା ପ୍ରସିଦ୍ଧ । ଅଳ୍ପସମୟ ମଧ୍ୟରେ ମଟର ଗାଡ଼ିରେ ଯାଇ ପହଞ୍ଚିଲୁ । ଏଠାରେ ଯେଉଁଆଡ଼େ ଚାହିଁଲୁ, ଦେଖିଲୁ ଶହ ଶହ ପୁରୁଷ, ସ୍ତ୍ରୀ ବାଳକ ଓ ବାଳିକା ବିଭିନ୍ନ ଆମୋଦପ୍ରମୋଦରେ ଭାଗନେଇ ଆନନ୍ଦ ଓ ସନ୍ତୋଷ ଲାଭକରୁଛନ୍ତି । ଏଠାରେ ଗୋଟିଏ ହଲ୍ ଅଫ୍ ମିରର୍ସ ଅଛି । ସେଠାରେ ବିଭିନ୍ନ ଦର୍ପଣରେ ପ୍ରତିଫଳିତ ନିଜର ଛବି ଦେଖିଲେ ନ ହସି ରହିହେବ ନାହିଁ । ଏହି ଦର୍ପଣ ସାହାଯ୍ୟରେ ଦର୍ଶକ ଖୁବ୍ ମୋଟା, ଖୁବ୍ ପତଳା, ଖୁବ୍ ଡେଙ୍ଗା, ଖୁବ୍ ଗେଡ଼ା ଇତ୍ୟାଦି ବିଭିନ୍ନ ରୂପରେ ଦିଶିବାରୁ ଏଠାରେ ପିଲାମାନଙ୍କର ପ୍ରବଳ ଭିଡ଼ । ଆଉ ଗୋଟିଏ ସ୍ଥାନରେ ଦେଖିଲୁ ପାଣିରେ ଛୋଟ ଛୋଟ ଖେଳନା ଜାହାଜ ଚାଲିଛି ଆଗକୁ, ପଛକୁ, ବାମକୁ ଓ ଡାହାଣକୁ ଦର୍ଶକର ଇଚ୍ଛା ଅନୁସାରେ । ଏ କ୍ରୀଡ଼ାରେ ଭାଗନେବାକୁ ଅଳ୍ପ ପଇସା ଦେବାକୁ ପଡ଼େ । ଏପରି ଶହ ଶହ ରକମର ଖେଳ ଆମେ ସେଠାରେ ଦେଖିଲୁ । ଯେଉଁଆଡ଼େ ଚାହିଁଲୁ, ଆନନ୍ଦ ଓ ଉଲ୍ଲାସ—ଯେପରି ପୃଥିବୀରୁ ସମସ୍ତ ଦୁଃଖ ଦୂର ହୋଇଯାଇଛି । ଏଠାରେ କିଛି ସମୟ ଅତିବାହିତ କରି ଫେରିଲୁ ଲିଭରପୁଲକୁ । ଫେରିବା ପୂର୍ବରୁ ସେଠିକାର ଦୋକାନରୁ କିଣିଲୁ କାଚର ଗୋଟିଏ ଛୋଟ ବୁଟ ଜୋତା । ସେଥିରେ ସାଉଥ୍‌ପୋର୍ଟ ଲେଖା ଅଛି । ଏହି ସ୍ମୃତି-ଚିହ୍ନଟି ଆମ ପାଖରେ ଥାଇ ସେ ଦିନର ଆମୋଦ-ପ୍ରମୋଦ କଥା ମନେପକାଇଦିଏ । ଆଉ ଗୋଟିଏ ଜିନିଷ ମଧ୍ୟ କିଣିଲୁ, ସେଠାରେ ଛତା ଆକୃତିର ଗୋଟିଏ ପ୍ଲାଷ୍ଟିକ ଖୋଳରେ ଲଜେଞ୍ଚ ମିଳୁଥାଏ । ତାକୁ ଦେଖି ଓ ସେ ଲଜେଞ୍ଚ ଖାଇ ଭୁବନେଶ୍ୱରରେ ଆମ ପଡ଼ୋଶୀ ପିଲାମାନେ ବଡ଼ ଖୁସି ହେଲେ ।

## ବ୍ଲାକପୁଲ ଟାୱାର

ଆଜି ୮ ତାରିଖ ଜୁନ । ପ୍ରସ୍ତାବ ହେଲା ବ୍ଲାକପୁଲଠାରେ ଚିତ୍ତବିନୋଦନ କେନ୍ଦ୍ର ଦେଖିବା । ଏହି ଚିତ୍ତବିନୋଦନ କେନ୍ଦ୍ର ସମଗ୍ର ଇଉରୋପରେ ମଧ୍ୟ ପ୍ରସିଦ୍ଧ । ବ୍ଲାକପୁଲ ସହର ଇଂଲଣ୍ଡର ପଶ୍ଚିମ ଉପକୂଳରେ ଅବସ୍ଥିତ; ଲିଭରପୁଲରୁ ପ୍ରାୟ ୫୦ ମାଇଲ । ଏହାର ଲୋକସଂଖ୍ୟା ଦେଢ଼ ଲକ୍ଷ । ସାଉଥ୍‌ପୋର୍ଟଠାରୁ ଏହା ଢେର୍ ବଡ଼ । ଦୋକାନ

ଓ ଚିତ୍ତବିନୋଦନ କେନ୍ଦ୍ର ସମୁଦ୍ରକୂଳରେ ବୃତ୍ତାକାରରେ ଥିବାରୁ ବମ୍ବେର ମାରିଜନ ଡ୍ରାଇଭ୍ କଥା ମନେପଡ଼େ । ରାସ୍ତା ତା'ଠାରୁ ଚଉଡ଼ା । ପଦଯାତ୍ରୀମାନଙ୍କ ପାଇଁ ରାସ୍ତା ୬୦ ଫୁଟ ଚଉଡ଼ା ହେବ । ସମୁଦ୍ରକୂଳରେ ସ୍ୱାୟତ୍ତଶାସନ ସଂସ୍ଥା ତରଫରୁ କନାର ଆରାମଚେୟାର ହଜାର ହଜାର ସଂଖ୍ୟାରେ ଦର୍ଶକମାନଙ୍କର ବ୍ୟବହାର ପାଇଁ ଅଛି । ଏସବୁ କେହି ନଗିବାକୁ ନାହିଁ; ବ୍ୟବହାର କରିବାକୁ ପଇସା ମଧ୍ୟ ପଡ଼େ ନାହିଁ । ଏହି ସହରର ଆଲୋକସଜ୍ଜା ବିଶେଷ ଖ୍ୟାତି ଲାଭ କରିଛି । ଶୀତଋତୁ ଆରମ୍ଭରେ ଇଂଲଣ୍ଡର ରାଣୀ ବ୍ଲାକପୁଲ ଟାଓ୍ୱାରରେ ବୋତାମ ଟିପି ରାସ୍ତାରେ ଥିବା ଆଲୋକ ପ୍ରଜ୍ୱଳିତ କରନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଦେଖିଲୁ ଅପୂର୍ବ ସାଜସଜ୍ଜା, ଯେପରି ଗୋଟିଏ ଉତ୍ସବର ଆୟୋଜନ ଚାଲିଛି । ଆଲୋକସବୁ ପ୍ରଜାପତି ପ୍ରଭୃତି ଆକର୍ଷଣୀୟ ଆକୃତିରେ ରାସ୍ତାକଡ଼ରେ ବହୁସଂଖ୍ୟାରେ ଥିବାରୁ ଦର୍ଶକର ମନରେ ସ୍ୱତଃ ଆନନ୍ଦ ଜାତହୁଏ ।

ହଠାତ୍ ଏହି ରାସ୍ତାରେ ଯିବା ସମୟରେ ଶୁଣିଲୁ ସେହି ନିସ୍ତବ୍ଧତା ମଧ୍ୟରେ ଅଟ୍ଟହାସ୍ୟ । ଏହି ଅଟ୍ଟହାସ୍ୟ ବହୁତ ଦୂରରୁ ମଧ୍ୟ ଶୁଣାଯାଉଛି । ଆଶ୍ଚର୍ଯ୍ୟ ହେଲୁ—କାରଣ ଏପରି ପରିମାର୍ଜିତ ପରିବେଶ ମଧ୍ୟରେ କିଏ ଇମିତି ହସୁଛି ? ଦେଖିଲୁ, ଏହା ମନୁଷ୍ୟର ଅଟ୍ଟହାସ୍ୟ ନୁହେଁ—ଦୁଇଟି ବଡ଼ ବଡ଼ କୁଣ୍ଢେଇ ପାଖାପାଖି ବସି ଏପରି ଶବ୍ଦ କରୁଛନ୍ତି । ଅନେକ-ବେଳ ପର୍ଯ୍ୟନ୍ତ ଚାହିଁରହିଲୁ ଏ ଦୃଶ୍ୟକୁ ।

ଏ ଚିତ୍ତବିନୋଦନ କେନ୍ଦ୍ରରେ ଦେଖିଲୁ ବହୁ ଆକର୍ଷଣୀୟ ଜିନିଷ । ସେଠାରେ **caves** ବା ଗୁମ୍ଫା ସବୁ ବିଶେଷ ଶିକ୍ଷଣୀୟ ଓ ଆନନ୍ଦଦାୟକ । ସେହି କୃତ୍ରିମ ଗୁମ୍ଫା ଭିତରକୁ ଯିବାକୁ ହୁଏ ଛୋଟ ଛୋଟ ଡଙ୍ଗାରେ । ଏହି ଡଙ୍ଗାମାନ ଉପରୁ ପଡ଼ୁଥିବା ପାଣିର ସ୍ରୋତରେ ଭାସି ଭାସି ବିଭିନ୍ନ ଗୁମ୍ଫା ଦେଇ ଗତିକରେ । ଏହି ଗୁମ୍ଫାସବୁ ଠିକ୍ ସୁଡ଼ଙ୍ଗ ପରି । ଏହାର ଭିତର ଶୀତଳ ଓ ଅନ୍ଧକାର । ବିଭିନ୍ନ ଗୁମ୍ଫାରେ ପ୍ରସ୍ତରଯୁଗ, ଲୌହଯୁଗ, ପୁରାତନ ଇଜିପ୍ଟ ଆଦି ଐତିହାସିକ ବିଷୟମାନ ଚର୍ଚ୍ଚିତ ହୋଇଛି । ଗୁମ୍ଫା ଭିତରକୁ ଗଲାବେଳେ ଭୟମିଶ୍ରିତ ଆନନ୍ଦ ମନରେ ଜାତ ହୁଏ । ଅକ୍ଟୋବର ମାସରେ ମୋର ଭାଇ ଲିଭରପୁଲ ଆସିଥିବା ସମୟରେ ଆମେ ସମସ୍ତେ ଏହି ଗୁମ୍ଫା ଭିତରକୁ ଯାଇ ଏ ଦୃଶ୍ୟ ଦେଖିଥିଲୁ । କୃତ୍ରିମ ବ୍ଲାକ୍‌ପୁଲରେ ବାଇବେଲରେ ବର୍ଣ୍ଣିତ ନୋଆଜ୍ ଆର୍କ ଦେଖିଲୁ । କୃତ୍ରିମ ହ୍ରଦ ମଧ୍ୟରେ ଗୋଟିଏ ନୌକାରେ ଏହି ଉପାଖ୍ୟାନର ଚରିତ୍ରସବୁ ଦେଖିବାକୁ ମିଳେ । ସେମାନେ ସବୁ ଜୀବିତ ବ୍ୟକ୍ତିମାନଙ୍କ ପରି ମୁଖଭଙ୍ଗୀ ଓ ହସ୍ତାଦି ଚାଳନା କରି ଦର୍ଶକଙ୍କ ମନରେ ଆନନ୍ଦ ଜାତ କରୁଥାନ୍ତି ।

ବ୍ଲାକପୁଲରେ ଦେଖିଲୁ ବିଭିନ୍ନ ପ୍ରକାରର କ୍ରୀଡ଼ାରତ ଅସଂଖ୍ୟ ପିଲା ଆନନ୍ଦରେ ବିଭୋର । ସେମାନଙ୍କ ଖେଳ ଆମକୁ ବିପଜ୍ଜନକ ମନେହେଲେ ବି ସେମାନଙ୍କୁ ଓ ସେମାନଙ୍କର ପିତାମାତାଙ୍କୁ ଲେଶମାତ୍ର ଭୟ ଲାଗୁନଥାଏ । ସେଠି ସାତ-ଆଠ ବର୍ଷର ପିଲାମାନେ ବୟସ୍କମାନଙ୍କ ପରି ଦ୍ରୁତଗତିରେ ମଟରସାଇକେଲ ଓ ମଟରଗାଡ଼ି ଚାଳନା କରୁଥାନ୍ତି । ସର୍କସରେ ଯେପରି ମଟର ସାଇକେଲ ଖେଳ ଦେଖାନ୍ତି, ସେପରି ଖେଳରେ

ମଧ୍ୟ ଯୋଗଦେବାର ସେମାନଙ୍କୁ ଦେଖିଲୁ । ଆଶ୍ଚର୍ଯ୍ୟ ଏମାନଙ୍କର ସାହସ । ସାହସୀ ଜାତି ଗଢ଼ିବାରେ ଏସବୁ କ୍ରୀଡ଼ା ନିଶ୍ଚୟ ସାହାଯ୍ୟ କରୁଥିବ । ଆହୁରି ଦେଖିଲୁ କେତେ କେତେ ପ୍ରକାରର ଖେଳ ଓ ଦର୍ଶନୀୟ ଜିନିଷ । ଗୋଟିଏ ସୁନାଖଣି ଭିତରର ଦୃଶ୍ୟ ମଧ୍ୟ ଏଠାରେ ଦେଖିଲୁ । ଏହି କୃତ୍ରିମ ସୁନାଖଣି ବାହାରେ ଦୁଇଟି ଖଣି-ଶ୍ରମିକଙ୍କର ଜୀବନ୍ତ ମୂର୍ତ୍ତି । ଗୋଟିଏ ବେଞ୍ଚରେ ତାଙ୍କର କାମକୁ ଆସିବା ପୋଷାକ ପିନ୍ଧି ବସିଥାନ୍ତି । ଆମେ ସେହି ଦୁଇ ମୂର୍ତ୍ତି ମଧ୍ୟରେ ବସିପଡ଼ିଲୁ । ସେ ସମୟରେ ଆମର ଫଟୋ ଜୋଇଁ ଉଠାଇଲେ । ସେ ଫଟୋ ଦେଖିଲେ ଆମେ ହସୁ ଓ ଆମ ପିଲାମାନେ ହସନ୍ତି । ଦୀର୍ଘ ଚାରିପାଞ୍ଚ ଘଣ୍ଟା ଆନନ୍ଦରେ କଟାଇ ସେଦିନ ଘରକୁ ଫେରିଲୁ ରାତି ପ୍ରାୟ ୯ଟା ବେଳେ ।

## ନୋସଲି ଅଭୟାରଣ୍ୟ

ଆଉ ଦିନକର କଥା । ଶନିବାର ହୋଇଥିବାରୁ ଝିଅର ଛୁଟି । ତେଣୁ ପ୍ରସ୍ତାବ ହେଲା କୁଆଡ଼େ ଯିବା । ପାଖରେ ନୋସଲି ସଫାରି ପାର୍କ । ଏହି ପାଞ୍ଚମାଇଲବିସ୍ତୃତ ପାର୍କରେ ବଣ୍ୟଜନ୍ତୁମାନଙ୍କୁ ସ୍ୱଇଚ୍ଛାରେ ବୁଲିବାର ସ୍ୱାଧୀନତା ଦିଆହୋଇଛି । ଆମେ ଏହି ଅଭୟାରଣ୍ୟରେ ମଟରଗାଡ଼ିରେ ଗଲବେଳେ ରାସ୍ତା କଡ଼ରେ ସିଂହ, ବାଘ, ଜେବ୍ରା ବୁଲିବାର ଦେଖିଲୁ । ଭୟ ଲାଗୁଥାଏ କାଳେ ଆକ୍ରମଣ କରିବେ । ବାଟରେ ଦେଖିଲୁ ଜଣେ ପରିଦର୍ଶକ ମଟରଗାଡ଼ିରେ ଯାଉଛନ୍ତି । ତାଙ୍କ ଗାଡ଼ିର ଛାତ ଉପରେ ଗୋଟିଏ ବେବୁନ ନିର୍ଭୟରେ ବସିଛି । ଏହି ପାର୍କରେ ଜୀବଜନ୍ତୁଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ଓ ଯାତ୍ରୀମାନଙ୍କର ଖବର ରଖିବା ପାଇଁ ସ୍ଥାନେ ସ୍ଥାନେ ବେତାରଯନ୍ତ୍ର ସହିତ ମଟରଗାଡ଼ି ଭିତରେ ପାର୍କର କର୍ମଚାରୀମାନେ ଜଗିକରି ବସିଥାନ୍ତି । ତା'ଛଡ଼ା ଦର୍ଶକଙ୍କୁ ତାଙ୍କ ନିରାପତ୍ତା ପାଇଁ କେତେଗୁଡ଼ିଏ ନିୟମ ମାନି ଚଳିବା ପାଇଁ ନିର୍ଦ୍ଦେଶ ଦିଆହୋଇଛି । ପିଲାମାନେ ପାର୍କ ଭିତରେ ଗାଡ଼ିରେ ଗଲବେଳେ ଗାଡ଼ିଚାଳକଙ୍କ ବ୍ୟତୀତ ଜଣେ ବୟସ୍କ ବ୍ୟକ୍ତି ମଧ୍ୟ ପିଲାମାନଙ୍କ ସଙ୍ଗରେ ଗାଡ଼ିରେ ରହିବା ଦରକାର । ସିଂହାଦି ହିଂସ୍ରଜନ୍ତୁ ସଂରକ୍ଷିତ ଅଞ୍ଚଳରେ ଓ ମର୍କଟଥିବା ଜଙ୍ଗଲ ଭିତରେ ଗାଡ଼ିର ଝରକା କିମ୍ବା କବାଟ ଖୋଲିବାକୁ ମନାଅଛି । ଏପରି ଅଞ୍ଚଳରେ ଗାଡ଼ି ଖରାପ ହୋଇ ଆଗକୁ ଯାଇ ନ ପାରିଲେ ମଧ୍ୟ ଗାଡ଼ିଚାଳକ ଗାଡ଼ି ଛାଡ଼ି କେଉଁଆଡ଼େ ଯିବେ ନାହିଁ । ଗାଡ଼ିର ହର୍ଣ୍ଣ ବଜାଇ ନିରାପତ୍ତା ବିଭାଗର ଗାଡ଼ି ଆସିବାକୁ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦିଆହୋଇଛି । ଏପରି ଅଭୟାରଣ୍ୟ ମୁଁ ଏଥିପୂର୍ବରୁ ଦେଖିନଥିଲି; ତେଣୁ ସେଦିନର ଘଟଣାବଳୀ ମୋ ମନରୁ ଏ ପର୍ଯ୍ୟନ୍ତ ପାସୋରି ଯାଇନାହିଁ ।

## ଚେଷ୍ଟରର ଚିଡ଼ିଆଖାନା

ଶୁଣିଲୁ ଇଂଲଣ୍ଡର ଚେଷ୍ଟରଠାରେ ଗୋଟିଏ ବଡ଼ ଚିଡ଼ିଆଖାନା ଅଛି । ଜୁଲାଇ ୩ ତାରିଖ ଦିନ ସେଠାକୁ ଯିବାର ସ୍ଥିର ହେଲା । ଏହି ଚିଡ଼ିଆଖାନାରେ ନାନା ପ୍ରକାରର

ପାଠାଗାର
97526
31-5-87



ଜୀବଜନ୍ତୁ ପୃଥିବୀର ବିଭିନ୍ନ ଦେଶରୁ ଅଣାହୋଇ ରଖାହୋଇଛନ୍ତି । ଏହି ଜୀବଜନ୍ତୁଙ୍କ ସଂଖ୍ୟା ବହୁତ ହୋଇଥିବାରୁ ଚେଷ୍ଟର ଚିଡ଼ିଆଖାନା ଇଂଲଣ୍ଡର ଗୋଟିଏ ବଡ଼ ଚିଡ଼ିଆଖାନା ରୂପେ ଗଣ୍ୟ ହୁଏ । ଚିଡ଼ିଆଖାନାକୁ ଯାଇ ପ୍ରଥମେ ଲକ୍ଷ୍ୟକଲୁ ସେଠାରେ ଥିବା ଆକର୍ଷଣୀୟ ବଗିଚା ଓ ଫୁଲର ସାଜସଜ୍ଜା । ସେ ସୁନ୍ଦର ଦୃଶ୍ୟ ଭୁଲିବାର ନୁହେଁ । ସେଠାରେ ଠିଆହୋଇ ଗୋଟିଏ ଫଟୋ ଉଠାଇଲୁ ଏହି ଦୃଶ୍ୟକୁ ଚିରସ୍ମରଣୀୟ କରିବା ପାଇଁ । ଚିଡ଼ିଆଖାନାରେ ଦେଖିଲି ପଶୁମାନଙ୍କୁ ସେମାନଙ୍କର ଜନ୍ମ-ପରିବେଶ ଅନୁସାରେ ବିଭିନ୍ନ ସ୍ଥାନରେ ରଖାହୋଇଛି । ଏପରି ବ୍ୟବସ୍ଥା ଏହି ଚିଡ଼ିଆଖାନାର ବୈଶିଷ୍ଟ୍ୟ ବୋଲି ମନେହେଲା । ସାଧାରଣତଃ ପଶୁମାନଙ୍କୁ ସେମାନଙ୍କର ଜାତିବିଭାଗ ନେଇ ଶ୍ରେଣୀଭୁକ୍ତ କରାହୁଏ ଓ ତଦନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ରଖାହୁଏ । ଏହି ଚିଡ଼ିଆଖାନାରେ କେତେକ ଜୀବଜନ୍ତୁ ଦେଖିଲୁଁ, ଯାହା ଆମେ ଆଗରୁ ଦେଖିନଥିଲୁ । ସେଠାରେ ପେଙ୍ଗୁଇନ୍, ସି-ଲାୟନ୍ ଓ ମେରୁ ଅଞ୍ଚଳର ଭାଲୁ ଦେଖିବାର ସୁଯୋଗ ପାଇ ବଡ଼ ଆନନ୍ଦିତ ହେଲୁ । ପେଙ୍ଗୁଇନ୍ ଗୋଟିଏ ବିଚିତ୍ର ପ୍ରକାରର ପକ୍ଷୀ । ଏହା ଆକାଶରେ ଉଡ଼େ ନାହିଁ; କିନ୍ତୁ ଏହାର ଡେଣା ଅଛି । ଏହି ଡେଣା କେବଳ ପାଣି ଭିତରେ ପହଁରିବା ଓ ବୁଡ଼ିବା ପାଇଁ ସାହାଯ୍ୟ କରେ । ଏହି ପେଙ୍ଗୁଇନ୍ ପକ୍ଷୀମାନେ ଦଳ ଦଳ ହୋଇ ଦକ୍ଷିଣମେରୁ ଅଞ୍ଚଳରେ ବାସକରନ୍ତି । ସି-ଲାୟନ୍ (Sea-lion) ଏକପ୍ରକାର ବୃହତ୍ ସିଲ୍ ମାଛ । ଏଗୁଡ଼ିକ ଦଳ ଦଳ ହୋଇ ପୂର୍ବ ପ୍ରଶାନ୍ତମହାସାଗର କୂଳରେ ବାସକରନ୍ତି । ଅନ୍ୟ ସିଲ୍‌ମାନଙ୍କର କାନ ନାହିଁ; କିନ୍ତୁ ଏମାନଙ୍କର କାନ ଅଛି ଓ ଏମାନେ ବଡ଼ ବଡ଼ ପାଦ ସାହାଯ୍ୟରେ ଦ୍ରୁତଗତିରେ ଯିବାଆସିବା କରିପାରନ୍ତି । ମେରୁ ଅଞ୍ଚଳର ଭାଲୁ (Polar Bear) ଦକ୍ଷିଣମେରୁ ଅଞ୍ଚଳରେ ବାସକରେ । ଦେହର ବର୍ଣ୍ଣ ହଳଦିଆମିଶା ଧଳା ରଙ୍ଗ । ଏହା ସନ୍ତରଣପଟୁ । ଭାସମାନ ବରଫଖଣ୍ଡରେ ଏହା ବାସକରେ ଓ ଏହାର ପ୍ରଧାନ ଖାଦ୍ୟ ସିଲ୍ ମାଛ । ଚେଷ୍ଟର୍‌ରେ ଏହି ଚିଡ଼ିଆଖାନା ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ଦେଖି ଫେରିଲୁ ସନ୍ଧ୍ୟା ୮ଟା ବେଳେ ।

## ଲିଭର୍‌ପୁଲ୍‌ରେ ବଜାର-ସଉଦା

ଲିଭର୍‌ପୁଲ୍‌ରେ ଥିବା ସମୟରେ ଅନେକ ସମୟରେ ସେଠିକାର ବଜାର ବା ସପିଂସେଣ୍ଟରକୁ ଯାଉ । ବଜାର ଭିତରେ ବୁଲିବାକୁ ଭାରି ଭଲଲାଗେ । ପୃଥିବୀର ବିଭିନ୍ନ ଦେଶରୁ ଆସି କେତେ ନୂଆ ନୂଆ ଜିନିଷ ସେଠି ବିକ୍ରି ହେଉଥାଏ । ଫଳ, ପରିବା ଅଧିକାଂଶ ଇଂଲଣ୍ଡ ବାହାରୁ ଆସିଥାଏ । ଫ୍ରାନ୍ସରୁ ସେଓ (golden apple) ଓ ଅଙ୍ଗୁର ଆସେ । ସ୍ପେନ୍ ଓ ସାଇପ୍ରସ୍‌ରୁ ଆସେ କମଳା ପ୍ରଭୃତି ବହୁ ପ୍ରକାରର ଫଳ । କେନିଆରୁ ଆସେ ସୁବୃହତ୍ ପିଆଜ । ଏହାର ଆକାର ଦେଖି ଆମକୁ ପ୍ରଥମେ ବଡ଼ ଆଶ୍ଚର୍ଯ୍ୟ ଲାଗିଥିଲା । ଲୁଗାପଟା ବେଶି ଆସେ ହଙ୍ଗକଙ୍ଗ, କୋରିଆ ଓ ଇଟାଲୀରୁ । ଭାରତରୁ ମଧ୍ୟ କାର୍ପାସ ବସ୍ତ୍ର ଆସେ । ସ୍କଟଲାଣ୍ଡ, ସେଟଲାଣ୍ଡ ଓ ଫକଲାଣ୍ଡ ଦ୍ୱୀପପୁଞ୍ଜରୁ ଉତ୍କୃଷ୍ଟ ପଶମ ବସ୍ତ୍ର ଆସି

ଏଠି ବିକ୍ରି ହୁଏ । ଆମଦାନି ଉପରେ କଟକଣା ନ ଥିବାରୁ ପୃଥିବୀର ସବୁଆଡ଼ର ଜିନିଷ ଏଠି ବିକ୍ରିପାଇଁ ଆସିଥାଏ । ଦାମିକା ଓ ଜନପ୍ରିୟ ମଟରଗାଡ଼ି ଯଥା **Volks Wagon, Mercedes, Renault** ଓ **Toyta** ପ୍ରଭୃତି ଜର୍ମାନୀ, ଫ୍ରାନ୍ସ ଓ ଜାପାନରୁ ଆସିଥାଏ । ତା'ଛଡ଼ା ସ୍ପେନ୍, ଇଟାଲୀ ଓ ଆମେରିକାରୁ ମଧ୍ୟ ଗାଡ଼ି ଆସିଥାଏ । ଇଂଲଣ୍ଡର ସର୍ବଜନବିଦିତ ରୋଲ୍ସ ରୟସ **(Rolls Royce)** ଗାଡ଼ି ମଧ୍ୟ ବିକ୍ରି ପାଇଁ ବଜାରକୁ ଆସେ । ମଜାର କଥା—ଏହି ଗାଡ଼ିରେ ସାଧାରଣତଃ ବରକନ୍ୟା ବିବାହ କରିବାକୁ ଯାଇଥାନ୍ତି ଗୀର୍ଜାକୁ । ତାଙ୍କର ବିବାହ-ତିଥି କିଛି ନ ଥିବାରୁ ସେମାନେ ସାଧାରଣତଃ ଶନିବାର ଦିନକୁ ବିବାହ ଉତ୍ସବ ପାଇଁ ଧାର୍ଯ୍ୟ କରିଥାନ୍ତି; କାରଣ ଏହି ଦିନଟି ସମସ୍ତଙ୍କର ଛୁଟି ଦିବସ । ଲକ୍ଷ୍ୟ କରିବାର କଥା—ବଜାରକୁ ନିଜ ଦେଶର କେତେକ ଜିନିଷ ବିକ୍ରି ପାଇଁ ଆସିଲେ ମଧ୍ୟ ଇଂଲଣ୍ଡର ଲୋକମାନେ ଅଧିକାଂଶ ସମୟରେ ବିଦେଶୀ ଜିନିଷ ଭଲ ଓ ଶସ୍ତା ହୋଇଥିବାରୁ କିଣିଥାନ୍ତି । ବର୍ତ୍ତମାନ ସରକାରଙ୍କର **'Buy British'** ଅର୍ଥାତ୍ 'ବ୍ରିଟିଶ-ତିଆରି ଜିନିଷ କ୍ରୟ କର' ଅଭିଯାନ ଫଳପ୍ରଦ ହେଉନାହିଁ; କାରଣ ଏ ଦେଶରେ ଅବାଧ ବାଣିଜ୍ୟ ବହୁ ଶତାବ୍ଦୀ ଧରି ଚାଲିଆସିଛି । ଆମ ଦେଶରେ ପରିସ୍ଥିତି ଭିନ୍ନ । ଆମଦାନି ଉପରେ କଟକଣା ଥିବାରୁ ଆମେ ବଜାରରେ ଦେଶରେ ପ୍ରସ୍ତୁତ ଜିନିଷ ଛଡ଼ା ଅନ୍ୟ ଜିନିଷ କିଣିବାକୁ ପାଉନାହିଁ । ସ୍ଥଳବିଶେଷରେ ବିଦେଶର ଜିନିଷ ମିଳେ; କିନ୍ତୁ ତାହା ଚୋରାବଜାରରେ ଏବଂ ବହୁ ଚଢ଼ାଦରରେ ବିକ୍ରି ହୋଇଥାଏ । ଏସବୁ କାରଣରୁ ସାଧାରଣତଃ ଆମ୍ଭେମାନେ ପୃଥିବୀର ଉତ୍କୃଷ୍ଟ ଉତ୍ପାଦିତ ଜିନିଷସବୁ ଦେଖିବାକୁ ପାଉନାହିଁ ।

ଲିଭରପୁଲକୁ ଆସିବାର ଅଳ୍ପଦିନ ପରେ ଡାକ୍ତର ପ୍ରୀତିବାସ ମିଶ୍ର ଓ ତାଙ୍କ ସ୍ତ୍ରୀ ବିଜୟାଙ୍କ ସଙ୍ଗରେ ପ୍ରଥମ ଦେଖାହେଲା ତାଙ୍କ ଘରେ । ଉଭୟ ବଡ଼ ମେଳାପୀ । ତାଙ୍କର ଦୁଇ ପୁଅ : ବାପି ଓ ହ୍ୟାପି । ଡାକ୍ତର ମିଶ୍ର ସ୍ଥାନୀୟ ହିଷ୍ଟନ ଡାକ୍ତରଖାନାରେ ନିଶ୍ଚେତକ ବିଭାଗର ରେଜିଷ୍ଟ୍ରାର ଥାଆନ୍ତି । ତାଙ୍କର ଲିଭରପୁଲରେ ଘର ଅଛି—ଆମ ଘରଠାରୁ ଅଳ୍ପ ଦୂରରେ । ରାସ୍ତା ନାମ ଲିଙ୍ଗମେଲ୍ ରୋଡ଼ । ସେ ମୋ ଜୋଇଁଙ୍କ ଆଗରୁ ଘର କିଣିଛନ୍ତି । ଘରଟି ସୁନ୍ଦର । ଆଗରେ ଘାସ ପଡ଼ିଆ । ସେଥିରେ କେତେ ରଙ୍ଗର ବଡ଼ ବଡ଼ ଗୋଲାପ ଫୁଲ ଗଛ । ବହୁତ ଫୁଲ ଫୁଟିଥାଏ । ପଛରେ ଗୋଟିଏ ବଡ଼ ପଡ଼ିଆ । କଡ଼େ କଡ଼େ ଲାଗିଛି କେତେ ରକମର ଗଛ । ତା ମଧ୍ୟରେ ସେଓ ଗଛ ମଧ୍ୟ ଅଛି । ଏହି ସେଓ ଫଳ ସାନ ଓ ଟିକିଏ ଖଟା ହୋଇଥିବାରୁ ସାଧାରଣତଃ ରନ୍ଧିବା ପାଇଁ ବ୍ୟବହାର ହୁଏ । ତାଙ୍କ ବଗିଚାରେ ମେଥି ଶାଗ ହୋଇଥିଲା । ଏହି ଶାଗ ସେଠାରେ ଦୁଷ୍ପ୍ରାପ୍ୟ—ବେଳେବେଳେ ଭାରତୀୟ ଦୋକାନରେ ମିଳେ ଆମ ଦେଶରୁ ଆମଦାନି ହୋଇ । ଥରେ ବାଡ଼ିର ମେଥି ଶାଗ ଓ ସେଓ ନେଇ ବିଜୟା ଆମ ଘରକୁ ଆସିଥିଲେ । ବିଜୟା ଅନେକ ସମୟରେ ଆମକୁ ତାଙ୍କ ଗାଡ଼ିରେ ବଜାରକୁ ନିଅନ୍ତି । କେଉଁଠାରେ କଅଣ ମିଳେ, ସବୁ ତାଙ୍କର ନଖ-ଦର୍ପଣରେ । ତେଣୁ ତାଙ୍କ ସଙ୍ଗରେ ଯାଇ ଆମେ ଅନେକ

ସୁନ୍ଦର ଜିନିଷ ସୁଲଭ ଦରରେ କିଣିପାରିଥିଲୁ ।

ସେଦିନ ପ୍ରସ୍ତାବ ହେଲା ସପିଂସେଣ୍ଟରକୁ ଯିବୁ । ଆମେ ସେଠାକୁ ଆଗରୁ ଯାଇ ନଥିଲୁ; ତେଣୁ, ଆଗ୍ରହରେ ଯିବାପାଇଁ ବାହାରିଲୁ । ସପିଂସେଣ୍ଟର ମଧ୍ୟରେ ଦେଖିଲୁ ସେଠାରେ ଗାଡ଼ିର ଯାତାୟାତ ନାହିଁ । ନିଶ୍ଚିନ୍ତ ଭାବରେ ଆମେମାନେ ରାସ୍ତାର ବିଭିନ୍ନ ଦିଗରେ ଥିବା ଦୋକାନମାନ ବୁଲିକରି ଦେଖିଲୁ । ଦୋକାନସବୁ ଚାରିପାଞ୍ଚମହଲା ଓ ଖୁବ୍ ବଡ଼ । ଉଠିବାପାଇଁ ଲିଫ୍ଟ ଓ ଏସ୍କେଲେଟର ଅଛି । ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରରେ ଲିଫ୍ଟ ଅଛି । କିନ୍ତୁ ଏସ୍‌କେଲେଟର୍ ଆମ ଦେଶରେ ଖୁବ୍ କମ୍ ସ୍ଥାନରେ ଅଛି । ଏସ୍କେଲେଟରକୁ ଗୋଟିଏ ଗତିଶୀଳ ସିଡ଼ି କହିଲେ ଠିକ୍ ହେବ । ତଳେ ଥିବା ଏସ୍କେଲେଟର୍‌ର ପାହାଚରେ ଠିଆହେଲେ ତାହା ଉପରକୁ ନେଇଯାଏ । ସେହିପରି ଉପରେ ଥିବା ଏସ୍‌କେଲେଟର୍‌ର ପାହାଚରେ ଠିଆହେଲେ ତାହା ତଳକୁ ନେଇଆସେ । ପ୍ରଥମେ ଆମକୁ ଅଡ଼ୁଆ ଲାଗୁଥିଲା—ପରେ ଅଭ୍ୟସ୍ତ ହୋଇଗଲୁ । ସପିଂ ସେଣ୍ଟରରେ ଥିବା ଦୋକାନମାନଙ୍କରେ ପରିବାପତ୍ର, ଯାବତୀୟ ଫଳ, ମନୋହାରୀ ଜିନିଷ, ବହି, ପୋଷାକ-ପତ୍ର, ବିଦ୍ୟୁତ୍ ଉପକରଣ, କୃଷିସାମଗ୍ରୀ ଇତ୍ୟାଦି ସବୁ ଜିନିଷ ମିଳୁଥିବାରୁ ଏମାନଙ୍କୁ ଡିପାର୍ଟମେଣ୍ଟ ଷ୍ଟୋର କୁହାଯାଇପାରେ । ଲକ୍ଷ୍ୟ କଲି, ଏହି ଦୋକାନମାନଙ୍କରେ କିଣିବାକୁ ଆସିଥିବା ଲୋକମାନେ ଦୋକାନ ଭିତରକୁ ଯାଇ ଜିନିଷସବୁ ନିଜେ ଆଣିଥାନ୍ତି । ଦୋକାନର ଭାରପ୍ରାପ୍ତ କର୍ମଚାରୀଙ୍କ ପାଖରେ ଜିନିଷସବୁ ଆଣି ରଖିଲା ପରେ ସେମାନେ ମେସିନ ସାହାଯ୍ୟରେ ଜିନିଷମାନଙ୍କର ମୂଲ୍ୟ ତାଲିକା ଛାପିକରି ସେମାନଙ୍କୁ ଦିଅନ୍ତି ଏବଂ ତାଲିକା ଅନୁସାରେ ଦାମ୍ ନିଅନ୍ତି । ଦୋକାନରେ କାରବାର ଅନେକାଂଶରେ ବିଶ୍ୱାସରେ ହୋଇଥାଏ । କିଣିବାକୁ ଆସିଥିବା ଲୋକମାନେ କେତେ ପରିମାଣର ବା କେତେ ସଂଖ୍ୟାର ଜିନିଷ ଆଣିଛନ୍ତି, ସ୍ୱଇଚ୍ଛାରେ କହିବା ପରେ ଦାମ୍ ଦେଇ ଦୋକାନରୁ ଆସନ୍ତି । ଦୋକାନ ଭିତରେ ଜିନିଷସବୁ ସଜାହୋଇ ରଖାହୋଇଥାଏ । ପୋଷାକମାନ ହ୍ୟାଙ୍ଗର ସାହାଯ୍ୟରେ ବଡ଼ ବଡ଼ ହଲ୍‌ରେ ଧାଡ଼ିଧାଡ଼ି ହୋଇ ଝୁଲିହୋଇଥାଏ । ନିଜ ଇଚ୍ଛା-ମୁତାବକ ତାକୁ ଦେଖି କିଣିହେବ । ଦୋକାନ ଭିତରେ ଏତେ ଗ୍ରାହକ; କିନ୍ତୁ କିଛି ଗୋଳମାଳ ନାହିଁ । ସମସ୍ତେ ଯେପରି ମୌନବ୍ରତ ଅବଲମ୍ବନ କରିଛନ୍ତି ।

ଲୁଗାପଟା କିଣିବାକୁ ଯାଇ ଦେଖିଲୁ, ଚାରି ମହଲାରେ କେବଳ ପୁରୁଷଙ୍କର ପୋଷାକ । କେତେ ସୁନ୍ଦର କାମିଜ, କୋଟ, ସ୍ୱେଟର ଇତ୍ୟାଦି ସେଠାରେ ଟଙ୍ଗାହୋଇଛି । ଇଂଲଣ୍ଡରେ ଅଧିକାଂଶ ସମୟରେ ପ୍ରବଳ ଥଣ୍ଡା ଓ ବର୍ଷା ହେଉଥିବାରୁ ଏକପ୍ରକାର କୋଟ ମିଳେ; ଯାହାର ଗୋଟିଏ ପାଖରେ ବର୍ଷାତି, ଆର ପାଖରେ ପଶମର କୋଟ ଥାଏ । ଏପରି ତିନିଟା କୋଟ କିଣିଲୁ ଭାରତରେ ପ୍ରିୟଜନଙ୍କୁ ଉପହାର ଦେବାପାଇଁ । ଏହି ମହଲାର ତଳେ ତିନି ମହଲାରେ ସ୍ତ୍ରୀଲୋକମାନଙ୍କର ଯାବତୀୟ ପୋଷାକ, ଭଲ ଗାଉନ୍ ଛଡ଼ା ସେଠାରେ ରାତିରେ ପିନ୍ଧିବାର ସୁନ୍ଦର ସୁନ୍ଦର ପୋଷାକ ମଧ୍ୟ ମିଳୁଥାଏ । ଆଜିକାଲି ଭାରତବର୍ଷରେ ମଧ୍ୟ ସ୍ତ୍ରୀଲୋକମାନେ ସେପରି ପୋଷାକ ପିନ୍ଧୁଛନ୍ତି । ସେଥିରୁ

ଦୁଇତିନିଟି ମୋର ସ୍ତ୍ରୀ କିଣିଲେ ଝିଅ ଓ ଝିଆରୀମାନଙ୍କୁ ଦେବାପାଇଁ । ତା'ପରେ ଗଲୁ ଦୁଇ ମହଲାକୁ । ସେଠାରେ ଅଛି ଶ୍ରେଷ୍ଠ ପିଲାଙ୍କ ପୋଷାକ । ସୁନ୍ଦର ସୁନ୍ଦର ପୋଷାକ ପୃଥିବୀର ବିଭିନ୍ନ ଦେଶମାନଙ୍କରୁ ତିଆରି ହୋଇ ଆସିଛି । ଲୋଭ ସମ୍ବରଣ କରି କେବଳ ଅଳ୍ପ କିଛି ଫ୍ରକ୍ ନାତୁଣୀମାନଙ୍କ ପାଇଁ କିଣିଲୁ । ଏହି ମହଲାରେ ମଧ୍ୟ ଅଛି ଯାବତୀୟ ଖେଳନା । ଖେଳନାସବୁ ଏତେ ସୁନ୍ଦର ଯେ ସେସବୁ ଦେଖିଲେ ସେଠାରୁ ଆସିବାକୁ ଇଚ୍ଛା ହେବ ନାହିଁ । ସାଙ୍ଗରେ ନେଇ ହେଲା ଭଳି ଗୋଟିଏ ବଡ଼ କଣ୍ଢେଇ କିଣିଲୁ—ସାନ ନାତୁଣୀର ବରାଦ ଅଛି ।

ତା'ପରେ ଗଲୁ ସବା ତଳ ମହଲାକୁ । ସେଠାରେ ଅଛି ଯାବତୀୟ ମନୋହାରୀ ଜିନିଷ । ସେଠାରେ ମିଳୁଥିବା କପ୍ ପ୍ଲେଟ ଅତି ସୁନ୍ଦର । କେତେକ ତା ମଧ୍ୟରୁ ଅଭଙ୍ଗା ମଧ୍ୟ । ବୋନ ଚାଇନାଶ୍ରେଣୀର କପ୍-ପ୍ଲେଟଗୁଡ଼ିକ ଅତି ସୁନ୍ଦର । ସେସବୁ ସାଙ୍ଗରେ ଆମ ଦେଶକୁ ଆଣିବା ମୁସ୍କିଲ । ତେଣୁ ଅଳ୍ପ କିଛି ଅତର ଓ ନଖରେ ଲଗାଇବା ରଙ୍ଗ କିଣି ସେଦିନ ଘରକୁ ଫେରିଲୁ । ଇଂଲଣ୍ଡରୁ ଫେରିବା କେତେଦିନ ହୋଇଗଲାଣି; କିନ୍ତୁ ସେଠାରେ ଥିବା **Mark and Spencer, Little Wood's, Burton's, C. and A, Woolworth** ଇତ୍ୟାଦି ଦୋକାନମାନଙ୍କ କଥା ବରାବର ମନେ-ପଡ଼େ । ସେହି ଦୋକାନସବୁ ବୁଲି ଦେଖିଲାବେଳେ କ୍ଲାନ୍ତ ଅନୁଭବକଲେ ସପିଂ ସେଣ୍ଟରର ପ୍ରାଙ୍ଗଣରେ ବେଞ୍ଚରେ ବସୁ କିଛି ସମୟ ପାଇଁ । ସେହି ପ୍ରାଙ୍ଗଣରେ ଗୁଡ଼ି ଗୁଡ଼ି ଲମ୍ବା ଲମ୍ବା ସିମେଣ୍ଟ କୁଣ୍ଡମାନଙ୍କରେ ଲଗାହୋଇଥାଏ କେତେ ରଙ୍ଗର ଫୁଲ । ବାହାରର ଶୀତଳ ପବନ ମଧ୍ୟ ଭଲଲାଗେ । ବେଶୀ ଭଲଲାଗେ ସେ ସ୍ଥାନର ପରିବେଶ । ଯେଉଁଆଡ଼େ ଚାହିଁଲେ ଦିଶିବ ସୁସ୍ଥ, ସୁଶ୍ରୀ ଓ ସୁନ୍ଦର ପୋଷାକ ପିନ୍ଧିଥିବା ନରନାରୀ, ବାଳକବାଳିକା । ସମସ୍ତେ ଏହି ବଜାରରେ ମଧ୍ୟ ଜୀବନକୁ ଉପଭୋଗ କରୁଛନ୍ତି । ସେଠାରେ ଅନ୍ୟମାନଙ୍କ ପରି ଆଇସକ୍ରିମ କିଣି ଖାଉ—ବଡ଼ ସୁସ୍ୱାଦୁ—ମୋ ସ୍ତ୍ରୀଙ୍କର ବଡ଼ ପ୍ରିୟ ।

ତାପରେ ମାଛ-ମାଂସ ଦୋକାନ ଦେଖିଲୁ ସେଣ୍ଟଜନ୍ସ ମାର୍କେଟରେ । ପ୍ଲାଷ୍ଟିକ୍ ଖୋଳ ଭିତରେ ବିଭିନ୍ନ ପ୍ରକାରର ମାଛ ମାଂସ ଥାଏ ଦାମ୍ ଓ ଓଜନ ଲେଖାହୋଇ । କେତେକ କଞ୍ଚା, କେତେକ ଅଧାରନ୍ଧା ଓ ଆଉ କେତେକ ସମ୍ପୂର୍ଣ୍ଣ ରନ୍ଧା । ସବୁ ପରିଷ୍କାର-ପରିଚ୍ଛନ୍ନ । ଆମ ଦେଶର ମାଛ ମାର୍କେଟ କଥା ମନେପଡ଼ିଲା—କେତେ ଗନ୍ଧ, କେତେ ଅପରିଷ୍କାର···ବଡ଼ ସହରରେ ମଧ୍ୟ । ଏହି ମାର୍କେଟରେ ପନିପରିବା ମଧ୍ୟ ମିଳେ । ପନିପରିବା ମଧ୍ୟରେ ଥାଏ ଆଳୁ, ପିଆଜ, ଗାଜର, ଛତୁ, ଫୁଲକୋବି ଓ ବନ୍ଧାକୋବି । ବନ୍ଧାକୋବି-ମାନଙ୍କ ମଧ୍ୟରେ ତିନି ରକମର ବନ୍ଧାକୋବି ଦେଖିଲି । ଗୋଟିଏ ପ୍ରକାର ବନ୍ଧାକୋବି ଆମ ଦେଶ କୋବି ପରି । ଆଉ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ । ତନ୍ମଧ୍ୟରେ ଗୋଟିଏ ବାଇଗଣିଆ ରଙ୍ଗର; ଆଉଟିର ପତ୍ରର ଶିରା ବଡ଼ ବଡ଼ ଓ ପତ୍ରର ରଙ୍ଗ ଗାଢ଼ ସବୁଜ ରଙ୍ଗର । ଏହାକୁ **spring cabbage** (ସ୍ପ୍ରିଙ୍ଗ କ୍ୟାବେଜ ) କହନ୍ତି । ଏହା ବେଶ୍ ସୁସ୍ୱାଦୁ । ଭାରତୀୟ ପରିବା ଭେଣ୍ଡି, କଖାରୁ, ସାରୁ, ପୋଟଳ, ଜହ୍ନି ଇତ୍ୟାଦି ଇଂରେଜ ଦୋକାନ-

ମାନଙ୍କରେ ମିଳେନାହିଁ । ଗୋଟିଏ ଭାରତୀୟ ଦୋକାନ ଲିଭରପୁଲରେ ଅଛି—ସେଠାରେ ଅଳ୍ପ ପରିମାଣରେ ଏହି ପରିବା ମିଳେ । ଦାମ୍ ଅତ୍ୟଧିକ ବେଶୀ । ଏହି ମାର୍କେଟରେ ଏ ଦେଶର ନାନା ଜାତିର ଫଳ ମିଳେ; ଯଥା ସେଓ, ଚେରି, ଅଙ୍ଗୁର, ପିଚ୍, ପିଅର, ପ୍ଲମ, ଷ୍ଟ୍ରବେରି ଓ ରାସ୍ପବେରି ପ୍ରଭୃତି । ଏ ସୁସ୍ୱାଦୁ ଫଳ ସବୁ ଭାରତର କାଶ୍ମୀର ପ୍ରଭୃତି ଥଣ୍ଡା ଜାଗାମାନଙ୍କରେ ବହୁ ପରିମାଣରେ ଫଳିଥାଏ । ଇଂଲଣ୍ଡ ଅପେକ୍ଷା ଏଠାରେ ଦାମ୍ ମଧ୍ୟ ବହୁତ କମ୍ ।

ଲିଭର୍‌ପୁଲ୍ ବଜାରରେ ମିଳୁଥିବା ମାଛ, ମାଂସ ଓ ପରିବା ଦର ସେଦିନ ବୁଝିଥିଲି । ନିମ୍ନରେ ଦିଆହୋଇଥିବା ତାଲିକାରୁ ସେଠିକାର ମୂଲ୍ୟସୂଚୀ ବିଷୟରେ କିଛି ଜାଣିହେବ । ଦାମ୍ ସବୁ ଭାରତୀୟ ମୁଦ୍ରାରେ ଦିଆହୋଇଛି :

| | | |
|---|---|---|
| ଫୁଲକୋବି (ମଝିଁଲା ଆକାରର) ଗୋଟାକୁ | | ଟ ୭.୫୦ |
| ବନ୍ଧାକୋବି (ମଝିଁଲା ଆକାରର ) ଗୋଟାକୁ | | ଟ ୯.୦୦ |
| ବିଲାତିବାଇଗଣ ୧ କେଜି | | ଟ ୯.୦୦ |
| ଆଳୁ ୧ କେଜି | | ଟ ୧.୮୦ |
| ଭେଣ୍ଡି ୧ କେଜି | | ଟ ୧୯.୫୦ |
| ବାଇଗଣ (ଇଂଲଣ୍ଡରେ **Aubergine** ଓ ଆମେରିକାରେ **Egg-Fruit** କହନ୍ତି ) | ୧ କେଜି | ଟ ୧୯.୫୦ |
| ପାଚିଲାକଦଳୀ | ୧ ଗୋଟା (ବଡ଼) | ଟ ୧.୮୦ |
| ମଧୁର ମାଛ ଟ୍ରାଉଟ୍ (**Trout**) | ୧ କେଜି | ଟ ୩୧.୫୦ |
| ଲୁଣି ମାଛ ହେରିଂ (**Herring**) | ୧ କେଜି | ଟ ୧୯.୫୦ |
| ଲୁଣି ମାଛ ହେକ୍ (**Hake**) | ୧ କେଜି | ଟ ୨୮.୫୦ |
| ଲୁଣି ମାଛ ମଲେଟ୍ (**Mollet**) | ୧ କେଜି | ଟ ୧୮.୫୦ |
| ଲୁଣି ମାଛ ସାମନ୍ (**Salmon**) | ୧ କେଜି | ଟ ୯୯.୦୦ |
| ମେଣ୍ଢା ମାଂସ (ଆଗଫଡ଼ିଆ) | ୧ କେଜି | ଟ ୪୨.୦୦ |
| ମେଣ୍ଢା ମାଂସ (ଗୋଡ଼) | ୧ କେଜି | ଟ ୪୯.୫୦ |
| ମେଣ୍ଢା ମାଂସ (ଗୋଟା) | ୧ କେଜି | ଟ ୨୮.୫୦ |
| କୁକୁଡ଼ା ମାଂସ | ୧ କେଜି | ଟ ୧୯.୫୦ |
| ଅଣ୍ଡା | ୧ ଡଜନ | ଟ ୧୯.୫୦ |
| ଗୁଡ଼ଲି | ୧ କେଜି | ଟ ୯.୦୦ |
| ଦୁଧ | ୧ ଲିଟର | ଟ ୩.୩୦ |

ଲକ୍ଷ୍ୟ କରିବାର କଥା, ପରିବା ମଧ୍ୟରେ ଆଳୁ ଖୁବ୍ ଶସ୍ତା । କୁକୁଡ଼ା-ମାଂସ ମଧ୍ୟ ଅନ୍ୟ ସମସ୍ତ ମାଂସଠାରୁ ଖୁବ୍ ଶସ୍ତା । କୁକୁଡ଼ାର ବିଭିନ୍ନ ଅଂଶ ପ୍ୟାକେଟ୍ ହୋଇ

ଅଲଗା ହୋଇ ବାହାରି ହୋଇଥାଏ । କୁକୁଡ଼ା ଗୋଡ଼ ଗ୍ରିଲ୍ ବା ବିଦ୍ୟୁତ୍ ଚୁଲିରେ ସିଦ୍ଧ ହୋଇ ବାହାରି ହୋଇଥାଏ । ଏହି କୁକୁଡ଼ା ଗୋଡ଼କୁ **drum stic** କୁହାଯାଏ । ଏହା ବଡ଼ ଭଲଲାଗେ । ମାଛ ମାଂସ ବହୁଳ ପରିମାଣରେ ବଜାରରେ ମିଳେ । ତେଣୁ ଏସବୁ କିଣିବାରେ କୌଣସି ଅସୁବିଧା ହୁଏ ନାହିଁ । ରନ୍ଧା ମାଛ ମଧ୍ୟରେ ଫିସ୍ ଫିଙ୍ଗର **(fish finger)**, ଫିସ୍ କେକ୍ **(fish cake)** ଓ ଫିସ୍ ଏଣ୍ଡ ଚପ୍ସ **(fish and chips)** ଭଲ ଲାଗେ ଓ ବଡ଼ ଜନପ୍ରିୟ । ସରୁ ଓ ଲମ୍ବା ମାଛଖଣ୍ଡରେ ପାଉଁରୁଟି ଗୁଣ୍ଡ ଦେଇ ଫିସ ଫିଙ୍ଗର୍ ତିଆରି ହୋଇଥାଏ । କିମା ମାଛରେ ପାଉଁରୁଟି ଗୁଣ୍ଡ, ବାଦାମ, ଚିନି, ସେଓଫଳ ଇତ୍ୟାଦି ଦେଇ ଫିସ୍ କେକ୍ ତିଆରି କରାହୋଇଥାଏ । ଏ ସବୁ ଆମକୁ ଖାଇବାକୁ ବଡ଼ ଭଲ ଲାଗୁଥିଲା । ଇଂଲଣ୍ଡରେ ଫିସ୍ ଏଣ୍ଡ ଚପ୍ସ ଲୋକଙ୍କର ବଡ଼ ପ୍ରିୟ ଖାଦ୍ୟ । ଗୋଟା ଗୋଟା ଭଜା ମାଛ ସହିତ ଆଳୁଭଜାକୁ ଫିସ୍ ଏଣ୍ଡ ଚପ୍ସ କହନ୍ତି ।

ସେଣ୍ଟଜନ୍ସ ମାର୍କେଟରୁ ଫେରିବା ପରେ ସେଠାରେ ଗୋଟିଏ ଛୋଟ ଏକମହଲା ଦୋକାନ ଦେଖିଲୁ । ଦୋକାନର ନାମ ମଦର୍ସ କେୟାର **(Mother's Care)** । ଦୋକାନଟି ଛୋଟ ହେଲେ ବି ତାର ବୈଶିଷ୍ଟ୍ୟ ଅଛି । ଗର୍ଭବତୀ ସ୍ତ୍ରୀ ଓ ନବଜାତ ଶିଶୁମାନଙ୍କ ପାଇଁ ଯାବତୀୟ ଜିନିଷ ସେଠାରେ ମିଳେ ।

ଆଉ ଦିନେ ଜୋଇଁଙ୍କ ସଙ୍ଗରେ ଏଠାରେ ଥିବା ଆର୍ଗସ ଦୋକାନକୁ ଆସିଥିଲୁ । ଦୋକାନର ଦ୍ୱାରଦେଶରେ ମୂଲ୍ୟ-ତାଲିକା ଅଛି । ମୂଲ୍ୟ-ତାଲିକା ଦୋକାନରେ ଦେଖି ହେବ କିମ୍ବା ଘରକୁ ନେଇ ଦେଖିହେବ । ମୂଲ୍ୟ-ତାଲିକାରୁ ଜିନିଷର ନାମ ଲେଖି ଭାରପ୍ରାପ୍ତ କର୍ମଚାରୀଙ୍କୁ ଦେଲେ ଅବିଳମ୍ବେ ଯନ୍ତ୍ର ସାହାଯ୍ୟରେ ଜିନିଷ ତଳୁ ଆସିଯିବ— ଦୀର୍ଘସମୟ ଧରି ଅପେକ୍ଷା କରିବା ନାହିଁ, କଥାବାର୍ତ୍ତା ନାହିଁ, ବିଶୃଙ୍ଖଳା ନାହିଁ । ଏହି ଦୋକାନରୁ ସେଦିନ ମୁଁ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର **(binocular)** କିଣିଥିଲି ଇଉରୋପ ଭ୍ରମଣରେ ଯିବାର ଅଳ୍ପ ଆଗରୁ । ଦାମ୍ ପଡ଼ିଥିଲା ୨୩ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ୩୬୮ ଟଙ୍କା । ଲକ୍ଷ୍ୟ କଲି ଏହି ଦୋକାନରେ ବିଦ୍ୟୁତ୍ ଉପକରଣ, ଘଣ୍ଟା, କ୍ୟାମେରା ଆଦି ମୂଲ୍ୟବାନ୍ ଯନ୍ତ୍ରପାତି ଭଲ ମିଳେ ।

ଲକ୍ଷ୍ୟ କରିବାର କଥା, ଇଂଲଣ୍ଡରେ ପାଣି ପରିବର୍ତ୍ତେ ଲୋକମାନେ ଫଳରସ, ଚା' ଓ କଫି ପିଇଥାନ୍ତି । ତେଣୁ ନାନା ରକମର ଫଳରସ ଦୋକାନମାନଙ୍କରେ ମିଳେ । ଦାମ୍ ମଧ୍ୟ ବେଶୀ ନୁହେଁ । ଭାରତରୁ ଆମେ ଯାଇଥିବାରୁ ଆମକୁ ପ୍ରଥମେ ଅଡ଼ୁଆ ଲାଗୁଥିଲା । ପରେ ଆମେ ମଧ୍ୟ ଫଳରସ ଅନେକ ସମୟରେ ପିଇଲୁ । ଫଳରସ ନିୟମିତ ଭାବରେ ପିଇବା ହେତୁ ସମସ୍ତଙ୍କର ସ୍ୱାସ୍ଥ୍ୟ ଏଠାରେ ଭଲ ରହେ । ଇଂଲଣ୍ଡ ଗୋଟିଏ ଶୀତପ୍ରଧାନ ଦେଶ ଓ ଏଠାରେ ପ୍ରବଳ ଶୀତ ହେଉଥିବାରୁ ପ୍ରାୟ ଝାଳ ବୁହେନାହିଁ ଓ ଖୁବ୍ କମ୍ ଶୋଷ ଲାଗେ । ତେଣୁ ପାଣି ନ ପିଇ କେବଳ ଫଳରସ ପିଇଲେ ମଧ୍ୟ ଅସୁବିଧା ହୁଏନାହିଁ । □□□

ଉତ୍କଳ ... ସଂଘ, ...
ପାଠାଗାର
ସଂ ........ 9526
ତା ........ 31-5-62

# ଚତୁର୍ଥ ଅଧ୍ୟାୟ

## ଇଂଲଣ୍ଡର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି

### ଲେକ୍ ଡିଷ୍ଟ୍ରିକ୍ଟ

ଆମର ଇଂଲଣ୍ଡ-ରହଣି ମଧ୍ୟରେ ଅନେକ ଦର୍ଶନୀୟ ସ୍ଥାନ ଦେଖିବାର ସୁଯୋଗ ମିଳିଥିଲା । ସେ ସବୁ ସ୍ଥାନକୁ ଆମର ଦୁଇ ପଡ଼ୋଶୀ ଆମକୁ ସଙ୍ଗରେ ନେଇଥିଲେ । ଉଭୟ ସ୍ଥାନୀୟ କଲେଜର ଅଧ୍ୟାପକ । ଆଲେନ୍ ଭୂଗୋଳ ବିଭାଗର ମୁଖ୍ୟ ଅଧ୍ୟାପକ ଓ ବାରବାରା ଇତିହାସ ବିଭାଗର ଅଧ୍ୟାପିକା—ଇଂଲଣ୍ଡ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଜାଣନ୍ତି । ତା ଛଡ଼ା ଲକ୍ଷ୍ୟ କଲି ଆମକୁ ସଙ୍ଗରେ ନେଇ ସେ ସବୁ ସ୍ଥାନ ଦେଖାଇବାରେ ତାଙ୍କର ବିଶେଷ ଆନନ୍ଦ । ଉଭୟ ବଡ଼ ସ୍ନେହୀ ଓ ମେଳାପି । ତାଙ୍କ ସଙ୍ଗରେ ଗଲେ ଆମେ ଭୁଲିଯାଉ ସେମାନେ ଆଉ ଗୋଟିଏ ଦେଶର ଲୋକ । ସେମାନେ ଆମକୁ ଶେଷ-ପର୍ଯ୍ୟନ୍ତ ତାଙ୍କର ସ୍ନେହବନ୍ଧନରେ ବାନ୍ଧି ରଖିଥିଲେ । ଆସିଲାବେଳେ ତାଙ୍କଠାରୁ ବିଦାୟ ନେବା ବଡ଼ ଦୁଃଖଦାୟକ ହୋଇଥିଲା । ମୋ ସ୍ତ୍ରୀ ବାରବାରାଙ୍କୁ ନିଜର ଆତ୍ମୀୟା ଭାବରେ ସବୁବେଳେ ଜ୍ଞାନକରନ୍ତି । ହଜାର ହଜାର ମାଇଲ ଦୂରରେ ଥାଇ ମଧ୍ୟ ସେ ସ୍ମୃତି ସବୁବେଳେ ତାଙ୍କ ମନରେ ଜାଗରୁକ ଅଛି । କଅଣ କଅଣ ଜିନିଷ ସେ ଭଲ ପାଆନ୍ତି, ସେ କଥା ଭାବି ତାଙ୍କ ପାଖକୁ କାହା ହାତରେ ଏଠାରୁ ପଠାଇହେବ ସେ ବିଷୟରେ ସବୁବେଳେ ଉଦ୍‌ବିଗ୍ନ । ଆମେ ସେଠାରେ ରହିବା ଭିତରେ ବାରବାରାଙ୍କ ଦେହ ଅସୁସ୍ଥ ହେଲା । ଜଣେ ସ୍ଥାନୀୟ ଡାକ୍ତରଙ୍କର ଘରୋଇ ଡାକ୍ତରଖାନାରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା । ବାରବାରା ଡାକ୍ତରଖାନାରୁ ଘରକୁ ଆସିଲା ପରେ ମୋ ସ୍ତ୍ରୀ ତାଙ୍କୁ ନିଜ ଝିଅ ଭଳି ସେବା-ଶୁଶ୍ରୂଷା କରିବାକୁ ଲାଗିଲେ । ଉଭୟଙ୍କ ମଧ୍ୟରେ ସେ ଦିନରୁ ବଢ଼ିଚାଲିଲା ସ୍ନେହ ଓ ମମତା । ଉଭୟ ଗୋଟିଏ ପରିବାରର ଲୋକ ବୋଲି ପରସ୍ପରକୁ ମନେକଲେ । ଲୌକିକତାକୁ ଉପେକ୍ଷା କରି ବାରବାରା ଅନେକ ସମୟରେ ଆସିଲେ ଓ ଆମ ପରିବାରର ଲୋକଭଳି ସବୁ ବିଷୟରେ କଥାବାର୍ତ୍ତା ହେଲେ—ସବୁ ବିଷୟରେ ଜଡ଼ିତ ହେଲେ । ଆଲେନ୍‌ଙ୍କର ମଧ୍ୟ ଅନୁରୂପ ଭାବ ଲକ୍ଷ୍ୟ କଲି । ସେ ମଧ୍ୟ ପ୍ରତ୍ୟେକଟି କଥାରେ ଆମ ପାଖକୁ ଦଉଡ଼ିଆସୁଥିଲେ । ଉଭୟଙ୍କର ସ୍ନେହ ଓ ମମତା ଭୁଲିବାର ନୁହେଁ । ଆମେ ସେଠାରେ ଥିବା ସମୟରେ ସେମାନେ ଆମକୁ ଅନେକ ଉପହାର ଦେଇଛନ୍ତି—ପ୍ରତ୍ୟେକଟି ଉପହାର ଆମକୁ ଭଲଲାଗିଲା ଭଳି, ଆମର ରୁଚି ଜାଣି

ଦେଇଥିଲେ । ଇଂଲଣ୍ଡକୁ ଆମେ ପ୍ରଥମେ ଆସିଲାବେଳେ ଆମଠାରୁ ଓ ଆମ ହିଅ-କୋଟିଙ୍କଠାରୁ ତାଙ୍କର ସ୍ୱାଭାବିକ ଦୂରତା ଥିଲା । କ୍ରମେ ଲୌକିକତାର ପ୍ରାଚୀର ଭାଙ୍ଗିଗଲା । ସେ ବହୁତ ନିକଟ ହୋଇଗଲେ । ଏହି ଦୁଇ କଲେଜ ଶିକ୍ଷକ ଆଉ ଜଣେ ଅଧ୍ୟାପିକା ମେଭିସ୍‌ଙ୍କୁ ମଧ୍ୟ ଆମ ସାଙ୍ଗରେ ଦେଖାକରାଇଲେ । ସେ ସ୍ଥାନୀୟ ପଲିଟେକ୍‌ନିକ୍‌ର ଇଂରାଜୀ ଅଧ୍ୟାପିକା । ଏମାନେ ସମସ୍ତେ ସମଧର୍ମୀ ହୋଇଥିବାରୁ ଭାବ ଆଦାନପ୍ରଦାନରେ ବିଶେଷ ଆନନ୍ଦ ଅନୁଭବ କରୁଥିଲୁ । ମନେଅଛି, ମେଭିସ୍ ଥରେ ଆମକୁ ନିମନ୍ତ୍ରଣ କରିଥିବା ଦିନ ଦୁଇଜଣ କଲେଜ ଶିକ୍ଷକଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ସେମାନେ ସ୍ୱାମୀ ଓ ସ୍ତ୍ରୀ । ସ୍ତ୍ରୀ ଅପୂର୍ବ ସୁନ୍ଦରୀ, ଗ୍ରୀସ୍‌ଦେଶୀୟ । ଏତେ ବ୍ୟକ୍ତି ନିମନ୍ତ୍ରିତ ହୋଇଥିବା ସତ୍ତ୍ୱେ ଉଭୟେ ମୋ ସଙ୍ଗରେ ଆସି ଆଗ୍ରହରେ କଥା କହୁଥାନ୍ତି । ସେଠି ଉପସ୍ଥିତ ଥିବା କେତେକ ଶିକ୍ଷୟିତ୍ରୀ ମଧ୍ୟ ଆମ କଥାରେ ଆଗ୍ରହରେ ଯୋଗଦେଉଥାନ୍ତି । ମନେଅଛି ସ୍ତ୍ରୀଙ୍କ ନାମ ସିନ୍ଥିଆ—ସ୍ୱାମୀଙ୍କ ନାମ ମନେନାହିଁ ।

ଆଲେନ୍ ପ୍ରସ୍ତାବ କଲେ ରବିବାରେ ଲେକ୍ ଡିଷ୍ଟ୍ରିକ୍ଟକୁ ଯିବା । ପ୍ରସିଦ୍ଧ କବି ଉଇଲିୟମ୍ ଓ୍ୱାର୍ଡ଼ସ୍‌ଓ୍ୱର୍ଥ (William Wordsworth)ଙ୍କର କ୍ରୀଡ଼ାଭୂମି ଥିଲା ଏହି ଲେକ୍ ଡିଷ୍ଟ୍ରିକ୍ଟ । ତାହା ଦେଖିବାକୁ ବହୁ କାଳରୁ ଆଶା ପୋଷଣ କରିଥିଲି । ଆଗ୍ରହର ସହିତ ତାଙ୍କ ପ୍ରସ୍ତାବ ଗ୍ରହଣ କଲି ।

ଇଂଲଣ୍ଡର କବିମାନଙ୍କ ମଧ୍ୟରେ ଓ୍ୱାର୍ଡ଼ସ୍‌ଓ୍ୱର୍ଥ ବିଶେଷ ପ୍ରସିଦ୍ଧ ଓ ଜନପ୍ରିୟ । ସେ ପ୍ରକୃତି-ଉପାସକ ଭାବରେ ଇଂରାଜୀ ସାହିତ୍ୟରେ ଶ୍ରେଷ୍ଠ ଆସନ ଲାଭକରିଛନ୍ତି । ପଲ୍ଲୀଜୀବନ ଓ ପଲ୍ଲୀଦୃଶ୍ୟ ତାଙ୍କୁ ମୁଗ୍ଧ କରିଥିଲା । ସେ ପ୍ରକୃତିକୋଡ଼ରେ ଯେଉଁ ଅସୀମ ଆନନ୍ଦ ଲାଭକରୁଥିଲେ, ତାହା ତାଙ୍କର ନାନା କବିତାରେ ପ୍ରକାଶ କରିଛନ୍ତି । ତାଙ୍କ ମତରେ ପ୍ରକୃତି-ଉପାସକର ଜୀବନ ନିର୍ମଳ ଓ ଶୁଦ୍ଧ । ସେ କବିତା ଲେଖିଥିଲେ ସରଳ ଓ ବୋଧଗମ୍ୟ ଭାଷାରେ । ତାଙ୍କର ଦୃଢ଼ବିଶ୍ୱାସ ଥିଲା ଯେ କବିତାର ଭାଷା ପଲ୍ଲୀଜୀବନରେ ବ୍ୟବହୃତ ଭାଷା ହେବା ଉଚିତ; କାରଣ ଏହା ହୃଦୟରୁ ସ୍ୱତଃ ବାହାରିଥାଏ ଓ ଅନାବିଲ ଭାବପ୍ରବଣତା ଦ୍ୱାରା ରଞ୍ଜିତ ହୋଇଥାଏ । ଏପରି ଭାଷା ସରଳ ଓ ସ୍ୱଚ୍ଛ । କୌଣସି ଲେଖକର ଭାଷା ଦ୍ୱାରା ଏହା ପ୍ରଭାବିତ ନୁହେଁ; କାରଣ ଏହି ପଲ୍ଲୀବାସୀମାନେ ଶିକ୍ଷିତ ନୁହନ୍ତି ।

ଏହି ମହାକବିଙ୍କର ଶ୍ରେଷ୍ଠ କାବ୍ୟ 'ଦି ପ୍ରେଲ୍ୟୁଡ଼' (The Prelude) । ଏହି କାବ୍ୟରେ ସେ ନିଜ କବିପ୍ରତିଭାର ବିକାଶ ବିଷୟରେ ଲେଖିବାକୁ ଯାଇ ଅମର କବିତା ରଚନା କରିଯାଇଛନ୍ତି । ପ୍ରକୃତିର ରୁଦ୍ର-ସୁନ୍ଦର ରୂପ ମାଧ୍ୟମରେ ସେ ନୈତିକ ଶିକ୍ଷାଲାଭ କରିଥିଲେ ବୋଲି କବି ଏହି କାବ୍ୟରେ ଉଲ୍ଲେଖ କରିଛନ୍ତି । ଏହି ନୈତିକ ଶିକ୍ଷା ସେ କିପରି ଲାଭ କଲେ ତାହା ଏହି କାବ୍ୟରେ କବି ଅବିସ୍ମରଣୀୟ ଭାବରେ ବର୍ଣ୍ଣନା କରିଛନ୍ତି :

"A huge peak, black and huge,
As if with voluntary power instinct
Upreared its head." (Prelude 1.378)

"The grim shape
Towered up between me and the stars, and still,
For so it seemed, with purpose of its own
And measured motion like a living thing,
Strode after me." (Prelude 1.381)

'ସେ ଥରେ ଗୋଟିଏ ନୌକା ଗ୍ରହଣକରି ନଦୀ ଭିତରେ ଅଗ୍ରସର ହେଉଥିବା ସମୟରେ ହଠାତ୍ ଅନୁଭବ କଲେ ଘନକୃଷ୍ଣ ରଙ୍ଗର ଗୋଟିଏ ବୃହତ୍‌କାୟ ପର୍ବତ ତାଙ୍କର ପଶ୍ଚାତ୍‌ଧାବନ କରୁଛି ତାଙ୍କୁ ତାଙ୍କର ପାପକର୍ମ ବିଷୟରେ ସଚେତନ କରିବାପାଇଁ ।' —ଉଦ୍ଧୃତ ଅମର କବିତାରେ ସେ ଏହାହିଁ ବର୍ଣ୍ଣନା କରିଅଛନ୍ତି ।

ସେ ଆନନ୍ଦରେ ବିଭୋର ହୋଇଥିଲେ ଅନେକ ପଲ୍ଲୀଦୃଶ୍ୟ ଦେଖି । ତାଙ୍କର Cuckoo କବିତାରେ ସେ ଲେଖିଛନ୍ତି କିପରି ଏହି ପକ୍ଷୀର ମଧୁର ସଙ୍ଗୀତ ଶୁଣିଲାବେଳେ ତାଙ୍କୁ ପୃଥିବୀର ବହୁତ ଉଚ୍ଚରେ ଥାଇ ନୈସର୍ଗିକ ଜୀବନ ଯାପନ କରିବାପରି ବୋଧହେଉଥିଲା । **The Daffodils** କବିତାରେ ମଧ୍ୟ ସେହି ଭାବ, ସେହି ଆନନ୍ଦ । ପ୍ରକୃତି କୋଳରେ ଜୀବନଯାପନ କରୁଥିବା ସମସ୍ତ ଲୋକଙ୍କୁ ସେ ପ୍ରାଣର ସହିତ ଭଲପାଉଥିଲେ । **The Solitary Reaper** କବିତାରେ ସେ ଗୋଟିଏ ପଲ୍ଲୀ ବାଳିକାର ସଙ୍ଗୀତରେ ମୁଗ୍ଧ । ବାଳିକାଟି ଶସ୍ୟକ୍ଷେତ୍ରରେ କାର୍ଯ୍ୟରତ ଓ ସେହି ନିର୍ଜନ ପରିବେଶରେ ସୁମଧୁର ଗୀତ ଗାଇ ଥାଇ ଆନନ୍ଦରେ ବିଭୋର । ସଙ୍ଗୀତର ଭାଷା ବୁଝି ନ ପାରିଲେ ମଧ୍ୟ କବି ସେହି ନିର୍ଜନ ପରିବେଶ ଓ ପଲ୍ଲୀ ବାଳିକାର ମଧୁର କଣ୍ଠସ୍ୱରରେ ମୁଗ୍ଧ । ତାଙ୍କର ଏପରି ଅନେକ କବିତା ପାଠକେ ପଢ଼ିଥିବେ । ତାଙ୍କର କବିତା ସ୍କୁଲ ଓ କଲେଜର ବିଭିନ୍ନ ଶ୍ରେଣୀରେ ମଧ୍ୟ ପଢ଼ାଯାଏ । ତାଙ୍କର ଜୀବନୀ ଓ ସାହିତ୍ୟ-ପ୍ରତିଭା ବିଷୟରେ ଅନେକ ବହି ଲେଖାହୋଇଛି । ସେ ବିଷୟରେ ପାଠକମାନେ ସମସ୍ତେ ଜାଣନ୍ତି ।

୧୯୮୨ ସାଲ ଜୁନ୍ ୨୭ ତାରିଖ, ସକାଳ ୮ଟାବେଳେ ଦୁଇଟି ଗାଡ଼ିରେ ଆଲେନ୍ ଓ ବାରବାରାଙ୍କ ସଙ୍ଗରେ ଲେକ୍ ଡିଷ୍ଟ୍ରିକ୍ଟ ଦେଖିବାକୁ ବାହାରିଲୁ । ବାରବାରାଙ୍କର ବାଲ୍ୟକାଳରୁ ମେଭିସ୍ ତାଙ୍କର ସହପାଠିନୀ । ତାଙ୍କୁ ମଧ୍ୟ ସେ ନିମନ୍ତ୍ରଣ କରିଥାଆନ୍ତି । ମେଭିସ୍ ଇଂରାଜୀ ଅଧ୍ୟାପିକା; ତେଣୁ ସେ ଯିବାରୁ ଆନନ୍ଦିତ ହେଲି । ମେଭିସ୍ ମଧ୍ୟ ବେଶ୍ ମେଳାପୀ । ମୁହଁରେ ସବୁବେଳେ ହସ । ପ୍ରତ୍ୟେକ କାର୍ଯ୍ୟରେ ଉତ୍ସାହ । ପରେ ଦେଖିଲି, ତାଙ୍କର ଅନେକ ପଡ଼ୋଶୀଙ୍କୁ ସେ ବହୁଭାବରେ ସାହାଯ୍ୟ କରନ୍ତି । ସେମାନେ ବୃଦ୍ଧ ଓ ଅକ୍ଷମ;

ତେଣୁ ସେମାନଙ୍କୁ ସାହାଯ୍ୟ କରିବା ଗୋଟିଏ ପବିତ୍ର କର୍ତ୍ତବ୍ୟ ବୋଲି ମେଥିଡସ୍ ମନେକରନ୍ତି । ଆମ ସଙ୍ଗରେ ଝିଅ ଓ ଜୋଇଁ ମଧ୍ୟ ଯାଇଥାନ୍ତି । ଲିଭରପୁଲରୁ ୧୦୦ ମାଇଲ ଦୂରରେ ଲେକ୍ ଡିଷ୍ଟ୍ରିକ୍ଟ ଇଂଲଣ୍ଡର ଉତ୍ତର-ପଶ୍ଚିମ ଉପକୂଳରେ ଥିବା କମ୍ବ୍ରିଆ ପ୍ରଦେଶରେ । ସୁନ୍ଦର ଜାଗା । ନାମକୁ ସାର୍ଥକ କରି ସେଠି ଅଛି ଅନେକଗୁଡ଼ିଏ ହ୍ରଦ ଲଗାଲଗି ହୋଇ । ଏହି ଲେକ୍ ଡିଷ୍ଟ୍ରିକ୍ଟର ଆୟତନ ୨୨୪୨ ବର୍ଗମାଇଲ । ଏଠାରେ ଓ୍ୱିଣ୍ଡର ମିୟର, କନିଷ୍ଟନ, ଉଲ୍‌ସଓ୍ୱାଟର ଓ ଡରଓ୍ୱେଣ୍ଟଓ୍ୱାଟର ପ୍ରଭୃତି ବଡ଼ ହ୍ରଦ ଅଛି । ତା ଛଡ଼ା ସ୍କାଫେଲ ପାଇକ୍, ହେରଭେଲିନ୍ ଓ ସ୍କିଡ଼ ପର୍ବତମାଳା ଏ ସ୍ଥାନର ଶୋଭାବର୍ଦ୍ଧନ କରୁଛନ୍ତି । ଏହି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳରେ ବାସକରି କବିତା ରଚନା କରିଥିବାରୁ ଓ୍ୱାର୍ଡ଼ସ୍‌ଓ୍ୱର୍ଥ, କଲେରିଜ୍ ଓ ସଦିଙ୍କୁ 'ଦି ଲେକ୍ ପୋଏଟ୍‌ସ' (The Lake Poets) ଆଖ୍ୟା ଇଂରାଜୀ ସାହିତ୍ୟରେ ଦିଆହୋଇଥାଏ ।

ଚାରିଆଡ଼େ ପର୍ବତ ଓ ଉପତ୍ୟକା ଓ ତାକୁ ପାର ହେବା ପାଇଁ ବଙ୍କଗତିରେ ଯାଇଥାଏ ରାସ୍ତା । ରାସ୍ତା କଡ଼ରେ ନାନା ପ୍ରକାରର ଗଛ ଓ ସ୍ଥାନେ ସ୍ଥାନେ ଥାଏ ସୁନ୍ଦର ସୁନ୍ଦର ଫୁଲ । କେଉଁଠାରେ କୋଳାହଳ ନାହିଁ । ଏହି କାରଣରୁ କବି ଆନନ୍ଦରେ ତାଙ୍କର ଜୀବନ ଏଠାରେ କଟାଇଦେଇଥିଲେ ଓ ରଚନା କରିଥିଲେ ଅମର କବିତା ଇଂଲଣ୍ଡର ମନମୋହିନୀ ପଲ୍ଲୀ-ଜୀବନ ବିଷୟରେ । ଓ୍ୱିଣ୍ଡରମିୟର ହ୍ରଦ ଅତିକ୍ରମ କରି ପ୍ରଥମେ ଗଲୁ ହକ୍‌ସହେଡ଼ (Hawkeshead) ଗ୍ରାମକୁ । ଷ୍ଟିମର୍‌ରେ ଗଲାବେଳେ ଏହି ହ୍ରଦର ଦୃଶ୍ୟରେ ମୁଗ୍‌ଧ ହେଲୁ । ଚାରିଆଡ଼େ ନୀଳ ପର୍ବତ ଘେରିକରି ରହିଛି ଏହି ଅପୂର୍ବ ସୁନ୍ଦର ହ୍ରଦକୁ । ନୀଳ ଜଳରେ ସ୍ଥାନେ ସ୍ଥାନେ ନୌକା ଯିବା-ଆସିବା କରୁଥାଏ; କିନ୍ତୁ ନୌକାମାନଙ୍କ ସଂଖ୍ୟା ଏତେ କମ୍ ଯେ ସେ ସ୍ଥାନର ସ୍ୱାଭାବିକ ନିସ୍ତବ୍‌ଧତା ପୂର୍ବପରି ଅବିଚଳିତ ଥାଏ । ଏହିସବୁ କାରଣରୁ ଏହି ନୌକା-ବିହାର ସମୟରେ ବୋଧକରିଥିଲି ଗମ୍ଭୀର ଶାନ୍ତି ଓ ଆନନ୍ଦ । ଅଳ୍ପକ୍ଷଣ ପରେ ପହଞ୍ଚିଲୁ ହକ୍‌ସହେଡ଼ ଗ୍ରାମରେ । ଛୋଟ ଗ୍ରାମଟିଏ ପୁରାତନ ଯୁଗର । ଏହି ଗ୍ରାମର ରାସ୍ତା ମଧ୍ୟ ବହୁତ ପ୍ରାଚୀନ, ଅଣଓସାରିଆ, ପଥରରେ ତିଆରି, ବଙ୍କାଟଙ୍କା ହୋଇ ଏଣେତେଣେ ଯାଇଛି । ଘରସବୁ ପଥରରେ ତିଆରି; ଛାତ ସ୍ଲେଟରେ ଗଢ଼ା । ଏହି ଗ୍ରାମର ଘର ଓ ତତ୍‌ସଂଲଗ୍ନ ରାସ୍ତା ଦେଖିଲେ ଅତୀତର ଚିତ୍ର ଆଖିଆଗରେ ଦିଶିଯାଏ । ଏଠାରେ ଥିବା ଗ୍ରାମାର ସ୍କୁଲରେ ଓ୍ୱାର୍ଡ଼ସ୍‌ଓ୍ୱର୍ଥ ବାଲ୍ୟକାଳରେ ଅଧ୍ୟୟନ କରିଥିଲେ । ଏହି ସ୍କୁଲରେ ଗୋଟିଏ ଛୋଟ ଡେସ୍କ ସାଇତି କରି ରଖାହୋଇଛି । କବି ବାଲସୁଲଭ ଗୁଣରେ ସେହି ଡେସ୍କରେ ନିଜର ନାମ ଖୋଦିତ କରିଥିଲେ । କବିଙ୍କର ବାଲ୍ୟଶିକ୍ଷା ଏହିଠାରେ ହୋଇଥିବାରୁ ଏହି ଗ୍ରାମ ପ୍ରସିଦ୍ଧି ଲାଭ କରିଛି । ଏହି ଗ୍ରାମରେ ଗୋଟିଏ ଛୋଟିଆ ଘରେ ଖାଇଲୁ ଟି' ଓ ଜଳଖିଆ—ଠିକ୍ ଯେପରି ଖାଉଥିବେ କବି ଓ ତାଙ୍କର ସହପାଠୀମାନେ ।

ତା ପରେ ଆମେ ଗଲୁ ରାଇଡେଲ ମାଉଣ୍ଟ (Rydal Mount) ଦେଖିବାକୁ । କବି ୧୮୧୩ ସାଲ ମେ ପହିଲା ଦିନ ଏହି ଗୃହରେ ଆସି ବାସକରିଥିଲେ । ମେ ପହିଲା

ଦିନକୁ ବସନ୍ତ-ଉତ୍ସବ ବା ମେ'ଡ଼େ (May Day) ଭାବରେ ପାଳନ କରାଯାଇଥାଏ । ଏହି ଘରେ ଆସି ତାଙ୍କ ସଙ୍ଗରେ ରହିଥିଲେ ତାଙ୍କ ସ୍ତ୍ରୀ ମେରୀ ହଚନ୍‌ସନ୍ (Mary Hutchinson), ଭଉଣୀ ଡରୋଥି ଓ୍ୱାର୍ଡ଼ସ୍‌ଓ୍ୱାର୍ଥ ଓ ତିନି ପିଲା ଜନ୍, ଡୋରା ଓ ଓ୍ୱିଲିୟମ୍ । କବିଙ୍କର ଶେଷ ଜୀବନ ଏହି ଘରେ କଟିଥିଲା । ନାସନାଲ୍ ଟ୍ରଷ୍ଟ ଏହି ସ୍ମୃତିପୀଠର ରକ୍ଷଣାବେକ୍ଷଣର ଦାୟିତ୍ୱ ନେଇଛନ୍ତି । ତାଙ୍କର ସ୍ୱେଚ୍ଛାସେବୀମାନେ ଆମ୍ଭମାନଙ୍କୁ ଏହି ଘର ବୁଲାଇ ଦେଖାଇଥିଲେ । ଏ ଘରେ କବିଙ୍କର ଗୋଟିଏ Cuckoo Clock ଏ ପର୍ଯ୍ୟନ୍ତ ଅଛି । ତାଙ୍କର ବୈଠକଖାନା, ତାଙ୍କର ଓ ତାଙ୍କ ପରିବାରର ଶୋଇବାଘର ପୂର୍ବପରି ସଜ୍ଜିତ ହୋଇ ରହି କବିଙ୍କର ସ୍ମୃତି ଜାଗରୂକ ରଖିଛି । ତା ପରେ ଗଲୁ ଦେଖିବାକୁ ଡୋଭ କଟେଜ ।

ଡୋଭ କଟେଜ ଆକାରରେ ରାଇଡେଲ ମାଉଣ୍ଟଠାରୁ ଢେର୍ ସାନ । କିନ୍ତୁ ଏହି ଗୃହରେ କବି ତାଙ୍କର ଶ୍ରେଷ୍ଠ କବିତା ରଚନା କରିଥିଲେ । କବି ଏଠାକୁ ଆସିଥିଲେ ୧୭୯୯ସାଲ ଡିସେମ୍ବର ୨୦ ତାରିଖରେ । ଏଠି ରହିବା ସମୟରେ କବିଙ୍କ ଲେଖନୀରୁ ପ୍ରକାଶ ପାଇଥିଲା The Prelude, The Immortality Ode ଓ Michael ପ୍ରଭୃତି ଶ୍ରେଷ୍ଠ କବିତାମାନ । ତା' ଛଡ଼ା ଅନେକ କ୍ଷୁଦ୍ର ଅଥଚ ସର୍ବଜନ ଆଦୃତ କବିତା—ଯଥା To The Cuckoo, The Rainbow, The Daffodils ଓ The Solitary Reaper । ଡୋଭ କଟେଜ ଇଂରାଜୀ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛି ଆଉ ଗୋଟିଏ ବିଶେଷ କାରଣରୁ । ଏଠାରେ ଥିବା ସମୟରେ କବିଙ୍କ ନିକଟକୁ ଆସୁଥିଲେ ଇଂରାଜୀ ସାହିତ୍ୟର ଖ୍ୟାତନାମା କବି କଲେରିଜ । ଦୁଇ ବନ୍ଧୁଙ୍କର ସାହିତ୍ୟ-ଚର୍ଚ୍ଚାରୁ ଜନ୍ମଲାଭ କରିଥିଲା Preface to the Lyrical Ballads । ଏହି Preface ବା ମୁଖବନ୍ଧ କବିଙ୍କର ସମାଲୋଚନା ସାହିତ୍ୟକୁ ଅମୂଲ୍ୟ ଦାନ । ତାଙ୍କର କବି ଓ କବିତା ବିଷୟରେ ମତ ଏହିଠାରେ ବ୍ୟାଖ୍ୟା ହୋଇ ଚିରକାଳକୁ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି । କବିତା ଭାବପ୍ରବଣତାର ସ୍ମୃତିରୁ ଜାତ—ଏହି ମତବାଦ ବହୁ ଆଲୋଡ଼ନ ସୃଷ୍ଟି କରିଛି ସେହି ସମୟରେ ଓ ପରବର୍ତ୍ତୀ କାଳରେ । କବିଙ୍କର ପୂର୍ବବର୍ତ୍ତୀ ସାହିତ୍ୟିକ ଯୁଗର ଡ୍ରାଇଡେନ୍ ଓ ପୋପ୍ ପ୍ରଭୃତି ଯେଉଁ କବିତା ଲେଖିଥିଲେ ସେଥିରେ 'ଭାବପ୍ରବଣତା'କୁ ଗୁରୁତ୍ୱ ଦିଆଯାଉନଥିଲା । ପ୍ରତ୍ୟେକ ଶବ୍ଦକୁ ତାର ତାତ୍ପର୍ଯ୍ୟ ଓ କବିତାରେ ବ୍ୟବହାର ପାଇଁ ତାହା ଯୋଗ୍ୟ କି ନୁହେଁ, ବିଚାର କରି କବି କବିତାରେ ଶବ୍ଦସବୁ ବ୍ୟବହାର କରୁଥିଲେ । ତେଣୁ କବିତା ହୃଦୟରୁ ସ୍ୱତଃ ନିର୍ଗତ ନ ହୋଇ ଗୋଟିଏ କୁଶଳୀ ଶିଳ୍ପୀର ଶିଳ୍ପ-ପରାକାଷ୍ଠା ଭାବରେ ଜନ୍ମଲାଭ କରୁଥିଲା । ତା ଛଡ଼ା ଥିଲା କବିଙ୍କର ସମାଜ-ସଂସ୍କାରର ଲକ୍ଷ୍ୟ । ତଦାନୀନ୍ତନ ସମାଜର ଦୋଷତ୍ରୁଟି ସମାଲୋଚନା କରିବା କବିର ଲକ୍ଷ୍ୟ ଥିଲା ଏବଂ ଏହି କାର୍ଯ୍ୟ ପାଇଁ ସେ ସମୟର କବିମାନେ ବ୍ୟଙ୍ଗକବିତା ଲେଖିଯାଇଛନ୍ତି । ଏହି ବ୍ୟଙ୍ଗ-କବିତାରେ ଜୀବନକ୍ଷେତ୍ରରେ ମୂଲ୍ୟବୋଧ ଓ ବିଚାରଶକ୍ତି ଶୀର୍ଷସ୍ଥାନ ଅଧିକାର କରିଥିଲା । ତେଣୁ ଓ୍ୱାର୍ଡ଼ସ୍‌ଓ୍ୱାର୍ଥଙ୍କର ଉକ୍ତି 'କବିତା ଭାବପ୍ରବଣତାର

ସ୍ମୃତିରୁ ଜାତ' ସମ୍ପୂର୍ଣ୍ଣ ଭିନ୍ନ ମତ ବୋଲି ଉପଲବ୍ଧି କରାହୋଇଥିଲା ଓ ତାଙ୍କର କବିତାକୁ ବିପ୍ଳବାତ୍ମକ କବିତା ବୋଲି ସେତେବେଳେ ଓ ପରବର୍ତ୍ତୀ କାଳରେ ମଧ୍ୟ ଗଣ୍ୟ କରାହୋଇଥିଲା ।

ପିତାଙ୍କର ଅବସ୍ଥା ସ୍ୱଚ୍ଛଳ ଥିବାରୁ କବିଙ୍କର ବାଲ୍ୟାବସ୍ଥା ଜନ୍ମସ୍ଥାନ କକରମାଉଥ୍‌ରେ ସୁଖ-ସ୍ୱାଚ୍ଛନ୍ଦ୍ୟରେ କଟିଥିଲା । ତାଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ, ସେତେବେଳେ ତାଙ୍କର ପିତୃବିୟୋଗ ହୋଇଥିଲା । ଏହାପରେ ତାଙ୍କୁ ଘୋର ଆର୍ଥିକ ସଙ୍କଟ ଦେଇ ଜୀବନ ଅତିବାହିତ କରିବାକୁ ପଡ଼ିଥିଲା । ତା ଛଡ଼ା ପିତାଙ୍କ ମୃତ୍ୟୁର ୫ ବର୍ଷ ପୂର୍ବରୁ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଥିବାରୁ ସେ ଜୀବନର ପ୍ରାରମ୍ଭରେ ପିତାମାତାଙ୍କ ସ୍ନେହରୁ ବଞ୍ଚିତ ହୋଇଥିଲେ । ୧୭୯୫ ସାଲରେ ତାଙ୍କର ବନ୍ଧୁ ରେସ୍‌ଲି କେଲଭର୍ଟଙ୍କଠାରୁ ୯୦୦ ପାଉଣ୍ଡ ଉତ୍ତରାଧିକାର ସୂତ୍ରରେ ପାଇବା ପରେ ତାଙ୍କର ଆର୍ଥିକ ଅବସ୍ଥାରେ ଟିକିଏ ଉନ୍ନତି ହୋଇଥିଲା । ଡୋଭ କଟେଜରେ ଥିବା ସମୟରେ ତାଙ୍କର ପୂର୍ବର ଆର୍ଥିକ ଦୁରବସ୍ଥା ନ ଥିଲେ ବି ଅବସ୍ଥା ଅତି ସ୍ୱଚ୍ଛଳ ନଥିଲା । ଏହି ସମୟରେ ସବୁ କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରୁଥିଲେ ତାଙ୍କର ଭଉଣୀ ଡରୋଥୀ । ଆର୍ଥିକ ଅନଟନ ସାଙ୍ଗକୁ ଏହି ଗୃହରେ ଥିବା ସମୟରେ ସେ ତାଙ୍କର କନ୍ୟା କାଥରିନ୍ ଓ ପୁତ୍ର ଟମାସଙ୍କୁ ହରାଇଥିଲେ । ଏହି ବିୟୋଗଜନିତ ଦୁଃଖ ତାଙ୍କ ଜୀବନରେ ବିଷାଦର ଛାୟା ବିସ୍ତାର କରିଥିଲା । ସେହି ଦୁଃଖମୟ ସ୍ମୃତିକୁ ମନରୁ ଦୂର କରିବା ପାଇଁ ଡୋଭ କଟେଜ୍ ଛାଡ଼ି କବି ଶେଷ ଜୀବନ ରାଇଡେଲ ମାଉଣ୍ଟରେ ଅତିବାହିତ କରିଥିଲେ ।

ଡୋଭ କଟେଜ୍ ଦେଖିବା ପରେ ଗଲୁ କକରମାଉଥ୍‌ରେ ଥିବା ଓ୍ୱାର୍ଡ୍‌ସଓ୍ୱର୍ଥ ହାଉସ୍ ଦେଖିବାକୁ । ଏହି ଘରେ କବିଙ୍କର ଜନ୍ମ । ଘରଟି ବେଶ୍ ବଡ଼ । ତାଙ୍କ ବାପାଙ୍କର ଅବସ୍ଥା ସ୍ୱଚ୍ଛଳ ଥିବାରୁ ବାଲ୍ୟାବସ୍ଥାରେ ସେ ସୁଖ-ସ୍ୱାଚ୍ଛନ୍ଦ୍ୟରେ ବଢ଼ିଥିଲେ । ଏଠାରେ ଥିବା ସମୟରେ କବି ଜୀବନକୁ ଉପଭୋଗ କରିଥିଲେ ପ୍ରକୃତିର କୋଳରେ । ଡରଓ୍ୱେଣ୍ଟ ନଦୀରେ ସ୍ନାନକରି, ତାର କୂଳରେ ବିହାର କରି, ଦୂରରେ ଥିବା ସ୍କିଡୋ ପର୍ବତ-ଶିଖରରେ ସୂର୍ଯ୍ୟାସ୍ତର ରକ୍ତିମା ଦେଖି ସେ ଅପାର ଆନନ୍ଦ ଲାଭ କରିଥିଲେ । ପରବର୍ତ୍ତୀ କାଳରେ The Prelude କବିତାରେ ତାଙ୍କର ଅନାବିଳ ପ୍ରକୃତି-ଉପାସନାକୁ ଆଦିମ ଅଧିବାସୀର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ପ୍ରବଳ ଆକର୍ଷଣ ସହିତ କବି ତୁଳନା କରିଥିଲେ । ତା' ଛଡ଼ା ନିଜର ଜୀବନ ଏହି ସମୟରେ ଗଢ଼ିଉଠିଥିବା କଥା ମଧ୍ୟ ସେ ଏହି କବିତାରେ ଲେଖି ଯାଇଛନ୍ତି ।

"Fair seed time had my soul, and I grew up
Fostered alike by beauty and by fear
Much favoured in my birth place, and no less
In that beloved vale to which erelong
I was transplanted.

ଦ୍ୱିପ୍ରହରଶେଷରେ ରାତି ଭୋଜନ କରିବାକୁ ଗଲୁ ଗୋଟିଏ ହୋଟେଲକୁ । ହୋଟେଲଟିର ଅଭିନବ ନାମ ଟ୍ରାଉଟ ହୋଟେଲ । ଟ୍ରାଉଟ ଇଂଲଣ୍ଡର ମତ୍ସ୍ୟବିଶେଷ । ଏହି ମାଛ ମଧୁର ଜଳରେ ବାସକରେ, ବେଶ୍ ସୁସ୍ୱାଦୁ । ଇଂଲଣ୍ଡରେ ଓ ଅନ୍ୟତ୍ର ଏହାର ବହୁତ ଆଦର । ହୋଟେଲରେ ଖାଇଲୁ **Chicken n' basket** । ଛୋଟିଆ ଛୋଟିଆ ପ୍ଲାଷ୍ଟିକ ଟୋକେଇରେ ପରିବେଷଣ କରାଗଲା କୁକୁଡ଼ା ରୋଷ୍ଟ । ସୁସ୍ୱାଦୁ ଖାଦ୍ୟ ଓ ଅଭିନବ ଭାବରେ ପରିବେଷଣ ଏ ହୋଟେଲରେ ଖାଇବା କଥା ସବୁବେଳେ ମନେପକାଇଦିଏ ।

ଲେକ୍ ଡିଷ୍ଟ୍ରିକ୍ଟରୁ ଫେରିଲୁ ରାତି ପ୍ରାୟ ୯ଟା ବେଳେ ଅନେକ ଅଭୁଲା ସ୍ମୃତି ନେଇ ।

## ଚେଷ୍ଟର୍‌ର ରୋମାନ ସେନାଛାଉଣୀ

ଡି ନଦୀ କୂଳରେ, ଇଂଲଣ୍ଡର ଉତ୍ତର-ପଶ୍ଚିମ ଉପକୂଳରେ ଚେଷ୍ଟର ସହର ଅବସ୍ଥିତ । ଏହା ଚେସାୟାର କାଉଣ୍ଟି ବା ପ୍ରଦେଶ ଅନ୍ତର୍ଭୁକ୍ତ ଗୋଟିଏ ସହର । ଏହି ସହରର ଲୋକସଂଖ୍ୟା ୬୩,୦୦୦ । ଚେସାୟାର ପ୍ରଦେଶ **cheese** ବା ଛେନା ଉତ୍ପାଦନ, ଜାହାଜ ତିଆରି, ଲବଣ ଓ ବିଭିନ୍ନ ରାସାୟନିକ ପଦାର୍ଥ ଉତ୍ପାଦନ ପାଇଁ ପ୍ରସିଦ୍ଧ । ଏହି ଚେଷ୍ଟର୍ ସହରର ଐତିହାସିକ ଗୁରୁତ୍ୱ ଅଛି । ମଧ୍ୟଯୁଗରେ ଥିବା ଇଂଲଣ୍ଡର ପ୍ରାଚୀର-ବେଷ୍ଟିତ ସହରମାନଙ୍କ ମଧ୍ୟରୁ କେବଳ ଚେଷ୍ଟର୍ ସହର ଧ୍ୱଂସ ନ ପାଇ ଅଦ୍ୟାବଧି ଅଛି । ବାରବାରା ପ୍ରସ୍ତାବ କଲେ ଜୁଲାଇ ୩ ତାରିଖ ଶନିବାର ଦିନ ଏ ସହରକୁ ଦେଖିବାକୁ ଯିବା ପାଇଁ । ସେଠାରେ ରୋମାନ୍‌ମାନଙ୍କ ସଭ୍ୟତାର ଧ୍ୱଂସାବଶେଷ ଆଜିପର୍ଯ୍ୟନ୍ତ ଅଛି । ସେ ଇତିହାସ ଅଧ୍ୟାପିକା । ତାଙ୍କ ସଙ୍ଗରେ ଗଲେ ସେ ସବୁ ଭଲଭାବରେ ଆମକୁ ଦେଖାଇ ପାରିବେ । ତେଣୁ ଏହାକୁ ଗୋଟିଏ ସୁବର୍ଣ୍ଣ ସୁଯୋଗ ଭାବି ତାଙ୍କ ସଙ୍ଗରେ ଯିବାକୁ ଆଗ୍ରହର ସହିତ ରାଜିହେଲୁ । ଆଲେନ୍, ଆମ ଝିଅ, ଜୋଇଁ ମଧ୍ୟ ଆମ ସଙ୍ଗରେ ଯିବାର ସ୍ଥିର ହେଲା । ଚେଷ୍ଟର ଲିଭରପୁଲରୁ ଅଳ୍ପବାଟ । ତେଣୁ ପ୍ରାୟ ୪୫ ମିନିଟ୍‌ରେ ପହଞ୍ଚିଗଲୁ । ଚେଷ୍ଟର ଯିବାପାଇଁ ପ୍ରଥମ ଥର ପାଇଁ ମର୍ସି ନଦୀ ତଳେ ଥିବା ଓ୍ୱାଲେସି ଟନେଲ ବା ସୁଡ଼ଙ୍ଗ ଦେଇ ଗଲୁ । ନଦୀ ଜଳ ତଳେ ଏପରି ସୁଡ଼ଙ୍ଗ ମୁଁ ଆମ ଦେଶରେ ଦେଖିନାହିଁ । ତେଣୁ ଏହି ସୁଡ଼ଙ୍ଗ ଦେଇ ଯିବା ଆମ ପକ୍ଷରେ ଗୋଟିଏ ନୂତନ ଅନୁଭୂତି । ସୁଡ଼ଙ୍ଗଟି ଆଲୋକିତ ଓ ତା ଭିତରେ ସୁନ୍ଦର ରାସ୍ତା—ଦେଖିବାକୁ ଲଣ୍ଡନର ଟ୍ୟୁବ-ରେଲୱେର ଷ୍ଟେସନ ପରି । ଗାଡ଼ିରେ ସୁଡ଼ଙ୍ଗ ଦେଇ ଗଲାବେଳେ ଗାଡ଼ିପିଛା ୪୦ ପେନ୍‌ସ ଶୁଳ୍କ ଦେବାକୁ ପଡ଼େ—ଭାରତୀୟ ମୁଦ୍ରାରେ ପ୍ରାୟ ୭ଟଙ୍କା ହେବ । ଚେଷ୍ଟର ସହରରେ ପହଞ୍ଚି ମନେପଡ଼େ କାର-ପାର୍କରେ ଗାଡ଼ି ରଖିଲା ପରେ ସାମାନ୍ୟ ବର୍ଷା ହେଲା । ମନ ଟିକିଏ ଦବିଗଲା । ନୂଆ ଜାଗା ଦେଖିବାକୁ ଆସିଛୁ; ବର୍ଷା ହେଲେ କିଛି ଦେଖି ହେବନାହିଁ । ଅଳ୍ପ କେତେ ମୁହୂର୍ତ୍ତ ମଧ୍ୟରେ କିନ୍ତୁ ବର୍ଷା ଛାଡ଼ିଗଲା । ଦର୍ଶନୀୟ ସ୍ଥାନସବୁ ଦେଖିବାକୁ କାଳ ବିଳମ୍ବ ନକରି ବାହାରିଲୁ । ଅନେକ ଜିନିଷ ଦେଖିବାକୁ ଅଛି—ସମୟ କିନ୍ତୁ ଅଳ୍ପ ।

ପ୍ରଥମେ ପହଞ୍ଚି ଦେଖିଲୁ ଏହି ପୁରାତନ ସହରର ଦୃଶ୍ୟ । ରାସ୍ତାର ଦୁଇ ପାର୍ଶ୍ୱରେ ଟ୍ୟୁଡ଼ର ରାଜାଙ୍କ ବେଳର କାଠ ତିଆରି ଘର । ରାସ୍ତାରୁ ଉଚ୍ଚରେ ଥିବାରୁ ଦୁଇ ତିନୋଟି ପାହାଚ ଚଢ଼ି ଯିବାକୁ ହୁଏ । ରାସ୍ତା କଡ଼ରେ ଥିବା ଗୋଟିଏ ଦୋକାନକୁ ଗଲୁ । ସେହି ଦୋକାନ ତଳେ ଦେଖିଲୁ ରୋମାନ୍‌ମାନଙ୍କ ସମୟର ଗୋଟିଏ ଅଫିସ । ଏହି ଅଫିସରେ ରୋମାନ ସେନାଛାଉଣୀର ହିସାବ-ରକ୍ଷକଙ୍କ କାର୍ଯ୍ୟାଳୟ ଥିଲା । ଖ୍ରୀଷ୍ଟାବ୍ଦ ୭୯ ସାଲରେ ଦେବନ କାଷ୍ଟ୍ରା (**Devana Castra**) ନାମରେ ଏଠାରେ ଯେଉଁ ସେନା-ଛାଉଣୀ ଥିଲା, ଏହି କାର୍ଯ୍ୟାଳୟ ତାହାର ଅନ୍ତର୍ଭୁକ୍ତ । ଚେଷ୍ଟର୍‌ର ଚତୁର୍ଦ୍ଦିଗରେ ଉର୍ବର ଭୂମି ଥିବାରୁ ୱେଲସର ଉପଜାତିମାନେ ଅନେକ ସମୟରେ ଏହି ଅଞ୍ଚଳମାନଙ୍କୁ ଆକ୍ରମଣ କରୁଥିଲେ । ୱେଲସ୍ ଉପଜାତିଙ୍କ ଆକ୍ରମଣରୁ ଲୋକମାନଙ୍କୁ ରକ୍ଷାକରିବା ପାଇଁ ଏଠାରେ ରୋମାନ୍ ସୈନିକମାନେ ଛାଉଣୀ ପକାଇ ଜଗିରହିଥିଲେ । ଚେଷ୍ଟର୍ ସହରର ସୁରକ୍ଷା ପାଇଁ ସେତେବେଳେ ନିର୍ମିତ ହୋଇଥିବା ସୁଦୃଢ଼ ପ୍ରାଚୀର ଏପର୍ଯ୍ୟନ୍ତ ନିଖୁଣ ଅବସ୍ଥାରେ ଅଛି । ଚେଷ୍ଟର୍ ସହରର ଏହି ପୁରାତନ ରୋମାନ୍ କୀର୍ତ୍ତି କୌତୂହଳର ସହିତ ଦେଖିଲୁ । ଆଶ୍ଚର୍ଯ୍ୟ ଲାଗିଲା, ଊଣେଇଶ ଶହ ବର୍ଷ ତଳେ ଏହା ନିର୍ମିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା କାଳଗର୍ଭରେ ଲୀନ ହୋଇନାହିଁ । ଏଠାରେ ଥିବା ଗୀର୍ଜା ବହୁ ପୁରାତନ, ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ । ଏହିଠାରେ ଗୋଟିଏ ମଠ ମଧ୍ୟ ଥିଲା । ୧୫୪୦ ମସିହାରେ ଇଂଲଣ୍ଡର ରାଜା ଅଷ୍ଟମ ହେନେରୀଙ୍କ ଦ୍ୱାରା ଭାଙ୍ଗି ଦିଆଯାଇଥିବାରୁ ଏହା ବର୍ତ୍ତମାନ ଆଉ ଦେଖିବାକୁ ମିଳେ ନାହିଁ । ରାଜା ହେନେରୀ ଖ୍ରୀଷ୍ଟ-ଧର୍ମଗୁରୁ ପୋପଙ୍କର ଧାର୍ମିକ ଆଧିପତ୍ୟକୁ ଅସ୍ୱୀକାର କରି ନିଜକୁ ଧର୍ମରକ୍ଷକ ବୋଲି ଘୋଷଣା କରିଥିଲେ । ମଠମାନ ଧ୍ୱଂସ ଓ ଲୁଣ୍ଠନ କରିବା ଏହାର ପରବର୍ତ୍ତୀ ଘଟଣା । ବେନେଡିକ୍ଟାଇନ ଧର୍ମାବଲମ୍ବୀ ଖ୍ରୀଷ୍ଟିୟାନ ସଂପ୍ରଦାୟଙ୍କର ଏହା ମଠ ଥିଲା । ବେନେଡିକ୍ଟ ଏହି ଧର୍ମୀୟ ଗୋଷ୍ଠୀକୁ ୬୨୯ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠା କରିଥିଲେ । ତେଣୁ ଏହା ଗୋଟିଏ ବହୁ ପୁରାତନ କାଳର ଧର୍ମ । ଯେ ଯାହାହେଉ, ଏହି ମଠ ସ୍ଥାନରେ ବର୍ତ୍ତମାନ ଅଛି କେବଳ ଚତୁର୍ଦ୍ଦଶ ଶତାବ୍ଦୀର ଏହି ଗୀର୍ଜା । ଏହି ଗୀର୍ଜାଟି ନାଲି ସ୍ୟାଣ୍ଡଷ୍ଟୋନ୍ ନାମକ ପ୍ରସ୍ତରରେ ନିର୍ମିତ । ଦେଖିବାକୁ ବଡ଼ ସୁନ୍ଦର । ଗୀର୍ଜାରେ ପ୍ରାର୍ଥନା ପାଇଁ ପୂର୍ବର ବେଦୀ ବର୍ତ୍ତମାନ ମଧ୍ୟ ଅଛି । ପୂର୍ବେ ଥିବା ଉପାସକଙ୍କ ବେଞ୍ଚ ଏବେ ମଧ୍ୟ ଅଛି । ସେଠାରେ ଥିବା ନନ୍ (**Nun**) ବା ସନ୍ନ୍ୟାସିନୀମାନଙ୍କର ବସିବା ବ୍ୟବସ୍ଥା ଆମ ମନରେ କୌତୂହଳ ସୃଷ୍ଟି କରିଥିଲା । ପ୍ରାର୍ଥନା-ଗୃହର ଦୁଇ କାନ୍ଥକୁ ଲାଗି ତିଆରି ହୋଇଛି ଦୁଇ ଧାଡ଼ି ବେଞ୍ଚ । ମଜାର କଥା, ଏହି ବେଞ୍ଚରେ ବସି କେହି ଅମନୋଯୋଗୀ ହୋଇ ଢୁଳାଇଲେ ସେ ସଙ୍ଗେ ସଙ୍ଗେ ପଡ଼ିଯିବ ।

ପୁରାକାଳରେ ଇଂଲଣ୍ଡରେ ଘୋର ଧର୍ମାନ୍ଧତା ଥିଲା । କୌଣସି ବ୍ୟକ୍ତି ଯଦି ପ୍ରଚଳିତ ଧର୍ମବିଶ୍ୱାସକୁ ଅନାଦର କରି ଅନ୍ୟ ଧର୍ମରେ ବିଶ୍ୱାସ କରୁଛି ବୋଲି ଅଭିଯୋଗ ହୁଏ, ତେବେ ଗୀର୍ଜାରେ ଥିବା ଧାର୍ମିକ ଅଦାଲତରେ ତାର ବିଚାର କରାଯାଇ ଅତି ନିଷ୍ଠୁର ଦଣ୍ଡବିଧାନ କରାଯାଉଥିଲା । କେତେ ସହସ୍ର ବ୍ୟକ୍ତିଙ୍କୁ ଏହି କାରଣରୁ ଅଗ୍ନିରେ ଦଗ୍ଧ

କର ମୃତ୍ୟୁଦଣ୍ଡ ଦିଆହୋଇଥିଲା ସେହି କାଳରେ । ଏପରି ଗୋଟିଏ ଧାର୍ମିକ ଅଦାଲତର ଆସବାବପତ୍ର ଏବେ ମଧ୍ୟ ଏହି ଗୀର୍ଜାରେ ସଂରକ୍ଷିତ ଅଛି । ବିଶ୍ବରକମଣ୍ଡଳୀଙ୍କର ଉଚ୍ଚସ୍ଥାନ, ଅଧର୍ମ ଅଭିଯୋଗରେ ବିଚାର ନିମନ୍ତେ ଆସିଥିବା ବ୍ୟକ୍ତି ପାଇଁ କାଠଗଡ଼ା—ସେ କାଳର ଲୋମହର୍ଷଣକାରୀ ଘଟଣାମାନଙ୍କର ସ୍ମୃତି ମନରେ ଜାତକରେ । ଗୀର୍ଜାମଧ୍ୟରେ ଥିବା ଯିଶୁଙ୍କର ପୂର୍ବକାଳର କ୍ରୁଶବିଦ୍ଧ ମୂର୍ତ୍ତି ଦେଖିବାକୁ ଅତି ସୁନ୍ଦର । ଗୀର୍ଜାର ପ୍ରାଙ୍ଗଣରେ ଗୋଟିଏ ସୁସଜ୍ଜିତ ଉଦ୍ୟାନ ଅଛି । ସେଠାରେ ଆମ ସମସ୍ତଙ୍କର ଫଟୋ ଉଠାଇଲୁ ।

ଏହିଠାରୁ ଆମେମାନେ ସେଠାକାର ଚିଡ଼ିଆଖାନା ଦେଖିବାକୁ ଯାଇଥିଲୁ । ସେ ଚିଡ଼ିଆଖାନାରେ ପେଙ୍ଗୁଇନ ପକ୍ଷୀ, ସି-ଲାୟନ ଓ ମେରୁ ଅଞ୍ଚଳର ଭାଲୁ ଦେଖିବା କଥା ଅନ୍ୟତ୍ର ବର୍ଣ୍ଣିତ ହୋଇଛି । ଚିଡ଼ିଆଖାନାକୁ ଯିବା ବାଟରେ ଦେଖିଲୁ ରାସ୍ତାରେ ହେଉଥିବା ମରିସ୍ ନୃତ୍ୟ । ନର୍ତ୍ତକ ଓ ନର୍ତ୍ତକୀମାନେ ଅଭିନବ ପୋଷାକ ପିନ୍ଧି ନୃତ୍ୟ କରୁଥାନ୍ତି । ରବିନହୁଡ୍ ଗଳ୍ପର ଚରିତ୍ରମାନ ଏଥିରେ ଥାଆନ୍ତି; ଯଥା—ମେରିଆନ୍ ଓ ଫ୍ରାୟାରଟକ୍ । ଏହି ନୃତ୍ୟର ଉତ୍ପତ୍ତି ଓ ପ୍ରଚଳନ ପଞ୍ଚଦଶ ଶତାବ୍ଦୀରୁ ।

ଚେଷ୍ଟର୍ ସହର ବିଷୟରେ ଇଂରାଜୀ ସାହିତ୍ୟରେ ମଧ୍ୟ ଉଲ୍ଲେଖ ଅଛି । ଏହି ଚେଷ୍ଟର୍ ସହରରେ 'ମିରାକ୍ଲ ପ୍ଲେ' ନାମକ ନାଟକ ପୂର୍ବକାଳରେ ଅଭିନୀତ ହେଉଥିଲା । ବାଇବେଲର ଆଖ୍ୟାନ ଉପରେ ପର୍ଯ୍ୟବସିତ ଏହି ନାଟକମାନଙ୍କୁ ପୁନଃ ପ୍ରବର୍ତ୍ତନ କରିବା ପାଇଁ ଚେଷ୍ଟାଚାଲିଛି । ଏପରି ଗୋଟିଏ ନାଟକ ଆମେ ବ୍ରିଟିଶ ଟେଲିଭିଜନରେ ଦେଖିଥିଲୁ । ସେହି ନାଟକରେ ଥିଲା ଲୁସିଫର, ଆଡାମ, ଇଭ ଓ ଯିଶୁଖ୍ରୀଷ୍ଟଙ୍କର ଅଭିନୟ । ଈଶ୍ବରଙ୍କର ଅଭିନୟ ଓ ଅଭିନୟ ମାଧ୍ୟମରେ ଉପଦେଶ ବାଣୀ ମଧ୍ୟ ନାଟକରେ ଥିଲା । ପୂର୍ବପରି ଏ ନାଟକରେ ମଧ୍ୟ ବିଭିନ୍ନ ଚରିତ୍ରମାନ ପଦ୍ୟ ମାଧ୍ୟମରେ ପରସ୍ପର ସହିତ କଥାବାର୍ତ୍ତା କରୁଥିଲେ । ଇଂରାଜୀ ସାହିତ୍ୟରେ ଏ ଜାତୀୟ ନାଟକ ସଂଗ୍ରହ ଅଦ୍ୟାବଧି ଥିବାର ଉଲ୍ଲେଖ ଅଛି । ଏ ନାଟକ ସଂଗ୍ରହ ୟର୍କ, ଚେଷ୍ଟାର୍, କଭେଣ୍ଟ୍ରି ଓ ୱେକ୍‌ଫିଲ୍ଡ ସହର ନାମରେ ନାମିତ । ଅତୀତରେ ଏ ନାଟକ ମଞ୍ଚସ୍ଥ ହେବା ସମୟରେ ନଗରପାଳିକା-ମାନେ ଏହାର ଦେଖାଶୁଣା କରୁଥିଲେ । ବିଭିନ୍ନ କାରିଗରୀ ସଂଘର ସଭ୍ୟମାନେ ନାଟକରେ ଅଭିନୟ କରୁଥିଲେ । ଏହି ନାଟକ ମୁକ୍ତ ଆକାଶ ତଳେ ଅଭିନୀତ ହେଉଥିଲା । ରଙ୍ଗମଞ୍ଚ କୌଣସି ଗୋଟିଏ ସ୍ଥାନରେ ନରହି ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହେଉଥିଲା । ସ୍ଥାନାନ୍ତରିତ କରିବାରେ ଅସୁବିଧା ନଥିଲା । କାରଣ ରଙ୍ଗମଞ୍ଚ ତଳେ ଚକ ଲଗାହୋଇ-ଥିଲା । ଏହି ନାଟକମାନ ବଡ଼ ବଡ଼ ପର୍ବଦିନମାନଙ୍କରେ ଅଭିନୀତ ହେଉଥିଲା ।

ସେ ଯାହାହେଉ, ଏ ସବୁଥିରୁ ଏହି ମିରାକ୍ଲ ପ୍ଲେ ନାଟକମାନଙ୍କର ଧର୍ମଭିତ୍ତି ସୁସ୍ପଷ୍ଟ । ବର୍ତ୍ତମାନର ନାଟକ ଧର୍ମଭିତ୍ତିକ ନ ହୋଇ ସମାଜ ଚିତ୍ରଣ ଲକ୍ଷ୍ୟ ନେଇ ଲେଖା-ହୋଇଥାଏ । ଅତ୍ୟାଧୁନିକ ନାଟକରେ କେବଳ ଚରିତ୍ର-ବିଶ୍ଳେଷଣକୁ ପ୍ରାଧାନ୍ୟ ଦିଆଯାଉଛି—ପୂର୍ବର ଧର୍ମଭିତ୍ତି ଆଉ ନାହିଁ ।

'ମିରାକ୍ଲ ପ୍ଲେ'ରେ ଥିବା ଦୃଶ୍ୟସବୁ ୧୮୦ ଠାରୁ ଆରମ୍ଭ କରି ୮୦୦ ଧାଡ଼ିରେ ଲେଖା-ହେଉଥିଲା । ଏଥିରେ ବ୍ୟବହୃତ ପଦ୍ୟ ବିଭିନ୍ନ ବୃତ୍ତରେ ଲେଖାହେଉଥିଲା । ନାଟକ ଧର୍ମଭିତ୍ତିକ ହେଲେ ମଧ୍ୟ ଏଥିରେ ହାସ୍ୟରସର ଅଭାବ ନ ଥିଲା । ଅତୀତରେ ବିଷାଦ-ପୂର୍ଣ୍ଣ ନାଟକ ବା Tragedyରେ ନାଟ୍ୟକାର ହାସ୍ୟରସର ଅବତାରଣା କରୁନଥିଲେ; କାରଣ ଏହାଦ୍ୱାରା ରସଭଙ୍ଗ ହେବ । କିନ୍ତୁ ମନୁଷ୍ୟ ଜୀବନ ପରି ବିଷାଦ ମଧ୍ୟରେ ହାସ୍ୟରସ ପରବର୍ତ୍ତୀ ନାଟକର ନାଟ୍ୟକାରମାନେ ପରିବେଷଣ କଲେ । ତଦ୍ଦ୍ୱାରା ଏହି ନାଟକସବୁ କାଳ୍ପନିକ ନହୋଇ ଅଧିକ ଜୀବନଧର୍ମୀ ହୋଇଥିଲା । ମିରାକ୍ଲ ପ୍ଲେରେ ହାସ୍ୟରସ ଥିବାରୁ ନାଟକର ଏହି ବାସ୍ତବବାଦୀ ଚିନ୍ତାଧାରା ସେହି ସମୟରୁ ଆରମ୍ଭ ହୋଇଛି ବୋଲି ଇଂରାଜୀ ସାହିତ୍ୟର ସମାଲୋଚକମାନେ ମତ ପୋଷଣ କରନ୍ତି ।

## ସ୍ପିକ୍‌ହଲ୍

ଇଂଲଣ୍ଡ ଦେଶର ସଭ୍ୟତା ଭାରତବର୍ଷର ସଭ୍ୟତା ପରି ଏତେ ପ୍ରାଚୀନ ନହେଲେ ମଧ୍ୟ ଆମେରିକା ପ୍ରଭୃତି କେତେକ ଦେଶଠାରୁ ପୁରାତନ । ଲୋକମାନେ ନବୀନ ଅପେକ୍ଷା ପ୍ରାଚୀନକୁ ବେଶି ଆଦର କରନ୍ତି ବୋଲି ନିଶ୍ଚୟ ଯେ କୌଣସି ଦର୍ଶକ ଅନୁଭବ କରିବେ । ଲଣ୍ଡନ ମହାନଗରୀରେ କେତେ ପୁରାତନ ଘର, ବକିଂହ୍ୟାମ୍ ପ୍ୟାଲେସ ନାମକ ରାଜପ୍ରାସାଦ, ୧୦ ନମ୍ବର ଡାଉନିଂ ଷ୍ଟ୍ରିଟରେ ଥିବା ପ୍ରଧାନମନ୍ତ୍ରୀଙ୍କର ବାସଭବନ, ବ୍ରିଟିଶ ପାର୍ଲାମେଣ୍ଟ, ଓ୍ୱେଷ୍ଟମିଷ୍ଟର ଆବି, ସେଣ୍ଟପଲ୍‌ସ କାଥିଡ୍ରାଲ ଇତ୍ୟାଦି ବହୁ ଘର ପ୍ରାଚୀନ । ସେ ସବୁର ସଂପ୍ରସାରଣ କିମ୍ବା ପରିବର୍ତ୍ତନ ହେଉନାହିଁ । ଲଣ୍ଡନ ଛଡ଼ା ଇଂଲଣ୍ଡର ଅନ୍ୟାନ୍ୟ ସହର ଓ ପୁରପଲ୍ଲୀରେ ମଧ୍ୟ ପ୍ରାଚୀନ ଗୃହମାନ ଯତ୍ନରେ ସଂରକ୍ଷିତ ହୋଇଛି । ଏ ବିଷୟରେ ସରକାରଙ୍କ ଅପେକ୍ଷା ଇଂଲଣ୍ଡର ସାଧାରଣ ଅଧିବାସୀ ଅଧିକ ତତ୍ପର । ପୁରାତନ କୀର୍ତ୍ତି, ଜାତୀୟ ସମ୍ପଦ ଇତ୍ୟାଦି ସଂରକ୍ଷଣ ପାଇଁ ସାଧାରଣ ବ୍ୟଗ୍ରତା ଯୋଗୁଁ ବ୍ରିଟିଶ ପାର୍ଲାମେଣ୍ଟ ନାସନାଲ ଟ୍ରଷ୍ଟ ନାମକ ଅନୁଷ୍ଠାନ ଗଠନକୁ ୧୮୯୫ ସାଲରେ ଏକ ବିଲ୍ ମାଧ୍ୟମରେ ଅନୁମୋଦନ କରିଛନ୍ତି । କୌଣସି ସ୍ଥାନ ଓ ଗୃହର ଐତିହାସିକ ଗୁରୁତ୍ୱ ଥିଲେ ବା ବିଶେଷ ଭାବରେ ରମଣୀୟ ହୋଇଥିଲେ ଜାତୀୟ ସ୍ୱାର୍ଥଦୃଷ୍ଟିରୁ ଏହି ଟ୍ରଷ୍ଟ ସେଗୁଡ଼ିକର ରକ୍ଷଣା-ବେକ୍ଷଣ କରିବେ । ଏହି ଦାୟିତ୍ୱ ପାଳନ କରିବା ପାଇଁ ନାସ୍‌ନାଲ ଟ୍ରଷ୍ଟ ଦେଶର ଯେକୌଣସି ସ୍ଥାନକୁ କ୍ରୟ-ବିକ୍ରୟ ସୂତ୍ରରେ ଦଖଲ କରିପାରିବେ ଓ ଯେକୌଣସି ବେସରକାରୀ ସମ୍ପତ୍ତିର ସଂରକ୍ଷଣ ପାଇଁ ଆଦେଶ ଦେଇପାରିବେ ।

ଏହି ଅନୁଷ୍ଠାନ ବ୍ୟାବସାୟିକ ଭିତ୍ତିରେ ଗଠନ ହୋଇନାହିଁ; ଏହାର ଲକ୍ଷ୍ୟ ଜାତୀୟ ସ୍ୱାର୍ଥ ରକ୍ଷାକରିବା । ଓ୍ୱାର୍ଡସଓ୍ୱାର୍ଥଙ୍କ ଜନ୍ମସ୍ଥାନ ଲେକ ଡିଷ୍ଟ୍ରିକ୍ଟରେ । ବିସ୍ତୃତ ଜମି ଦଖଲ କରି ଏହି ସ୍ଥାନର ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ନାସ୍‌ନାଲ୍ ଟ୍ରଷ୍ଟ ଅନେକ ପଦକ୍ଷେପ ନେଇଛି । କବିଙ୍କର ବାସଗୃହ ରାଇଡେଲ୍ ମାଉଣ୍ଟର ସଂରକ୍ଷଣ ଦାୟିତ୍ୱ ନାସ୍‌ନାଲ୍ ଟ୍ରଷ୍ଟ

ନେଇଛନ୍ତି । ଏହାଙ୍କ ଦ୍ୱାରା ନିଯୁକ୍ତ ସ୍ୱେଚ୍ଛାସେବୀମାନେ ଆମ୍ଭମାନଙ୍କୁ ଆନ୍ତରିକତାର ସହିତ ସେହି ସ୍ଥାନର ସବୁ ଦର୍ଶନୀୟ ଜିନିଷ ବୁଲାଇ ଦେଖାଇଥିଲେ । ଇଂଲଣ୍ଡରେ ନାସ୍‌ନାଲ୍ ଟ୍ରଷ୍ଟର ଭୂମିକା ବିଷୟରେ ସେଠାରେ ଗୋଟିଏ ଚଳଚ୍ଚିତ୍ର ଦେଖିଥିଲୁ । ନାସ୍‌ନାଲ୍ ଟ୍ରଷ୍ଟ ତାର ସଦସ୍ୟମାନଙ୍କଠାରୁ ସଭ୍ୟଚାନ୍ଦା ହିସାବରେ ଅର୍ଥ ପାଆନ୍ତି । ତା ଛଡ଼ା ପର୍ଯ୍ୟଟନ କେନ୍ଦ୍ରମାନଙ୍କରେ ନାନାପ୍ରକାର ସ୍ମାରକୀ ଦ୍ରବ୍ୟ ବିକ୍ରି କରି ଓ ଅନ୍ୟାନ୍ୟ ବିଭିନ୍ନ ଉପାୟରେ ତାଙ୍କର ଏହି ଜାତୀୟ କାର୍ଯ୍ୟ ପାଇଁ ପାଣ୍ଠି ସଂଗ୍ରହ କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ସ୍ମରଣ କରିବାର କଥା ଯେ ଭାରତରେ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ସରକାରଙ୍କର ସାହାଯ୍ୟ, ତତ୍ତ୍ୱାବଧାନ ଓ କର୍ତ୍ତୃତ୍ୱ ଥାଏ । ମନେହୁଏ, ଏହାଦ୍ୱାରା ଜାତୀୟ ଜୀବନର ପୂର୍ଣ୍ଣବିକାଶ ହୁଏନାହିଁ ଓ ସାଧାରଣ ନାଗରିକଙ୍କର ଦାୟିତ୍ୱବୋଧ ଜାଗ୍ରତ ହୁଏନାହିଁ ।

ସେ ଯାହାହେଉ, ଇଂଲଣ୍ଡରେ ଥିବା ସମୟରେ କେତେକ ଐତିହାସିକ ସ୍ଥାନ ଦେଖିବାକୁ ମୋର ଇଚ୍ଛା ଥିଲା । ବାରବାରାଙ୍କଠାରୁ ଶୁଣିଲି, ଲିଭରପୁଲର ଅତି ନିକଟରେ ଦୁଇଟି ପୁରାତନ ପ୍ରାସାଦ ଅଛି । ଜୁଲାଇ ୮ ତାରିଖରେ ସେଠାକୁ ଯିବା ସ୍ଥିର ହେଲା । ଆଲେନ୍‌ଙ୍କ ଗାଡ଼ିରେ ବାରବାରା, ମୁଁ ଓ ମୋ ସ୍ତ୍ରୀ ଯଥାଯଥ ପ୍ରାତଃଭୋଜନ ସାରି ସକାଳ ୧୦ଟା ବେଳେ ବାହାରିଲୁ । ଲିଭରପୁଲରୁ ମାତ୍ର ୮ ମାଇଲ ଦୂରରେ ସ୍ପିକ୍ ହଲ୍ (Speks Hall) ମଟରୱେ ଏ ୫୮୧ (A 581) ଦେଇ ଯିବାକୁ ହୁଏ । ସ୍ପିକ୍ ଉଡ଼ାଜାହାଜ-ଘାଟି ଏହାର ଅତି ନିକଟରେ ।

୧୪୯୦ ସାଲରେ ସମ୍ଭ୍ରାନ୍ତ ନରିସ-ବଂଶଦ୍ୱାରା ଏହି ସୁଦୃଶ୍ୟ ଓ ସୁବୃହତ୍ ସ୍ପିକ୍ ହଲ ପ୍ରଥମେ ନିର୍ମିତ ହୋଇଥିଲା । ଘରଟି କାଠରେ ତିଆରି ଏବଂ ଗଥିକ ଚାରୁକଳାରେ ସଜ୍ଜିତ । ଏହି ଚାରୁକଳାର ନିଦର୍ଶନ ଘର ଭିତରର ବୃତ୍ତାକାର ନିର୍ମାଣରୁ ଜାଣିହେବ । ଏହିପରି ସୁନ୍ଦର କାଠ-ତିଆରି ଘର ଟ୍ୟୁଡର୍ ରାଜାଙ୍କ ଅମଳରେ ଥିଲା । ଦକ୍ଷିଣ ଲଙ୍କାସାୟାର ଓ ଚେସାୟାର୍ ଅଞ୍ଚଳର ନିର୍ମାଣ କୌଶଳ ଏହି ଘର-ତିଆରିରେ ସୁସ୍ପଷ୍ଟ । ସ୍ପିକ୍ ଜମିଦାରୀ ବହୁ ପୁରାତନ । ୧୦୮୬ ସାଲରେ ଇଂଲଣ୍ଡ ଦେଶର ସମସ୍ତ ଜମିଜମା ସର୍ଭେ ହୋଇଥିଲା ତତ୍କାଳୀନ ରାଜା ଉଇଲିୟମଙ୍କ ଅମଳରେ । ଏହି ସର୍ଭେ ଗ୍ରନ୍ଥକୁ 'ଡୋମସ୍‌ଡେ ବୁକ୍' ବୋଲି ଦ୍ୱାଦଶ ଶତାବ୍ଦୀରେ ଓ ତାର ପରବର୍ତ୍ତୀ କାଳରେ ନାମ ଦିଆହୋଇଥିଲା । ମଧ୍ୟଯୁଗରେ ବ୍ୟବହୃତ 'ଡୋମସ୍‌ଡେ ବୁକ୍'ର ଅର୍ଥ ଡୁମସଡେ ବା ଶେଷବିଚାରର ଦିନ । ଏହି ଗ୍ରନ୍ଥରେ ଜମିମାଲିକର ନାମ, ଜମିର ଆୟତନ ଓ ମୂଲ୍ୟ, ପ୍ରଜା ଓ ଗୃହପାଳିତ ପଶୁଙ୍କ ସଂଖ୍ୟା ଉଲ୍ଲେଖ ଥିଲା । ଏହି ଅତି ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥରେ ସ୍ପିକ୍ ଜମିଦାରୀ ବିଷୟରେ ଉଲ୍ଲେଖ ଅଛି । ତେଣୁ, ଏଥିରୁ ସ୍ପଷ୍ଟଭାବରେ ଜଣାଯାଏ ଯେ ସ୍ପିକ୍ ଗୋଟିଏ ବହୁ ପୁରାତନ ଜମିଦାରୀ । ଏହି ସ୍ପିକ୍‌ର ଜମିଦାର ସାର୍ ଉଇଲିୟମ୍ ନରିସ୍ ଲେଙ୍କାଷ୍ଟର ସମ୍ପ୍ରଦାୟର ଲୋକଙ୍କ ପକ୍ଷରେ ୧୪୮୭ ସାଲରେ ଷ୍ଟୋକ୍ ଯୁଦ୍ଧରେ ଲଢ଼ିଥିଲେ । ତତ୍କାଳୀନ ଇଂଲଣ୍ଡର ରାଜା

ଏହି ସମ୍ପ୍ରଦାୟର ଲୋକ ଥିବାରୁ ଯୁଦ୍ଧ ପରେ ଉଇଲିଏମ୍ ନରସ୍‌ଙ୍କୁ ସାର୍ ଉପାଧିରେ ଭୂଷିତ କରାହୋଇଥିଲା ।

ଏହି ବୃହତ୍ତ ପ୍ରାସାଦର ସମ୍ପ୍ରସାରଣ କରିବା ଉଦ୍ଦେଶ୍ୟରେ ଏହାର ଦକ୍ଷିଣ ଭାଗକୁ ନିର୍ମାଣ କରିଥିଲେ ସାର୍ ଉଇଲିଏମ୍ ନରସ୍ । ଏହି ଅଂଶରେ ଗୋଟିଏ ବଡ଼ ହଲ୍, ପ୍ରାସାଦର କଚେରି ଓ ରୋଷାଇଘର ଅଛି । ଐତିହାସିକ କାରଣରୁ ଏହି ସମ୍ପ୍ରସାରଣ ସମ୍ଭବ ହୋଇଲା । ଟ୍ୟୁଡ଼ର୍ ରାଜାମାନେ ଦକ୍ଷ ଶାସକ ଥିବାରୁ ତାଙ୍କ ସମୟରେ ରାଜାଙ୍କର ଶତ୍ରୁମାନେ ମୁଣ୍ଡ ଟେକି ପାରୁ ନଥିଲେ ଓ ଦେଶରେ ଦୃଢ଼ ଶାସନ ଥିବାରୁ ଲୋକମାନେ ଶାନ୍ତିରେ ବାସକରୁଥିଲେ । ଏହି କାରଣରୁ ବାଣିଜ୍ୟ ବୃଦ୍ଧି ପାଇଲା ଓ ଲୋକଙ୍କର ଆର୍ଥିକ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଥିଲା । ଜମିଦାରମାନେ ମଧ୍ୟ ଯୁଦ୍ଧ ନ ଥିବାରୁ ଗୃହ-ନିର୍ମାଣ ଭଳି ଗଠନମୂଳକ କାର୍ଯ୍ୟରେ ମନୋନିବେଶ କଲେ । ଅନ୍ୟ ସମୟରେ ରାଜାଙ୍କ ସପକ୍ଷରେ କିମ୍ବା ବିପକ୍ଷରେ ଲଢ଼ିବାଦ୍ୱାରା ଏହି ଜମିଦାରମାନଙ୍କର ସମସ୍ତ ଶକ୍ତିର ଅପଚୟ ହେଉଥିଲା ।

ନରସ୍ ବଂଶର ସବୁ ଜମିଦାର ରୋମାନ୍ କାଥଲିକ ଧର୍ମାବଲମ୍ବୀ ଥିଲେ; ତେଣୁ ସେମାନେ ରାଜପରିବାରର ଆଂଗ୍ଲିକାନ ଗୀର୍ଜାରେ ଉପାସନା କରୁ ନ ଥିଲେ । ଏହିପରି ବିଦ୍ରୋହାତ୍ମକ କାର୍ଯ୍ୟ କରିବାରୁ ସେମାନଙ୍କୁ ବହୁ ଅର୍ଥଦଣ୍ଡ ଦେବାକୁ ପଡ଼ୁଥିଲା । ଏସବୁ କାରଣରୁ ଏହି ବଂଶର ଜମିଦାରମାନଙ୍କର ଆର୍ଥିକ ଅବସ୍ଥାରେ ପରବର୍ତ୍ତୀ କାଳରେ ଅବନତି ଘଟିଥିଲା । ଏହି ରୋମାନ୍ କାଥଲିକ ଜମିଦାରମାନେ ତାଙ୍କର ଧର୍ମୀୟ ଧର୍ମଯାଜକ-ମାନଙ୍କୁ ଏହି ପ୍ରାସାଦରେ ଲୁଚାଇ ରଖୁଥିଲେ । ସେ କୋଠରି ଏପର୍ଯ୍ୟନ୍ତ ରହିଛି । ଏସବୁଥିରୁ ସେ ସମୟର ସାମାଜିକ ଚିତ୍ର ସୁସ୍ପଷ୍ଟ । ନରସ୍-ବଂଶର ଅବନତି ଘଟିବାରୁ କାଳକ୍ରମେ ଏହି ସ୍ପିକ୍ ହଲ ବିକ୍ରି ହୋଇଗଲା ଏବଂ ଏହାକୁ କ୍ରୟ କଲେ ଲିଭରପୁଲର ବ୍ୟବସାୟୀ ଉଇଟ୍‌ଓର୍ଥ୍ । ପରିଶେଷରେ ୧୯୪୩ ସାଲରେ ନ୍ୟାସ୍‌ନାଲ୍ ଟ୍ରଷ୍ଟ ଏହାର ପରିଚାଳନାଭାର ଗ୍ରହଣ କଲେ । ସେହିଦିନଠାରୁ ଏହି ପ୍ରାସାଦ ନାସ୍‌ନାଲ୍ ଟ୍ରଷ୍ଟର କର୍ତ୍ତୃତ୍ୱାଧୀନରେ ରହିଛି ।

## ରଫୋର୍ଡ ଓଲ୍ଡ ହଲ :

ତା ପରେ ଦେଖିବାକୁ ଗଲୁ ରଫୋର୍ଡ ଓଲ୍ଡ ହଲ **(Rufford Old Hall)** । ଏହି ପ୍ରାସାଦର ସମ୍ମୁଖରେ ଗୋଟିଏ ସୁନ୍ଦର ଘାସପଡ଼ିଆ ଅଛି । ତାହାର ଚାରିକଡ଼ରେ ବଡ଼ ବଡ଼ ଗଛ ଓ ଫୁଲ ବଗିଚା । ପ୍ରଥମେ ଏହି ଘାସ ପଡ଼ିଆରେ ବସି ମଧ୍ୟାହ୍ନ-ଭୋଜନକଲୁ । ଲକ୍ଷ୍ୟ କଲୁ ନିକଟରେ ରଖାହୋଇଥାଏ ଅନେକଗୁଡ଼ିଏ ବସ୍ । ସେହି ବସ୍‌ମାନଙ୍କରେ ପର୍ଯ୍ୟଟକମାନେ ଆମପରି ଏହି ପୁରାତନ ପ୍ରାସାଦ ଦେଖିବାକୁ ଆସିଥାନ୍ତି । ପର୍ଯ୍ୟଟକମାନଙ୍କ ମଧ୍ୟରେ ବେଶୀ ଭାଗ ସ୍କୁଲର ଅଳ୍ପବୟସ୍କ ଛାତ୍ରଛାତ୍ରୀମାନେ । ସେମାନଙ୍କ

ସାଙ୍ଗରେ ତାଙ୍କ ସ୍କୁଲର ଶିକ୍ଷୟିତ୍ରୀ । ମଧ୍ୟାହ୍ନ-ଭୋଜନ ପାଇଁ ବାରବାଗ୍ ନେଇଥାନ୍ତି ସାମନ୍ ମାଛର ସାଣ୍ଡଓ୍ୱିଚ, କୁକୁଡ଼ା ରୋଷ୍ଟ, ସୁସ୍ୱାଦୁ ଚେରି ଫଳ, ଫଳରସ, ଚକୋଲେଟ ଇତ୍ୟାଦି । ମଧ୍ୟାହ୍ନ-ଭୋଜନ ସାରି ଏହି ଦର୍ଶନୀୟ ସ୍ଥାନଟି ଦେଖିବାକୁ ବାହାରିଲୁ ।

ରଫୋର୍ଡ ଓଲ୍ଡ ହଲ୍ ପଞ୍ଚଦଶ ଶତାବ୍ଦୀରେ ହେସ୍କେଥ୍ ପରିବାରର ବାସଗୃହ ଭାବରେ ନିର୍ମିତ ହୋଇଥିଲା । ଏହି ପୁରାତନ ପ୍ରାସାଦଟି ପରେ ଅନେକାଂଶରେ ପୁନଃ ନିର୍ମିତ ହୋଇଛି; କିନ୍ତୁ ଏହି ଗୃହର ବଡ଼ ହଲ୍‌ଟି ଅପରିବର୍ତ୍ତିତ ରହିଛି । ପ୍ରାସାଦର ଏହି ବଡ଼ ହଲ୍, ଖାଇବାଘର ଏବଂ ବୈଠକଖାନାର ନିର୍ମାଣରେ ଦେଖିବାକୁ ମିଳେ ଆଡ଼ମ୍ବର ଓ ସୁନ୍ଦର କାରୁକାର୍ଯ୍ୟ । ଏହି ପ୍ରାସାଦରେ ଅନେକ ସୁନ୍ଦର ଚିତ୍ର, ବହୁମୂଲ୍ୟ ପୋଷାକପତ୍ର ଓ ଅସ୍ତ୍ରଶସ୍ତ୍ର ସଂରକ୍ଷିତ ଅଛି । ଏଠାରେ ମଧ୍ୟ ଦେଖିବାକୁ ମିଳେ ପୁରାତନ କାଳର ଅନେକ ମାମୁଲି ଘରକରଣା ଜିନିଷ; ଯଥା—ମୁଣ୍ଡର ବାଳକୁ କୁଞ୍ଚକୁଞ୍ଚିଆ କରିବାର ଯନ୍ତ୍ର, ମହମବତିଦାନି, ମହମବତି ରଖିବା ବାକ୍ସ, ଖାଇବା ଟେବୁଲ ପାଇଁ ଛୁରି, ଲୁଣ ରଖିବା ପାଇଁ ବାକ୍ସ, କଳେଇ ବାସନ, ମସଲା ରଖିବାର ମାଟି ତିଆରି ପାତ୍ର, ପାଉଁରୁଟି ସେକିବା ଉପକରଣ, ଚୁଲି ପାଖରେ ପାତ୍ର ରଖିବା ଷ୍ଟାଣ୍ଡ ଇତ୍ୟାଦି । ତା' ଛଡ଼ା କାଠତିଆରି ପାଣି ପାଇପ ଓ ଗହମ ଆଦି ଶସ୍ୟ ଚୂନା କରିବା ପାଇଁ ପଥରଚକି ସେଠାରେ ଦେଖିଲୁ । ଏହା ଛଡ଼ା ସେଠାରେ ଗୋଟିଏ କାଠତିଆରି ନୋଟିସ ବୋର୍ଡ ମଧ୍ୟ ଅଛି । ଏହି ନୋଟିସ ବୋର୍ଡରେ ସତର୍କବାଣୀ ଥିବା ଗୋଟିଏ ନୋଟିସ ଏବେ ମଧ୍ୟ ଅଛି । ଜଙ୍ଗଲରେ ବେଆଇନ ଶିକାର କରୁଥିବା ବ୍ୟକ୍ତିଙ୍କୁ ସାବଧାନ କରି ଏହି ନୋଟିସ ଦିଆହୋଇଛି । ଏପରି ବ୍ୟକ୍ତିମାନଙ୍କୁ ଧରିବା ପାଇଁ ଏକପ୍ରକାର ଯନ୍ତ୍ର ଥିଲା । ୧୭୬୦ ସାଲର ଏପରି ଗୋଟିଏ ଯନ୍ତ୍ର ଏ ଘରେ ଏପର୍ଯ୍ୟନ୍ତ ଅଛି । ଏହି ଯନ୍ତ୍ର ଦେଖିଲାବେଳେ ସେକ୍ସପିଅରଙ୍କର କିଙ୍ଗ ଲିୟର (King Lear) ନାଟକ କଥା ମନେପଡ଼ିଲା ।

Cornwall—This is a fellow of the self-same
colour our sister speaks. Come bring away the stocks,
(Stocks brougt out)

Gloucester—Let me beseech your Grace not to do so.
His fault is much, and the good king his master
Will check him for't : your purpos'd low correction
Is such as basest and contemned'st wrltches
For pilferings and most common trespasses
Are punish'd with : the King must take it ill,
That he, so slightly valu'd in his messenger,

Should have him thus restrain'd.
Cornwall—I'll answer that.

Regan—My sister may receive it much more worse
To have her gentleman abus'd, assaulted,
For following her affairs, Put in his legs.

[Kent is put in the stocks]
King Lear -II- 1 145-57

ବେଆଇନ ଶିକାର କରୁଥିବା ବ୍ୟକ୍ତିକୁ ଯନ୍ତ୍ରାରେ ଧରିବା ଭଳି ଅମାନୁଷିକ ପ୍ରଥା ସେତେବେଳେ ଥିଲା । ସେହିପରି ଉପରୋକ୍ତ ଧାଡ଼ିରେ ଡ୍ୟୁକ୍ ଅଫ୍ କର୍ଣ୍ଣୱାଲ କେଣ୍ଟଙ୍କୁ ତାଙ୍କର ଔଦ୍ଧତ୍ୟ ପାଇଁ ଗୋଟିଏ ପ୍ରକାର କାଠଯନ୍ତ୍ରାରେ ବସାଇ ଦଣ୍ଡ ଦେଇଥିଲେ । ଏହି କାଠଯନ୍ତ୍ରାରେ ଥିବା ଗାତ ଭିତରେ ଗୋଡ଼ ପୂରାଇ ବନ୍ଦ କରିଦେଇହେଉଥିଲା । ଏପରି ଦଣ୍ଡିତ ବ୍ୟକ୍ତି ଗୋଡ଼କୁ ସେହିପରି ଅବସ୍ଥାରେ ରଖି ଦୀର୍ଘ ସମୟ ଧରି ବସିବାକୁ ବାଧ୍ୟ ହେଉଥିଲା । ଏସବୁ ହୀନ ବ୍ୟବସ୍ଥା ସେ ସମୟର ନିଷ୍ଠୁର ଶାସକଙ୍କ ବିଷୟରେ ଧାରଣା ଦିଏ । ଆଶ୍ଚର୍ଯ୍ୟର କଥା, ଏହି ନିଷ୍ଠୁର ବ୍ୟକ୍ତିମାନେ ସାହିତ୍ୟ ଓ କଳାପ୍ରେମୀ ଥିଲେ । ହେସ୍କେଥ୍ ପରିବାରର ନିଜର ଗୋଟିଏ ଅଭିନେତାଦଳ ଥିଲା । ପ୍ରମାଣ ମିଳେ ଯେ ସେକ୍ସପିଅର ମଧ୍ୟ ଏହି ଅଭିନେତାଦଳରେ ଥିଲେ । ଲି-ଅଧିବାସୀ ଆଲେକ୍‌ଜାଣ୍ଡର ହଟନ (Alexander Houghton of Lea)ଙ୍କ ଦଉପତ୍ରର ଅବିକଳ ନକଲ ଏପର୍ଯ୍ୟନ୍ତ ଏହି ପ୍ରାସାଦର ହଲ୍‌ରେ ଅଛି । ଏହି ଦଉପତ୍ରରୁ ଓ ଅନ୍ୟାନ୍ୟ ଦଲିଲପତ୍ରରୁ ସେକ୍ସପିଅର ହେସ୍କେଥ ଅଭିନେତା କମ୍ପାନୀରେ ଜଣେ ଅଭିନେତା ଥିଲେ ବୋଲି ପ୍ରମାଣ ମିଳେ । ଏ ତଥ୍ୟ ସମାଲୋଚକଙ୍କ ପକ୍ଷରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏ ଦୁଇ ପୁରୁଣା ପ୍ରାସାଦ ଦେଖି ଫେରିଲୁ ସନ୍ଧ୍ୟା ୭ଟା ବେଳକୁ ।

## ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ :

ଡିସେମ୍ବର ମାସରେ ଶୀତ ବଢ଼ିବାକୁ ଲାଗିଲା । ଅନେକ ସମୟରେ ବର୍ଷା ଓ ତୁଷାରପାତ ହେଉଥିବାରୁ କୁଆଡ଼େ ଯିବାକୁ ଇଚ୍ଛାହେଉନଥାଏ । ଘରେ ସବୁବେଳେ ଇଲେକ୍ଟ୍ରିକ ଫାୟାର୍ ପାଖରେ ବସିଥାଉ । ତା ଛଡ଼ା ଦିଆଯାଏ ସେଣ୍ଟ୍ରାଲ୍ ହିଟିଂ । ଏହି ବ୍ୟବସ୍ଥା-ଦ୍ୱାରା ସମ୍ପୂର୍ଣ୍ଣ ଘରକୁ ଏକସମୟରେ ଗରମ କରିହୁଏ । ଯନ୍ତ୍ର ସାହାଯ୍ୟରେ ଉତ୍ତାପର ମାତ୍ରା ନିୟନ୍ତ୍ରିତ କରିବାର ବ୍ୟବସ୍ଥା ମଧ୍ୟ ଏଥିରେ ଅଛି । ତା ଛଡ଼ା ନାନାପ୍ରକାର ଗରମ ପୋଷାକ ସବୁବେଳେ ପିନ୍ଧିଥାଉ । ସେ ପୋଷାକ କଥା ମନେପଡ଼ିଲେ ଏବେ ଆଶ୍ଚର୍ଯ୍ୟ ଲାଗେ । ଥର୍ମାଲ ଅଣ୍ଡର ୱିଅର ସବୁବେଳେ ପିନ୍ଧିବାକୁପଡ଼େ । ଠିକ୍ ଗେଞ୍ଜି ଭଳି ପଶମ କନାରେ ତିଆରି ଚିପା ପେଣ୍ଟ ଓ ଗେଞ୍ଜି । ତା ଉପରେ ସାର୍ଟ ଓ ସ୍ୱେଟର । ସେ ସବୁ

ଉପରେ ଗରମକନାର ପେଣ୍ଟ ଓ କୋଟ୍ । ବାହାରକୁ ଗଲାବେଳେ ହାତରେ ମୋଜା, ପାଦରେ ଦୁଇଟି ମୋଜା ଓ ମୁଣ୍ଡରେ ଟୋପି । ପାଗ ଭଲଥିଲେ ବେଳେବେଳେ ବୁଲିକରି ବୁଲିଯାଏ । ରାସ୍ତାକଡ଼ରେ ଦେଖେ କେତେ ବଡ଼ ବଡ଼ ଗଛ, ମାତ୍ର ଗୋଟିଏ ବୋଲି ପତ୍ର ନାହିଁ । ଏଗୁଡ଼ିକ ହେମନ୍ତ ଋତୁରେ ଗଛରୁ ଖସିପଡ଼ିଛି । ଗଛରୁ ଖସିବା-ବେଳେ ସେଗୁଡ଼ିକ ପୂର୍ବପରି ଆଉ ସତେଜ ଓ ସବୁଜ ରଙ୍ଗର ନୁହେଁ—ସେଗୁଡ଼ିକ ହଳଦିଆ, କଳା ଓ ଲାଲ ରଙ୍ଗର ବ୍ୟାଧିଗ୍ରସ୍ତ ପତ୍ର । ସେ ସବୁ ପବନରେ ଉଡ଼ି ଉଡ଼ି ବହୁତ ଦୂରରେ ଶୀତକାଳୀନ କବରରେ ପୋତି ହୋଇ ରହନ୍ତି । ପବନରେ ଉଡ଼ି ଗଲାବେଳେ ସେମାନେ ଜଣାପଡ଼ନ୍ତି ଯେପରି ଯାଦୁକର କୁହୁକରେ ଗ୍ରସ୍ତ ପଳାଉଛନ୍ତି ଭୂତପ୍ରେତଦଳ । ବସନ୍ତର ପ୍ରାରମ୍ଭରେ ପୁନର୍ଜୀବନ ଲାଭ କରିବେ ଏମାନେ ଏବଂ ସେତେବେଳେ ଧରା ହସିଉଠିବ ଏବଂ ଚତୁର୍ଦ୍ଦିଗରେ ଦିଶିବ ଫଳପୁଷ୍ପଭରା ପ୍ରକୃତିର ରମଣୀୟ ବେଶ । କବି ଶେଲି ତାଙ୍କର ସୁନ୍ଦର କଳ୍ପନାକୁ ଏହିପରି ଭାବରେ ରୂପ ଦେଇଛନ୍ତି Ode to the West Wind କବିତାରେ :

O wild west, thou, breath of Autumn's being
Thou, from whose unseen presence the leaves dead
Are driven, like ghosts from an enchanter fleeing,
Yellow, and black, and pale, and hectic red,
Pestilence sticken multitudes : O thou
Who chariotest to their dark wintry bed
The winge'd seeds, where they live cold and low,
Each like a corpse within its grave, until
Thine azure sister of The Spring shall blow
Her clarion o'er the dreaming earth.

(Ode to the West Wind 1.1)

୨୫ ତାରିଖ ଡିସେମ୍ବରରେ ବଡ଼ଦିନ; ଖ୍ରୀଷ୍ଟିୟାନ ସଂପ୍ରଦାୟର ଶ୍ରେଷ୍ଠ ପର୍ବ । ପୃଥିବୀର ସର୍ବତ୍ର ଏହା ଜାକଜମକରେ ପାଳିତ ହୁଏ । ଏହି ଦିବସରେ ଯିଶୁଖ୍ରୀଷ୍ଟଙ୍କର ଜନ୍ମ ଓ ଆବିର୍ଭାବ ଦିବସ; ତେଣୁ, ଏହା ଗୋଟିଏ ପବିତ୍ର ଦିବସ ସମଗ୍ର ଖ୍ରୀଷ୍ଟ-ଜଗତରେ । ଏହି ଉତ୍ସବ ପାଳିତ ହୁଏ ପ୍ରତ୍ୟେକ ଗୃହରେ । ତେଣୁ, ଏହା ପୂର୍ବରୁ ବାକି ରହିଥିବା ପ୍ରଧାନ ସ୍ଥାନ ସେକ୍ସପିଅରଙ୍କର ଜନ୍ମସ୍ଥାନ ଷ୍ଟ୍ରାଟ୍ ଫୋର୍ଡ ଅପନ୍ ଆଭନ୍ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦେଖିବାକୁ ଆଲେନ ଓ ବାରବାରା ପ୍ରସ୍ତାବ କଲେ । ଯିବାକୁ ହେଲେ ଦୁଇଦିନ ଲାଗିବ । ଛୁଟି ନ ଥିବାରୁ ଝିଅ ଓ ଜୋଇଁ ନ ଯାଇ ଆମେ ଦୁଇଜଣ ତାଙ୍କ ସଙ୍ଗରେ ଯିବା ଠିକ୍ ହେଲା । ଷ୍ଟ୍ରାଟ୍‌ଫୋର୍ଡରେ ପ୍ରସିଦ୍ଧ ରୟେଲ ସେକ୍ସପିୟର ଥିଏଟର

ଅଛି । ସେଠି ସେକ୍‌ସପିଅରଙ୍କ ଲିଖିତ ଗୋଟିଏ ନାଟକ ମଧ୍ୟ ଦେଖିବା ସ୍ଥିର ହେଲା । ପ୍ରସ୍ତାବ ବଡ଼ ଆକର୍ଷଣୀୟ । ସେତେବେଳେ ବେଶ୍ ଥଣ୍ଡା ପଡ଼ିଲାଣି; ତଥାପି ଡିସେମ୍ବର ୧୭ ତାରିଖ ଦିନ ଯେତେବେଳେ ଘରୁ ବାହାରିଲୁ ମନ ଆନନ୍ଦରେ ପୂରିଥାଏ । ଗରମ ଲୁଗାପଟା ଓ ଯାବତୀୟ ଖାଦ୍ୟ ଜିନିଷ ସଙ୍ଗରେ ନିଆହୋଇଥାଏ । ଲିଭରପୁଲରୁ ଚେଷ୍ଟର କାଉଣ୍ଟି ମଧ୍ୟଦେଇ ଗଲାବେଳେ ରାସ୍ତାର ଦୁଇ ପାଖରେ ଦେଖିଲୁ ବିସ୍ତୃତ ଅଞ୍ଚଳରେ ତୁଷାରପାତ । ରାସ୍ତାରେ ପଡ଼ିଥିବା ବରଫ ଆଗରୁ ଗାଡ଼ି ସାହାଯ୍ୟରେ ସଫା କରାହୋଇଛି । ଏହି ଗାଡ଼ିସବୁ ରାସ୍ତାରେ ଲୁଣ ପକାଇବା ଦ୍ୱାରା ଜମା ହୋଇଥିବା ବରଫ ମିଳେଇ ଯାଇ ରାସ୍ତା ସଫାହୋଇଯାଏ । ବାଟରେ ଗୋଟିଏ ସର୍ଭିସେସ (Services)ରେ ମଧ୍ୟାହ୍ନ-ଭୋଜନ କଲୁ । ନିର୍ଜନ, ଜନଗହଳି ନଥିବା ପଲ୍ଲୀ ରାସ୍ତାଦେଇ ଅକ୍‌ସଫୋର୍ଡରେ ପହଞ୍ଚିଲା ବେଳକୁ ଦିନ ପ୍ରାୟ ୨ଟା ।

ଏହି ଅକ୍‌ସଫୋର୍ଡ ସହରର ପୁଷ୍ଟିସାଧନ କରିଛି କେତେଗୁଡ଼ିଏ ପୁରାତନ କଲେଜ; ଯାହାର ସମଷ୍ଟିରେ ଗଠିତ ପ୍ରସିଦ୍ଧ ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ । ପୁରାତନ କଲେଜ-ମାନଙ୍କ ମଧ୍ୟରେ ମର୍ଟନ୍‌ସ କଲେଜ ସବୁଠାରୁ ପ୍ରାଚୀନ । ୧୨୬୩ ସାଲରେ ପ୍ରତିଷ୍ଠିତ ହୋଇଥିବା ବାଲିଅଲ୍ କଲେଜର ଅଳ୍ପ ଆଗରୁ ଏହା ପ୍ରତିଷ୍ଠିତ ହୋଇଥିଲା । ଏକ୍‌ସଟର କଲେଜ (୧୩୧୪), ଅରିଏଲ୍ କଲେଜ (୧୩୨୬), କ୍ୱିନସ କଲେଜ (୧୩୪୧) ମେଗ୍‌ଡେଲିନ୍ କଲେଜ (୧୪୪୮), ଅଲ ସୋଲ୍‌ସ୍ କଲେଜ (୧୪୩୮), କ୍ରାଇଷ୍ଟଚର୍ଚ୍ଚ-କଲେଜ (୧୫୪୬) ଏବଂ ଟ୍ରିନିଟି କଲେଜ (୧୫୫୫) ଏଠାରେ ଥିବା ବହୁ ପୁରାତନ କଲେଜମାନଙ୍କ ମଧ୍ୟରେ ସବୁଠାରୁ ପ୍ରସିଦ୍ଧ । ଏସବୁ କଲେଜର ନାମ ନାନା ବହିରୁ ପଢ଼ିଥିବାରୁ ସେଥି ସଙ୍ଗେ ପରିଚିତ ଥିଲି ।

ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ଆଧୁନିକ ଭାରତର ବିଶ୍ୱବିଦ୍ୟାଳୟମାନଙ୍କ ପରି ସଙ୍ଗଠିତ ନୁହେଁ । ଭାରତରେ ଶିକ୍ଷାଦାନ କରୁଥିବା ବିଶ୍ୱବିଦ୍ୟାଳୟମାନଙ୍କରେ ବିଭିନ୍ନ ପାଠ୍ୟ ବିଷୟ ପାଇଁ ବିଭିନ୍ନ ବିଭାଗ ଥାଏ । ଏହି ବିଭାଗମାନଙ୍କରେ ଜଣେ ବିଭାଗୀୟ ମୁଖ୍ୟ ଥାଆନ୍ତି ଓ ତାଙ୍କ ଛଡ଼ା ପ୍ରାକ୍-ଅଧ୍ୟାପକ ଓ ଲେକଚର୍ ମଧ୍ୟ ଥାଆନ୍ତି । ସମସ୍ତେ ସେହି ବିଭାଗର ଅଧ୍ୟାପନା କାର୍ଯ୍ୟ କରନ୍ତି । ବିଭାଗୀୟ ମୁଖ୍ୟ ସେହି ବିଷୟରେ ନାମ ଲେଖା ଓ ସାଧାରଣ ଶାସନ ଦାୟିତ୍ୱରେ ରହନ୍ତି । ବିଶ୍ୱବିଦ୍ୟାଳୟର ସାମୂହିକ ଶାସନ ଦାୟିତ୍ୱରେ ରେଜିଷ୍ଟ୍ରାର ଅଛନ୍ତି । ତା' ଛଡ଼ା ସର୍ବୋପରି ସିନେଟ୍, ସିଣ୍ଡିକେଟ୍, କୁଳପତି ଓ କୁଳାଧିପତି । ଉତ୍କଳ ବିଶ୍ୱବିଦ୍ୟାଳୟର ଏହି ବିଭାଗ ସବୁ ବାଣୀବିହାରରେ ଅଛି ଓ ସେମାନେ କେବଳ ଏମ୍. ଏ. ଓ ଏମ୍. ଏସ୍‌ସି. ଡିଗ୍ରୀ ପାଇଁ ଶିକ୍ଷାଦାନ କରନ୍ତି । ଆଇ. ଏ., ଆଇ. ଏସ୍‌ସି , ବି. ଏ. ଓ ବି. ଏସ୍‌ସି. ଇତ୍ୟାଦି ପାଇଁ ମଞ୍ଜୁରିପ୍ରାପ୍ତ କଲେଜମାନଙ୍କରେ ଶିକ୍ଷାଦାନ ହୁଏ ।

ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସମସ୍ତ ଶିକ୍ଷାଦାନର ବ୍ୟବସ୍ଥା ଏହି କଲେଜମାନେ କରିଥାଆନ୍ତି । ଏହି କଲେଜମାନଙ୍କର ନିଜର ଶାସନମୁଖ୍ୟ ବା ଅଧ୍ୟକ୍ଷ ଅଛନ୍ତି । ସେମାନେ

ନିଜ ନିଜ କଲେଜର ଶାସନ ଓ ଅଧ୍ୟାପନା ଦାୟିତ୍ୱରେ ଥାଆନ୍ତି । ଆବଶ୍ୟକ ସ୍ଥଳେ ସାମୂହିକ ସ୍ୱାର୍ଥଦୃଷ୍ଟିରୁ ଏହି ଅଧ୍ୟକ୍ଷମାନଙ୍କର ବେଳେବେଳେ ଶାସନ-ସଂକ୍ରାନ୍ତରେ ଆଲୋଚନା ସଭା ହୁଏ । ତା ବ୍ୟତୀତ ବିଶ୍ୱବିଦ୍ୟାଳୟରେ ବିଧିବଦ୍ଧ ଶାସନକଳ କିଛି ନାହିଁ । ଅବଶ୍ୟ ବିଶ୍ୱବିଦ୍ୟାଳୟ ହଲ୍‌ରେ ପରୀକ୍ଷା ହୁଏ ଓ ଯଥାସମୟରେ ପରୀକ୍ଷାଫଳ ବାହାରେ । ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର ହଲ ଆମେ ସେଠାରେ ଦେଖିଲୁ । ତା ଛଡ଼ା ସମାବର୍ତ୍ତନ ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ହଲ୍ ଅଛି । ତେବେ ଏ ଗୃହସବୁ ଏତେ ବଡ଼ ଆକାରରେ କିମ୍ବା ଆଡ଼ମ୍ବରପୂର୍ଣ୍ଣ ଭାବରେ ନିର୍ମିତ ହୋଇନାହିଁ । ବିଭିନ୍ନ କଲେଜମାନ ବୁଲିକରି ଦେଖିଲୁ । ଏହି ସବୁ କଲେଜଗୃହରେ କ୍ଲାସ ହୁଏ, ଅଧ୍ୟାପକ ଓ ଛାତ୍ରମାନେ ରହନ୍ତି । ଛାତ୍ରାବାସ ଓ ଅଧ୍ୟାପକଙ୍କ ରହିବା ପାଇଁ ସ୍ୱତନ୍ତ୍ର ଘର ଏଠାରେ ନାହିଁ । ସହରର ବିଭିନ୍ନ ଭଡ଼ାଘରେ ମଧ୍ୟ ଛାତ୍ରମାନେ ରହନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଐତିହ୍ୟ ଅଛି । ଅନେକ ପୃଥିବୀବିଖ୍ୟାତ ଅଧ୍ୟାପକ ଏଠାରେ ଅଧ୍ୟାପନା ଦାୟିତ୍ୱରେ ଅଛନ୍ତି । ଇଂଲଣ୍ଡ ଦେଶ ଛଡ଼ା ଅନ୍ୟ ଦେଶମାନଙ୍କରୁ ମଧ୍ୟ ବହୁ ମେଧାବୀ ଛାତ୍ର ଆସି ଏଠାରେ ଅଧ୍ୟୟନ କରନ୍ତି । ବହୁ ଗବେଷକ ତାଙ୍କର ଗବେଷଣାଦ୍ୱାରା ପୃଥିବୀକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ଏ ବିଶ୍ୱବିଦ୍ୟାଳୟରେ ଛାତ୍ରଭାବରେ ସ୍ଥାନ ପାଇବା କିମ୍ବା ଅଧ୍ୟାପକ ଭାବରେ ନିଯୁକ୍ତି ପାଇବା ବଡ଼ କଷ୍ଟ ଓ ଅତ୍ୟନ୍ତ ଗୌରବର ବିଷୟ । ଯେଉଁ କାରଣରୁ ହେଲେ ମଧ୍ୟ ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ଅନେକ ସମୟରେ ଛାତ୍ର ଅଶାନ୍ତି ହୁଏ । ମାସ-ମାସଧରି ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯାଏ । ପୁଲିସ୍‌ମାନେ ଲାଠି, ବନ୍ଧୁକ ଧରି ଶାନ୍ତିରକ୍ଷା ପାଇଁ ଜଗିରହନ୍ତି । ଛାତ୍ର ଅଶାନ୍ତି ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ନାହିଁ । ସମସ୍ତେ ଜ୍ଞାନ ଅର୍ଜନରେ ବ୍ୟସ୍ତ । ଜୀବନରେ ଅନ୍ୟ ଲକ୍ଷ୍ୟ ନାହିଁ । ଅଧ୍ୟାପକମାନେ ନିଜ ନିଜ ବିଷୟରେ ସମଗ୍ର ପୃଥିବୀରେ ଖ୍ୟାତିଲାଭ କରିଛନ୍ତି । କିନ୍ତୁ ତାଙ୍କର ପୋଷାକରୁ କିମ୍ବା ତାଙ୍କର ବ୍ୟବହାରରୁ ସେମାନେ ଏତେ ବଡ଼ ପଦବୀର ଅଧିକାରୀ ବୋଲି ଜାଣି ହେବ ନାହିଁ । ଏହି କଲେଜମାନ ବୁଲିକରି ଦେଖିଲୁ । ବଡ଼ ଭଲଲାଗିଲା । କେଡ଼େ ଶାନ୍ତ, ସରଳ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ! ଏସବୁଥିରୁ ଆମ ବିଶ୍ୱବିଦ୍ୟାଳୟମାନଙ୍କର ବହୁତ ଶିଖିବାର ଅଛି ।

ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଭିତରେ ଥିବା **Bodlian Library** ଦେଖିଲୁ । ସାର୍ ଟମାସ୍ ବଡଲିଙ୍କ ଦ୍ୱାରା ପଞ୍ଚଦଶ ଶତାବ୍ଦୀରେ ପ୍ରତିଷ୍ଠିତ ଏହି ପୁସ୍ତକାଗାର ପୃଥିବୀବିଖ୍ୟାତ । ଏଥିରେ ବହୁ ସଂଖ୍ୟାରେ ଦୁଷ୍ପ୍ରାପ୍ୟ ପୁସ୍ତକମାନ ଗଚ୍ଛିତ ଅଛି । ଆଇନ ଅନୁଯାୟୀ ଇଂଲଣ୍ଡ ଦେଶରେ ପ୍ରକାଶିତ ପ୍ରତ୍ୟେକ ପୁସ୍ତକ ଏହି ପୁସ୍ତକାଗାରରେ ସ୍ଥାନ ପାଇଥାଏ । ଏହି ପୁସ୍ତକାଗାର ଗବେଷଣାରତ ଛାତ୍ର ଓ ଅଧ୍ୟାପକଙ୍କର ଅମୂଲ୍ୟ ସମ୍ପଦ । ଅକ୍ସଫୋର୍ଡରେ ଥିବା ସମୟରେ କେତେକ ବହି-ଦୋକାନ ମଧ୍ୟ ଦେଖିଲୁ । ସବୁ ପ୍ରକାରର ବହି ସୁସଜ୍ଜିତ ଭାବରେ ସେଠି ରଖାହୋଇଛି । ପୁରୁଣା ବହିମାନ ମଧ୍ୟ ଅଳ୍ପ ଦାମରେ ମିଳେ । ଏହି ବହିଗୁଡ଼ିକ ଅବିକଳ ନୂଆ ବହିଭଳି ଦିଶୁଥାଏ । ଏସବୁ ଦେଖି

ମନେହୁଏ ପଢ଼ିବା ପାଇଁ କେତେ ଅପୂର୍ବ ସୁଯୋଗ ! ଆମର ଛାତ୍ର ଓ ଅଧ୍ୟାପକମାନେ ଲାଇବ୍ରେରୀ ଓ ବହି-ଦୋକାନରୁ ସୁବିଧାରେ ବହି ପାଇପାରନ୍ତି ନାହିଁ—ଏହା ପଢ଼ିବା ଓ ଗବେଷଣା କରିବା ବାଟରେ ଘୋର ଅନ୍ତରାୟ ସୃଷ୍ଟି କରେ । ଦୁଇ ତିନୋଟି ବହି କିଣିଲି । ବେଶୀ ବହି କିଣିଲେ ସଙ୍ଗରେ ନେଇହେବ ନାହିଁ ଭାବି ଲୋଭସମ୍ବରଣ କରି ସେଠାରୁ ଆସିଲି ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦେଖିସାରି ରାତ୍ରି ଭୋଜନ କରି ଷ୍ଟ୍ରାଟ୍‌ଫୋର୍ଡ ଅପନ୍ ଆଭନ୍ ଉଦ୍ଦେଶ୍ୟରେ ଯାତ୍ରାକଲୁ । ରାତ୍ରି ପ୍ରାୟ ୮ଟା ବେଳେ ସେଠାରେ ପହଞ୍ଚିଲୁ । ବହୁ ପୂର୍ବରୁ ଗୋଟିଏ ହୋଟେଲରେ ଆମର ସ୍ଥାନ ସଂରକ୍ଷଣ କରାହୋଇଥିଲା । ସେଠି ଯାଇ ରାତିରେ ରହିଲୁ । ହୋଟେଲଟି ଭଲ ଲାଗିଲା, ରହିବାକୁ ସବୁ ସୁବିଧା ଅଛି; କିନ୍ତୁ କୋଳାହଳ ନାହିଁ । ପ୍ରତି କୋଠରି ପାଇଁ ଦୈନିକ ଭଡ଼ା ୩୮ ପାଉଣ୍ଡ; ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ଟ ୬୦୦ । କୋଠରିରେ ଟେଲିଭିଜନ ଓ ଫୋନ୍ ଥାଏ । ତା ଛଡ଼ା ଦେଖିଲି, ଅଛି ଚା କରିବା ପାଇଁ ଅଭିନବ ବ୍ୟବସ୍ଥା । ଦୁଇଟି କେଟଲି ଲଗାଲଗି ରହିଛି । ଗୋଟିଏ କେଟଲିରେ ପାଣି ଗରମ ହେଲେ ଆର କେଟଲିକୁ ଆପେ ଚାଲିଯିବ । ସେହି କେଟଲିରେ ଥିବ ଗ୍ରେଟ ଚା ପ୍ୟାକେଟ, ଦୁଧ ଓ ଚିନି । ଅତଏବ ଆପେ ଆପେ ଚା ହୋଇଯିବ । ଚା' କରି ଖାଇବା ପାଇଁ ଯାବତୀୟ ସାମଗ୍ରୀ ହୋଟେଲ ତରଫରୁ ସେଠି ଥାଏ । ତେଣୁ ସକାଳୁ ଉଠି କାହାକୁ ନ ଡାକି ଚା' ତିଆରି କରି ଖାଇଲୁ ।

## ଷ୍ଟ୍ରାଟଫୋର୍ଡ ଅପନ୍ ଆଭନ୍ ଓ ସେକ୍ସପିଅର ରଙ୍ଗମଞ୍ଚ :

ସକାଳେ ପ୍ରାତଃଭୋଜନ ସାରି ଷ୍ଟ୍ରାଟଫୋର୍ଡ ଅପନ୍ ଆଭନ୍ ସହର ଦେଖିବାକୁ ବାହାରିଲୁ । ଓ୍ୱାରଓ୍ୱିକ କାଉଣ୍ଟିର ଏହା ଗୋଟିଏ ଛୋଟ ସହର । ଲୋକସଂଖ୍ୟା ମାତ୍ର ୧୯୦୦୦; କିନ୍ତୁ ପର୍ଯ୍ୟଟକ କେନ୍ଦ୍ର ଭାବରେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଛି । ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ସେକ୍ସପିଅର ଓ ତାଙ୍କ ପରିବାରର ସ୍ମୃତିଜଡ଼ିତ ଏହି ସ୍ଥାନ ଦେଖିବାକୁ ଆସିଥାନ୍ତି । ସହରରେ ବୁଲିଲାବେଳେ ଏକ ଅଦ୍ଭୁତ ଭାବପ୍ରବଣତା ମନରେ ଜାତହୁଏ । ଏଠି ଅତୀତର ଚିହ୍ନ ସବୁଠାରେ ପ୍ରତିଫଳିତ । ରାସ୍ତାମାନ ଅଣଓସାରିଆ, ପଥରରେ ତିଆରି, ଅସମତଳ । ଘରମାନ କାଠରେ ତିଆରି । ସହରରେ ଆଧୁନିକ ଯୁଗର ସାଜସଜ୍ଜା ନାହିଁ । ଠିକ୍ ମନେହେବ, ଯେପରି ଆମେ ସେକ୍ସପିଅରଙ୍କ ଯୁଗରେ ଅଛୁ । ଅନେକ ପୁରାତନ ଘର ଏପର୍ଯ୍ୟନ୍ତ ସଂରକ୍ଷିତ ଅଛି; ବିଶେଷତଃ ସେକ୍ସପିଅର ପରିବାରଙ୍କର । ଯେଉଁ ଘରେ ସେକ୍ସପିଅର ଜନ୍ମଗ୍ରହଣ କରିଥିଲେ, ସେ ଘରକୁ ଯତ୍ନରେ ସଂରକ୍ଷିତ କରାହୋଇଛି ।

ଏ ଘରର ଇତିହାସ ବିଚିତ୍ର । ୧୮୪୭ ସାଲ ସେପ୍ଟେମ୍ବର ମାସ, ୧୬ ତାରିଖରେ ଏହି ଘର ବିକ୍ରି ହେବ ବୋଲି 'ଟାଇମ୍‌ସ' ପତ୍ରିକାରେ ବାହାରିଲା । ଏ ବିକ୍ରି-ସମ୍ବାଦ

ଇଂଲଣ୍ଡରେ ଚହଳ ପକାଇଦେଇଥିଲା; କାରଣ ଜନରବ ହେଲା—ଏହି ଘର କିଣା ହୋଇ ଆମେରିକାକୁ ସ୍ଥାନାନ୍ତରିତ ହେବ ଏବଂ ଘରେ ଚକ ଲଗାଇ ବିଭିନ୍ନ ସ୍ଥାନକୁ ନିଆହେବ, ଫେରିବାଲାମାନେ ଯେପରି ତାଙ୍କ ଜିନିଷକୁ ନିଅନ୍ତି କିମ୍ବା ଯନ୍ତ୍ରରେ ପୂରାଇ ଯେପରି ସର୍କସ ପାର୍ଟିମାନେ ବିଭିନ୍ନ ପଶୁଙ୍କୁ ଖେଳ ଦେଖାଇବା ସ୍ଥାନକୁ ନେଇଥାନ୍ତି । ଏପରି ସମ୍ଭାବନାରେ ଇଂରେଜଜାତିର ଜାତୀୟ ଚେତନା ଜାଗ୍ରତ ହେଲା । ସେକ୍ସ-ପିଅରଙ୍କର ଜନ୍ମସ୍ଥାନକୁ ଦୁଇଟି କମିଟି ୩୦୦୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୫୦,୦୦୦ ଟଙ୍କା ଭାରତୀୟ ମୁଦ୍ରାରେ କିଣିଲେ ଓ ଶେଷରେ ଏହାର ରକ୍ଷଣାବେକ୍ଷଣ ସେକ୍ସପିଅର ଟ୍ରଷ୍ଟ ହାତରେ ଅର୍ପଣ କରାହେଲା । ଏଥିପାଇଁ ୧୯୩୦ ଓ ୧୯୬୧ ସାଲରେ ବ୍ରିଟିଶ ପାର୍ଲାମେଣ୍ଟ ଦୁଇଟି ଆଇନ ଅନୁମୋଦନ କରିଥିଲେ ।

ସେକ୍ସପିଅରଙ୍କର ଜନ୍ମସ୍ଥାନ ଦେଖିବାକୁ ପ୍ରତିବର୍ଷ ଛ' ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସିଥାନ୍ତି; ସେମାନଙ୍କ ମଧ୍ୟରୁ ତିନ-ଚତୁର୍ଥାଂଶ ଆସିଥାନ୍ତି ଇଂଲଣ୍ଡ ବାହାରର ଲୋକ । ଏହାର କାରଣ ସେକ୍ସପିଅରଙ୍କ ଜନପ୍ରିୟତା ପୃଥିବୀରେ ଏବେ ମଧ୍ୟ ସର୍ବଜ ଅଛି । ତାଙ୍କ ଲିଖିତ ୩୭ ଖଣ୍ଡ ନାଟକ ସର୍ବଜନ-ଆଦୃତ ଏବଂ ବହୁ ଭାଷାରେ ଅନୁବାଦିତ ହୋଇଛି । ସମାଲୋଚକଙ୍କ ମତରେ ଆଧୁନିକ ଇଂରାଜୀ ଭାଷା ଗଠନରେ ବାଇବେଲ ଓ ସେକ୍ସ-ପିଅରଙ୍କର ସବୁଠାରୁ ବେଶୀ ପ୍ରଭାବ ପଡ଼ିଛି । ସେକ୍ସପିଅରଙ୍କର ନାଟକ ଇଂରାଜୀ-ଭାଷାଭାଷୀ ଲୋକଙ୍କ ମନରେ ଏପରି ଗଭୀର ରେଖାପାତ କରିଛି ଯେ ସେମାନେ ତାଙ୍କର ଅଜ୍ଞାତ-ସାରରେ ସାଧାରଣ କଥାବାର୍ତ୍ତାରେ ମଧ୍ୟ ସେକ୍ସପିଅରଙ୍କର ଭାଷା ଓ ଭାବକୁ ବ୍ୟବହାର କରିଥାନ୍ତି । ଏପରି ହଜାର ହଜାର ଉଦାହରଣ ସେକ୍ସପିଅରଙ୍କର ଲିଖିତ ନାଟକରୁ ମିଳିପାରିବ । ଏଥିରୁ ମାତ୍ର କେତୋଟି ତଳେ ଉଦ୍ଧାର କରାଗଲା । ସେଥିରୁ ସେକ୍ସପିଅରଙ୍କର ଇଂରାଜୀଭାଷାକୁ ଅବଦାନ ସମ୍ବନ୍ଧରେ ଅନୁମାନ କରିହେବ ।

"What's in a name? that which we call a rose
By any other name would smell as sweet."
(Romeo and Juliet II.ii.43)

"Some men are born great,
Some achieve greatness, and some have
Greatness thrust upon them."
(Twelfth Night II.V.158)

"Cowards die many times before their deaths;
The valiant never taste of death but once."
( Julius Caesar II.ii.32 )

"Neither a borrower, nor a lender be,
For the loan oft loses itself and friend."
(Hamlet I.iii.75)

"It is a custom
More honoured in the breach than the observance."
(Hamlet I,IV.14)

"That one may smile, and smile and be a villain."
(Hamlet I.V.I06)

"Brevity is the soul of wit."
(Hamlet 11.ii.90)

୧୫୬୪ ସାଲ ଏପ୍ରିଲ ୨୬ ତାରିଖରେ ସେକ୍ସପିଅର ଯେଉଁ ଗୃହରେ ଜନ୍ମଗ୍ରହଣ କରିଥିଲେ, ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳେ । ଦୁଇମହଲାବିଶିଷ୍ଟ ଏହି ଘରର ମୂଳଦୁଆ ପଥରରେ ତିଆରି । କଡ଼ିବର୍ଗାଗୁଡ଼ିକ ସୁଦୃଢ଼ ଓକ୍ କାଠରେ ନିର୍ମିତ । ସହରର ଅନ୍ୟ ଘର ପରି ଓ୍ୱିଲ୍ମକୋଟରୁ ଆସିଥିବା ପଥର ଓ ଆର୍ଡେନ ଜଙ୍ଗଲର କାଠ ଏଥିରେ ବ୍ୟବହୃତ ହୋଇଛି । କେତେକ ପାଠକଙ୍କର ସ୍ମରଣ ଥାଇପାରେ ଯେ ଏହି ଆର୍ଡେନ ଜଙ୍ଗଲ ବିଷୟରେ ଲେଖକଙ୍କର 'As You Like It' ନାଟକରେ ଉଲ୍ଲେଖ ଅଛି । ଏହି ଗୃହ ଅନେକାଂଶରେ ଆଜି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । ଏହି ଗୃହରେ ଯେ ସେକ୍ସପିଅର ଜନ୍ମଗ୍ରହଣ କରିଥିଲେ ଓ ତାଙ୍କର ବାଲ୍ୟଜୀବନ ଯେ ଏଠାରେ ଅତିବାହିତ ହୋଇଥିଲା, ଏ ବିଷୟରେ କେତେକ ସନ୍ଦେହ ପ୍ରକାଶ କରିଥାଆନ୍ତି ।

ସେକ୍ସପିଅର ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାର ଓ କବି ହେଲେହେଁ ତାଙ୍କ ଜୀବଦ୍ଦଶାରେ ତାଙ୍କର ଜୀବନୀ ଲିଖିତ ହୋଇନଥିଲା; ତେଣୁ ତାଙ୍କର ଜୀବନୀ ତଥା ଭିନ୍ନ ସମୟରେ ନାନା ତର୍କବିତର୍କର ବିଷୟବସ୍ତୁ ହୋଇଛି । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ କେତେକ ମତ ପୋଷଣ କରିଥିଲେ ଯେ ସେକ୍ସପିଅର ବୋଲି କେହି ବ୍ୟକ୍ତିବିଶେଷ ନ ଥିଲେ । ସେକ୍ସପିଅରଙ୍କ ନାମରେ ଫ୍ରାନ୍ସିସ ବେକନ୍ ନାମକ ସର୍ବଜ୍ଞାନପରିପୂର୍ଣ୍ଣ ବ୍ୟକ୍ତି ସମସ୍ତ କାବ୍ୟ ରଚନା କରିଯାଇଛନ୍ତି । ଏପରି ମତ ପୋଷଣ କରିବାର ପ୍ରଧାନ କାରଣ ହେଲା, ସେକ୍ସପିଅର ବାଲ୍ୟକାଳରେ ଉଚ୍ଚଶିକ୍ଷା ଲାଭ କରି ନଥିଲେ । ତାଙ୍କ ଶିକ୍ଷା ଷ୍ଟ୍ରାଟଫୋର୍ଡ ଅପନ୍ ଆଭନ୍‌ରେ ଥିବା ଫ୍ରି ଗ୍ରାମାର୍ ସ୍କୁଲରେ ସୀମାବଦ୍ଧ । ତାଙ୍କର ପିତା ଜନ୍-ସେକ୍ସପିଅରଙ୍କର ଅବସ୍ଥା ପ୍ରଥମେ ସ୍ୱଚ୍ଛଳ ଥିଲା । ସେ ଜଣେ ଧନୀ କୃଷକ ଥିଲେ । ସମାଜରେ ତାଙ୍କର ପ୍ରତିଷ୍ଠା ଥିଲା । ସେ ସେଠାକାର ମେୟର ନିର୍ବାଚିତ ହୋଇଥିଲେ । କିନ୍ତୁ ବ୍ୟବସାୟରେ କ୍ଷତି ହେବାରୁ ସେ ଦରିଦ୍ର ହୋଇଗଲେ । ପିତାଙ୍କର ଏହି ଦାରିଦ୍ର୍ୟ ସମୟରେ ସେକ୍ସପିଅରଙ୍କୁ ବାଧ୍ୟ ହୋଇ ସ୍କୁଲ ଛାଡ଼ିବାକୁ ହୋଇଥିଲା ।

କିଛୁଦିନ ଗ୍ରାମରେ ରହିବା ପରେ ସେ ଲଣ୍ଡନକୁ ଜୀବିକା ଅର୍ଜନ କରିବାକୁ ଯାଇଥିଲେ । ପ୍ରଥମେ ସେ The 'Theatre' ନାମକ କମ୍ପାନୀରେ ଗୋଟିଏ ଚାକରୀ କର୍ମଚାରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ତା ପରେ 'Lord Chamberlain's Company of Players'ରେ ଅଭିନେତା ଭାବରେ ସେ କାର୍ଯ୍ୟ କଲେ । ସେହି ସମୟଠାରୁ ସେ ନାଟକ ମଧ୍ୟ ଲେଖିବାକୁ ଆରମ୍ଭ କଲେ । 'Henry-VI' ତାଙ୍କର ପ୍ରଥମ ନାଟକ ଥିଲା । ସେ ଯେଉଁ ନାଟକସବୁ ଲେଖିଛନ୍ତି ସେମାନଙ୍କ ମଧ୍ୟରେ Hamlet, Othello, King Lear ଓ Macbeth ସର୍ବଶ୍ରେଷ୍ଠ । ଏ ସବୁ ନାଟକ ବିଷାଦପୂର୍ଣ୍ଣ । କିନ୍ତୁ ସେ ଅନେକ ନାଟକ ମଧ୍ୟ ଲେଖିଛନ୍ତି ଯାହା ହାସ୍ୟୋଦ୍ଦୀପକ ଓ ଯେଉଁଥିରେ ଜୀବନକୁ ଉପଭୋଗ୍ୟ ବୋଲି ଦର୍ଶାଯାଇଛି । ତା ଛଡ଼ା ସେ ଲେଖିଛନ୍ତି ଅନେକଗୁଡ଼ିଏ ଐତିହାସିକ ନାଟକ—ଯେଉଁଥିରୁ ଇଂଲଣ୍ଡର ଇତିହାସ ଜାଣିହେବ । ଏହା ବଡ଼ ଗୁରୁତ୍ୱପୂର୍ଣ୍ଣ; କାରଣ ସେପର୍ଯ୍ୟନ୍ତ ଇଂଲଣ୍ଡର ବିଧିବଦ୍ଧ ଇତିହାସ ଲେଖା ହୋଇ ନ ଥିଲା । ଏ ସବୁ ଐତିହାସିକ ନାଟକ ମଧ୍ୟରେ 'Henry-V' ଅନ୍ୟତମ । ଏଥିରେ ଇଂଲଣ୍ଡର ଜାତୀୟ ଗରିମା ଚର୍ଚ୍ଚିତ ଓ ପ୍ରତିପାଦିତ ହୋଇଛି ଐତିହାସିକ ଘଟଣା ମାଧ୍ୟମରେ । ଫ୍ରାନ୍ସର ଏଜିନକୋର୍ଟ ଯୁଦ୍ଧକ୍ଷେତ୍ରରେ ପଞ୍ଚମ ହେନେରୀଙ୍କର ବିଜୟ ଓ ଫ୍ରାନ୍ସ ରାଜାଙ୍କର ଶୋଚନୀୟ ପରାଜୟ ଏହି ନାଟକର ବିଷୟବସ୍ତୁ । ଏହାକୁ କେତେକ 'National Anthem in Five Acts' ବୋଲି ଆଖ୍ୟା ଦେଇଛନ୍ତି । ନାଟକମାନଙ୍କରେ ଚରିତ୍ର-ବିଶ୍ଳେଷଣ, ଜୀବନର ଗୂଢ଼ ତତ୍ତ୍ୱ ବିଷୟରେ ଗଭୀର ଜ୍ଞାନ ଏବଂ ସୁନ୍ଦର ଓ ଅତୁଳନୀୟ ଭାଷାର ପ୍ରୟୋଗ ସେକ୍ସପିଅର ସାହିତ୍ୟର ବିଶେଷତ୍ୱ ।

ସେ ଯାହାହେଉ, ବର୍ତ୍ତମାନ ସେକ୍ସପିଅରଙ୍କ ଅସ୍ତିତ୍ୱ ବିଷୟରେ ଲୋକଙ୍କ ମନରେ ଆଉ ସନ୍ଦେହ ନାହିଁ । ପରବର୍ତ୍ତୀ ଜୀବନରେ ସେ ନିଜ ଚେଷ୍ଟାରେ ଆଉ କେତେକ ଲେଖକଙ୍କ ପରି ଜ୍ଞାନ ଅର୍ଜନ କରିଥିବେ ବୋଲି ବର୍ତ୍ତମାନ ବିଶ୍ୱାସ କରାଯାଉଛି । ସେକ୍ସପିଅରଙ୍କର ବହୁବିଧ ପ୍ରତିଭା ଅନ୍ୟ ଲେଖକଙ୍କଠାରେ ଦେଖିବାକୁ ମିଳେ ନାହିଁ । 'King Lear' ନାମକ ନାଟକରେ ସେ ଉନ୍ମାଦ ରୋଗର ଉତ୍ପତ୍ତି ଓ ଚିକିତ୍ସା ବିଷୟରେ ଯାହା ଲେଖିଯାଇଛନ୍ତି, ତାହା ବାସ୍ତବିକ ବିସ୍ମୟକର । ସେତେବେଳେ କୌଣସି ଲୋକର ମସ୍ତିଷ୍କ-ବିକୃତି ଘଟିଲେ ରୋଗୀର ଚିକିତ୍ସା ନକରି ତାକୁ ଗୋଟିଏ ଅନ୍ଧକାର ଗୃହରେ ରଖାହେଉଥିଲା ଓ ନିଷ୍ଠୁର ଭାବରେ ପ୍ରହାର କରାହେଉଥିଲା । ଉଦ୍ଦେଶ୍ୟ ଥିଲା କିପରି ସେ ଅନ୍ୟଙ୍କର ଅନିଷ୍ଟ କରିବ ନାହିଁ ଓ କଥା ମାନି ଚାଲିବ । ସେତେବେଳେ ଲୋକମାନେ ଏ ରୋଗର କାରଣ ଓ ଚିକିତ୍ସା ବିଷୟରେ କିଛି ଜାଣି ନ ଥିଲେ । କିନ୍ତୁ ନାଟ୍ୟକାର ରାଜା ଲିଅରଙ୍କ ମାନସିକ ବିକୃତି ବର୍ଣ୍ଣନା କଲାବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହା ମାନସିକ ଦୁଶ୍ଚିନ୍ତା ସାଙ୍ଗକୁ ଶାରୀରିକ କଷ୍ଟ ଯୋଗୁଁ ହୋଇଥିଲା । ତାଙ୍କର ଦୁଇ କନ୍ୟା ଗନରିଲ ଓ ରିଗାନ୍ ଅପ୍ରତ୍ୟାଶିତ ଭାବରେ ତାଙ୍କ ପ୍ରତି ନିଷ୍ଠୁର ବ୍ୟବହାର ଦର୍ଶାଇଥିଲେ; ତେଣୁ ତାଙ୍କ ମନରେ ଘୋର ଅଶାନ୍ତି ଜାତହୋଇଥିଲା । ଏହି ବୃଦ୍ଧ ରାଜା ତାଙ୍କର

ଏହି ଦୁଇ କନ୍ୟାଙ୍କର ଦୁର୍ବ୍ୟବହାର ସହି ନ ପାରି ଶେଷରେ ଘର ଛାଡ଼ି ଝଡ଼ ଓ ବର୍ଷା ଭିତରେ ଗୋଟିଏ କ୍ଷୁଦ୍ର କୁଟୀରରେ ଆଶ୍ରୟ ନେଇଥିଲେ । ମାନସିକ ଅଶାନ୍ତି ସାଙ୍ଗକୁ ଏପରି ଶାରୀରିକ କଷ୍ଟ ତାଙ୍କୁ ପାଗଳ କରିଦେଇଥିଲା । ନାଟକର ଶେଷ ଭାଗରେ ରାଜା ଲିଅରଙ୍କର ଏହି ଉନ୍ମାଦ ରୋଗର ଉପଶମ ନାଟ୍ୟକାର ଦେଖାଇଛନ୍ତି । ପ୍ରଥମେ ରାଜା ଲିଅର ଶୋଇପଡ଼ିଥିବା ନାଟକରେ ବର୍ଣ୍ଣନା କରାହୋଇଛି । ଶୋଇପଡ଼ିବା ଦ୍ୱାରା ତାଙ୍କର ବିଚଳିତ ମସ୍ତିଷ୍କର ପ୍ରଭୂତ ଉପକାର ହୋଇଥିଲା । ଏଇଠାରେ ସ୍ମରଣ କରାଯାଇ-ପାରେ ଯେ ଆଧୁନିକ ଚିକିତ୍ସକମାନେ ଉନ୍ମାଦ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ଶୋଇବା ପାଇଁ ଔଷଧ ଦେଇଥାନ୍ତି । ତା ପରେ ଆମେ ଦେଖୁ ରାଜାଙ୍କୁ ଜାଗ୍ରତ ଅବସ୍ଥାରେ । ସେ ନିଦରୁ ଉଠିଲାବେଳକୁ ଦେଖିଲେ ଅପୂର୍ବ ଦୃଶ୍ୟ । ତାଙ୍କର ପ୍ରିୟ କନ୍ୟା କର୍ଡେଲିଆ ତାଙ୍କ ସମ୍ମୁଖରେ ଉପସ୍ଥିତ । ପ୍ରଥମେ ସେ ଏପରି ଅପ୍ରତ୍ୟାଶିତ ଘଟଣା ଦେଖି ଏହା ବାସ୍ତବ ବୋଲି ବିଶ୍ୱାସ କରିପାରିଲେ ନାହିଁ । ସେ ଭାବିଲେ ଯେ ତାଙ୍କର ଅତୀତର ଅନ୍ୟାୟ ଆଚରଣ ପାଇଁ କେହି ସ୍ୱର୍ଗରୁ ଆସିଛନ୍ତି ତାଙ୍କୁ ଦଣ୍ଡ ଦେବା ପାଇଁ; କିନ୍ତୁ ବାସ୍ତବରେ ତାହା ନୁହେଁ । ଯେଉଁ କନିଷ୍ଠା କନ୍ୟା କର୍ଡେଲିଆଙ୍କୁ ସେ ଅନ୍ୟାୟ ଭାବରେ ତାଙ୍କର ସ୍ନେହ ଓ ସମ୍ପତ୍ତିରୁ ବଞ୍ଚିତ କରିଥିଲେ, ତାଙ୍କ ଦୁର୍ଦ୍ଦିନରେ ସାହାଯ୍ୟ କରିବାକୁ ସେ ଆସିଥିଲେ ଫ୍ରାନ୍ସରୁ ଇଂଲଣ୍ଡକୁ ସୈନ୍ୟ ସାମନ୍ତ ଧରି । କର୍ଡେଲିଆଙ୍କର ତାଙ୍କ ବୃଦ୍ଧ ପିତାଙ୍କ ସହିତ ମିଳନ ବଡ଼ ହୃଦୟସ୍ପର୍ଶୀ । ଇଂରେଜୀ ନାଟକରେ ଏପରି ମଧୁର ଓ ହୃଦୟସ୍ପର୍ଶୀ ଦୃଶ୍ୟ ବିରଳ । ରାଜା ତାଙ୍କ କନ୍ୟା ନିକଟରେ କ୍ଷମାଭିକ୍ଷା କଲାବେଳେ କର୍ଡେଲିଅ ମଧୁର ବ୍ୟବହାର ଦ୍ୱାରା ରାଜାଙ୍କ ମନରେ ଅପାର ଆନନ୍ଦ ଓ ଶାନ୍ତି ଆଣିଦେଇଥିଲେ । କର୍ଡେଲିଆଙ୍କ ନିଷ୍କପଟ ସ୍ନେହ ଲିଅରଙ୍କ ମନରେ ଆଣିଦେଲା ଚିନ୍ତାର ଅବସାନ ଓ ପରମ ଆନନ୍ଦ । ତା ଛଡ଼ା ସେ ସୁଖନିଦ୍ରାରେ ଶୋଇରହିବା ଦ୍ୱାରା ତାଙ୍କର ବେଦନାଗ୍ରସ୍ତ ମନରେ ଆସିଲା ଗଭୀର ଶାନ୍ତି । ଏ ଦୁଇଟି କାରଣରୁ ରାଜା ଲିଅର ପ୍ରକୃତିସ୍ଥ ହେଲେ । ସେକ୍ସପିଅରଙ୍କ ଲେଖାରେ ଉନ୍ମାଦ ରୋଗ ବିଷୟରେ ଏପରି ସଠିକ ଚିତ୍ର ଆଧୁନିକ ପାଠକମାନେ ଦେଖି ଅଭିଭୂତ ହୋଇଛନ୍ତି । ମନରେ ଭ୍ରମ ହୋଇଛି, ସେ ବୋଧହୁଏ ଜଣେ ବିଚକ୍ଷଣ ଡାକ୍ତର ଥିଲେ ।

ସେହିପରି ଏହି ନାଟକରେ ଓ ଅନ୍ୟତ୍ର ନାନା ପ୍ରକାର ଫୁଲ ଓ ଗଛ ବିଷୟରେ ସେକ୍ସପିଅର ନିଖୁଣ ଚିତ୍ର ଦେଇଛନ୍ତି । ଅନେକଙ୍କ ମନରେ ପ୍ରଶ୍ନ ଉଠେ, ସେ କିଅଣ ଉଦ୍ଭିଦବିଦ୍ୟା ଜାଣିଥିଲେ ? 'ମର୍ଚ୍ଚାଣ୍ଟ ଅଫ୍ ଭେନିସ୍' ନାଟକରେ ବିଚାରାଳୟରେ ପୋର୍ସିଆଙ୍କର ଆଇନଜୀବୀ ହିସାବରେ ଯୁକ୍ତି ଦେଖି ନାଟ୍ୟକାରଙ୍କର ଆଇନ ବିଷୟରେ ଗଭୀର ଜ୍ଞାନ ଥିବା ଅନେକ ଉପଲବ୍ଧି କରିଛନ୍ତି । ଏହିପରି ବହୁ ଦୃଷ୍ଟାନ୍ତରୁ ଅନେକଙ୍କ ମନରେ ସ୍ୱତଃ ସନ୍ଦେହ ହୋଇଥିଲା, ବାଲ୍ୟକାଳରେ ଏତେ ଅଳ୍ପ ପାଠ ପଢ଼ିଥିବା ବ୍ୟକ୍ତି ପକ୍ଷରେ ଜୀବନର ସବୁ ବିଷୟରେ ଏପରି ସଠିକ ଭାବରେ ଲେଖିବା କିପରି ସମ୍ଭବ

ହେଲ ! ଏସବୁ ନାଟକ ହୁଏତ ଏକାଧିକ ନାଟ୍ୟକାର ଲେଖିଥିବେ କିମ୍ବା ଫ୍ରାନ୍‌ସିସ ବେକନ୍‌ଙ୍କ ପରି ସର୍ବଜ୍ଞାନପରିପୂର୍ଣ୍ଣ ବ୍ୟକ୍ତି ଲେଖିଥିବେ ।

ସେ ଯାହାହେଉ, ହେନଲି ଷ୍ଟ୍ରୀଟ୍‌ରେ ଥିବା ଏହି ଗୃହରେ ଯେ କବିଙ୍କର ଜନ୍ମ ହୋଇଥିଲା, ଏହା ବର୍ତ୍ତମାନ ବିଶ୍ୱାସ କରାଯାଉଛି ଗୋଟିଏ ଅକାଟ୍ୟ ଯୁକ୍ତି ହେତୁ । ୧୫୫୨ ସାଲରେ ଉଇଲିୟମ ସେକ୍‌ସପିଅରଙ୍କର ପିତା ଜନ୍ ସେକ୍‌ସପିଅର ହେନଲି ଷ୍ଟ୍ରୀଟରେ ଏହି ଗୃହରେ ରହିବାର ଓ ଗୃହର ମାଲିକ ହୋଇଥିବାର ଲିଖିତ ପ୍ରମାଣ ଅଛି । ସେତେବେଳେ ଏହି ଗୃହ ଦୁଇ ଭାଗରେ ବିଭକ୍ତ ଥିଲା । ପଶ୍ଚିମ ଭାଗରେ କବିଙ୍କ ଜନ୍ମ ହୋଇଥିଲା ଏବଂ ଅନ୍ୟ ଅଂଶରେ ତାଙ୍କ ପିତାଙ୍କର ଗୋଟିଏ ଗୋଦାମ ଥିଲା; ଯେଉଁଥିରେ ସେ ପଶମ ଓ ପଶମ-ଜାତଦ୍ରବ୍ୟ ବିକ୍ରି ପାଇଁ ସଞ୍ଚିତ କରି ରଖିଥିଲେ । ଏହି ଗୃହ ପିତାଙ୍କ ପରେ ଯଥାକ୍ରମେ ଉଇଲିୟମ ସେକ୍‌ସପିଅର, ତାଙ୍କର କନ୍ୟା ସୁସାନା ଓ ତାଙ୍କର ନାତୁଣୀ ଲେଡି ବାର୍ଣ୍ଣାର୍ଡ଼ ଉତ୍ତରାଧିକାର ସୂତ୍ରରେ ପାଇଥିଲେ । ୧୬୭୦ ସାଲରେ ଏହି ଉତ୍ତରାଧି-କାରିଣୀଙ୍କର ମୃତ୍ୟୁପରେ କାଳକ୍ରମେ ଗୋଦାମଘରଟି 'The Swan and Maidenhead' ନାମକ ହୋଟେଲରେ ରୂପାନ୍ତରିତ ହୋଇଥିଲା । ସେକ୍‌ସପିଅରଙ୍କର ଜନ୍ମସ୍ଥାନରେ ଗୋଟିଏ ମାଂସ-ଦୋକାନ ହୋଇଥିଲା । ସୌଭାଗ୍ୟବଶତଃ ୧୮୪୭ ସାଲରୁ ଏହା ପୂର୍ବବର୍ତ୍ତୀ ଭାବରେ କିଣିଟି ଦ୍ୱାରା କିଣା ହୋଇ ସ୍ମୃତି-ମନ୍ଦିର ଭାବରେ ସଂରକ୍ଷିତ ହୋଇଛି ଏବଂ ତଦ୍ଦ୍ୱାରା ଏହି ବିଶ୍ୱକବିଙ୍କ ଯଥାର୍ଥ ସମ୍ମାନ ଦର୍ଶାହୋଇଛି ।

ଏହି ଗୃହରେ ବହୁ ପୁରାତନ ଆସବାବପତ୍ର, ସିଲିଙ୍ଗକାର୍ନିସ, ଗାଲିଚା, ବାସନକୁସନ ଏବଂ ପର୍ଦ୍ଦା ଇତ୍ୟାଦି ବର୍ତ୍ତମାନ ସୁଦ୍ଧା ଥିବାରୁ ସେ ସମସ୍ତର କବିଙ୍କ ବାସଗୃହର ଅବିକଳ ଚିତ୍ର ମନରେ ଆଙ୍କିଦିଏ । ବୈଠକଖାନାର କାନ୍ଥରେ ଲଗିଥିବା କାଠପଟା ଓ ଘରର କଡ଼ିବର୍ଗା ସେ ସମୟର ନିର୍ମାଣ ପ୍ରଣାଳୀ ବିଷୟରେ ସ୍ପଷ୍ଟ ଧାରଣା ଦିଏ । ଏହି ଘରେ ନିଆଁ ଜାଳିବା ପାଇଁ ବ୍ୟବସ୍ଥା ଅଛି; କିନ୍ତୁ ପାର୍ଥକ୍ୟ ହେଲା ତିଆରି କରିବା ପ୍ରଣାଳୀରେ । ସେ ସ୍ଥାନଟି ଆଗକାଳର ଇଟା ଓ ପଥରରେ ତିଆରି ହୋଇଥିବାରୁ ଅଲଗା ଦିଶୁଛି । ଏହି ବୈଠକଖାନା ଆଧୁନିକ ଧରଣର ନୁହେଁ; କିନ୍ତୁ ଏଠାରେ ଗୋଟିଏ ଆରାମଚୌକି, ଗୋଟିଏ ଷ୍ଟୁଲ୍ ଓ ଗୋଟିଏ ଖାଇବା ବାସନ ଇତ୍ୟାଦି ରଖିବାର ଅଲମାରି ଅଛି । ରୋଷେଇଘରେ ସେ ସମୟରେ ବ୍ୟବହୃତ ବାସନ ଓ ରାନ୍ଧିବାର ପାତ୍ର ଥିବାର ଦେଖିଲୁ ।

ଗୃହର ଯେଉଁ ଅଂଶରେ ପିତା ଜନ୍ ସେକ୍‌ସପିଅରଙ୍କର ଗୋଦାମ ଥିଲା, ସେଠାରେ ବର୍ତ୍ତମାନ ଗୋଟିଏ ମ୍ୟୁଜିୟମ ଅଛି ଏବଂ ସେଠାରେ ସେ ସମୟର ପୁରାତନ ଓ ବିରଳ ପୁସ୍ତକମାନ ଅଛି । ତା'ଛଡ଼ା ଅଛି ଉଇଲିୟମ ସେକ୍‌ସପିଅରଙ୍କର ଗ୍ରାମାର୍ ସ୍କୁଲରେ ବ୍ୟବହୃତ ପୁରୁଣା ଡେସ୍କ ଓ ଇଲାଇ ପ୍ରାସାଦରେ ଥିବା ତାଙ୍କ ପ୍ରତିକୃତି । ସେକ୍‌ସପିଅରଙ୍କ ଜନ୍ମ ହୋଇଥିବା କୋଠରିଟି ଉପର ମହଲରେ ଅବସ୍ଥିତ । ଏହା ତଳ ମହଲରେ ଥିବା

ବୈଠକଖାନାର ଠିକ୍ ଉପରେ । ଏ ଘରର ନିର୍ମାଣ-କୌଶଳ ପୁରାତନ ଯୁଗର । ଏହି ଘରେ ଥିବା କାଚ ଝରକାରେ ସାର୍ ୱାଲ୍‌ଟର ସ୍କଟ, ଟମାସ କାର୍ଲାଇଲ, ହେନେରି ଆର୍ଭିଂ ପ୍ରଭୃତି ଲେଖକମାନେ ଏଠାକୁ ଆସିଥିବା ସମୟରେ ନାମ ଦସ୍ତଖତ କରିଯାଇଛନ୍ତି । ସେତେବେଳେ ଅବଶ୍ୟ ଟ୍ରଷ୍ଟ ଏହି ଜାତୀୟ ସମ୍ପତ୍ତିର ଦାୟିତ୍ୱ ନେଇନଥିଲା ।

ସେକ୍‌ସପିଅରଙ୍କର ବାସଗୃହ ଦେଖିଲୁ ପରେ ଦେଖିବାକୁ ଗଲୁ ହୋଲି ଟ୍ରିନିଟି ଚର୍ଚ୍ଚ (Holy Trinity Church) । ଏହି ଗିର୍ଜାରେ କବିଙ୍କର ସମାଧି ସୁରକ୍ଷିତ ଅଛି । ତାଙ୍କର ଏହି ସମାଧି ଉପରେ ଏହି ଚାରୋଟି ଧାଡ଼ି କବିତା ଲେଖା ହୋଇଛି ସେହି ଯୁଗର ଭାଷାରେ :

"Good frend for Jesus Sake forbeare
To digg the dust encloased heare.
Blest be ye Man ty Spares thes stones
And Curst be he ty Moves My bones."

ଲଗାଲଗି ହୋଇ ପାଞ୍ଚଟି କବର ନିମ୍ନଲିଖିତ ଭାବରେ ଏହି ଗିର୍ଜାରେ ଅଛି ।

| | | | | |
|---|---|---|---|---|
| Anne<br>Wife of<br>William<br>Shakespeare<br>1556-1623 | William<br>Shakespeare<br>1564-1616 | Thomas Nash,<br>First husband<br>of Elizabeth,<br>Grand<br>daughter of<br>the Poet<br>1593-1647 | John Hall<br>Physician<br>Son-in-law<br>of Shakes-<br>peare<br>1575-1935 | Susannah,<br>Elder<br>daughter<br>of the Poet<br>and wife of<br>John Hall<br>1583-1649 |

ଏହି ଗିର୍ଜାରେ ବିଶ୍ୱକବିଙ୍କୁ **ଯଥାଯଥ** ସମ୍ମାନ ଦେଖାଇଲୁ । ସେକ୍‌ସପିଅରଙ୍କର ସ୍ମୃତି-ରକ୍ଷା ପାଇଁ ବର୍ତ୍ତମାନ ଇଂଲଣ୍ଡରେ ଓ ଅନ୍ୟତ୍ର ବ୍ୟାପକ ବ୍ୟବସ୍ଥା ହୋଇଛି । ତା' ଛଡ଼ା ଯୁଗେ ଯୁଗେ କେତେ ସମାଲୋଚକ, ଗବେଷକ ଏହି ମହାନ୍ ବ୍ୟକ୍ତିଙ୍କର ଜୀବନୀ ଓ ପ୍ରତିଭା ବିଷୟରେ ନୂତନ ତଥ୍ୟ ଆବିଷ୍କାର କରିବା ପାଇଁ ଅଦମ୍ୟ ଚେଷ୍ଟା କରିଛନ୍ତି । ଜୀବନର ଶେଷାର୍ଦ୍ଧରେ ସେକ୍‌ସପିଅର ରାଣୀ ଏଲିଜାବେଥ୍ ଓ ଦେଶବାସୀଙ୍କଠାରୁ ଅବଶ୍ୟ ସମ୍ମାନ ପାଇଥିଲେ; କିନ୍ତୁ ତାଙ୍କର ମୃତ୍ୟୁ ପରେ ମିଳିଥିବା ସମ୍ମାନ ତୁଳନାରେ ଏହା ନଗଣ୍ୟ । ଅଧିକାଂଶ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ଜୀବନରେ ଅବଶ୍ୟ ଏହାହିଁ ଘଟିଥାଏ । ସାହିତ୍ୟସେବୀ ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଦାରିଦ୍ର୍ୟ ଓ ଅନଟନ ଭୋଗ କରିଛନ୍ତି ।

ଅନେକ କଳାପ୍ରେମୀ ମଧ୍ୟ ସାରାଜୀବନ ଘୋର ଅଭାବରେ କଟାଇଛନ୍ତି । ପରେ ସେମାନଙ୍କୁ ମିଳିଛି ଗୌରବ । ଲକ୍ଷ ଲକ୍ଷ ଡଲାର ମୂଲ୍ୟରେ ଗୋଟିଏ ଗୋଟିଏ ଚିତ୍ର ଯାହାଙ୍କର ଆଜି ବିକ୍ରି ହେଉଛି ସେମାନଙ୍କର ଅତୀତରେ ଏପରି ଦୁର୍ଦ୍ଦଶା ଥିଲା, ଏହା ଭାବିଲେ ଆଶ୍ଚର୍ଯ୍ୟ ଓ ଦୁଃଖ ଲାଗେ ।

ସେକ୍ସପିଅରଙ୍କର ବାସସ୍ଥାନ ଓ ହୋଲି ଟ୍ରିନିଟି ଚର୍ଚ୍ଚ ଦେଖିଲାପରେ ସେକ୍ସପିଅରଙ୍କର ସ୍ତ୍ରୀ ଆନ ହାଥାଓ୍ୱେଙ୍କର ବିବାହ-ପୂର୍ବର ବାସଗୃହ ଦେଖିବାକୁ ଗଲୁ । ଏହି ଘରଟି ଷ୍ଟ୍ରାଟଫୋର୍ଡରେ ଦେଖିଥିବା ସବୁ ଘରଠାରୁ ସୁନ୍ଦର ଓ ଦର୍ଶକଙ୍କର ପ୍ରିୟ ଦର୍ଶନୀୟ ବସ୍ତୁ । ୧୫୮୨ ସାଲରେ ଆନ ହାଥାଓ୍ୱେଙ୍କ ସହିତ ସେକ୍ସପିଅରଙ୍କର ବିବାହ ହୋଇଥିଲା । ସେତେବେଳେ ସେକ୍ସପିଅରଙ୍କର ମାତ୍ର ୧୮ ବର୍ଷ ବୟସ ହୋଇଥିଲା । ତାଙ୍କର ସ୍ତ୍ରୀ ତାଙ୍କଠାରୁ ୮ ବର୍ଷ ବୟସରେ ବଡ଼ ଥିଲେ । ବିବାହ ପରେ ପରେ ସେକ୍ସପିଅର ଲଣ୍ଡନ ଯାତାୟାତ କରୁଥିଲେ । ଆନହାଥାଓ୍ୱେଙ୍କର ବାସଗୃହ ଷ୍ଟ୍ରାଟଫୋର୍ଡ ଅପନ ଆଭନ (Stratford Upon Avon) ଠାରୁ ଏକ ମାଇଲ ଦୂରରେ ସଟେରୀ (Shottery)ଠାରେ ଅବସ୍ଥିତ । ବର୍ତ୍ତମାନ ଷ୍ଟ୍ରାଟଫୋର୍ଡ ସହର ସହିତ ଏହା ସଂଯୁକ୍ତ ହେଲେ ହେଁ ଏଠାରେ ପ୍ରାଚୀନ କାଳର ପରିବେଶ ଆଜି ପର୍ଯ୍ୟନ୍ତ ଅଛି । ପୂର୍ବରେ ଥିବା ପଡ଼ିଆ ଅଛି ଏବଂ ତା ଭିତରେ ଯାଇଥିବା ପୂର୍ବର ସେହି ଅଣଓସାରିଆ ରାସ୍ତା ଏବେ ମଧ୍ୟ ଅଛି । ଯେଉଁ ଛୋଟ ଛୋଟ ଘରସବୁ କବି ଏଠାରେ ଦେଖିଥିଲେ, ସେ ଘର ଏପର୍ଯ୍ୟନ୍ତ ଦେଖିବାକୁ ମିଳେ । 'As You Like It' ନାଟକରେ ନାୟିକା ସିଲିଆ (Celia)ଙ୍କର ବାସଗୃହ ଓ ତାର ପାର୍ଶ୍ୱବର୍ତ୍ତୀ ସ୍ଥାନର ଯେଉଁ ବର୍ଣ୍ଣନା ଅଛି, ତାହା କବିଙ୍କ ମନ ଓ ହୃଦୟରେ ସ୍ଥାନ ପାଇଥିବା ଏହି ସଟେରୀର ଚିତ୍ର ସଙ୍ଗେ ଅନେକାଂଶରେ ସମାନ । ଆନ ହାଥାଓ୍ୱେଙ୍କ ସଙ୍ଗରେ ତାଙ୍କର ଏଠାରେ ପ୍ରେମାଳାପ ଓ ପରିଶେଷରେ ବିବାହ ହେତୁ ଏ ସ୍ଥାନ ଦର୍ଶକଙ୍କ ମନରେ କୌତୂହଳ ସୃଷ୍ଟି କରେ । ତା' ଛଡ଼ା ଏ କୁଟୀରର ଅଛି ନିଜସ୍ୱ ସୌନ୍ଦର୍ଯ୍ୟ ଓ ଆକର୍ଷଣ ଯାହା ଏଠାରେ ଅନ୍ୟ ଘରମାନଙ୍କରେ ନାହିଁ । ଆନଙ୍କର ପିତା ରିଚାର୍ଡ ହାଥାଓ୍ୱେ ଜଣେ ଧନୀ କୃଷକ ଥିବାରୁ ୧୨ଟି କୋଠରି-ବିଶିଷ୍ଟ ଏ ଘର ନିର୍ମାଣ କରିଯାଇଛନ୍ତି । ଏହି ଘରର ଅସମତଳ କାନ୍ଥରେ କାଠପଟା ଦିଆଯାଇଛି । ଚୁଲିଘର । ଚୁଲିଟି ବେଶ୍ ଉଚ୍ଚ । ଘରର ଝରକାସବୁ ଛୋଟ, ଛାଦ-ହୋଇଥିବା ସରୁ ସରୁ କାଠପଟାରେ ତିଆରି । ଘରର ସବୁଠାରୁ ବେଶି ଆକର୍ଷଣ ଏହାର ଚୁଲିଘର ଓ ପାର୍ଶ୍ୱବର୍ତ୍ତୀ ପୁଷ୍ପଉଦ୍ୟାନ । ଏହି ବଗିଚାର ପ୍ରତ୍ୟେକ ଫୁଲଗଛ କବିଙ୍କର ମାନସପଟରେ ଗଭୀର ରେଖାପାତ କରିଥିବାରୁ ତାଙ୍କର ନାଟକରେ ପ୍ରକାରାନ୍ତରେ ଏସବୁଥର ସେ ବର୍ଣ୍ଣନା କରିଯାଇଛନ୍ତି । ଏ ବଗିଚାରେ ଅଛି ବିଭିନ୍ନ ଫୁଲଗଛ, ଯଥା— ଧଳା ଓ ନାଲି ଗୋଲାପ, ଜାସମିନ, ଅକ୍ସଲିପ, ଲ୍ୟାଭେଣ୍ଡର, ଡେଜି, ଭାଓଲେଟ, ରୋଜମେରି ଓ ହନିସକ୍‌ଲ ପ୍ରଭୃତି । ଏ ଫୁଲମାନଙ୍କର ବର୍ଣ୍ଣନା ସହିତ କବି ଲେଖି-ଯାଇଛନ୍ତି ଏ ଫୁଲମାନଙ୍କରେ ଥିବା ଗୁଣ । ଏ ଗୁଣ ସବୁ ଅବଶ୍ୟ ସେ ସମୟର

ଲେଖକଙ୍କର ମନରୁ ଜାତ । କବିଙ୍କର ଲେଖାରେ ଏହି ଫୁଲସବୁର ବର୍ଣ୍ଣନା ଗବେଷକଙ୍କର ବିଷୟବସ୍ତୁ ହୋଇଛି । ଇଂଲଣ୍ଡରେ ଥିବା ସମୟରେ ଦେଖିଲି ଏ ବିଷୟରେ ଲିଖିତ ଏକାଧିକ ପାଣ୍ଡିତ୍ୟପୂର୍ଣ୍ଣ ପୁସ୍ତକ ।

ଏସବୁ ଦେଖିବା ପରେ ଦେଖିଲି କବିଙ୍କ ମା'ଙ୍କ ଘର । କବିଙ୍କର ମା'ଙ୍କର ନାମ ଥିଲା ମେରି ଆର୍ଡେନ । ସେ ରବର୍ଟ ଆର୍ଡେନଙ୍କର କନ୍ୟା ଥିଲେ । ରବର୍ଟ ଆର୍ଡେନଙ୍କର ଆଠଟି କନ୍ୟା ଥିଲେ । ଓ୍ବିଲ୍ମକୋଟରେ ଅବସ୍ଥିତ ମେରି ଆର୍ଡେନଙ୍କର ଗୃହ ବିଷୟରେ ଲୋକମାନେ ବେଶି ଜାଣନ୍ତି ନାହିଁ । କିନ୍ତୁ ଏ ଘର ଦେଖିବାକୁ ଖୁବ୍ ସୁନ୍ଦର । ଟ୍ୟୁଡ଼ର ରାଜତ୍ୱ କାଳରେ ଏହି କୃଷିଘରରେ ୧୯୩୦ ସାଲ୍ ପର୍ଯ୍ୟନ୍ତ ଲୋକମାନେ ବାସ କରୁଥିଲେ । ତା ପରେ 'ସେକ୍ସପିଅର ବାର୍ଥପ୍ଲେସ ଟ୍ରଷ୍ଟ' (**Shakespeare Birth Place Trust**) ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହାର ପରିଚାଳନା ଦାୟିତ୍ୱ ନେଲେ ।

ଏହି ଘର ଷ୍ଟ୍ରାଟ୍‌ଫୋର୍ଡ ଅପନ୍ ଆଭନ୍‌ଠାରୁ ୩ ମାଇଲ ଦୂରରେ ଅବସ୍ଥିତ । ଘରର ସାମ୍ନାରେ ଗୋଟିଏ ପ୍ରାଚୀର ଓ ଗୋଟିଏ ବଗିଚା ଅଛି । ବଗିଚାରେ ନାନା ରକମର ସୁନ୍ଦର ଫୁଲ ଓ ବକ୍ସ ନାମକ ଗଛରବାଡ଼ । ଏହି ଗଛର ପତ୍ର ବର୍ଷସାରା ସବୁଜ ରହୁଥିବାରୁ ସାଧାରଣତଃ ଏହା ବାଡ଼ ଭାବରେ ବ୍ୟବହୃତ ହୁଏ । ସେହି ଗ୍ରାମରେ ଥିବା ପଥରଖଣିରୁ ପଥର ଆଣି ଘରର ମୂଳଦୁଆ ରାସ୍ତାଠାରୁ ୩ ଫୁଟ ଉଚ୍ଚ ହୋଇ ତିଆରି କରାହୋଇଛି । ସାମ୍ନା କାନ୍ଥରେ ସିଧା ସିଧା ହୋଇ ଓକ୍ କାଠ ଦିଆହୋଇଛି ଅଳ୍ପ ଅଳ୍ପ ଗ୍ରୀଡ଼କରି । ଆର୍ଡେନ ଜଙ୍ଗଲରୁ କାଠ ଆସି ଘରେ ବ୍ୟବହୃତ ହୋଇଛି । ଏହି ଆର୍ଡେନ ଜଙ୍ଗଲରେ **'As You Like It'** ନାଟକର ନାୟିକା ରୋଜାଲିଣ୍ଡ ତାଙ୍କର ସହଚରୀ ସିଲିଆଙ୍କ ସଙ୍ଗରେ ବାସକରିଥିଲେ ଓ ଏହିଠାରେ ନାଟକର ନାୟକ ଓ ନାୟିକାଙ୍କର ମିଳନ ହୋଇଥିଲା । ଘରର ଛାତ ଓ ତଳିରେ ଥିବା ଝରକା ହାତତିଆରି ଟାଇଲରେ ନିର୍ମିତ । ଲୋକମାନେ ୧୯୩୦ ସାଲ ପର୍ଯ୍ୟନ୍ତ ଏ ଘରେ ରହୁଥିବାରୁ ଟ୍ରଷ୍ଟକୁ ହସ୍ତାନ୍ତର ହେଲାବେଳେ ଏ ଘରର ଅବସ୍ଥା ଭଲଥିଲା ଓ ତା' ପୂର୍ବରୁ ଘରେ ବିଶେଷ କିଛି ପରିବର୍ତ୍ତନ କରାହୋଇନଥିଲେ ମଧ୍ୟ ଏ ଗୃହଟି ଆରମ୍ଭରୁ ଯାହା ଥିଲା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ସେପରି ଅଛି ।

ଘର ସମ୍ମୁଖରେ ଓ ପଛ ପାଖରେ ଗୋଟିଏକରି କବାଟ । ଆଗ କବାଟଦେଇ ଗଲେ ଗୋଟିଏ ପାଖରେ ରୋଷେଇଘର ଓ ଆର ପାଖରେ ଗୋଟିଏ ହଲ ଥିଲା । ଏହି ହଲ୍‌ଟି ବୈଠକଖାନା ଓ ବସାଉଠା ପାଇଁ ବ୍ୟବହୃତ ହେଉଥିଲା । ଏହି ହଲ୍ ଉପରେ ଗୋଟିଏ କୋଠରି ନିର୍ମିତ ହୋଇଥିଲା । ଘରର ସେହି ଦିଗରେ ମଧ୍ୟ ଆଉ କେତୋଟି କୋଠରି ନିର୍ମାଣ କରାହୋଇ ଘରର ସଂପ୍ରସାରଣ କରାହୋଇଛି । ଘରର ପଛଆଡ଼େ ଗୋଟିଏ ଅମାର, ପାରା ରଖିବା ପାଇଁ ଗୋଟିଏ ଘର, ଗୁହାଳ ଓ ଅନ୍ୟ କେତେକ ଛୋଟ

ଛୋଟ ଘର ଥିଲା । ସେ ସବୁ ଏପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ଅଛି । ପଛରେ ଥିବା ଖୋଲା ବଦଳରେ ବର୍ତ୍ତମାନ ଗୋଟିଏ ସୁନ୍ଦର ଘାସପଡ଼ିଆ ଅଛି । ଏହି ଘାସପଡ଼ିଆର ଚାରିପଟେ ସବୁଜ ବାଡ଼ ଅଛି ଓ ଏହି ବାଡ଼ରେ ସୁନ୍ଦର ସୁନ୍ଦର ଫୁଲ ଫୁଟେ ।

ଏହି ପୁରାତନ ଗୃହଟି କେବଳ ସୁଦୃଶ୍ୟ ନୁହେଁ, ପ୍ରାଚୀନତା ଓ ସରଳ ପଲ୍ଲୀ-ଜୀବନର ପ୍ରତ୍ୟକ୍ଷ ସାକ୍ଷୀ ଭାବରେ ଦଣ୍ଡାୟମାନ । ସାମ୍ନା ପଥରକାନ୍ଥ ଘାଘଁଡନ ପରେ ବର୍ତ୍ତମାନ ପାଉଁଶିଆ ରଙ୍ଗ ଦିଶୁଛି । ସୁଦୃଢ଼ ଓକ୍ କାଠର ଚାକଚକ୍ୟ ଆଉ ନାହିଁ । କାନ୍ଥରେ ଲଗିଥିବା ଏହି କାଠସବୁ କାଳକ୍ରମେ ମଳିନ ଦିଶୁଛି । ଏଠାରେ ଏକଦା ଆର୍ଡେନ୍ ପରିବାର ବାସକରୁଥିଲେ ମଧ୍ୟ ତାହା ବର୍ତ୍ତମାନ ଇତିହାସର ବିଷୟବସ୍ତୁ । ରବର୍ଟ ଆର୍ଡେନଙ୍କ ମୃତ୍ୟୁ ପରେ ଯେତେବେଳେ ତାଙ୍କର ଚଳନ୍ତି ସମ୍ପତ୍ତିର ମୂଲ୍ୟାୟନ କରାହେଲା, ମଜାର କଥା, ସେତେବେଳେ ଏ ସମସ୍ତର ମୂଲ୍ୟ ମାତ୍ର ୭୭ ପାଉଣ୍ଡ ୧ ସିଲିଂ ୧୦ ପେନ୍ସ ହୋଇଥିଲା; ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୧୬୫୦ ଟଙ୍କା ।

ସେକ୍ସପିଅରଙ୍କ ଚଟାଣ ପଥରରେ ତିଆରି । ଭିତରର ଛାତରେ ଲାଗିଛି କାଠର କଡ଼ି ବର୍ଗା, ସୀସା ତିଆରି ଛୋଟ ଛୋଟ ଝରକା, କଣରେ ଗୋଟିଏ ବଡ଼ କାଠଚୁଲି । ଏସବୁ ସେ ଯୁଗର ସାକ୍ଷୀ ଭାବରେ ଏ ପର୍ଯ୍ୟନ୍ତ ଅଛି । ହଲ୍‌ରେ ଥିବା ଆସବାବପତ୍ର ଓ ବାସନକୁସନ ସେ ସମୟର କୃଷକ-ପରିବାରରେ ବ୍ୟବହୃତ ହେଉଥିଲା । ତେଣୁ ଏସବୁ ଦେଖିଲେ ସେ ସମୟର ଅବିକଳ ଚିତ୍ର ମିଳିପାରିବ । ଏହି ଗୃହରେ ଚାକରମାନଙ୍କର ରହିବା ଘରେ ଥିବା ଟେବୁଲ ଓ ବେଞ୍ଚ ସେ ସମୟରେ ବ୍ୟବହୃତ ଆସବାବପତ୍ର ପରି । ଏହି କୃଷକ ପରିବାରର ଦୁଧ, ଛେନା, ଲହୁଣି ତିଆରି ପାଇଁ ସ୍ୱତନ୍ତ୍ର ଘର ଥିଲା । ସେ ଘରେ ଯେଉଁ ଉପକରଣ ଅଦ୍ୟାବଧି ଦେଖିବାକୁ ମିଳେ, ତାହା ସରଳ ଓ ଯୁଗୋପଯୋଗୀ । ସେତେବେଳେ ଫ୍ରିଜ ଆଦି ଆବିଷ୍କାର ହୋଇ ନ ଥିବାରୁ ଘରଟି ଶୀତଳ ରହିବା ଭଳି ତିଆରି ହୋଇଛି । ଉପରେ ଥିବା ଘରର ତିଆରି ସେ ଯୁଗର । ଘର ତିଆରିରେ ମଜଭୁତ୍ ଓକ୍ କାଠ ସବୁଠି ଦେଖିବାକୁ ମିଳେ; କିନ୍ତୁ କାଠଗୁଡ଼ିକ ଭଲଭାବରେ ପାଲିସ କରାହୋଇନାହିଁ ଏବଂ ଯୋଡ଼େଇ କାମ ପାଇଁ ଲୁହାକଣ୍ଟା ପରିବର୍ତ୍ତେ ଛୋଟ ଛୋଟ ଗୋଜିଆ କାଠ-ଖିଲ ବ୍ୟବହାର କରାହୋଇଛି ।

ମନେପଡ଼େ, ଏ ସବୁ ଦର୍ଶନୀୟ ସ୍ଥାନ ଦେଖିବା ସମୟରେ ସେ ସମୟରେ ହେଉଥାଏ ତୁଷାରପାତ । ରାସ୍ତା ଉପରେ, ରାସ୍ତା କଡ଼ରେ ଥିବା ପଡ଼ିଆରେ ଓ ସେ କ୍ଷୁଦ୍ର ସହରର ଘର ଉପରେ ବିଛାଇ ହୋଇଥାଏ ଶୁଭ୍ର ସୁନ୍ଦର ପରି ଥାକ ଥାକ ବରଫ । ତାହା ଉପରଦେଇ ବହିଆସୁଥାଏ ହିମଶୀତଳ ପବନ । ଏହା କିନ୍ତୁ ଆମକୁ କୌଣସି ପ୍ରକାରେ ବିବ୍ରତ କରୁନଥାଏ । ଯାହା ଆରମ୍ଭରେ ଭାବିଥିଲୁ ଏତେ ଶୀତରେ ନ ଆସି ଆଗରୁ ଆସିଥିଲେ ଭଲ ହୋଇଥାନ୍ତା । ଆସିବା ପାଇଁ ଦୀର୍ଘ ସମୟ ଥିଲା । କିନ୍ତୁ ଏହି ସହରରେ ବୁଲିଲାବେଳେ ଏ ସବୁ ଚିନ୍ତା ମନରୁ ଦୂର

ହୋଇଯାଇଥିଲା । ମନରେ କେବଳ ଥାଏ ଉତ୍ସାହ ଓ ସମସ୍ତ ଦର୍ଶନୀୟ ସ୍ଥାନ ଦେଖିବାକୁ ଏକାନ୍ତ ଇଚ୍ଛା ।

ଆମ କାର୍ଯ୍ୟସୂଚୀର ଶେଷରେ ଥିଲା ରୟେଲ ସେକ୍ସପିଅର୍ ଥିଏଟର (Royal Shakespeare Theatre)ଠାରେ ସେକ୍ସପିଅରଙ୍କ ଲିଖିତ ଗୋଟିଏ ନାଟକ ଦେଖିବା । ଆଗରୁ ଟିକେଟ କଣାହୋଇଥାଏ । ଦିନ ଦୁଇଟାବେଳେ ନାଟକ ପ୍ରଦର୍ଶିତ ହେଉଥାଏ । ଆମେ ସେଠାରେ ଯଥାସମୟରେ ପହଞ୍ଚିଲୁ । ଡିସେମ୍ବର ମାସ; ବାହାରେ ବରଫ ପଡ଼ୁଛି । ଭାବିଥିଲୁ ଦର୍ଶକ କମ୍ ଥିବେ । ମାତ୍ର ପହଞ୍ଚି ଦେଖିଲୁ ପ୍ରତ୍ୟେକଟି ସ୍ଥାନ ପାଇଁ ଟିକେଟ ହୋଇସାରିଛି । ହଲ୍‌ଟି ଦର୍ଶକମାନଙ୍କ ଦ୍ୱାରା ଭରପୂର । ବୋଧହୁଏ ଏ ରଙ୍ଗମଞ୍ଚର ଅଭିନେତା ଓ ଅଭିନେତ୍ରୀଙ୍କ ବିଶେଷ ଖ୍ୟାତି ଯୋଗୁ କୌଣସି ଦିନ ଦର୍ଶକ ଅଭାବ ହୁଏନାହିଁ ।

ସେଦିନ ଥାଏ ନାଟକ 'ଟେମିଂ ଅଫ୍ ଦି ସ୍ରୁ' (Taming of the Shrew); କବିଙ୍କର ପ୍ରଥମ ଜୀବନରେ ଲେଖା; ଶ୍ରେଷ୍ଠ ନାଟକରେ ପରିଗଣିତ ହୁଏ ନାହିଁ । ଏଥିରେ 'ହ୍ୟାମଲେଟ୍' ନାଟକର ସୂକ୍ଷ୍ମ ଚରିତ୍ର-ବିଶ୍ଳେଷଣ ନାହିଁ । 'କିଙ୍ଗ ଲିଅର' ନାଟକର ବିଷାଦ ମଧ୍ୟରେ ହାସ୍ୟରସ ଓ ବିଷାଦ ମାଧ୍ୟମରେ ଜୀବନଦର୍ଶନ ଉପଲବ୍ଧି ନାହିଁ । 'As You Like It' ପ୍ରଭୃତି କେତେକ ହାସ୍ୟରସପୂର୍ଣ୍ଣ ନାଟକର ସରସତା ଓ ପ୍ରେମଲୀଳାର ଅପୂର୍ବ ସମିଶ୍ରଣ ମଧ୍ୟ ଏଥିରେ ନାହିଁ । ତଥାପି ଏ ନାଟକ ଉପଭୋଗ୍ୟ ହୋଇଥିଲା ଦୁଇଟି କାରଣରୁ । ସେକ୍ସପିଅରଙ୍କର ପ୍ରତ୍ୟେକଟି ନାଟକରେ ସାଧାରଣ ବିଷୟକୁ ସୁନ୍ଦର ଭଙ୍ଗୀରେ ଚିତ୍ରିତ କରି ସାମାନ୍ୟକୁ ଅସାମାନ୍ୟ ରୂପ ଦେଇଥାନ୍ତି । ଏ ନାଟକରେ ମଧ୍ୟ ବ୍ୟତିକ୍ରମ ନାହିଁ ।

କ୍ୟାଥରିନାକୁ ବିବାହ କଲେ ପେଟ୍ରୁସିଓ । ବିବାହ ପୂର୍ବରୁ ସେ ଜାଣିଥିଲେ ତାଙ୍କ ସ୍ତ୍ରୀଙ୍କର ଉଗ୍ର ପ୍ରକୃତି । ନାଟକରେ ସେ କିପରି ଏହି ଉଗ୍ରପ୍ରକୃତିର ସ୍ତ୍ରୀକୁ ବିବାହ କଲେ ଓ ବିବାହ ପରେ ତାର ଅବାଧ୍ୟ ସ୍ୱଭାବକୁ ବଦଳାଇପାରିଲେ—ଏହାହିଁ ନାଟକର ହାସ୍ୟୋଦ୍ଦୀପକ ବିଷୟବସ୍ତୁ । ସେଥିପାଇଁ ନାଟକର ନାମ Taming of the Shrew ରଖାହୋଇଛି । ବିବାହ ପୂର୍ବରୁ ସ୍ତ୍ରୀଙ୍କର ଶତ ଲାଞ୍ଛନାକୁ ପ୍ରେମନିବେଦନ ବୋଲି ଚିତ୍ରଣ କରି ସେ ତାଙ୍କୁ ବିବାହ କଲେ । ବିବାହ ପରେ ପରେ ତାଙ୍କୁ ବଶ କରିବା ଆରମ୍ଭ ହେଲା । ସେ ଜାଣିଶୁଣି ବିବାହ ମୁହୂର୍ତ୍ତରେ ନ ଆସି ଡେରିରେ ଗିର୍ଜାକୁ ଆସିଲେ । ଗିର୍ଜାକୁ ମଧ୍ୟ ସେ ଆସିଲେ ଅତି ନିକୃଷ୍ଟ ଧରଣର ପୋଷାକ ପିନ୍ଧି ।

ବିବାହ ପରେ ପେଟ୍ରୁସିଓ ବିବାହ-ଭୋଜିରେ ଯୋଗଦେଲେ ନାହିଁ କାର୍ଯ୍ୟ-ବ୍ୟସ୍ତତାର ଛଳନା କରି । ତା ପରେ ଏକପ୍ରକାର ଜବରଦସ୍ତି କରି ତାଙ୍କ ସ୍ତ୍ରୀଙ୍କୁ ତାଙ୍କ ସଙ୍ଗରେ ଘରକୁ ନେଲେ ଗୋଟିଏ ଦୁଷ୍ଟ ଓ କଦାକାର ଘୋଡ଼ା ଉପରେ ବସାଇ । ଧନାଢ଼୍ୟ ବ୍ୟକ୍ତି ହେଲେ ବି ତାଙ୍କର ପରିଚାରକମାନେ ଅତି ସାଧାରଣ ପୋଷାକ ପିନ୍ଧି ତାଙ୍କ ପ୍ରଭୁଙ୍କର ନବବିବାହିତା ସ୍ତ୍ରୀଙ୍କୁ ଅଭିବାଦନ ଜଣାଇଲେ ।

ଘରେ ଥିବାପର୍ଯ୍ୟନ୍ତ ଖାଇବା ଜିନଷ ଭଲ ତଆର ହୋଇନାହିଁ ବୋଲି ଛଳନା କରି ପେଟ୍ରୁସିଓ ସ୍ତ୍ରୀଙ୍କୁ ଖାଇବାକୁ ନ ଦେଇ ସମସ୍ତ ଖାଦ୍ୟପଦାର୍ଥ ପକାଇଦେଲେ । ଶୋଇବା ପାଇଁ ବିଛଣା ଖରାପ ବୋଲି କହି ବିଛଣାରେ ସ୍ତ୍ରୀଙ୍କୁ ଶୋଇବାକୁ ଦେଲେ ନାହିଁ । ଏହିପରି ନାନା ନିର୍ଯାତନା ସହିବା ପରେ ଏ ଅବାଧ ସ୍ତ୍ରୀର ମନେ ବଳ ଭାଙ୍ଗିଗଲା । ସେ ଘରକୁ ଯିବାପାଇଁ ବ୍ୟସ୍ତ ହେଲେ । ଘରକୁ ଯିବାକୁ ଶେଷରେ ଠିକ୍ ହେଲା । ଯିବାବେଳେ ସ୍ତ୍ରୀଙ୍କର ସୁନ୍ଦର ପୋଷାକକୁ ଦର୍ଜି ଖରାପ ଭାବରେ ସିଲାଇ କରିଛି କହି ଅତି ଅସୁନ୍ଦର ଓ ସାଧାରଣ ପୋଷାକ ପିନ୍ଧି ନିଜ ଘରକୁ ଯିବାକୁ ସ୍ତ୍ରୀକୁ ବାଧ୍ୟକଲେ । ଏହିପରି କେତେକ ହାସ୍ୟରସାତ୍ମକ ଦୃଶ୍ୟ ପରେ ସ୍ତ୍ରୀ ସ୍ୱାମୀର ଅନୁଗତା ହେଲେ ଓ ପ୍ରତିଯୋଗିତାରେ ସବୁ ସ୍ତ୍ରୀଙ୍କଠୁ ନିଜ ସ୍ୱାମୀପ୍ରତି ସେ ଅଧିକ ବାଧ୍ୟ ବୋଲି ପ୍ରତିପାଦିତ ହୋଇ ପୁରସ୍କୃତ ହେଲେ ।

ଏହି ନାଟକରେ ଅଭିନୟ କରିଥିଲେ ଏହି ରଙ୍ଗମଞ୍ଚର ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀମାନେ । ତେଣୁ ନାଟକଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପଭୋଗ୍ୟ ହୋଇଥିଲା । ସ୍ମରଣ କରାଯାଇପାରେ, ଏହି ରଙ୍ଗମଞ୍ଚର ଜଣେ ଅଭିନେତା ବେନ୍‌କିଙ୍ଗସ୍ଲି ମହାତ୍ମା ଗାନ୍ଧି ଭୂମିକାରେ ଅଭିନୟ କରି ଆନ୍ତର୍ଜାତିକ ଖ୍ୟାତି ଲାଭ କରିଛନ୍ତି । ଏହି ରଙ୍ଗମଞ୍ଚର ଜଣେ ପୂର୍ବତନ ଅଭିନେତା ସାର୍ ରିଚାର୍ଡ଼ ଆଟେନବରୋ ଏହି ଗାନ୍ଧି ଫିଲ୍ମର ନିର୍ଦ୍ଦେଶକ-ଭାବେ ପୃଥିବୀରେ ଅକ୍ଷୟ ଯଶ ଅର୍ଜନ କରିବା ସଙ୍ଗେ ସଙ୍ଗେ ଇଂଲଣ୍ଡ ଓ ଭାରତ ଦେଶ ଛଡ଼ା ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ବହୁ ପୁରସ୍କୃତ ହୋଇଛନ୍ତି ।

ଖେଳ ସରିଲା ପରେ କାଳବିଳମ୍ବ ନକରି ଲିଭରପୁଲକୁ ଯାତ୍ରା ଆରମ୍ଭ କଲୁ । ସେତେବେଳେ ବାହାରେ ବରଫ ପଡ଼ୁଥାଏ । ରାତିରେ ଅତିମାତ୍ରାରେ ବରଫ ପଡ଼ିଲେ ରାସ୍ତାରେ ଗାଡ଼ିରେ ଯିବା ବିପଜ୍ଜନକ ହୋଇପାରେ ମନେକରି କୌଣସିଠାରେ ଅପେକ୍ଷା ନ କରି ଅବିରାମ ଗତିରେ ଆମ ଗାଡ଼ି ଲିଭରପୁଲ ଅଭିମୁଖରେ ଚାଲିଲା । ରାସ୍ତାଯାକ ଗଦା ଗଦା ବରଫ ପଡ଼ିଥିବା ଦେଖିଲୁ—ବିଶେଷତଃ ଚେସାୟାର ପ୍ରଦେଶରେ । ବରଫ ଦେଖି ଉତ୍ଫୁଲ୍ଲ ଲାଗୁଥାଏ; କିନ୍ତୁ ମନରେ ମଧ୍ୟ ଭୟ ଜାତହେଉଥାଏ—ଯଦି କୌଣସି କାରଣରୁ ଗାଡ଼ି ଖରାପ ହୋଇ ରାସ୍ତାରେ ପଡ଼ିରହେ, ତେବେ ମହାବିପଦ । ଇଞ୍ଜିନ ବନ୍ଦ ହେବା ସଙ୍ଗେ ସଙ୍ଗେ ଗାଡ଼ି ଭିତର ଗରମ କରୁଥିବା ଯନ୍ତ୍ର ମଧ୍ୟ ବନ୍ଦ ହୋଇଯିବ । ଆମେ ଅଗତ୍ୟା ପଡ଼ିରହିବୁ ଏହି ବରଫାବୃତ ଅଞ୍ଚଳରେ ପ୍ରବଳ ଶୀତ ମଧ୍ୟରେ । ସୌଭାଗ୍ୟକ୍ରମେ ଏପରି ଦୁର୍ବିପାକ ଆମର ସେ ଦିନ ହୋଇନଥିଲା ଓ ଆମେ ସର୍ବଶୁଭରେ ଲିଭରପୁଲରେ ଯଥାସମୟରେ ପହଞ୍ଚି ରାତ୍ରି-ଭୋଜନ କରି ବିଦ୍ୟୁତଚୁଲି ପାଖରେ ଆରାମରେ ବସି ଦେଖିଲୁ ଇଂରାଜୀ ଚିତ୍ର 'ଯୋଗନ୍' । ଏହି ଚିତ୍ରର ଶେଷ ଖଣ୍ଡ ସେଦିନ ଥିବାରୁ ଏହାକୁ ଦେଖିବା ପାଇଁ ଆମର ବିଶେଷ ଆଗ୍ରହ ଥିଲା । ଆଲେନ୍ ଠିକ୍ ସମୟରେ ଆମକୁ ଘରେ ପହଞ୍ଚାଇଦେବାରୁ ତାଙ୍କୁ ଆମର ଆନ୍ତରିକ ଧନ୍ୟବାଦ ଜ୍ଞାପନକଲୁ ।

## ହଓ୍ୱର୍ଥ ଓ ବ୍ରଣ୍ଟେ ମ୍ୟୁଜିୟମ :

ସବୁବେଳେ ମନେପଡ଼େ ହଓ୍ୱର୍ଥ ଯିବା କଥା । ୧୯୮୩ ଏପ୍ରିଲ ୧୬ ତାରିଖ ଦିନ ଜର୍ମାନୀ ପରିଭ୍ରମଣରୁ ଫେରିଥାଉ । ନାନା ସ୍ଥାନ ବୁଲିକରି ଫେରିବାରୁ ବିଶେଷ କ୍ଳାନ୍ତ ଅନୁଭବ କରୁଥାଉ । ଇଂଲଣ୍ଡ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବୁ ଏପିଲ ୨୩ ତାରିଖ ଦିନ । ଏଥିପାଇଁ ଲିଭରପୁଲଠାରୁ ଲଣ୍ଡନକୁ ଯାତ୍ରା କରିବୁ ୨୨ ତାରିଖ ଦିନ । ତେଣୁ ମାତ୍ର ପାଞ୍ଚ-ଛଅ ଦିନ ସମୟ ରହିଲା । ଜୋଇଁ ତାଙ୍କର ଅନେକ ବନ୍ଧୁଙ୍କୁ ଏପ୍ରିଲ ୧୭ ତାରିଖ ସନ୍ଧ୍ୟାରେ ଆମ ଘରେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥାନ୍ତି । ସେମାନଙ୍କ ସଙ୍ଗରେ ଆମର ଶେଷ ଦେଖା ହେବ ଭାରତ ଫେରିଯିବା ପୂର୍ବରୁ । ତଥାପି ତହିଁ ଆରଦିନ ସକାଳେ ପୂର୍ବ-ନିର୍ଦ୍ଧାରିତ କାର୍ଯ୍ୟନିର୍ଘଣ୍ଟ ଅନୁସାରେ ଆଲେନ୍ ଓ ବାରବାରାଙ୍କ ସଙ୍ଗରେ ଶେଷଥର ପାଇଁ ଇଂଲଣ୍ଡ ପରିଦର୍ଶନରେ ବାହାରିଲୁ । ଏଥର ଆମ ସଙ୍ଗରେ ଝିଅ ଓ ଜୋଇଁ ମଧ୍ୟ ଯାଇଥାନ୍ତି ।

୧୮ ତାରିଖ ସକାଳ ପ୍ରାୟ ୮ଟା ବେଳେ ଦୁଇଟି ଗାଡ଼ିରେ ଆମେ ସମସ୍ତେ ବାହାରିଲୁ ପଶ୍ଚିମ ୟର୍କସାୟାର୍‌ରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ହଓ୍ୱର୍ଥ ଗ୍ରାମ ଦେଖିବା ପାଇଁ । ଅନେକ ଦିନରୁ ମୋର ଏହି ଅଭିଳାଷ ଥିଲା । ଇଂଲଣ୍ଡକୁ ଉଚ୍ଚଶିକ୍ଷା ଲାଭ କରିବାକୁ ଆସିଥିବା ମୋର ଜଣେ ପୂର୍ବତନ ଛାତ୍ର ଶ୍ରୀନଗର ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡକ୍ଟର ଗୌର କିଶୋର ଦାଶ ଏ ସ୍ଥାନ ବିଷୟରେ ଭୂୟସୀ ପ୍ରଶଂସା କରିବାର ମୋର ସ୍ପଷ୍ଟ ମନେଥିଲା । ଏହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ତିନିଭଉଣୀ-ଚାର୍ଲୋଟ ବ୍ରଣ୍ଟେ, ଏମିଲି ବ୍ରଣ୍ଟେ ଓ ଆନ ବ୍ରଣ୍ଟେ । ସମସ୍ତେ ଔପନ୍ୟାସିକ ଭାବରେ ଦେଶ-ବିଦେଶରେ ଖ୍ୟାତି ଲାଭ କରିଛନ୍ତି ।

ହଓ୍ୱର୍ଥରେ ପହଞ୍ଚିଲୁ ଦିନ ପ୍ରାୟ ଗୋଟାଏ ବେଳେ । ସେଠାରେ ଗୋଟିଏ କ୍ଷୁଦ୍ର ପାହାଡ଼ ଉପରେ ମଧ୍ୟାହ୍ନ-ଭୋଜନ କଲୁ । ଦର୍ଶକମାନଙ୍କ ପାଇଁ ସେଠି ଅଳ୍ପ କେତେକ ବେଞ୍ଚ ଥାଏ । ସେଠାରେ ଗୋଟିଏ ବେଞ୍ଚ ଉପରେ ବସିଥାନ୍ତି ଜଣେ ଯୁବକ ପ୍ରବଳ ଥଣ୍ଡା ଓ ପବନ ସତ୍ତ୍ୱେ । ଶୁଣିଲୁ ସେ ସେଠାକୁ **bird watching** ପାଇଁ ଅର୍ଥାତ୍ ପକ୍ଷୀମାନଙ୍କ ବିଷୟରେ ଅନୁଧ୍ୟାନ କରିବା ପାଇଁ ଆସିଛନ୍ତି । ସେ ସ୍ଥାନର ଉଚ୍ଚତା ଓ ନିର୍ଜନତା ଦୃଷ୍ଟିରୁ ଏପରି ଗବେଷଣା ପାଇଁ ଏ ସ୍ଥାନ ପ୍ରକୃଷ୍ଟ । ଇଂଲଣ୍ଡରେ ଅନେକ ଲୋକ ପକ୍ଷୀମାନଙ୍କ ବିଷୟରେ ଅନୁଧ୍ୟାନ କରିବାରେ ବିଶେଷ ଆଗ୍ରହ ପ୍ରକାଶ କରିଥାଆନ୍ତି । ଆମେମାନେ ସେଠାରେ ଗୋଟିଏ ବେଞ୍ଚରେ ବସି ମଧ୍ୟାହ୍ନଭୋଜନ କଲୁ । ଏହି ପାହାଡ଼ ଉପରୁ ଦିଶେ ମାଇଲ-ମାଇଲଧରି ବିସ୍ତାରିତ ନିର୍ଜନ ଅସମତଳ ପାର୍ବତ୍ୟଭୂମି । ଏହି ସ୍ଥାନର ସୌନ୍ଦର୍ଯ୍ୟ ଓ ନିର୍ଜନ ପରିବେଶ ସ୍ୱାଧୀନତାପ୍ରେମୀ ଏମିଲି ବ୍ରଣ୍ଟେଙ୍କୁ ଆନନ୍ଦରେ ବିଭୋର କରିଥିଲା । ଏହିଠାରେ ବସି ତାଙ୍କର ପ୍ରସିଦ୍ଧ ଉପନ୍ୟାସ

ଓ୍ୱାଦରିଂ ହାଇଟସ୍ (Wuthering Heights)ର ସେ ପରିକଳ୍ପନା କରିଥିଲେ । ଏ ସ୍ଥାନ ବିଷୟରେ ଏମିଲି ବ୍ରଣ୍ଟେ ନିମ୍ନୋକ୍ତ ଭାଷାରେ ଲେଖିଯାଇଛନ୍ତି—

"Seated here, we were hidden from all the world, nothing appeared in view but miles and miles of moonland, a glorious sky and brightening sun."

ମଧ୍ୟାହ୍ନ-ଭୋଜନ ପରେ ହ୍ୱର୍ଓ୍ୱର୍ଥ ଗ୍ରାମ ଦେଖିବାକୁ ଗଲୁ । ଏହି ଗ୍ରାମ ଗୋଟିଏ ଛୋଟିଆ ପାହାଡ଼ ଉପରେ ଅବସ୍ଥିତ । ରାସ୍ତାରେ ଗଲାବେଳେ ପାହାଡ଼କୁ ଓହ୍ଲାଇବା ପରି ବୋଧହୁଏ । ରାସ୍ତାର ଦୁଇ କଡ଼ରେ ଛୋଟ ଛୋଟ ଦୋକାନ ଓ ଭୋଜନାଳୟ । ଦୋକାନମାନଙ୍କରେ ପର୍ଯ୍ୟଟକଙ୍କ ଆବଶ୍ୟକତା ଅନୁଯାୟୀ ନାନା ଆକର୍ଷଣୀୟ ଜିନିଷ କିଣିବାକୁ ମିଳେ । ମନେଅଛି, ବାରବାର ମୋର ନାତୁଣୀଙ୍କ ପାଇଁ ଏଠାରୁ ଦୁଇଟି କଣ୍ଢେଇ କିଣିଥିଲେ । ଏହି ଗ୍ରାମଟି ମୁଖ୍ୟତଃ ବ୍ରଣ୍ଟେ ପରିବାର ପାଇଁ ଖ୍ୟାତିଲାଭ କରିଛି । ରାଣୀ ଭିକ୍ଟୋରିଆଙ୍କ ରାଜତ୍ୱ ସମୟକୁ ଇଂଲଣ୍ଡ ଇତିହାସର ସ୍ୱର୍ଣ୍ଣଯୁଗ ଆଖ୍ୟା ଦିଆଯାଇଥାଏ । ଏହି ରାଣୀଙ୍କ ରାଜତ୍ୱ କାଳରେ ପୃଥିବୀର ଅର୍ଦ୍ଧେକାଂଶ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହି କ୍ଷୁଦ୍ର ଦ୍ୱୀପର ଅଧିବାସୀମାନେ ସାମରିକ ଶକ୍ତି, ବାଣିଜ୍ୟ, ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପୃଥିବୀର ସର୍ବଶ୍ରେଷ୍ଠ ଜାତି ଭାବରେ ନିଜର ସମ୍ମାନ ବଜାୟ ରଖିଥିଲେ । ଏହି ଜାତିର ସ୍ୱର୍ଣ୍ଣଯୁଗରେ କେତେକ ମନସ୍ୱିନୀ ମହିଳା ସାହିତ୍ୟ-ସେବା କରି ବହୁ ଉପାଦେୟ ଉପନ୍ୟାସ ରଚନା କରିଯାଇଛନ୍ତି । ସେହି ମହିଳାମାନଙ୍କ ମଧ୍ୟରେ ଏଠାରେ ଜନ୍ମଗ୍ରହଣ କରିଥିବା ଚାର୍ଲୋଟ ବ୍ରଣ୍ଟେ (୧୮୧୬-୧୮୫୫) ଓ ଏମିଲି ବ୍ରଣ୍ଟେ (୧୮୧୮-୧୮୪୮) ଶ୍ରେଷ୍ଠ ଆସନ ଅଧିକାର କରିଥିଲେ ।

ଚାର୍ଲୋଟ ବ୍ରଣ୍ଟେଙ୍କ ଜୀବନୀ ଲେଖି ଏଲିଜାବେଥ ଗାସ୍କେଲ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲେ । ଏହାଛଡ଼ା ତାଙ୍କର କ୍ରାନଫୋର୍ଡ ନାମକ ଉପନ୍ୟାସ ବହୁଜନାଦୃତ । ଚାର୍ଲୋଟ ବ୍ରଣ୍ଟେ, ଏମିଲି ବ୍ରଣ୍ଟେ ଓ ଆନ୍ ବ୍ରଣ୍ଟେ ତିନି ଭଉଣୀ ଥିଲେ । ସେମାନେ ସମସ୍ତେ ଉପନ୍ୟାସ ଲେଖିଛନ୍ତି; କିନ୍ତୁ ଚାର୍ଲୋଟ ବ୍ରଣ୍ଟେ ଓ ଏମିଲି ବ୍ରଣ୍ଟେ ଔପନ୍ୟାସିକ ଭାବରେ ଅଧିକ ଖ୍ୟାତି ଲାଭ କରିଥିଲେ । ମଝିଆ ଭଉଣୀ ଏମିଲି ବ୍ରଣ୍ଟେ ତାଙ୍କର ବଡ଼ ଭଉଣୀଙ୍କଠାରୁ ଗୁଣରେ ଭିନ୍ନ । ସେ ସର୍ବଦା ଚଞ୍ଚଳ, ବିଷାଦପୂର୍ଣ୍ଣ ଓ ନିଃସଙ୍ଗ ପ୍ରକୃତିର ଥିଲେ । କେତେକଙ୍କ ମତରେ ସେ ତାଙ୍କ ଉପନ୍ୟାସର ନାୟକ ହିଥକ୍ଲିଫଙ୍କ ପରି ଉଦ୍ଦାମ ପ୍ରକୃତିର ଥିଲେ ଓ ତାଙ୍କର ଜୀବନ ହ୍ୱର୍ଓ୍ୱର୍ଥର ପାର୍ବତ୍ୟ ଅଞ୍ଚଳ ପରି ନିଃସଙ୍ଗ ଥିଲା । ଏମିଲି ବ୍ରଣ୍ଟେ 'ଓ୍ୱାଦରିଂ ହାଇଟସ' ନାମକ ଗୋଟିଏ ମାତ୍ର ଉପନ୍ୟାସ ଲେଖିଯାଇଛନ୍ତି । ତା'ଛଡ଼ା ଅଳ୍ପ କିଛି କବିତା । କିନ୍ତୁ ଏତିକରେ ସେ ଇଂରାଜୀ ସାହିତ୍ୟରେ ପ୍ରତିଷ୍ଠା ଲାଭ କରିଥିଲେ । ଇଂରାଜୀ ସାହିତ୍ୟରେ ଏ ଦୁଇ ଭଉଣୀଙ୍କର ସ୍ଥାନ ବହୁତ ଉଚ୍ଚରେ । ହ୍ୱର୍ଓ୍ୱର୍ଥରେ ଥିବା ସମୟରେ ସେମାନଙ୍କର ପୂର୍ବର ବାସସ୍ଥାନ ଦେଖିଲୁ ।

ବର୍ତ୍ତମାନ ଏହି ଗୃହ ଏକ ମ୍ୟୁଜିୟମରେ ପରିଣତ ହୋଇଛି, ସେହି ମ୍ୟୁଜିୟମରେ ଏହି ଲେଖିକାମାନଙ୍କର ଜୀବନୀ ସହିତ ସଂଶ୍ଳିଷ୍ଟ ଅନେକ ଦ୍ରବ୍ୟ ସଂରକ୍ଷିତ ଓ ପ୍ରଦର୍ଶିତ ହୋଇଅଛି ।

## ୱେଲ୍‌ସ ଓ ସ୍କଟଲ୍ୟାଣ୍ଡ ପରିଦର୍ଶନ :

୧୯୮୨ ମସିହା ଅଗଷ୍ଟ ୨୯ ତାରିଖ ରବିବାର ସକାଳେ ୱେଲସ ରାଜ୍ୟର ବେଙ୍ଗୋର ସହରକୁ ଯିବା ସ୍ଥିର ହେଲା । ଏଥିପୂର୍ବରୁ ୱେଲ୍‌ସ ଯାଇ ନ ଥିବାରୁ ଯିବାପାଇଁ ଆଗ୍ରହ ଥିଲା । ଲିଭରପୁଲ୍‌ରୁ ବାହାରିଲୁ ସକାଳ ୯ଟା ବେଳେ । ମର୍ସି ନଦୀ ତଳେ ଥିବା ୱାଲେସି ସୁଡ଼ଙ୍ଗଦେଇ ଗଲାବେଳେ ମନେପଡ଼ିଲା ଆଉ ଦିନକର କଥା । ଆମେ ଇଉରୋପ ଭ୍ରମଣରେ ଯିବାର ଅବ୍ୟବହିତ ପୂର୍ବରୁ ଆୟର୍ଲ୍ୟାଣ୍ଡର ଆତଙ୍କବାଦୀମାନେ ଗୋଟିଏ ମଟରଗାଡ଼ିରେ ଦୁଇଟି ବୋମା ରଖି ଏହି ସୁଡ଼ଙ୍ଗମଧ୍ୟରେ ଛାଡ଼ି ଦେଇ ଯାଇଥିଲେ । ଯଦି ସୁଡ଼ଙ୍ଗ ଭିତରେ ବୋମା ଫୁଟିଥାନ୍ତା, ତେବେ ତାହାର ପରିଣତି ନିଶ୍ଚୟ ପ୍ରଳୟଙ୍କରୀ ହୋଇଥାନ୍ତା । ଏହି ଆତଙ୍କବାଦୀମାନେ ଅଳ୍ପଦିନ ପୂର୍ବରୁ ଲଣ୍ଡନର ହାଇଡ୍ ପାର୍କ, ଓ ରିଜେଣ୍ଟ ପାର୍କରେ ପରେଡ଼ କରୁଥିବା ଅନେକଗୁଡ଼ିଏ ଅଶ୍ୱାରୋହୀ ସୈନ୍ୟ ଓ କେତେକ ଦର୍ଶକଙ୍କୁ ମଧ୍ୟ ବୋମା ନିକ୍ଷେପ କରି ହତ୍ୟା କରିଥିଲେ । ୱାଲେସି ସୁଡ଼ଙ୍ଗ ଅତିକ୍ରମ କଲାବେଳେ ସ୍ୱତଃ ଏସବୁ କଥା ମନେପଡ଼ିଲା । ବେଙ୍ଗୋର ସହରରେ ପହଞ୍ଚିବା ପୂର୍ବରୁ ଆଇରିସ ସମୁଦ୍ରକୂଳ ଦେଇ ଗଲୁ । ସେଠିକାର ସମୁଦ୍ରର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର । ସେଠାରେ ପର୍ଯ୍ୟଟକମାନଙ୍କର ରହିବା ପାଇଁ ଥିବା ଛୋଟ ଛୋଟ କୁଟୀର ଗୁଡ଼ିକ ଦେଖିଲେ ଯେକୌଣସି ପର୍ଯ୍ୟଟକ ଆକୃଷ୍ଟ ହେବ ।

ଲିଭରପୁଲ୍‌ରୁ ବେଙ୍ଗୋର ମାତ୍ର ଦୁଇ ଘଣ୍ଟାର ରାସ୍ତା । ଶୀଘ୍ର ପହଞ୍ଚିଗଲୁ । ସେଠାରେ ପହଞ୍ଚି ସ୍ଥାନୀୟ ଡାକ୍ତରଖାନାକୁ ପ୍ରଥମେ ଗଲୁ । ପୂର୍ବରୁ ଏଠାରେ କାର୍ଯ୍ୟ କରିଥିବାରୁ ଏ ଡାକ୍ତରଖାନା ସହିତ ମୋର ଜୋଇଁ ପରିଚିତ ଥିଲେ । ତାଙ୍କ ସାଙ୍ଗରେ ତାଙ୍କର ବନ୍ଧୁ ଡାକ୍ତର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘରକୁ ଗଲୁ । ଡାକ୍ତର ପଣ୍ଡା ମୋର ଜୋଇଁଙ୍କର ଜଣେ ଘନିଷ୍ଠ ବନ୍ଧୁ । ତାଙ୍କ ଘର କଟକରେ । ମୋର ଝିଅର ବିବାହ ସମୟରୁ ମୁଁ ତାଙ୍କୁ ଦେଖି ଆସିଛି । ବଡ଼ ସ୍ପଷ୍ଟବାଦୀ ଓ ଅମାୟିକ ଲୋକ । ତାଙ୍କ ସହିତ ଅନେକ ଦିନ ପରେ ଦେଖାହେଲା । ଏ ଦୂର ବିଦେଶରେ ତାଙ୍କୁ ଦେଖି ବଡ଼ ଭଲଲାଗିଲା । ତାଙ୍କର ସେହି ଡାକ୍ତରଖାନା କ୍ୱାର୍ଟର୍ସରେ ମଧ୍ୟାହ୍ନ-ଭୋଜନ କଲୁ । ମଧ୍ୟାହ୍ନ-ଭୋଜନ ପରେ ମାଉଣ୍ଟ ସ୍ନୋଡନ ନାମକ ପ୍ରସିଦ୍ଧ ପର୍ବତ ଦେଖିବାକୁ ଗଲୁ । ୱେଲ୍‌ସର ଏହି ପର୍ବତର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର । ଏହା ଇଂଲଣ୍ଡ ଓ ୱେଲ୍‌ସର ସର୍ବୋଚ୍ଚ ପର୍ବତ । ଉଚ୍ଚତା ୩୬୫୦ ଫୁଟ । ଅନେକ ଉତ୍ସାହୀ ଯୁବକ ପର୍ବତାରୋହଣ କରିବା ଉଦ୍ଦେଶ୍ୟରେ ଏଠାକୁ ଆସିଥାନ୍ତି । ବନ୍ୟଜନ୍ତୁ-ସଂରକ୍ଷଣ ପାଇଁ ଏଠାରେ ଗୋଟିଏ ଜାତୀୟ ପାର୍କ ଅଛି । ଶୀତକାଳରେ ଇଂଲଣ୍ଡ ଓ ୱେଲ୍‌ସର ଅନ୍ୟ ସ୍ଥାନ ଅପେକ୍ଷା ଏଠାରେ ଅଧିକ ତୁଷାରପାତ ହୋଇଥାଏ ।

ସେହି ସମୟରେ ପର୍ବତାରୋହଣ କରିବାକୁ ଯାଇ କେତେକ ଯୁବକ ନିଖୋଜ ହେବା ଓ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ବାଦ ଆମେ ଟେଲିଭିଜନରୁ ଜାଣିଥିଲୁ । ଏହି ସ୍ନୋଡନ ପର୍ବତ ଆରୋହଣ କରିବାକୁ ଓ୍ୱାଲ୍ଡ଼ସ୍ୱର୍ଥ ଥରେ ଆସିଥିଲେ । କବି ପର୍ବତଶିଖରରେ ଥିବା ସମୟରେ ଜ୍ୟୋତ୍ସ୍ନାଲୋକ ଚତୁର୍ଦ୍ଦିଗକୁ ଉଦ୍ଭାସିତ କରିଥିଲା । ଜ୍ୟୋତ୍ସ୍ନାଲୋକ ହେତୁ ସେଠାରେ ଥିବା ପ୍ରତ୍ୟେକ ବସ୍ତୁକୁ କବି ଦେଖିପାରିଥିଲେ । କିନ୍ତୁ ଏହି ଜ୍ୟୋତ୍ସ୍ନାଲୋକ ସୂର୍ଯ୍ୟାଲୋକ ପରି ଏତେ ଉଜ୍ଜ୍ୱଳ ନଥିବାରୁ ପ୍ରତ୍ୟେକ ବସ୍ତୁର କ୍ଷୀଣ ରେଖା ମାତ୍ର ସେ ଦୂରରୁ ଦେଖିପାରିଥିଲେ । ସେହି ଜ୍ୟୋତ୍ସ୍ନାପ୍ଲାବିତ ପୃଥିବୀର ଦୃଶ୍ୟ ଦେଖି କବି ମନୁଷ୍ୟର କଳ୍ପନା ଓ ବିଚାରବୁଦ୍ଧି ମଧ୍ୟରେ ତାରତମ୍ୟ ଉପଲବ୍‌ଧି କରିଥିଲେ । ବିଚାର-ବୁଦ୍ଧିଦ୍ୱାରା ମନୁଷ୍ୟ ବସ୍ତୁ-ବସ୍ତୁ ମଧ୍ୟରେ ପାର୍ଥକ୍ୟ ଜାଣିପାରେ; କିନ୍ତୁ କଳ୍ପନାଦ୍ୱାରା ମନୁଷ୍ୟ ପୃଥିବୀର ବହୁ ଉର୍ଦ୍ଧ୍ୱରେ ଥାଇ ସେମାନଙ୍କର ଏକତା ଉପଲବ୍‌ଧି କରେ । କବିଙ୍କ ମତରେ ଜୀବନରେ ଏହି ଏକତାବୋଧ ମନୁଷ୍ୟର ଶ୍ରେଷ୍ଠ ମାନସିକ ପ୍ରକ୍ରିୟା ବୋଲି ସେ ତାଙ୍କ କାବ୍ୟ 'ପ୍ରେଲ୍ୟୁଡ଼'ରେ ଲେଖିଯାଇଛନ୍ତି ।

ଓ୍ୱେଲ୍‌ସ ରାଜ୍ୟ ଇଂଲଣ୍ଡଠାରୁ ଅନୁନ୍ନତ । ଲୋକଙ୍କର ଭାଷା ଇଂରାଜୀ ଓ ଓ୍ୱେଲ୍‌ସ । ଓ୍ୱେଲ୍‌ସ ଭାଷା ଇଂରାଜୀଠାରୁ ଅନେକାଂଶରେ ଭିନ୍ନ । ମୁଁ ଏ ଭାଷା ଶୁଣିବାର ସୁଯୋଗ ପାଇଥିଲି; କିନ୍ତୁ କିଛି ବୁଝି ହେଲି ନାହିଁ । ଅତୀତରେ କେଲ୍‌ଟମାନେ ଏଠାରେ ବସବାସ କରୁଥିଲେ । ଇଂଲଣ୍ଡର ରାଜା ପ୍ରଥମ ଏଡ଼ଓ୍ୱାର୍ଡ଼ ଓ୍ୱେଲ୍‌ସକୁ ଯୁଦ୍ଧରେ ଜୟ କରିଥିଲେ । ୧୫୩୬ ସାଲରୁ ଏହା ଇଂଲଣ୍ଡ ସହିତ ସାମିଲ ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ଏଠାର ଅଧିବାସୀ ଇଂଲଣ୍ଡରୁ ପୃଥକ୍ ହେବାର ସ୍ୱପ୍ନ ଦେଖନ୍ତି । ଇଂଲଣ୍ଡ ରାଜାଙ୍କର ଜ୍ୟେଷ୍ଠପୁତ୍ରଙ୍କୁ 'ପ୍ରିନ୍‌ସ ଅଫ୍ ଓ୍ୱେଲ୍‌ସ' ଆଖ୍ୟା ଦିଆଯାଇଥାଏ । କୋଇଲା ଉତ୍ପାଦନ ଏଠାକାର ପ୍ରଧାନ ଶିଳ୍ପ । ମାଉଣ୍ଟ ସ୍ନୋଡନ୍‌ରୁ ଲିଭରପୁଲ ଫେରିବା ବାଟରେ ଦେଖିଲୁ ରାସ୍ତା କଡ଼ରେ ଥିବା ଅନେକ ପାର୍ବତ୍ୟ ଗ୍ରାମ । ସେଠିକାର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର । ଲୋକ-ମାନଙ୍କର ଅବସ୍ଥା ଭଲ ନଥିବାରୁ ଘରଗୁଡ଼ିକ ଛୋଟ । ଲିଭରପୁଲ ଫେରିଲୁ ପ୍ରାୟ ସନ୍ଧ୍ୟା ୭ଟା ବେଳକୁ ।

ଇଂଲଣ୍ଡ ଆସିବାର ବହୁ ପୂର୍ବରୁ ସ୍କଟଲାଣ୍ଡ ବିଷୟରେ ଇତିହାସରୁ ଓ ଇଂରାଜୀ ସାହିତ୍ୟରୁ ଜାଣିଥାଏ । ଏହି ବୀରପ୍ରସୂ ଭୂମିର ବହୁ ବୀର ଯୋଦ୍ଧା ଜାତିର ସ୍ୱାଧୀନତା ପାଇଁ ଜୀବନ ବଳିଦେଇଥିଲେ । ଇଂଲଣ୍ଡ ଓ ସ୍କଟଲାଣ୍ଡ ମଧ୍ୟରେ ଦୀର୍ଘଦିନବ୍ୟାପୀ ଯୁଦ୍ଧର ଅବସାନ ହେଲା ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ । ୧୬୦୩ ସାଲରେ ଏହା ଇଂଲଣ୍ଡ ସହିତ ମିଳିତ ହେଲା ଏବଂ ଇଂଲଣ୍ଡର ରାଜା ପ୍ରଥମ ଜେମ୍‌ସ୍ ମିଳିତ ରାଜ୍ୟର ପ୍ରଥମ ରାଜା ହେଲେ । ୩୦,୪୦୪ ବର୍ଗମାଇଲ ଆୟତନ ବିଶିଷ୍ଟ ଏହି ଭୂଖଣ୍ଡ ଗ୍ରେଟ-ବ୍ରିଟେନର ଉତ୍ତରାଂଶରେ ଅବସ୍ଥିତ । ଏହାର ଲୋକସଂଖ୍ୟା ପ୍ରାୟ ୫ ଲକ୍ଷ । ମାଛଧରା, ଇଞ୍ଜିନିୟରିଂ ଦ୍ରବ୍ୟ ଉତ୍ପାଦନ, ଜାହାଜତିଆରି, ସମୁଦ୍ର ଭିତରୁ ତୈଳ ଉତ୍ପାଦନ ଆଦି ସ୍କଟଲାଣ୍ଡର ପ୍ରଧାନ ଶିଳ୍ପ । ଏହି ବୀରଭୂମିରେ ଜନ୍ମଗ୍ରହଣ କରିଥିଲେ ଇଂରାଜୀ ସାହିତ୍ୟର ଶ୍ରେଷ୍ଠ

କବି ଓ ଔପନ୍ୟାସିକ ସାର୍ ଓ୍ୱାଲ୍ଟରସ୍କଟ୍ । ଏହି ଲେଖକଙ୍କର 'ଆଇଭାନ୍ ହୋ' ପ୍ରଭୃତି ଉପନ୍ୟାସ ଓ 'ଲେ ଅଫ ଦ ଲାଷ୍ଟ ମିନ୍‌ଷ୍ଟ୍ରେଲ', 'ଲେଡ଼ି ଅଫ୍ ଦ ଲେକ' କାବ୍ୟ ସର୍ବଜନ-ଆଦୃତ । ସ୍କଟ୍‌ଙ୍କ ଛଡ଼ା ଜାତୀୟ କବି ଭାବରେ ପରିଗଣିତ ରବର୍ଟ ବର୍ଣ୍ଣସ୍ ମଧ୍ୟ ଏଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଲିଖିତ ସରଳ ଓ ସୁମଧୁର କବିତା ପ୍ରତ୍ୟେକ ପାଠକକୁ ଅପାର ଆନନ୍ଦ ଦାନକରେ । ତାଙ୍କ କବିତାରେ ବ୍ୟବହୃତ ସ୍କଟିସ ଶବ୍ଦ ସେସବୁ କବିତାକୁ ଅଧିକ ଆକର୍ଷଣୀୟ କରେ ବୋଲି ସମସ୍ତଙ୍କର ମତ ।

ସ୍କଟଲାଣ୍ଡ ଗଲୁ ୧୯୮୨ ସାଲ ସେପ୍‌ଟେମ୍ବର ୫ ତାରିଖ ଦିନ । ଗ୍ଲାସ୍‌ଗୋ ନିକଟରେ ଗୋଟିଏ ଡାକ୍ତରଖାନାରେ ଜୋଇଁଙ୍କର ବନ୍ଧୁ ବିଷ୍ଣୁଚରଣ ରାଉତ ଡାକ୍ତର ଥାଆନ୍ତି । ତାଙ୍କର ସ୍ତ୍ରୀ ରଶ୍ମି ମୋର ଝିଅର ସହପାଠିନୀ । ରଶ୍ମି ସେହି ଡାକ୍ତରଖାନାରେ ସିନିଅର ହାଉସ୍ ଅଫିସର୍ । ତାଙ୍କ ଘରେ ରହିବାକୁ ସେମାନେ ଆମକୁ ନିମନ୍ତ୍ରଣ କରିଥାଆନ୍ତି । ସକାଳ ପ୍ରାୟ ୧୦ଟା ବେଳେ ଗ୍ଲାସଗୋ ଅଭିମୁଖରେ ମଟରଗାଡ଼ିରେ ବାହାରିଲୁ । ଏ ପର୍ଯ୍ୟନ୍ତ ଇଂଲଣ୍ଡରେ ଯେତେ ଜାଗାକୁ ଯାଇଥିଲୁ, ଏହା ସବୁଠାରୁ ଦୂର । ଗାଡ଼ି ଆମର ଅବିରାମ ଗତିରେ ଚାଲିଥାଏ । ଇଂଲଣ୍ଡ ଅତିକ୍ରମ କରି ସ୍କଟଲାଣ୍ଡର ସୁଶୋଭିତ ପର୍ବତମାଳା ଓ ତନ୍ମଧ୍ୟରେ ଥିବା ଉପତ୍ୟକା ଦେଇ ଗଲାବେଳେ ସେଠାକାର ପ୍ରାକୃତିକ ଦୃଶ୍ୟ ଦେଖି ମୁଗ୍ଧ ହେଲୁ । ସ୍କଟଲାଣ୍ଡର ପ୍ରାକୃତିକ ଦୃଶ୍ୟ ସମଗ୍ର ଯୁକ୍ତରାଜ୍ୟରେ ସର୍ବଶ୍ରେଷ୍ଠ । ବାଟରେ ଗୋଟିଏ ସର୍ଭିସେସ୍ (services)ରେ ମଧ୍ୟାହ୍ନ-ଭୋଜନ କଲୁ । ମଧ୍ୟାହ୍ନଭୋଜନ ପରେ ପ୍ରଥମେ ପହଞ୍ଚିଲୁ ଏଡିନ୍‌ବରାରେ ।

ଏଡିନ୍‌ବରା ସହର ସ୍କଟଲାଣ୍ଡର ରାଜଧାନୀ । ଏହାର ଲୋକସଂଖ୍ୟା ପ୍ରାୟ ସାଢ଼େ ଚାରିଲକ୍ଷ । ଏଠାରେ ଥିବା ବିଶ୍ୱବିଦ୍ୟାଳୟ ଷୋଡ଼ଶ ଶତାବ୍ଦୀରୁ ପ୍ରତିଷ୍ଠିତ ହୋଇ ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି । ଅନ୍ୟାନ୍ୟ ଦ୍ରଷ୍ଟବ୍ୟ ସ୍ଥାନମାନଙ୍କ ମଧ୍ୟରେ ଏଠାରେ ଇଂଲଣ୍ଡର ରାଣୀଙ୍କର ହଲିରୁଡ଼ ପ୍ରାସାଦ, ଜାତୀୟ ଚିତ୍ରଶାଳା ଓ ଏଡିନବରା ଦୁର୍ଗ ଅନ୍ୟତମ । ସମୁଦ୍ର ପତ୍ତନର ବହୁ ଉଚ୍ଚରେ ଗୋଟିଏ ପାହାଡ଼ ଉପରେ ଏହି ଦୁର୍ଗ ଅବସ୍ଥିତ । ଯୁକ୍ତରାଜ୍ୟର ଅନ୍ୟ ସ୍ଥାନ ପରି ଏଠିକାର ରାସ୍ତା ଓ ରାସ୍ତାକଡ଼ରେ ଥିବା ଘରସବୁ ସୁନ୍ଦର, ଠିକ୍ ଚିତ୍ର ଆଙ୍କିଲା ପରି । ଦୁର୍ଗଭିତରେ ଗୋଟିଏ ମ୍ୟୁଜିୟମ ଅଛି । ସେତେବେଳେ ସେଠାରେ ଏଡିନ୍‌ବରା ଫେଷ୍ଟିଭାଲ୍ ନାମକ ଗୋଟିଏ କଳା ପ୍ରଦର୍ଶନୀ ହେଉଥିବାରୁ ସାଧାରଣ ଦର୍ଶକମାନଙ୍କୁ ଭିତରକୁ ଯିବାକୁ ଅନୁମତି ମିଳୁ ନଥିଲା । ସହରରେ ପ୍ରିନ୍‌ସେସ୍ ଷ୍ଟ୍ରିଟ୍‌ରେ ଥିବା ଦୋକାନସବୁ ବୁଲିକରି ଦେଖିଲୁ । ଦୋକାନମାନଙ୍କରେ ବହୁ ଆକର୍ଷଣୀୟ ଜିନିଷ ବିକ୍ରି ହେଉଥାଏ । ତନ୍ମଧ୍ୟରେ ସ୍ଥାନୀୟ ଅଧିବାସୀମାନଙ୍କର ଜାତୀୟ ପୋଷାକ ଭାବରେ ପରିଗଣିତ କିଲ୍‌ଟ ମଧ୍ୟ ଥାଏ । ଏହି କିଲ୍‌ଟ ସ୍କଟଲାଣ୍ଡରେ ପ୍ରସ୍ତୁତ ପଶମର ସ୍କର୍ଟ । ଏଥିରେ ବ୍ୟବହୃତ ପଶମକନା ଗାଢ଼ରଙ୍ଗର । ସେଥିରେ ବଡ଼ ବଡ଼ ଚାରିକୋଣିଆ ବା ଚେକ୍ ଗାର ଥିବାରୁ ବେଶ୍ ଆକର୍ଷଣୀୟ ଦିଶେ । ସ୍କଟଲାଣ୍ଡର ହାଇଲାଣ୍ଡ

ଅଞ୍ଚଳରେ ପୁରୁଷମାନେ ଏହି କିଲ୍‌ଟକୁ ତାଙ୍କ ପୋଷାକ ସହିତ ପିନ୍ଧିଥାନ୍ତି । ଏହି ପୋଷାକ୍ ଓ ସ୍କଟଲାଣ୍ଡର ବ୍ୟାଗପାଇପ୍ ବଜାଉଥିବା ବାଦକମାନେ ପୃଥିବୀରେ ସୁବିଦିତ ।

ଏଡିନ୍‌ବର୍ଗରେ କିଛି ସମୟ ଅତିବାହିତ କରି ଗ୍ଲାସଗୋ ଅଭିମୁଖରେ ଯାତ୍ରା ଆରମ୍ଭ କଲୁ । ସେଠି ଅଳ୍ପ ସମୟରେ ପହଞ୍ଚିଗଲୁ । ଗ୍ଲାସଗୋ ସହର ସ୍କଟଲାଣ୍ଡ ସର୍ବ-ବୃହତ୍ ନଗରୀ । ଏହାର ଲୋକସଂଖ୍ୟା ୯ ଲକ୍ଷ ପ୍ରାୟ । ଏହା ଗୋଟିଏ ବଡ଼ ବନ୍ଦର । ଜାହାଜ ନିର୍ମାଣ, ବସ୍ତ୍ରଶିଳ୍ପ ଓ ପୃଥିବୀବିଖ୍ୟାତ ସ୍କଚ୍‌ହ୍ୱିସ୍କି ତିଆରି କାରଖାନା ପାଇଁ ଏହା ପ୍ରସିଦ୍ଧ । ଏଠାରେ ୧୪୫୧ ଓ ୧୯୬୪ ରେ ପ୍ରତିଷ୍ଠିତ ସୁବିଖ୍ୟାତ ବିଶ୍ୱବିଦ୍ୟାଳୟ ଓ ଗୋଟିଏ ଚିତ୍ରଶାଳା ମଧ୍ୟ ଅଛି । ଗ୍ଲାସଗୋ ନିକଟରେ ଥିବା ଏରଡ୍ରି ଡାକ୍ତରଖାନାରେ ଡାକ୍ତର ରାଉତଙ୍କ ସରକାରୀ କ୍ୱାର୍ଟରରେ ରାତିରେ ରହିଲୁ । ରଶ୍ମି ରାତିରେ ନାନା ସୁସ୍ୱାଦୁ ଭାରତୀୟ ଖାଦ୍ୟ ଖୁଆଇ ଆମକୁ ଆପ୍ୟାୟିତ କଲେ । ସେମାନେ ବହୁ ଦିନରୁ ପରିଚିତ ଥିବାରୁ ସେଠାର ରହଣି ଘରେ ରହିବାପରି ବୋଧହେଲା । ତହିଁ ଆରଦିନ ସକାଳେ ରଶ୍ମି ଆମକୁ ମିଷ୍ଟର ଷ୍ଟାନ୍‌ଙ୍କ ଘରକୁ ନେଇଗଲେ । ମିଷ୍ଟର ଷ୍ଟାନ୍‌ଙ୍କ ଘର ରଶ୍ମିଙ୍କର ନିଜ ଘରକୁ ଲାଗିକରି ଥିବାରୁ ସେମାନଙ୍କ ମଧ୍ୟରେ ବହୁ ଘନିଷ୍ଠତା । ମୋର ଝିଅ ଓ ଜୋଇଁ ପ୍ରଥମେ ଗ୍ଲାସଗୋ ଡାକ୍ତରଖାନାରେ କାମ କରୁଥିଲେ । ସେତେବେଳେ ସେମାନଙ୍କର ମଧ୍ୟ ମିଃ ଷ୍ଟାନ୍‌ଙ୍କ ସଙ୍ଗରେ ବେଶ୍ ଘନିଷ୍ଠତା ଥିଲା । ମିଃ ଷ୍ଟାନ୍ ଜଣେ ଇଞ୍ଜିନିୟର, ବଡ଼ ମେଳାପୀ । ତାଙ୍କର ସ୍ତ୍ରୀ ରୁଥ ଓ ଝିଅ ଲିଣ୍ଡା ମଧ୍ୟ ବଡ଼ ସ୍ନେହୀ । ସେମାନେ ଆମମାନଙ୍କୁ ଅଳ୍ପ ସମୟ ମଧ୍ୟରେ ଅତି ଆପଣାର କରିନେଲେ; ଘରେ ତିଆରି ନାନା ରକମର କେକ୍ ଆଣି ଖାଇବାକୁ ଦେଲେ । କେତେ ଫଟୋ ଉଠିଲା । କଥା ରହିଲା ସେମାନେ ଲିଭରପୁଲ୍ ଆସିବେ ।

ଷ୍ଟାନ୍‌ଙ୍କ ଘରୁ ଫେରି ଗ୍ଲାସଗୋଠାରୁ ୪୦ ମାଇଲ ଦୂରରେ ଥିବା ପ୍ରସିଦ୍ଧ ହ୍ରଦ Loch Lomond ଦେଖିବା ପାଇଁ ଗଲୁ ଓ ଏହି ବୃହଦାକାର ହ୍ରଦର ଦୃଶ୍ୟ ଦେଖି ଅଭିଭୂତ ହେଲୁ । ସେଦିନ ଏହି ହ୍ରଦ ଦେଖିବା ପାଇଁ ଓ ସେଥିରେ ନୌକା-ବିହାର କରିବା ପାଇଁ ଅନେକ ଦର୍ଶକ ଆସିଥାନ୍ତି । କିନ୍ତୁ ବର୍ଷାହେତୁ ସେମାନଙ୍କର ଅଭିଳାଷ ପୂର୍ଣ୍ଣ ହୋଇପାରିଲା ନାହିଁ । ଏହିପରି ଅପ୍ରତ୍ୟାଶିତ ବର୍ଷା ସ୍କଟଲାଣ୍ଡର ପାର୍ବତ୍ୟ ଅଞ୍ଚଳରେ ଅନେକ ସମୟରେ ହୁଏ । ସ୍କଟଲାଣ୍ଡରେ ମଧ୍ୟ ବହୁପରିମାଣରେ ତୁଷାରପାତ ହୁଏ ।

□□□

ପାଠାଗାର

# ପଞ୍ଚମ ଅଧ୍ୟାୟ

## ଇଂଲଣ୍ଡର ସାମାଜିକ ଓ ରାଜନୈତିକ ଜୀବନ

### ପ୍ରବାସୀ ଭାରତୀୟ ଓ ବର୍ଣ୍ଣଗତ ବିଦ୍ୱେଷ :

ଆମେ ଦେଶକୁ ଫେରିଲାପରେ ସମସ୍ତେ ପଚାରିଲେ—ସେଠି କିପରି ଲାଗିଲା ? ଏହି ପାଶ୍ଚାତ୍ୟ ଦେଶ ଆମ ଦେଶଠାରୁ ବହୁତ ଦୂରରେ; ହଜାର ହଜାର ମାଇଲ ଅତିକ୍ରମ କଲେ ଯାଇ ପହଞ୍ଚି ହେବ । ଆଗେ ସମୁଦ୍ରପଥରେ ଜାହାଜରେ ଗଲାବେଳେ ପ୍ରାୟ ସତର-ଅଠର ଦିନ ଲାଗୁଥିଲା । ବର୍ତ୍ତମାନ ଅବଶ୍ୟ ଦ୍ରୁତଗାମୀ ଜେଟ୍ ଉଡ଼ାଜାହାଜରେ ପ୍ରାୟ ୧୪ ଘଣ୍ଟା ମଧ୍ୟରେ ପହଞ୍ଚି ହେଉଛି । ତଥାପି ଏଠାରେ ପ୍ରତି ମୁହୂର୍ତ୍ତରେ ମନେପଡ଼େ ଆମେ ଆମ ଦେଶଠାରୁ କେତେ ଦୂରରେ ଅଛୁ । ଆସିବା ପାଇଁ କେତେ ଖର୍ଚ୍ଚ, କେତେ ଆୟୋଜନ । ପାସ୍‌ପୋର୍ଟ, ଭିସା, ବିଦେଶୀ ମୁଦ୍ରା ସଂଗ୍ରହ, ଆୟକର ସାର୍ଟିଫିକେଟ, ହାର୍‌ପତ୍ର ବିଭାଗର ତନଖି, ଜିନିଷ ଓଜନ ନେଇ କଟକଣା ଇତ୍ୟାଦି ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା । ଶେଷରେ ହିଥ୍ରୋ ବିମାନଘାଟିରେ ପହଞ୍ଚି ସବୁଠାରୁ ବଡ଼ ପରୀକ୍ଷା ଦେଇଥିଲୁ । ସେ ପରୀକ୍ଷା ଦେବାକୁ ପଡ଼ିଲା ଇଂଲଣ୍ଡର ବହିରାଗମନ ବିଭାଗ କର୍ମଚାରୀଙ୍କ ପାଖରେ । ସେଥିରେ ସୌଭାଗ୍ୟବଶତଃ ଉତ୍ତୀର୍ଣ୍ଣ ହୋଇ ଏହି ଦେଶରେ ରହିବାର ଯୋଗ୍ୟତା ଅର୍ଜନ କଲୁ । ତଥାପି ସେମାନେ ଛ’ ମାସ ମାତ୍ର ରହିବାକୁ ଅନୁମତି ଦେଇଥିଲେ; ପରେ ଅବଶ୍ୟ ଆଉ ଛ’ ମାସ ରହିବାକୁ ଅନୁମତି ମିଳିଥିଲା । ଏ ସବୁଥିରୁ ମନରେ ଅସ୍ଥିରତା ରହିବାର କଥା ।

ଏହି ଶ୍ୱେତାଙ୍ଗମାନଙ୍କ ଦେଶର ଚାଲିଚଳଣ, ଭାଷା, ସଂସ୍କୃତି, ଧର୍ମ ସବୁ ଭିନ୍ନ । ନିଜକୁ ଖାପଖୁଆଇ ଏଠାରେ ଚଳିବା ଯେକୌଣସି ଭାରତୀୟ ପକ୍ଷରେ ନିଶ୍ଚୟ କଷ୍ଟସାଧ୍ୟ, ସମୟସାପେକ୍ଷ । ଆମ ଦେଶରେ ବିଜ୍ଞାନକ୍ଷେତ୍ରରେ ଅଗ୍ରଗତି ହୋଇଛି ସତ; କିନ୍ତୁ ସମାଜରେ ସେସବୁର ପ୍ରଭାବ ବିଶେଷ ଭାବରେ ପଡ଼ିନାହିଁ । ଏଠି ପ୍ରତ୍ୟେକ କ୍ଷେତ୍ରରେ ମନୁଷ୍ୟ ଯନ୍ତ୍ରସାହାଯ୍ୟରେ କାର୍ଯ୍ୟକରେ । ସେଥିରେ ମଧ୍ୟ ଆମ୍ଭେମାନେ ଅନଭ୍ୟସ୍ତ । ତା ଛଡ଼ା ଜଳବାୟୁ । ଗୋଟିଏ ଗ୍ରୀଷ୍ମପ୍ରଧାନ ଦେଶରେ ଜୀବନସାରା ରହିଲାପରେ ଆସିଛୁ ଏହି ଶୀତପ୍ରଧାନ ଦେଶକୁ । ଏଠାରେ ସବୁବେଳେ ବର୍ଷା ଓ ଶୀତ ଲାଗିରହିଛି । ତା ଛଡ଼ା ଏଠିକାର ଶୀତ ଆମ ଦେଶ ପରି ନୁହେଁ । ଶୀତ ଦିନରେ ଅନେକ ସମୟରେ ସ୍ଲିଟ ଓ ବରଫ ପଡ଼େ; କୁହୁଡ଼ି ହେତୁ ରାସ୍ତାରେ ଗମନାଗମନରେ ବିଶେଷ ଅସୁବିଧା ଭୋଗ କରିବାକୁ ହୁଏ । ଏ ଦେଶର ଖାଦ୍ୟପଦାର୍ଥ ଆମଠାରୁ ବହୁତ ଭିନ୍ନ । ସେମାନଙ୍କର

ଖାଦ୍ୟ ମୁଖ୍ୟତଃ ମାଛ, ମାଂସ ଓ ଫଳ । ପାନୀୟ ଫଳରସ ଓ ସ୍ଥଳବିଶେଷରେ ମଦ୍ୟ; ତେଣୁ ଏ ଦେଶର ସଂସ୍କୃତି ଓ ଆମ ଦେଶର ସଂସ୍କୃତି ମଧ୍ୟରେ ଅନେକ ପାର୍ଥକ୍ୟ । ଏହି କାରଣରୁ ପୂର୍ବେ ଏଠାକୁ ଆସୁଥିବା ଭାରତୀୟମାନେ ନିଜର ସଂସ୍କୃତିକୁ ଭୁଲି ଏଠିକାର ରୀତିନୀତି ମାନି ଚଳିବାକୁ ବାଧ୍ୟ ହେଉଥିଲେ ।

ବର୍ତ୍ତମାନ ଅବସ୍ଥା ବଦଳିଛି । ଇଂଲଣ୍ଡରେ ଏବେ ବହୁ ଭାରତୀୟ ଅଛନ୍ତି । ଏମାନେ ବ୍ରିଟିଶ ସାମ୍ରାଜ୍ୟର ଗୋଟିଏ ଉପନିବେଶରୁ ଆସିନାହାନ୍ତି । ଭାରତ ବର୍ତ୍ତମାନ ଗୋଟିଏ ସ୍ୱାଧୀନ ସାର୍ବଭୌମ ଦେଶ । ଯେଉଁ ଭାରତୀୟମାନେ ଏଠାକୁ ଆସିଛନ୍ତି, ସେମାନେ ସ୍ୱାଧୀନ ଭାରତର ନାଗରିକ । ଏହି କାରଣରୁ ଓ ସେମାନେ ବହୁସଂଖ୍ୟାରେ ଏଠାକୁ ଆସିଥିବାରୁ ଭାରତୀୟ ସଂସ୍କୃତି ଅନୁସାରେ ଚଳିବାକୁ ସେମାନେ ସଚେଷ୍ଟ ଓ କେତେକାଂଶରେ ସକ୍ଷମ ମଧ୍ୟ ହୋଇଛନ୍ତି । ଏ ଦେଶରେ କେତେକ ସହରରେ ଆମ ଦେଶର ଖାଦ୍ୟ ଓ ପୋଷାକ ବର୍ତ୍ତମାନ ମିଳୁଛି । ଲଣ୍ଡନର ସାଉଥଲ୍ ଅଞ୍ଚଳରେ ଏତେ ଭାରତୀୟ ଦୋକାନ ଅଛି ଯେ ତାହା ଭାରତର ଅଂଶବିଶେଷ ପରି ଜଣାପଡ଼େ । ସେହିପରି ଲେଷ୍ଟର, ବ୍ରାଡଫୋର୍ଡ଼ ଓ ମାଞ୍ଚେଷ୍ଟର ସହରମାନଙ୍କରେ ମଧ୍ୟ ବଡ଼ ବଡ଼ ରାସ୍ତାମାନଙ୍କରେ ବହୁ ଦୋକାନ ଭାରତୀୟ କିମ୍ବା ପାକିସ୍ତାନୀ ବ୍ୟବସାୟୀମାନଙ୍କଦ୍ୱାରା ପ୍ରତିଷ୍ଠିତ । ସେଠାରେ ଭାରତୀୟ ଲୋକଙ୍କର ଆବଶ୍ୟକ ହେଉଥିବା ପୋଷାକପତ୍ର ଓ ଖାଦ୍ୟ-ପଦାର୍ଥ ମିଳେ । ତା'ଛଡ଼ା ବୋଲ୍‌ଟନ ଓ ଲିଭରପୁଲ ପ୍ରଭୃତି କେତେକ ସହରରେ ମଧ୍ୟ ଭାରତୀୟ ଦୋକାନ ଅଛି ।

ଭାରତୀୟ ଦୋକାନମାନଙ୍କରେ ବାଇଗଣ, ଭେଣ୍ଡି, କଦଳୀ, କଖାରୁ, ସଜନାଛୁଇଁ, ପାଳଙ୍ଗଶାଗ, ଲାଉ ଇତ୍ୟାଦି ପରିବା ମିଳୁଛି । ତା ଛଡ଼ା ବଡ଼ି, ଆଗ୍ରର, ପାମ୍ପଡ଼ ଇତ୍ୟାଦି ଖାଦ୍ୟଦ୍ରବ୍ୟ ଓ ଭାରତୀୟ ମିଷ୍ଟାନ୍ନ ମଧ୍ୟ ଏହି ଦୋକାନମାନଙ୍କରେ ମିଳୁଛି । ଫଳ ମଧ୍ୟରେ ଆମ୍ବ ଓ ସପୁରି ମିଳିବାର ମୁଁ ଲକ୍ଷ୍ୟ କରିଛି । ଏସବୁ ମିଳିବାରୁ ପ୍ରତ୍ୟେକ ଭାରତୀୟ ପରିବାରଙ୍କୁ ଏ ସୁଦୂର ବିଦେଶରେ ମଧ୍ୟ କେତେକାଂଶରେ ନିଜ ଦେଶରେ ରହିଲା ଭଳି ଲାଗେ ।

୧୯୮୨ ସାଲ ଅକ୍ଟୋବର ମାସ ୨୫ ତାରିଖ ଆମ ପକ୍ଷରେ ଗୋଟିଏ ସ୍ମରଣୀୟ ଦିବସ । ସେଦିନ ଲିଭରପୁଲ ସହରର କାର୍କିବ ଷ୍ଟ୍ରୋର୍ଟସ ସେଣ୍ଟରଠାରେ ଦୁର୍ଗାପୂଜା ଦେଖିବାକୁ ଯାଇଥିଲୁ । ମନରେ ସମସ୍ତଙ୍କର ଅପୂର୍ବ ଆନନ୍ଦ । ସେଦିନ ମହାଷ୍ଟମୀ । ପୂଜାସ୍ଥଳରେ ପହଞ୍ଚି ଦେଖିଲୁ ଗୋଟିଏ ସୁନ୍ଦର ଦୁର୍ଗାମୂର୍ତ୍ତି; ସମୁଦ୍ରପଥରେ ଜାହାଜରେ କଲିକତାରୁ ଆସିଛି । ନାନା ରଙ୍ଗର ଫୁଲରେ ଓ ରଙ୍ଗିନ କାଗଜରେ ମୂର୍ତ୍ତିକୁ ସଜାହୋଇଥାଏ । ଅନେକ ଭାରତୀୟ ସେଠାରେ ଉପସ୍ଥିତ ଥାଆନ୍ତି । ମନ୍ତ୍ରପାଠ କରୁଥାନ୍ତି ଜଣେ ଭାରତୀୟ ଡାକ୍ତର । ଭାରତୀୟ ଡାକ୍ତରଙ୍କ ସ୍ତ୍ରୀମାନେ ସ୍ୱେଚ୍ଛାସେବୀ ଭାବରେ ସବୁ କାମ କରୁଥାଆନ୍ତି । ସମସ୍ତେ ଚହଟ଼ା ଧଡ଼ିଥିବା ସୁନ୍ଦର ଶାଢ଼ି ଓ ସୁନା ଗହଣା ପିନ୍ଧିଥାନ୍ତି । ଉପସ୍ଥିତ ସମସ୍ତ ଲୋକଙ୍କୁ ଭୋଗ ଖାଇବାକୁ ଦିଆଗଲା—ଖେଚଡ଼ି, ତରକାରି ଓ ମିଶ୍ରିତ ଫଳ ଇତ୍ୟାଦି ।

ସେଠିକାର ପରିବେଶ ଓ ଅତିଥି-ଚର୍ଚ୍ଚା ଅନେକାଂଶରେ ଭାରତୀୟ ମନେହେଲା; ତେବେ ଅଳ୍ପ କିଛି ପାର୍ଥକ୍ୟ ଥିଲା । ସମସ୍ତଙ୍କୁ ଭୋଗ ଦିଆହେଲା ପ୍ଲେଟରେ, ସାଙ୍ଗରେ କଣ୍ଟାଚାମଚ, ନ୍ୟାପକିନ୍ ଓ ମୁହଁ ପୋଛିବା ପାଇଁ ଟିସୁ କାଗଜ । ଦୁର୍ଗାପୂଜା ଓ ଏପରି ଖିଆପିଆ ସେଠାରେ ଗୁରୁଦିନ କାଳ ଚାଲିଥିଲା । ଦୁର୍ଗାପୂଜା ପରି ସେଠାରେ ଦୀପାବଳି ଓ ସରସ୍ୱତୀପୂଜା ମଧ୍ୟ ପାଳିତ ହୋଇଥିଲା ।

ଲିଭରପୁଲ ପରି ଇଂଲଣ୍ଡର ଆହୁରି କେତେକ ସହରରେ ମଧ୍ୟ ଭାରତୀୟମାନେ ଯଥାରୀତି ସେମାନଙ୍କର ପର୍ବପର୍ବାଣି ପାଳନ କରନ୍ତି । ତା ଛଡ଼ା ଭାରତୀୟମାନେ ନିଜ ଭିତରେ ଘନିଷ୍ଠ ସମ୍ପର୍କ ରଖିବା ପାଇଁ ପରସ୍ପରଙ୍କ ଘରକୁ ସନ୍ଧ୍ୟାକାଳିବାକୁ ଯାଆନ୍ତି ବହୁ ପଥ ଅତିକ୍ରମ କରି । ଅନେକ ସମୟରେ ବନ୍ଧୁମିଳନର ଆୟୋଜନ ହୁଏ; ଭିଡିଓ କ୍ୟାମେରାରେ ଫଟୋ ଉଠେ । ତା ଛଡ଼ା ଥାଏ ସୁସ୍ୱାଦୁ ଭାରତୀୟ ଖାଦ୍ୟ । ଦେଖିଲି, ବର୍ଷରେ ଥରେ ଓଡ଼ିଶାର ଡାକ୍ତରମାନେ ପୂର୍ବନିର୍ଦ୍ଧାରିତ କୌଣସି ଏକ ସ୍ଥାନରେ ଏକତ୍ରିତ ହୁଅନ୍ତି । ଏସବୁ ଦ୍ୱାରା ସେମାନଙ୍କର ଭାରତୀୟ ଭାବ ଆଜି ପର୍ଯ୍ୟନ୍ତ ରହିଛି; ଯଦିବା ତାଙ୍କ ମଧ୍ୟରୁ କେତେକ ଆଠ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେଠାରେ ରହିଲେଣି ଓ ପ୍ରାୟ ପ୍ରତ୍ୟେକଙ୍କର ସେଠାରେ ନିଜର ବାସଗୃହ ମଧ୍ୟ ଅଛି ।

ତଥାପି ଜାତିଗତ ବିଦ୍ୱେଷ ବର୍ତ୍ତମାନ ସେଠାରେ ଚିନ୍ତାର କାରଣ ହୋଇଛି । ଭାରତୀୟମାନେ ସେମାନଙ୍କର ଜାତିଗତ ସ୍ୱାତନ୍ତ୍ର୍ୟ ଅନେକାଂଶରେ ରକ୍ଷାକରି ସେଠାରେ ରହିବା ସତ୍ତ୍ୱେ ସେମାନଙ୍କ ମନରେ ବେଳେବେଳେ ସନ୍ଦେହ ଜାତହୁଏ ନିଜ ଅନିଚ୍ଛା ସତ୍ତ୍ୱେ ଜାତିଗତ ବିଦ୍ୱେଷ ହେତୁ କାଳେ ସେମାନଙ୍କୁ ଇଂଲଣ୍ଡ ଛାଡ଼ିଯିବାକୁ ପଡ଼ିବ । ଆଜିକାଲି ସେଠାରେ ଚାକିରିକ୍ଷେତ୍ରରେ ଭାରତୀୟମାନଙ୍କୁ ନାନା କଟକଣା ଦେଇ ଦରଖାସ୍ତ କରିବାକୁ ପଡ଼େ । ନିଯୁକ୍ତି ପାଇଲେ ମଧ୍ୟ ଚାକିରି କ୍ଷଣସ୍ଥାୟୀ । ବ୍ରିଟିଶ ଟେଲିଭିଜନ୍‌ରେ କେତେଦିନ ହେଲା ଏସୀୟମାନଙ୍କ ମନରେ ଆସ୍ଥା ଜନ୍ମାଇବା ପାଇଁ ଏସିଆନ୍ ମ୍ୟାଗାଜିନ ଓ ଘର ବାହାର କାର୍ଯ୍ୟସୂଚୀ ମାଧ୍ୟମରେ ଏସିଆନ ଲୋକମାନଙ୍କୁ ସେମାନଙ୍କ ଅଧିକାର ଓ ସୁବିଧା ବିଷୟରେ ସଚେତନ କରିହେଉଛି ।

ଭାରତୀୟ ବଂଶୋଦ୍ଭବଙ୍କର ବହିରାଗମନ ସମସ୍ୟା ବିଷୟରେ ମଧ୍ୟ ଟେଲିଭିଜନରେ ଅନେକ ସମୟରେ ନିରପେକ୍ଷ ଭାବରେ ଆଲୋଚନା ହୁଏ । କିପରି କେତେକ ଲୋକ ଇଂଲଣ୍ଡରେ ଥିବା ତାଙ୍କର ଆତ୍ମୀୟଙ୍କଠାରୁ ବିଚ୍ଛିନ୍ନ ହୋଇ ଭାରତରେ ରହିବାକୁ ବାଧ୍ୟ ହୋଇଛନ୍ତି, ସେ ବିଷୟରେ ଅନେକ ଥର ଦର୍ଶାଯାଇଛି । ସେମାନଙ୍କର ଭାରତରେ ଥିବା ଘର, ସେମାନଙ୍କର ସେଠାକାର ସମାଜ ଇତ୍ୟାଦି ବିଷୟରେ ନିଖୁଣ ତଥ୍ୟ ପରିବେଷଣ କରାହୁଏ । ତା ସହିତ ମଧ୍ୟ ଦେଖାହୁଏ କିପରି ଆଇନ ଅନୁସାରେ କେଉଁ ପରିସ୍ଥିତିରେ ଇଂଲଣ୍ଡକୁ ଆସିବାକୁ ଅନୁମତି ମିଳିବ । ଇଂଲଣ୍ଡରେ ଥିବା ଭାରତୀୟ ଯୁବକ-ଯୁବତୀମାନଙ୍କର ବିବାହ ସମସ୍ୟାର ଆଲୋଚନା ମଧ୍ୟ ହୁଏ ।

ତାଙ୍କର ପିତାମାତାମାନେ କପରି ତାଙ୍କ ପାଇଁ ତାଙ୍କର ଇଚ୍ଛା ଅନୁସାରେ ବିବାହ କରିବାରେ ବାଧା ସୃଷ୍ଟି କରୁଛନ୍ତି କିମ୍ବା ସାହାଯ୍ୟ କରୁନାହାନ୍ତି, ସେ ବିଷୟରେ ସେମାନେ ଅଭିଯୋଗ କରନ୍ତି । ପିତାମାତାମାନେ ମତାମତ ମଧ୍ୟ ଦେଇଥାନ୍ତି ନିଜ ଦୃଷ୍ଟିକୋଣରୁ । ଏହି କାର୍ଯ୍ୟସୂଚୀରେ ପ୍ରାଚ୍ୟସଙ୍ଗୀତ ଓ ନୃତ୍ୟ ମଧ୍ୟ ପରିବେଷଣ କରାହୁଏ ।

ତା' ଛଡ଼ା ସପ୍ତାହରେ ଥରେ ଗୋଟିଏ ହିନ୍ଦୀ ସିନେମା ମଧ୍ୟ ପରିବେଷଣ କରାହେଉଛି । ଏ ସବୁଥିରୁ ଜାତିଗତ ବିଦ୍ୱେଷ ଦୂର କରିବା ପାଇଁ ହେଉଥିବା ଚେଷ୍ଟା ଜଣାପଡ଼େ । ଆହୁରି ମଧ୍ୟ ଲକ୍ଷ୍ୟ କଲି, ପୁଲିସ ବିଭାଗରେ ଏସୀୟ ବଂଶୋଦ୍ଭବଙ୍କୁ ନିଯୁକ୍ତି କରାହୋଇ ଯେଉଁ ସ୍ଥାନରେ ଏହି ଗୋଷ୍ଠୀର ଲୋକମାନେ ବେଶୀ ସଂଖ୍ୟାରେ ଅଛନ୍ତି, ସେଠାରେ ସେମାନଙ୍କୁ ଅବସ୍ଥାପିତ କରାହେଉଛି ।

ତଥାପି ମନେହୁଏ ପ୍ରାଚ୍ୟ ଦେଶ ବିଷୟରେ ଯଥେଷ୍ଟ ସମ୍ବାଦ ଏଠାରେ ସମ୍ବାଦପତ୍ର ଓ ଟେଲିଭିଜନ ମାଧ୍ୟମରେ ପରିବେଷଣ କରାହୁଏ ନାହିଁ; ଫଳରେ ସ୍ଥାନୀୟ ଅଧିବାସୀମାନେ ପ୍ରାଚ୍ୟ ଜଗତର ସମସ୍ୟା ବିଷୟରେ ଆବଶ୍ୟକୀୟ ଜ୍ଞାନ ଲାଭ କରି ପାରନ୍ତି ନାହିଁ । ଦୁଃଖର କଥା, ଯେଉଁ ସାମାନ୍ୟ ଖବର ସମ୍ବାଦପତ୍ରରେ ବାହାରେ ତାହା କେବଳ ବିଦ୍ରୁପାତ୍ମକ—ଭାରତ ପ୍ରଭୃତି ଦେଶମାନଙ୍କୁ ଏମାନେ ହୀନ ଦୃଷ୍ଟିରେ ଦେଖିବା ହେତୁ । ମନେପଡ଼େ ଅତି ଅଳ୍ପ ଭାରତୀୟ ଖବର ଭିତରେ ଥିଲା ଉତ୍ତରପ୍ରଦେଶରେ ୧୬ଜଣ ବ୍ୟକ୍ତିଙ୍କୁ ଡକାୟତଙ୍କର ହତ୍ୟା । ତା ପରେ ବିହାର ରାଜ୍ୟର ଖବର ଗୋଟିଏ ଥିଲା—କପରି ସେଠାରେ ବନ୍ଧୁକ ଦେଖାଇ ନିର୍ଦ୍ଦିଷ୍ଟ କନ୍ୟାମାନଙ୍କୁ ବିବାହ କରିବାକୁ କେତେକ ଯୁବକମାନଙ୍କୁ ବାଧ୍ୟ କରାହେଉଛି । କେରଳ ରାଜ୍ୟ ବିଷୟରେ ସାପକାମୁଡ଼ା ରୋଗୀଙ୍କୁ ଫୁଙ୍କି କରି ଭଲକରିବାକୁ ଚେଷ୍ଟା କରିବା ଓ ଗୋଟିଏ ଅର୍ଦ୍ଧନଗ୍ନ ବ୍ୟକ୍ତିକୁ ତେଲ ମର୍ଦ୍ଦନ କରି ଚିକିତ୍ସା କରିବା ବିଷୟରେ ଖବର ବାହାରିଥିଲା । ସେସବୁ ଖବର ମିଥ୍ୟା ନହୋଇପାରେ; କିନ୍ତୁ କେବଳ ଏହିପରି ଖବର ଦେବା ଓ ଭାରତର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ କୌଣସି ଖବର ନ ଦେବା ଦ୍ୱାରା ଆମ ଏହି ମହାନ୍ ଦେଶ ପ୍ରତି ବ୍ରିଟିଶ ଟେଲିଭିଜନର ବିଦ୍ୱେଷଭାବ ଜଣାପଡ଼େ । ଭାରତରେ ବନ୍ୟା, ଦୁର୍ଭିକ୍ଷ, ଅନଟନ ଓ ଦାରିଦ୍ର୍ୟର କେତେ ନଗ୍ନ ଚିତ୍ର ବ୍ରିଟିଶ ଟେଲିଭିଜନ୍‌ରେ ଦେଖିଲୁ; କିନ୍ତୁ ଭାରତର ସମୃଦ୍ଧି ଓ ଅଗ୍ରଗତିର ଚିତ୍ର କେବେ ଦେଖିଲୁନାହିଁ ।

ଏହି ବିଦ୍ରୁପାତ୍ମକ ମନୋଭାବର ଗୋଟିଏ ବ୍ୟତିକ୍ରମ ଥରେ ଦେଖିଥିଲି । ଆମେ ଲିଭରପୁଲ୍‌ରେ ୧୯୮୩ ସାଲ ଫେବୃୟାରୀ ୧୬ ତାରିଖ ଦିନ ଗୋଟିଏ ସିନେମାଗୃହକୁ ଯାଇଥିଲୁ । ସେ ଗୃହରେ ଏକସମୟରେ ପାଞ୍ଚଗୋଟି ଭିନ୍ନ ଭିନ୍ନ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଥାଏ । ଗୋଟିଏ ହଲ୍‌ରେ ପ୍ରଦର୍ଶିତ ହେଉଥାଏ ସାର ରିଚାର୍ଡ ଆଟେନବରାଙ୍କ ନିର୍ଦ୍ଦେଶିତ ଗାନ୍ଧି ଚଳଚ୍ଚିତ୍ର । ଟିକେଟ ପାଇଁ ଲମ୍ବା ଧାଡ଼ି । ଆଗରୁ ଅଧିକାଂଶ ଟିକେଟ ବିକ୍ରି ହୋଇଯାଇଥାଏ—ବାକି ଅଳ୍ପ ସଂଖ୍ୟକ ଟିକେଟ ପାଇଁ ଏହି ଲମ୍ବା ଧାଡ଼ି ।

ଯାହାହେଉ, ଆମେ ପ୍ରଥମରୁ ଯାଇଥିବାରୁ ଟିକେଟ ମିଳିଗଲା । ଟିକେଟ କିଣିଲା-ବେଳେ ମନେପଡ଼ିଲା ଆମ ସିନେମାଘରମାନଙ୍କ ଆଗରେ ଦୃଶ୍ୟ—କେତେ ଗୋଳମାଳ, ଠେଲାପେଲା, କଳାବଜାର ଓ ପୁଲିସ ଜଗିବା । ସେଠାରେ ସେ ସବୁ କିଛି ନାହିଁ । ସିନେମାଘରେ ବସିଲାବେଳେ ଦେଖିଲୁ କୌଣସି ସ୍ଥାନ ଖାଲି ନାହିଁ । ଲକ୍ଷ୍ୟ କଲି, ପ୍ରତ୍ୟେକ ସ୍ଥାନ ପାଇଁ ଟିକେଟର ମୂଲ୍ୟ ସମାନ । କାହା ପାଇଁ ସ୍ଥାନ-ସଂରକ୍ଷଣ ନାହିଁ । କର୍ମଚାରୀମାନେ ଆସି ଚଉକିରେ ବସାଇବା ଦରକାର ନାହିଁ । ଖାଲିଥିବା ଚଉକିରେ ଲୋକମାନେ ଆସି ଶୃଙ୍ଖଳିତ ଭାବରେ ବସିଲେ । କୌଣସି ସ୍ଥାନରେ ଚଳଚ୍ଚିତ୍ର ଦେଖିବାରେ ଅସୁବିଧା ନାହିଁ । ହଲ୍‌ର ତିଆରି ଏତେ ସୁନ୍ଦର ଯେ ଚଳଚ୍ଚିତ୍ରରେ କଥାବାର୍ତ୍ତା ସ୍ପଷ୍ଟ ଶୁଣିହେଉଥାଏ । ହଲ୍‌ରେ ମଧ୍ୟ ଥାଏ ନିସ୍ତବ୍ଧତା ।

ଏହି ଚଳଚ୍ଚିତ୍ରରେ ଗାନ୍ଧିଙ୍କ ଜୀବନର କେତେକ ସ୍ମରଣୀୟ ଘଟଣା ସୁନ୍ଦର ଭାବରେ ଅଭିନୀତ ହୋଇଛି । ଦକ୍ଷିଣ-ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ବିରୁଦ୍ଧରେ ସତ୍ୟାଗ୍ରହ—ଏହି ଆନ୍ଦୋଳନ ନେଇ ଗାନ୍ଧୀଜୀଙ୍କର ଦକ୍ଷିଣ-ଆଫ୍ରିକାର ପ୍ରଧାନମନ୍ତ୍ରୀ ଜେନେରାଲ ସ୍ମଟସଙ୍କ ସହିତ ସାକ୍ଷାତ, ଭାରତର ଲବଣ ସତ୍ୟାଗ୍ରହ, ରାଜଦ୍ରୋହ ଅପରାଧରେ ଗାନ୍ଧିଜୀଙ୍କ ବିଚାର, ବିଚାରାଳୟରେ ତାଙ୍କର ନିର୍ଭୀକ ଉତ୍ତର ପ୍ରଦାନ ଓ ବିଚାରପତିଙ୍କର ଏହି ମହାନ୍ ବ୍ୟକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଏହି ଚଳଚ୍ଚିତ୍ରର ଅବିସ୍ମରଣୀୟ ଅଙ୍ଗ । ଜାଲିଆନାୱାଲାବାଗଠାରେ ନିରସ୍ତ୍ର ଜନତା ଉପରେ ଅମାନୁଷିକ ଗୁଳିକାଣ୍ଡ ଦେଖିଲା ବେଳେ ଦୁଃଖରେ ଅନେକ ଇଂରେଜ ଦର୍ଶକ କାନ୍ଦୁଥିବାର ଦେଖିଲି । ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ଉପଲବ୍ଧି କଲି, ଗାନ୍ଧିଜୀଙ୍କ ଉକ୍ତି ଓ ଦେଶବାସୀଙ୍କ ପ୍ରତି ତାଙ୍କର ଉପଦେଶ ବାଣୀ ଯଥାର୍ଥ ଥିଲା । ସେ ବାରମ୍ବାର ଦେଶବାସୀଙ୍କୁ ଉପଦେଶ ଛଳରେ କହୁଥିଲେ—ବ୍ରିଟିଶ-ଶାସନକୁ ଘୃଣା କର; କିନ୍ତୁ ବ୍ରିଟିଶ ଲୋକଙ୍କୁ ଘୃଣା କର ନାହିଁ । ଏହି ଉପଦେଶ ଯେ କେତେ ଯଥାର୍ଥ, ଏହି ହଲ୍‌ରେ ସେଦିନର ଏହି ଦୃଶ୍ୟ ଦେଖିଥିବା ପ୍ରତ୍ୟେକ ଭାରତୀୟ ସ୍ୱୀକାର କରିବେ । ଆମର ପରି ଚଳଚ୍ଚିତ୍ରର ଘଟଣାବଳୀ ଦେଖି ଭାରତବାସୀଙ୍କର ଦୁଃଖରେ ଦୁଃଖ ଓ ବିଜୟରେ ଆନନ୍ଦ ହେଲି ଇଂରେଜମାନେ ପ୍ରକାଶ କରିବାର ଦେଖିଲୁ ।

ଚଳଚ୍ଚିତ୍ରଟିର ମୁଖ୍ୟ ଅଭିନେତା ଇଂଲଣ୍ଡ ଅଧିବାସୀ ବେନକିଂସ୍ଲି । ବହୁ ଅଧ୍ୟବସାୟ ଓ କଷ୍ଟ ସ୍ୱୀକାର କରି ଗାନ୍ଧିଜୀଙ୍କ ପରି ପୋଷାକ ପିନ୍ଧି, ସୂତା କାଟି ସମସ୍ତ ଭୂମିକାରେ ସେ ଏତେ ସୁନ୍ଦର ଅଭିନୟ କରିପାରିଛନ୍ତି । ନିର୍ଦ୍ଦେଶକ ଆଟେନବରୀଙ୍କର ଏହି ଚଳଚ୍ଚିତ୍ର ପାଇଁ ସ୍ୱାର୍ଥତ୍ୟାଗ ଆଶ୍ଚର୍ଯ୍ୟଜନକ । ଏହି ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ସେ ଦୀର୍ଘ ୨୦ ବର୍ଷ କାଳ ସାଧନା କରିଥିଲେ । ଏହି ମହତ୍ତ୍ୱ କାର୍ଯ୍ୟରେ ପଣ୍ଡିତ ନେହେରୁ ମୂଳରୁ ତାଙ୍କୁ ଉତ୍ସାହିତ କରିଥିଲେହେଁ ନାନା ବାଧାବିଘ୍ନ ଦେଇ ତାଙ୍କୁ ଗତି କରିବାକୁ ପଡ଼ିଥିଲା । ସେ କିନ୍ତୁ ତାଙ୍କ କଷ୍ଟିରେ ଥିଲେ ଅଟଳ । ଏହି ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ସେ

ପରେ ଭାରତ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇଥିଲେ । ତା' ଛଡ଼ା ଆମେରିକାର ଗୋଟିଏ ଚଳଚ୍ଚିତ୍ର କମ୍ପାନୀ ବହୁ ଅଂଶରେ ଏହାର ବ୍ୟୟଭାର ବହନ କରିଥିଲେ । କିନ୍ତୁ ଏ ସବୁ ସାହାଯ୍ୟ ମିଳିବା ପୂର୍ବରୁ ଆଟେନବରୋ ନିଜର ସମ୍ପତ୍ତି ମଧ୍ୟ ବନ୍ଧକ ରଖି ଅର୍ଥ ସଂଗ୍ରହ କରିଥିଲେ । ପରେ ଏହି ମହାନ୍ ବ୍ୟକ୍ତିଙ୍କୁ ଭାରତ ସରକାର ତାଙ୍କର ବିଶିଷ୍ଟ ସେବା ପାଇଁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ । ଆଟେନବରୋ ଓ ବେନ୍‌କିଙ୍ଗସ୍ଲି ମଧ୍ୟ ବ୍ରିଟିଶ ଏକାଡେମୀଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଥିଲେ । ତା' ଛଡ଼ା ଏହି ଚଳଚ୍ଚିତ୍ରଟି ଅଭୂତପୂର୍ବଭାବରେ ଆନ୍ତର୍ଜାତିକ ପ୍ରତିଯୋଗିତାରେ ୮ଟି ଅସ୍କାର ପୁରସ୍କାର ଲାଭକରିଥିଲା ।

ଗାନ୍ଧି ଚଳଚ୍ଚିତ୍ରରେ ବ୍ରିଟିଶ ଦର୍ଶକମାନେ ଭାରତୀୟଙ୍କ ଦୁଃଖରେ ଅଶ୍ରୁପାତ କଲାଭଳି ଗାନ୍ଧିଙ୍କ ମୃତ୍ୟୁ ସମୟରେ ଅଗଣିତ ଜନତାଙ୍କ ସଙ୍ଗରେ ଅଶ୍ରୁପାତ କରିଥିଲେ । ଭାରତର ତତ୍କାଳୀନ ଇଂରେଜ ବଡ଼ଲାଟ ଲର୍ଡ ମାଉଣ୍ଟବେଟେନ ଓ ତାଙ୍କ ସ୍ତ୍ରୀ ଲେଡି ମାଉଣ୍ଟବେଟେନ ଏହି ମହାନ୍ ବ୍ୟକ୍ତିଙ୍କୁ ମଧ୍ୟ ଭାରତବାସୀ ଅତୀତର ସମସ୍ତ ତିକ୍ତତା ଭୁଲି ସ୍ୱାଧୀନତା ଦିବସ ଦିନ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମନେହୁଏ, ଏହିସବୁ ଐତିହାସିକ ଘଟଣାରୁ ଆମ୍ଭମାନଙ୍କର ଅନେକ କିଛି ଶିଖିବାର ଅଛି ।

### ଏ ଦେଶର ପର୍ବପର୍ବାଣି :

ଇଂଲଣ୍ଡରେ ବର୍ଷେ ରହିବା ଭିତରେ ସ୍ଥାନୀୟ ପର୍ବପର୍ବାଣି, ସାମାଜିକ ଜୀବନ, ରାଜନୀତି, ଟେଲିଭିଜନ ଇତ୍ୟାଦି ବିଷୟରେ ପ୍ରତ୍ୟକ୍ଷ ଭାବରେ ଜାଣିବାର କିଛି ସୁଯୋଗ ପାଇଥିଲି । ଏ ସୁଯୋଗ ଆମ ଦେଶରେ ମିଳିପାରେ ନାହିଁ; ତେଣୁ ଏହି ସୁଯୋଗ ପାଇବାରେ ବଡ଼ ଆନନ୍ଦିତ ହୋଇଥିଲି ।

ଡିସେମ୍ବର ୨୫ ତାରିଖ ଯିଶୁଖ୍ରୀଷ୍ଟଙ୍କର ଜନ୍ମଦିନ । ଏହାକୁ ଓଡ଼ିଆରେ ବଡ଼ଦିନ ଓ ଇଂରାଜୀରେ କ୍ରିସମାସ (Christmas) ବୋଲି କୁହାଯାଇଥାଏ । ଏହା ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସବୁଠାରୁ ବଡ଼ ପର୍ବ । ବଡ଼ଦିନର ବହୁ ପୂର୍ବରୁ ଘରକୁ ପରିଷ୍କାରପରିଚ୍ଛନ୍ନ କରି ସେହି ଦିନର ସାଜସଜ୍ଜା ପାଇଁ ପ୍ରସ୍ତୁତି ଚାଲିଥାଏ । କ୍ରିସମାସ ଦି'ଦିନ ପ୍ରତ୍ୟେକ ଘରେ କ୍ରିସମାସ ଗଛ ସୁସଜ୍ଜିତ କରିହୋଇ ରଖାହେବାର ଦେଖିବାକୁ ମିଳେ । କ୍ରିସମାସ ଗଛ ଫର (Fir) ନାମକ ଗଛ କିମ୍ବା ଏହି ଗଛର ଅଂଶବିଶେଷ ହୋଇଥାଏ । ପ୍ଲାଷ୍ଟିକ ତିଆରି କ୍ରିସମାସ ଗଛ ମଧ୍ୟ କେତେକ ଆଣି ଘରେ ସଜାଇ ରଖନ୍ତି । ଦୋକାନ-ବଜାରରେ ମଧ୍ୟ ଏହି କ୍ରିସମାସ ଗଛ ସୁନ୍ଦର ଆଲୋକ ଓ ରଙ୍ଗିନ କାଗଜରେ ସଜା ହୋଇ ରଖାହେବାର ଦେଖିଲୁ । ବଡ଼ଦିନ ପୂର୍ବରୁ ଏହି ଗଛରେ ଝୁଲାଇବା ପାଇଁ ପରିବାରର ସମସ୍ତଙ୍କ ପାଇଁ ବିଭିନ୍ନ ଉପହାର ଗୃହକର୍ତ୍ତା ଆଣି ରଖିଥାନ୍ତି । କ୍ରିସମାସ ଦିନର ଭୋଜି ପାଇଁ ବଡ଼ଦିନ ପୂର୍ବରୁ ଗୃହିଣୀମାନେ କେକ୍ ପ୍ରଭୃତି ପ୍ରସ୍ତୁତ କରିଥାନ୍ତି । ଗିର୍ଜାରେ ବଡ଼ଦିନର ପ୍ରାର୍ଥନାସଭାରେ ସମସ୍ତେ ନିଜ

ସଂଖ୍ୟାରେ ଯୋଗ ଦିଅନ୍ତି । ଏହି ଦିନ ଅନେକ ସମୟରେ ବରଫ ପଡ଼ିଥାଏ । ତେଣୁ ଘରେ ଭୋଜି ଓ ଉତ୍ସବ ହେଉଥିବା ସମୟରେ ବାହାରେ ତୁଷାରପାତ ଓ ପ୍ରବଳ ଥଣ୍ଡା ହେତୁ ଘରର ଉଷ୍ଣ ପରିବେଶ ବେଶି ଆକର୍ଷଣୀୟ ବୋଧହୁଏ । ପିଲାମାନେ ଅତ୍ୟନ୍ତ ଆନନ୍ଦ ଓ ଉତ୍କଣ୍ଠାର ସହିତ ବଡ଼ଦିନର ଆଗମନକୁ ଅପେକ୍ଷା କରିଥାନ୍ତି; କାରଣ ସେମାନଙ୍କ ପାଇଁ ଖ୍ରୀସମାସ ଗଛରେ ଲୁକ୍‌କାୟିତ ଭାବରେ ଥାଏ ଅନେକ ଆକର୍ଷଣୀୟ ଉପହାର ।

ଖ୍ରୀସମାସ ଦିନ ମଧ୍ୟାହ୍ନ-ଭୋଜନ ପାଇଁ ଆମର ପଡ଼ୋଶୀ ବାରବାରା ଓ ଆଲେନ ଆମକୁ ବହୁ ପୂର୍ବରୁ ନିମନ୍ତ୍ରଣ କରିଥିଲେ । ଅଳ୍ପ ସଂଖ୍ୟକ ଘନିଷ୍ଠ ବନ୍ଧୁ ଓ ନିଜ ପରିବାରର ଲୋକଙ୍କ ମଧ୍ୟରେ ଏହି ବଡ଼ଦିନର ଭୋଜି ସୀମାବଦ୍ଧ ଥାଏ । ଭାରତରେ ଥିବା ସମୟରେ ମୋର ଖ୍ରୀଷ୍ଟିୟାନ ବନ୍ଧୁମାନେ ବଡ଼ଦିନରେ କେକ୍ ପ୍ରଭୃତି ମିଷ୍ଟାନ୍ନ ଆମକୁ ଉପହାର ଦେଉଥିଲେ । କିନ୍ତୁ ଇଂଲଣ୍ଡରେ ଗୋଟିଏ ଇଂରେଜ ପରିବାର ସହିତ ବଡ଼ଦିନ ଭୋଜିରେ ଯୋଗ ଦେବା ଏହା ଆମର ପ୍ରଥମ ଅନୁଭୂତି । ମଧ୍ୟାହ୍ନ-ଭୋଜନ ଆରମ୍ଭ ହେଲା ଦିନ ୨ଟା ବେଳକୁ । ପ୍ରଧାନ ଖାଦ୍ୟ ଥିଲା ରୋଷ୍ଟ ହୋଇଥିବା ଟର୍କି । ଟର୍କି ଗୋଟିଏ ପ୍ରକାରର ବଡ଼ କୁକୁଡ଼ା । ଏହି ଟର୍କି ରୋଷ୍ଟ ବଡ଼ଦିନରେ ସମସ୍ତେ ପରିବେଷଣ କରିଥାନ୍ତି ବହୁ ବର୍ଷର ପ୍ରଥା ଅନୁସାରେ ।

ମୋର ସ୍ତ୍ରୀ ବାରବାରାଙ୍କଠାରୁ ବୁଝିକରି ଜାଣିଲେ ଯେ ଏହି ଟର୍କିଟିର ଓଜନ ଥିଲା ୭ କେଜି । ତେଣୁ ୭ ଘଣ୍ଟା କାଳ ଓଭନ ବା ବିଦ୍ୟୁତ୍ ଚୁଲିରେ ବସିବା ପରେ ଏହା ସିଦ୍ଧହେଲା । ଟର୍କିର ପେଟ ଭିତରେ ରୁଟି ବା ଏକପ୍ରକାର ସୁବାସିତ ପତ୍ର ରଖା ହୋଇ ଓଭନରେ ରୋଷ୍ଟ କରାହୋଇଥିଲା । ମସଲା ଆଦି ସେମାନେ କିଛି ଦେଇ ନ ଥିଲେ । ମସଲାର ବ୍ୟବହାର ସେମାନେ ଜାଣନ୍ତି ନାହିଁ, କହିଲେ ଚଳେ । ତଥାପି ଏ ମାଂସ ସୁସ୍ୱାଦୁ ଲାଗିଲା । ନିମନ୍ତ୍ରିତ ସମସ୍ତ ବ୍ୟକ୍ତିଙ୍କୁ ଏହି ମାଂସ ଓ ବଡ଼ଦିନରେ ତିଆରି ହୋଇଥିବା ପୁଡ଼ିଂ ଯଥେଷ୍ଟ ଖାଇବାକୁ ଦିଆହୋଇଥିଲା ।

ପୁଡ଼ିଂ ତିଆରି ହୋଇ ଟେବୁଲରେ ରଖାହେଲାପରେ ତା ଉପରେ ରମ୍ ନାମକ ଏକ ପ୍ରକାର ମଦ ଢଳାହୋଇ ନିଆଁ ଲଗା ହେଲା । ନିଆଁ ଲଗା ହେବାରୁ ଏହି ମଦସବୁ ପୋଡ଼ିଗଲା, ତା ପରେ ପୁଡ଼ିଂଖଣ୍ଡମାନ ଖାଇବାକୁ ଦିଆଗଲା । ଏପରି ପୁଡ଼ିଂ ତିଆରି ଓ ପରିବେଷଣ ତାଙ୍କର ଚିରାଚରିତ ପ୍ରଥା । ଇଂରେଜ ପରିବାରରେ ଅନେକ ଖାଦ୍ୟ ସାଇଡ଼ର ଅର୍ଥାତ୍ ସେଓ ଫଳରୁ ତିଆରି ମଦ କିମ୍ବା ସେରି ନାମକ ମଦ ଦିଆହୋଇ ରନ୍ଧା ହୋଇ-ଥାଏ । ଏହି ବଡ଼ଦିନ ଭୋଜିରେ ଖାଇବା ସମୟରେ ସମସ୍ତେ ମୁଣ୍ଡରେ ପିନ୍ଧିଲେ ବିଭିନ୍ନ ରଙ୍ଗର କାଗଜର ଟୋପି । ଅତିଥିମାନଙ୍କୁ ବଡ଼ଦିନ ଉପଲକ୍ଷରେ ସେଠାରେ ଛୋଟ ଛୋଟ ଉପହାର ମଧ୍ୟ ଦିଆହେଲା । ଏହି ଉପହାରମାନ କାଗଜରେ ଗୁଡ଼ାହୋଇ ଥିବାରୁ ପ୍ରକୃତରେ ତା ଭିତରେ କଅଣ ଅଛି କାଗଜ ଖୋଲିବା ପୂର୍ବରୁ ଜାଣି ହେଉ

ନ ଥିଲା । ଅନ୍ୟ ଦାମିକା ଉପହାର ବଡ଼ଦିନ ଉପଲକ୍ଷରେ ଆଗରୁ ତିଆରିହୋଇଥାଏ । ସେ ଦିନ କାଗଜରେ ଗୁଡ଼ାହୋଇଥିବା ଉପହାରସବୁ ଗୋଟିଏ କାଗଜ ଖୋଳରେ ଥାଏ । ସେହି ଖୋଳକୁ କ୍ରିସମାସ ଫାଟକର (Christmas Cracker) ବୋଲି କୁହାଯାଏ । ଏହି ଖୋଳକୁ ଦୁଇଆଡ଼ୁ ଅତିଥିମାନେ ଟାଣିଲାରୁ ଫୋଟକା ଫୁଟିଲା ପରି ଶବ୍ଦ ହୁଏ ଓ ଖୋଳରୁ ଉପହାର ସବୁ ବାହାରେ ।

ଖାଇବାଘରର ଏକ କଣରେ ଥାଏ ଗୋଟିଏ କ୍ରିସମସ ଗଛ । କ୍ରିସମସ ଗଛଟି ଛୋଟ ଛୋଟ ବିଦ୍ୟୁତ୍ ଆଲୋକ ଓ ରଙ୍ଗିନ୍ କାଗଜରେ ସଜାହୋଇଥାଏ । ଏହି ସୁସଜ୍ଜିତ ଗଛର ସବା ଉପରେ ଗୋଟିଏ ଖେଳନା ଥାଏ । ଦେଖିଲୁ ଏହା ଗୋଟିଏ ସୁନ୍ଦର ପରୀର ମୂର୍ତ୍ତି । ଖାଇବା ସମୟରେ କେତେ ଆଡ଼ର ଗପ । ତା ସଙ୍ଗରେ ଶ୍ରେଷ୍ଠ ଅରେଞ୍ଜପିକୋ ଟି, କେକ, ଚକୋଲେଟ, ଫଳ ଓ ଆଇସ୍କ୍ରିମ । ଦିନଟି ବଡ଼ ଆନନ୍ଦରେ କଟିଲା ।

ଯେତେଥର ଏହାଙ୍କ ଘରକୁ ଖାଇବାକୁ ଆସିଛୁ, ଲକ୍ଷ୍ୟ କରିଛୁ ସେମାନଙ୍କର ଆମ ପ୍ରତି ସ୍ନେହ ଓ ଆଦର । ସେମାନେ ସେଦିନର ସୁସ୍ୱାଦୁ ଖାଦ୍ୟ ତିଆରି କଲାବେଳେ ସର୍ବଦା ଆମର ରୁଚି ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି । ପ୍ରଥମେ ଯେଉଁଦିନ ସେମାନେ ଆମକୁ ନିମନ୍ତ୍ରଣ କରିଥିଲେ ସେଦିନ ପ୍ରଧାନ ଖାଦ୍ୟ ଥିଲା ଟ୍ରାଉଟ୍ କ୍ଲିଓପେଟ୍ରା (Trout Cleopatra) । ଏହି ଖାଦ୍ୟଟି ପୁରାତନ ଇଜିପ୍ଟର ସୁନ୍ଦରୀ ରାଣୀ କ୍ଲିଓପେଟ୍ରାଙ୍କ ନାମରେ ନାମିତ । ଟ୍ରାଉଟ ମାଛ ଭିତରେ ବାଦାମ, ଛତୁ ଓ ପିଆଜ ଦେଇ ବିଦ୍ୟୁତ୍ ଚୁଲିରେ ସିଝା କରାହୋଇଥାଏ । ସିଝା କଲା ପରେ ଖାଇବାକୁ ଦେବା ପୂର୍ବରୁ ଦୁଧର ଲହୁଣି (cream) ମାଛ ଉପରେ ଦେଇ ପରିବେଷଣ କରାହୋଇଥିଲା । ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଏହି ସୁସ୍ୱାଦୁ ମାଛ ଦିଆହୋଇଥିଲା । ଏହା ଖାଇବା ପରେ ଭୂରିଭୋଜନ କଲାପରି ବୋଧହୋଇଥିଲା । ଶେଷରେ ଥିଲା ଯାସମିନ ଟି' । ଟି' ଟିଣରେ ମଲ୍ଲୀଫୁଲର ପାଖୁଡ଼ା ଥିବାରୁ ଖାଇଲାବେଳେ ମଲ୍ଲୀଫୁଲର ବାସ୍ନା କିଛି ପରିମାଣରେ ଅନୁଭବ କରିଥିଲୁ । ମଧ୍ୟାହ୍ନ-ଭୋଜନ ସରିଲା ବେଳକୁ ସନ୍ଧ୍ୟା ୬ଟା । ଏହି ସନ୍ଧ୍ୟାରେ ଟେଲିଭିଜନରେ ଦେଖିଲୁ ସେକ୍ସପିଅରଙ୍କର ପ୍ରସିଦ୍ଧ ନାଟକ 'ତୃତୀୟ ରିଚାର୍ଡ' । ତାହା ମଧ୍ୟ ଖୁବ୍ ଉପଭୋଗ କରିଥିଲୁ । ଏହିପରି ଆନନ୍ଦ-ଉଲ୍ଲାସ ମଧ୍ୟରେ ବଡ଼ଦିନଟି କଟିଲା ।

ବଡ଼ଦିନ ଡିସେମ୍ବର ୨୫ ତାରିଖ ଶନିବାର ଦିନ ହୋଇଥିଲା । ବଡ଼ଦିନର ପରବର୍ତ୍ତୀ ସପ୍ତାହର ପ୍ରଥମ ଦିନକୁ ବକ୍ସିଂ ଡେ (Boxing Day) କୁହାଯାଏ । ଲୋକମାନେ ଏହି ଦିନଟି ମଧ୍ୟ ବନ୍ଧୁମାନଙ୍କ ସହିତ ଖିଆପିଆ ଓ ମଉଜମଜଲିସ କରି କଟାଇଥାନ୍ତି । ପୂର୍ବ-ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆମକୁ ସେଦିନ ରାତ୍ରିଭୋଜନ କରିବାକୁ ନିମନ୍ତ୍ରଣ କରିଥିଲେ ଜଣେ ଇଂରେଜ ମହିଳା । ତାଙ୍କର ନାମ ମେଭିସ । ସେ ସ୍ଥାନୀୟ କଲେଜରେ ଇଂରାଜୀ ଅଧ୍ୟାପିକା ଓ ଆମର ପଡ଼ୋଶୀଙ୍କର ବାଲ୍ୟବନ୍ଧୁ । ଓ୍ୱାର୍ଡସ୍ୱର୍ଥଙ୍କ ଜନ୍ମସ୍ଥାନକୁ ଯିବା ଦିନ ତାଙ୍କ ସଙ୍ଗରେ ପ୍ରଥମେ ଦେଖାହୋଇଥିଲା । ତା ପରେ ସେ କେତେଥର ଆମ

ଘରକୁ ଆସିଛନ୍ତି । ସେ ପରେ କହୁଥିଲେ ଯେ ତାଙ୍କର ପିତାମହୀ ଭାରତବର୍ଷର ବାଙ୍ଗାଲୋର ସହରରେ ଅନେକ ବର୍ଷ ବାସକରିଥିବାରୁ ପରେ ଭାରତ ଯାଇ ଏ ସହର ଦେଖିବାକୁ ତାଙ୍କର ଇଚ୍ଛା ଅଛି । ଆମ୍ଭମାନଙ୍କ ସହିତ ସେ ତାଙ୍କର ପଡ଼ୋଶୀ ଓ ଅନେକ ବନ୍ଧୁଙ୍କୁ ସେଦିନ ନିମନ୍ତ୍ରଣ କରିଥିଲେ ।

ଖାଇବାକୁ ସେଦିନ ସେ ଆମକୁ ସୁସ୍ୱାଦୁ ଇଂରେଜ ଖାଦ୍ୟ ଦେଇଥିଲେ । ପ୍ରଧାନ ଖାଦ୍ୟ ଥିଲା ଚିକେନ କାସାରୋଲ (**Chicken Casserole**) । କୁକୁଡ଼ାମାଂସ, ଗାଜର, ଛତୁ, ବିଲାତିବାଇଗଣ ରସ ସାଇଡର ନାମକ ମଦରେ ରନ୍ଧାହୋଇଥାଏ । ତା ସଙ୍ଗରେ ଥାଏ ଆଳୁ ଓ ମଟର ସିଝା । ଖାଇବା ଶେଷରେ ଥାଏ ଏକପ୍ରକାର ପୁଡ଼ିଂ ଓ ଚା' । ଏହି ପୁଡ଼ିଂ ଅଣ୍ଡା, ଦୁଧ, ଲେମ୍ବୁ ଓ ଜେଲିରେ ତିଆରି । ଶେଷରେ ପରିବେଷଣ କରାଗଲା ଗୋଲାପ ଚା' । ଗୋଲାପ ଫୁଲର ପାଖୁଡ଼ା ସେହି ଚା' ଟିଣରେ ପଡ଼ିଥିବାରୁ ଗୋଲାପଫୁଲର ସୁବାସ ବାହାରୁଥାଏ ।

ମନେଅଛି, ସେଦିନ ସନ୍ଧ୍ୟାରେ ମେଭିସ ଦୁଇଜଣ କଲେଜ ଶିକ୍ଷକଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ସେମାନେ ସ୍ୱାମୀ ଓ ସ୍ତ୍ରୀ । ସ୍ତ୍ରୀ ଅପୂର୍ବ ସୁନ୍ଦରୀ, ଗ୍ରୀସଦେଶୀୟ । ତାଙ୍କ ନାମ ସିନ୍ଥିଆ । ସେଠାରେ ମେଭିସଙ୍କର ଜଣେ ପୂର୍ବତନ ଶିକ୍ଷୟିତ୍ରୀ ମଧ୍ୟ ସେଦିନ ଉପସ୍ଥିତ ଥାନ୍ତି । ସେମାନେ ସମସ୍ତେ ଶିକ୍ଷକ ହୋଇଥିବାରୁ ଆଗ୍ରହର ସହିତ ମୋ ସାଙ୍ଗରେ ଅନେକ କଥାବାର୍ତ୍ତା ହେଲେ । ଅତିଥିମାନେ ପରସ୍ପର ସହିତ କଥାବାର୍ତ୍ତା ଛଡ଼ା ନାନା ପ୍ରକାରର ଖେଳରେ ମଧ୍ୟ ଯୋଗଦେଇ ସେ ସନ୍ଧ୍ୟାକୁ ଉପଭୋଗ କଲେ ।

ଇଂଲଣ୍ଡରେ କ୍ରିସ୍‌ମାସ ଡେ, ବକ୍‌ସିଂ ଡେ' ପରି ଆହୁରି କେତେକ ପର୍ବଦିନ ଅଛି । ଏହି ପର୍ବଦିନ ମଧ୍ୟରେ ଇଷ୍ଟର ପର୍ବ ଗୋଟିଏ ପ୍ରଧାନ ପର୍ବ । ଏହି ପର୍ବ ଯିଶୁଖ୍ରୀଷ୍ଟଙ୍କ ପୁନରୁତ୍‌ଥାନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପାଳିତ ହୋଇଥାଏ । ଏହା ପୂର୍ଣ୍ଣିମାର ପରବର୍ତ୍ତୀ ପ୍ରଥମ ରବିବାର ଦିନ ପାଳିତ ହୁଏ । ସାଧାରଣତଃ ୨୧ ତାରିଖ ମାର୍ଚ୍ଚ ଦିନ ଇଷ୍ଟର ପାଳନ କରାଯାଇଥାଏ । ସ୍ଥଳବିଶେଷରେ ଏହାପରେ ମଧ୍ୟ ଇଷ୍ଟର ପାଳନ କରାଯାଇଥାଏ । ଇଷ୍ଟରର ପୂର୍ବ ଶୁକ୍ରବାରକୁ ଗୁଡ଼୍ ଫ୍ରାଇଡେ ବା ଶୁଭ ଶୁକ୍ରବାର ଆଖ୍ୟା ଦିଆଯାଇଥାଏ । ଏହି ଦିନ ଯିଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହୋଇଥିଲେ ।

ଇଷ୍ଟର ପର୍ବ ଦିନ ଘରର ବଗିଚା ପ୍ରଭୃତି ସ୍ଥାନମାନଙ୍କରେ ଇଷ୍ଟର ଅଣ୍ଡା (**Easter eggs**)କୁ ବାପ-ମା'ମାନେ ଲୁଚାଇ କରି ରଖିଥାଆନ୍ତି । ପିଲାମାନେ ଆନନ୍ଦ ଉତ୍ସାହର ସହିତ ତାକୁ ଖୋଜିକରି ପାଆନ୍ତି । ଇଷ୍ଟର ଅଣ୍ଡା ବାସ୍ତବିକ ଅଣ୍ଡା ନୁହେଁ; ଏହା ଅଣ୍ଡା ଆକୃତିର ଚକୋଲେଟ । ଇଷ୍ଟର ସମୟରେ ଦୋକାନମାନଙ୍କରେ ଏହି ଇଷ୍ଟର ଅଣ୍ଡା ବହୁତ ବିକ୍ରି ହେବାର ଦେଖିଲୁ ।

ଏହି ଖ୍ରୀଷ୍ଟୀୟାନ ପର୍ବଗୁଡ଼ିକ ବ୍ୟତୀତ ଇଂଲଣ୍ଡରେ 'ଗସ୍ଟ ଫକ୍‌ସ ଡ଼େ' (**Guy Fawkes Day**) ପ୍ରତିବର୍ଷ ନଭେମ୍ବର ୫ ତାରିଖ ଦିନ ପାଳିତ ହୁଏ । ୧୬୦୫ ଖ୍ରୀ: ଅ:

ନଭେମ୍ବର ୫ ତାରିଖ ଦିନ ଗାଏ ଫକ୍ସ ନାମକ ଇଂଲଣ୍ଡର ଜଣେ କ୍ୟାଥଲିକ ଧର୍ମାବଲମ୍ବୀ ବ୍ୟକ୍ତି ଇଂଲଣ୍ଡର ରାଜା ପ୍ରଥମ ଜେମସ୍ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବାକୁ ଯିବା ସମୟରେ ପାର୍ଲାମେଣ୍ଟ ଭବନ ଭିତରେ ଲୁଚାଇ ରଖିଥିବା ବାରୁଦରେ ନିଆଁ ଲଗାଇ ତାହାକୁ ଧ୍ୱଂସ କରି ରାଜା ଓ ଉପସ୍ଥିତ ସଭ୍ୟଙ୍କୁ ହତ୍ୟା କରିବା ଚକ୍ରାନ୍ତ କରିଥିଲେ । ଏହି ଚକ୍ରାନ୍ତ 'ଗନ୍‌ପାଉଡ଼ର୍ ପ୍ଲଟ' (Gunpowder Plot) ନାମରେ ନାମିତ । ଏହି ଜଘନ୍ୟ ଷଡ଼ଯନ୍ତ୍ର ଯଥାସମୟରେ ଆବିଷ୍କୃତ ହେବାରୁ ଏହି ଚକ୍ରାନ୍ତ ବିଫଳ ହୋଇଥିଲା ଏବଂ ଇଂରେଜଜାତି ଏହି ଚରମ ବିପଦରୁ ରକ୍ଷାପାଇଥିଲା । ଏହି ସ୍ମରଣୀୟ ଦିବସରେ ଇଂଲଣ୍ଡର ଅଧିକାଂଶ ସ୍ଥାନରେ ପ୍ରତିବର୍ଷ ଗାଏ ଫକ୍ସର ପୁତ୍ତଳିକା ଦାହ କରିଥାନ୍ତି । ଦାହ କରିବା ସମୟରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଗୋଟିଏ କବିତା ମଧ୍ୟ ଆବୃତ୍ତି କରିଥାନ୍ତି । ତାର ଗୁରିଧାଡ଼ି ତଳେ ଉଦ୍ଧୃତ ହେଲା :

"Please to remember the fifth of November,
Gunpowder treason and plot,
For I see no reason why gunpowder treason
Should ever be forgot."

ଏହି ପୁତ୍ତଳିକା ଦାହ କରିବା ସମୟରେ ସେଠାରେ ଥିବା ସମସ୍ତ ଲୋକଙ୍କ ମଧ୍ୟରେ 'ବନ୍‌ଫାୟାର୍ ଟଫି' ( Bonfire toffee ) ନାମକ ମିଷ୍ଟାନ୍ନ ବିତରଣ କରାଯାଏ । ଏହା ଚକୋଲେଟ୍ ଓ ସେଓରେ ତିଆରି । ଇଂଲଣ୍ଡର ଉତ୍ତରାଂଶର ଲୋକମାନେ ଏହି ଉତ୍ସବ ଦିନରେ ପାର୍କିନ ନାମକ କେକ୍ ଖାଆନ୍ତି । 'ଗାଏ ଫକ୍ସ' ଦିବସକୁ ଏପରି ପାଳନ କରିବା ଦେଖି ମନେହୁଏ, ପାର୍ଲାମେଣ୍ଟ-ଶାସନକୁ ରକ୍ଷାକରିବା ଏ ଦେଶର ଗୋଟିଏ ପବିତ୍ର ଧର୍ମ ବୋଲି ସମସ୍ତେ ବିଶ୍ୱାସ କରନ୍ତି ।

ଓଡ଼ିଶାରେ ପ୍ରଥମାଷ୍ଟମୀ ଗୋଟିଏ ବଡ଼ ପର୍ବ । ସେଦିନ ବାପ-ମା'ମାନେ ତାଙ୍କର ପ୍ରଥମ ସନ୍ତାନର ମଙ୍ଗଳ କାମନା କରି ଷଷ୍ଠୀଦେବୀଙ୍କର ପୂଜା କରିଥାନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳରେ ଏ ପର୍ବ ପାଳିତ ହୁଏ ନାହିଁ; କିନ୍ତୁ ଭାଇ-ଦ୍ୱିତୀୟା ଦିନ ଭଉଣୀମାନେ ଭାଇମାନଙ୍କର ମଙ୍ଗଳ କାମନା କରି ପୂଜାକରିଥାନ୍ତି । ସେହିପରି ବଙ୍ଗଦେଶରେ ମଧ୍ୟ 'ଭାଇଫୋଟା' ଦିନ ଭଉଣୀମାନେ ଭାଇମାନଙ୍କର ମଙ୍ଗଳକାମନା କରି ପୂଜା କରିଥାଆନ୍ତି । ଉତ୍ତର-ଭାରତରେ ରାକ୍ଷୀ ପୂର୍ଣ୍ଣିମା ଗୋଟିଏ ବଡ଼ ପର୍ବ । ଏହି ପର୍ବ ଜାକଜମକରେ ପାଳିତ ହୁଏ । ସେ ଦିନ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କର ମଙ୍ଗଳ କାମନା କରିଥାନ୍ତି । ମନେହୁଏ ଏ ସବୁ ପର୍ବ ପାରିବାରିକ ବନ୍ଧନକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । କୌତୂହଳର ବିଷୟ, ଇଂଲଣ୍ଡରେ ମଧ୍ୟ ଏହିପରି ଦୁଇଟି ପର୍ବ ପାଳିତହୁଏ ।

୧୯୮୩ ସାଲ ମାର୍ଚ୍ଚ ୧୩ ତାରିଖ ଦିନ ଇଂଲଣ୍ଡରେ 'ମଦରିଂ ସନ୍‌ଡ଼େ' ( **Mothering Sunday** ) ପାଳିତ ହୋଇଥିଲା । ଇଷ୍ଟର ପର୍ବର ୪୦ ଦିନବ୍ୟାପୀ ସମୟରେ ଲେଣ୍ଟ ପାଳିତ ହୁଏ । ଏହି ସମୟରେ ରବିବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ଧାର୍ମିକ ଲୋକମାନେ ଉପବାସ କରିଥାନ୍ତି । ଏହି ଲେଣ୍ଟର ଚତୁର୍ଥ ରବିବାର ଦିନକୁ 'ମଦରିଂ ସନ୍‌ଡେ' ଭାବରେ ପାଳନ କରାଯାଏ । ଏହି ଦିନ ପିଲାମାନେ ତାଙ୍କର ମା'ଙ୍କୁ ଉପହାର ଦେଇଥାନ୍ତି । ସେହି ବର୍ଷ ଜୁନ୍ ୧୯ ତାରିଖ ଦିନ 'ଫାଦର୍ସ ଡେ' ( **Father's Day** ) ପାଳିତ ହୋଇଥିଲା । ସେ ଦିନ ମଧ୍ଯ ପିଲାମାନେ ତାଙ୍କର ବାପାଙ୍କୁ ଉପହାର ଦେଇଥାନ୍ତି ।

## ଦୈନନ୍ଦିନ ଜୀବନରେ ଯନ୍ତ୍ରର ବ୍ୟବହାର :

ଇଂଲଣ୍ଡ ଗୋଟିଏ ଶିଳ୍ପୋନ୍ନତ ଦେଶ ହୋଇଥିବାରୁ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ପରି ଏଠାରେ ମଧ୍ଯ ସମସ୍ତ କାର୍ଯ୍ୟ ଯନ୍ତ୍ର ସାହାଯ୍ୟରେ କରାହୁଏ । ଆମେ ଥିବା ସମୟରେ ଆମ ଘର ପାଖରେ ଘର ତିଆରି ହେବାର ପ୍ରଣାଳୀ ଦେଖିଲୁ । ଯନ୍ତ୍ର ସାହାଯ୍ୟରେ ପ୍ରଥମେ ମାଟି ସମାନ କରାହେଲା; ତା' ପରେ ଘରର ଭିତ୍ତି ସ୍ଥାପନ ପାଇଁ ମାଟି ଖୋଳା ହେଲା । ସେ ସ୍ଥାନରୁ ଟିକିଏ ଦୂରରେ ଖୋଳାହୋଇ ବାହାର କରାହୋଇଥିବା ମାଟି ପକାହେଲା ଯନ୍ତ୍ର ସାହାଯ୍ୟରେ । ମାଟି ପକାହେଲାବେଳେ ଦିଶୁଥାଏ ଯେପରି ଆରବ୍ୟ ଉପନ୍ୟାସର କୌଣସି ଦାନବ ତାହାର ଯାଦୁକର ପ୍ରଭୁର ଆଜ୍ଞାରେ ବିଭିନ୍ନ କାର୍ଯ୍ୟ କରିଚାଲିଛି । ଯନ୍ତ୍ରର ଠିକ୍ ମଣିଷ ପରି ହାତ ଓ ଆଙ୍ଗୁଳି— କେବଳ ଆକାରରେ ବହୁତ ବଡ଼ । ଏ ସବୁ ଦୃଶ୍ୟ ଘଣ୍ଟା-ଘଣ୍ଟାଧରି ଦେଖିଲେ ବି ବିରକ୍ତି ଆସେନା । ତା ପରେ ଯନ୍ତ୍ର ସାହାଯ୍ୟରେ ଇଟା ଆସିଲା । କାମ କରୁଥିଲେ ମାତ୍ର ଦୁଇ ତିନି ଜଣ ଲୋକ । ସେମାନେ କାମ କଲାବେଳେ ନୀରବରେ ଆନ୍ତରିକତାର ସହିତ କାମ କରୁଥାଆନ୍ତି । ସେମାନଙ୍କ କାମ କେହି ତଦାରଖ କରିବାର ଦେଖିଲି ନାହିଁ । ଅନେକ ସମୟରେ ଘରତିଆରି କାମ ଇଞ୍ଜିନିୟରମାନେ ନିଜେ କରିଥାଆନ୍ତି । କାନ୍ଥ ଯୋଡ଼େଇ ସରିଲା ପରେ ଯନ୍ତ୍ର ସାହାଯ୍ୟରେ ଆଗରୁ ତିଆରି ହୋଇଥିବା ଛାତ ଆସି କାନ୍ଥ ଉପରେ ରଖାହେଲା; ତା ପରେ ଛାତରେ ଟାଇଲ ଯୋଡ଼ିବା କାମ ହେଲା ପ୍ରାୟ ଦିନେ ଦୁଇଦିନ ମଧ୍ଯରେ । ଶେଷରେ ବିଜୁଳି ଓ ପାଣିପାଇପ କାମ । ସମୁଦାୟ ଘରର କାମ ୧୫ଦିନ ମଧ୍ଯରେ ସରିଲା । ଏହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଆମ ଦେଶରେ ବହୁତ ଲୋକ ଅନେକ ଦିନ ପରିଶ୍ରମ କରି ଘର ତିଆରି କରନ୍ତି । ଏଠି କେତେ ସହଜରେ ଘର ତିଆରି ହୋଇପାରୁଛି ଦେଖି ଆଶ୍ଚର୍ଯ୍ୟହେଲି ।

ଇଂଲଣ୍ଡର ଯାନ୍ତ୍ରିକ ସଭ୍ୟତା ମଧ୍ଯ ଦେଖିବାକୁ ମିଳେ ଘରଭିତରେ ଦୈନନ୍ଦିନ ଜୀବନରେ । ସପ୍ତାହରେ ଥରେ ସାଧାରଣତଃ ଶନିବାର କିମ୍ବା ରବିବାର ଦିନ ହୁଭର ନାମକ ମେସିନଦ୍ୱାରା ଘର ଭିତରର ଧୂଳି ସଫାକରାଯାଇଥାଏ । ଏ ଯନ୍ତ୍ରଟି ବିଦ୍ୟୁତ୍-

ଚାଳିତ । ତେଣୁ କମ୍ ପରିଶ୍ରମରେ ଅଳ୍ପ ସମୟ ମଧ୍ୟରେ ଘର ଭିତରର ଧୂଳି ସଫା କରାଯାଇଥାଏ । ରୋଷାଇଘରେ ଅଛି ଫ୍ରିଜ୍ ଓ ଫ୍ରିଜର୍ । ଆମ ଦେଶରେ ଫ୍ରିଜ୍‌ର ବ୍ୟବହାର ଅଛି—କିନ୍ତୁ ଫ୍ରିଜର୍‌ର ବ୍ୟବହାର ନାହିଁ କହିଲେ ଚଳେ । ଏହି ବରଫକଲ ଭିତରେ ଚାରି ଛ' ମାସ ପର୍ଯ୍ୟନ୍ତ ଖାଦ୍ୟପଦାର୍ଥ ବିଶେଷତଃ ମାଛ ମାଂସ ଖରାପ ନ ହୋଇ ରହିପାରେ । ଓ୍ୱାସିଂ ମେସିନ୍ ଲୁଗାପଟା ସଫା କରିବା ପାଇଁ । ଏହି ବିଦ୍ୟୁତ୍‌ଚାଳିତ ଯନ୍ତ୍ରରେ ନିର୍ଦ୍ଦିଷ୍ଟ ସ୍ଥାନରେ ସାବୁନ ଭର୍ତ୍ତି କରିଦେଇ ସୁଇଚ୍ ଟିପିଲେ ପ୍ରାୟ ୧୨ ଘଣ୍ଟା ସମୟ ମଧ୍ୟରେ ମଇଲା ଲୁଗାସବୁ ସଫା ହୋଇଯାଏ ଏବଂ ଆଗରୁ ଏହି ମେସିନରେ ସମୟ ନିର୍ଦ୍ଦିଷ୍ଟ କରାହୋଇଥିଲେ ଡ୍ରାୟରରେ ବିଦ୍ୟୁତ୍ ସାହାଯ୍ୟରେ ଲୁଗା ମଧ୍ୟ ଶୁଖାଯାଇଥାଏ । ଏହି ଓ୍ୱାସିଂ ମେସିନରେ କାର୍ପାସ, ବସ୍ତ୍ର ପଶମ ବସ୍ତ୍ର ଆଦି ବିଭିନ୍ନ ପ୍ରକାରର ଲୁଗା ସଫା କରିବା ପାଇଁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ଅଛି । ଦୋକାନମାନଙ୍କରେ ମଧ୍ୟ ଓ୍ୱାସିଂ ମେସିନ ଥିବାର ଦେଖିଛି—କିଛି ପଇସା ଦେଲେ ଏହାକୁ ବ୍ୟବହାର କରିହେବ । କର୍ମରତ ସ୍ତ୍ରୀଲୋକମାନେ ଏଠାରେ ମଇଲା ଲୁଗାସବୁ ମେସିନ ଭିତରେ ପୂରାଇଦେଇ ସଫାହୋଇ ଶୁଖିଥିବା ଲୁଗାକୁ ନିର୍ଦ୍ଦିଷ୍ଟ ସମୟରେ ଆସି ନେଇଯାଆନ୍ତି । ଯେଉଁମାନଙ୍କର ଘରେ ଓ୍ୱାସିଂ ମେସିନ ନାହିଁ, ସେମାନେ ଏଠାକୁ ଆସିଥାନ୍ତି । କେତେ ପରିବାର ରୋଷେଇଘରେ **dish-washer** ଅର୍ଥାତ୍ କାଚ ଥାଳିଆ ପ୍ରଭୃତି ଧୋଇବା ପାଇଁ ମେସିନ ରଖିଥାନ୍ତି ରାନ୍ଧିବାର ବନ୍ଦୋବସ୍ତ ଅନୁରୂପ । ଟି' କେଟଲରେ ପାଣି ଗରମ ହେବା କ୍ଷଣି ତାହା ଆପେ ଆପେ ବନ୍ଦ ହୋଇଯାଏ । ଗ୍ରିଲ ଓ ଓଭନ ଆଦି ବିଦ୍ୟୁତ୍‌ଚାଳିତ ଚୂଲି ସାହାଯ୍ୟରେ ରାନ୍ଧିବା ଅତି ସହଜ । ଯେତିକି ସମୟ ପର୍ଯ୍ୟନ୍ତ ଖାଦ୍ୟ ରନ୍ଧା ହେବା ଦରକାର, ଏହି ସବୁ ମେସିନରେ ସେହି ଅନୁସାରେ ସମୟ ନିର୍ଦ୍ଦିଷ୍ଟ କରି ସ୍ୱିଚ୍ ଟିପି ରଖିଦେଲେ ନିର୍ଦ୍ଧାରିତ ସମୟ ପରେ ଖାଦ୍ୟ ରନ୍ଧାହୋଇ ସେ ମେସିନ ବନ୍ଦ ହୋଇଯିବ । ଏ ସବୁଥିରେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରାନ୍ଧିବାର ସ୍ୱତନ୍ତ୍ର ବ୍ୟବସ୍ଥା ଥିବାରୁ ଖାଦ୍ୟ ରାନ୍ଧିବାବେଳେ ସେଠାରେ ବସିରହିବାକୁ ପଡ଼େନାହିଁ । ତା ଛଡ଼ା ଅଧିକାଂଶ ଖାଦ୍ୟ ଅଧାରନ୍ଧାହୋଇ କିମ୍ବା ପୂରା ଭାବରେ ରନ୍ଧାହୋଇ ବଜାରରେ ମିଳୁଥିବାରୁ ଖାଦ୍ୟ ରାନ୍ଧିବା ଏଠାରେ ଗୋଟିଏ ସମସ୍ୟା ନୁହେଁ । ମଧ୍ୟାହ୍ନ-ଭୋଜନ କିମ୍ବା ରାତ୍ରି-ଭୋଜନ ପ୍ରସ୍ତୁତ କରିବାକୁ ଅଧଘଣ୍ଟାରୁ ବେଶୀ ସମୟ ଲାଗେନାହିଁ; ତେଣୁ ଗୃହିଣୀମାନଙ୍କୁ ଯଥେଷ୍ଟ ସମୟ ମିଳେ । ଆମ ଦେଶ ଭଳି ଗୃହିଣୀମାନଙ୍କର ସମୟ ଖାଦ୍ୟ ପ୍ରସ୍ତୁତ କରିବାରେ ଯାଇନଥାଏ ।

ଏସବୁ ଯାନ୍ତ୍ରିକ ସୁବିଧା ଥିବା ସତ୍ତ୍ୱେ ଏଠିକାର ସ୍ତ୍ରୀଲୋକମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ । ଗାଡ଼ିରେ ପିଲାମାନଙ୍କୁ ସ୍କୁଲକୁ ନେବା, ଡାକ୍ତରଖାନାକୁ ନେବା, ବଜାର ସଉଦା କରିବା, ବ୍ୟାଙ୍କକୁ ଯିବା, ଘର ସଫାସୁତୁରା କରିବା ଏପରିକି ଘରେ ରଙ୍ଗଦେବା ପର୍ଯ୍ୟନ୍ତ କାମ କରିଥାନ୍ତି । ଦୋକାନରେ ଓ ଅଫିସମାନଙ୍କରେ ଅଧିକାଂଶ କର୍ମଚାରୀ ହିଁ ସ୍ତ୍ରୀଲୋକମାନେ । ଦିନକୁ ଦିନ ଆଗେ ପୁରୁଷମାନେ କରୁଥିବା ପ୍ରତ୍ୟେକଟି କାମ ସେମାନେ

ଆଜିକାଲି କରୁଛନ୍ତି କମ୍ପା କରିବା ପାଇଁ ସଚେଷ୍ଟ । ସେମାନଙ୍କ ତୁଳନାରେ ଆମ ଦେଶର ମଧ୍ୟବିତ୍ତ ପରିବାରର ସ୍ତ୍ରୀଲୋକମାନଙ୍କୁ କମ୍ କାମ କରିବାକୁ ପଡ଼ିଥାଏ । ଏପର୍ଯ୍ୟନ୍ତ ଘରକାମ କରିବା ପାଇଁ ଆମ ଦେଶରେ ଚାକର ଓ ଠିକା ଚାକରାଣୀ ମିଳୁଛନ୍ତି; କିନ୍ତୁ ସେ ଦେଶରେ ଏସବୁ ସ୍ୱପ୍ନପ୍ରାୟ । ଶାରୀରିକ ପରିଶ୍ରମ ପୁରୁଷମାନଙ୍କ ଭଳି କରୁଥିବାରୁ ଏଠିକାର ସ୍ତ୍ରୀଲୋକମାନେ ସୁସ୍ଥ, ସବଳ, ସତେଜ ଓ କାର୍ଯ୍ୟକ୍ଷମ । ଅନେକ ପରିଚିତ ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ଚାଲିକରି ଦେଖିଛି, ସେମାନେ ଅନେକାଂଶରେ ଦୌଡ଼ିଲାଭଳି ଚାଲନ୍ତି ଓ ସେମାନଙ୍କ ସାଙ୍ଗରେ ଚାଲିବା କଷ୍ଟକର । ଅଥଚ ଆମର ସ୍ତ୍ରୀଲୋକମାନେ ଅଳ୍ପ ଚାଲିଲା ପରେ କ୍ଳାନ୍ତ ଅନୁଭବ କରନ୍ତି ଓ ସେମାନଙ୍କ ଚାଲିବାର ବେଗ କଥା ନକହିଲେ ଭଲ । ହିଥ୍ରୋ ବିମାନଘାଟିରେ ଓହ୍ଲାଇ ଯେତେବେଳେ ନିଜର ବଡ଼ ବଡ଼ ସୁଟ୍‌କେଶକୁ ମଧ୍ୟ ନିଜେ ବୋହିନେବାକୁ ପଡ଼ିଲା, ସେତେବେଳେ ପ୍ରଥମେ ଉପଲବ୍ଧି କଲି ଏଠିକାର ଲୋକଙ୍କର ଆତ୍ମନିର୍ଭରଶୀଳତା । ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ସମସ୍ତ କାମ ସେମାନେ ନିଜେ କରିଥାନ୍ତି । ଆମର ପଡ଼ୋଶୀ ବନ୍ଧୁ ଜଣେ ବୟସ୍କ ଇଂରେଜ ଲୋକ । ସ୍ଥାନୀୟ କଲେଜରେ ସେ ଅଧ୍ୟାପକ । ଯେତେବେଳେ ତାଙ୍କର ଘାସପଡ଼ିଆରେ ଘାସ ଲଗାହେଲା, ବଗିଚାରେ ମାଟି ଖୋଳା ହୋଇ ଫୁଲଗଛ ଲଗାହେଲା ଓ ବାଡ଼ ବୁଜାହେଲା, ସେ ସବୁକାମ ନିଜେ କଲେ—କାହାରି ସାହାଯ୍ୟ ନ ନେଇ । ତା ଛଡ଼ା ଦେଖିଲୁ ସେ ବୈଠକଖାନାରେ ବହି ରଖିବା ପାଇଁ ଗୋଟିଏ ବଡ଼ ସେଲ୍‌ଫ ମଧ୍ୟ କାହାରି ସାହାଯ୍ୟ ନନେଇ ସୁନ୍ଦରଭାବରେ କଲେ ।

ସେ ଦେଶର ଆଉ ଗୋଟିଏ ନୂଆ ଅନୁଭୂତି କଥା ମୋର ଅନେକ ସମୟରେ ମନେ-ପଡ଼େ । ଆମ କୋଠିଙ୍କର ଘର ନୂଆକରି କିଣା ହୋଇଥାଏ । ଘର ଆଗରେ ଘାସପଡ଼ିଆ ଅଛି—ପଛରେ ନାହିଁ । ପଛରେ ଲଗାହେବା ପାଇଁ ଘାସ ଆସିଲା । ଏଥିପାଇଁ ମୂଲ୍ୟ ଦେବାକୁ ପଡ଼ିଲା ଭାରତୀୟ ମୁଦ୍ରାରେ ପ୍ରାୟ ଟ ୨୫୦ । କନାଭଳି ଗୁଡ଼ା ହୋଇ ଘାସ ପ୍ଲେଟ ପ୍ଲେଟ ଥାକ ହୋଇ ଆସିଛି । ଏଇ ଘାସ ମେସିନ ସାହାଯ୍ୟରେ ସମାନ ଲମ୍ବା ଚଉଡ଼ା ଥାଇ ମାଟି ସହିତ ସୁନ୍ଦର ଭାବରେ କଟାହୋଇଥାଏ । ସେସବୁ ବିଛାହେଲା ନିର୍ଦ୍ଦିଷ୍ଟ ଜାଗାରେ । ଲମ୍ବା ଲମ୍ବା ଘାସ ଖଣ୍ଡ ମଝିରେ ଅଳ୍ପ ବାଲି ଦିଆଗଲା । ଘାସ ଲଗାସରିଲା ପରେ ଦିଆଗଲା ସାମାନ୍ୟ ପାଣି । ପ୍ରାୟ ପନ୍ଦର ଦିନ ପରେ ଏହା ଦିଶିଲା ଗୋଟିଏ ପୁରୁଣା ଘାସ ପଡ଼ିଆ ପରି । କିଛି ଦିନ ପୂର୍ବରୁ ଏ ଜମିଟି ଚାଷ କରାହୋଇଥିଲା ଗୋଟିଏ ପ୍ଲୋଟ କଳ ସାହାଯ୍ୟରେ । ଭଡ଼ା ପଡ଼ିଥିଲା ଦିନକୁ ୧୬ ପାଉଣ୍ଡ ୧୦ ସିଲିଂ; ଅର୍ଥାତ୍ ପ୍ରାୟ ଟ ୨୬୦ । ଏହି ବଗିଚାର ଚାରିପଟେ ବାଡ଼ ଦିଆଗଲା କାନ୍ଥଭଳି ତିଆରି କାଠପଟାରେ । ମଝିରେ ମଝିରେ ସିମେଣ୍ଟର ଖୁଣ୍ଟ । ଏ ଖୁଣ୍ଟ ପୋତିବା ପାଇଁ ଗଭୀର ଗାତ ଖୋଳାହେବ । ଏଥିପାଇଁ ସାହାଯ୍ୟ ଲୋଡ଼ାହେଲା । ଯିଏ ସାହାଯ୍ୟ କରିବାକୁ ଆସିଲେ ତାଙ୍କ ନାମ ଜନ୍ । ସେ ସେତେବେଳେ ବେକାର ଥିବାରୁ ସାହାଯ୍ୟ କରିବାକୁ ରାଜିହେଲେ । ସେ ଚାରିଘଣ୍ଟା କାମ କରି କେତୋଟି ଗାତ ଖୋଳିଲେ, ପରେ ସିମେଣ୍ଟ ଓ ଗୋଡ଼ି ଦେଇ କୋଠିଁ ଖୁଣ୍ଟଗୁଡ଼ିକ

ମଜଭୁତ ଭାବରେ ପୋତିଲେ । ଜନ୍ ଆସିଥିଲେ ସକାଳ ୧୦ଟା ବେଳେ ନିଜ ମଟରସାଇକେଲ୍‌ରେ । ଘରେ ଗାଡ଼ି ଅଛି । ଦିନ ୧୨ଟା ବେଳକୁ ଆମ ସାଙ୍ଗରେ ମଧ୍ୟାହ୍ନ-ଭୋଜନ କରିବା ପାଇଁ ନିମନ୍ତ୍ରଣ କରିଥିଲି । ତାଙ୍କର ବ୍ୟବହାର ବଡ଼ ଭଦ୍ର ଓ ସୌଜନ୍ୟପୂର୍ଣ୍ଣ । କାର୍ଯ୍ୟ ଶେଷରେ ପାରିଶ୍ରମିକ ଭାବରେ ତାଙ୍କୁ ୧୭ ପାଉଣ୍ଡ ଅର୍ଥାତ୍ ଭାରତୀୟ ମୁଦ୍ରାରେ ଟ ୨୫୦ ଦିଆହେଲା । ସେ ଗଲା ପରେ ତାଙ୍କ ମଜୁରି ନେଇ ଆମ ଭିତରେ ଆଲୋଚନା ହେଲା । ଦୈନିକ ମଜୁରି ନେଇ ଏପରି କାମ କରୁଥିବା ଲୋକର ମାସିକ ଆୟ ହେଲା ଭାରତୀୟ ମୁଦ୍ରାରେ ପ୍ରାୟ ଆଠ ହଜାର ଟଙ୍କା । ଏଠି ଅଧିକାଂଶ ଶ୍ରମିକଙ୍କର ନିଜର ବାସଗୃହ ଓ ମଟରଗାଡ଼ି ଅଛି । ଅନ୍ୟାନ୍ୟ ସବୁ ବିଷୟ ଦେଖିଲେ ଅବସ୍ଥା ବେଶ୍ ସ୍ୱଚ୍ଛଳ ।

ଏହି ବଗିଚାରେ ପରେ ଋତୁ ଅନୁସାରେ ବିଭିନ୍ନ ପ୍ରକାରର ନାନା ଜାତିର ଫୁଲ ଲଗା-ହେଲା—ଗୋଲାପ, ଟ୍ୟୁଲିପ, ଓ୍ୱାଲଫ୍ଲାଓ୍ୱାର, ଡାଫୋଡିଲସ୍, ଡେଜି ଇତ୍ୟାଦି ନାନା ପ୍ରକାରର ଫୁଲ । ଫୁଲ ଗଛର ଦାମ୍ ୧୫୦ ପାଉଣ୍ଡ, ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ଅଢ଼େଇ ହଜାର ଟଙ୍କା । ପରେ ଚଠି ପାଇଲି—ସେ ଫୁଲସବୁ ଏବେ ଫୁଟି ବଗିଚା ବେଶ ସୁନ୍ଦର ଦିଶୁଛି । ଇଂଲଣ୍ଡରେ ଶୀତଦିନରେ ଫୁଲ ନଫୁଟି ଗ୍ରୀଷ୍ମଋତୁରେ ଫୁଟେ; ଅଳ୍ପ କିଛି ଫୁଲ ବସନ୍ତ ଋତୁରେ ଫୁଟେ । ପ୍ରବଳ ଥଣ୍ଡା ହେତୁ ଶୀତ ଋତୁରେ ଗଛରେ ଗୋଟିଏ ପତ୍ର ମଧ୍ୟ ଦେଖିବାକୁ ମିଳେନାହିଁ । ଆମ ଦେଶରେ ଏହାର ଠିକ୍ ବିପରୀତ ଅବସ୍ଥା । ଖରାଦିନରେ ପ୍ରଖର ସୂର୍ଯ୍ୟକିରଣରେ ଘାସଗଛଟିଏ ବି ବଞ୍ଚିବା କଷ୍ଟକର । ଶୀତଦିନରେ ଅଧିକାଂଶ ଫୁଲ ଫୁଟେ । ଘାସପଡ଼ିଆରେ ଘାସ ଟିକିଏ ବଡ଼ ହେଲାରୁ ତାହା କାଟିବା ଦରକାର ହେଲା । ସେ ପାଇଁ ଘରେ ଅଛି ଘାସକଟା ଯନ୍ତ୍ର (Lawn mower) । ଏହି ଯନ୍ତ୍ରଟି ବିଦ୍ୟୁତ୍‌ଚାଳିତ । ସେଥିରେ ଘାସ କାଟିବା ଅତି ସହଜ । ପ୍ରାୟ ସମସ୍ତଙ୍କ ଘରେ ଘାସ ପଡ଼ିଆ ଓ ଘାସ କାଟିବା ଯନ୍ତ୍ର ଥାଏ । ଅନେକ ସମୟରେ ଗୃହିଣୀମାନେ ଘାସପଡ଼ିଆରୁ ଏହି ଯନ୍ତ୍ର ସାହାଯ୍ୟରେ ଘାସ କାଟିଥାନ୍ତି । ରାସ୍ତାର ଦୁଇ କଡ଼ରେ ଥିବା ଘାସ ମଧ୍ୟ ଯନ୍ତ୍ର ସାହାଯ୍ୟରେ କଟାଯାଏ । ଏ ଯନ୍ତ୍ରଟି ଟ୍ରାକ୍ଟର ପରି । ଅତି ଅଳ୍ପ ସମୟରେ ବିସ୍ତୃତ ଅଞ୍ଚଳରୁ ସମାନଭାବରେ ଏହା ଦ୍ୱାରା ଘାସ କଟାଯାଇପାରେ ।

## ବାସଗୃହ, ଯାତାୟାତ ଓ ସ୍ୱାସ୍ଥ୍ୟ-ସେବାର ବ୍ୟବସ୍ଥା :

ଆମ ଦେଶରେ ବାସଗୃହ ଗୋଟିଏ ବଡ଼ ସମସ୍ୟା । ଇଂଲଣ୍ଡରେ ବାସଗୃହ ନିର୍ମାଣ ବ୍ୟକ୍ତିବିଶେଷ କରନ୍ତି ନାହିଁ କହିଲେ ଚଳେ । ଏଥି ପାଇଁ ଅଛନ୍ତି ଅନେକ ନିର୍ମାଣ ସମିତି । ସେମାନେ ବିଭିନ୍ନ ସ୍ଥାନମାନଙ୍କରେ ଗୃହ ନିର୍ମାଣ କରି ଲୋକମାନଙ୍କୁ ସୁସଜ୍ଜିତ ଗୃହ ବିକ୍ରୟ କରିଥାଆନ୍ତି । କିଣିବାକୁ ଇଚ୍ଛୁକ ବ୍ୟକ୍ତିର ଅର୍ଥାଭାବ ଥିଲେ ସେ ଏହି ସମିତିରୁ ଘର କିଣିବା ପାଇଁ ଋଣ ମଧ୍ୟ ପାଇପାରେ । ଋଣ କିସ୍ତିରେ ପରିଶୋଧ କରିହୁଏ ।

ଲୋକସଂଖ୍ୟା ତୁଳନାରେ ଘର ଯଥେଷ୍ଟ ହୋଇଥିବାରୁ ଘର କିଣିବାରେ କିଛି ଅସୁବିଧା ହୁଏ ନାହିଁ । କିଣିବା ପୂର୍ବରୁ ଘରମାନଙ୍କରେ ସବୁ ବ୍ୟବସ୍ଥା କରାହୋଇଥାଏ—ଏପରିକି ଘର ଆଗରେ ଥିବା ଘାସପଡ଼ିଆ ପର୍ଯ୍ୟନ୍ତ ।

ସବୁ ଦେଶରେ ଚୋରି, ଡକାୟତି ଆଦି ସାମାଜିକ ବ୍ୟାଧି ଅଛି । କିନ୍ତୁ ଆମ ଦେଶରେ ଦାରିଦ୍ର୍ୟ, ଅଭାବ ଓ ଅନଟନ ହେତୁ ଚୋରୀ ବ୍ୟାପକ ରୂପ ଧାରଣ କଲାଣି । ଶିକ୍ଷିତ ବେକାର ଯୁବକମାନେ ଏପରି ନିନ୍ଦିତ ଉପାୟରେ ଅର୍ଥ ଉପାର୍ଜନ କରିବାକୁ ଦ୍ୱିଧା ବୋଧ କରୁନାହାନ୍ତି । ଯାହା ଘରେ ଚୋରି ହେଉଛି, ସେ ନିଶ୍ଚିତ ଭାବେ ଜାଣୁଛି ଯେ ଚୋରି ଜିନିଷ ମିଳିବନାହିଁ; ପୁଲିସରେ ଖବର ଦେଲେ କେବଳ ହଇରାଣ । ଇଂଲଣ୍ଡରେ ଚୋରି, ଡକାୟତି ଓ ନରହତ୍ୟା ହେଲେ କାଳବିଳମ୍ବ ନକରି ବିଜ୍ଞାନସମ୍ମତ ଉପାୟରେ ବିସ୍ତୃତ ଅଞ୍ଚଳବ୍ୟାପୀ ତଦନ୍ତ ହେବାର ମୁଁ ଟେଲିଭିଜନରେ ଦେଖି ମୁଗ୍ଧ ହୋଇଛି । ପୁଲିସ କର୍ମଚାରୀଙ୍କର ଲୋକମାନଙ୍କ ପ୍ରତି ବ୍ୟବହାର ମଧ୍ୟ ଅତ୍ୟନ୍ତ ଭଦ୍ର ଓ ସୌଜନ୍ୟମୂଳକ । ସରକାର ଜନମତ ପ୍ରତି ଅତୀବ ସାବଧାନ । ପୋଲିସ କର୍ମଚାରୀଙ୍କର କାର୍ଯ୍ୟ ଦେଖିବାପାଇଁ **'Watchdog Society'** ବା ନାଗରିକ ସମୀକ୍ଷା ସମିତି ସର୍ବଦା ଜାଗ୍ରତ । ଆମେ ସେ ଦେଶକୁ ଯିବା ପୂର୍ବରୁ ଜାତିଗତ ଦଙ୍ଗା ଥରେ ଦୁଇଥର ଘଟିଯାଇଛି । ସେଥିପାଇଁ ସରକାର ଉଚ୍ଚକ୍ଷମତାସମ୍ପନ୍ନ କମିଟି ବସାଇ ବିଭିନ୍ନ ପଦକ୍ଷେପ ନେଇଛନ୍ତି ।

ବର୍ଣ୍ଣଗତ ବିଦ୍ୱେଷ ଦୂର କରିବା ପାଇଁ ଓ ଏପରି ଗଣ୍ଡଗୋଳ ଏଡ଼ାଇବା ପାଇଁ ପୁଲିସ ବିଭାଗୀୟ ମୁଖ୍ୟ କୃଷ୍ଣାଙ୍ଗମାନଙ୍କ ମଧ୍ୟରୁ ପୁଲିସ ବିଭାଗରେ କର୍ମଚାରୀ ନିଯୁକ୍ତ କରିଛନ୍ତି । ମଟରଗାଡ଼ିରେ ନ ଯାଇ, ଚାଲିକରି କିମ୍ବା ସାଇକେଲରେ ଯାଇ ପୁଲିସ କର୍ମଚାରୀମାନେ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସର ଏପରି ଆନ୍ତରିକତା ଥିବାରୁ ପୁଲିସ ପ୍ରତି, ଆମ ଦେଶରେ ଥିବା ପରି, ଲୋକଙ୍କର ସନ୍ଦେହ, ଅବିଶ୍ୱାସ ଓ ଘୃଣାଭାବ ଏଠାରେ ନାହିଁ । ଆମେ ସେଠାରେ ଥିବା ସମୟରେ କେତୋଟି ଜଘନ୍ୟ ନରହତ୍ୟା ଘଟିଥିଲା । ହତ୍ୟାଘଟଣା ଘଟିବା ସଙ୍ଗେ ସଙ୍ଗେ ହତ୍ୟାକାରୀକୁ ଧରିବା-ପାଇଁ ଆରମ୍ଭ ହେଲା ଯୁଦ୍ଧକାଳୀନ ଭିତ୍ତିରେ ଶହ ଶହ ସଶସ୍ତ୍ର ପୁଲିସଙ୍କ ଅଭିଯାନ । ସେଥିରେ ପୁଲିସ ବେତାରଯନ୍ତ୍ର ସହିତ ମଟରଗାଡ଼ିରେ ଯିବା ଛଡ଼ା, ହେଲିକପ୍ଟରରେ ଉଡ଼ି, ପାଦରେ ଚାଲି ତତ୍ପରତାର ସହିତ ଅନୁସନ୍ଧାନ କଲେ । ସ୍ଥାନୀୟ ଲୋକଙ୍କଠାରୁ ସାକ୍ଷ୍ୟ ନେବାରେ ପୂର୍ଣ୍ଣ ସହଯୋଗ ପାଇଲେ । ଶେଷରେ ଆତତାୟୀ ଧରାହେଲା କିମ୍ବା କେତେକ କ୍ଷେତ୍ରରେ ପୁଲିସ ଗୁଳିରେ ତାର ମୃତ୍ୟୁ ହେଲା ।

ଏ ଗଲା ପୁଲିସର କର୍ତ୍ତବ୍ୟନିଷ୍ଠା । ପ୍ରତ୍ୟେକ ଗୃହସ୍ଥ ତାର ଗୃହରେ ଲଗାଇଥାଏ ବର୍ଗଲର୍ସ ଆଲାର୍ମ (**Burglar's alarm**) । ଜବରଦସ୍ତି ବାହାରୁ ଝରକା କିମ୍ବା କବାଟ ଭାଙ୍ଗି ଘରେ ପଶିଲାକ୍ଷଣି ଗନ ଗନ ବାଜିଉଠେ ଘଣ୍ଟି । ଘରମାଲିକ ଘରେ ନ ଥିଲେ, ଏ ଶବ୍ଦ ଶୁଣି ପଡ଼ୋଶୀମାନେ ଆସି ଦେଖନ୍ତି ଓ ପୁଲିସରେ ଖବର ଦିଅନ୍ତି । ତା ଛଡ଼ା

ଘରର ଜିନିଷସବୁ ବୀମା ହୋଇଥାଏ । ଜିନିଷ ଚୋରିଗଲେ କିମ୍ବା ଅଗ୍ନିକାଣ୍ଡଦ୍ୱାରା ଧ୍ୱଂସ ପାଇଲେ ଗୃହମାଲିକ ବୀମା କମ୍ପାନିଠାରୁ କ୍ଷତିପୂରଣ ପାଏ । ତେଣୁ ଘରର ମାଲିକ ନିର୍ଭୟରେ ଦୂରଦୂରାନ୍ତକୁ ମଧ୍ୟ ବୁଲିବାକୁ ଚାଲିଯାଏ । ପଡ଼ୋଶୀ ପାଖରେ ପ୍ରାୟ ସବୁ ସମୟରେ ଘରର ଚାବି ରହିଥାଏ । ଘର ମରାମତି ଇତ୍ୟାଦି କରିବା ଦରକାର ପଡ଼ିଲେ ମରାମତ କରିବାକୁ ଆସିଥିବା ମିସ୍ତ୍ରିକୁ ପଡ଼ୋଶୀ ଏ ଚାବି ଦିଏ । ମରାମତି କରିସାରି ମିସ୍ତ୍ରି ପଡ଼ୋଶୀ ଘରେ ଚାବି ଦେଇଯାଏ । ସେ ଚୋରିକରି ଘରୁ କୌଣସି ଜିନିଷ ନେଇଯାଏନାହିଁ । ଏସବୁଥିରୁ ଏ ଦେଶ ଲୋକଙ୍କର ନୈତିକତାର ମାନ ଅନୁମାନ କରିହେବ ।

ଯାତାୟାତ ପାଇଁ ମଧ୍ୟ ଏଠାରେ ବହୁ ସୁବିଧା । ମଟରଗାଡ଼ି ଶସ୍ତାରେ କିଣିବାକୁ ମିଳେ । ଆମ ଦେଶରେ ବିଦେଶରୁ ଆମଦାନି ଉପରେ କଟକଣା ଥିବାରୁ ଦେଶରେ ତିଆରି ଅଳ୍ପ କେତେକ ପ୍ରକାରର ଗାଡ଼ି ଛଡ଼ା ଅନ୍ୟ ଗାଡ଼ି ମିଳେ ନାହିଁ । ତେଣୁ ଗାଡ଼ି କିଣିବାରେ ବହୁତ ଅସୁବିଧା । ଯେଉଁ ଗାଡ଼ି ମଧ୍ୟ ମିଳେ, ପ୍ରତିଯୋଗିତା ଅଭାବରୁ ସେଗୁଡ଼ିକ ବିଦେଶୀ ଗାଡ଼ିଠାରୁ ବହୁତ ନିକୃଷ୍ଟ ଧରଣର ଓ ଦାମ୍ ଅତ୍ୟଧିକ । ତା' ଛଡ଼ା ସେଠାକାର ଗାଡ଼ି-କମ୍ପାନିମାନେ କ୍ରେତାକୁ ଯେଉଁ ସବୁ ସୁବିଧା ଦିଅନ୍ତି, ଏଠାରେ ତାହା ମିଳେ ନାହିଁ । ସେଠାରେ ଗ୍ୟାରେଜରେ ପୁରୁଣା ଗାଡ଼ି ବଦଳ ନୂଆ ଗାଡ଼ି ସ୍ୱଚ୍ଛନ୍ଦରେ କିଣିହୁଏ । ନୂଆ ଗାଡ଼ି କିଣିବା ପାଇଁ ଯେଉଁ ଅଧିକା ଟଙ୍କା ଦେବାକୁ ପଡ଼େ, ତାହା ମଧ୍ୟ ଧାରସୂତ୍ରରେ ଏହି ଗ୍ୟାରେଜମାନେ ଦେଇଥାନ୍ତି । ତେଣୁ ଗୋଟିଏ ଗାଡ଼ି କିଣିବା ପାଇଁ ଯେଉଁ ସମସ୍ୟା ଆମ ଦେଶରେ ଦେଖାଦିଏ, ସେଠାରେ ତାହା ନାହିଁ । ଆମ ଦେଶରେ ପ୍ରଥମେ ଗାଡ଼ି ମିଳିବ; ଗାଡ଼ି ମିଳିଲାବେଳକୁ ଋଣ ମିଳିବ, ଋଣ ପରିମାଣ ଗାଡ଼ି ଦାମ୍‌ର ସମାନ ହୋଇଥିବ—ଏ ସବୁ ସଂଯୋଗ ଦୁରୂହ ସମସ୍ୟା । ତେଣୁ ଗାଡ଼ି କିଣିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ହୋଇନଥାଏ ।

ଇଂଲଣ୍ଡ ପ୍ରଭୃତି ପାଶ୍ଚାତ୍ୟ ଦେଶମାନଙ୍କରେ ଗାଡ଼ିକୁ ରାସ୍ତାରେ ରଖିବା ଗୋଟିଏ ବଡ଼ ସମସ୍ୟା । ନିର୍ଦ୍ଦିଷ୍ଟ ସ୍ଥାନରେ କେବଳ ଗାଡ଼ି ରଖିହେବ । ଗନ୍ତବ୍ୟ ସ୍ଥାନଠାରୁ ଏହା ଦୂରରେ ଥିବା ସ୍ୱାଭାବିକ । ଗାଡ଼ିକୁ ଆଇନ-ଅନୁମୋଦିତ ସ୍ଥାନରେ ନ ରଖି ଅନ୍ୟତ୍ର ରଖିଲେ ଅର୍ଥଦଣ୍ଡ ହୁଏ । ଗାଡ଼ି ରଖିବା ପାଇଁ ଥିବା ନିର୍ଦ୍ଦିଷ୍ଟ ଗୃହ କିମ୍ବା ରାସ୍ତାରେ ଗାଡ଼ି ରଖିଲେ ପ୍ରତି ଘଣ୍ଟାକୁ ଧାର୍ଯ୍ୟ ଥିବା ଅର୍ଥ ଦେବାକୁ ପଡ଼େ । ଗାଡ଼ିର ସଂଖ୍ୟା ଅତ୍ୟଧିକ ହୋଇଥିବାରୁ ଅନେକ ସମୟରେ ଗାଡ଼ି ରଖିବା ସ୍ଥାନ ଖୋଜିବାକୁ ପଡ଼େ । ଏ ସବୁ ଅସୁବିଧା ଅଛି ସତ—କିନ୍ତୁ ତଦ୍ଦ୍ୱାରା ରାସ୍ତାରେ ଗାଡ଼ି ସ୍ୱଚ୍ଛନ୍ଦରେ ଯିବା-ଆସିବା କରିପାରେ ।

ପଥଚାରୀମାନେ ରାସ୍ତା ଅତିକ୍ରମ ପାଇଁ ନିର୍ଦ୍ଦିଷ୍ଟ ଥିବା ସ୍ଥାନ ଛଡ଼ା ଅନ୍ୟଠାରେ ଅତିକ୍ରମ ନକରିବାରୁ ଗାଡ଼ିଚାଳକମାନଙ୍କର ଅସୁବିଧା ହୁଏ ନାହିଁ । ରାସ୍ତା ଅତିକ୍ରମ କଲାବେଳେ ଆଲୋକ ଖୁଣ୍ଟିରେ ସବୁଜ ରଙ୍ଗର ଆଲୋକିତ ପଥଚାରୀଙ୍କ ଛବି ଦେଖି ଲୋକମାନେ ରାସ୍ତା

ଅତିକ୍ରମ କରନ୍ତି । ଲାଲରଙ୍ଗର ଆଲୋକିତ ପଥଚାରୀଙ୍କ ଛବି ଥିବା ସମୟରେ ରାସ୍ତା ଅତିକ୍ରମ କରିବା ମନା । ଲକ୍ଷ୍ୟ କରିବାର କଥା ଯେ ପିଲାମାନଙ୍କର ନିରାପତ୍ତା ପାଇଁ 'ଲଲି ପପ୍ ମ୍ୟାନ' (Lolly Pop Man) ନାମକ କର୍ମଚାରୀମାନେ ସ୍କୁଲ ନିକଟରେ ଠିଆହୋଇ ପିଲାମାନଙ୍କୁ ରାସ୍ତାର ଅପର ପାର୍ଶ୍ୱକୁ ତାଙ୍କ ସଙ୍ଗରେ ନିର୍ବିଘ୍ନରେ ନେଇଯାଆନ୍ତି । ରାସ୍ତା ପାରିହେବା ସମୟରେ ସେମାନେ ହାତରେ ଗୋଟିଏ ଧଳା ରଙ୍ଗର ବଡ଼ ବାଡ଼ି ଧରି-ଥାଆନ୍ତି । ସେହି ବାଡ଼ିରେ ଗୋଟିଏ ଗୋଲାକାର ପଟାରେ ଷ୍ଟପ (Stop) ବୋଲି ବଡ଼ ଅକ୍ଷରରେ ଲେଖାହୋଇଥାଏ । ଏ ସଙ୍କେତ ଦେଖିଲେ ରାସ୍ତାରେ ସବୁ ଗାଡ଼ି ଅପେକ୍ଷା କରନ୍ତି । ଏହି କର୍ମଚାରୀମାନେ ସ୍ୱତନ୍ତ୍ର ଧରଣର ପୋଷାକ ପିନ୍ଧିଥିବାରୁ ସେମାନଙ୍କୁ ଦୂରରୁ ଦେଖିହୁଏ । ଏହିପରି ବ୍ୟବସ୍ଥାଦ୍ୱାରା ପିଲାମାନଙ୍କୁ ଦୁର୍ଘଟଣାରୁ ରକ୍ଷାକରିହୁଏ ଏବଂ ଗାଡ଼ିଚାଳକମାନେ ମଧ୍ୟ ନିର୍ବିଘ୍ନରେ ଗାଡ଼ି ଚଳାଇପାରନ୍ତି ।

ଗାଡ଼ିରେ ଗଲାବେଳେ ଲକ୍ଷ୍ୟ କରିହୁଏ ରାସ୍ତାର ଶୃଙ୍ଖଳା ଓ ନିସ୍ତବ୍ଧତା । ଲୋକମାନେ ହଜାର ହଜାର ସଂଖ୍ୟକ ଗାଡ଼ିରେ ଯାତାୟାତ କରୁଛନ୍ତି; କିନ୍ତୁ କେହି ହର୍ଣ୍ଣ ବଜାଉନ୍ତି ନାହିଁ । ସମସ୍ତେ ଆଗରେ ଥିବା ଆଲୋକ-ସଂକେତ ଦେଖି ନିଜର ଗନ୍ତବ୍ୟ ପଥରେ ଶୃଙ୍ଖଳିତ ଭାବରେ ଓ ନିଃଶବ୍ଦରେ ଯିବାଆସିବା କରନ୍ତି । ରାସ୍ତାର ଶୃଙ୍ଖଳା ଓ ନିସ୍ତବ୍ଧତା ମୁଁ ଚାଲିକରି ଗଲାବେଳେ ବିଶେଷ ଭାବରେ ଅନୁଭବ କରୁଥିଲି । ରାସ୍ତା କଡ଼ରେ ଥିବା ଦୋକାନ ବା ଘରମାନଙ୍କରୁ କୌଣସି ଶବ୍ଦ ନାହିଁ । ଗାଡ଼ିମାନେ ନିଃଶବ୍ଦରେ ଚାଲିଛନ୍ତି । ପଥଚାରୀଙ୍କ ସଂଖ୍ୟା ଅତ୍ୟନ୍ତ କମ୍ । ଗୋଟିଏ ସୁଦୀର୍ଘ ରାସ୍ତାରେ ଜଣେ ଦୁଇଜଣ ଲୋକ ଚାଲିବାର ଦେଖିବା କଷ୍ଟ । ସେମାନେ ଚାଲିଲାବେଳେ ମଧ୍ୟ ଆମ ଦେଶର ଲୋକଙ୍କ ପରି ବଡ଼ପାଟିରେ କଥାବାର୍ତ୍ତା କରି ଯାଆନ୍ତି ନାହିଁ । ଆମେମାନେ କୋଳାହଳପୂର୍ଣ୍ଣ ସହରରେ ରହିବାରେ ଅଭ୍ୟସ୍ତ; ତେଣୁ ସେ ଦେଶର ଏପରି ନିସ୍ତବ୍ଧତା ବଡ଼ ଆଶ୍ଚର୍ଯ୍ୟ-ଜନକ ବୋଧହୁଏ । ଏଠାରେ ସହରମାନଙ୍କରେ ଟାଉନ୍ ବସ୍ ମଧ୍ୟ ଯାତାୟାତ କରେ; କିନ୍ତୁ ଏ ବସ୍‌ମାନଙ୍କରେ ଆଦୌ ଭିଡ଼ ନ ଥାଏ; ତେଣୁ ଯିବା ଆସିବାରେ କୌଣସି ଅସୁବିଧା ହୁଏ ନାହିଁ । ଟ୍ରେନ୍‌ଟିକେଟ୍ ଓ ଉଡ଼ାଜାହାଜ ପାଇଁ ଟିକେଟ୍ ପାଇବାରେ ମଧ୍ୟ ଭିଡ଼ ଓ ଅସୁବିଧା ନାହିଁ । ଚାହିଁବାମାତ୍ରେ ଟିକେଟ୍ ମିଳିପାରିବାରୁ ଯାତ୍ରୀମାନେ ନିଶ୍ଚିନ୍ତରେ ଯାତାୟାତ କରିପାରନ୍ତି । ଯାତ୍ରୀମାନଙ୍କ ପାଇଁ ମଧ୍ୟ ପ୍ରତ୍ୟେକ ସ୍ଥାନରେ ହୋଟେଲର ସୁବ୍ୟବସ୍ଥା ଅଛି । ଏ ସବୁ କାରଣରୁ ଏ ଦେଶମାନଙ୍କୁ ଅନ୍ୟ ଦେଶରୁ ବହୁ ଯାତ୍ରୀ ଭ୍ରମଣ ପାଇଁ ଆସିଥାନ୍ତି ।

ଲୋକମାନଙ୍କୁ ସାଧାରଣ ଜୀବନରେ ଚଳିବା ପାଇଁ ବ୍ୟାଙ୍କମାନେ ଯଥେଷ୍ଟ ସାହାଯ୍ୟ କରିଥାଆନ୍ତି । ଲକ୍ଷ୍ୟ କଲି, ବାରକ୍ଲେ କାର୍ଡ ଦେଖାଇ ଚେକ୍ ଦେଇ ଲୋକମାନେ ସବୁଠାରେ କାରବାର କରିଥାନ୍ତି । ଦୋକାନ-ବଜାରଠାରୁ ଆରମ୍ଭକରି ପ୍ରତ୍ୟେକ ସ୍ଥାନରେ ଏକପ୍ରକାର ବ୍ୟବସ୍ଥା । ଟଙ୍କା ଦରକାର ପଡ଼ିଲେ, ବ୍ୟାଙ୍କ ବନ୍ଦ ଥିଲେ ମଧ୍ୟ ଟଙ୍କା ମିଳିବାର ଅଭିନବ ବ୍ୟବସ୍ଥା ଦେଖିଲି । ବାହାରେ ବ୍ୟାଙ୍କ କାନ୍ଥରେ ଥିବା ନିର୍ଦ୍ଦିଷ୍ଟ

ସ୍ଥାନରେ ଟେଲିଫୋନ ଡାଏଲ୍ ପରି ଗୋଟିଏ ଯନ୍ତ୍ର ଅଛି । ଏହି ଯନ୍ତ୍ର ସାହାଯ୍ୟରେ ଆବଶ୍ୟକ ଟଙ୍କା ମିଳିପାରିବ । ଟଙ୍କା ନେବା ସମୟରେ ପ୍ରଥମେ ନିଜର ବ୍ୟାଙ୍କରେ ଥିବା ଗୁପ୍ତ କୋଡ୍ ବା ସଂଖ୍ୟା ବ୍ୟବହାର କରିବାକୁ ପଡ଼ିବ ଓ କେତେ ଟଙ୍କା ଦରକାର, ସେ ଯନ୍ତ୍ରରେ ସଂକେତ ଦେଲେ ଠିକ୍ ସେତିକ ଟଙ୍କାର ନୋଟ୍ ବାହାରିଆସିବ । ଏ ବ୍ୟବସ୍ଥା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲି । ଏପରି ବ୍ୟବସ୍ଥା ଥିବାରୁ ଲୋକମାନଙ୍କର ବଜାର ସଉଦା କରିବାରେ ମଧ୍ୟ ବହୁତ ସୁବିଧା ହୁଏ ।

ଇଂଲଣ୍ଡରେ ଟେଲିଭିଜନରେ ସାକ୍ଷାତ ଦେଲେ ବୟସ୍କ ନେତାମାନଙ୍କୁ, ଏପରି କି ମନ୍ତ୍ରୀମାନଙ୍କୁ ମଧ୍ୟ, ବନ୍ଧୁ ପରି ନାମ ଆଗରେ ମିଷ୍ଟର ଇତ୍ୟାଦି ନ ଲଗାଇ ପ୍ରଥମ ନାମ ବା ଖ୍ରୀଷ୍ଟିୟାନ ନାମ ଧରି ସମସ୍ତେ ସମ୍ବୋଧନ କରିବାର ଦେଖିଲି । ଲକ୍ଷ୍ୟ କଲି, ପ୍ରତ୍ୟେକ କ୍ଷେତ୍ରରେ ସମସ୍ତେ ସମସ୍ତଙ୍କୁ ଏହିପରି ସମ୍ବୋଧନ କରନ୍ତି । ଏ ବିଷୟ ଚିନ୍ତା କଲେ ଜଣାଯିବ ଏହା ଗଣତନ୍ତ୍ର ମନୋଭାବର ପରିଚାୟକ । ଆଇନକାନୁନରେ ଖାଲି ସମାନ ଅଧିକାର ଦେବାଦ୍ୱାରା ଲୋକ ସମାନ ହୁଏ ନାହିଁ—ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖିବାଦ୍ୱାରା କେବଳ ଏହା ସମ୍ଭବ ।

ଯେଉଁମାନେ ଖବରକାଗଜ ଦେବାକୁ ଆସନ୍ତି, ଦୁଧ ଦିଅନ୍ତି, ପରିବାପତ୍ର ବିକିବାକୁ ଆସନ୍ତି କିମ୍ବା ଘରେ କାମ କରିବାକୁ ଆସନ୍ତି ସେମାନେ ନିଜକୁ ସାନ ବୋଲି ମନେ କରନ୍ତି ନାହିଁ । ସମସ୍ତଙ୍କର ସମାଜରେ ସମାନ ସ୍ଥାନ ଅଛି । ଏଠାରେ ଧନୀ ଦରିଦ୍ରଙ୍କ ମଧ୍ୟରେ ତାରତମ୍ୟ ଆମ ଦେଶପରି ଏତେ ଅଧିକ ନୁହେଁ । ଦରିଦ୍ର ଲୋକର ମଧ୍ୟ ଉପଯୁକ୍ତ ବାସଗୃହ ଅଛି, ଯାତାୟାତ ପାଇଁ ମଟରଗାଡ଼ି ଅଛି, ଖାଇବାକୁ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ଅଛି ଓ ଆବଶ୍ୟକୀୟ ପୋଷାକପତ୍ର ଅଛି । ପିଲାମାନେ ସ୍କୁଲ କଲେଜରେ ପଢ଼ୁଛନ୍ତି । ତେଣୁ ଦାରିଦ୍ର୍ୟ ଏତେ ତୀବ୍ର ଭାବରେ ଅନୁଭବ କରିହୁଏ ନାହିଁ ।

ଏହି ଜନମଙ୍ଗଳ ରାଷ୍ଟ୍ରରେ ପ୍ରତ୍ୟେକ ପିଲା ପାଇଁ ପିତାମାତାଙ୍କୁ ସରକାରଙ୍କଠାରୁ ଭତ୍ତା ମିଳେ । ଏପରି ଭତ୍ତା ମିଳିବାଦ୍ୱାରା ପିଲାମାନଙ୍କର ଭରଣପୋଷଣ ପାଇଁ ଚିନ୍ତିତ ହେବାକୁ ପଡ଼େ ନାହିଁ । ତା ଛଡ଼ା, ଯଦି କୌଣସି ବ୍ୟକ୍ତି ଚାକିରି ପାଇବାକୁ ଅସମର୍ଥ ହୁଏ, ତେବେ ସରକାର ସେପରି ଲୋକକୁ ବେକାର ଭତ୍ତା ଦିଅନ୍ତି । ତେଣୁ ବେକାର ପୁଅ-ଝିଅଙ୍କୁ ନେଇ ବାପମା'ଙ୍କର ଅଶାନ୍ତି ହୁଏ ନାହିଁ । ଏହି ବେକାର ଭତ୍ତା ସୁବିଧାରେ ସମସ୍ତଙ୍କୁ ମିଳିପାରେ । ସ୍କୁଲ ଛାଡ଼ି ଅନ୍ୟତ୍ର ପଢ଼ିବା ପୂର୍ବରୁ ମଧ୍ୟ ଏ ଭତ୍ତା ମିଳିଥାଏ । ପଢ଼ିବା ପାଇଁ ପିଲାମାନଙ୍କୁ ସ୍କୁଲରେ ଦରମା ପଡ଼େ ନାହିଁ ।

ବିଶ୍ୱବିଦ୍ୟାଳୟମାନଙ୍କରେ କେବଳ ଭଲ ନମ୍ବର ରଖିଥିବା ବଛା ବଛା ମେଧାବୀ ପିଲାମାନଙ୍କୁ ନିଆଯାଏ । ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର ଅଶାନ୍ତି ନାହିଁ । ଏହାର ପ୍ରଧାନ କାରଣ, ବିଶ୍ୱବିଦ୍ୟାଳୟମାନଙ୍କରେ କେବଳ ମେଧାବୀ ଛାତ୍ର ପଢ଼ନ୍ତି । ଏମାନେ ସବୁବେଳେ ପଢ଼ାପଢ଼ିରେ ମନଦେଉଥିବାରୁ ସେଠାରେ ଛାତ୍ର-ଅଶାନ୍ତି ହୁଏ ନାହିଁ । ଆମ ଦେଶର

କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ବର୍ତ୍ତମାନ ର୍ୟାଗିଂ (Ragging) ଗୋଟିଏ ବଡ଼ ସମସ୍ୟା । ଯେଉଁ ପିଲାମାନେ ପ୍ରଥମ କରି ନାମ ଲେଖାନ୍ତି, ଉପରଶ୍ରେଣୀର ପିଲାମାନେ ସାଧାରଣତଃ ସେମାନଙ୍କୁ ନାନାଭାବେ ଅପଦସ୍ଥ ଓ ହଇରାଣ କରିଥାନ୍ତି । ଅତୀତରେ ଏହା କେବଳ ଥଟ୍ଟା ପରିହାସ ଥିଲା; ମାତ୍ର ବର୍ତ୍ତମାନ ଏହା ନିଷ୍ଠୁର ନିର୍ଯାତନାର ରୂପ ନେବାରୁ ସରକାର ଏହାକୁ ବେଆଇନ ଘୋଷଣା କରିଛନ୍ତି । ଇଂଲଣ୍ଡରେ ର୍ୟାଗିଂ ପୂର୍ବର ଥଟ୍ଟା-ପରିହାସ ରୂପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଛି । ଶୁଣିଲି କୌତୁକପୂର୍ଣ୍ଣ ଖେଳ; ଯଥା—ତିନି ଗୋଡ଼ିଆ ଦଉଡ଼ ( Three-legged race ) ମାଧ୍ୟମରେ ଏହି ସବୁ ଦିନରେ ଛାତ୍ରଛାତ୍ରୀମାନେ ଅନେକ ମହତ୍ତ୍ୱ କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ କରନ୍ତି । ର୍ୟାଗିଂ ଦିନ ନୂଆ କରି ଆସିଥିବା ପିଲାଙ୍କୁ ଶାରୀରିକ କିମ୍ବା ମାନସିକ ନିର୍ଯାତନା ଆଦୌ ଦିଅନ୍ତି ନାହିଁ ।

ଯେଉଁ ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁବିଧା ପାଆନ୍ତି ନାହିଁ, ବୈଷୟିକ ଜ୍ଞାନ ଅର୍ଜନ କରିବାକୁ ବିଭିନ୍ନ ପଲିଟେକ୍‌ନିକ ସ୍କୁଲମାନଙ୍କରେ ପଢ଼ନ୍ତି । ସେମାନେ ସେଠାରେ ପଢ଼ି ନିଜର ଜୀବିକା ଅର୍ଜନ କରିବା ପାଇଁ ବିଭିନ୍ନ ବିଷୟ ଶିକ୍ଷା କରିପାରନ୍ତି । ପ୍ରତ୍ୟେକ ଛାତ୍ରକୁ ଶିକ୍ଷାଗତ ସୁବିଧା ଦେବା ଆମ ଦେଶରେ ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ଏଥିପାଇଁ ବୋଧହୁଏ ଆମକୁ ଅନେକ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।

ତା ଛଡ଼ା ଏ ଦେଶରେ ଅଛି ଜନମଙ୍ଗଳ ପାଇଁ ସ୍ୱାସ୍ଥ୍ୟ-ସେବାର ଉତ୍କୃଷ୍ଟ ବ୍ୟବସ୍ଥା । ପ୍ରତ୍ୟେକ ଲୋକ ଜଣେ ସାଧାରଣ ଚିକିତ୍ସକ (General Practitioner)ଙ୍କ ତାଲିକାଭୁକ୍ତ । ଦେହ ଅସୁସ୍ଥ ହେଲେ ଏହି ଚିକିତ୍ସକଙ୍କୁ ପରାମର୍ଶ କରିହେବ ତାଙ୍କର ଡାକ୍ତର-ଖାନାରେ । ଏହି ଡାକ୍ତରଖାନାକୁ ସର୍ଜରୀ କହନ୍ତି । ଏହି ଆଞ୍ଚଳିକ ସର୍ଜରୀ ପାଇଁ ଆବଶ୍ୟକ ଘରଭଡ଼ା ଓ କର୍ମଚାରୀଙ୍କ ଦରମା ସେ ସରକାରଙ୍କଠାରୁ ପାଆନ୍ତି । ତା' ଛଡ଼ା ରୋଗୀଙ୍କ ସଂଖ୍ୟା ଅନୁସାରେ ସେ ସରକାରଙ୍କଠାରୁ ପାରିଶ୍ରମିକ ପାଆନ୍ତି । ରୋଗୀ ଆସି ନ ପାରିଲେ ସାଧାରଣ ଚିକିତ୍ସକ ତାଙ୍କ ଘରକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥାଆନ୍ତି । ସାଧାରଣ ଚିକିତ୍ସକଙ୍କ ଲେଖିବା ଅନୁସାରେ ରୋଗୀ କେମିଷ୍ଟ ସପ୍ ବା ଔଷଧ ଦୋକାନରୁ ଔଷଧ କିଣନ୍ତି । ଡାକ୍ତର ଯେତେ ପ୍ରକାର ବା ଯେତେ ଦାମ୍‌ର ଔଷଧ ଲେଖିଲେ ବି ଅସୁସ୍ଥ ବ୍ୟକ୍ତିଙ୍କୁ ଔଷଧ ଦାମ୍ ବାବଦକୁ ମାତ୍ର ୧ ପାଉଣ୍ଡ ୬୫ ପେନ୍‌ସ ଦେବାକୁ ପଡ଼େ । ଯଦି ରୋଗୀର ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଦରକାର ଥାଏ, ତେବେ ସାଧାରଣ ଚିକିତ୍ସକଙ୍କ ସୁପାରିସ-ପତ୍ର ନେଇ ସେ ଡାକ୍ତରଖାନାକୁ ଯାଇ ତାଙ୍କ ସଙ୍ଗରେ ପରାମର୍ଶ କରିଥାଏ । ସେଥିପାଇଁ ତାଙ୍କୁ ପଇସା ଦେବାକୁ ପଡ଼େ ନାହିଁ ।

ଏପରି ବିଶେଷଜ୍ଞଙ୍କ ପରାମର୍ଶ ପାଇଁ ଆମେ ମେ ଦେଶର ଡାକ୍ତରଖାନାକୁ ଯାଇଥିଲୁ । ଏଥିପାଇଁ ଆଗରୁ ତାରିଖ ଓ ସମୟ ଧାର୍ଯ୍ୟ ହୋଇଥାଏ । ନିର୍ଦ୍ଧାରିତ ସମୟରେ ଯାଇ ସେଠାରେ ଉପସ୍ଥିତ ହେଲୁ । ଅଭ୍ୟର୍ଥନାକାରିଣୀଙ୍କ ପାଖରେ ଉପସ୍ଥିତ ହେଲାରୁ ସେ ଆମକୁ ସେହି ଡାକ୍ତରଖାନାରୁ ମିଳିଥିବା ଚିଠି ଦେଖି ନିର୍ଦ୍ଦିଷ୍ଟ ଚିକିତ୍ସକଙ୍କ ପାଖକୁ

ଯିବାକୁ ପରାମର୍ଶ ଦେଲେ । ସେଠି ପହଞ୍ଚିବା ସଙ୍ଗେ ସଙ୍ଗେ ସେଠାରେ ଥିବା ନର୍ସ ଆମର ଆସିବା କଥା ଡାକ୍ତରଙ୍କୁ ଜଣାଇଲେ । ଡାକ୍ତର ଆସି ଆମକୁ ଅଭିବାଦନ ଜଣାଇ ମୋର ସ୍ତ୍ରୀଙ୍କୁ ପରୀକ୍ଷାକରି ରୋଗବିଷୟରେ ପରାମର୍ଶ ଦେଲେ । ଏହି ବିଶିଷ୍ଟ ଡାକ୍ତରଙ୍କର ଅମାୟିକ ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ଓ ମୁଗ୍ଧ ହେଲୁ । ଲକ୍ଷ୍ୟକଲୁ, ସେ ସବୁ ରୋଗୀଙ୍କୁ ସେହିପରି ସହାସ୍ୟ ଅଭିବାଦନ ଓ ମଧୁର ବ୍ୟବହାର କରୁଥାନ୍ତି । ଏହି ବଡ଼ ଡାକ୍ତରଖାନାରେ କୌଣସିଠାରେ ସାମାନ୍ୟ ଅପରିଷ୍କାର, କୋଳାହଳ କମ୍ବା ଅବ୍ୟବସ୍ଥା ଦେଖିଲୁ ନାହିଁ । ସମସ୍ତେ ନୀରବତା ଅବଲମ୍ବନ କରି କର୍ତ୍ତବ୍ୟରତ ।

ଏସବୁ ଦେଖି ବାସ୍ତବିକ ଆଶ୍ଚର୍ଯ୍ୟ ଲାଗେ । ଯେପରି ଅବସ୍ଥାରେ ଆମ ଦେଶରେ ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି ତାହା ମୋର ମନେପଡ଼ିଲା । ପ୍ରତ୍ୟେକ ଡାକ୍ତରଙ୍କ ପାଖରେ ରୋଗୀଙ୍କର ଭିଡ଼ ଓ କୋଳାହଳ । ଆମ ଦେଶରେ ପ୍ରାୟ ପ୍ରତ୍ୟେକ ଡାକ୍ତରଖାନା ଅପରିଷ୍କାର ଅପରିଚ୍ଛନ୍ନ—ତତ୍ପରତାର ଘୋର ଅଭାବ । ଚିକିତ୍ସାର ସୁବ୍ୟବସ୍ଥା ନାହିଁ । ଆମର ରାଜନୀତିଜ୍ଞ, ଶାସକ ଓ ଚିକିତ୍ସକମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥିବା ସତ୍ତ୍ୱେ ଆମ ଦେଶରେ ଏପର୍ଯ୍ୟନ୍ତ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ ।

ଇଂଲଣ୍ଡରେ ଘରେ ନିଆଁ ଲାଗିଲେ, ପୁଲିସକୁ ଖବରଦେବାକୁ ହେଲେ କିମ୍ବା ଆମ୍ବୁଲାନ୍‌ସ ଡାକିବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ଫୋନ୍‌କୁ ଡାକିବା କ୍ଷଣି ମାତ୍ର ଦୁଇତିନି ମିନିଟ ମଧ୍ୟରେ ସାହାଯ୍ୟ ଆସି ଘରେ ପହଞ୍ଚିବ । ଆମ୍ବୁଲାନ୍‌ସରେ ଔଷଧ, ଇଞ୍ଜେକ୍‌ସନ, ଅକ୍‌ସିଜେନ ଥାଏ । ଡାକ୍ତର ଓ ନର୍ସ ଥାନ୍ତି ପ୍ରାଥମିକ ଚିକିତ୍ସା ଦେବାପାଇଁ । ଆମ୍ବୁଲାନ୍‌ସ ଗାଡ଼ିରେ ବେତାରଯନ୍ତ୍ର ମଧ୍ୟ ଥାଏ । ବେତାରଯନ୍ତ୍ରଦ୍ୱାରା ସେମାନେ ରୋଗୀ ବିଷୟରେ ଘନ ଘନ ଡାକ୍ତରଖାନାକୁ ଜଣାଉଥାନ୍ତି । ତେଣୁ ଡାକ୍ତରଖାନାରେ ପହଞ୍ଚିବାର କେତେ ମୁହୂର୍ତ୍ତ ମଧ୍ୟରେ ରୋଗୀକୁ ଯଥାସ୍ଥାନକୁ ନେଇ ଚିକିତ୍ସା କରାଯାଇଥାଏ । ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି ପାଇଁ ତତ୍ପରତା ସବୁଠାରୁ ଅଧିକ । ଡାକ୍ତରଖାନାରେ ବିଭିନ୍ନ ପ୍ରକାର ଉନ୍ନତ ଚିକିତ୍ସାର ବ୍ୟବସ୍ଥା; ସୁଦକ୍ଷ ଡାକ୍ତର ଓ ନର୍ସ ଆନ୍ତରିକତା ସହିତ କାର୍ଯ୍ୟରତ; ତେଣୁ ଏ ଦେଶରେ ମୃତ୍ୟୁହାର ବହୁତ କମିଯାଇଛି । ଲୋକମାନେ ଦୀର୍ଘାୟୁ । ଏଠାରେ ପ୍ରତ୍ୟେକ ୬୫ ବର୍ଷ ବୟସ୍କ ବ୍ୟକ୍ତିକୁ ଅବସରକାଳୀନ ଭତ୍ତା ବା ପେନ୍‌ସନ ମିଳିବାରୁ ବାର୍ଦ୍ଧକ୍ୟରେ ଅଭାବଜନିତ ଦୁଶ୍ଚିନ୍ତାରୁ ସମସ୍ତେ ମୁକ୍ତ । ବର୍ତ୍ତମାନ ସମସ୍ୟା ହେଉଛି ବୃଦ୍ଧ ବ୍ୟକ୍ତିମାନଙ୍କର ସଂଖ୍ୟା ବଢ଼ିଚାଲିଛି । ସମସ୍ତଙ୍କ ପାଇଁ ୬୫ ବର୍ଷ ପରଠାରୁ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା ଥିବାରୁ ଓ ବୃଦ୍ଧ ବ୍ୟକ୍ତିଙ୍କର ସଂଖ୍ୟା ବଢ଼ିବାଦ୍ୱାରା ଦେଶକୁ ଅଧିକ ବ୍ୟୟଭାର ବହନ କରିବାକୁ ପଡ଼ୁଛି ।

ସବୁ ଦେଶରେ ଲୋକମାନେ ନିଜର ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଓ ପରିବାରର ମଙ୍ଗଳ ପାଇଁ ଚିନ୍ତା କରନ୍ତି । ଏ ଦେଶରେ ସ୍ୱାସ୍ଥ୍ୟସେବା ଉନ୍ନତ ଧରଣର ହୋଇଥିବାରୁ ଓ ବ୍ୟୟସାପେକ୍ଷ ନ ହୋଇଥିବାରୁ, ସ୍ୱାସ୍ଥ୍ୟ କାରଣରୁ ମଧ୍ୟ ଲୋକମାନେ ବିଶେଷ ଚିନ୍ତିତ ନୁହନ୍ତି ।

## ପାରିବାରିକ ଜୀବନ :

ପରିବାରର ମଙ୍ଗଳ ଚିନ୍ତା କଲାବେଳେ ପୁଅ-କନ୍ୟାଙ୍କର ବିବାହ ପ୍ରଶ୍ନ ଉଠିଥାଏ । ଆମ ଦେଶରେ ଏହା ଗୋଟିଏ ଜଟିଳ ସମସ୍ୟା । ପୁଅ ପାଇଁ କନ୍ୟା ବାଛିବା ଓ ଝିଅ ପାଇଁ ବର ବାଛିବା ପାଇଁ ବହୁଂଶ୍ରମ ସ୍ୱୀକାର କରିବାକୁ ପଡ଼େ । ବର-କନ୍ୟାଙ୍କର ଜାତି, କୋଷ୍ଠୀ ଜନ୍ମକ୍ଷେତ୍ର ମେଳକ, ରୂପ, ଶିକ୍ଷା, ସଂସ୍କାର ଓ ଆଜିକାଲି ଅଳ୍ପ କେତେକ କ୍ଷେତ୍ରରେ ରକ୍ତର ମେଳକ ଦେଖି ପିତାମାତାମାନେ ପାତ୍ର ସ୍ଥିର କରୁଛନ୍ତି । ତା'ପରେ ଅଛି ବରକନ୍ୟାଙ୍କର ସମ୍ମତି । ସର୍ବୋପରି ଯୌତୁକ ଅଛି । ଯୌତୁକର ଅଭାବ ପାଇଁ କନ୍ୟାକୁ ବର ମିଳୁନାହାନ୍ତି କିମ୍ବା ବରପକ୍ଷ କନ୍ୟା ଉପରେ କରୁଛନ୍ତି ଅକଥନୀୟ ଅତ୍ୟାଚାର, ଏପରିକି ଅନେକ ହତ୍ୟାକାଣ୍ଡ ମଧ୍ୟ ଏହି କାରଣରୁ ଘଟିଯାଉଛି । ତେଣୁ ଆମ ଦେଶର ସରକାର ଯୌତୁକ-ଜନିତ ନାରୀନିର୍ଯାତନ ବନ୍ଦ ପାଇଁ ଆଇନ କରୁଛନ୍ତି । ଅତୀତରେ ବରକନ୍ୟାଙ୍କର ବିବାହ ବୟସ ସ୍ଥିର କରିବା ପାଇଁ ଅନେକ ଆଇନ ହୋଇଛି । ଏ ଦିଗରେ ଅବଶ୍ୟ ସଂସ୍କାର ଓ ଉନ୍ନତି ହୋଇଛି—କିନ୍ତୁ ତାହା ଯଥେଷ୍ଟ ନୁହେଁ ଓ ସବୁ କ୍ଷେତ୍ରରେ ମଧ୍ୟ ନୁହେଁ । ତେଣୁ ଏହି ଜଘନ୍ୟ ସାମାଜିକ କଳଙ୍କ ଦୂର କରିବାପାଇଁ କଡ଼ା ଆଇନ ଛଡ଼ା ଜନଜାଗରଣ ସବୁଠାରୁ ବେଶୀ ଦରକାର ।

ଇଂଲଣ୍ଡ ପ୍ରଭୃତି ପାଶ୍ଚାତ୍ୟ ଦେଶମାନଙ୍କରେ ପୁଅଝିଅମାନେ ନିଜ ଇଚ୍ଛାରେ ବିବାହ କରିଥାନ୍ତି । ବିବାହ ପୂର୍ବରୁ ପିତାମାତାଙ୍କର ଅନୁମତି ନିଅନ୍ତି, ଯଦିବା ଏହା ସବୁକ୍ଷେତ୍ରରେ ବାଧ୍ୟତାମୂଳକ ହୋଇନଥାଏ । ବିବାହ ଗିର୍ଜାରେ କିମ୍ବା ରେଜିଷ୍ଟ୍ରି ଅଫିସରେ ହୋଇଥାଏ । ବିବାହ ପରେ ଗୋଟିଏ ଶ୍ରେଷ୍ଠ ଭୋଜି ହୁଏ । ପ୍ରାୟ ୨୫ ଜଣ ନିମନ୍ତ୍ରିତ ବ୍ୟକ୍ତି ଏହି ଭୋଜିରେ ଯୋଗଦିଅନ୍ତି । ଭୋଜିର ଖର୍ଚ୍ଚ ବରପକ୍ଷ କିମ୍ବା କନ୍ୟାପକ୍ଷ ଦିଅନ୍ତି କିମ୍ବା ଉଭୟ ମିଶିକରି ଏ ଖର୍ଚ୍ଚ ବହନ କରନ୍ତି । ବିବାହ ପରେ ବରକନ୍ୟା ଗିର୍ଜାରୁ ସିଧା ଭ୍ରମଣରେ ଯାଆନ୍ତି ଓ ତା'ପରେ ସ୍ୱତନ୍ତ୍ର ଗୃହରେ ବାସକରନ୍ତି । ବିବାହ ପୂର୍ବରୁ କନ୍ୟାପିତା ବରକୁ ଯୌତୁକ ଦେବାର ପ୍ରଥା ଏଠାରେ ନାହିଁ । ବରକନ୍ୟାଙ୍କୁ ସେମାନଙ୍କର ବନ୍ଧୁମାନେ ତାଙ୍କୁ ପରାମର୍ଶ କରି ତାଙ୍କର ଘରକରଣା ଜିନିଷ କିଛି ଉପହାର ଦିଅନ୍ତି । କନ୍ୟାର ପିତା ମଧ୍ୟ ଏହିପରି କିଛି ଉପହାର ସ୍ୱଇଚ୍ଛାରେ ଦିଅନ୍ତି । ଏ ସବୁଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଏ ଦେଶରେ ସ୍ୱାସ୍ଥ୍ୟ, ଶିକ୍ଷା, ବାର୍ଦ୍ଧକ୍ୟ, ବାସଗୃହ ଓ ଯାତାୟାତ ପରି ପିଲାମାନଙ୍କର ବିବାହ ଗୋଟିଏ ବଡ଼ ସମସ୍ୟା ନୁହେଁ ।

କେତେ ବର୍ଷ ହେଲା ଇଂଲଣ୍ଡ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ କେତେକ ଯୁବକ ଓ ଯୁବତୀ ବିବାହ ନ କରି ମଧ୍ୟ ସ୍ୱାମୀ ସ୍ତ୍ରୀ ଭଳି ପ୍ରକାଶ୍ୟରେ ଦୀର୍ଘଦିନଧରି ବାସ-କରୁଛନ୍ତି । ସେଥିପାଇଁ ସମାଜ ମଧ୍ୟ ସେମାନଙ୍କୁ ଘୃଣାଚକ୍ଷୁରେ ଦେଖୁନାହିଁ । ଏପରି ମିଳନରୁ ଜାତ ପିଲାମାନଙ୍କୁ ମଧ୍ୟ ସରକାରଙ୍କଠାରୁ ଭତ୍ତା ମିଳୁଛି ଓ ସେମାନେ ମଧ୍ୟ

ବାପ-ମା'ଙ୍କର ସମ୍ପତ୍ତିରେ ପୂର୍ଣ୍ଣ ଅଧିକାର ପାଉଛନ୍ତି । ଏପରି ଦାମ୍ପତ୍ୟ ଜୀବନ ବେଶି ସଂଖ୍ୟାରେ ସହରରେ ଦେଖିବାକୁ ମିଳେ ।

ଇଂଲଣ୍ଡରେ ଦୈନନ୍ଦିନ ଜୀବନ ଯାପନ କରିବା ଆମ ଦେଶଠାରୁ ଅନେକାଂଶରେ ସହଜ ଓ ଆରାମଦାୟକ । ଏହାର ପ୍ରଧାନ କାରଣ ସାଧାରଣ ଜୀବନରେ ସାଧୁତା ଓ କର୍ତ୍ତବ୍ୟପରାୟଣତା । ଖାଦ୍ୟ ଅପମିଶ୍ରଣ କେହି ନ କରିବାରୁ ବିଶୁଦ୍ଧ ଖାଦ୍ୟ ଓ ପାନୀୟ ଯଥେଷ୍ଟ ପରିମାଣରେ ବଜାରରେ ମିଳୁଛି । ଏଠାରେ ଯେକୌଣସି ଦୋକାନରେ ବିଶୁଦ୍ଧ ଖାଦ୍ୟ, ଫଳରସ ଓ ଦୁଧ କିଣିବାକୁ ମିଳେ । ସକାଳେ ଘର ଆଗରେ ଦେଖିବାକୁ ମିଳେ ଦୁଧବୋତଲ ଥୁଆହୋଇଛି । ସାତଟା ପୂର୍ବରୁ ଦୁଧବାଲା ଦୁଧବୋତଲ ରଖିଦେଇ ଯାଇଥାଏ । ସେଥିପାଇଁ ଘରବାଲାଙ୍କୁ ଡାକବାର ଆବଶ୍ୟକତା ନାହିଁ । ଥଣ୍ଡା ଦେଶ । କେତେ ଘଣ୍ଟା ବାହାରେ ରହିଲେ ବି ଦୁଧ ଖରାପ ହୋଇଯିବାର ଭୟ ନାହିଁ । ଏହାଛଡ଼ା ଯେତେବେଳେ ଇଚ୍ଛା କଲେ ଯଥେଷ୍ଟ ପରିମାଣରେ ଦୁଗ୍ଧ ମିଳିପାରିବ । ଫାର୍ମରୁ ବୋତଲରେ ଦୁଧ ମିଳେ; ତା ଛଡ଼ା କାଗଜ ଖୋଳରେ ମଧ୍ୟ ବିଶୁଦ୍ଧ ଦୁଧ ଦୋକାନ-ମାନଙ୍କରେ ମିଳେ । ଦୁଧଯୋଗାଣ କ୍ଷେତ୍ରରେ ଶ୍ରେଣୀବିଭାଗ ଅଛି । ଯେଉଁମାନେ ଅଧିକ ଚର୍ବିଜାତୀୟ ଖାଦ୍ୟ କମ୍ ଖାଇବାକୁ ଚାହାନ୍ତି, ତାଙ୍କ ପାଇଁ ଦୁଗ୍ଧରୁ କିଛି ମାତ୍ରାରେ ଲହୁଣି ବାହାର କରାହୋଇଥାଏ । ସେହିପରି ଫଳରସରେ ମଧ୍ୟ ଶ୍ରେଣୀବିଭାଗ ଅଛି । ଯେଉଁମାନେ ହୃଦ୍‌ରୋଗରେ ଆକ୍ରାନ୍ତ କିମ୍ବା ଯେଉଁମାନେ ଓଜନ କମାଇବାକୁ ଚାହାନ୍ତି, ତାଙ୍କ ପାଇଁ ଫଳରସରେ ଚିନି ନ ଥାଏ ।

ଘରେ ଓ ବାହାରେ ସବୁ ପରିଷ୍କାର-ପରିଚ୍ଛନ୍ନ—ତେଣୁ ମଶା ଓ ମାଛିର ପ୍ରକୋପ ଏଠାରେ ନାହିଁ । ତା' ଛଡ଼ା ଥଣ୍ଡା ଦେଶରେ ମଧ୍ୟ ଏମାନେ ବଞ୍ଚିପାରନ୍ତି ନାହିଁ । ଖାଦ୍ୟ ଅପମିଶ୍ରଣ ମଧ୍ୟ ନାହିଁ । ଏ ସବୁ କାରଣରୁ ବଜାରରେ ମିଳୁଥିବା ଖାଦ୍ୟ ସ୍ୱାସ୍ଥ୍ୟପକ୍ଷରେ କ୍ଷତିକାରକ ନୁହେଁ । କଲେରା ପ୍ରଭୃତି ପେଟରୋଗ ଏଠାରେ ହୁଏ ନାହିଁ । ପାନୀୟ ଜଳ ମଧ୍ୟ ବିଶୁଦ୍ଧ । ବିଶୋଧନ କରାହୋଇ ପାଇପ୍‌ରେ ସବୁଠାକୁ ଜଳଯୋଗାଣ କରାହୋଇଥାଏ । ମଶା ନ ଥିବାରୁ ମେଲେରିଆ, ବାତଜ୍ୱର ପ୍ରଭୃତି ରୋଗ ଏଠାରେ ନାହିଁ । ଏଠାରେ ପିମ୍ପୁଡ଼ି, ଉଇ ମଧ୍ୟ ନାହାନ୍ତି । ଏ ସବୁ ଉପଦ୍ରବ ନଥିବାରୁ ଗୃହିଣୀର କାର୍ଯ୍ୟ ସହଜ ଓ ସରଳ ହୋଇଥାଏ ।

ଥଣ୍ଡା ଦେଶ ହୋଇଥିବାରୁ କାମ କଲେ କ୍ଲାନ୍ତ ଲାଗେ ନାହିଁ; ବରଂ କାମ କଲେ ଦେହ ଓ ମନରେ ଫୂର୍ତ୍ତି ଆସେ ଓ ଦେହ ଭଲ ରହେ । ଏହି ସବୁ କାରଣରୁ ଏଠିକାର ଲୋକମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ । ବସିକରି ବୃଥା ଗପସପ କରିବା ତାଙ୍କର ନୀତି-ବିରୁଦ୍ଧ । କେହି କାହା ଘରକୁ ଗଲେ ପୂର୍ବରୁ ଜଣାଇକରି ଆସନ୍ତି । ଧନୀଘରର ପୁଅଝିଅ ମଧ୍ୟ ପ୍ରାପ୍ତବୟସ୍କ ହେଲେ ବାପ-ମା'ଙ୍କ ଉପରେ ନିର୍ଭର ନ କରି ନିଜେ ଉପାର୍ଜନ କରି ସେହି ଆୟରେ ଚଳନ୍ତି; ଫଳରେ ପିତାମାତାଙ୍କ ଉପରେ ଘର ଚଳାଇବାର ସମସ୍ତ

ବୋଧ ପଡ଼େ ନାହିଁ । ଆମେ ଇଂଲଣ୍ଡରେ ଥିବାସମୟରେ ଗାଡ଼ି ଧୋଇବା, ଖବରକାଗଜ ବାଣ୍ଟିବା, ଘର ଘର ବୁଲି ଦୁଧବୋତଲ ଯୋଗାଇବା ପ୍ରଭୃତି କାମ କରି ଛୋଟ ଛୋଟ ପିଲାମାନେ ଅର୍ଥ ଉପାର୍ଜନ କରିବାର ମୁଁ ଦେଖିଛି । ବାପମା'ଙ୍କର ଅବସ୍ଥା ସ୍ୱଚ୍ଛଳ ଥିଲେ ବି ପିଲାମାନେ ତାଙ୍କ ହାତପାଣ୍ଠି ପାଇଁ ଏସବୁ କାମ ବିନା ଦ୍ୱିଧାରେ କରିଥାନ୍ତି । କେତେ ବିବାହିତ ସ୍ତ୍ରୀଲୋକ ମଧ୍ୟ କମିସନ ପାଇ କମ୍ପାନୀମାନଙ୍କରେ ଏଜେଣ୍ଟ ଭାବରେ କାମ କରିବାର ଦେଖିଛି । ଲକ୍ଷ୍ୟ କରିବାର କଥା, ସେମାନଙ୍କର ଅବସ୍ଥା ବେଶ୍ ସ୍ୱଚ୍ଛଳ । ତଥାପି ଅବସର ସମୟରେ ଏପରି କାମ କରିବାକୁ ସେମାନେ କୁଣ୍ଠା ବୋଧ କରନ୍ତି ନାହିଁ । ସମସ୍ତେ ପରିଶ୍ରମୀ ହୋଇଥିବାରୁ ଏ ଦେଶରେ ଅଭାବ ଅନଟନ ନାହିଁ । ରାସ୍ତାରେ ଦେଖିଲେ ଜଣାଯିବ, ସମସ୍ତେ ସ୍ୱାସ୍ଥ୍ୟବାନ୍ । ଏଥିପାଇଁ ଉତ୍ତମ ଖାଦ୍ୟ ଓ ଜଳବାୟୁ ଅନେକାଂଶରେ ସହାୟକ ହୋଇଥାଏ । ଲୋକମାନେ ଶୋଷକଲେ ପାଣି ପିଅନ୍ତି ନାହିଁ । ତାଙ୍କ ଦେଶରେ ଫଳରସ ପାନୀୟ ଭାବରେ ବ୍ୟବହୃତ ହୁଏ । ତା' ଛଡ଼ା ଚା' ଓ କଫି ଅଛି । ସ୍ଥଳବିଶେଷରେ ସେମାନେ ମଦ୍ୟପାନ ମଧ୍ୟ କରିଥାନ୍ତି । ଯଥେଷ୍ଟ ଫଳରସ ପାନ-କରୁଥିବାରୁ ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହେ । ସେମାନଙ୍କର ପ୍ରଧାନ ଖାଦ୍ୟ ମାଛ, ମାଂସ ଓ ଅଣ୍ଡା । ଏ ସବୁଥିରେ ଖାଦ୍ୟସାର ଯଥେଷ୍ଟ ଅଛି । ସେମାନେ ପାଉଁରୁଟି, କେକ୍ ମଧ୍ୟ ଖାଆନ୍ତି । ଆମ ଦେଶର ପାଉଁରୁଟି ତୁଳନାରେ ଏଠିକାର ପାଉଁରୁଟି ଢେର୍ ଭଲ । ଏଥିରେ ବିଭିନ୍ନ ଖାଦ୍ୟସାର ମିଶିଥାଏ । ଏ ଦେଶରେ ଚକୋଲେଟକୁ ଖାଦ୍ୟ ଭାବରେ ଲୋକମାନେ ବହୁଳ ଭାବରେ ଖାଇଥାନ୍ତି । ଏ ଚକୋଲେଟ୍ ଆକାରରେ ବହୁତ ବଡ଼ ଓ ତା' ମଧ୍ୟରେ ବାଦାମ ପ୍ରଭୃତି ଶୁଖିଲା ଫଳ ଥାଏ । ରାସ୍ତାରେ ଗାଡ଼ିରେ ଗଲାବେଳେ ସମସ୍ତେ ଏହାକୁ ଶକ୍ତିବର୍ଦ୍ଧକ ଖାଦ୍ୟ ଭାବରେ ଖାଇଥାନ୍ତି । ଏପରି ଖାଇବାର ଦେଖି ମୁଁ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲି । ବିସ୍କୁଟ, କେକ୍ ପ୍ରଭୃତିରେ ମଧ୍ୟ ବହୁଳ ପରିମାଣରେ ଚକୋଲେଟ୍ ଥାଏ । ରନ୍ଧା ଜିନିଷରେ ଅଧିକାଂଶ କ୍ଷେତ୍ରରେ ଫଳ ଦିଆହୋଇ ରନ୍ଧା ହୁଏ । ତା' ଛଡ଼ା ଥାଏ ଦୁଧର ଲହୁଣି (Cream)' ମସଲା, ଲଙ୍କା ଓ ତେଲ ଆଦି ବ୍ୟବହାର ନ ଥିବାରୁ ଭୋଜି ଖାଇ ସାରିବା ପରେ ପେଟ ଖରାପ ହେବାର ଆଶଂକା ନ ଥାଏ ।

**ରାଜପରିବାର :**

ଇଂଲଣ୍ଡରେ ରହିବା ସମୟରେ ଲକ୍ଷ୍ୟ କଲୁ ଆଧୁନିକ ଯୁଗ ଅପେକ୍ଷା ପ୍ରାଚୀନ ଯୁଗ ପ୍ରତି ଏ ଜାତିର ଅଧିକ ଆକର୍ଷଣ । ଏହି କାରଣରୁ ବହୁ ପୁରାତନ ଗୃହରେ ଏବେ ମଧ୍ୟ ଇଂଲଣ୍ଡର ଶାସନାଦି କାର୍ଯ୍ୟ ସମ୍ପାଦିତ ହୋଇଥାଏ । ବ୍ରିଟିଶ ପାର୍ଲାମେଣ୍ଟ, ପ୍ରଧାନ ମନ୍ତ୍ରୀଙ୍କର ୧୦ ନମ୍ବର ଡାଉନିଂ ଷ୍ଟ୍ରୀଟରେ ଥିବା ସରକାରୀ ଭବନ, ରାଣୀଙ୍କର ଲଣ୍ଡନରେ ଥିବା ବକିଂହ୍ୟାମ ପାଲେସ୍ ବହୁ ପୁରାତନ । ଆଧୁନିକ ଯୁଗରେ ପୁରାତନ ଯୁଗର ସାମନ୍ତ-ବାଦୀ ସମାଜ ଆଉ ନାହିଁ । ସେ ସମୟର ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ବର୍ତ୍ତମାନ

ଅଚଳ । ଆଜକାଲି ଯୁଗରେ ସାମ୍ୟବାଦର ପ୍ରଭାବ ଊଣା-ଅଧିକେ ସବୁ ଦେଶରେ ଦେଖିବାକୁ ମିଳେ । ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଜନ୍ମଗତ ପାର୍ଥକ୍ୟ ଲୋପ ପାଇଛି । ଅତୀତର ରାଜା-ମହାରାଜାମାନେ ଆଉ ନାହାନ୍ତି । ରୁଷିଆ, ଆମେରିକା, ଫ୍ରାନସ୍, ଚୀନ, ଭାରତ ପରି ବହୁ ଦେଶରେ ଶାସନମୁଖ୍ୟ ଜଣେ ଜଣେ ନିର୍ବାଚିତ ପ୍ରତିନିଧି । ପୃଥିବୀର ଅତି କମ୍ ଦେଶରେ ଏପର୍ଯ୍ୟନ୍ତ ରାଜା କିମ୍ବା ରାଣୀ ଶାସନର ମୁଖ୍ୟ ଭାବରେ ଅଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା, ଇଂଲଣ୍ଡ ଗୋଟିଏ ଶିଳ୍ପୋନ୍ନତ ଦେଶ ହେଲେ ମଧ୍ୟ ଏଠାରେ ଏବେ ମଧ୍ୟ ରାଜପରିବାର ବଂଶାନୁକ୍ରମେ ଶାସନର ମୁଖ୍ୟ ଭାବରେ ରହିଆସିଛନ୍ତି; ଅଥଚ ପାର୍ଲାମେଣ୍ଟାରି ଶାସନ-ବ୍ୟବସ୍ଥା ପାଇଁ ଏ ଦେଶରେ ଦ୍ୱାଦଶ ଶତାବ୍ଦୀରେ ସର୍ବପ୍ରଥମେ ରାଜା ଓ ପ୍ରଜାଙ୍କ ମଧ୍ୟରେ ତୀବ୍ର ମତଭେଦ ହୋଇଥିଲା । ରାଜା ଜନ୍ ବାଧ୍ୟ ହୋଇ ମାଗ୍ନାକାର୍ଟା ନାମକ ଦଲିଲରେ ସ୍ୱାକ୍ଷର କଲେ । ରାଜା ପ୍ରଥମ ଚାର୍ଲସଙ୍କୁ ଗାଦିଚ୍ୟୁତ କରି ଶିରଚ୍ଛେଦ କରିଥିଲେ ପାର୍ଲାମେଣ୍ଟ ଶାସନର ସମର୍ଥକମାନେ । ତଥାପି ଏହି ଜାତିରେ ରାଜତନ୍ତ୍ର ଏପର୍ଯ୍ୟନ୍ତ ସମ୍ମାନର ସହ ତିଷ୍ଠି ରହିଛି । ତା ଛଡ଼ା ଅଛି ହାଉସ୍ ଅଫ୍ ଲର୍ଡସ୍ । ପାର୍ଲାମେଣ୍ଟର ଏହି ଗୃହରେ ଅଧିକାଂଶ ସଭ୍ୟ ବଂଶାନୁକ୍ରମେ ସଭ୍ୟ ଅଟନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟ ହେଲୁ ରାଜପରିବାର ପ୍ରତି ଜନସାଧାରଣଙ୍କର ଶ୍ରଦ୍ଧା ଓ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ବିପୁଳ ଉତ୍ସାହ ଦେଖି । ୧୯୮୨ ସାଲ ଜୁନ ୨୧ ତାରିଖ । ବ୍ରିଟିଶ ଟେଲିଭିଜନ୍‌ରେ ଘନ ଘନ ପ୍ରସାରିତ ହେଉଥାଏ ଇଂଲଣ୍ଡର ଯୁବରାଜ ପ୍ରିନ୍ସ ଚାର୍ଲସ୍‌ଙ୍କ ସ୍ତ୍ରୀ ଲେଡି ଡାଏନାଙ୍କ ବିଷୟରେ । ଡାକ୍ତରଖାନାରେ ତାଙ୍କର ଭର୍ତ୍ତି ହେବାର ଦୃଶ୍ୟ, ବାହାରେ ଶହ ଶହ ନରନାରୀଙ୍କର ବିନିଦ୍ର ହୋଇ ଉତ୍କଣ୍ଠାର ସହିତ ଅପେକ୍ଷା ଟେଲିଭିଜନରୁ ଦେଖିଲୁ । ତା ପରେ ଦର୍ଶାଗଲା ଲେଡି ଡାଏନାଙ୍କର ପୁତ୍ର ସନ୍ତାନ ହୋଇଛି । ଏହି ପୁତ୍ର ସନ୍ତାନ ଜନ୍ମହେବା ପୂର୍ବରୁ କେତେ ଲୋକ ଟଙ୍କା ବାଜି ରଖିଥିଲେ ପୁତ୍ର ସନ୍ତାନ ହେବ କି କନ୍ୟାଟିଏ ହେବ ଏହା ନେଇ । ତା ପରେ ରାଜମାତା, ରାଣୀ ଓ ସର୍ବୋପରି ପ୍ରିନ୍ସ ଚାର୍ଲସ୍ ଡାକ୍ତରଖାନାକୁ ଆସି ଏହି ନବଜାତ ରାଜପୁତ୍ରକୁ ଦେଖିବା, ଅନେକ ଥର ଟେଲିଭିଜନରେ ଦେଖିଲୁ । ଶେଷରେ କଅଣ ନାମକରଣ ହେବ ସେ ପାଇଁ ଉତ୍କଣ୍ଠା ଓ କଳ୍ପନାଜଳ୍ପନା । ସେ ବିଷୟ ନେଇ ମଧ୍ୟ ଲୋକେ ଟଙ୍କା ବାଜି-ରଖିଲେ । ଆମେ ଭାରତରୁ ଯାଇଥିବାରୁ ଆମକୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥାଏ ଏସବୁ ଦେଖି ।

ରାଜପରିବାରର ସବୁଠାରୁ ଜନପ୍ରିୟ ବ୍ୟକ୍ତି ରାଜମାତା । ତାଙ୍କୁ ଦେଖିଲେ ସମସ୍ତେ ଉତ୍‌ଫୁଲ୍ଲ ହୁଅନ୍ତି । ତାଙ୍କର ବୟସ ବର୍ତ୍ତମାନ ପ୍ରାୟ ଅଶୀ ବର୍ଷ ହେବ । ବ୍ୟବହାର ଅମାୟିକ, ସ୍ନେହ ଓ କରୁଣାପୂର୍ଣ୍ଣ । ଏହି ଗୁଣ ଊଣା-ଅଧିକରେ ରାଜପରିବାରର ସମସ୍ତଙ୍କ-ଠାରେ ଲକ୍ଷ୍ୟ କଲି । ପ୍ରିନ୍ସ ଚାର୍ଲସ୍ ଲୋକମାନଙ୍କ ସଙ୍ଗରେ ହସହସ ମୁହଁରେ ଅବାଧରେ ମିଶନ୍ତି । ତାଙ୍କ ସଙ୍ଗରେ ନାନା ଥଟ୍ଟା-ପରିହାସ କରନ୍ତି । ସୈନ୍ୟ ଓ ପୁଲିସ ତାଙ୍କୁ ଲୋକଙ୍କଠାରୁ ବହୁ ଦୂରରେ ରଖନ୍ତି ନାହିଁ । ବୋଧହୁଏ ଏହି ସବୁ କାରଣରୁ ଇଂଲଣ୍ଡର

ଲୋକମାନେ ଗଣତନ୍ତ୍ରଭାବାପନ୍ନ ଓ ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ସେମାନଙ୍କର ରାଜପରିବାର ପ୍ରତି ଅଛି ଅସୀମ ଶ୍ରଦ୍ଧା । ରାଜପରିବାରର ଭରଣପୋଷଣ ପାଇଁ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହୁଏ । ମଧ୍ୟେ ମଧ୍ୟେ ଆପତ୍ତି ଉଠିବା ସତ୍ତ୍ୱେ ଦେଶରୁ ରାଜତନ୍ତ୍ର ଲୋପ କରିବା ପାଇଁ କୌଣସି ରାଜନୈତିକ ଦଳ ଦୃଢ଼ଭାବରେ ଦାବୀ କରନ୍ତି ନାହିଁ ।

**ନିର୍ବାଚନ ଓ ରାଜନୈତିକ ଦଳ :**

ଇଂଲଣ୍ଡରେ ଥିବା ସମୟରେ ଦେଖିଲି କେତେକ ଉପ-ନିର୍ବାଚନ । ଏଠାରେ ପୂର୍ବେ ତିନୋଟି ମୁଖ୍ୟ ରାଜନୈତିକ ଦଳ ଥିଲା; ଯଥା—ରକ୍ଷଣଶୀଳଦଳ, ଶ୍ରମିକଦଳ ଓ ଉଦାରପନ୍ଥୀ ଦଳ । ବର୍ତ୍ତମାନ ତାହା ସାଙ୍ଗକୁ ଆଉ ଗୋଟିଏ ମୁଖ୍ୟ ଦଳ ସଂଯୋଗ ହୋଇଛି—ସୋସିଆଲ ଡିମୋକ୍ରାଟସ ଓ ଶ୍ରମିକଦଳ ମେଣ୍ଟ (S.D.P and Labour Alliance) । ଆମେ ଭାରତକୁ ଫେରିଆସିବା ପରେ ଇଂଲଣ୍ଡରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ମିସେସ୍ ଥାଚର୍‌ଙ୍କ ରକ୍ଷଣଶୀଳ-ଦଳ ବହୁସଂଖ୍ୟାରେ ଜୟୀ ହେଲେ । ଶ୍ରମିକଦଳର ନେତା ମାଇକେଲ ଫୁଟ୍ ଜଣେ ପୁରୁଣା ନେତା । ୧୯୭୯ ସାଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଶ୍ରମିକଦଳ ହାରିବା ପରେ ଜେମସ୍ କ୍ୟାଲଗାନ ଦଳର ନେତୃତ୍ୱରୁ ଇସ୍ତଫା ଦେଲେ । ତା ପରେ ମାଇକେଲ ଫୁଟ୍‌ଙ୍କୁ ଦଳର ନେତା ଭାବରେ ନିର୍ବାଚିତ କରାହୋଇଥିଲା । ଆଶା ଥିଲା ସେ ଶ୍ରମିକଦଳକୁ ଭବିଷ୍ୟତ ନିର୍ବାଚନରେ ଜୟୀ କରାଇପାରିବେ; କିନ୍ତୁ ସମସ୍ତ ଚେଷ୍ଟା ସତ୍ତ୍ୱେ ୧୯୮୩ ସାଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସେ ଶ୍ରମିକଦଳକୁ ଜୟୀ କରାଇ ପାରିଲେ ନାହିଁ । ଶ୍ରମିକଦଳର ପରାଜୟର ପ୍ରଧାନ କାରଣ ଦଳ ମଧ୍ୟରେ ଥିବା ବିଭେଦ । ଶ୍ରମିକଦଳରେ ଅଳ୍ପ ଦିନ ହେଲା କେତେକ ଉଗ୍ରପନ୍ଥୀ ସଂସ୍କାରକ ମୁଣ୍ଡ ଟେକିଛନ୍ତି । ତାଙ୍କୁ ଦଳରୁ ବହିଷ୍କାର କରିବା ଦ୍ୱାରା ଏହି ବିଭେଦ ସୃଷ୍ଟି ହେଲା । ମାଇକେଲ୍ ଫୁଟ୍ ଯେ କି ଭାରତ ପ୍ରତି ସହାନୁଭୂତିଶୀଳ ଓ ଯେ ରୁଷିଆ ପ୍ରତି ନମନୀୟ ଭାବ ଦର୍ଶାଇବାରେ ବିଶ୍ୱାସୀ, ସେ ତାଙ୍କ ଦଳରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସ୍ଥାନରେ ନିଲ କିନ୍ନକ ନାମକ ନୂଆ ନେତା ନିର୍ବାଚିତ ହୋଇଛନ୍ତି । ତାଙ୍କର ବୟସ ମାତ୍ର ୪୧ ବର୍ଷ ଏବଂ ଶ୍ରମିକଦଳର ସେ କନିଷ୍ଠତମ ନେତା । ସେ ଜଣେ କୋଇଲା ଖଣି ଶ୍ରମିକଙ୍କ ପୁଅ ।

'ସୋସିଆଲ ଡିମୋକ୍ରାଟସ ଓ ଶ୍ରମିକଦଳ ମେଣ୍ଟ' ଗୋଟିଏ ନୂଆ ରାଜନୈତିକ ଦଳ । ଏଥିରେ ଉଦାରପନ୍ଥୀ ଦଳର କେତେକ ପୁରୁଣା ନେତା ଅଛନ୍ତି, ଯଥା—ଡେଭିଡ୍ ଷ୍ଟିଲ ଓ ରୟ ଜେନ୍‌କିନ୍‌ସ । ଏମାନେ ଇଂଲଣ୍ଡରେ ଜନପ୍ରିୟ ନେତା । ଏମାନଙ୍କର ମିଳିତ ଉଦ୍ୟମ ଫଳରେ ଶ୍ରମିକଦଳ ଅପେକ୍ଷା ଏହି ନୂଆ ଦଳ ଅଧିକ ଭୋଟ ପାଇଛି । କିନ୍ତୁ ସର୍ବାଧିକ ଭୋଟ ପାଇଛି ରକ୍ଷଣଶୀଳ ଦଳ । ଏ ନିର୍ବାଚନରେ ପୂର୍ବଥର ଅପେକ୍ଷା ରକ୍ଷଣଶୀଳ ଦଳ ଅଧିକ ଭୋଟ ପାଇବାର ଗୌରବ ଅର୍ଜନ କରିଅଛି । ତାହାର ମୁଖ୍ୟ କାରଣ ମିସେସ୍ ଥାଚର୍‌ଙ୍କ ନେତୃତ୍ୱ ।

ମିସେସ୍ ଥାଚର୍ ଇନ୍ଦିରା ଗାନ୍ଧୀଙ୍କ ପରି 'ଲୌହନାରୀ' (Iron Lady) ଭାବରେ ପୃଥିବୀରେ ଖ୍ୟାତ । ତାଙ୍କର ସିଦ୍ଧାନ୍ତ ଓ ନୀତିରୁ ସେ କେବେ ବିଚ୍ୟୁତ ହୁଅନ୍ତି ନାହିଁ । ଆମେ ସେ ଦେଶରେ ଥିବା ସମୟରେ ରେଳବାଇ ଶ୍ରମିକ ଧର୍ମଘଟ, ଲୌହଶିଳ୍ପ ଶ୍ରମିକ ଧର୍ମଘଟ, କୋଇଲାଖଣି ଶ୍ରମିକ ଧର୍ମଘଟ, ସ୍ୱାସ୍ଥ୍ୟସେବା ଶ୍ରମିକ ଧର୍ମଘଟ ଇତ୍ୟାଦି ବହୁ ବଡ଼ ଓ ଦୀର୍ଘସ୍ଥାୟୀ ଧର୍ମଘଟର ସେ ସଫଳତାର ସହିତ ସମ୍ମୁଖୀନ ହେବାର ଦେଖିଲୁ । ସବୁଥିରେ ତାଙ୍କର ନିଷ୍ପତ୍ତି ଅଟଳ—ଦେଶ ଗୁରୁତର ଅର୍ଥନୈତିକ ପରିସ୍ଥିତି ଦେଇ ଗତିକରୁଥିବାରୁ ଅଧିକ ଦରମା ଦେବା ସମ୍ଭବ ନୁହେଁ ।

ଏହି ସବୁ ଆନ୍ଦୋଳନ ବ୍ୟାପକ ଓ ଗୁରୁତର ହୋଇଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ ପ୍ରତି ସେଠାରେ ପୁଲିସର ନିର୍ଯାତନା ଦେଖିଲି ନାହିଁ । ଗୁଳିକାଣ୍ଡ, ଲାଠିପ୍ରହାର, ଲୁହବୁହାବାଷ୍ପ ପ୍ରୟୋଗ ସେଠି ସ୍ୱପ୍ନପ୍ରାୟ; ସବୁ ପରିସ୍ଥିତିରେ ଲକ୍ଷ୍ୟ କଲି ନାଗରିକମାନଙ୍କର ଦାୟିତ୍ୱବୋଧ ଓ ଦେଶପ୍ରୀତି । କୌଣସି ପରିସ୍ଥିତିରେ ଆନ୍ଦୋଳନକାରୀମାନେ ହିଂସାର ଆଶ୍ରୟ ନେବା ବା ସାଧାରଣ ସମ୍ପତ୍ତି ଧ୍ୱଂସ କରିବାର ଦେଖିଲି ନାହିଁ । ବୋଧହୁଏ ଏହି କାରଣରୁ ଗୁଳିକାଣ୍ଡ ପ୍ରଭୃତି ପୁଲିସ କାର୍ଯ୍ୟାନୁଷ୍ଠାନ ଏଠାରେ ଆବଶ୍ୟକ ହୁଏ ନାହିଁ । ସ୍ମରଣ କରିବାର କଥା, ଦୀର୍ଘଦିନଧରି ସ୍ୱାସ୍ଥ୍ୟ-ସେବା ଶ୍ରମିକମାନେ ଧର୍ମଘଟ କଲେ ସୁଦ୍ଧା ଗୁରୁତର ପୀଡ଼ିତ ବ୍ୟକ୍ତିଙ୍କର ସେବାଶୁଶ୍ରୂଷା କରିଥିଲେ । ସେହିପରି ଜଳଯୋଗାଣ କର୍ମୀମାନଙ୍କର ଧର୍ମଘଟ ସମୟରେ ସେମାନେ ବୃଦ୍ଧ ବ୍ୟକ୍ତିଙ୍କର ଗୃହ ନିକଟରେ ଜଳ ଯୋଗାଣର ବ୍ୟବସ୍ଥା କରିଥିଲେ ।

ନିର୍ବାଚନରେ ଦେଖିଲି ଶୃଙ୍ଖଳା ଓ ନୈତିକତା । ରାଜନୈତିକ ଦଳମାନେ ନୀତିଗତ ଭାବରେ ପରସ୍ପରର ବିରୋଧ କରିଛନ୍ତି । କିନ୍ତୁ ନିର୍ବାଚନ ପ୍ରଚାରରେ ବ୍ୟକ୍ତିଗତ କୁତ୍ସା ରଟନା କରନ୍ତି ନାହିଁ କିମ୍ବା ନିର୍ବାଚନର ପରବର୍ତ୍ତୀ କାଳରେ ବିପକ୍ଷ ଦଳର ଲୋକମାନଙ୍କୁ ପ୍ରତିହିଂସା ନେବା ଉଦ୍ଦେଶ୍ୟରେ ହଇରାଣ ହରକତ କରନ୍ତି ନାହିଁ । ବର୍ତ୍ତମାନ ଆମ ଦେଶରେ ରାଜନୈତିକ ହତ୍ୟାସଂଖ୍ୟା •ବହୁତ ବୃଦ୍ଧି ପାଇଛି । ଏହା ଅସହିଷ୍ଣୁ ଭାବର ଚରମ ପରିଣତି ଓ ଗଣତନ୍ତ୍ରର ସଂପୂର୍ଣ୍ଣ ପରିପନ୍ଥୀ ।

ଇଂଲଣ୍ଡରେ ଥିବା ସମୟରେ ଫକ୍‌ଲାଣ୍ଡ ଯୁଦ୍ଧ ଓ ସମ୍ବାଦପତ୍ର, ରେଡିଓ ଓ ଟେଲିଭିଜନରେ ବହୁ ପ୍ରାଧାନ୍ୟ ଲାଭ କରିଥିଲା । ଫକ୍‌ଲାଣ୍ଡ ଦ୍ୱୀପପୁଞ୍ଜ ଦକ୍ଷିଣ ଆଟଲାଣ୍ଟିକ ମହାସାଗରରେ ଅବସ୍ଥିତ । ଏହି ଦ୍ୱୀପପୁଞ୍ଜ ୨୦୦ଟି ଛୋଟ ଛୋଟ ଦ୍ୱୀପର ସମଷ୍ଟି । ଏହାର ଆୟତନ ୪,୭୦୦ ବର୍ଗମାଇଲ, ଲୋକସଂଖ୍ୟା ମାତ୍ର ୨.୫୦୦ । ଏହାର ରାଜଧାନୀ ଷ୍ଟାନଲି । ଏହି ଦ୍ୱୀପପୁଞ୍ଜ ଗୋଟିଏ ବ୍ରିଟିଶ ଉପନିବେଶ । ଏଠିକାର ସବୁ ଲୋକ ବ୍ରିଟିଶ ବଂଶୋଦ୍ଭବ ଓ ଏମାନେ ପ୍ରଧାନତଃ ମେଷପାଳକ । ଫକଲାଣ୍ଡ ଦ୍ୱୀପପୁଞ୍ଜକୁ ଆର୍ଜେଣ୍ଟିନା ନିଜର ରାଜ୍ୟ ବୋଲି ମନେକରେ । କାରଣ ଏହା ଆର୍ଜେଣ୍ଟିନାଠାରୁ ସମୁଦ୍ରପଥରେ ପ୍ରାୟ ୨୦୦ ମାଇଲ, ଅଥଚ ଇଂଲଣ୍ଡରୁ ବହୁ ସହସ୍ର ମାଇଲ ଦୂରରେ । ଏହି ଭୂଖଣ୍ଡ ପାଇଁ ୧୯୮୨ ମସିହାରେ

ଇଂଲଣ୍ଡ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରବଳ ନୌଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧର ଅବସାନ ହେଲା ୧୯୮୨ ସାଲ ଜୁନ ୧୪ ତାରିଖରେ । ଆର୍ଜେଣ୍ଟିନା ଯୁଦ୍ଧରେ ପରାସ୍ତ ହେଲା ଓ ଏହା ପୂର୍ବପରି ବ୍ରିଟିଶ ଉପନିବେଶ ଭାବରେ ରହିଲା । ଫକ୍‌ଲାଣ୍ଡ ଯୁଦ୍ଧରେ ବିଜୟ ଲାଭ ଦ୍ୱାରା ଥାଚରଙ୍କର ରକ୍ଷଣଶୀଳ ଦଳ ଦେଶରେ ଅଧିକ ଲୋକପ୍ରିୟ ହେଲେ ଏବଂ ନିର୍ବାଚନରେ ତାଙ୍କର ବିଜୟର ଏହା ଗୋଟିଏ ମୁଖ୍ୟ କାରଣ ହୋଇଥିଲା ।

## ବ୍ରିଟିଶ ଟେଲିଭିଜନର ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ :

ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଇଂଲଣ୍ଡବାସୀ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେଥିପାଇଁ ଜାତୀୟ ଜୀବନରେ ପ୍ରତ୍ୟେକ କର୍ମକ୍ଷେତ୍ରରେ ଲୋକମାନେ ସରକାରଙ୍କ ବିନା ସାହାଯ୍ୟରେ ସବୁ କାର୍ଯ୍ୟ କରିବାକୁ ସଚେଷ୍ଟ । ସରକାର ମଧ୍ୟ ଏ ସବୁଥିରେ ଅଯଥା ହସ୍ତକ୍ଷେପ କରନ୍ତି ନାହିଁ । ଶିକ୍ଷାକ୍ଷେତ୍ରରେ ଶିକ୍ଷାନୁଷ୍ଠାନମାନଙ୍କର ଅବାଧ ସ୍ୱାଧୀନତା ରହିଛି । ଜାତୀୟ ଶିକ୍ଷାନୀତି ମାଧ୍ୟମରେ ସରକାର ବିଶ୍ୱବିଦ୍ୟାଳୟମାନଙ୍କର ପରିଚାଳନାରେ ହସ୍ତକ୍ଷେପ କରନ୍ତି ନାହିଁ । ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ବହୁକାଳରୁ ଚାଲିଆସିଛି ନାଗରିକର ଅଖଣ୍ଡ ସ୍ୱାଧୀନତା । ଉତ୍ପାଦନ କ୍ଷେତ୍ରରେ, ଆମଦାନି ଓ ରପ୍ତାନି କ୍ଷେତ୍ରରେ ସରକାର ଅଂଶୀଦାର ନୁହନ୍ତି କିମ୍ବା ହସ୍ତକ୍ଷେପ କରନ୍ତି ନାହିଁ । ସେଥିପାଇଁ ଉତ୍ପାଦନ କ୍ଷେତ୍ରରେ ପ୍ରତ୍ୟେକ ଶିଳ୍ପ ଉନ୍ନତ ଓ ସ୍ୱାବଲମ୍ବୀ ହୋଇପାରିଛି । ବ୍ୟକ୍ତିଗତ ସ୍ୱାଧୀନତା ସବୁଠାରୁ ବେଶୀ ଅନୁଭବ କରିହୁଏ ଗଣମାଧ୍ୟମ କ୍ଷେତ୍ରରେ । ସମ୍ବାଦପତ୍ରର ସ୍ୱାଧୀନତାକୁ ଖର୍ବ କରିବାକୁ ଏ ଦେଶର କୌଣସି ସରକାର ଚେଷ୍ଟାକରେ ନାହିଁ; ତେଣୁ ଅବାଧରେ ସରକାରଙ୍କର ପ୍ରତ୍ୟେକ କାର୍ଯ୍ୟକୁ ସମାଲୋଚନା କରିବାକୁ ସମ୍ବାଦପତ୍ରମାନେ ସୁବିଧା ପାଆନ୍ତି । ଏଥିପାଇଁ ସରକାର କର୍ତ୍ତବ୍ୟରେ ସାମାନ୍ୟ ହେଳା କଲେ ମଧ୍ୟ କଡ଼ା ସମାଲୋଚନାର ସମ୍ମୁଖୀନ ହୁଅନ୍ତି । ରେଡ଼ିଓ ଓ ଟେଲିଭିଜନ ସରକାରଙ୍କର ପ୍ରତ୍ୟକ୍ଷ କର୍ତ୍ତୃତ୍ୱାଧୀନରେ ନଥିବାରୁ ସେମାନଙ୍କର ଏ ଦେଶରେ ଯଥେଷ୍ଟ ସ୍ୱାଧୀନତା ଅଛି । ଆମ ଦେଶରେ ଏଗୁଡ଼ିକ ସରକାରଙ୍କର ବିଭିନ୍ନ ବିଭାଗ ହୋଇଥିବାରୁ ବିରୋଧୀ ଦଳମାନେ ଏଗୁଡ଼ିକ ଶାସକଦଳର ହାତବାରିସି ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ଅନେକ ସମୟରେ ଅଭିଯୋଗ କରନ୍ତି । ଏପରି ଅଭିଯୋଗ ନିର୍ବାଚନ ସମୟରେ ବେଶୀ ହୁଏ ।

ବ୍ରିଟିଶ ଟେଲିଭିଜନର ସ୍ୱାଧୀନ ମନୋଭାବ ସେଠାରେ ଅନେକ ଥର ଲକ୍ଷ୍ୟ କରିଛି । ସରକାରଙ୍କର କୌଣସି ନୀତି ବିଷୟରେ ଆଲୋଚନା କଲାବେଳେ ମନ୍ତ୍ରୀମାନଙ୍କୁ ଗୁଡ଼େଇ-ଗୁଡ଼େଇ ବହୁତ ପ୍ରଶ୍ନ କରାଯାଏ । ତା ଛଡ଼ା ବିରୋଧୀ ଦଳର ମନ୍ତବ୍ୟକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ । ମନ୍ତ୍ରୀମାନଙ୍କ ସଙ୍ଗରେ ଆଲୋଚନା କଲାବେଳେ ତାଙ୍କୁ ସମାନ ମର୍ଯ୍ୟାଦା ଦିଆଯାଏ । ତାଙ୍କୁ ସାଧାରଣ ବ୍ୟକ୍ତିଭଳି ନାମ ଧରି ସମ୍ବୋଧନ କରାଯାଏ । ତାଙ୍କୁ ଅଧିକ ସୁବିଧା କିମ୍ବା ପଦ-ମର୍ଯ୍ୟାଦା ଦିଆଯାଏ ନାହିଁ । ଏ ସବୁ ଦେଖି ମୋର ମନେ-ହେଲା ବୋଧହୁଏ ଆମ ଦେଶରେ ରେଡ଼ିଓ ଓ ଦୂରଦର୍ଶନକୁ ସ୍ୱୟଂଶାସିତ ଓ ସ୍ୱାଧୀନ

ଷ୍ଟା କଲେ ସେମାନେ ଏହିପରି ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବେ । ତାହାହେଲେ ଦେଶର ପ୍ରଭୂତ ମଙ୍ଗଳ ସାଧିତ ହେବ ।

ଏହାଛଡ଼ା ଏହି ଗଣମାଧ୍ୟମରେ ଲକ୍ଷ୍ୟ କଲି ବହୁ ଆକର୍ଷଣୀୟ ଓ ଶିକ୍ଷଣୀୟ କର୍ମସୂଚୀ । ଆମେ ଫେରିଆସିବାର ଅଳ୍ପଦିନ ଆଗରୁ ବ୍ରିଟିଶ ଟେଲିଭିଜନ୍ ପ୍ରତିଦିନ ସକାଳ ସାଢ଼େ ୬ଟା ସମୟରୁ ଗୋଟିଏ କାର୍ଯ୍ୟକ୍ରମ ପ୍ରଚାର କରେ । ଏଥିରେ ନାନା ଶିକ୍ଷଣୀୟ ବିଷୟ ଅନ୍ତର୍ଭୁକ୍ତ ଥିଲା ।

ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଅଣ-ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମଠାରୁ ଆରମ୍ଭ କରି କେତେ ଶିକ୍ଷଣୀୟ ଓ ଉପଭୋଗ୍ୟ କାର୍ଯ୍ୟକ୍ରମ ଏଥିରେ ଥାଏ । ଏହି ପ୍ରାତଃକାଳୀନ ପ୍ରଚାରରେ ବ୍ୟାୟାମ ଶିକ୍ଷା ମଧ୍ୟ ଥାଏ । ଜଣେ ମହିଳା ଏହି ଶିକ୍ଷା ଦିଅନ୍ତି । ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା । ଆଳୁ ଖୋଳିବା ପାଇଁ ନିଯୁକ୍ତ ଶ୍ରମିକ ଓ ହୋଟେଲରେ ନିଯୁକ୍ତ ପରିବେଷଣକାରୀଙ୍କ ପାଇଁ ଅଲଗା ଅଲଗା ଶିକ୍ଷା ଦିଆଯାଉଥିଲା; କାରଣ ସେମାନଙ୍କର ନିର୍ଦ୍ଦିଷ୍ଟ କେତେକ ମାଂସପେଶୀ କ୍ଳାନ୍ତ ହୋଇଯିବାରୁ ସେଗୁଡ଼ିକୁ ଚାଳନା କରି କାର୍ଯ୍ୟକ୍ଷମ କରିବା ଦରକାର । ତା ଛଡ଼ା ବୟସ ଅନୁପାତରେ ମଧ୍ୟ ବ୍ୟାୟାମ କରିବା ଦରକାର । ବୃଦ୍ଧ ଓ ଅତି ବୃଦ୍ଧମାନଙ୍କ ପାଇଁ ବ୍ୟାୟାମ ଯୁବକ ଓ ଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାୟାମଠାରୁ ଭିନ୍ନ । ସେହି ମହିଳା ସର୍ବଦା ସବୁଜ ରଙ୍ଗର ପୋଷାକ ପିନ୍ଧି ବ୍ୟାୟାମ ଶିକ୍ଷା ଦେଉଥିବାରୁ ତାଙ୍କୁ Green-Goddess ଅର୍ଥାତ୍ 'ସବୁଜ ରଙ୍ଗର ଦେବୀ' ବୋଲି ଆଖ୍ୟା ଦିଆହୋଇଥିଲା । ହାସ୍ୟମୁଖରେ ଏବଂ ବାଦ୍ୟବୃନ୍ଦ ସହିତ ଏହି ମହିଳା ବ୍ୟାୟାମ ଶିକ୍ଷା ଦେଉଥିବାରୁ ଏହି କାର୍ଯ୍ୟକ୍ରମ ବଡ଼ ଆକର୍ଷଣୀୟ ବୋଧ ହେଉଥିଲା ।

ଇଂଲଣ୍ଡରେ ଖେଳ-କସରତକୁ ଯଥେଷ୍ଟ ଅଗ୍ରାଧିକାର ଦିଆଯାଇଥାଏ । ମନେଅଛି ଲିଭରପୁଲ୍ ଫୁଟ୍‌ବଲ ଆସୋସିଏସନ୍‌ର ନୂଆ ମ୍ୟାନେଜରଙ୍କ ନିଯୁକ୍ତି । ସେ ବିଷୟରେ କେତେ ତଥ୍ୟ ଟେଲିଭିଜନ୍‌ରେ ପ୍ରଚାର କରାଗଲା । ପୁରୁଣା ମ୍ୟାନେଜରଙ୍କ ବିଷୟରେ କେତେ କଥା ଦିଆଗଲା । ତା ସଙ୍ଗରେ ପରିବେଷଣ କରାଗଲା ନୂଆ ମ୍ୟାନେଜରଙ୍କ ନିଯୁକ୍ତି ବିଷୟରେ । ଆଶ୍ଚର୍ଯ୍ୟ ଲାଗିଲା ତାଙ୍କ ଦରମା କଥା ଶୁଣି । ମାସକୁ ପ୍ରାୟ ତିନି ହଜାର ପାଉଣ୍ଡ ଅର୍ଥାତ୍ ପ୍ରାୟ ୫୦,୦୦୦ ଟଙ୍କା ତାଙ୍କର ଦରମା । କ୍ରୀଡ଼ା-ପ୍ରତିଯୋଗିତାରେ ଭାଗ ନେଉଥିବା ଖେଳାଳିମାନଙ୍କ ବିଷୟରେ କେତେ ସୁନ୍ଦର ଓ ଆକର୍ଷଣୀୟ କାର୍ଯ୍ୟକ୍ରମ । ସେମାନଙ୍କର ପରିବାର, ଶିକ୍ଷା, କୃତିତ୍ୱ ବିଷୟରେ ସବୁ ତଥ୍ୟ ଟେଲିଭିଜନରେ ପରିବେଷଣ କରାହୁଏ । ସେସବୁ ଦେଖିଲେ ଖେଳାଳିମାନଙ୍କର ସେ ଦେଶମାନଙ୍କରେ ସ୍ଥାନ କେତେ ଉଚ୍ଚରେ ଅନୁମାନ କରିହେବ । ଆମ ଦେଶରେ ସ୍ୱାଧୀନତା ପରେ ସରକାରଙ୍କ ପୃଷ୍ଠପୋଷକତାରେ କ୍ରୀଡ଼ାକ୍ଷେତ୍ରରେ ନିଶ୍ଚୟ ଅଗ୍ରଗତି ହୋଇଛି । କିନ୍ତୁ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ ଏହା ବହୁତ କମ୍ ।

ବ୍ରିଟିଶ ଟେଲିଭିଜନରେ କ୍ରୀଡ଼ା-ପ୍ରତିଯୋଗିତା ଦେଖିଲେ କ୍ରୀଡ଼ା ପ୍ରତି ସ୍ୱତଃ ଆଗ୍ରହ ଜନ୍ମିବ । ଓ୍ୱିମ୍ବିଲ୍‌ଡନ୍‌ଠାରେ ୧୯୮୨ ସାଲ ଜୁଲାଇ ୪ ତାରିଖରେ ଏକକ ଟେନିସ୍ ଖେଳରେ ମେକେନ୍‌ରୋଙ୍କ ସହିତ ଓକୋନରଙ୍କ ତୀବ୍ର ପ୍ରତିଯୋଗିତା ବାସ୍ତବିକ ଦର୍ଶନୀୟ ହୋଇଥିଲା । ୪ ଘଣ୍ଟା ୧୪ ମିନିଟବ୍ୟାପୀ ତୀବ୍ର ପ୍ରତିଯୋଗିତା ଶେଷରେ ଓକୋନର ପ୍ରସିଦ୍ଧ ଖେଳାଳି ମେକେନ୍‌ରୋଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ । ଏହି ଚଳରେ ମେକେନ୍‌ରୋଙ୍କର ବାରମ୍ବାର ରେଫରିଙ୍କ ସଙ୍ଗରେ ବାଦାନୁବାଦ ଓ ଉଭୟ ପକ୍ଷର ସମର୍ଥକଙ୍କ ହର୍ଷୋଲ୍ଲାସ ବଡ଼ ଆକର୍ଷଣୀୟ ହୋଇଥିଲା ।

ତତ୍ପୂର୍ବଦିନ ଆଉ ଗୋଟିଏ ଆକର୍ଷଣୀୟ ଟେନିସ୍ ଖେଳ ଟେଲିଭିଜନ୍‌ରେ ଦେଖିଥିଲୁ । ସେଦିନ ତୀବ୍ର ପ୍ରତିଯୋଗିତାରେ ଏକକ ଟେନିସ୍ ଖେଳରେ ତରୁଣୀ ମିସେସ୍ ଲଏଡ଼ ବିଂଶ ବର୍ଷର ବିଜେତା ୩୮ ବର୍ଷ ବୟସ୍କା ମିସେସ ବିଲିଜନ କିଙ୍ଗଙ୍କୁ ପରାସ୍ତ କରିବାର ଦେଖିଲୁ । ମିସେସ୍ କିଙ୍ଗ ୫ ଥର ଓ୍ୱିମ୍ବିଲଡନ ଚାମ୍ପିଅନ ଓ ୪ଥର ଯୁକ୍ତରାଷ୍ଟ୍ର ଚାମ୍ପିଅନ ଏଥିପୂର୍ବରୁ ହୋଇଥିଲେ । ଶେଷ ପର୍ଯ୍ୟନ୍ତ ଲାଗୁଥାଏ ମିସେସ୍ କିଙ୍ଗ ଜୟଲାଭ କରିବେ । ଏତେ ବୟସରେ ହସହସ ମୁହଁରେ କି ସୁନ୍ଦର ତାଙ୍କର ଖେଳ ! ତାଙ୍କ ଖେଳ ଦେଖି ଆଶ୍ଚର୍ଯ୍ୟ ହେଲୁ ।

ସ୍କେଟିଂ ବା ବରଫରେ ଖେଳ ଏ ଦେଶମାନଙ୍କରେ ବଡ଼ ଜନପ୍ରିୟ । ଏହି ଖେଳ ଟେଲିଭିଜନ୍‌ରେ ଅନେକ ଥର ଦେଖିଛୁ । ଏ ବିଷୟରେ କହିବା ପୂର୍ବରୁ ଆମର ନିଜର ଅନୁଭୂତିରୁ ଗୋଟିଏ ଘଟଣା କଥା ଉଲ୍ଲେଖ କରାଯାଇପାରେ । ୧୯୮୩ ସାଲ ଫେବୃୟାରି ୧୦ ତାରିଖ । ସେଦିନ ଆମର ବର୍ଷକର ରହଣି ଭିତରେ ସବୁଠାରୁ ବେଶୀ ବରଫ ପଡ଼ିଥିଲା । ତେଣୁ କୋଇଁ କହିଲେ ବାହାରେ ଫଟୋ ନେବା । ଆମ୍ଭମାନଙ୍କର ବରଫରେ ଠିଆହୋଇଥିବା ବେଳର ଫଟୋ, ବରଫଦ୍ୱାରା ଆଚ୍ଛାଦିତ ଆମର ଘର ଓ ଘର ଚତୁଃପାର୍ଶ୍ୱର କେତେ ଫଟୋ ନିଆଗଲା । ସେହି ସମୟରେ ଦେଖିଲୁ ଆମର ପଡ଼ୋଶୀ ଦୁଇଜଣ ମହିଳା ଗୋଟିଏ ଟ୍ରାମ୍ ବା ଠେଲାଗାଡ଼ିରେ ଗୋଟିଏ ଶିଶୁକୁ ବସାଇ ଏ ଅଣ୍ଡା ସମୟରେ ମଧ୍ୟ ବୁଲିବାହାରିଛନ୍ତି ମହା ଆନନ୍ଦରେ । ଏ ଦୃଶ୍ୟ ଦେଖି ବିସ୍ମିତ ହେଲୁ । ସେମାନେ ପାଖକୁ ଆସିଲାରୁ ତାଙ୍କ ସଙ୍ଗରେ ଫଟୋ ଉଠାଇଲୁ । ସେ ଫଟୋ ଦେଖିଲେ ଏ ପର୍ଯ୍ୟନ୍ତ ମଧ୍ୟ କେଡ଼େ ଆଶ୍ଚର୍ଯ୍ୟ ଲାଗେ । ବରଫ ପଡ଼ିବା ଦେଖିଲେ ଏଠାରେ ଅନେକଙ୍କ ମନରେ ଅଶେଷ ଆନନ୍ଦ ହେବାର ଦେଖିଛୁ । ତେଣୁ ଏ ଦେଶରେ ବରଫରେ ଖେଳସବୁ ଏତେ ଜନପ୍ରିୟ ।

କେତେଥର ସ୍କେଟିଂ ବା ବରଫଖେଳ ପ୍ରତିଯୋଗିତା ଟେଲିଭିଜନରେ ଦେଖିଛୁ । ଲକ୍ଷ୍ୟ କରିବାର କଥା ଜୋତା ତଳେ ଗୋଟିଏ ଧାରୁଆ ଲୁହାପାତ ଥିବାରୁ ବରଫ ଉପରେ ସ୍କେଟିଂ ଖେଳାଳିମାନେ କ୍ଷିପ୍ରଗତିରେ ଯାତାୟାତ କରିପାରନ୍ତି । ଥରେ ଘର ଭିତରେ ହେଉଥିବା ଗୋଟିଏ ଆନ୍ତର୍ଜାତିକ ବରଫ ଖେଳ ପ୍ରତିଯୋଗିତା ଦେଖିଥିଲି । ପ୍ରଥମ ହୋଇଥିବା ଜଣେ ଯୁବକ ଓ ଯୁବତୀଙ୍କର ହାତ ଧରାଧରି ହୋଇ ବରଫରେ ନୃତ୍ୟ

କରିବାର ଅପୂର୍ବ ଦୃଶ୍ୟ ଭୁଲି ହେବ ନାହିଁ । ନୃତ୍ୟ କରିବାର ଦୃଶ୍ୟ ସାଙ୍ଗକୁ ଥିଲା ସୁମଧୁର ବାଦ୍ୟ ସଙ୍ଗୀତ । ସ୍କେଟିଂ ପ୍ରତିଯୋଗିତା ସାଧାରଣତଃ ସୁଇଜରଲାଣ୍ଡ ପ୍ରଭୃତି ଦେଶରେ ବରଫ ପଡ଼ିଥିବା ପର୍ବତ ଉପରେ ହୋଇଥାଏ । କ୍ରୀଡ଼ାରତ ଖେଳାଳିମାନଙ୍କର ସୁନିପୁଣ ଖେଳକୁ ଦ୍ୱିଗୁଣ ଆକର୍ଷଣୀୟ କରେ ତୁଷାରାବୃତ ପର୍ବତମାଳାର କମନୀୟ ଦୃଶ୍ୟ । ଘଣ୍ଟା-ଘଣ୍ଟାଧରି ଏ ପ୍ରତିଯୋଗିତା ଦେଖିବାକୁ ଇଚ୍ଛା ହୁଏ ।

ବିଭିନ୍ନ କ୍ରୀଡ଼ା-ପ୍ରତିଯୋଗିତା ମଧ୍ୟରେ ଘୋଡ଼ଦୌଡ଼ କେତେଥର ଦେଖିଛୁ । ଡର୍ବିରେ ଅନୁଷ୍ଠିତ ଘୋଡ଼ଦୌଡ଼ ପୃଥିବୀପ୍ରସିଦ୍ଧ । ଅନେକ ଥର ଦେଖିବାରୁ ବିଭିନ୍ନ ଘୋଡ଼ାମାନଙ୍କ ସହିତ ଆମର ପରିଚୟ ହୋଇଯାଇଥାଏ । ପ୍ରତ୍ୟେକ ଘୋଡ଼ା ଓ ତାର ଚଢ଼ାଳି ବିଷୟରେ ବିସ୍ତୃତ ବିବରଣୀ ଟେଲିଭିଜନରେ ଦିଆଯାଏ ପ୍ରତ୍ୟେକ ଖେଳ ଆରମ୍ଭରୁ । ତେଣୁ ସେମାନଙ୍କ ବିଷୟରେ ଆମର ଯଥେଷ୍ଟ ଜ୍ଞାନ ହୋଇଯାଇଥିଲା । ଇଂଲଣ୍ଡରେ ଥିବା ସମୟରେ ଆଗାଖାଁଙ୍କ ପୃଥିବୀପ୍ରସିଦ୍ଧ ସେରଗଡ଼ ନାମକ ଘୋଡ଼ା ଚୋରି ଇଂଲଣ୍ଡରେ ଚହଲି ପକାଇଦେଇଥିଲା । ଏହି ଘୋଡ଼ା ଅତୀତରେ ବହୁ ପ୍ରତିଯୋଗିତାରେ ଜୟଲାଭ କରିଥିଲା । ତାକୁ ଖୋଜିବା ପାଇଁ ଦୀର୍ଘ ଦିନ ଧରି ସ୍କଟଲାଣ୍ଡ ୟାର୍ଡର ଅଭିଯାନ ସତ୍ତ୍ୱେ ଆମେ ଇଂଲଣ୍ଡ ଛାଡ଼ିବା ପର୍ଯ୍ୟନ୍ତ ତାକୁ ଖୋଜି ବାହାର କରିବା ସମ୍ଭବ ହୋଇନଥିଲା । ଏ ଘୋଡ଼ାର ଦାମ୍ ଲକ୍ଷ ଲକ୍ଷ ଟଙ୍କା । ଏହି ଘୋଡ଼ାଚୋରି ବିଷୟରେ ନାନା ମତ ପ୍ରକାଶ ପାଇଥିଲା । କେତେକ ବିଶ୍ୱାସ କରୁଥିଲେ ଘୋଡ଼ା ଜୀବିତ—କିନ୍ତୁ ତାକୁ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତରିତ କରାହୋଇଛି । କେତେକଙ୍କ ମତରେ ଘୋଡ଼ାକୁ ହତ୍ୟା କରାହୋଇଛି । ଯାହାହେଉ ଏପରି ଜଘନ୍ୟ କାର୍ଯ୍ୟକୁ ସମସ୍ତ କ୍ରୀଡ଼ାପ୍ରେମୀ ନିନ୍ଦାକରିଥିଲେ ଓ ଏପରି ଅଭୂତପୂର୍ବ ଘଟଣାରେ ଘୋର ଉଦବିଗ୍ନ ହୋଇଥିଲେ ।

ରୋମରେ ଅନୁଷ୍ଠିତ ଇଉରୋପୀୟ କ୍ରୀଡ଼ା-ପ୍ରତିଯୋଗିତା ଥରେ ଦେଖିଲୁ । ପୃଥିବୀ-ବିଖ୍ୟାତ ଖେଳାଳିମାନେ ଅନେକ ପୂର୍ବ ରେକର୍ଡ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି କଲେ । ସେମାନଙ୍କୁ ଦେଖିବାର ଅପୂର୍ବ ସୁଯୋଗ ପାଇବାରୁ ସେଦିନ ବଡ଼ ଆନନ୍ଦିତ ହୋଇଥିଲୁ । ତା ଛଡ଼ା ଅଷ୍ଟ୍ରେଲିଆ ମହାଦେଶରେ ହୋଇଥିବା କମନୱେଲ୍‌ଥ କ୍ରୀଡ଼ା-ପ୍ରତିଯୋଗିତା ମଧ୍ୟ ଦେଖିଲୁ । ପ୍ରତିଯୋଗୀ ଦେଶମାନଙ୍କ ମଧ୍ୟରେ ଅଧିକାଂଶ କୃଷ୍ଣାଙ୍ଗ ଲୋକଙ୍କ ଦେଶ । ଭାରତ ଓ ବହୁ ଆଫ୍ରିକୀୟ ଦେଶ ଏଥିରେ ଯୋଗ ଦେଇଥାନ୍ତି । ଶ୍ୱେତାଙ୍ଗ ଲୋକଙ୍କ ଦେଶ ମଧ୍ୟରେ ଥିଲେ କାନାଡ଼ା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଇଂଲଣ୍ଡ, ସ୍କଟଲାଣ୍ଡ ଓ ୱେଲ୍‌ସ । ଏହି କ୍ରୀଡ଼ା-ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ମହାଦେଶର ଖେଳାଳିମାନେ ସବୁଠାରୁ ଅଧିକ ପୁରସ୍କାର ଲାଭ କରିଥିଲେ । ଦୁଃଖର ବିଷୟ, ଭାରତର ସ୍ଥାନ ଏହି କ୍ରୀଡ଼ା-ପ୍ରତିଯୋଗିତାରେ ବହୁତ ତଳେ ଥିଲା । ତା'ପରେ ଥରେ ଦେଖିଲୁ ଏସିଆନ୍ ଗେମ୍‌ସର ଉଦ୍‌ଘାଟନ ଉତ୍ସବ । କ୍ରୀଡ଼ାସ୍ଥଳର ସାଜସଜ୍ଜା ସୁନ୍ଦର ହୋଇଥାଏ । କିନ୍ତୁ ଦୁଃଖର ବିଷୟ, ଯେଉଁ ଚାରି-ପାଞ୍ଚ ମିନଟ୍ ଏହି ଉତ୍ସବ ଦେଖାହୋଇଥିଲା ସେଥିରେ ପ୍ରାଧାନ୍ୟ ଲାଭ କରିଥିଲା ଆନ୍ଦୋଳନକାରୀ ଶିଖମାନଙ୍କର ପ୍ରତିବାଦ ଓ ପୁଲିସର ହସ୍ତକ୍ଷେପ ।

ବ୍ରିଟିଶ ଟେଲିଭିଜନର ଆକର୍ଷଣୀୟ କାର୍ଯ୍ୟସୂଚୀ ମଧ୍ୟରେ ଥାଏ ପଲ ଡାନିଏଲଙ୍କର ମ୍ୟାଜିକ । ସବୁ ଦର୍ଶକଙ୍କୁ ମୁଗ୍ଧକରେ ତାଙ୍କର ଏହି ମ୍ୟାଜିକ ପ୍ରଦର୍ଶନ । ମ୍ୟାଜିକ ଦେଖାଇବା ସମୟରେ ତାଙ୍କର ଭାବଭଙ୍ଗୀ ଦେଖିଲେ କୌଣସି ଲୋକ ନ ହସି ରହିପାରିବ ନାହିଁ । ମାଇକେଲ ୟାରଉଡ଼ଙ୍କର କ୍ୟାରିକେଚର ବା ଅନୁକରଣ ଦେଖିଲେ ଆଶ୍ଚର୍ଯ୍ୟ-ଲାଗେ । ଏପରି ଅନୁକରଣ ମୁଁ ପୂର୍ବରୁ କେବେ ଦେଖିନଥିଲି । ତାଙ୍କର ପ୍ରେସିଡେଣ୍ଟ ରିଗାନ ଓ ଯୁବରାଜ ଚାର୍ଲସଙ୍କୁ ଅନୁକରଣ ସବୁଠାରୁ ଭଲ ଲାଗିଥିଲା । ତା ଛଡ଼ା ଇଂଲଣ୍ଡର ବିଭିନ୍ନ ରାଜନୀତଜ୍ଞମାନଙ୍କୁ ମଧ୍ୟ ସେ ସୁନ୍ଦର ଭାବରେ ଅନୁକରଣ କରିଥାନ୍ତି । ତାଙ୍କର ଅନୁକରଣ ଏତେ ନିଖୁଣ ଯେ କିୟତ୍ ମୁହୂର୍ତ୍ତ ପାଇଁ ଦର୍ଶକଙ୍କ ମନେ ହେବ ତାଙ୍କ ଆଗରେ ରିଗାନ୍, ଯୁବରାଜ ଚାର୍ଲସ ପ୍ରଭୃତି ସଶରୀରରେ ଉପସ୍ଥିତ ହୋଇ ତାଙ୍କର ବକ୍ତୃତା ଦେଉଛନ୍ତି । କେତେଥର ଟେଲିଭିଜନରେ ବାରବାରା ଉଡ଼ହାଉସ୍ କୁକୁରମାନଙ୍କୁ ଶିକ୍ଷା ଦେବାର ଦେଖିଛି । ଅନେକଗୁଡ଼ିଏ ବିଭିନ୍ନ ଜାତିର କୁକୁରଙ୍କୁ ଏହି ମହିଳା ଶିକ୍ଷାଦେବା ଦୃଶ୍ୟ ଟେଲିଭିଜନରେ ଦେଖିଲେ ଯେକୌଣସି ବ୍ୟକ୍ତି ଏ ମହିଳାଙ୍କୁ ତାଙ୍କର କୌଶଳ ପାଇଁ ପ୍ରଶଂସା ନକରି ରହିପାରିବ ନାହିଁ । ଯଦି କୌଣସି କୁକୁର ଉଗ୍ର ପ୍ରକୃତିର ହୋଇଥାଏ କିମ୍ବା ଲୋକମାନଙ୍କୁ ଦେଖି ଭୟକରୁଥାଏ, ସେପରି କ୍ଷେତ୍ରରେ ଏହି ମହିଳା ସୁନ୍ଦର ଭାବରେ କୁକୁରର ମନ ପରିବର୍ତ୍ତନ କରି ତାକୁ ଭଲ ଆଚରଣ ଶିଖାଇବାର ଦେଖିଲୁ । ଇଂଲଣ୍ଡରେ କୁକୁରକୁ ଏପରି ଶିକ୍ଷା ଦେବାକୁ ସମସ୍ତେ ଚାହାନ୍ତି । ଏଥିପାଇଁ ଅନେକ ଜାଗାରେ ଟ୍ରେନିଂ ସ୍କୁଲ ମଧ୍ୟ ଅଛି । ତେଣୁ ଟେଲିଭିଜନରେ କୁକୁରକୁ ଶିକ୍ଷା ଦେବା କାର୍ଯ୍ୟକ୍ରମ ଅନେକେ ଆଗ୍ରହର ସହିତ ଦେଖନ୍ତି । କେତେକ କୁକୁରଙ୍କୁ ପଥପ୍ରଦର୍ଶକ ଭାବରେ କାର୍ଯ୍ୟ କରିବାକୁ ଶିକ୍ଷା ଦିଆହୋଇଥାଏ । ଅନ୍ଧ ବ୍ୟକ୍ତିମାନେ ପୋଷ୍ଟଅଫିସକୁ, ବଜାରକୁ ଓ ଅନ୍ୟ କେତେକ ଦରକାରୀ ସ୍ଥାନକୁ ଗଲାବେଳେ ଏହି କୁକୁରମାନେ ସେମାନଙ୍କର ପଥପ୍ରଦର୍ଶକ ହୋଇଥାଆନ୍ତି ।

ଏହି ଭଦ୍ରମହିଳା ବଡ଼ ବଡ଼ ଘୋଡ଼ାମାନଙ୍କୁ ମଧ୍ଯ ନିଜର ଅନ୍ତର୍ନିହିତ ଶକ୍ତିଦ୍ୱାରା ସୁନ୍ଦର ଭାବରେ ଶିକ୍ଷା ଦେବା ଟେଲିଭିଜନରେ ଅନେକ ଥର ଦେଖିଲୁ । ଏ ଦେଶରେ ଗୃହପାଳିତ ପଶୁପକ୍ଷୀଙ୍କର ଯତ୍ନ ଯେପରି ନିଆଯାଏ, ତାହା ଆଶ୍ଚର୍ଯ୍ୟଜନକ । କୁକୁର-ବିରାଡ଼ିଙ୍କର ଖାଦ୍ୟ ବିଷୟରେ ବିଜ୍ଞାପନ ଟେଲିଭିଜନରେ ବହୁବାର ଦେଖିବାର ଅଦ୍ୟାବଧି ମନେଅଛି । ମିଷ୍ଟର ଡଗ ଓ କିଟକ୍ୟାଟ କୁକୁର ଓ ବିରାଡ଼ିଙ୍କର ପ୍ରିୟ ଖାଦ୍ୟ ବୋଲି ବିଜ୍ଞାପନରେ ଦେଖିଛୁ । ମନୁଷ୍ୟଙ୍କର ବଳକା କିମ୍ବା ଅଇଁଠା ଖାଦ୍ୟ ସେମାନଙ୍କୁ ଦିଆହୁଏ ନାହିଁ । ସେମାନଙ୍କୁ ବହୁ ଗବେଷଣା ପରେ ଆବିଷ୍କୃତ ପୁଷ୍ଟିକର ଖାଦ୍ୟ ସବୁବେଳେ ଦିଆଯାଏ । ଟେଲିଭିଜନରେ କୌତୂହଳର ସହିତ ଆଲୋଚନା ଶୁଣିଛୁ କୁକୁର, ବିରାଡ଼ି ଓ ପକ୍ଷୀମାନଙ୍କର ଓଜନ କମାଇବା ପାଇଁ କି ଖାଦ୍ୟ ଦରକାର । ସେମାନଙ୍କୁ ଠିକ୍ ସାଧାରଣ ମନୁଷ୍ୟ ପରି ବ୍ୟବହାର କରିବାର ମୁଁ ଏଠାରେ ଦେଖିଛି ।

ପୃଥିବୀର ବିଭିନ୍ନ ଦେଶରେ ସୁନ୍ଦରୀ ବାଳିକାମାନଙ୍କର ପ୍ରତିଯୋଗିତା କେତେ ବର୍ଷ ହେଲି ଅନୁଷ୍ଠିତ ହୋଇଆସୁଛି । ତା ଛଡ଼ା ଆନ୍ତର୍ଜାତିକ କ୍ଷେତ୍ରରେ ବିଶ୍ୱସୁନ୍ଦରୀ ପ୍ରତିଯୋଗିତା ମଧ୍ୟ ପ୍ରତିବର୍ଷ ହୁଏ । ୧୯୮୬ ସାଲ ଜୁଲାଇ ୩୧ ତାରିଖ ଦିନ ବିଶ୍ୱ-ସୁନ୍ଦରୀ ପ୍ରତିଯୋଗିତା ବ୍ରିଟିଶ ଟେଲିଭିଜନରେ ପରିବେଷଣ କରାହୋଇଥିଲା । ଏପରି ପ୍ରତିଯୋଗିତା ମୁଁ ପ୍ରଥମ ଥର ପାଇଁ ଦେଖିଲି । ପୃଥିବୀର ସବୁ ଦେଶର ରୂପସୀ ଯୁବତୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଲେ । ଶରୀରଗଠନ ଓ ସୌନ୍ଦର୍ଯ୍ୟ ସହିତ ବ୍ୟକ୍ତିତ୍ୱ ଓ ସାକ୍ଷାତବେଳେ କଥା କହିବାର ଗୁରୁତ୍ୱ ମଧ୍ୟ ଏହି ପ୍ରତିଯୋଗିତାରେ ବିଚାର କରାହୋଇଥାଏ । ଏହି ରୂପସୀମାନେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧି ବିଚାରକମଣ୍ଡଳୀଙ୍କ ସମ୍ମୁଖରେ ଠିଆ ହୋଇ ଯଥାଯଥ ଭାବରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଥାନ୍ତି । ତିନି ଘଣ୍ଟାବ୍ୟାପୀ ବଡ଼ ଚିତ୍ତାକର୍ଷକ କାର୍ଯ୍ୟସୂଚୀ । ଏହି ପ୍ରତିଯୋଗିତାରେ କାନାଡ଼ା-ସୁନ୍ଦରୀ ବିଶ୍ୱସୁନ୍ଦରୀ ଆଖ୍ୟା ପାଇଲେ । ପୂର୍ବ ବର୍ଷରେ ବିଶ୍ୱସୁନ୍ଦରୀ ଆଖ୍ୟା ଲାଭ କରିଥିବା ତରୁଣୀ ତାଙ୍କ ମୁଣ୍ଡରେ ଗୋଟିଏ ମୁକୁଟ ପିନ୍ଧାଇଦେଲେ । ଗୁଆନା ଦେଶର ପ୍ରତିନିଧିତ୍ୱ କରୁଥିବା ପ୍ରାର୍ଥିନୀ ଏ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଓ ଗ୍ରୀସ-ସୁନ୍ଦରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ସନ୍ଧ୍ୟା ୭-୩୦ରେ ବ୍ରିଟିଶ ଟେଲିଭିଜନରେ ଟପ୍ ଅଫ୍ ଦି ପପ୍ସ୍ (Top of the Pops) ନାମରେ ଗୋଟିଏ ଜନପ୍ରିୟ ସଙ୍ଗୀତ-କାର୍ଯ୍ୟସୂଚୀ ମଧ୍ୟ ଥାଏ । ଏଥିରେ ପୃଥିବୀର ସର୍ବଜନ ଆଦୃତ ସଙ୍ଗୀତ ଓ ନୃତ୍ୟମାନ ପରିବେଷଣ କରାହୁଏ । ଏହି ସଙ୍ଗୀତ ଓ ନୃତ୍ୟ ପରିବେଷଣ କଲାବେଳେ ସେ ସ୍ଥାନରେ ଲୋକଙ୍କ ଆଗ୍ରହ ଦେଖିଲେ, ମନେହୁଏ, ଆଧୁନିକ ଯୁଗରେ ସେମାନଙ୍କର ଲୋକପ୍ରିୟତା ବିଶିଷ୍ଟ ରାଜନୀତିଜ୍ଞ ଓ ଦେଶସେବୀମାନଙ୍କଠାରୁ ବି ବେଶୀ ।

ସକାଳବେଳା ବିଶ୍ୱବିଦ୍ୟାଳୟରେ ଯେଉଁମାନେ ବିଧିବଦ୍ଧ ଭାବରେ ପଢ଼ନ୍ତି ନାହିଁ ସେମାନଙ୍କ ପାଇଁ ଓପନ୍ ଇଉନିଭର୍ସିଟି (Open University) କାର୍ଯ୍ୟସୂଚୀ ଥାଏ । ପ୍ରତ୍ୟେକ ଦିନ ଟେଲିଭିଜନ ଜରିଆରେ ଜଣେ ପ୍ରଖ୍ୟାତ ଅଧ୍ୟାପକ ତାଙ୍କ ପାଠ୍ୟ ବିଷୟରେ ଶିକ୍ଷା ଦିଅନ୍ତି । ତାଙ୍କର ଧାରାବାହିକ ବକ୍ତୃତା ଶୁଣି ଛାତ୍ରଛାତ୍ରୀମାନେ ଘରେ ବସି ମଧ୍ୟ ଜ୍ଞାନ ଅର୍ଜନ କରିପାରନ୍ତି । ଏପରି ପ୍ରତ୍ୟକ୍ଷ ଶିକ୍ଷାଦାନ ଛଡ଼ା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା ବଡ଼ ଚିତ୍ତାକର୍ଷକ ହୋଇଥାଏ । ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଏହି ପ୍ରଶ୍ନୋତ୍ତର ପ୍ରତିଯୋଗିତାର ଦାୟିତ୍ୱରେ ଥାଆନ୍ତି । ପ୍ରତିଯୋଗିତା ସମୟରେ ପ୍ରତି ମୁହୂର୍ତ୍ତରେ ପ୍ରତି ଦଳର କୃତିତ୍ୱସୂଚକ ନମ୍ବର ସବୁ ଯନ୍ତ୍ର ଓ ଆଲୋକ ସାହାଯ୍ୟରେ ଦେଖାଇବା ଦ୍ୱାରା ସମସ୍ତଙ୍କର ଏଥିପ୍ରତି ଆଗ୍ରହ ବୃଦ୍ଧି ପାଏ । ତା ଛଡ଼ା ଶେଷରେ ଥାଏ ଆକର୍ଷଣୀୟ ପୁରସ୍କାର ପ୍ରଦାନ । ଏସବୁ ମାଧ୍ୟମରେ ସେଠାକାର ଛାତ୍ରଛାତ୍ରୀମାନଙ୍କର ଜ୍ଞାନଲାଭ ସହଜ ଓ ଉପଭୋଗ୍ୟ ହୋଇଥାଏ ।

ଇଂଲଣ୍ଡ ଓ ଓ୍ୱେଲ୍ସରେ ଦୌରାଜଜ୍‌ମାନେ ଫୌଜଦାରୀ ମକଦ୍ଦମା ବିଚାର କରିବା ପାଇଁ ବିଭିନ୍ନ ପ୍ରାଦେଶିକ କେନ୍ଦ୍ରକୁ ଯାଇଥାନ୍ତି । ଏପରି ବିଚାରାଳୟକୁ କ୍ରାଉନ୍ କୋର୍ଟ

ବୁଝାଯାଏ । ଏହି କ୍ରାଉନ୍ କୋର୍ଟମାନଙ୍କରେ ଜୁରିମାନଙ୍କ ମତ ନେଇ ଜଜ୍ ଆସାମୀ ଦୋଷୀ କି ନିର୍ଦ୍ଦୋଷ ସ୍ଥିର କରିଥାଆନ୍ତି । ଏହି ଜୁରିମାନେ ସ୍ଥାନୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ନିଯୁକ୍ତ ହୋଇଥାଆନ୍ତି । ମଙ୍ଗଳବାର, ବୁଧବାର ଓ ଗୁରୁବାର ଦିନ ଖରାବେଳେ କ୍ରାଉନ୍ କୋର୍ଟ୍ (Crown Court) ନାମରେ ଗୋଟିଏ ଆକର୍ଷଣୀୟ କାର୍ଯ୍ୟକ୍ରମ ଟେଲିଭିଜନରେ ପରିବେଷଣ କରାଯାଇଥାଏ । ମକଦ୍ଦମାରେ ଥିବା ବ୍ୟକ୍ତିମାନେ କାଳ୍ପନିକ; କିନ୍ତୁ ସମାଜର ବାସ୍ତବ ସମସ୍ୟାକୁ ନେଇ ଏହି ମକଦ୍ଦମାଦିକୁ ଚିତ୍ର ଆକାରରେ ପରିବେଷଣ କରା-ହୋଇଥାଏ । ଏହି ଚିତ୍ରରେ ବିଚାରପତି, ଜୁରିବୃନ୍ଦ, ଉଭୟ ପକ୍ଷର ଓକିଲ, ସାକ୍ଷୀ ଓ ଆସାମୀ ଥାଇ ଗୋଟିଏ ବିଚାରାଳୟର ନିଖୁଣ ଚିତ୍ର ଦର୍ଶକଙ୍କୁ ଦିଆଯାଇଥାଏ । ଉଭୟ ପକ୍ଷ ଓକିଲଙ୍କର ଯୁକ୍ତି, ଆସାମୀମାନଙ୍କର ଉତ୍ତର ପ୍ରଦାନ ଓ ସେମାନଙ୍କୁ ଉଭୟ ପକ୍ଷର ଓକିଲମାନଙ୍କର ଜେରା ବଡ଼ ଚିତ୍ତାକର୍ଷକ ହୋଇଥାଏ । ଆମ୍ଭେମାନେ ସେଠାରେ ଥିବା ସମୟରେ ନିୟମିତ ଭାବରେ ଏ କାର୍ଯ୍ୟକ୍ରମ ଦେଖୁଥିଲୁ । ଥରେ ଜାତିଗତ ବିଦ୍ୱେଷ ହେତୁ ଘରପୋଡ଼ି ମକଦ୍ଦମା ପରିବେଷଣ କରାହୋଇଥିଲା । ଏ ମକଦ୍ଦମା କାଳ୍ପନିକ ହେଲେ ବି ବିଚାରାଳୟର ଦୃଶ୍ୟ ଏତେ ବାସ୍ତବ ଥିଲା ଯେ ଏ କାର୍ଯ୍ୟକ୍ରମ ଦ୍ୱାରା ଆମେ ସମସ୍ତେ ଆକୃଷ୍ଟ ହୋଇଥିଲୁ ।

ମଧୁର ଜାଫ୍ରି (Madhur Jeffrey) ନାମ୍ନୀ ଜଣେ ଭାରତୀୟ ମହିଳା ଏଠାରେ ଭାରତୀୟ ଖାଦ୍ୟରନ୍ଧା ବିଷୟରେ ସନ୍ଧ୍ୟାରେ ଅନେକ ଦିନ ପର୍ଯ୍ୟନ୍ତ ଶିକ୍ଷା ଦେଇଥିଲେ । ଏହି ସୁଶ୍ରୀ ମହିଳା ସ୍ଥାନୀୟ ଲୋକଙ୍କ ପରି ସୁନ୍ଦର ଭାଷାରେ ଭଲଭାବରେ ବୁଝାଇ ପ୍ରତ୍ୟେକ ରନ୍ଧା ବିଷୟରେ କହୁଥିଲେ । ଇଂଲଣ୍ଡରେ ଆଜିକାଲି ଅନେକ ଇଂରେଜ ପରିବାର ଭାରତୀୟ ରନ୍ଧା ବିଷୟ ଜାଣିବାକୁ ଆଗ୍ରହୀ । ତେଣୁ ଏହି କାର୍ଯ୍ୟକ୍ରମ ଅନେକେ ଆଗ୍ରହର ସହିତ ଶୁଣୁଥିଲେ । ପରେ ଭାରତୀୟ ରନ୍ଧା ବିଷୟରେ ଲିଖିତ ତାଙ୍କର ବହି ପ୍ରକାଶ ପାଇଥିଲା । ଏହା ସେ ସମୟରେ ପ୍ରକାଶିତ ପୁସ୍ତକ ମଧ୍ୟରେ ଗୋଟିଏ ସବୁଠାରୁ ଜନପ୍ରିୟ ପୁସ୍ତକ ଭାବରେ ଗଣ୍ୟ ହୋଇଥିଲା ଓ ବହୁ ସଂଖ୍ୟାରେ ବିକ୍ରି ହୋଇଥିଲା । ଆମ୍ଭେମାନେ ଏହି କାର୍ଯ୍ୟକ୍ରମ ଦେଖିଲାବେଳେ ଆମକୁ ବଡ଼ ମଜା ଲାଗୁଥିଲା । ବାଇଗଣଭଜା, ପରଟା, ପୁରି ପ୍ରଭୃତି ସାଧାରଣ ଭାରତୀୟ ଖାଦ୍ୟ ପ୍ରସ୍ତୁତ କରିବା ବିଷୟରେ ବୁଝାଇଲାବେଳେ ମଧ୍ୟ ସେ ବୈଜ୍ଞାନିକ ଭାବରେ କେତେ ଓଜନର ଜିନିଷ ବ୍ୟବହାର କରାହେବ, କେତେ ମିନିଟ୍ ରନ୍ଧା ହେବ ଇତ୍ୟାଦି କହି ରାନ୍ଧିବା ପ୍ରଣାଳୀ ବିଷୟରେ ବୁଝାଉଥାନ୍ତି ।

ବନ୍ୟଜନ୍ତୁମାନଙ୍କ ବିଷୟରେ କେତେ ସୁନ୍ଦର ଚିତ୍ର ଦେଖିଛୁ । ସି-ଲାୟନ, ବାଘ ଇତ୍ୟାଦି ବଡ଼ ବଡ଼ ବନ୍ୟଜନ୍ତୁଙ୍କ ବିଷୟ ଛଡ଼ା କେତେ ଛୋଟ ଛୋଟ ଚଢ଼େଇ ଓ ପ୍ରଜାପତିମାନଙ୍କ ବିଷୟରେ ମଧ୍ୟ ସୁନ୍ଦର ସୁନ୍ଦର ଚିତ୍ର ଟେଲିଭିଜନରେ ପ୍ରଦର୍ଶିତ ହୋଇଥାଏ ।

ତା ଛଡ଼ା ଛୁଟିରେ ବିଭିନ୍ନ ଦେଶକୁ ଭ୍ରମଣରେ ଯିବା ବିଷୟରେ କେତେ ଆକର୍ଷଣୀୟ ଚିତ୍ର ବ୍ରିଟିଶ ଟେଲିଭିଜନରେ ଦେଖିଲୁ । ଇଟାଲୀ, ଗ୍ରୀସ୍ ଓ ସୁଇଜର୍‌ଲାଣ୍ଡ ବିଷୟରେ କେତେ ସୁନ୍ଦର ସୁନ୍ଦର ଛବି ଦେଖିଛୁ । ତା ଛଡ଼ା ମଧ୍ୟ-ପ୍ରାଚ୍ୟ, ଜାପାନ ପ୍ରଭୃତି ଦେଶମାନଙ୍କ

ବିଷୟରେ କେତେ ଛବି···ଏସବୁ ମୋର ମନରେ ଅଭୁଲା ସ୍ମୃତି ହୋଇ ରହିଛି । ଏସବୁ ଚିତ୍ରରେ ଉଡ଼ାଜାହାଜ-ଯାତ୍ରୀ ସାଙ୍ଗକୁ ଜାହାଜରେ ସମୁଦ୍ରଯାତ୍ରାର କେତେ ଆକର୍ଷଣୀୟ ଛବି ଦେଖିଲୁ । ଏସବୁ ଚିତ୍ରରେ ଯାତ୍ରୀ ବ୍ୟବସାୟ କରୁଥିବା କମ୍ପାନୀମାନଙ୍କ ବିଷୟରେ ମଧ୍ୟ ବିଶଦ ବିବରଣୀ ଦିଆହୋଇଥାଏ । ଏହି ଚିତ୍ରମାନ ଦେଖିଲେ ବିଦେଶ ଭ୍ରମଣ ବିଷୟରେ ସମ୍ୟକ୍ ଜ୍ଞାନ ହେବା ସଙ୍ଗେ ସଙ୍ଗେ ସେ ସ୍ଥାନମାନଙ୍କୁ ଯିବା ପାଇଁ ପ୍ରବଳ ଇଚ୍ଛା ମଧ୍ୟ ଜାତ ହେବ ।

ବ୍ରିଟିଶ ଟେଲିଭିଜନରେ ସବୁ କାର୍ଯ୍ୟକ୍ରମ ମଧ୍ୟରେ ବିଶେଷ ଆକର୍ଷଣୀୟ ଥିଲା ବିଭିନ୍ନ ଫିଲ୍ମ ପରିବେଷଣ । ଇଂଲଣ୍ଡରେ ଥିବା ସମୟରେ ପ୍ରତିଷ୍ଠିତ ଲେଖକଙ୍କ ଲେଖା ଉପରେ ପର୍ଯ୍ୟବସିତ ବହୁ ଫିଲ୍ମ ଦେଖିବାର ସୁଯୋଗ ପାଇଥିଲୁ । ଭାରତରେ ମାତ୍ର ବର୍ଷେ ମଧ୍ୟରେ ଏତେଗୁଡ଼ିଏ ସୁନ୍ଦର ଫିଲ୍ମ ଦେଖିବା ସମ୍ଭବ ହୋଇନଥାନ୍ତା ।

୧୯୮୨ ଜୁଲାଇ ୩୧ ତାରିଖ ଦିନ ପ୍ରସିଦ୍ଧ ଲେଖକଙ୍କ ଲେଖା ଉପରେ ଆଧାରିତ ଦୁଇ ଗୋଟି ଫିଲ୍ମ ଦେଖିଲୁ : ଗୋଟିଏ କ୍ରୋନିନଙ୍କ ଲିଖିତ The Spanish Gardener; ଅନ୍ୟଟି ପ୍ରସିଦ୍ଧ ଇଂରେଜ ଔପନ୍ୟାସିକ ଡିକେନ୍ସଙ୍କର A Tale of Two Cities । ଶେଷୋକ୍ତ ଉପନ୍ୟାସରେ ଅଛି ଫ୍ରାନ୍ସର ବିପ୍ଳବକାଳୀନ ଚିତ୍ର । ତଦାନୀନ୍ତନ ଶାସକମାନଙ୍କର ନିରୀହ ନାଗରିକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଡିକ୍ଟର ମାନେଟ୍ଙ୍କ କାରା-ଜୀବନରେ ପ୍ରତିଫଳିତ । 'ମ୍ୟାଡାମ ଡିଫାର୍ଜେ' ଏହି ସମୟର ବିପ୍ଳବୀ-ମାନଙ୍କର ଅବିକଳ ରୂପ ନେଇ ଚିତ୍ରିତ । ସର୍ବୋପରି ଏହି ଉପନ୍ୟାସରେ ବନ୍ଧୁ ପାଇଁ ସିଡନି କାର୍ଟନଙ୍କର କାରାବରଣ ଓ ଜୀବନୋତ୍ସର୍ଗ ଏହି ଉପନ୍ୟାସକୁ ଚିରସ୍ମରଣୀୟ କରିଛି ।

ଆଉ ଦିନେ ଦେଖିଲୁ 'ହଞ୍ଚବ୍ୟାକ୍ ଅଫ୍ ନଟରଡ୍ୟାମ' ନାମକ ଗୋଟିଏ ସୁନ୍ଦର ଫିଲ୍ମ । ଏହି ଫିଲ୍ମର ପୃଷ୍ଠଭୂମି ପ୍ୟାରିସ ସହର ଓ ପ୍ୟାରିସର ପ୍ରସିଦ୍ଧ ଗିର୍ଜା ନଟରଡେମ । ଅଳ୍ପ ଦିନ ପୂର୍ବରୁ ପ୍ୟାରିସ ଦେଖିକରି ଫେରିଥିବାରୁ ଏ ଫିଲ୍ମ ଅଧିକ ଆକର୍ଷଣୀୟ ହୋଇଥିଲା । ଏ ଚିତ୍ରରେ ହଞ୍ଚବ୍ୟାକ୍ (Hunchback)ର ଅଭିନୟ ଓ ଉପନ୍ୟାସର ନାୟିକାକୁ ରକ୍ଷାକରିବାପାଇଁ ନିଃସ୍ୱାର୍ଥ ଓ ସାହସିକ ଉଦ୍ୟମ ଆମକୁ ଅଭିଭୂତ କରିଥିଲା ।

ଜେମ୍ସ କ୍ଲାଭେଲଙ୍କ ଉପନ୍ୟାସ 'ସୋଗନ' ଷୋଡ଼ଶ ଶତାବ୍ଦୀର ଜାପାନ ବିଷୟରେ ଲିଖିତ । ଆଜିକାଲିକାର ଜାପାନ ଓ ସେ ସମୟର ଜାପାନ ମଧ୍ୟରେ କେତେ ପାର୍ଥକ୍ୟ । ଏ ଦେଶ ବର୍ତ୍ତମାନ ଶିଳ୍ପୋନ୍ନତ ଦେଶମାନଙ୍କ ମଧ୍ୟରେ ଅଗ୍ରଣୀ । ଏଠାରେ ତିଆରି ମଟରଗାଡ଼ି, ଟେଲିଭିଜନ, ରେଡିଓ, ହାତଘଣ୍ଟାଠାରୁ ଆରମ୍ଭକରି ଯାବତୀୟ ଜିନିଷ ପୃଥିବୀରେ ସର୍ବତ୍ର ଆଦୃତ । ଏହାର ରାଜଧାନୀ ଟୋକିଓ ପୃଥିବୀର ସର୍ବବୃହତ୍ ନଗରୀ । ସେତେବେଳେ ଏହି ଅନୁନ୍ନତ ଦେଶରେ ଥିଲା ସାମନ୍ତବାଦୀ ଶାସନ । ପ୍ରଜାଉତ୍ପୀଡ଼ନ ଓ କୁସଂସ୍କାର ସାମାଜିକ ଜୀବନକୁ ଏକାନ୍ତ ଦୁର୍ବିସହ କରିଥିଲା । ଏହି ଅନୁନ୍ନତ ସମାଜକୁ ଆସିଥିଲେ ବ୍ଲାକଥର୍ଣ୍ଣ ନାମକ ଜଣେ ସାହସୀ ଇଂରେଜ ନାବିକ । ତାଙ୍କର ଜାହାଜ

ସମୁଦ୍ର-ଝଡ଼ରେ ଧ୍ୱଂସ ହେଲା ପରେ ସେ ଏଠାକୁ ଆସିବାକୁ ବାଧ୍ୟ ହୋଇଥିଲେ । ଏଠାରେ ରହିବା ସମୟରେ ତାଙ୍କର ଶୀର୍ଷସ୍ଥାନକୁ ଉଠିବାର କାହାଣୀ ଏ ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ତାହା ସହିତ ମଧ୍ୟ ବର୍ଣ୍ଣିତ ହୋଇଛି ପ୍ରଥମେ ସେ ଭୋଗିଥିବା ନିର୍ଯାତନା; ସେ ସମୟର ଶାସକମାନଙ୍କର ବିଳାସପୂର୍ଣ୍ଣ ଜୀବନ । 'ମେରକୋ' ନାମ୍ନୀ ଏହି ଦେଶର ଜଣେ ରୂପସୀ ନାୟିକା ବ୍ଲାକଅର୍ଣ୍ଣଙ୍କ ପ୍ରତି ପ୍ରେମ ଓ ତାଙ୍କ ପାଇଁ ଜୀବନ ଉତ୍ସର୍ଗ ଚରମ ନିଷ୍ଠୁରତାପୂର୍ଣ୍ଣ ଏହି ଉପନ୍ୟାସକୁ କେତେକାଂଶରେ ସରସ କରିଛି । ଏହି ବୃହଦାକାର ଓ ଉପଭୋଗ୍ୟ ଉପନ୍ୟାସକୁ ଚିତ୍ର ଆକାରରେ ପରିବେଷଣ କରୁଥିଲେ ବ୍ରିଟିଶ ଟେଲିଭିଜନ । ଚିତ୍ରଟି ବଡ଼ ସୁନ୍ଦର ଓ ହୃଦୟସ୍ପର୍ଶୀ । ଜର୍ମାନୀ ଯାଇଥିବାବେଳେ ଶୁଣିଲି ଏ ଉପନ୍ୟାସର ଜର୍ମାନ ଭାଷାନ୍ତର ସେଠିକାର ଟେଲିଭିଜନରେ ପରିବେଷଣ କରାହୋଇଥିଲା ।

୨୦ ତାରିଖ ନଭେମ୍ବର ସନ୍ଧ୍ୟାରେ 'ସୋଗନ' ଚିତ୍ରର ପ୍ରଥମ ଭାଗ ଟେଲିଭିଜନରେ ଦେଖିଥିଲୁ । ସେଦିନ ଅପରାହ୍ଣରେ ଆଉ ଗୋଟିଏ ସୁନ୍ଦର ଚିତ୍ର ମଧ୍ୟ ଦେଖିଲୁ । ଏହି ଚିତ୍ରର ନାମ 'କାଉଣ୍ଟ ଡି-ମଣ୍ଟି କ୍ରିଷ୍ଟୋ' । ଏହା ଫରାସୀ ଲେଖକ ଆଲେକ୍‌ଜାଣ୍ଡର ଡୁମାଙ୍କ ଲିଖିତ ଉପନ୍ୟାସ ଉପରେ ଆଧାରିତ । ଏହାର ନାୟକ ନିର୍ଜନ ଦ୍ୱୀପରେ ଶତ୍ରୁଙ୍କଦ୍ୱାରା କାରାବନ୍ଦ ଥିବା ଅବସ୍ଥାରେ ସେଠାରୁ ପଳାୟନ କରି ନିଜକୁ ରକ୍ଷାକଲେ ଓ ଆକସ୍ମିକ ଭାବରେ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ତାଙ୍କର ଶତ୍ରୁଙ୍କୁ ଉପଯୁକ୍ତ ଶାସ୍ତି ଦେଇଥିଲେ । ଉପନ୍ୟାସରେ ଏହା ରୋମାଞ୍ଚକର ଭାବରେ ବର୍ଣ୍ଣିତ ହୋଇଛି । ଏହି ଚିତ୍ରରେ ମଣ୍ଟିକ୍ରିଷ୍ଟୋଙ୍କ କାରାବାସ ଓ ପରେ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନଯାପନ ସୁନ୍ଦର ଭାବରେ ଚିତ୍ରଣ କରାହୋଇଛି । ଏହି ଲେଖକ ସର୍ବମୋଟ ୯୦ଟି ଉପନ୍ୟାସ ଲେଖିଛନ୍ତି । ତନ୍ମଧ୍ୟରେ ପୂର୍ବୋକ୍ତ ଉପନ୍ୟାସ ଓ The Three Musketeers ବିଶେଷ ଆଦୃତ ।

ଦୁଇଦିନ ପରର କଥା । ସେଦିନ ଟେଲିଭିଜନରେ ଦେଖିଲୁ ଆଉ ଗୋଟିଏ ଆକର୍ଷଣୀୟ ଚିତ୍ର The Prisoner of Zenda । ଏହି ଉପନ୍ୟାସ ୧୮୯୪ ସାଲରେ ଇଂରାଜୀ ଔପନ୍ୟାସିକ ଆଣ୍ଟୋନି ହୋପ୍‌ଙ୍କ ଦ୍ୱାରା ଲିଖିତ । ରୁଡ଼ଲ୍‌ଫ ରାସେଣ୍ଡିଲ ନାମକ ଜଣେ ଇଂରେଜ ପରିବ୍ରାଜକଙ୍କ ବିଷୟରେ ଏହା ଲେଖା । ସେ ରୁରିଟାନିଆ ନାମକ ଦେଶକୁ ପରିଭ୍ରମଣରେ ଆସିଥିଲେ । ସେତେବେଳେ ସେଠକାର ରାଜାଙ୍କର ସିଂହାସନରେ ଅଧିଷ୍ଠିତ ହେବାର ଥାଏ । ତାର ଅବ୍ୟବହିତ ପୂର୍ବରୁ ରାଜାଙ୍କର ଶତ୍ରୁମାନେ ତାଙ୍କୁ ଅତ୍ୟଧିକ ମଦ୍ୟପାନ କରାଇ ଅଜ୍ଞାତ ସ୍ଥାନରେ ବନ୍ଦୀ କଲେ; କିନ୍ତୁ ସେମାନଙ୍କର ଖଳ ଉଦ୍ଦେଶ୍ୟ ପଣ୍ଡ ହେଲା ରାସେଣ୍ଡିଲଙ୍କ ସାହାଯ୍ୟରେ । ଏହି ରାସେଣ୍ଡିଲ ରାଜାଙ୍କ ଭଳି ଅବିକଳ ଦିଶୁଥିବାରୁ ସମସ୍ତଙ୍କର ଅଜ୍ଞାତସାରରେ ରାଜାଙ୍କ ବିଶ୍ୱସ୍ତ ଅନୁଚରଙ୍କଦ୍ୱାରା ତାଙ୍କୁ ରାଜସିଂହାସନରେ ଅଧିଷ୍ଠିତ କରାହେଲା । ପରେ ରାଜାଙ୍କୁ ବନ୍ଦଶାଳାରୁ ମୁକ୍ତ କରା-ହୋଇଥିଲା । ସେ ଆସିଲା ପରେ ରାସେଣ୍ଡିଲ ନିଭୃତରେ ଦେଶ ଛାଡ଼ି ଚାଲିଯାଇଥିଲେ ।

ସିଂହାସନ ଆରୋହଣ ସହିତ ତାଙ୍କର ସ୍ୱାମୀ ରାଣୀଙ୍କ ସହିତ ଦେଖା ଓ ପରେ ତାଙ୍କୁ ପରିତ୍ୟାଗ କରିବା ବଡ଼ ହୃଦୟସ୍ପର୍ଶୀ ହୋଇଛି ।

ଏଠାରେ ଥିବା ସମୟରେ ଆଉ କେତେକ ଚିତ୍ର ମଧ୍ୟ ଦେଖିଲୁ ଯାହାଁ କେତେକ ବହୁ ପ୍ରସିଦ୍ଧ ଉପନ୍ୟାସ ଉପରେ ଭିତ୍ତିକରି ପ୍ରସ୍ତୁତ କରାହୋଇଛି । **The Old Man and the Sea** ଆମେରିକାର ପ୍ରସିଦ୍ଧ ଲେଖକ ହେମିଙ୍ଗଓ୍ୱେଙ୍କ ଦ୍ୱାରା ୧୯୫୨ ସାଲରେ ଲିଖିତ । ଏହି ଉପନ୍ୟାସ ତାହାର କଥାବସ୍ତୁ ପାଇଁ ପ୍ରସିଦ୍ଧ ନୁହେଁ । ଏଥିରେ ଚରିତ୍ରଚିତ୍ରଣ ଉଚ୍ଚକୋଟୀର । ଏହାର ନାୟକ ଜଣେ ବୃଦ୍ଧ ମତ୍ସ୍ୟଜୀବୀ । ଏହି ମତ୍ସ୍ୟଜୀବୀ ଗୋଟିଏ ବିରାଟକାୟ ମାଛକୁ ଧରିବାକୁ ଯାଇ ଦୁଇଦିନକାଳ କପରି ସମୁଦ୍ରରେ କଟାଇ ଶେଷରେ ଅତି କ୍ଳାନ୍ତ ଭାବରେ କୂଳକୁ ଫେରିଲେ, ଏହା ଏହି ଉପନ୍ୟାସର ବିଷୟବସ୍ତୁ । ସମୁଦ୍ରରେ ଥିବା ସମୟରେ ସେହି ମାଛ ସଙ୍ଗରେ କଥୋପକଥନକୁ ଯେକୌଣସି ମନୋବିଜ୍ଞାନବିତ୍ ନିଖୁଣ ଚରିତ୍ରଚିତ୍ରଣ ବୋଲି ଗ୍ରହଣ କରିବେ । ଗୋଟିଏ ବାଳକର ସେହି ବୃଦ୍ଧ ମତ୍ସ୍ୟଜୀବୀଙ୍କ ପ୍ରତି ପ୍ରଗାଢ଼ ସ୍ନେହ ଓ ବାଳସୁଲଭ ସାହାଯ୍ୟ ଏହି ଉପନ୍ୟାସକୁ ଆକର୍ଷଣୀୟ କରିଛି । ଉପରୋକ୍ତ ଚିତ୍ରଟି ଏହି ମହାନ୍ ଉପନ୍ୟାସର ଚିତ୍ତାକର୍ଷକ ରୂପାନ୍ତର ହୋଇଥିବାରୁ ଅତ୍ୟନ୍ତ ଉପଭୋଗ୍ୟ ହୋଇଛି । ଏହି ଲେଖକଙ୍କର **A Farewell to Arms** ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସ । ଲେଖକଙ୍କର ସାହିତ୍ୟିକ ପ୍ରତିଭା ପାଇଁ ତାଙ୍କୁ ୧୯୫୪ ସାଲରେ ନୋବେଲ ପ୍ରାଇଜ ପ୍ରଦାନ କରାହୋଇଥିଲା ।

ଆମେରିକାର ପ୍ରସିଦ୍ଧ ଲେଖକ ଥିଲେ ହର୍ମାନ ମେଲଭିଲ (୧୮୧୯-୧୮୯୧) ପ୍ରଥମେ କିରାଣି ଓ ପରେ ଶିକ୍ଷକତା କରିଥିଲେ । ଶେଷରେ ଶିକ୍ଷକତା ଛାଡ଼ି ଲିଭରପୁଲ୍‌ରେ ଜାହାଜରେ ଖଲାସି ଭାବରେ କାମ କରୁଥିବା ସମୟରେ ସମୁଦ୍ରରେ ତିମିମାଛ ଶିକାର କରିବାକୁ ଯାଉଥିବା ଜାହାଜରେ ସେ ଅନେକ ଥର ସମୁଦ୍ର ଭିତରକୁ ଯାଇଥିଲେ । ଏହି ଅଭିଜ୍ଞତାକୁ ନେଇ ତାଙ୍କର ଶ୍ରେଷ୍ଠ ଉପନ୍ୟାସ 'ମୋବିଡିକ' ୧୮୫୧ ସାଲରେ ଲିଖିତ ହୋଇଥିଲା । ମୋବିଡିକ ନାମକ ଗୋଟିଏ ବିଶାଳକାୟ ତିମିମାଛକୁ ଶିକାର କରିବାକୁ କାପ୍‌ଟେନ ଆହାବଙ୍କର ଆପ୍ରାଣ ଚେଷ୍ଟା ଏହି ଉପନ୍ୟାସରେ ବର୍ଣ୍ଣିତ ହୋଇଛି । ମୋବିଡିକ ଗୋଟିଏ ଧଳାରଙ୍ଗର ତିମିମାଛ । ଧଳା ରଙ୍ଗର ତିମିମାଛ ବିରଳ । ଏହି ତିମିମାଛ ଅତୀତରେ ଆକ୍ରମଣ କରି ଆହାବଙ୍କର ଗୋଟିଏ ଗୋଡ଼କୁ ଖାଇଦେଇଥିଲା । ତାପରେ ଆହାବ ଗୋଟିଏ କାଠଗୋଡ଼ ବ୍ୟବହାର କରୁଥିଲେ । ସେହିଦିନରୁ କିନ୍ତୁ ଏହି ମାଛ ବିରୁଦ୍ଧରେ ତାଙ୍କର ପ୍ରତିହିଂସାଭାବ ଜାଗ୍ରତ ହୋଇଥିଲା ଏବଂ ତାକୁ ହତ୍ୟା କରିବା ପାଇଁ ସେ ପୃଥିବୀର ସମସ୍ତ ସମୁଦ୍ରରେ ଖୋଜିବୁଲିଥିଲେ । ଶେଷରେ ଏହି ବିଶାଳକାୟ ତିମିମାଛ ସଙ୍ଗରେ ତାଙ୍କର ଭେଟ ଓ ପ୍ରବଳ ଯୁଦ୍ଧ ହୁଏ । ଏହି ଯୁଦ୍ଧରେ ଆହାବଙ୍କର ସବୁ ନୌକା ଓ ଜାହାଜ ଧ୍ୱଂସ ହୋଇଥିଲା ଓ ଆହାବଙ୍କ ସହି ତାଙ୍କର ସମସ୍ତ ନାବିକ ନିହତ ହୋଇଥିଲେ; ରକ୍ଷାପାଇଥିଲେ କେବଳ ଜଣେ ମାତ୍ର ନାବିକ । ଲେଖକ ମୋବିଡିକକୁ

ଏହି ଉପନ୍ୟାସରେ ବିନାଶରୂପୀ ଗୋଟିଏ ଦାନବର ଭୂମିକା ଦେଇଛନ୍ତି । ଆହାବ ଓ ତାଙ୍କର ଏହି ମାଛ ସହିତ ସଂଘର୍ଷ ସାଧାରଣ ସଂଘର୍ଷ ପରି ବୋଧହୁଏ ନାହିଁ । ଏହି ମାଛ ପ୍ରତି ଆହାବ ଯେପରି ପ୍ରତିହିଂସାଭାବ ପୋଷଣ କରିଥିଲେ, ଶତ୍ରୁଭାବାପନ୍ନ ମନୁଷ୍ୟ ମଧ୍ୟରେ ସମ୍ଭବ ହୋଇପାରେ । ଗୋଟିଏ ମାଛ ପ୍ରତି ଜଣେ ମନୁଷ୍ୟର ଏପରି ପ୍ରତିହିଂସାଭାବ କେବେ କିନ୍ତୁ ଦେଖାଯାଏ ନାହିଁ । ତେଣୁ ଆହାବଙ୍କର ଅନୁଚରମାନେ ଏପରି ଶତ୍ରୁତାକୁ ବୁଝିପାରୁ ନଥିଲେ ଏବଂ ଏହି ପ୍ରତିହିଂସାମୂଳକ ଅଭିଯାନରୁ ତାଙ୍କୁ କ୍ଷାନ୍ତ ହେବାକୁ ବରାବର ପ୍ରବର୍ତ୍ତାଉଥିଲେ ।

୧୮୨୮ ସାଲରେ ନରୱେରେ ଜନ୍ମଗ୍ରହଣ କରିଥିବା ହେନେରିକ ଇବ୍‌ସେନ୍ ଆଧୁନିକ ନାଟ୍ୟ-ସାହିତ୍ୟର ପ୍ରତିଷ୍ଠାତା । ତାଙ୍କର ଅବଦାନକୁ ଏ ଯୁଗର ଜଣେ ଶ୍ରେଷ୍ଠ ନାଟ୍ୟକାର ଜର୍ଜ ବର୍ଣ୍ଣାଡ଼ ଶ' ସ୍ୱୀକାର କରି ତାଙ୍କ ବିଷୟରେ Quintessence of Ibsenism ନାମକ ଗ୍ରନ୍ଥ ଲେଖିଯାଇଛନ୍ତି । ଇବ୍‌ସେନ୍ ତାଙ୍କର ନାଟକରେ ବ୍ୟଙ୍ଗୋକ୍ତି କରି ଆଧୁନିକ ସମାଜର ସଂସ୍କାର କରିବାକୁ ଚେଷ୍ଟା କରିଥିଲେ । ତାଙ୍କର ନାଟକ କାଳ୍ପନିକ ଗଳ୍ପରେ ନିବଦ୍ଧ ନ ହୋଇ ବାସ୍ତବ ସମାଜର କୌଣସି ଏକ ବିଶିଷ୍ଟ ସମସ୍ୟା ନେଇ ସର୍ବଦା ଲେଖାହୋଇଥାଏ । ଏହା ଆଧୁନିକ ନାଟକମାନଙ୍କର ବୈଶିଷ୍ଟ୍ୟ ଏବଂ ଏହି ଦିଗରେ ନାଟ୍ୟକାରମାନଙ୍କୁ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିଲେ ହେନେରିକ୍ ଇବ୍‌ସେନ୍ । ଏଥିପାଇଁ ତାଙ୍କୁ ଯଥାର୍ଥରେ ଆଧୁନିକ ନାଟ୍ୟସାହିତ୍ୟର ଜନକ ଆଖ୍ୟା ଦିଆହୋଇଥାଏ । A Doll's House ଓ Ghosts ତାଙ୍କର ଶ୍ରେଷ୍ଠ ନାଟକ ମଧ୍ୟରେ ପରିଗଣିତ । ଏହି ନାଟ୍ୟକାର ବ୍ୟକ୍ତିର ଜୀବନ ଉପରେ ସାମାଜିକ କୁସଂସ୍କାରର ପ୍ରଭାବ ବିଷୟରେ ତାଙ୍କ ନାଟକରେ ଲେଖିଯାଇଛନ୍ତି । ବୈବାହିକ ଜୀବନରେ ସ୍ତ୍ରୀର ସ୍ଥାନ ବିଷୟରେ ଏ ନାଟକ-ମାନଙ୍କରେ ସେ ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ନାଟ୍ୟକାରଙ୍କର Doll's House ଦେଖିଲୁ ଫେବୃୟାରି ୨୦ ତାରିଖରେ ।

କ୍ଲେୟାର ବ୍ଲୁମ୍ ଏହି ନାଟକର ନାୟିକା । ତାଙ୍କର ସ୍ୱାମୀଙ୍କ ନାମ ଆଣ୍ଟୋନି ହେଲ୍‌ମର୍ସ । ଆଣ୍ଟୋନି ପୀଡ଼ିତ ଥିବା ସମୟରେ କ୍ଲେୟାର ତାଙ୍କର ଚିକିତ୍ସା ପାଇଁ ପିତାଙ୍କ ଦସ୍ତଖତକୁ ଜାଲ କରି ଡେନହୋମ୍ ଇଲିୟଟ୍‌ଙ୍କଠାରୁ ଋଣ ନେଇଥିଲେ । ଏ ଋଣ ଓ ଜାଲ ଦସ୍ତଖତ ବିଷୟରେ ସେ ତାଙ୍କର ସ୍ୱାମୀଙ୍କୁ ଜଣାଇନଥିଲେ । ହେଲ୍‌ମର୍ସ ଏ ବିଷୟରେ ପରେ ଯେତେବେଳେ ଜାଣିଲେ ସେତେବେଳେ ସେ ରାଗରେ ତାଙ୍କର ସ୍ତ୍ରୀଙ୍କୁ ପ୍ରହାର କରିଥିଲେ । ତାଙ୍କର ଭୟ ଥିଲା ଇଲିୟଟ୍ ତାଙ୍କ ବିରୁଦ୍ଧରେ ଏ ଜାଲ ନୋଟ୍‌କୁ ବ୍ୟବହାର କରିବେ । ଆନ ନାମ୍ନୀ ଜଣେ ମହିଳାଙ୍କୁ କ୍ଲେୟାର ତାଙ୍କ ଦୁର୍ଦ୍ଦିନରେ ସାହାଯ୍ୟ ଦେଇଥିଲେ ଓ ବହୁତ ସହାନୁଭୂତି ଦେଖାଇଥିଲେ । ନାଟକର ଶେଷରେ ଇଲିୟଟ୍ ହେଲ୍‌ମର୍ସଙ୍କୁ କ୍ଲେୟାରଙ୍କର ଜାଲ ନୋଟ ଫେରାଇଦେଲେ ଏହି ଆନଙ୍କର ପରାମର୍ଶ ଓ ପ୍ରେରଣାରେ । ହେଲ୍‌ମର୍ସ ଆଶ୍ୱସ୍ତ ହେଲେ । ତାଙ୍କ ସ୍ତ୍ରୀ କିନ୍ତୁ ତାଙ୍କୁ ଛାଡ଼ି ଚାଲିଗଲେ ।

ଗଲାବେଳେ କହିଗଲେ ତାଙ୍କୁ ତାଙ୍କ ଘର ଗୋଟିଏ କୁଢେଇଘର ପରି ବୋଧ ହେଉଛି; କାରଣ ତାଙ୍କର ସ୍ୱାମୀ ତାଙ୍କୁ ଭଲପାଇବା ସତ୍ତ୍ୱେ ତାଙ୍କର ସେଠି ସ୍ୱାଧୀନତା ନାହିଁ ।

ଇବ୍‌ସନଙ୍କର ଆଉ ଗୋଟିଏ ନାଟକ **Eyolf** ମଧ୍ୟ ଟେଲିଭିଜନରେ ଦେଖିଥିଲୁ । ସେଠି ହେନରିଟା ଓ ତାଙ୍କ ସ୍ୱାମୀ ଆଲ୍‌ଫ୍ରେଡ୍‌ଙ୍କ ମଧ୍ୟରେ ଦର୍ଶାଯାଇଛି ଭୁଲବୁଝାମଣା ଓ ଦ୍ୱନ୍ଦ୍ୱ । ହେନରିଟାଙ୍କର ଅଭିଯୋଗ ଆଲ୍‌ଫ୍ରେଡ୍‌ଙ୍କର ପୁଅ ପ୍ରତି ପ୍ରକୃତ ସ୍ନେହ ନାହିଁ । ତାଙ୍କର ସ୍ନେହ ସ୍ୱତଃପ୍ରବୃତ୍ତ ନୁହେଁ । ଲେଖକ ଜୀବନରେ ନିରାଶ ହୋଇଥିବାରୁ ତାଙ୍କର ସାହିତ୍ୟ ପ୍ରତି ଆସକ୍ତି ପୁତ୍ର-ସ୍ନେହ ରୂପ ଧାରଣ କରିଛି । ତଥାପି ସ୍ତ୍ରୀ ଅବଶ୍ୟ ଚାହାନ୍ତି ନାହିଁ ଯେ ତାଙ୍କ ସ୍ୱାମୀ ତାଙ୍କ ପୁଅକୁ ତାଙ୍କଠାରୁ ଅଧିକ ଭଲପାଆନ୍ତୁ । ଆଲ୍‌ଫ୍ରେଡ୍‌ଙ୍କର ଭଉଣୀ ଇଉଲ୍‌ଫ ପ୍ରତି ପ୍ରଗାଢ଼ ସ୍ନେହ ଆମେ ଏହି ନାଟକରେ ଦେଖିବାକୁ ପାଉ । ଇଉଲ୍‌ଫ ତାଙ୍କର ନିଜ ଭଉଣୀ ନୁହେଁ । ସେ ତାଙ୍କ ମା'ଙ୍କର ଅବୈଧ-ସନ୍ତାନ ଥିବାର ରହସ୍ୟ ପରେ ଜଣାପଡ଼େ । ଏସବୁଥିରୁ ଇବ୍‌ସେନ୍ ଦାମ୍ପତ୍ୟ-ଜୀବନରେ ଅନାବିଲ ପ୍ରେମ ପରିବର୍ତ୍ତିରେ ଯେଉଁ ପ୍ରେମ ଦେଖାଇଛନ୍ତି ତାହା ପଙ୍କିଳ ଓ ଶଠତାପୂର୍ଣ୍ଣ । ଲକ୍ଷ୍ୟ କରିବାର କଥା, ଆଧୁନିକ ଯୁଗର ଲେଖକମାନଙ୍କ ପରି ସେ ବାସ୍ତବତାବାଦୀ ହୋଇଥିବାରୁ ସେକ୍‌ସପିଅରଙ୍କ ନାଟକରେ ଚିତ୍ରିତ ନୈସର୍ଗିକ ପ୍ରେମ ତାଙ୍କ ନାଟକରେ ଦେଖିବାକୁ ମିଳେ ନାହିଁ । ତାଙ୍କର ପ୍ରେମିକମାନେ ବାସ୍ତବ ଦୁନିଆର ଲୋକ । ସେମାନଙ୍କର ପ୍ରେମ ସଂପୂର୍ଣ୍ଣ ନିଃସ୍ୱାର୍ଥପର ନୁହେଁ ।

ଏବେ ଖବରକାଗଜରେ ସବୁବେଳେ ପଢ଼ୁଛୁ ଇସ୍ରାଏଲର କଥା । ଇସ୍ରାଏଲ ଭୂମଧ୍ୟ-ସାଗର ଉପକୂଳରେ ଅବସ୍ଥିତ ଗୋଟିଏ କ୍ଷୁଦ୍ର ଦେଶ । ଏହାର ଆୟତନ ୮,୧୦୦ ବର୍ଗମାଇଲ ଓ ଲୋକସଂଖ୍ୟା ୩୨,୫୨,୦୦୦ । ଏହାର ରାଜଧାନୀ ଜେରୁଜେଲମ୍ । ଲୋକଙ୍କ ଭାଷା ହିବ୍ରୁ ଓ ଧର୍ମ ଜୁଡ଼ାଇଜମ । ଏକ ଈଶ୍ୱର ଓ ସାପ୍ତାହିକ ବିଶ୍ରାମଦିନରେ ବିଶ୍ୱାସ ଥିବା ଏହି ଧର୍ମର ଭିତ୍ତିରେ ଗଢ଼ିଉଠିଛି ପରବର୍ତ୍ତୀ କାଳରେ ଖ୍ରୀଷ୍ଟିୟାନ ଓ ଇସଲାମ ଧର୍ମ । ପ୍ରାର୍ଥନା ସବୁ ହିବ୍ରୁ ଭାଷାରେ ହୁଏ । ଧର୍ମପ୍ରଚାରକଙ୍କୁ ର୍‌ୟାବି କୁହାଯାଏ । ବର୍ତ୍ତମାନର ଇସ୍ରାଏଲ ରାଜ୍ୟ ପୂର୍ବର ପାଲେଷ୍ଟାଇନ ରାଜ୍ୟର ଅଂଶବିଶେଷ । ହିବ୍ରୁମାନେ ଖ୍ରୀଷ୍ଟପୂର୍ବ ୧୦୦୦ ସାଲରେ ଏହି ରାଜ୍ୟ ସ୍ଥାପନ କରିବା ପରେ ପଡ଼ୋଶୀ ରାଜ୍ୟମାନେ ରାଜ୍ୟର ସୀମା ଓ ଅସ୍ତିତ୍ୱ ନେଇ ଏହା ସଙ୍ଗରେ ବିବାଦରେ ଲିପ୍ତ ଥିଲେ । ରୋମଦେଶୀୟ ଲୋକ-ମାନେ ଏହି ରାଜ୍ୟକୁ ଅଧିକାର କରିଥିଲେ ଖ୍ରୀଷ୍ଟପୂର୍ବ ୭୦ ସାଲରୁ ଖ୍ରୀଷ୍ଟାବ୍ଦ ୬୩୬ ସାଲ ପର୍ଯ୍ୟନ୍ତ । ଏହି ରାଜ୍ୟ ଅଟୋମାନ ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା ଖ୍ରୀଷ୍ଟାବ୍ଦ ୧୫୧୭ ସାଲରୁ ୧୯୧୭ ସାଲ ପର୍ଯ୍ୟନ୍ତ । ତା ପରେ ୧୯୨୦ ସାଲରୁ ୧୯୪୮ ସାଲ ପର୍ଯ୍ୟନ୍ତ 'ଲିଗ୍ ଅଫ ନେସନ୍‌ସ' (**League of Nations**) ତରଫରୁ ଏହା ବ୍ରିଟିଶ କର୍ତ୍ତୃତ୍ୱାଧୀନରେ ଥିଲା । ତା ପରେ ଏହା ହେଲା ଏକ ସାର୍ବଭୌମ ରାଜ୍ୟ ଓ ତତ୍‌ସଙ୍ଗେ ଇହୁଦୀମାନଙ୍କ ସ୍ୱତନ୍ତ୍ର ଦେଶ ଗଠନର ବହୁ ଦିନର ସ୍ୱପ୍ନ ସଫଳ ହେଲା ।

କିନ୍ତୁ ଇସ୍ରାଏଲର ଅସ୍ତିତ୍ୱ ଓ ସାର୍ବଭୌମତ୍ୱକୁ ଏପର୍ଯ୍ୟନ୍ତ ଆରବ ଦେଶମାନେ ସ୍ୱୀକାର କରନ୍ତି ନାହିଁ । ଏହି ନୂତନ ଇହୁଦୀ ରାଜ୍ୟ ଗଠନ ପରେ ଏଠି ଆସି ବାସକରିବାକୁ ଲାଗିଲେ ଜର୍ମାନୀ, ରୁଷିଆ ଓ ଅନ୍ୟାନ୍ୟ ଦେଶରୁ ଉତ୍ପୀଡ଼ିତ ବହୁ ଇହୁଦୀ । ହିଟଲର୍‌ଙ୍କଦ୍ୱାରା ଇହୁଦୀଙ୍କର ଗଣହତ୍ୟାର ପଟାନ୍ତର ନାହିଁ । ଜାତିବିଦ୍ୱେଷ କାରଣରୁ ଲକ୍ଷ ଲକ୍ଷ ଇହୁଦୀଙ୍କୁ ନୃଶଂସ ଭାବରେ ବିଷାକ୍ତ ବାଷ୍ପପୂର୍ଣ୍ଣ କୋଠରିରେ ଆବଦ୍ଧକରି କମ୍ବା ଗୁଳିକରି ହତ୍ୟା କରାହୋଇଥିଲା । ଆଡ଼ଲ୍ଫ ଆଇକ୍‌ମ୍ୟାନ୍ ନାମକ ନାଜି ଗୁପ୍ତଚର-ମୁଖ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆଦେଶରେ ଏପରି ନୃଶଂସ ଓ ଜଘନ୍ୟ ଭାବରେ ଇହୁଦୀମାନଙ୍କୁ ହତ୍ୟା-କରାଯାଇଥିଲା । ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀ ପରାସ୍ତ ହେଲା । ଏହା ପରେ ପରେ ଆଇକମ୍ୟାନ ଆର୍ଜେଣ୍ଟିନାକୁ ନିଭୃତରେ ପଳାୟନ କଲେ । ଯୁଦ୍ଧ ଅବସାନ ହେବାର ଦୀର୍ଘ ୧୫ ବର୍ଷ ପରେ ଏହି ନୃଶଂସ ବ୍ୟକ୍ତିଙ୍କୁ ଇହୁଦୀ ଗୁପ୍ତଚରମାନେ ବଳପୂର୍ବକ ଇସ୍ରାଏଲକୁ ନେଇ ଆସିଥିଲେ । ଇସ୍ରାଏଲ ଦେଶରେ ଦୀର୍ଘଦିନଧରି ବିଚାର ପରେ ଆଇକମ୍ୟାନଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ଏହାହିଁ ହେଲା ସେ ଦେଶର ପ୍ରଥମ ମୃତ୍ୟୁଦଣ୍ଡ ।

ଏହି ଅତ୍ୟାଚାରିତ ଜାତିର ଜଣେ ବରେଣ୍ୟ ନେତ୍ରୀ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଗୋଲ୍‌ଡା ମେୟର । ଯେତେବେଳେ ଏହା ସ୍ୱତନ୍ତ୍ର ସାର୍ବଭୌମ ଦେଶ ଭାବରେ ସ୍ୱୀକୃତ ହୋଇ ନ ଥାଏ ସେତେବେଳେ ଯେଉଁ କେତେକ ନେତା ଓ ନେତ୍ରୀ ଅହରହ ଜାତି-ଙ୍ଘରେ ଓ ଅନ୍ୟତ୍ର ଏ ଦେଶର ସ୍ୱୀକୃତି ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ଏହି ମହୀୟସୀ ନାରୀ । ତାଙ୍କର ଜୀବନୀ-ସମ୍ବଳିତ ଏହି ଚିତ୍ରରେ ପ୍ରଥମେ ସ୍ୱେଚ୍ଛାସେବୀ ଶିବିରରେ ଏହି ନେତ୍ରୀଙ୍କର ନିଃସ୍ୱାର୍ଥପର ଦେଶସେବା ପରିବେଷିତ ହୋଇଥିଲା । ତା' ପରେ ତାଙ୍କର ଆମେରିକା ପରିଦର୍ଶନ ଓ ସେଠାରେ ବସବାସ କରୁଥିବା ଇହୁଦୀ ଲୋକଙ୍କଠାରୁ ତାଙ୍କ ଦେଶର ଯୁଦ୍ଧପ୍ରସ୍ତୁତି ପାଇଁ ଅର୍ଥ-ସଂଗ୍ରହ ଚିତ୍ରର ପରବର୍ତ୍ତୀ ବିଷୟବସ୍ତୁ ଥିଲା । ଅର୍ଥ-ସଂଗ୍ରହ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ବେନଗୁରିଅନ୍‌ଙ୍କ ଦ୍ୱାରା ପ୍ରେରିତ ହୋଇ ଗୋଲ୍‌ଡା ମେୟର ଆମେରିକା ଯାଇଥିଲେ । ସେତେବେଳେ ସେ ଆମେରିକାରେ ଯେଉଁ ହୃଦୟସ୍ପର୍ଶୀ ବକ୍ତୃତା ଦେଇଥିଲେ ତାହା ଅବିସ୍ମରଣୀୟ । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଓ ଓଜସ୍ୱିନୀ ବକ୍ତୃତା ହେତୁ ଆମେରିକାରୁ ଗୋଲ୍‌ଡା ମେୟର ବିପୁଳ ଅର୍ଥ ସଂଗ୍ରହ କରିପାରିଥିଲେ ।

ଇସ୍ରାଏଲ ଯୁଦ୍ଧ ସମୟର କଥା । ଯେତେବେଳେ ଇଜିପ୍ଟ ପ୍ରଭୃତି ଆରବ ଦେଶଦ୍ୱାରା ଆକ୍ରାନ୍ତ ହେବାଦ୍ୱାରା ଇସ୍ରାଏଲ ଘୋର ବିପଦର ସମ୍ମୁଖୀନ, ସେତେବେଳେ ସେ ଯାଇଥିଲେ ଜର୍ଡାନକୁ ଛଦ୍ମବେଶରେ ମୁସଲମାନ ଘରର ସ୍ତ୍ରୀ ଭାବରେ ବୁର୍ଖା ଆଚ୍ଛାଦିତ ହୋଇ । ସେଠିକାର ରାଜା ଅବଦୁଲ୍ଲାଙ୍କ ସଙ୍ଗରେ ଦେଖାକରି ନିଭୃତରେ ତାଙ୍କର ସାହାଯ୍ୟ ଲାଭ କରି ସେ ସ୍ୱଦେଶ ଫେରିଆସିଲେ । ଏହିପରି ତାଙ୍କ ଜୀବନର ବହୁ ରୋମାଞ୍ଚକର ଦୃଶ୍ୟ ଦେଖି ଇସ୍ରାଏଲ ଓ ଇସ୍ରାଏଲର ନେତୃବର୍ଗଙ୍କ ବିଷୟରେ ସମ୍ୟକ୍ ଧାରଣା ଲାଭ କଲୁ ।

ରୁଷ ଦେଶର ସୁପ୍ରସିଦ୍ଧ ଲେଖକଙ୍କ ଜୀବନୀ ସମ୍ବଳିତ ଗୋଟିଏ ଚିତ୍ର ମଧ୍ୟ ବ୍ରିଟିଶ ଟେଲିଭିଜନରେ ଦେଖିଥିଲୁ । ଚେକୋଭଙ୍କର ଗଳ୍ପସମୂହ ଓ ତାଙ୍କର 'ଦ ଥ୍ରି ସିଷ୍ଟରର୍ସ' ଓ 'ଦ ଚେରି ଅର୍ଚାର୍ଡ୍' ପ୍ରଭୃତି ନାଟକ ସର୍ବଜନବିଦିତ । ଏହି ଚିତ୍ରରେ ଲେଖକଙ୍କର କ୍ଷୟକାଶ ରୋଗ-ପ୍ରପୀଡ଼ିତ ଜୀବନର କରୁଣ ଚିତ୍ର ସୁନ୍ଦରଭାବରେ ଚିତ୍ରିତ ହୋଇଛି । ତାଙ୍କର ଭଉଣୀ ମାସା ଓ ସ୍ତ୍ରୀ ଓଲଗାଙ୍କ ପ୍ରତି ଲେଖକଙ୍କର ପ୍ରଗାଢ଼ ସ୍ନେହ ଲେଖକ-ଜୀବନର ମହନୀୟତାକୁ ବୃଦ୍ଧି କରିଛି ଅନେକାଂଶରେ । ଓଲଗା ଜଣେ ଅଭିନେତ୍ରୀ ଥିଲେ । ବିବାହ ପୂର୍ବରୁ ଓଲଗାଙ୍କ ପ୍ରତି ପ୍ରେମ ଓ ଡାକ୍ତରଙ୍କର ବାରଣସତ୍ତ୍ୱେ ତାଙ୍କ ସହି ବିବାହ ଓ ତାର ଅଳ୍ପଦିନ ପରେ ଲେଖକଙ୍କର ଶୋଚନୀୟ ମୃତ୍ୟୁ ଏ ଚିତ୍ରରେ ସ୍ପଷ୍ଟଭାବରେ ଦେଖିବାକୁ ମିଳେ । ସେ ସମୟର ରୁଷ ଦେଶର ସମ୍ଭ୍ରାନ୍ତ ବଂଶୀୟ ଲୋକମାନଙ୍କର ଜୀବନପ୍ରଣାଳୀର ନିଖୁଣ ଚିତ୍ର ମଧ୍ୟ ଏଥିରେ ଅଛି ।

ଏଠାରେ ଥିବା ସମୟରେ ଆଉ ଗୋଟିଏ ସୁନ୍ଦର ଚିତ୍ର ଟେଲିଭିଜନରେ ଦେଖିଥିଲୁ । ଏହି ଚିତ୍ରର ନାମ ସିଟାଡେଲ (Citadel) । ଏହା ଏ. ଜେ. କ୍ରୋନିନ (୧୮୯୬-) ନାମକ ସ୍କଟଲାଣ୍ଡର ଜଣେ ପ୍ରଖ୍ୟାତ ଔପନ୍ୟାସିକଙ୍କ ଦ୍ୱାରା ୧୯୩୭ ସାଲରେ ଲିଖିତ ହୋଇଥିଲା । ଏହି ଲେଖକଙ୍କର ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସ 'ହ୍ୟାଟର୍ସ କ୍ୟାଷ୍ଟଲ' ଓ 'ସେନନ୍ସ ୱେ' । ୧୯୩୧ ସାଲରେ 'ହ୍ୟାଟର୍ସ କ୍ୟାଷ୍ଟଲ' ପ୍ରକାଶିତ ହୋଇ ସାଧାରଣରେ ଆଦୃତ ହେବା ପରେ ପରବର୍ତ୍ତୀ କାଳରେ ସେ ଚିକିତ୍ସକ ଜୀବନ ପରିବର୍ତ୍ତିରେ ଲେଖକର ଜୀବନ ଯାପନ କରିଥିଲେ । ଲକ୍ଷ୍ୟ କରିବାର କଥା, ସମାଜ ପ୍ରତି ଦାୟିତ୍ୱବୋଧ ତାଙ୍କ ଉପନ୍ୟାସର ପ୍ରଧାନ ବିଷୟବସ୍ତୁ ଥିଲା ।

'ସିଟାଡେଲ' ଉପନ୍ୟାସରେ ସେ ଜଣେ ଆଦର୍ଶବାଦୀ ତରୁଣ ଡାକ୍ତରଙ୍କ ବିଷୟରେ ଲେଖିଛନ୍ତି । ଏହି ଉପନ୍ୟାସର ନାୟକ ସଦ୍ୟ ପାସ କରିଥିବା ତରୁଣ ଡାକ୍ତର ଆଣ୍ଡ୍ରୁ ମେନ୍‌ସନ । ଖବରକାଗଜରେ ଗୋଟିଏ ବିଜ୍ଞାପନ ପଢ଼ି ସେ ଦରଖାସ୍ତ କଲେ ଜଣେ ସାଧାରଣ ଚିକିତ୍ସକଙ୍କ ସହକାରୀ ପଦପାଇଁ । ଏହି ଗ୍ରେଟ ସ୍ଥାନରେ ୩ ଜଣ ସାଧାରଣ ଚିକିତ୍ସକ ଥାନ୍ତି । ତନ୍ମଧ୍ୟରୁ ଜଣେ ପକ୍ଷାଘାତ ରୋଗପ୍ରପୀଡ଼ିତ ରୋଗୀ । ଆଶ୍ଚର୍ଯ୍ୟର କଥା, ତଥାପି ସେ ଚିକିତ୍ସକ ଦାୟିତ୍ୱରେ ଥାଆନ୍ତି । ସେହି ସ୍ଥାନର ଆଉ ଜଣେ ଚିକିତ୍ସକ ଶରୀର-ବିଜ୍ଞାନ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ତୃତୀୟ ଜଣକ ମେଳାପୀ ହେଲେ ହେଁ ମଦ୍ୟପ ଓ କାର୍ଯ୍ୟରେ ଘୋର ଅବହେଳା କରନ୍ତି । ତାଙ୍କର ସଙ୍ଗରେ ଆଣ୍ଡ୍ରୁ ମେନ୍‌ସନଙ୍କର ବନ୍ଧୁତା ହେଲା । ପକ୍ଷାଘାତ ରୋଗରେ ପୀଡ଼ିତ ସାଧାରଣ ଚିକିତ୍ସକଙ୍କ ସହକାରୀ ଭାବରେ ଆଣ୍ଡ୍ରୁ ମେନ୍‌ସନ ଯୋଗଦେଲେ । ନୂତନ କାର୍ଯ୍ୟରେ ଯୋଗଦେବାବେଳେ ଆଣ୍ଡ୍ରୁ ମେନ୍‌ସନ ଜାଣିନଥିଲେ ଯେ ସେ ସ୍ଥାନରେ ଚିକିତ୍ସାର ଏପରି ଅବ୍ୟବସ୍ଥା । ଯେଉଁ ଡାକ୍ତରଙ୍କ ସହକାରୀ ଭାବରେ କାର୍ଯ୍ୟ କରିବେ, ସେ ଯେ ଶାରୀରିକ ଅକ୍ଷମ ବ୍ୟକ୍ତି ତାହା ମଧ୍ୟ ସେ ଜାଣିନଥିଲେ । ତାଙ୍କର ଏହି ସମୟର ମାନସିକ ଅବସ୍ଥା ସୁନ୍ଦରଭାବରେ ଚିତ୍ରିତ ହୋଇଛି ।

ଏହି ସ୍ଥାନରେ ସହକାରୀ ଚିକିତ୍ସକ ଭାବରେ ଥିବା ସମୟରେ ଆଣ୍ଡ୍ରୁ ମେନ୍‌ସନ ଦେଖିଲେ ଯେଉଁ ପାନୀୟଜଳ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ତାହା ଦୂଷିତ; କାରଣ ପାଣି-ପାଇପ ଅନେକ ଜାଗାରେ ଭଙ୍ଗା । ଏହି କାରଣରୁ ସେ ସମୟରେ ଅନେକ ଟାଇଫଏଡ଼ ରୋଗ ଭୋଗୁଥାନ୍ତି । କର୍ତ୍ତୃପକ୍ଷଙ୍କୁ ନୂଆ ପାଇପ ଲଗାଇବାକୁ ପ୍ରବର୍ତ୍ତାଇ ନପାରି ସେ ପାଇପକୁ ଡାକ୍ତର ମ୍ୟାନ୍‌ସନ ଓ ଶେଷୋକ୍ତ ଚିକିତ୍ସକ ରାତିରେ ନିଭୃତରେ ସଂପୂର୍ଣ୍ଣ ଭାବରେ ଭାଙ୍ଗି ଦେଲେ । ଉଦ୍ଦେଶ୍ୟ ଥିଲା, ତାହେଲେ କର୍ତ୍ତୃପକ୍ଷ ନୂଆ ପାଇପ ବସାଇବେ । ଏହି ଦୃଶ୍ୟ ବଡ଼ ଚିତ୍ତାକର୍ଷକଭାବରେ ପରିବେଷିତ ହୋଇଛି ।

ଏଠାରେ ଥିବା ସମୟରେ ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିବା କ୍ରିଷ୍ଟିନ୍‌ଙ୍କ ସହିତ ଆଣ୍ଡ୍ରୁ ମେନ୍‌ସନଙ୍କ ସ୍କୁଲରେ ଘୋର ବାଦାନୁବାଦ ହେଲା ଗୋଟିଏ ମିଳିମିଳା ଭୋଗୁଥିବା ପିଲାର ସ୍କୁଲକୁ ଆସିବା ନେଇ । କ୍ରିଷ୍ଟିନଙ୍କ ସହିତ ଏହି ପ୍ରଥମ ଥର ଦେଖା ପରେ କ୍ରମଶଃ ତାଙ୍କ ସହିତ ବନ୍ଧୁତା ବୃଦ୍ଧି ପାଇବା ବିଷୟ ସୁନ୍ଦର ଭାବରେ ପ୍ରଦର୍ଶିତ ହୋଇଛି । ଏହି ସ୍ଥାନରେ ରହିବା ସମୟରେ ତାଙ୍କର ସହକର୍ମୀଙ୍କ ଭଉଣୀ ତାଙ୍କୁ ସବୁବେଳେ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ତାଙ୍କ ପୀଡ଼ିତ ଭାଇଙ୍କର ନ୍ୟାଯ୍ୟ ଆୟକୁ ନ ଦେଇ ବୋଧହୁଏ ଆଣ୍ଡ୍ରୁ ମେନ୍‌ସନ ତାକୁ ନିଜେ ନେଇ ଯାଉଛନ୍ତି । ଏସବୁ ପରିସ୍ଥିତିରୁ ରକ୍ଷାପାଇବା ପାଇଁ ଆଣ୍ଡ୍ରୁ ମେନ୍‌ସନ ଶେଷରେ ସେ ସ୍ଥାନ ତ୍ୟାଗକରି ଅନ୍ୟତ୍ର ଚାକିରି କରିବାକୁ ସ୍ଥିର କଲେ । ଯେଉଁଠାରେ ସେ ଚାକିରି ପାଇଲେ, ସେ ଚାକିରିରେ ସର୍ତ୍ତ ଥିଲା ସେ ବିବାହିତ ହେବା ଦରକାର । କ୍ରିଷ୍ଟିନଙ୍କୁ ଡକ୍ଟର ମେନ୍‌ସନ କହିଲେ ଯେ ସାକ୍ଷାତବେଳେ ସେ ବିବାହ କରିବାକୁ ନିକଟରେ ଯାଉଛନ୍ତି ବୋଲି କହିବାରୁ ତାଙ୍କୁ ସେ ଚାକିରି ମିଳିଛି । ଯେତେବେଳେ ସେ କ୍ରିଷ୍ଟିନଙ୍କୁ ଏ ବିଷୟ କହିଲେ କ୍ରିଷ୍ଟିନ ବଡ଼ ଉତ୍‌କ୍ଷିପ୍ତ ହୋଇ ଉଠିଲେ; କାରଣ ସେ ଭାବିଲେ ଯେ ତାଙ୍କୁ ବିବାହ କରିବା ପ୍ରସ୍ତାବ ମୂଳରେ ଏ ଚାକିରି ପାଇବା ଆଶା ଅଛି ।

ଆଣ୍ଡ୍ରୁ ମେନ୍‌ସନ ତାଙ୍କୁ ବୁଝାଇଲେ ଯେ ସେ ତାଙ୍କୁ ପ୍ରଥମ ଦେଖାରୁ ଭଲପାଇ-ଆସିଛନ୍ତି ଓ ବିବାହ କରିବାକୁ ଇଚ୍ଛା କରିଛନ୍ତି । ଏହା ପରେ ସେମାନଙ୍କର ବିବାହ ହେଲା । ଏସବୁ ଦୃଶ୍ୟ ଚିତ୍ରରେ ବଡ଼ ସୁନ୍ଦର ହୋଇଛି । ବିବାହ ପରେ ନାନା ଅଭାବ-ଅସୁବିଧା ସତ୍ତ୍ୱେ ସେମାନେ ଆନନ୍ଦରେ ସମୟ କଟାଉଥିଲେ । କିନ୍ତୁ ଗୋଟିଏ ମଟର ଦୁର୍ଘଟଣାରେ କ୍ରିଷ୍ଟିନଙ୍କର ଆକସ୍ମିକ ମୃତ୍ୟୁ ହେଲା । ତାଙ୍କ ମୃତ୍ୟୁପରେ ଆଣ୍ଡ୍ରୁ ମେନ୍‌ସନଙ୍କ ଜୀବନରେ ଘୋର ପରିବର୍ତ୍ତନ ଆସିଲା । ସେ କୌଣସିଥିରେ ଆଉ ଆନନ୍ଦ ଲାଭ କରି ପାରିଲେ ନାହିଁ । ଜୀବନ ତାଙ୍କୁ ଦୁର୍ବିସହ ଲାଗିଲା । ଏହି ସମୟରେ ତାଙ୍କ ଜୀବନରେ ଗୋଟିଏ ଘୋର ବିପଦ ଦେଖାଦେଲା । ସେ ଜଣେ ଡିଗ୍ରୀ ଲାଭ କରି ନଥିବା ଚିକିତ୍ସକ ସାହାଯ୍ୟରେ କ୍ଷୟକାଶ ରୋଗ କରୁଥିବା ମେରୀ ନାମ୍ନୀ ବାଳିକାକୁ ଅପରେସନ କରି ଶେଷରେ ଭଲକରିଥିଲେ । କିନ୍ତୁ ଏଥିପାଇଁ ତାଙ୍କ ବିରୁଦ୍ଧରେ ମେଡିକାଲ କାଉନ୍‌ସିଲ-

ନିକଟରେ ଆପତ୍ତି ହେଲା; କାରଣ ସେ ବିଜ୍ଞାନସମ୍ମତ ଉପାୟରେ ଚିକିତ୍ସା କରୁନାହାନ୍ତି । ପ୍ରସ୍ତାବ ହେଲା ତାଙ୍କୁ ଚିକିତ୍ସକ ଭାବରେ କାର୍ଯ୍ୟ କରିବାପାଇଁ ଅନୁମତି ନ ଦେବାକୁ । ଶେଷରେ ତାଙ୍କର ଗବେଷଣା ପ୍ରତି ଗଭୀର ଅନୁରାଗ ଓ ରୋଗୀଙ୍କ ସେବାରେ ଆତ୍ମନିୟୋଗ ହେତୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାହେଲା ନାହିଁ ।

'ସିଟାଡେଲ୍' ବାସ୍ତବରେ ଗୋଟିଏ ଆଦର୍ଶବାଦୀ ଡାକ୍ତରଙ୍କ ବିଷୟରେ ଲିଖିତ ଏକ ସୁନ୍ଦର ଉପନ୍ୟାସ । ଏହି ଉପନ୍ୟାସ ଉପରେ ଆଧାରିତ ଚଳଚ୍ଚିତ୍ରଟି ବଡ଼ ଚିତ୍ତାକର୍ଷକ ହୋଇଛି ।

□□□

ଉତ୍କଳ ସଂଘ, ରାଉରକେଲା
ପାଠାଗାର

# ଷଷ୍ଠ ଅଧ୍ୟାୟ

## ୟୁରୋପ ଭ୍ରମଣ

**ଲଣ୍ଡନନଗରୀରେ ଆଉ କେତେ ଦିନ :**

ଜୁଲାଇ ମାସ—ଆମ ଦେଶରେ ବର୍ଷାଦିନ । ଚାରିଆଡ଼େ କାଦୁଅ । ସବୁ ସନ୍ତସନ୍ତିଆ । କିନ୍ତୁ ଏ ସମୟ ଇଂଲଣ୍ଡରେ ଗ୍ରୀଷ୍ମଋତୁ । ଇଂଲଣ୍ଡରେ ଅତ୍ୟଧିକ ଶୀତ ହୁଏ । ଶୀତ ଦିନରେ ବର୍ଷା ମଧ୍ୟ; କିନ୍ତୁ ଗ୍ରୀଷ୍ମଋତୁ ଅତୀବ ଆନନ୍ଦଦାୟକ । ଏହି ସମୟରେ ମେଘୁଆ ପାଗ ପରିବର୍ତ୍ତେ ଦେଖାଦିଏ କଅଁଳିଆ ଖରା । ଏହି ସମୟରେ ଫୁଟେ କେତେ ରଙ୍ଗର ଫୁଲ । ସର୍ବୋପରି ରାସ୍ତାଘାଟରେ ଏ ସମୟରେ ଲାଗିରହେ ଜନସମାଗମ । ସମସ୍ତେ ଏହି ସମୟକୁ ଉପଭୋଗ କରିବାକୁ ଚାହାଁନ୍ତି । ଛୁଟି ନେଇ ସେମାନେ ଯାଆନ୍ତି ଭ୍ରମଣରେ ଦୂରଦୂରାନ୍ତରକୁ । କସ୍‌ମସ୍ ଗୋଟିଏ ବିଖ୍ୟାତ କମ୍ପାନି । ତାଙ୍କରି ଜରିଆରେ ହଲାଣ୍ଡ, ବେଲଜିୟମ, ଲେକସ୍‌ମ୍ବର୍ଗ ଓ ଫ୍ରାନ୍‌ସ ଯିବାକୁ ସ୍ଥିର ହେଲା । ଏ ସବୁ ଦେଶ ଉନ୍ନତ ଓ ସମୃଦ୍ଧିଶାଳୀ; କିନ୍ତୁ ଆୟତନ ଓ ଲୋକସଂଖ୍ୟାରେ କ୍ଷୁଦ୍ର । ଏହି ଶିଳ୍ପୋନ୍ନତ ଦେଶମାନଙ୍କରେ ଯାତାୟାତ କରିବାକୁ ସୁନ୍ଦର ଚଉଡ଼ା ରାସ୍ତା । ଯେଉଁ କୋଚ୍ ବା ବସ୍‌ରେ ଏହି ଦେଶରେ ବୁଲିବାର ପ୍ରସ୍ତାବ ହେଲା, ତାହା ବେଶ୍ ଆରାମଦାୟକ । ତେଣୁ, ଏ ସବୁ ଦେଶକୁ ମାତ୍ର ୬ ଦିନରେ ବୁଲିବାର ବନ୍ଦୋବସ୍ତ ଥିଲେ ମଧ୍ୟ ବସ୍‌ଯାତ୍ରୀଙ୍କୁ କଷ୍ଟ ହୁଏ ନାହିଁ ବୋଲି ଶୁଣିଲୁ । ଭ୍ରମଣରେ ଯିବା ପୂର୍ବରୁ ପ୍ରଥମେ ବିଭିନ୍ନ ଦେଶର ଭିସା ବା ଅନୁମତିପତ୍ର ଯୋଗାଡ଼ କଲୁ । ଇଂଲଣ୍ଡର ଡୋଭରଠାରୁ ଜାହାଜରେ ୟୁରୋପ ଅଭିମୁଖରେ ସମୁଦ୍ରଯାତ୍ରା କରିବା ଜୁଲାଇ ୨୫ ତାରିଖକୁ ସ୍ଥିର ହେଲା । ତେବେ ତା' ପୂର୍ବରୁ ସ୍ଥିର କଲୁ ପ୍ରଥମେ ଲଣ୍ଡନରେ ତିନି ଚାରି ଦିନ ରହି ବିଭିନ୍ନ ସ୍ଥାନ ବୁଲି ଦେଖିବୁ ।

ଲିଭରପୁଲ୍‌ରୁ ଏହି ବିଦେଶଭ୍ରମଣରେ ବାହାରିଲୁ ଜୁଲାଇ ୨୨ ତାରିଖ ଦିନ ସକାଳେ । ପ୍ରଥମେ ଲିଭରପୁଲ୍‌ସ୍ଥିତ ଲାଇମଷ୍ଟ୍ରୀଟ ରେଲୱେ ଷ୍ଟେସନରୁ ଟ୍ରେନରେ ବସି ଲଣ୍ଡନର ଭିକ୍ଟୋରିଆ ଷ୍ଟେସନ ଅଭିମୁଖେ ଯାତ୍ରା କଲୁ । ଇଂଲଣ୍ଡରେ ଏହା ଆମର ପ୍ରଥମ ରେଲଯାତ୍ରା । ଟ୍ରେନକୁ ଆସିବା ପୂର୍ବରୁ ପ୍ଲାଟଫର୍ମରେ ଟିକେଟ କିଣିଲୁ । ଲଣ୍ଡନକୁ ଯିବା-ଆସିବା ପାଇଁ ଟିକେଟ ଜଣକା ୧୧ ପାଉଣ୍ଡ ଅର୍ଥାତ୍ ପ୍ରାୟ ୧୬୬ ଟଙ୍କା ଦେବାକୁ ପଡ଼ିଲା । ଟ୍ରେନକୁ ଯିବା ପାଇଁ ପ୍ଲାଟଫର୍ମରେ ଥାଏ ଗ୍ରେଟ ଫାଟକ । ଫାଟକ ପାଖରେ ଥିବା ମେସିନ ଭିତରେ ଟିକେଟ ପୁରାଇଲେ ପ୍ରତ୍ୟେକ ଯାତ୍ରୀ ପାଇଁ ଫାଟକ ଖୋଲେ ଓ ସେ

ଯାଇସାରଲେ ଫାଟକ ବନ୍ଦ ହୁଏ । ଏଠି ଟିକେଟ କଲେକ୍ଟର ଟିକେଟ ତନଖି କରିବାର ଆବଶ୍ୟକତା ନାହିଁ । ଟ୍ରେନର ଦ୍ୱାର ଯାତ୍ରୀମାନେ ଆସିବାକ୍ଷଣି ଆପେ ଆପେ ଖୋଲିଯାଏ ଓ ପ୍ରବେଶ ପରେ ବନ୍ଦହୋଇଯାଏ ।

ଟ୍ରେନଭିତରକୁ ଆସି ଦେଖିଲୁ ଧାଡ଼ି ଧାଡ଼ି ହୋଇ ଗ୍ରେଟ ଗ୍ରେଟ ଟେବୁଲ । ପ୍ରତ୍ୟେକ ଟେବୁଲକୁ ଲଗି ଚାରିଟା ଲେଖାଏଁ ଚୌକି ଯାତ୍ରୀମାନଙ୍କର ବସିବା ପାଇଁ ପଡ଼ିଛି । ଗୋଟିଏ ଟେବୁଲ ପାଖରେ ଥିବା ଚୌକିରେ ବସିଲୁ । ଟ୍ରେନ ଅଳ୍ପ ସମୟ ଭିତରେ ଚାଲିବାକୁ ଲାଗିଲା । ଇଲେକଟ୍ରିକ ଟ୍ରେନ; ଘଣ୍ଟାରେ ପ୍ରାୟ ୧୦୦ ମାଇଲ ବେଗରେ ଗତିକରେ । ଭିକ୍ଟୋରିଆ ଷ୍ଟେସନକୁ ଗଲାବେଳେ ଅନେକ ସୁଡ଼ଙ୍ଗ ଭିତରଦେଇ ଯିବାକୁ ପଡ଼ିଲା । ସୁଡ଼ଙ୍ଗ ମଧ୍ୟରେ ଟ୍ରେନ ପ୍ରବେଶ କରିବା ସମୟରେ ଅନୁଭବ କଲୁ କାନରେ ଏକପ୍ରକାର ଚାପ; କିନ୍ତୁ ସୁଡ଼ଙ୍ଗ ବାହାରେ ପୁନରାୟ ସ୍ୱାଭାବିକ ଅନୁଭୂତି । କାନରେ ଏହି ଚାପ ବୋଧହୁଏ ଟ୍ରେନର ଗତି ଯୋଗୁ । ଦୁଇ ପାଖରେ ରମଣୀୟ ପଲ୍ଲୀଦୃଶ୍ୟ । ତା ମଧ୍ୟରେ ଅଳ୍ପ କେତେ ମୁହୂର୍ତ୍ତ ପାଇଁ ଦିଶିଯାଉଥାଏ କୌଣସି ଗ୍ରେଟ ସହର; ତନ୍ମଧ୍ୟରେ ଥିବା ଘର ଓ କଳକାରଖାନା । ଏହି ଟ୍ରେନଯାତ୍ରା ଶେଷରେ ଭିକ୍ଟୋରିଆ ଷ୍ଟେସନରୁ ଓହ୍ଲାଇ ଆମର ହୋଟେଲକୁ ଗଲୁ । ହୋଟେଲର ମାଲିକ ଭାରତୀୟ ହୋଇଥିବାରୁ ସେଠାରେ ରହିବାକୁ ଭଲ ଲାଗିଲା । ଲଣ୍ଡନସ୍ଥିତ ଏହି ହୋଟେଲଟି ଦାମିକା ନୁହେଁ । ତଥାପି ଗୋଟିଏ ଗୋଟିଏ କ୍ଷୁଦ୍ର କୋଠରିରେ ରହିବାପାଇଁ ·ଦେବାକୁ ପଡ଼ିଲା ଦୈନିକ ଭାରତୀୟ ମୁଦ୍ରାରେ ପ୍ରାୟ ଟ ୨୫୦ ।

ଟେମସ୍ ନଦୀ କୂଳରେ ଅବସ୍ଥିତ ଲଣ୍ଡନ ସହର ଗ୍ରେଟବ୍ରିଟେନ୍‌ର ରାଜଧାନୀ ଓ ପୃଥିବୀର ବୃହତ୍ତମ ସହରମାନଙ୍କ ମଧ୍ୟରେ ଅନ୍ୟତମ । ନବମ ଶତାବ୍ଦୀରେ ରାଜା ଆଲଫ୍ରେଡ଼ଙ୍କ ରାଜତ୍ୱ ସମୟଠାରୁ ଇଂଲଣ୍ଡରେ ଏହି ସର୍ବବୃହତ୍ ସହର ପ୍ରତିଷ୍ଠିତ । ଏହି ପୁରାତନ ସହରର ଲୋକସଂଖ୍ୟା ବର୍ତ୍ତମାନ ୭୪ ଲକ୍ଷ । ଏଠାରେ ବହୁ ଦର୍ଶନୀୟ ସ୍ଥାନ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ଏତେ ବଡ଼ ସହରକୁ ଦୁଇ-ତିନି ଦିନ ମଧ୍ୟରେ ଦେଖିବା ଅସମ୍ଭବ; ତେଣୁ ଅଳ୍ପ କେତେକ ଦର୍ଶନୀୟ ସ୍ଥାନକୁ ଯିବାକୁ ସ୍ଥିର କଲୁ । ଜଳଯୋଗପରେ କାଳ-ବିଳମ୍ବ ନକରି ପ୍ରଥମେ ଦେଖିବାକୁ ଗଲୁ ମାଡ଼ାମ ଟୁସେଡସ୍ । ଏହା ଗୋଟିଏ ପୁରାତନ ମ୍ୟୁଜିୟମ ଏବଂ ଏଥିରେ ଦେଖିବାକୁ ମିଳେ ଅନେକ ଅପୂର୍ବ ସୁନ୍ଦର ମହମ-ତିଆରି ମୂର୍ତ୍ତି । ମାଡ଼ାମ ଟୁସେଡ ନାମ୍ନୀ ଜଣେ ଫରାସୀ ମହିଳା ଶିଳ୍ପୀ ପ୍ରଥମେ ଏହି ମ୍ୟୁଜିୟମ ପ୍ରତିଷ୍ଠା କରିଥିଲେ । ୧୮୦୨ ସାଲରେ ୪୧ ବର୍ଷ ବୟସରେ ସେ ଫ୍ରାନ୍‌ସରୁ ଇଂଲଣ୍ଡକୁ ଆସିଥିଲେ । ଏଠାକୁ ଆସି ସେ ପ୍ରଥମେ ଇଂଲଣ୍ଡ ଓ ସ୍କଟଲ୍ୟାଣ୍ଡର ବିଭିନ୍ନ ସ୍ଥାନରେ ତାଙ୍କ ନିର୍ମିତ ମୂର୍ତ୍ତିମାନ ଦେଖାଇବା ପାଇଁ ପ୍ରଦର୍ଶନୀମାନ ସଂଗଠିତ କରିଥିଲେ । ତା ପରେ ଲଣ୍ଡନର ବେକର୍ ଷ୍ଟ୍ରୀଟର ଏକ ଗୃହରେ ତାଙ୍କର ମୂର୍ତ୍ତିସବୁ ରହି ପ୍ରଦର୍ଶିତ ହେଉଥିଲା । ୧୮୮୪ ମସିହାରେ ତାଙ୍କର ମୃତ୍ୟୁର ୪ବର୍ଷ ପରେ ଲଣ୍ଡନର ମେରିଲବୋନ ରୋଡସ୍ଥିତ ଏହି

ଭବନରେ ଚିରସ୍ଥାୟୀ ଭାବରେ ଏହି ପ୍ରଦର୍ଶନୀର ଆୟୋଜନ କରିଥିଲେ ତାଙ୍କର ପୁଅ ଓ ନାତିମାନେ ।

ଏହି ଫରାସୀ ମହିଳା ୧୭୬୧ ମସିହାରେ ଫ୍ରାନ୍ସର ଷ୍ଟ୍ରାସବର୍ଗ ସହରରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ତାଙ୍କର ନାମ ଥିଲା ମେରୀ ଗ୍ରସେଲ୍‌ଜ । ତାଙ୍କୁ ଯେତେବେଳେ ମାତ୍ର ୬ବର୍ଷ ସେତେବେଳେ ତାଙ୍କୁ ତାଙ୍କ ମା' ପ୍ୟାରିସ ସହରରେ ଫିଲିପ କୁର୍ଟିଅସ ନାମକ ଶିଳ୍ପୀଙ୍କ ନିକଟରେ ମୂର୍ତ୍ତି ଗଢ଼ିବା ଶିକ୍ଷା କରିବାକୁ ନେଇଥିଲେ । ୧୭୭୮ ସାଲରେ ମାତ୍ର ୧୭ବର୍ଷ ବୟସରେ ମେରୀ ପ୍ରସିଦ୍ଧ ଲେଖକ ଭଲ୍‌ଟାୟରଙ୍କର ମୂର୍ତ୍ତି ନିର୍ମାଣ କରିଥିଲେ । ଏପର୍ଯ୍ୟନ୍ତ ଏହି ସୁନ୍ଦର ମୂର୍ତ୍ତି ସଂରକ୍ଷିତ ଥିବାରୁ ଶିଳ୍ପୀଙ୍କର ପ୍ରତିଭା କିପରି ଏତେ କମ୍ ବୟସରେ ମଧ୍ୟ ପ୍ରସ୍ଫୁଟିତ ହୋଇଥିଲା ତାହାର ପ୍ରମାଣ ମିଳେ । ୧୭୮୯ ସାଲରେ ଫରାସୀ ବିଦ୍ରୋହ ଆରମ୍ଭ ହେଲା । ଡକ୍ଟର କୁର୍ଟିଅସ ବିପ୍ଳବୀ ନେତାଙ୍କର ମୂର୍ତ୍ତି ତିଆରି କରି ତାହା ପ୍ୟାରିସରେ ପ୍ରଦର୍ଶନ କଲେ । ସେହି ସମୟରେ ମେରୀଙ୍କୁ ସଂଗ୍ରହ କରିବାକୁ ପଡ଼ୁଥାଏ ଗିଲୋଟିନ ସାହାଯ୍ୟରେ ହତ୍ୟା କରାଯାଇଥିବା ଲୋକମାନଙ୍କର ମୃତ୍ୟୁକାଳୀନ ମୁଖା । ଏହି ସମୟର ସରକାରଙ୍କୁ ମେରୀ ଆନ୍ତରିକ ଘୃଣା କରୁଥିଲେ । ସେ ମାରାଟ ନାମକ ରାଜତନ୍ତ୍ରବିରୋଧୀ ନେତାଙ୍କୁ ସେହି କାରଣରୁ ହତ୍ୟା କରିଥିଲେ । ଫରାସୀ-ବିଦ୍ରୋହର ଆତଙ୍କରାଜ ସରିଲା ୧୭୯୪ ସାଲରେ । ମେରୀ ୧୭୯୫ ସାଲରେ ଫ୍ରାଙ୍କୋଇସ ଟୁସେଡ଼ଙ୍କୁ ବିବାହ କଲାପରେ ମ୍ୟାଡ଼ାମ ଟୁସେଡ଼ ଭାବରେ ପରିଚିତ ହେଲେ । ବିବାହରେ ଅସୁଖୀ ଓ ଶିଳ୍ପୀଭାବରେ ଫ୍ରାନ୍ସରେ ଅର୍ଥ ଉପାର୍ଜନରେ ଅକ୍ଷମ ମାଡ଼ାମ ଟୁସେଡ଼ ଶେଷରେ ୧୮୦୨ ମସିହାରେ ତାଙ୍କ ସ୍ୱାମୀ ସଙ୍ଗ ଓ ତାଙ୍କର ମାତୃଭୂମି ତ୍ୟାଗକରି ଇଂଲଣ୍ଡକୁ ଆସିଥିଲେ ।

ଟିକେଟ କରିବା ପାଇଁ ମାଡ଼ାମ ଟୁସେଡ଼ସ ଆଗରେ ଲମ୍ବା ଧାଡ଼ି । ଯାହାହେଉ ଜଣକା ପ୍ରାୟ ୫୫୦ ଟିକେଟ୍ ବାବଦ ଦେଇ ମ୍ୟୁଜିୟମ ଭିତରକୁ ଗଲୁ । ପ୍ରଥମେ ସୂଚନା ଗୃହ । ସେଠାରେ ଦେଖିଲୁ ଜଣେ ସୁନ୍ଦର ପୋଷାକ ପିନ୍ଧିଥିବା ବ୍ୟକ୍ତି ଟେବୁଲ ପାଖରେ ଠିଆହୋଇଛନ୍ତି । ପାଖକୁ ଯାଇ କଥା କହିବାକୁ ଇଚ୍ଛା ହେଲା । ନାନା ବିଷୟରେ ମନରେ ଜାତ ହେଉଥାଏ କୌତୂହଳ । କିନ୍ତୁ ଦେଖିଲୁ ଇଏ ମନୁଷ୍ୟ ନୁହେଁ—ଏହା ଗୋଟିଏ ମହମ ମୂର୍ତ୍ତି । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଭିତରକୁ ଆଗେଇ ଚାଲିଲୁ । ନାନା ରକମର ମୂର୍ତ୍ତି । ତା ମଧ୍ୟରେ ଲମ୍ବା ହୋଇ ଶୋଇଥିବା ଗୋଟିଏ ସୁନ୍ଦର ଝିଅର ମୂର୍ତ୍ତି ଦେଖିଲୁ । ମୂର୍ତ୍ତିର ନାମ ସ୍ଲିପିଂ ବ୍ୟୁଟି ( **Sleeping Beauty** ) । ମୂର୍ତ୍ତିଟି ସୁନ୍ଦର ପୋଷାକରେ ସଜ୍ଜିତ । ଅଳଙ୍କାର ମଧ୍ୟ ପିନ୍ଧିଛି । ଏହି ସୁନ୍ଦର ମୂର୍ତ୍ତି ଦେଖିବା ପାଇଁ ଧାଡ଼ିକରି ଲୋକମାନେ ଠିଆହୋଇଛନ୍ତି । ଆଗରେ କିନ୍ତୁ ଜଣେ ବ୍ୟକ୍ତି ଝୁଙ୍କି ପଡ଼ି ଝିଅଟିକୁ ଦେଖୁଥିବାରୁ ମୂର୍ତ୍ତିଟି ଭଲ ଦେଖିହେଉନାହିଁ । ଲୋକଟିର ମୁଣ୍ଡରେ ଟୋପି, ଆଖିରେ ସୁନା ଚଷମା । ନିକଟକୁ ଯାଇ କହିବାକୁ ଇଚ୍ଛା ହେଲା 'ଘୁଞ୍ଚିଯାଅ···ଆମେ ମଧ୍ୟ ଦେଖିବୁ' । କିନ୍ତୁ ପାଖକୁ ଗିବାରୁ ଜଣାଗଲା ଏ କୌଣସି ଜୀବନ୍ତ ବ୍ୟକ୍ତିବିଶେଷ

ନୁହେଁ—ଏହା ଗୋଟିଏ ମୂର୍ତ୍ତିମାତ୍ର । ନିକଟକୁ ଯାଇ ସ୍ଲିପିଂ ବ୍ୟୁଟିକୁ ଦେଖିଲୁ । ଶିଳ୍ପୀର ନିର୍ମାଣ-କୌଶଳ ଯୋଗୁଁ ତାର ହୃତ୍‌ସ୍ପନ୍ଦନ ସ୍ୱାଭାବିକ ହେଉଥିବାର ଲକ୍ଷ୍ୟ କଲୁ—ସତେ ଯେପରି ସେ ନିଃଶ୍ୱାସ ପ୍ରଶ୍ୱାସ ନେଉଛି ।

ଏହି ମ୍ୟୁଜିୟମରେ ବିଭିନ୍ନ ଦେଶର ନେତାମାନଙ୍କର ଜୀବନ୍ତ ମୂର୍ତ୍ତି ଦେଖିବାକୁ ପାଇଲୁ । ମହାତ୍ମା ଗାନ୍ଧୀ ଓ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ମୂର୍ତ୍ତି ମଧ୍ୟ ଅଛି । ନେହେରୁଙ୍କର ମୃତ୍ୟୁ ପରେ ସ୍ଥାନାଭାବରୁ ତାଙ୍କର ମୂର୍ତ୍ତି ଏହି ମ୍ୟୁଜିୟମର ପ୍ରଦର୍ଶନୀ ହଲ୍‌ରେ ଆଉ ନାହିଁ । ପ୍ରଦର୍ଶନୀ ଗୃହରେ ଇଂଲଣ୍ଡର ରାଜପରିବାରର ଅନେକ ବ୍ୟକ୍ତିଙ୍କର ମୂର୍ତ୍ତି ଥିବାର ଦେଖିଲୁ । ସେମାନେ ଠିଆହୋଇଥାନ୍ତି ଲେଡି ଡାଏନାଙ୍କ ସହିତ ଯୁବରାଜ ଚାର୍ଲସଙ୍କର ବିବାହ ଉତ୍ସବରେ । ବିଭିନ୍ନ କ୍ରିକେଟ ଖେଳାଳି, ଅଭିନେତା ଓ ଅଭିନେତ୍ରୀଙ୍କର ମୂର୍ତ୍ତି ମଧ୍ୟ ଅଛି । ପୃଥିବୀବିଖ୍ୟାତ କ୍ରିକେଟଖେଳାଳିଗଣ ଓ ପ୍ରସିଦ୍ଧ ଟେନିସ ଖେଳାଳି ମେକେନ ରୋ'ଙ୍କର ମୂର୍ତ୍ତି କି ସୁନ୍ଦର ! ଅଗାଥା କ୍ରିଷ୍ଟି ଯାହାଙ୍କର ରୋମାଞ୍ଚକର ଡିଟେକ୍‌ଟିଭ ଉପନ୍ୟାସ ପୃଥିବୀର ବହୁଲୋକ ପଢ଼ିଛନ୍ତି, ତାଙ୍କର ମୂର୍ତ୍ତି ମଧ୍ୟ ଏଠାରେ ଦେଖିଲୁ ।

ତା' ପରେ ଗଲୁ ହଲ୍ ଅଫ ହରରସ' ( **Hall of Horrors** ) ଦେଖିବାକୁ । ଏଠାରେ ବିଭିନ୍ନ ଦେଶରେ ପ୍ରଚଳିତ ଥିବା ମୃତ୍ୟୁଦଣ୍ଡର ଦୃଶ୍ୟ । ପ୍ରଥମେ ଥିଲା ଫ୍ରାନ୍ସର ଗିଲୋଟିନ । ମୃତ୍ୟୁଦଣ୍ଡ ଭୋଗକରୁଥିବା ଗୋଟିଏ ବ୍ୟକ୍ତିକୁ ଶୁଆଇ ଦିଆହୋଇଛି । ତାର ମୁଣ୍ଡର ବାଳକୁ ଘାତକ ଟାଣି ଧରିଛି ଗିଲୋଟିନ୍ ତଳେ । ଗିଲୋଟିନ ଗୋଟିଏ ଧାରୁଆ ଲୁହାଖଣ୍ଡ । ତାହା ଉପରୁ ଖସି ଶିରଚ୍ଛେଦ କରିଦିଏ । ଦେଖିକରି ଲାଗିଲା ଯେପରି ଘାତକ ଆମରି ଆଗରେ ମୃତ୍ୟୁଦଣ୍ଡ ଦେଉଛି । ଫାଶୀ ଦେବାର ଦୃଶ୍ୟ ଓ ଇଲେକ୍‌ଟ୍ରିକ ଚେୟାରରେ ବସାଇ ମୃତ୍ୟୁଦଣ୍ଡ ଦେବାର ଦୃଶ୍ୟ ମଧ୍ୟ ଦେଖିଲୁ । କୁଖ୍ୟାତ ନରହନ୍ତା-ମାନଙ୍କର ମୂର୍ତ୍ତି ଓ ସେମାନଙ୍କର ନାରକୀୟ ହତ୍ୟା ପ୍ରଣାଳୀର ଦୃଶ୍ୟ ସେଠାରେ ଦେଖିଲେ ଯେକୌଣସି ଲୋକର ଭୟ ଜାତ ହେବ । ଏ ସବୁ ଭୟାନକ ଦୃଶ୍ୟ ସାଙ୍ଗକୁ ଥାଏ ଟ୍ରାଫାଲ୍‌ଗର ଯୁଦ୍ଧର ଭୀଷଣ ଦୃଶ୍ୟ । ତୋପର ଗର୍ଜନ ସହିତ ଯୁଦ୍ଧକ୍ଷେତ୍ରର ଲୋମ-ହର୍ଷଣକାରୀ ଦୃଶ୍ୟ ସେଠାରେ ଉପସ୍ଥାପିତ ହେବାର ଦେଖିଲୁ ।

ଏହି ମ୍ୟୁଜିୟମରେ ତିନି ଚାରି ଘଣ୍ଟା କଟାଇ ଗୋଟିଏ ନାଟକ ଦେଖିବାକୁ ଗଲୁ । ରିଜେଣ୍ଟ ପାର୍କରେ ଥିବା ଏହି ମୁକ୍ତ ଆକାଶ ରଙ୍ଗମଞ୍ଚରେ ସେକ୍‌ସପିଅରଙ୍କ ପ୍ରସିଦ୍ଧ ନାଟକ ମିଡ୍ ସମର ନାଇଟ୍‌ସ ଡ୍ରିମ (**Mid Summer Night's Dream**) ଅଭିନୀତ ହେବାର ଦେଖିଲୁ । ମୁକ୍ତ ଆକାଶ ତଳେ ନାଟକ ଅଭିନୀତ ହେଉଥିବାରୁ ଦର୍ଶକମାନେ କମ୍ବଳ ପ୍ରଭୃତି ଗରମ ଲୁଗା ସାଙ୍ଗରେ ଆଣିଥାନ୍ତି । ଷ୍ଟେଡିୟମମାନଙ୍କରେ ଥିବା ଗ୍ୟାଲେରୀ ପରି ଏଠାରେ ଦର୍ଶକମାନଙ୍କର ବସିବା ପାଇଁ ଗ୍ୟାଲେରୀ ଥାଏ । ଆଗରେ ସେକ୍‌ସପିଅରଙ୍କ ସମୟର ରଙ୍ଗମଞ୍ଚ । ଆଧୁନିକ ରଙ୍ଗମଞ୍ଚର ଦୃଶ୍ୟପଟ କିମ୍ବା ଆଲୋକସଜ୍ଜା ନାହିଁ । ଅଭିନେତାମାନେ ସେକ୍‌ସପିଅର ନାଟକରେ ଥିବା ଅଭିନେତାଙ୍କ ପରି ।

କଥୋପକଥନ ପାଇଁ ବ୍ୟବହୃତ ଭାଷା ଅନେକାଂଶରେ ସେ ଯୁଗର । ରଙ୍ଗମଞ୍ଚର ଏକ ପାର୍ଶ୍ୱରେ ଗୋଟିଏ ଗୁମ୍ଫା । ତା' ମଧ୍ୟରୁ ନାଟକରେ ବର୍ଣ୍ଣିତ ରାଣୀ ଟିଟାନିଆ ଓ ତାଙ୍କର ପରୀମାନେ ଅପୂର୍ବ ବେଶଭୂଷାରେ ସଜ୍ଜିତ ହୋଇ ବାହାରିଲେ । ସେମାନଙ୍କର ସୌନ୍ଦର୍ଯ୍ୟ ସେ ସ୍ଥାନକୁ ନୈସର୍ଗିକ ସୌନ୍ଦର୍ଯ୍ୟରେ ଭୂଷିତ କଲାବେଳେ ବଟମ ନାମକ ଚରିତ୍ର ଗୋଟିଏ ଗଧମୁଣ୍ଡ ଲଗାଇ ରାଣୀ ଟିଟାନିଆଙ୍କୁ ପ୍ରେମ କରିବାର ଦୃଶ୍ୟ ଅତ୍ୟନ୍ତ ହାସ୍ୟୋଦ୍ଦୀପକ ହୋଇଥିଲା । ନାଟକଟିରେ ପିରାମସ୍ ଏଣ୍ଡ ଥିସ୍‌ବି (**Pyramus and Thisbe**) ନାମକ ଉପନାଟକର ବିଷୟବସ୍ତୁ ଓ ଅଭିନୟ ଅତ୍ୟନ୍ତ ସରସ ଓ ଉପଭୋଗ୍ୟ ହୋଇଥିଲା । ଏ ସବୁ ଠିକ୍ ସେକ୍‌ସପିଅରଙ୍କ ସମୟର ନାଟକ ପରି । ସେ ସମୟରେ ନାଟକ ସବୁ ମୁକ୍ତ ଆକାଶ ରଙ୍ଗମଞ୍ଚରେ ଅଭିନୀତ ହେଉଥିଲା । ତେଣୁ, ଏ ନାଟକ ଦେଖିଲାବେଳେ ଅତୀତର ଏହି ନାଟକ ବିଷୟରେ ମନେପଡ଼ିବା ସ୍ୱାଭାବିକ ।

ଏହି ନାଟକ ଦେଖିସାରି ରାତ୍ରିଭୋଜନ କଲୁ । ରାତ୍ରିଭୋଜନ ପାଇଁ ସେଦିନ ସୁପ୍ରସିଦ୍ଧ ଓ ସୁସ୍ୱାଦୁ କେଣ୍ଟୁକି ଚିକେନ ରୋଷ୍ଟ (**Kentucky chicken roast**) ଥିଲା । କୁକୁଡ଼ା ମାଂସର ଏହି ପ୍ରକାର ରନ୍ଧାରି ସେଠାରେ ବଡ଼ ଖ୍ୟାତି ଅଛି ଏବଂ ଏହା ଇଂଲଣ୍ଡର ପ୍ରାୟ ପ୍ରତ୍ୟେକ ସହରରେ ମିଳେ ।

୨୨ ତାରିଖ ଜୁଲାଇ । ତହିଁ ଆରଦିନ ପ୍ରାତଃଭୋଜନ ପରେ ବାହାରିଲୁ ଦେଖିବାକୁ ବ୍ରିଟିଶ ମ୍ୟୁଜିୟମ । ଏହି ପୃଥିବୀବିଖ୍ୟାତ ମ୍ୟୁଜିୟମରେ ପୃଥିବୀର ସବୁ ଦେଶର ଦର୍ଶନୀୟ ବସ୍ତୁ ସଂରକ୍ଷିତ ହୋଇ ରହିଛି । ମ୍ୟୁଜିୟମରେ ଦେଖିଲୁ ବହୁ ଗବେଷକ ଗଭୀର ମନୋନିବେଶ କରି ବିଭିନ୍ନ ଦ୍ରଷ୍ଟବ୍ୟ ବସ୍ତୁ ଦେଖୁଛନ୍ତି । ଏଠାରେ ଚୀନ ଦେଶର ପ୍ରବାଳ-ଖଚିତ ପାତ୍ର, ଭାରତବର୍ଷ ଓ ଶ୍ୟାମ ଦେଶର ପ୍ରସ୍ତର ମୂର୍ତ୍ତିମାନଙ୍କ ମଧ୍ୟରେ ଓଡ଼ିଶାରୁ ମିଳିଥିବା ମୂର୍ତ୍ତି ପ୍ରାଧାନ୍ୟ ଲାଭ କରିଅଛି । ଓଡ଼ିଶାର ଏହି ମୂର୍ତ୍ତିମାନଙ୍କ ମଧ୍ୟରେ ରାହୁ, କେତୁ, ସୂର୍ଯ୍ୟ, ତାଣ୍ଡବ ନୃତ୍ୟ କରୁଥିବା ଶିବ, ଗଣେଶ, ଶିବ ଓ ପାର୍ବତୀ ଓ ସର୍ବଶେଷରେ ମହିଷାସୁରମର୍ଦ୍ଦିନୀ ଦୁର୍ଗାଙ୍କର ମୂର୍ତ୍ତି ସର୍ବଶ୍ରେଷ୍ଠ । ପୁରାତନ ଇଜିପ୍ଟରୁ ମିଳିଥିବା ଜିନିଷ ମଧ୍ୟ ଦେଖିଲୁ । ସେଥିରେ ମମି ନାମକ ସଂରକ୍ଷିତ ଶବ ଓ ସେ କାଳର ସ୍ତ୍ରୀମାନଙ୍କ ପାଦୁକା ଉଲ୍ଲେଖଯୋଗ୍ୟ । ଆଶ୍ଚର୍ଯ୍ୟର କଥା, ଏହି ପୂର୍ବକାଳର ପାଦୁକାଗୁଡ଼ିକ ଆଜିକାଲିର ସ୍ତ୍ରୀଲୋକମାନଙ୍କର ଚଟିପରି !

ତା'ପରେ ଦେଖିବାକୁ ଗଲୁ ଜାତୀୟ ପୁସ୍ତକାଗାର ବା ନାସ୍‌ନାଲ୍ ଲାଇବ୍ରେରି । ଏତେ ବଡ଼ ପୁସ୍ତକାଗାରକୁ ଏତେ ଅଳ୍ପ ସମୟ ଭିତରେ ଦେଖିବା ଅସମ୍ଭବ । ଏଠାରେ ଲକ୍ଷ ଲକ୍ଷ ସଂଖ୍ୟାରେ ପୃଥିବୀର ଅମୂଲ୍ୟ ଗ୍ରନ୍ଥମାନ ସଜ୍ଜିତ ହୋଇ ରଖାହୋଇଛି । ଏହି ବୃହଦାକାର ପୁସ୍ତକାଗାରରେ ଆବିଷ୍କାର କଲି ଗୋଟିଏ ଓଡ଼ିଆ ପୋଥି । ଏହା ରାଧାକୃଷ୍ଣଙ୍କ ବିଷୟରେ ଲିଖିତ ଓ ସପ୍ତଦଶ ଶତାବ୍ଦୀ ସମୟର । ସେଠାରେ ମଧ୍ୟ ଦେଖିଲି ଗୋଟିଏ ଦଲିଲ ପତ୍ର । ସେଥିରେ ସେକ୍‌ସପିଅରଙ୍କ ଦସ୍ତଖତ ଅଛି । ଦଲିଲଟି ବ୍ଲାକ ଫ୍ରାୟାର୍ସ ଗେଟ୍ ହାଉସ ସମ୍ବନ୍ଧୀୟ ଏବଂ ୧୬୨୩ ସାଲରେ ଲେଖା । ବହୁ ପୁସ୍ତକର ପାଣ୍ଡୁଲିପି ଓ ପ୍ରଥମ ସଂସ୍କରଣ

ମଧ୍ୟ ଦେଖିଲୁ । ଏହି ପୁସ୍ତକାଗାର ପୃଥିବୀରେ ଗୋଟିଏ ଅମୂଲ୍ୟ ଜ୍ଞାନ-ଭଣ୍ଡାର । ଏହାକୁ ଭଲଭାବରେ ଦେଖି ଜ୍ଞାନ ଆହରଣ କରିବାର ସମୟ ଆମର ନଥିଲା । ଏହା ପରେ ଦେଖିଲୁ ନ୍ୟାସନାଲ୍ ଗ୍ୟାଲେରି (national gallery) । ଏଠାରେ ପୃଥିବୀବିଖ୍ୟାତ ଶିଳ୍ପୀଙ୍କର ଶ୍ରେଷ୍ଠ ଚିତ୍ରମାନ ପ୍ରଦର୍ଶିତ ହୋଇଛି । ଲିଓନାର୍ଡୋ ଡା ଭିନ୍‌ସି, ରୁବେନ୍‌ସ, ରେମ୍ବ୍ରାନ୍‌ଟ, ରଫାଇଲ ପ୍ରଭୃତି ଅମର ଶିଳ୍ପୀଙ୍କର ବହୁମୂଲ୍ୟ ଚିତ୍ରମାନ ଦେଖିବାର ସୁଯୋଗ ଆମେ ପାଇଲୁ । ଏତେ ବଡ଼ ଆର୍ଟ ଗ୍ୟାଲେରୀକୁ ଏତେ ଅଳ୍ପ ସମୟରେ ଦେଖିବାକୁ ବାଧ୍ୟ ହେବାରୁ ଦୁଃଖିତ ହେଲୁ । ତଥାପି ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ଏ ପୃଥିବୀ-ବିଖ୍ୟାତ ଚିତ୍ରଗୁଡ଼ିକ ଦେଖିବାର ସୁଯୋଗ ପାଇବାରୁ ଗଭୀର ସନ୍ତୋଷ ମଧ୍ୟ ଅନୁଭବ କଲୁ ।

ତହିଁ ଆରଦିନ ଗଲୁ ଟାୱାର ଅଫ୍ ଲଣ୍ଡନ ଦେଖିବାକୁ । ଭୂମିତଳ ଟ୍ରେନ ଯୋଗେ ଟାୱାର ଷ୍ଟେସନକୁ ଯାଇ ସେଠାରେ ପହଞ୍ଚିଲୁ । ଷ୍ଟେସନଠାରୁ ଅଳ୍ପ ବାଟ; ଚାଲିକରି ଯାଇହୁଏ । ଟାୱାର ଅଫ୍ ଲଣ୍ଡନଠାରେ ଯାଇ ଦେଖିଲୁ ସେଠାରେ ଦର୍ଶକମାନଙ୍କର ଲମ୍ବା ଧାଡ଼ି । ଅପେକ୍ଷା କଲୁ ଧୈର୍ଯ୍ୟର ସହିତ । ଦେଖିବାକୁ ଗଲୁ ପ୍ରଥମେ ରାଜପରିବାରର ରତ୍ନ-ଭଣ୍ଡାରକୁ । ଏହି ରତ୍ନ-ଭଣ୍ଡାରକୁ ଜଗିରହିଛନ୍ତି ସଶସ୍ତ୍ର ସୈନିକ । ଏଠାରେ ବହୁ କାଳରୁ ସଞ୍ଚିତ ହୋଇ ରହିଛି ରାଜପରିବାରର ସ୍ୱର୍ଣ୍ଣପାତ୍ର ଓ ସ୍ୱର୍ଣ୍ଣ-ନିର୍ମିତ ପୋଷାକ ଆଦି । ତା ଛଡ଼ା ଅଛି ରାଜମୁକୁଟ ସବୁ । ଏହି ମୁକୁଟରେ ଶହ ଶହ ମୂଲ୍ୟବାନ୍ ପଥର ଅଛି; କିନ୍ତୁ ସର୍ବୋପରି ଅଛି କୋହିନୂର । ଏହି କୋହିନୂର ଭାରତରୁ ବ୍ରିଟିଶ ଶାସକମାନେ ତାଙ୍କ ଦେଶକୁ ନେଇଥିଲେ ୧୮୫୦ ସାଲରେ ରାଣୀ ଭିକ୍ଟୋରିଆଙ୍କ ରାଜତ୍ୱ ସମୟରେ । ବର୍ତ୍ତମାନର ରାଜମାତା ସିଂହାସନ ଆରୋହଣ ସମୟରେ ପ୍ରଥମେ ଏହି ମୁକୁଟ ପିନ୍ଧିଥିଲେ । ତା ପରେ ଦେଖିଲୁ ଆଉ ଗୋଟିଏ ମୁକୁଟ । ଏହି ମୁକୁଟରେ ଅଛି ପୃଥିବୀର ସର୍ବବୃହତ୍ ହୀରକଖଣ୍ଡ ଷ୍ଟାର ଅଫ୍ ଆଫ୍ରିକା (Star of Africa)। ଏହି ମୁକୁଟରେ ମଧ୍ୟ ଅଛି ଅସଂଖ୍ୟ ମୂଲ୍ୟବାନ୍ ପ୍ରସ୍ତର। ଏସବୁ ଦେଖିବାକୁ ପ୍ରବଳ ଭିଡ଼—ଦେଖିବାକୁ କିନ୍ତୁ ମିଳେ ଅଳ୍ପ ସମୟ ।

ଏହି ଟାୱାର ଅଫ୍ ଲଣ୍ଡନ ଗୋଟିଏ ବଡ଼ ଦୁର୍ଗ । ଏହି ଦୁର୍ଗର ଗୋଟିଏ ଅଂଶରେ ଅଛି ହ୍ୱାଇଟ୍ ଟାୱାର । ଏହା ୧୦୭୭ ସାଲରୁ ୧୦୮୭ ସାଲ ମଧ୍ୟରେ ନିର୍ମିତ ହୋଇଥିଲା । ଏଥିରେ ଅଛି ବିଭିନ୍ନ ସମୟର ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର । ଏଠାରେ ଏହି ଅସ୍ତ୍ରାଗାର ମଧ୍ୟରେ ନର୍ମାନ୍ ରାଜତ୍ୱ ସମୟର ଗୋଟିଏ ପୁରାତନତମ ଗିର୍ଜା ଦି ଚେପେଲ ଅଫ୍ ସେଣ୍ଟ ଜନ ଦି ଇଭାଞ୍ଜେଲିଷ୍ଟ (The Chapel of St. John the Evangelist) ଥିବାର ଦେଖିଲୁ । ଏହି ଟାୱାରରେ ଅତୀତର ବନ୍ଦୀମାନଙ୍କର କୋଠରି ବିଶେଷ ଆକର୍ଷଣୀୟ । ଏହି କୋଠରିମାନଙ୍କରେ ବନ୍ଦୀମାନେ ଅଶ୍ରୁପାତ କରି ସମଗ୍ର ଜୀବନ କଟାଇଦେଇଥିଲେ । ଏଠାରେ ସଂରକ୍ଷିତ ଅଛି ଘାତକର ହତ୍ୟା କରିବାର କୁଠାର ଓ କାଷ୍ଠଖଣ୍ଡ । ଅତୀତରେ ରାଜା ତାଙ୍କର ଶତ୍ରୁମାନଙ୍କୁ ଏହିଠାରେ ଘାତକଦ୍ୱାରା ମୃତ୍ୟୁଦଣ୍ଡ

ଦେଉଥିଲେ । ଏହାପରି ବନ୍ଦୀ ହୋଇ ପରେ ମୃତ୍ୟୁବରଣ କରିଥିଲେ ଏଲିଜାବେଥ୍‌ଙ୍କର ଆଦେଶରେ ସ୍କଟଲାଣ୍ଡର ରାଣୀ ମେରି । ଚତୁର୍ଥ ଏଡ୍‌ୱାର୍ଡଙ୍କର ଦୁଇ ଶିଶୁଙ୍କୁ ଏଠାରେ ବନ୍ଦୀ କରିଥିଲେ ତାଙ୍କର ପିତୃବ୍ୟ ଗ୍ଲସେଷ୍ଟର ଓ ପରେ ସେମାନଙ୍କର ମଧ୍ୟ ଘାତକ ହାତରେ ମୃତ୍ୟୁ ହୋଇଥିଲା । ଏହିପରି ଅନେକ ବ୍ୟକ୍ତିଙ୍କର ରକ୍ତରେ ଏ ସ୍ଥାନ ରଞ୍ଜିତ ହୋଇଥିଲା ଅତୀତରେ । ଟାଓ୍ୱାର ଅଫ୍ ଲଣ୍ଡନ ଗୋଟିଏ ବଡ଼ ଦୁର୍ଗ । ଏଥିରେ ଆହୁରି ଅନେକ ଦର୍ଶନୀୟ ବସ୍ତୁ ଅଛି । ଆମର ଆଉ ଅଧିକ ବିଷୟ ଦେଖିବାକୁ ସମୟ ନ ଥିବାରୁ ଆମେ ଏତିକି ଦେଖି ମଧ୍ୟାହ୍ନଭୋଜନ ପରେ ହୋଟେଲକୁ ଫେରିଲୁ କ୍ଳାନ୍ତ ହୋଇ ।

**ଡୋଭରରୁ ସମୁଦ୍ରଯାତ୍ରା :**

୨୫ ତାରିଖ, ଜୁଲାଇ । ଆଜି ପ୍ରତ୍ୟୁଷରୁ ଉଠି ଇଉରୋପ ଭ୍ରମଣ ଉଦ୍ଦେଶ୍ୟରେ ଭିକ୍ଟୋରିଆ ଷ୍ଟେସନକୁ ବାହାରିଲୁ । ସେଠାରେ ପହଞ୍ଚି ଯୋଗଦେଲୁ କସ୍‌ମସ୍ କମ୍ପାନୀ ସହିତ ଯାଉଥିବା ସହଯାତ୍ରୀମାନଙ୍କ ସଙ୍ଗରେ । ଟ୍ରେନ୍ ଭିକ୍ଟୋରିଆ ଷ୍ଟେସନ ଛାଡ଼ିଲା ସକାଳ ୭-୩୦ ବେଳେ । ଡୋଭରରେ ପହଞ୍ଚିଲୁ ସକାଳ ନଅଟା ବେଳକୁ । ଏହିଠାରୁ ଇଂଲିଶ ପ୍ରଣାଳୀ ଅତିକ୍ରମ କରିବା ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲୁ ଏକ ବଡ଼ ଜାହାଜରେ । ପ୍ରଥମେ ଶୁଳ୍କ ବିଭାଗ ପକ୍ଷରୁ ଆମ ଜିନିଷ ତନଖି କରାହେଲା । ଆମର ଗନ୍ତବ୍ୟପଥ ବେଲଜିୟମ କୂଳରେ ଥିବା ଅଷ୍ଟେଣ୍ଡ ସହର ।

ଯେତେବେଳେ ଜାହାଜ ଗତି କରିବାକୁ ଆରମ୍ଭ କଲା ସେତେବେଳେ ସଙ୍ଗରେ ଆଣିଥିବା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଇଂଲଣ୍ଡ ଉପକୂଳକୁ ଚାହିଁରହିଲି । କି ସୁନ୍ଦର ସେ ଦୃଶ୍ୟ ! ସମୁଦ୍ର ଉପକୂଳରେ ଧାଡ଼ି ଧାଡ଼ି ଘର । ତା ପଛରେ ଦିଶୁଥାଏ ଶୁଭ୍ର ଚକ୍ ପ୍ରସ୍ତରର ପର୍ବତମାଳା । ଏହା ଇଂଲଣ୍ଡ ଉପକୂଳର ବିଶେଷତ୍ୱ । ଜାହାଜର ଡେକ୍‌ଉପରେ କଅଁଳିଆ ଖରା ପଡ଼ୁଥାଏ । ଏଠାରେ ଜାହାଜର ଅନ୍ୟାନ୍ୟ ଯାତ୍ରୀମାନଙ୍କ ସଙ୍ଗରେ ଆମେମାନେ ବସିଲୁ । ଯାତ୍ରୀମାନେ ବିଭିନ୍ନ ଦେଶର । ଜଣେ ଭାରତୀୟଙ୍କୁ ସେଠାରେ ଭେଟିଲୁ । ସେ ଲଣ୍ଡନରେ ଇଟାଲୀ ଦେଶର ଦୂତାବାସରେ କାମ କରନ୍ତି । ତାଙ୍କର ପିତାମହ ଭାରତରୁ ଆସି ଆଫ୍ରିକାର ଉପକୂଳରେ ଥିବା ଟାନ୍‌ଜାନିଆ ରାଜ୍ୟରେ ବସବାସ କରିଥିଲେ । ଏହି ଯୁବକଙ୍କର ବାଲ୍ୟ-ଶିକ୍ଷା ଭାରତରେ ହୋଇଥିଲା । ଏପରି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଜଣାପଡ଼ିବ କିପରି ପୃଥିବୀ ବାସ୍ତବିକ ସଙ୍କୁଚିତ ହୋଇଗଲାଣି ଏବଂ ଆଧୁନିକ ପୃଥିବୀର ଲୋକମାନେ ପୂର୍ବପରି ଗୋଟିଏ ଦେଶର ସୀମା ଭିତରେ ଆବଦ୍ଧ ହୋଇ ଜୀବନ କଟାଉନାହାନ୍ତି । ତଥାପି ମନରେ ସ୍ୱତଃ ପ୍ରଶ୍ନ ହୁଏ—ତେବେ ଜାତି ଜାତି ମଧ୍ୟରେ ଏତେ ଦ୍ୱନ୍ଦ୍ୱ ଓ ରକ୍ତପାତ କାହିଁକି ? ଏତେ ଅସ୍ତ୍ରଶସ୍ତ୍ରରେ ଦେଶମାନେ ନିଜକୁ ସଜ୍ଜିତ କରୁଛନ୍ତି କାହିଁକି ? ବୋଧହୁଏ ଓ୍ୱେଣ୍ଡେଲ ଓ୍ୱିଲ୍‌କିଙ୍କ ପରିକଳ୍ପିତ ଏକ ପୃଥିବୀ ଉପଲବ୍ଧି କରିବାକୁ ଆମକୁ ଆହୁରି ଅନେକ ଯୁଗ ଲାଗିବ । ମଧ୍ୟାହ୍ନଭୋଜନର ବ୍ୟବସ୍ଥା ଜାହାଜରେ ଥାଏ । ସେଠି ଧାଡ଼ିରେ ଠିଆ ହୋଇ ଖାଦ୍ୟ ଆଣିବାର ବ୍ୟବସ୍ଥା କଲୁ ।

ଜାହାଜରେ ବ୍ୟାଙ୍କ ମଧ୍ୟ ଥାଏ । ସେଠାରୁ କିଛି ବେଲଜିୟମ ମୁଦ୍ରା ପାଉଣ୍ଡ ବିନିମୟରେ ଆଣିଲୁ ।

ଅଷ୍ଟେଣ୍ଡରେ ଯେତେବେଳେ ଆମର ଜାହାଜ ପହଞ୍ଚିଲା ସେତେବେଳେ ଇଂଲଣ୍ଡ ସମୟ ଅପରାହ୍ନ ୪ଟା ଓ ବେଲଜିୟମ ସମୟ ୫ଟା । ଅନ୍ୟମାନଙ୍କ ସହିତ ନିଜର ଜିନିଷପତ୍ର ନେଇ ଆମର ନିର୍ଦ୍ଦିଷ୍ଟ କୋଚ୍ ବା ବସ୍‌ରେ ବସିଲୁ । ଏ ବସ୍‌ରେ ବସିବାର ବ୍ୟବସ୍ଥା ଅନେକାଂଶରେ ଉଡ଼ାଜାହାଜ ପରି । ଜିନିଷସବୁ ବସ୍ ତଳେ ଥିବା ସ୍ଥାନରେ ରହିଲା । ବସ୍ ଚାଲିଲା । ଚାଲିବା ପୂର୍ବରୁ ଆମର ଗାଇଡ୍ ଯାତ୍ରାର ବିବରଣୀ ଜଣାଇଲେ । ଗାଇଡ୍‌ଙ୍କ ନାମ ଡେଭିଡ୍ । ସେ ଇଂଲଣ୍ଡର ଲୋକ; ବଡ଼ ସରସ ପ୍ରକୃତିର । ସେ ପ୍ରଥମେ ବସ୍‌ରେ ନିଜ ନିଜ ପାଖରେ ବସିଥିବା ପଡ଼ୋଶୀମାନଙ୍କ ସଙ୍ଗରେ ପରିଚିତ ହେବାକୁ ପରାମର୍ଶ ଦେଲେ । ଆମର ପଡ଼ୋଶୀ ଗୋଟିଏ ଚୀନ୍‌ଦେଶୀୟ ଛାତ୍ର । ସେ ଇଂଲଣ୍ଡର ସେଫିଲ୍ଡ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ପାସ୍‌କରି ଇଉରୋପ ଭ୍ରମଣ ପରେ ତାଙ୍କର ସ୍ୱଦେଶ ହିଂକଙ୍ଗକୁ ଫେରିଯିବେ ।

## ଆମଷ୍ଟରଡାମ୍‌ର ପୁଷ୍ପ-ପ୍ରଦର୍ଶନୀ ଓ ହୀରା କାରଖାନା :

ଅଷ୍ଟେଣ୍ଡ ସହର ଦେଖିବାକୁ ସୁନ୍ଦର । ଉପକୂଳ ଛାଡ଼ି ଏହି ସହର ଭିତରଦେଇ ଆମର କୋଚ୍ ଗଲାବେଳେ ସମୁଦ୍ରରେ ଥିବା ଗୋଟିଏ ଜାହାଜ ପ୍ରତି ଡେଭିଡ୍ ଆମର ଦୃଷ୍ଟି ଆକର୍ଷଣ କଲେ । ଏ ଜାହାଜଟି ଗୋଟିଏ ଭାସମାନ ମ୍ୟୁଜିୟମ । ବସ୍ ଆଗକୁ ଅଗ୍ରସର ହେଲା । ରାସ୍ତା ପାର୍ଶ୍ୱରେ ଦେଖିଲୁ ଗୋଟିଏ ସୁରମ୍ୟ ମହଲା କୋଠା । ଏହାର ସାମ୍ନା ପଟ ଓ କାନ୍ଥସବୁ କାଚରେ ତିଆରି । ଶୁଣିଲୁ, ଏଥିରେ ଟାଉନ ହଲ ଓ ଗୋଟିଏ ଜେଲ ଅଛି । ଆମର କୋଚ ଅଷ୍ଟେଣ୍ଡରେ ନ ରହି ଆଗେଇ ଚାଲିଲା । ଆମେ ଯାଉଛୁ ଉତ୍ତର ହଲାଣ୍ଡର ପ୍ରଧାନ ସହର ଆମଷ୍ଟରଡାମ୍ । ବାଟରେ ଶହ ଶହ ଏକର ବ୍ୟାପୀ କ୍ଷେତରେ ଦେଖିଲୁ ଲଗାହୋଇଛି ବିଭିନ୍ନ ରଙ୍ଗର ସୁନ୍ଦର ଫୁଲ—ବିଶେଷ କରି ଟ୍ୟୁଲିପ । ଏସବୁ ଫୁଲ ବିକ୍ରି ହେବାକୁ ଯିବ ବିଭିନ୍ନ ସହର ଓ ଦେଶକୁ । ଭାବିଲି, ଆମ ଦେଶରେ ବ୍ୟାପକ ଭାବରେ କାହିଁକି କେହି ଏପରି ଫୁଲ ଲଗାଉ ନାହିଁ ? ରାସ୍ତା କଡ଼ରେ ଥିବା ଅନେକ ଘର ଉପରେ ନଜର ପଡ଼ିଲା । ସୁନ୍ଦର ସୁନ୍ଦର ଥୁଜା ଗଛଦ୍ୱାରା ଏ ଘରର ବାଡ଼ ତିଆରି ହୋଇଛି । ଆମେ ଆମଷ୍ଟରଡାମ ପହଞ୍ଚିଲାବେଳକୁ ପ୍ରାୟ ରାତି ସାଢ଼େ ଆଠଟା ହୋଇଥିଲା । ସେଠାରୁ ଆମେ ଭଲେଣ୍ଡମ୍ (Vollendum) ନାମକ ଗୋଟିଏ ଗ୍ରାମକୁ ଗଲୁ । ସେହି ଗ୍ରାମଟି ଜାଇଡ଼ର ଜି (Zeider zee) ନାମକ ନଦୀ କୂଳରେ ଅବସ୍ଥିତ । ଏହି ନଦୀ କୂଳରେ ଥିବା ସ୍ପାଣ୍ଡର ହୋଟେଲରେ ଆମେ ରାତିରେ ରହିଲୁ । ହୋଟେଲରେ ରାତ୍ରିଭୋଜନ ବେଳେ ଆମକୁ ପରିବେଷଣ କରାଗଲା ଗରମ ଭାତ । ଇଂଲଣ୍ଡ ଓ ୟୁରୋପରେ ଥିବା ସମୟରେ ଏହି ଥରେ ମାତ୍ର ହୋଟେଲରେ ଭାତ ଦିଆହେବାର ଦେଖିଲି । ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ସୁସ୍ୱାଦୁ ହୋଇଥାଏ । ହୋଟେଲର ସାଜସଜ୍ଜା ସୁରୁଚିପୂର୍ଣ୍ଣ । ମହମବତି ଆକାରର ସେଲ୍ଫ

ସେଠାରେ ଇଲେକ୍ଟ୍ରିକ ବଲ୍ବ ସାହାଯ୍ୟରେ ଖାଇବା ଘର ସୁନ୍ଦର ଭାବରେ ଆଲୋକିତ କରାହୋଇଥାଏ । ଖାଇବା ଟେବୁଲରେ ମଧ୍ୟ ମହମବତୀ ସବୁ ରଖାହୋଇଥାଏ । ଆକର୍ଷଣୀୟ ପୋଷାକ ପିନ୍ଧିଥିବା ପରିବେଷକମାନେ ବେଶ୍ କାର୍ଯ୍ୟତତ୍ପର । ଏଠିକାର ପରିବେଷକମାନଙ୍କର ଖ୍ୟାତି ଥିବାରୁ ଆମଷ୍ଟରଡ଼ାମ୍‌ଠାରେ ମିଳୁଥିବା କେତେକ ପୋଷ୍ଟକାର୍ଡ଼ରେ ଏମାନଙ୍କର ପ୍ରତିକୃତି ଛପାହୋଇଥିବାର ଦେଖିବାକୁ ମିଳେ ।

ପରଦିନ ସକାଳ ସାଢ଼େ ସାତଟା ବେଳେ ପ୍ରାତଃଭୋଜନ ସାରି ଆମଷ୍ଟରଡାମରେ ଗୋଟିଏ ଛେନା-ତିଆରି କାରଖାନା (Cheese-making factory) ଦେଖିବାକୁ ଗଲୁ । ସେହି ଫ୍ୟାକ୍ଟରିର ନାମ ଲେଖା ହୋଇଥିବାର ଦେଖିଲି : KAAS MAKERJI, CHEESE MAKING, FROMAGERIE, KASERIE ।

ଏ ବିଜ୍ଞାପନ ସ୍ଥାନୀୟ ଭାଷାରେ ଲିଖିତ । ଛେନା ତିଆରି କାରଖାନା ଦେଖି ସାରିବା ପରେ ସହର ଭିତର ଦେଇ ପ୍ରବାହିତ ଓ ସହରର ପ୍ରଧାନ ଯାତାୟାତ ପଥ ରୂପେ ବ୍ୟବହୃତ କେନାଲମାନଙ୍କରେ ଷ୍ଟିମର୍‌ରେ ଜଳଯାତ୍ରା କଲୁ । ଏହି ଜଳଯାତ୍ରା ଅତୀବ ଆନନ୍ଦଦାୟକ ହୋଇଥିଲା । ଶୁଣିବାକୁ ପାଇଲୁ ଯେ ଲୋକସଂଖ୍ୟା ବେଶୀ ହୋଇଥିବାରୁ ସ୍ଥାନାଭାବରୁ ଅନେକ ଲୋକ ବୋଟମାନଙ୍କରେ ବସବାସ କରି ରହନ୍ତି । ଏହି ବୋଟମାନଙ୍କରେ ଜୀବନ-ଯାତ୍ରା ପଲ୍ଲୀ ସ୍ଥଳଭାଗରେ ଥିବା ଲୋକଙ୍କ ପରି ବୋଧହେଲା । ଅଳ୍ପ ସ୍ଥାନ ଥିବା ସତ୍ତ୍ୱେ ଅନେକ ଫୁଲକୁଣ୍ଡ ଓ ବିରାଡ଼ି ପ୍ରଭୃତି ଗୃହପାଳିତ ପଶୁ ସେହି ବୋଟମାନଙ୍କରେ ଥିବାର ଦେଖିଲୁ । ଏଠାରେ ପ୍ରବାହିତ ରାଇନ ନଦୀରେ ଜଳଯାତ୍ରା କରିବା ସମୟରେ ଦେଖିଲୁ ପାଞ୍ଚଟି ପୋଲ ଗୋଟିଏ ଧାଡ଼ିରେ ପାଖ ପାଖ ହୋଇ ତିଆରି ହୋଇଛି ।

ଏସବୁ ସୁନ୍ଦର ଦୃଶ୍ୟ ଦେଖିସାରି ହୀରା ତିଆରି କାରଖାନା ଦେଖିବାକୁ ଗଲୁ । ଆମଷ୍ଟରଡାମ ମୂଲ୍ୟବାନ୍ ହୀରା-ତିଆରି କାରଖାନା ଓ ବ୍ୟବସାୟ ପାଇଁ ବିଖ୍ୟାତ । ଏହି ସହରରେ ଅବସ୍ଥିତ Van Moppes Diamond Factory ଦେଖିବାକୁ ଗଲୁ । ବଡ଼ କାରଖାନା । ସେଠିକାର କର୍ତ୍ତୃପକ୍ଷ ଆମକୁ ସବୁ ବୁଲାଇ ଦେଖାଇଲେ । ଖଣିରୁ ଆସିଲା ପରେ ହୀରାକୁ କାଟି କପରି ସୁନ୍ଦର ଆକୃତିର କରାହୁଏ ଏବଂ ତଦ୍ୱାରା ହୀରାରୁ କପରି ନାନା ପ୍ରକାର ଜ୍ୟୋତି ବାହାରେ, ଟେଲିଭିଜନ ସାହାଯ୍ୟରେ ଆମକୁ ସେମାନେ ବୁଝାଇଲେ । ଏହି କାରଖାନାରୁ ହୀରାବସା ମୁଦି ଓ ହାର ଇତ୍ୟାଦି ଗହଣା କିଣିବା ପାଇଁ ରକ୍ଷିତ ଥିବାର ଦେଖିଲୁ ।

ତା ପରେ ଦେଖିବାକୁ ଗଲୁ ପୁଷ୍ପ-ପ୍ରଦର୍ଶନୀ । ଏହି ଫ୍ଲୋରିଆଡ଼ ବା ପୁଷ୍ପ-ପ୍ରଦର୍ଶନୀ ଦଶ ବର୍ଷ ପରେ ହେଉଥାଏ । ପୁଷ୍ପ-ପ୍ରଦର୍ଶନୀ ପାଇଁ ନାନା ଦେଶର ଓ ନାନା ରଙ୍ଗର ଫୁଲ ଲଗା ହୋଇଥାଏ ଶହ ଶହ ଏକର ଭୂମିରେ । ଫୁଲଗୁଡ଼ିକ ସେମାନଙ୍କର ରଙ୍ଗ ଅନୁସାରେ ଏକାଠି ଲଗାହୋଇ ଚିତ୍ର ଆଙ୍କିଲା ପରି ଦିଶୁଥାଏ । ଏତେ ବଡ଼ ପୁଷ୍ପ-ପ୍ରଦର୍ଶନୀ ବୁଲିକରି ଦେଖିବାକୁ ବହୁ ସମୟ ଲାଗିବ ବୋଲି ଗୋଟିଏ ଛୋଟ ଟ୍ରେନ୍‌ରେ ବସି ଦେଖିବାର ବ୍ୟବସ୍ଥା

ଥାଏ । ଏହି ପ୍ରଦର୍ଶନୀ ଦେଖି ଅଭିଭୂତ ହେଲୁ । ପ୍ରଦର୍ଶନୀ ଦେଖିସାରି ମଧ୍ୟାହ୍ନଭୋଜନ କଲୁ ସାଙ୍ଗରେ ନେଇଥିବା ଲଞ୍ଚ ପ୍ୟାକେଟ ଖାଇ । ସେଥିରେ ସେଣ୍ଡଓ୍ୱିଚ୍‌ଠାରୁ ଆରମ୍ଭ କରି କେକ୍ ଓ ଫଳରସ ଇତ୍ୟାଦି ସବୁ ଖାଦ୍ୟ ପଦାର୍ଥ ଥାଏ ।

ଆମଷ୍ଟରଡାମ୍‌ରୁ କୋଚରେ ବସି ଜର୍ମାନୀ ଦେଶର ରାଜଧାନୀ ବନ୍ ସହର ଅଭିମୁଖେ ଅଗ୍ରସର ହେଲୁ । ବାଟରେ ପଡ଼ିଲା ହଲାଣ୍ଡ ଦେଶରେ ଥିବା ଆର୍ଣ୍ଣହେମ ସହର । ଏହା ଦ୍ୱିତୀୟ ମହାସମରରେ ଗୋଟିଏ ବଡ଼ ଯୁଦ୍ଧକ୍ଷେତ୍ର ଥିବାରୁ ପ୍ରସିଦ୍ଧ । ବନ୍ ସହରରେ ପହଞ୍ଚିଲୁ । ଏହା ରାଇନ ନଦୀକୂଳରେ ଅବସ୍ଥିତ । ରାଇନ ନଦୀ ଦକ୍ଷିଣ-ପୂର୍ବ ସ୍ୱିଜରଲାଣ୍ଡରୁ ବାହାରି ଜର୍ମାନୀ ଭିତରେ ପ୍ରବାହିତ ହୋଇ ହଲାଣ୍ଡଠାରେ ଉତ୍ତରସାଗରରେ ପଡ଼ିଛି । ବନ୍ ସହରରେ କୋଚ୍ ଭିତରୁ ଦେଖିଲୁ ପାର୍ଲାମେଣ୍ଟଭବନ, ବନ୍-ବିଶ୍ୱବିଦ୍ୟାଳୟ ଏବଂ ଚ୍ୟାନସେଲର୍‌ଙ୍କର ବାସଭବନ । ଏହି ବନ୍ ସହରରେ ପହଞ୍ଚିବା ପୂର୍ବରୁ ଆମର କୋଚ୍ ଜର୍ମାନୀର ଅଟୋବାନ ବା ଜାତୀୟ ରାଜପଥ ଦେଇ ଯାଇଥିଲା । ହଲାଣ୍ଡ ପରି ଏଠାରେ ମଧ୍ୟ ଦୁଇ ପାଖରେ ସୁରମ୍ୟ ପୁଷ୍ପକ୍ଷେତ୍ର । ରୁର୍ ଉପତ୍ୟକା ମଧ୍ୟ ଅତିକ୍ରମ କଲୁ । ଏହା ଜର୍ମାନୀର ସବୁଠାରୁ ସମୃଦ୍ଧିଶାଳୀ ଶିଳ୍ପବହୁଳ ଅଞ୍ଚଳ । ଏଠାରେ ଶତ ଶତ କାରଖାନା ମୁଣ୍ଡଟେକି ଠିଆହୋଇଛି । ବନ୍ ସହରକୁ ସଂକ୍ଷିପ୍ତ ଭାବରେ ଦେଖି ଛବିଳ ରାଇନ ଉପତ୍ୟକାରେ ଥିବା ଗୋଟିଏ ଛୋଟ ସହରରେ ରାତିରେ ରହିଲୁ । ହୋଟେଲଟି ବେଶ୍ ଭଲ ଓ ଖାଦ୍ୟ ସୁସ୍ୱାଦୁ ।

## ରାଇନ୍ ନଦୀରେ ଜଳଯାତ୍ରା :

ତହିଁ ଆରଦିନ ସକାଳେ ପ୍ରାତଃଭୋଜନ ସାରି ରାଇନ୍ ନଦୀରେ ଗୋଟିଏ ଷ୍ଟିମର୍‌ରେ ଜଳଯାତ୍ରା କଲୁ । ଷ୍ଟିମର୍‌ରେ ଯିବା ପୂର୍ବରୁ ସେଠାରେ ଥିବା ଦୋକାନରୁ ଗୋଟିଏ କାନ୍ଥ-ଘଣ୍ଟା କିଣିଲୁ । ଏହି ଘଣ୍ଟା ପାଇଁ ସେ ସ୍ଥାନ ପ୍ରସିଦ୍ଧ । ଘଣ୍ଟାର ନାମ କୁକୁ କ୍ଲକ୍ (cuckoo clock) । ଏ ଘଣ୍ଟାର ବିଶେଷତ୍ୱ : ପ୍ରତି ଘଣ୍ଟା ଆରମ୍ଭରେ ଘଣ୍ଟା ଉପରେ ଥିବା ଗୋଟିଏ ଛୋଟ ଝରକା ଖୋଲିଯାଏ ଏବଂ ତାହା ଭିତରୁ ଗୋଟିଏ କୋଇଲି ବାହାରି ଦିନର ସମୟ ଅନୁସାରେ ସେତିକିଥର କୁ-କୁ ଶବ୍ଦ କରିଥାଏ । ଉଦାହରଣସ୍ୱରୂପ, ଏହି ବନ୍ଦୋବସ୍ତ ଅନୁଯାୟୀ ୮ଟା ବେଳେ ୮ ଥର ଓ ୧୨ ଟା ବେଳେ ୧୨ ଥର କୁ-କୁ ଶବ୍ଦ କରି କୋଇଲି ତାର ଛୋଟ ଘର ଭିତରକୁ ଗଲା ପରେ ତାର ଝରକାଟି ଆପେ ଆପେ ବନ୍ଦ ହୋଇଯାଏ ।

ରାଇନ୍ ନଦୀରେ ନୌକା-ବିହାର କଲାବେଳେ ଦେଖିଲୁ ଦୁଇ ପାଖରେ ଥିବା ଅଙ୍ଗୁର ବଗିଚା । ରାସ୍ତାକଡ଼ରୁ ପର୍ବତ ଶିଖର ପର୍ଯ୍ୟନ୍ତ ପ୍ରତ୍ୟେକଟି ସ୍ଥାନରେ ସୁନ୍ଦର ସୁସଜ୍ଜିତ ଭାବରେ ଅଙ୍ଗୁର ଚାଷ କରାହୋଇଛି । ଏହି ସବୁଜ ଅଙ୍ଗୁର ଲତାଗୁଡ଼ିକ ଦୂରରୁ ସେ ସମସ୍ତ ଅଞ୍ଚଳକୁ ଆଚ୍ଛାଦିତ କରିଥିବା ଗୋଟିଏ ସବୁଜ ରଙ୍ଗର ଗାଲିଚା ପରି ଦିଶୁଥାଏ । ତା ଛଡ଼ା ଦେଖିଲୁ ରାସ୍ତା କଡ଼ରେ ନାନା ରକମର ଫଳଗଛ; ଯଥା—ସେଓ, ଚେରି, ଷ୍ଟ୍ରବେରି

ବିଅର, ବିର୍ ଇତ୍ୟାଦି । ଜର୍ମାନୀରେ ମଦ୍ୟ-ତିଆରି ଗୋଟିଏ ବଡ଼ ଶିଳ୍ପ । ଏହି ମଦ୍ୟ ଅଙ୍ଗୁରରୁ ତିଆରି ହୁଏ । ଆମ୍ଭେମାନେ ନୌକା-ବିହାର ପରେ ଗୋଟିଏ କାରଖାନାକୁ ଯାଇ ମଦ୍ୟ ତିଆରି ଓ ମଦ୍ୟ ସଂରକ୍ଷଣ ଦେଖିଲୁ । ଭୂମିତଳେ ନିର୍ମିତ ଗୋଟିଏ ଘରେ ସୁଶୀତଳ ଅବସ୍ଥାରେ ମଦ୍ୟ ସଂରକ୍ଷିତ ହେବାର ଦେଖିଲୁ । ମଦ୍ୟସବୁ ତିଆରି ହୋଇଥିବା ବର୍ଷ ଅନୁସାରେ ସଜା ହୋଇ ରହିଥାଏ ।

## ଲକ୍ସେମ୍ବର୍ଗ ଓ ମୋଜେଲ ଉପତ୍ୟକା :

ଜର୍ମାନୀ ପାରିହୋଇ ଗଲୁ ଲକ୍ସେମ୍ବର୍ଗକୁ । ବାଟରେ ଅତିକ୍ରମ କଲୁ ମୋସେଲ ନଦୀର ଉପତ୍ୟକା । ସେଠାରେ ମଧ୍ୟ ମାଇଲ ମାଇଲ ଲମ୍ବିଥିବା ଅଙ୍ଗୁର ବୃକ୍ଷ ଦେଖିଲୁ । ଲକ୍ସେମ୍ବର୍ଗ ପହଞ୍ଚିବା ପୂର୍ବରୁ ଦେଖିଲୁ ପୋର୍ଟାନେଗ୍ରା । ଏହା ଟ୍ରିଅରରେ ଅବସ୍ଥିତ ରୋମାନ ରାଜତ୍ୱ ସମୟର ଗୋଟିଏ ଦୁର୍ଗର ଭଗ୍ନାବଶେଷ । ବର୍ତ୍ତମାନ ଏଠାରେ କେବଳ ଗୋଟିଏ ଉଚ୍ଚ ଦ୍ୱାରଦେଶ ଅଛି । ମୋସେଲ ଉପତ୍ୟକା ଖୁବ୍ ସୁନ୍ଦର ହୋଇଥିବାରୁ ଏହାର କୂଳରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି କେରାଭାନରେ ରହି ଅବସରବିନୋଦନ କରୁଛନ୍ତି । ଆମ ଦେଶରେ କେରାଭାନର ବ୍ୟବସ୍ଥା ଦେଖିନାହିଁ । ଏହା ଗୋଟିଏ ଛୋଟ ଓ୍ୱାଗନ ପରି ଦିଶେ । ଏହା ଭିତରେ ଗୃହର ଯାବତୀୟ ଉପକରଣ ଥାଏ । ଏହାକୁ ମଟରଗାଡ଼ି ପଛରେ ଯୋଡ଼ି ବିଭିନ୍ନ ଅବସରବିନୋଦନ କେନ୍ଦ୍ରକୁ ପର୍ଯ୍ୟଟକମାନେ ଯାଇଥାନ୍ତି । ଅନ୍ୟ ସ୍ଥାନରେ କେରାଭାନ ରଖିହେବ ନାହିଁ । ଏହି ଅବସରବିନୋଦନ କେନ୍ଦ୍ରମାନଙ୍କରେ ଶୌଚାଗାର ଆଦି ସମସ୍ତ ବ୍ୟବସ୍ଥା ଥାଏ ।

ଲକ୍ସେମ୍ବର୍ଗରେ ପହଞ୍ଚିଲୁ ସନ୍ଧ୍ୟା ୮ଟା ବେଳେ । ରାତ୍ରିଭୋଜନ କରି ବିଶ୍ରାମ ନେଲୁ । ପରଦିନ ଅର୍ଥାତ୍ ଜୁଲାଇ ୨୮ ତାରିଖ ଦିନ ପ୍ରାତଃଭୋଜନ କରି ଏହି ସହର ଦେଖିବାହାରିଲୁ । ଲକ୍ସେମ୍ବର୍ଗ ଗୋଟିଏ ଛୋଟିଆ ଦେଶ । ଲୋକସଂଖ୍ୟା ୩୬୩,୦୦୦ । ଏହାର ଆୟତନ ୧୧୧ ବର୍ଗମାଇଲ ଏବଂ ରାଜଧାନୀ ଲକ୍ସେମ୍ବର୍ଗ । ଏହି ରାଜଧାନୀର ଲୋକସଂଖ୍ୟା ୭୬,୦୦୦ । ଜର୍ମାନୀ ପ୍ରଭୃତି ଦେଶ ଭଳି ଉନ୍ନତ ଦେଶ ନୁହେଁ । ଏଠିକାର ପାର୍ଲାମେଣ୍ଟ ଭବନ ଇତ୍ୟାଦି ଦର୍ଶନୀୟ ସ୍ଥାନ ଦେଖି ପ୍ୟାରିସ ଅଭିମୁଖେ ଅଗ୍ରସର ହେଲୁ । ପ୍ୟାରିସ ଯିବା ରାସ୍ତାରେ ଗୋଟିଏ ହୋଟେଲରେ ମଧ୍ୟାହ୍ନଭୋଜନ କଲୁ । ଏହି ହୋଟେଲରେ ପରିବେଷଣକାରୀ କେହି ନଥାନ୍ତି । ଗୋଟିଏ ସ୍ଥାନରୁ ପ୍ଲେଟ, କଣ୍ଟା, ଛୁରୀ ଓ ଚାମଚ ନେଇ ଲମ୍ବା ଲମ୍ବା ଟେବୁଲରେ ସଜା ହୋଇ ରଖାହୋଇଥିବା ବିଭିନ୍ନ ଖାଦ୍ୟ-ପଦାର୍ଥ ସଂଗ୍ରହ କରି ଖାଇବସିଲୁ । ଖାଦ୍ୟ ସୁସ୍ୱାଦୁ ଓ ଅନ୍ୟ ହୋଟେଲଠାରୁ ଶସ୍ତା । ପ୍ରଥମେ ଖାଇଲୁ ସାଲାଡ଼ । ଏଥିରେ ଥିଲା ଗୋଲ ଗୋଲ କରି କଟା ହୋଇଥିବା ସିଝା ଅଣ୍ଡା, ଦୁଧରୁ ବାହାରିଥିବା ଲହୁଣି ବା କ୍ରିମ ଓ ଛୋଟ ଛୋଟ କରି କଟାହୋଇଥିବା ଫଳଖଣ୍ଡ । ତା ପରେ ଖାଇଲୁ କୁକୁଡ଼ା ରୋଷ୍ଟ ଓ ଆଳୁଭଜା । ଖାଦ୍ୟ ଶେଷରେ ଥିଲା ପିଇବାକୁ କମଳାରସ ।

ପାଠାଗାର
ନଂ ୧୨୫୨୮
୩୧.୫.୫୭



**ପ୍ୟାରିସ ମହାନଗରୀ :**

ପ୍ୟାରିସ ଅଭିମୁଖେ ଯାତ୍ରା ଆରମ୍ଭ କଲାବେଳେ ସମସ୍ତଙ୍କ ମନରେ ବ୍ୟଗ୍ରତା ଲକ୍ଷ୍ୟ କଲି । ଏହି ମହାନଗରୀର ଖ୍ୟାତି ଅନ୍ୟାନ୍ୟ ବଡ଼ ସହରଠାରୁ ଢେର୍ ବେଶୀ । ପ୍ୟାରିସ୍ ସୌଖୀନ ଜୀବନଯାପନ କରିବାର ଶ୍ରେଷ୍ଠ ସ୍ଥାନ ବୋଲି ବହୁ କାଳରୁ ଖ୍ୟାତ । ଗଳ୍ପ ଶୁଣିଥିଲି ଆମର ଜଣେ ପ୍ରିୟ ଅଧ୍ୟାପକଙ୍କ ମୁଖରୁ : 'ଜଣେ ଲୋକ ଅଣନିଶ୍ୱାସୀ ହୋଇ ପ୍ୟାରିସ ସହରର ଜନାକୀର୍ଣ୍ଣ ରାସ୍ତାରେ ଦଉଡ଼ୁଥିବାର କେତେକ ଲକ୍ଷ୍ୟ କଲେ । ପଚାରିଲେ, ଏତେ କ୍ଷିପ୍ରତା ଓ ବ୍ୟଗ୍ରତାର କାରଣ କଅଣ ? ସେ ଉତ୍ତର ଦେଲେ' ଦୋକାନରୁ ତାଙ୍କର ସ୍ତ୍ରୀଙ୍କ ପାଇଁ ଆଣିଛନ୍ତି ନୂଆ ପୋଷାକ । ଘରେ ପହଞ୍ଚିବା ପୂର୍ବରୁ ଫେସନ କାଳେ ବଦଳି-ଯିବ ଓ ତାଙ୍କର ସ୍ତ୍ରୀ ସେ ପୋଷାକକୁ ପୁରୁଣାକାଳିଆ ଭାବି ପିନ୍ଧିବେ ନାହିଁ ଏହି ଚିନ୍ତା ଯୋଗୁ ଫେସନ ବଦଳିବା ପୂର୍ବରୁ ଘରେ ପହଞ୍ଚିଯିବାକୁ ଚାହୁଁଥିଲେ ।' ଏ ଗୋଟିଏ ଗପ; ଅତିରଞ୍ଜିତ ହେବାର କଥା । କିନ୍ତୁ ଏ କଥା ସତ ଯେ ଆଜିକାଲି ମଧ୍ୟ ପ୍ୟାରିସ୍‌ର ପୋଷାକପରିଚ୍ଛଦକୁ ଅନୁକରଣ କରି ଅନ୍ୟାନ୍ୟ ଦେଶରେ ଲୋକମାନେ ପୋଷାକ ପିନ୍ଧିଥାନ୍ତି । ଏ ସବୁ ଗଳ୍ପ ନୁହେଁ, ଜନଶ୍ରୁତିଆ କଥା ।

ଏ ଦେଶରେ ଅତୀତରେ ଜନ୍ମ ହୋଇଥିଲେ ବହୁ ବୀର ଯୋଦ୍ଧା ଓ ମନୀଷୀ । ସେମାନଙ୍କର ସ୍ମୃତି ସେମାନଙ୍କର ଜନ୍ମଭୂମି ଫ୍ରାନ୍ସକୁ ପୃଥିବୀରେ ଏକ ଶ୍ରେଷ୍ଠ ଦେଶ ଭାବରେ ପ୍ରତିଷ୍ଠିତ କରିଛି । ୧୭୮୯ ସାଲରେ ଘଟିଥିବା ଫରାସୀ-ବିପ୍ଳବ ପୃଥିବୀରେ ଚହଲ ପକାଇ ଦେଇଥିଲା । ଏହି ବିପ୍ଳବ ଥିଲା ଉତ୍ପୀଡ଼ିତ ଜନତାର ରକ୍ତର ଡାକ । ଫରାସୀ ଲୋକମାନେ ସେମାନଙ୍କର ଉତ୍ପୀଡ଼କ ଶାସକମାନଙ୍କ ବିରୁଦ୍ଧରେ ବିଦ୍ରୋହ କରି ରାଜା ଲୁଇ, ରାଣୀ ମେରୀ ଆଣ୍ଟନାଇଟ ଓ ତାଙ୍କ ସହିତ ବହୁ ଧନୀ ଲୋକଙ୍କୁ ଗିଲୋଟିନ ସାହାଯ୍ୟରେ ହତ୍ୟା କରିଥିଲେ । ଯେଉଁ ବନ୍ଦୀଗୃହ ବେଷ୍ଟାଇଲରେ ଅନେକ ସ୍ୱାଧୀନଚେତା ବ୍ୟକ୍ତିଙ୍କୁ ବନ୍ଦୀ କରାହୋଇଥିଲା ସେ କାରାଗୃହ ଆକ୍ରମଣ କରି ବିଦ୍ରୋହୀମାନେ ବନ୍ଦୀମାନଙ୍କୁ ମୁକ୍ତ କରିଥିଲେ । ବେଷ୍ଟାଇଲ ଆକ୍ରମଣ ଦିବସ ଏପର୍ଯ୍ୟନ୍ତ ଫ୍ରାନ୍ସରେ ଗୋଟିଏ ପବିତ୍ର ଦିନ ଭାବରେ ପାଳିତ ହୁଏ । ଡାଣ୍ଟନ, ରୋବେସ୍‌ପିଅର ପ୍ରଭୃତି ବିପ୍ଳବୀ ନେତାଙ୍କର ନେତୃତ୍ୱର ଅମର କାହାଣୀ ଅନେକ ପୁସ୍ତକରେ ଲିପିବଦ୍ଧ ହୋଇଛି ବହୁଭାବରେ । ଇଂଲଣ୍ଡର ପ୍ରସିଦ୍ଧ ଔପନ୍ୟାସିକ ଡିକେନ୍‌ସ ତାଙ୍କର ଜନପ୍ରିୟ ଉପନ୍ୟାସ 'ଏ ଟେଲ୍ ଅଫ ଟୁ ସିଟିଜ' (A Tale of Two Cities)ରେ ଏହି ସମୟର ରୋମାଞ୍ଚକର କାହାଣୀକୁ ଗଳ୍ପ ଆକାରରେ ଲିପିବଦ୍ଧ କରିଯାଇଛନ୍ତି । ନେପୋଲିଅନ ଜଣେ ପୃଥିବୀବିଖ୍ୟାତ ଯୋଦ୍ଧା ଥିଲେ । ତାଙ୍କର ଉତ୍‌ଥାନ, ପତନ ଓ ମୃତ୍ୟୁ ସହିତ ପୃଥିବୀର ସମସ୍ତେ ପରିଚିତ । ରୁଷୋ, ଭଲ୍‌ଟାୟାର, ଭିକ୍ଟର ହ୍ୟୁଗୋ, ଆଲେକ୍‌ଜାଣ୍ଡର ଡୁମା, ମୋପାଁସା ପ୍ରଭୃତି ଫରାସୀ ଭାଷାର ଲେଖକ ସମଗ୍ର ପୃଥିବୀରେ ପ୍ରସିଦ୍ଧି ଲାଭ କରିଛନ୍ତି ଓ ପୃଥିବୀର ଚିନ୍ତାଧାରାକୁ ପ୍ରଭାବିତ କରିଛନ୍ତି । ରୁଷୋଙ୍କର ଉକ୍ତି 'Man is born free but

**everywhere he is in chains'** ଅର୍ଥାତ୍ ବ୍ୟକ୍ତିଗତ ସ୍ୱାଧୀନତା ପ୍ରତ୍ୟେକ ମନୁଷ୍ୟର ଜନ୍ମଗତ ଅଧିକାର; କିନ୍ତୁ ପୃଥିବୀରେ ସର୍ବତ୍ର ସେ ଦାସତ୍ୱର ଶୃଙ୍ଖଳରେ ଆବଦ୍ଧ— ସବୁ ବିପ୍ଳବର ମୂଳମନ୍ତ୍ର ହୋଇ ଆସିଛି । ତାଙ୍କ ରଚିତ ଏମିଲ (**Emile**) ସବୁ ଶିକ୍ଷାବିତ୍‌ଙ୍କର ପ୍ରେରଣାର ଉତ୍ସ । ଏଥିରେ ଛାତ୍ରମାନଙ୍କୁ ସେମାନଙ୍କର ନିଜ ମାନସିକ ପ୍ରବୃତ୍ତି ଅନୁସାରେ ଶିକ୍ଷା ଦେବାକୁ ପରାମର୍ଶ ଦିଆହୋଇଛି । ତାଙ୍କ ଲିଖିତ 'ସୋସିଆଲ୍ କଣ୍ଟ୍ରାକ୍ଟ' (**The Social Contract**) ପୁସ୍ତକରେ ଶାସନ-ମୁଖ୍ୟ ଲୋକଙ୍କ ନିଯୁକ୍ତ ତତ୍ତ୍ୱାବଧାରକ; ମାତ୍ର ତାଙ୍କର ପ୍ରଭୁ ନୁହନ୍ତି ବୋଲି ଉଲ୍ଲେଖ ଅଛି । ଆଜିକାଲି ଏହା ନୂତନ ତଥ୍ୟ ବୋଲି ବୋଧ ନହେଲେ ବି ସାମନ୍ତବାଦୀ ସମାଜରେ ଏହା ବିପ୍ଳବର ଘୋଷଣା କରିଥିଲା । ମୋପାସାଁ ପୃଥିବୀର ଶ୍ରେଷ୍ଠ କ୍ଷୁଦ୍ର ଗଳ୍ପ ଲେଖିଯାଇଛନ୍ତି । ତାଙ୍କର ଗଳ୍ପସବୁ ଅନେକ ଭାଷାରେ ଅନୁବାଦ କରାହୋଇଛି । ଭିକ୍ଟର ହ୍ୟୁଗୋଙ୍କ ଅମର କାହାଣୀ ଲ ମିସ୍‌ରେବ୍ଲସ (**Les Miserables**) ବହୁ ଲେଖକ ଓ ଶାସକଙ୍କ ମନରେ ହତଭାଗ୍ୟ ବନ୍ଦୀଙ୍କ ପ୍ରତି ଅନୁକମ୍ପା ଆଣିଦେଇଛି ।

ଏହିସବୁ ମହାପୁରୁଷଙ୍କର ଜନ୍ମଭୂମି ଫ୍ରାନ୍ସ ଓ ତାର ରାଜଧାନୀ ପ୍ୟାରିସ ଦେଖିବାକୁ ମନରେ ବ୍ୟଗ୍ରତା ଆସିବା ସ୍ୱାଭାବିକ । ସନ୍ଧ୍ୟା ପ୍ରାୟ ୬ ଘଣ୍ଟା ସମୟକୁ ପ୍ୟାରିସ ସହରରେ ପହଞ୍ଚିଲୁ । ପ୍ୟାରିସ୍ ସହରରେ ପହଞ୍ଚିବା ସଙ୍ଗେ ସଙ୍ଗେ ସ୍ନାନ ଓ ରାତ୍ରି ଭୋଜନ ପରେ ସହରର ରାତ୍ରିକାଳୀନ ମନୋରମ ଦୃଶ୍ୟ ଦେଖିବାକୁ ବାହାରିଲୁ । ପ୍ୟାରିସ୍ ଆସି ସମସ୍ତେ ଯାଆନ୍ତି ଦେଖିବାକୁ ସେଠାକାର କ୍ୟାବେରା । ଆମେ ମଧ୍ୟ ଦେଖିବାକୁ ଗଲୁ । ନୂତନ ଅନୁଭୂତି । ଅନ୍ୟାନ୍ୟ କ୍ୟାବେରାଠାରୁ ଏଠିକାର କ୍ୟାବେରା ଭଲ ବୋଲି ଶୁଣିଲୁ । ଏଠାରେ ସେଦିନ ସନ୍ଧ୍ୟାରେ ପରିବେଷିତ ହେଲା ଗୀତ, ନାଚ, ମେଜିକ ଓ ବ୍ୟଙ୍ଗ ଅନୁକରଣ (**caricature**) । କ୍ୟାବେରା ଦେଖି ଫେରିଲାବେଳକୁ ମଧ୍ୟରାତ୍ରି । ଆମେ ଫେରିଲୁ ଆମ ହୋଟେଲକୁ; ରାସ୍ତାରୁ କିନ୍ତୁ ସ୍ଥଳବିଶେଷରେ ଭିଡ଼ କମି ନଥାଏ ।

ପରଦିନ; ଅର୍ଥାତ୍ ଜୁଲାଇ ୨୯ ତାରିଖ ଦିନ ଆମେମାନେ ପ୍ୟାରିସ ସହର ଭିତରେ ଥିବା ଦର୍ଶନୀୟ ସ୍ଥାନ ସବୁ ଦେଖିବା ଉଦ୍ଦେଶ୍ୟରେ ସକାଳେ ବାହାରିଲୁ । ପ୍ରଥମେ ଦେଖିଲୁ ପୃଥିବୀବିଖ୍ୟାତ ଗୀର୍ଜା ନଟରଡେମ । ଗୀର୍ଜାର ନିର୍ମାଣ ୧୧୬୦ ସାଲରେ ଆରମ୍ଭ ହେଲେ ମଧ୍ୟ ୧୩୪୩ ସାଲରେ ଏହାର ନିର୍ମାଣ ସମାପ୍ତ ହୋଇଥିଲା । ଏହା ପରେ ମଧ୍ୟ ଏହି ଗୀର୍ଜା ଅନେକ ଥର ସମ୍ପ୍ରସାରିତ ଓ ପୁନଃନିର୍ମିତ ହୋଇ ବର୍ତ୍ତମାନର ରୂପ ଧାରଣ କଲା ୧୮୬୪ ସାଲରେ । ଏହି ପବିତ୍ର ଗୀର୍ଜା ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକମାନେ କୌଣସି ମଜୁରି ନେଇ ନ ଥିଲେ । ସେମାନେ ଅକାତରରେ ଏଥିପାଇଁ ବହୁ ଶ୍ରମ ଦାନ କରିଥିଲେ । ସେତେବେଳେ ଆଧୁନିକ ଯନ୍ତ୍ରପାତି ଉଦ୍ଭାବନ ହୋଇ ନ ଥିବାରୁ ଶ୍ରମିକ-ମାନେ ନିଜେ ବଡ଼ ବଡ଼ ପ୍ରସ୍ତରମାନ ବୋହି କରି ନେଇଥିଲେ । ପ୍ରବଳ ଶୀତରେ

ସେମାନଙ୍କୁ କାମ କରିବାକୁ ପଡ଼ୁଥିବାରୁ ଏହି ପଥରଗୁଡ଼ିକୁ ଉଠାଇବା ପୂର୍ବରୁ ସେଗୁଡ଼ିକୁ ଉତ୍ତମ ଭାବରେ ଗରମ କରିବାକୁ ମଧ୍ୟ ପଡ଼ୁଥିଲା । ଚତୁର୍ଦ୍ଦଶ ଲୁଇଙ୍କ ରାଜତ୍ୱ ସମୟରେ ଏହି ଗୀର୍ଜାର ପୁନଃନିର୍ମାଣ ଆବଶ୍ୟକ ହୋଇଥିଲା ଏବଂ ଏଥିପାଇଁ ଜନ-ଜାଗରଣ ସୃଷ୍ଟି କରିଥିଲେ ପ୍ରସିଦ୍ଧ ଔପନ୍ୟାସିକ ଭିକ୍ଟର ହ୍ୟୁଗୋ ।

ଗୀର୍ଜାର ନିର୍ମାଣ-କୌଶଳ ଆମକୁ ଅଭିଭୂତ କରିଥିଲା । ଗୀର୍ଜାର ସମ୍ମୁଖ ଭାଗରେ ୩ଟି ଦ୍ୱାର ଅଛି ଏବଂ ଏହି ଦ୍ୱାରର ଉପରଭାଗରେ ଫ୍ରାନ୍ସର ୨୮ ଜଣ ରାଜାଙ୍କର ମୂର୍ତ୍ତି ଅଛି । ଏହି ଗୀର୍ଜାରେ ଥିବା **Rose Window** ବା ଗୋଲାପରଙ୍ଗର ଝରକା ଅତି ସୁନ୍ଦର ଏବଂ ସାତ ଶହ ବର୍ଷ ଭିତରେ ମଧ୍ୟ ଏହାର କୌଣସି ପରିବର୍ତ୍ତନ କରାହୋଇନାହିଁ । ଏହି ପୃଥିବୀପ୍ରସିଦ୍ଧ ଗୀର୍ଜା ଦେଖିସାରିଲା ପରେ ନେପୋଲିଅନଙ୍କର ସମାଧି-ମନ୍ଦିର ଦେଖିବାକୁ ଗଲୁ । ଦକ୍ଷିଣ-ଆଟଲାଣ୍ଟିକ ମହାସାଗରରେ ଥିବା ନିର୍ଜନ ଦ୍ୱୀପ ସେଣ୍ଟ ହେଲେନାରେ ଏହି ଫରାସୀ ବୀର ବନ୍ଦୀ ଥିବା ଅବସ୍ଥାରେ ପ୍ରାଣତ୍ୟାଗ କରିଥିଲେ । କିନ୍ତୁ ପରେ ତାଙ୍କର ଅନ୍ତିମ ଅଭିଳାଷକୁ ସମ୍ମାନ ଦେଇ ତାଙ୍କର ମରଶରୀରକୁ ତାଙ୍କର ଏକାନ୍ତ ପ୍ରିୟ ପ୍ୟାରିସର ଲୋକମାନଙ୍କ ମଧ୍ୟରେ ସାଇନ୍ ନଦୀ କୂଳରେ କବର ଦିଆହୋଇଥିଲା । କବର ଉପରିପଟରେ ତାଙ୍କର ଯୋଦ୍ଧୃ ଜୀବନର ୧୨ ଜଣ ସାଥୀଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି ଅଛି । ସ୍ମୃତି-ମନ୍ଦିରର ନିମ୍ନାଂଶରେ ଏହି କବର ନିର୍ମିତ ହୋଇଛି; ଉଦ୍ଦେଶ୍ୟ—ଦର୍ଶକମାନେ କବର ଦେଖିଲାବେଳେ ନତମସ୍ତକ ହୋଇ ଏହି ବୀରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ । ଏହି ସ୍ମୃତି-ମନ୍ଦିର ଭିତରେ ଯୀଶୁଙ୍କର ଗୋଟିଏ ପୂର୍ଣ୍ଣାବୟବ ମୂର୍ତ୍ତି ଅଛି । ମୂର୍ତ୍ତି ନିକଟସ୍ଥ ଝରକାଗୁଡ଼ିକର ରଙ୍ଗ ହଳଦିଆ । ଶିଳ୍ପୀର ଉଦ୍ଦେଶ୍ୟ ଏହି ଝରକା ଦେଇ ସୂର୍ଯ୍ୟକିରଣ ପ୍ରବେଶ କରି ସମାଧିପୀଠକୁ ଉଦ୍‌ଭାସିତ କରିବ ଏବଂ ତଦ୍ଦ୍ୱାରା ନେପୋଲିଅନଙ୍କର ଅସ୍ଥିରିସ୍ଥଠାରେ ହୋଇଥିବା ବିଜୟକୁ ଚିରକାଳ ଜାଜ୍ଜ୍ୱଲ୍ୟମାନ କରି ରଖିବ । ତେଣୁ ଅନ୍ୟାନ୍ୟ ଝରକା ଗାଢ଼ ନୀଳରଙ୍ଗର ହୋଇଥିବା ସ୍ଥଳେ ଏହା ହଳଦିଆରଙ୍ଗର ହୋଇଛି ।

ସ୍ମୃତି-ମନ୍ଦିର ପରେ ଦେଖିଲୁ ଆଇଫେଲ୍ ଟାୱାର୍ । ଏହି ପୃଥିବୀବିଖ୍ୟାତ ସ୍ତମ୍ଭର ଛବି ସମସ୍ତେ ଦେଖିଛନ୍ତି । ଏହି ସ୍ତମ୍ଭଟି ନିର୍ମାଣ କରିବାକୁ ଆଇଫେଲ୍‌ଙ୍କୁ ଦୁଇବର୍ଷ ଲାଗିଥିଲା । ଏହା ପ୍ୟାରିସ୍‌ର ଶ୍ରେଷ୍ଠ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ଅନ୍ୟତମ । ଏହି ଟାୱାର ବା ସ୍ତମ୍ଭର ଉଚ୍ଚତା ୧୦୭୬ ଫୁଟ । ବର୍ତ୍ତମାନ ଏହାର ଉପରେ ଅଛି ଟେଲିଭିଜନ ଟ୍ରାନ୍ସମିଟର । ଉପରକୁ ଯିବା ପାଇଁ ଲିଫ୍ଟ ଅଛି ।

ଏହି ସ୍ୱଳ୍ପ ସମୟ ରହଣି ଭିତରେ ପ୍ୟାରିସ୍ ସହରର ଅନେକ ଦର୍ଶନୀୟ ଜିନିଷ ସଂକ୍ଷିପ୍ତ ଭାବରେ ଦେଖିଲୁ । ଆଉ କେତେକ ଆଦୌ ଦେଖିହେଲାନାହିଁ । ନେପୋଲିଅନଙ୍କ ନିର୍ମିତ ବିଜୟ-ସ୍ତମ୍ଭ ଦେଖିଲୁ । ବର୍ତ୍ତମାନ ଏହା ମୃତ ସୈନିକମାନଙ୍କର ସ୍ମୃତି-ମନ୍ଦିର ଭାବରେ ନାମିତ ।

**ଭର୍ସାଇଲ ରାଜପ୍ରାସାଦ :**

ମଧ୍ୟାହ୍ନଭୋଜନ ପରେ ଭର୍ସାଇଲ୍ ରାଜପ୍ରାସାଦ ଦେଖିବାକୁ ଗଲୁ । ଏହି ପ୍ରାସାଦ ପୃଥିବୀର ଶ୍ରେଷ୍ଠ ରାଜପ୍ରାସାଦ ରୂପେ ଖ୍ୟାତ । ଏହା ଆକାରରେ ଓ ସାଜସଜ୍ଜାରେ ପୃଥିବୀର ଅନ୍ୟ ପ୍ରାସାଦମାନଙ୍କଠାରୁ ଅଧିକ ବିଖ୍ୟାତ । ଏହାର ଆୟତନ ଏତେ ବଡ଼ ଯେ ଏହା ଗୋଟିଏ ଛୋଟ ସହର ଭଳି ବୋଧହୁଏ । ପ୍ରଶସ୍ତ ଲୌହ ଫାଟକ ଦେଇ ଗଲେ ପ୍ରଥମେ ଦେଖିବାକୁ ମିଳେ ଗୋଟିଏ ସୁପ୍ରଶସ୍ତ ପ୍ରାଙ୍ଗଣ । ପ୍ରାସାଦ ପରିସୀମା ଭିତରେ ଅଛି ଅନେକ କୃତ୍ରିମ ଝରଣା ଓ ଗୋଟିଏ ମନୋରମ ପୁଷ୍ପ-ଉଦ୍ୟାନ । ଏହି ପୁଷ୍ପ-ଉଦ୍ୟାନଟି ଦେଖି ମନେପଡ଼ିଲା ପୂର୍ବରୁ ଦେଖିଥିବା ଆମଷ୍ଟରଡାମ୍‌ର ଫ୍ଲୋରିଆଡ଼ ବା ପୁଷ୍ପ-ପ୍ରଦର୍ଶନୀ । ଚିତ୍ର ଆଙ୍କିଲା ପରି ସୁନ୍ଦର ଭାବରେ ବିଭିନ୍ନ ରଙ୍ଗର ଫୁଲ ଲଗାହୋଇଛି । ପ୍ରାସାଦ ଭିତରେ ଐଶ୍ୱର୍ଯ୍ୟର ପରାକାଷ୍ଠା । ବିରାଟ ହଲ୍‌ମାନଙ୍କରେ ସ୍ୱର୍ଣ୍ଣ ଆଚ୍ଛାଦିତ ବିରାଟକାୟ ଝରକା ଓ କବାଟ । ଏହି ହଲ୍‌ର କାନ୍ଥରେ ପରିଶୋଭିତ ବୃହଦାକାର ଚିତ୍ରପଟମାନ । ପ୍ରତ୍ୟେକ ଚିତ୍ର ପୃଥିବୀର ଶ୍ରେଷ୍ଠ ଶିଳ୍ପୀଙ୍କଦ୍ୱାରା ଅଙ୍କିତ । ଆଲୋକସଜ୍ଜା ଅନୁରୂପ । ବହୁମୂଲ୍ୟ ସ୍ଫଟିକ ବା କ୍ରିଷ୍ଟେଲ୍ କାଚର ଆଲୋକପୁଞ୍ଜ ହଲ୍‌ମାନଙ୍କର ଶୋଭା ବର୍ଦ୍ଧନ କରୁଛି । ରାଣୀଙ୍କର ଶୟନକକ୍ଷ ସବୁ ଘର ମଧ୍ୟରେ ଅଧିକ ସୁନ୍ଦର । ତାଙ୍କର ସ୍ୱର୍ଣ୍ଣ ଆଚ୍ଛାଦିତ ଶଯ୍ୟା ନିକଟରେ ବହୁମୂଲ୍ୟ ଅଳଙ୍କାର ରଖିବାର ସ୍ୱର୍ଣ୍ଣନିର୍ମିତ ବାକ୍ସ । ଏ ଶଯ୍ୟାକୁ ଶୟନକକ୍ଷର ଅନ୍ୟ ସ୍ଥାନଠାରୁ ପୃଥକ୍ ରଖିବା ପାଇଁ ସୁନାର ବାଡ଼ ଦିଆହୋଇଛି । ଘରର ସାଜସଜ୍ଜାରେ ଆଖି ଝଲସିଯାଏ ।

ଏହି ପ୍ରାସାଦର ନିର୍ମାଣ ବହୁ ଅର୍ଥ ବ୍ୟୟ କରି ଚତୁର୍ଦ୍ଦଶ ଲୁଇଙ୍କ ସମୟରେ ହୋଇଥିଲା । ଯେତେବେଳେ ଷୋଡ଼ଶ ଲୁଇଙ୍କର ରାଜତ୍ୱକାଳରେ ଗରିବ ଲୋକମାନେ ଦୁର୍ଭିକ୍ଷ ଓ ଖାଦ୍ୟାଭାବଯୋଗୁଁ ଚରମ ବିପଦର ସମ୍ମୁଖୀନ ହୋଇଥିଲେ, ସେତେବେଳେ ଧନୀ ଲୋକଙ୍କର ବିଳାସପୂର୍ଣ୍ଣ ଜୀବନ ଲୋକଙ୍କୁ ଉତ୍ତେଜିତ କରିଥିଲା ଏବଂ ଏହି ପ୍ରାସାଦର ଆଡ଼ମ୍ବର ଓ ସାଜସଜ୍ଜା ରାଜପରିବାରକୁ ମୃତ୍ୟୁମୁଖକୁ ଟାଣିନେଇଥିଲା । ସେ ଯାହାହେଉ, ବର୍ତ୍ତମାନ ଏହି ଐଶ୍ୱର୍ଯ୍ୟପୂର୍ଣ୍ଣ ରାଜପ୍ରାସାଦ ଫ୍ରାନ୍‌ସର ଜାତୀୟ ସମ୍ପଦ । ଏହାଦ୍ୱାରା ଆକୃଷ୍ଟ ହୋଇ ଆସନ୍ତି ଦୂର ବିଦେଶରୁ ବହୁ ପର୍ଯ୍ୟଟକ । ଭର୍ସାଇଲ୍ ରାଜପ୍ରାସାଦ ଦେଖିସାରି ବେଲଜିୟମ୍‌ର ରାଜଧାନୀ ବ୍ରସେଲ୍‌ସ ଅଭିମୁଖେ ବାହାରିଲୁ ମଧ୍ୟାହ୍ନଭୋଜନ ପରେ ।

**ବ୍ରସେଲ୍‌ସର ଲେସ ଓ କାଚ କାରଖାନା :**

ବ୍ରସେଲ୍‌ସରେ ଯେଉଁ ହୋଟେଲରେ ରହିଲୁ ସେଠାରେ ରହିବାର ସମସ୍ତ ସୁବନ୍ଦୋବସ୍ତ ଥିଲା । ଆମର କୋଠରିରେ ଟେଲିଫୋନ, ରଙ୍ଗିନ ଟେଲିଭିଜନ୍, କୁକିଂରେଞ୍ଜ ଅର୍ଥାତ୍ ବିଦ୍ୟୁତ ଚୁଲିସମୂହ, ତା ଛଡ଼ା ଯାବତୀୟ ପାନୀୟ ଭରି ଫ୍ରିଜ୍, ପୋଷାକ ରଖିବା ପାଇଁ ଆଲମାରି, ପାଇଖାନା ଓ ଗାଧୋଇବା ଘର ଥିଲା । ରାତ୍ରିଭୋଜନ କଲୁ ନିକଟସ୍ଥ ଗୋଟିଏ ଭୋଜନାଳୟରେ ।

ଜୁଲାଇ ୩୦ ତାରିଖ ଦିନ ସକାଳେ ବ୍ରସେଲ୍‌ସ ସହର ବୁଲିବାକୁ ଗଲୁ । ଆମର ଗାଇଡ଼ ଥିଲେ ଆନ୍ଦ୍ରେ । ବୟସରେ ବୃଦ୍ଧ ହେଲେ ବି ତାଙ୍କର ପ୍ରତ୍ୟେକ କଥାରେ ସରସତା । ବ୍ରସେଲ୍‌ସ ସହରସ୍ଥିତ ପାର୍ଲାମେଣ୍ଟଭବନ, ରାଜପ୍ରାସାଦ, ରାଜଗୀର୍ଜା ଓ ଇଉରୋପିଆନ୍ ଇକନମିକ୍ କମିଟି (ଇଇସି)ର ମୁଖ୍ୟ କାର୍ଯ୍ୟାଳୟ ଦେଖିଲୁ । ବେଲ୍‌ଜିୟମ୍‌ର ପାର୍ଲାମେଣ୍ଟ ଭବନ ନିକଟରେ ରାଜପ୍ରାସାଦ । ଚଳିତ ପ୍ରଥା ଅନୁଯାୟୀ ରାଜା ପ୍ରାସାଦରୁ ବାହାରି ସାଧାରଣ ନାଗରିକ ପରି ପାଦରେ ଚାଲି ଚାଲି ମଝିରେ ଥିବା ବଗିଚା ଅତିକ୍ରମ କରି ପାର୍ଲାମେଣ୍ଟଭବନକୁ ଯାଆନ୍ତି ପାର୍ଲାମେଣ୍ଟ ଉଦ୍‌ଘାଟନ କରିବାପାଇଁ । ଉପରୋକ୍ତ ସ୍ଥାନମାନଙ୍କୁ ଯିବା ବାଟରେ 'ଉତ୍ତମଚାଳକଙ୍କ ସ୍ମୃତି-ମନ୍ଦିର' ଦେଖାଇବାକୁ ଆନ୍ଦ୍ରେ ଭୁଲି ନଥିଲେ । ଦୁର୍ଘଟଣାରେ ଭାଙ୍ଗିଥିବା ଅନେକଗୁଡ଼ିଏ ଗାଡ଼ିର ଭଗ୍ନାବଶେଷ ଏଠାରେ ସ୍ତୂପାକାରରେ ପଡ଼ିଥିବାର ଦେଖିଲୁ । ଚାଳକର ଅସାବଧାନତା ଯୋଗୁଁ ଦୁର୍ଘଟଣାରେ ଏହି ଗାଡ଼ିଗୁଡ଼ିକ ଭାଙ୍ଗିଥିବାରୁ ବ୍ୟଙ୍ଗୋକ୍ତି କରି ଆନ୍ଦ୍ରେ ଏହାକୁ 'ଉତ୍ତମଚାଳକଙ୍କ ସ୍ମୃତି-ମନ୍ଦିର' ଆଖ୍ୟା ଦେଇଥିଲେ । ତା ପରେ ଦେଖିଲୁ ନଗରୀର ମଧ୍ୟସ୍ଥଳରେ ଅବସ୍ଥିତ ଦି ଗ୍ରାଣ୍ଡ ପ୍ଲେସ (The Grande Place) । ଏ ସ୍ଥାନର ତିନି ଦିଗରେ ଥିବା ପ୍ରାଚୀନ କାଳର ସୁରମ୍ୟ ଅଟ୍ଟାଳିକାମାନ ସେ ସ୍ଥାନର ଶୋଭା ବର୍ଦ୍ଧନ କରୁଛନ୍ତି । ସେ ସ୍ଥାନ ବିଶେଷ ଆକର୍ଷଣୀୟ ହୋଇଥିବାରୁ ସେଠାରେ ପୁଷ୍ପ-ପ୍ରଦର୍ଶନୀ ହୋଇଥାଏ ।

ତତ୍ପରେ ଗଲୁ କାଚର ଦୋକାନ ସବୁ ଦେଖିବାପାଇଁ । ବେଲ୍‌ଜିୟମ୍ ତାହାର କାଚ ଓ କାଚ-ତିଆରି ଜିନିଷ ପାଇଁ ପୃଥିବୀବିଖ୍ୟାତ । ବେଲ୍‌ଜିୟମ୍ ଦର୍ପଣ ପୃଥିବୀରେ ସର୍ବଶ୍ରେଷ୍ଠ । କାଚ ଦୋକାନରେ ବହୁମୂଲ୍ୟ ସ୍ଫଟିକ କାଚ-ନିର୍ମିତ Chandelier ବା ଆଲୋକଝାଡ଼ ଦେଖିଲୁ । ଲେସ୍ କାମ ପାଇଁ ମଧ୍ୟ ବେଲ୍‌ଜିୟମ୍ ବିଖ୍ୟାତ । ଲେସ୍-କାରଖାନା ଗୋଟିଏ ଦେଖିଲୁ । ସେଠାରେ ଲେସ୍ କାମ କିପରି ହୁଏ ପର୍ଯ୍ୟଟକମାନଙ୍କୁ ସେଠିକାର କର୍ତ୍ତୃପକ୍ଷ ବିସ୍ତୃତ ଭାବରେ ବୁଝାଇଲେ । ଆଲୋକପୁଞ୍ଜ ପରି ଲେସ୍‌ସବୁ ସୁନ୍ଦର, ବେଶ୍ ଦାମିକା ମଧ୍ୟ । କିଣିବାର ଉପାୟ ନାହିଁ । ମାତ୍ର କିଣିଲୁ ଗୋଟିଏ ଗ୍ଲେଟ ନଗ୍ନ ବାଳକମୂର୍ତ୍ତି । ଏହି ବାଳକଟି ତାର ଧନୀ ପିତାମାତାଙ୍କ ଘରୁ ବାହାରି ବୁଲୁବୁଲୁ କେଉଁଆଡ଼େ ହଜିଯାଇଥିଲା । ପରେ ମିଳିଥିଲା ଏହି ନଗ୍ନ ଅବସ୍ଥାରେ । ଆଶ୍ୱସ୍ତ ପିତାମାତା ହଜାର ହଜାର ସଂଖ୍ୟାରେ ଏହି ମୂର୍ତ୍ତି କରି ତାଙ୍କ ଜୀବନର ଏହି କରୁଣ କାହାଣୀକୁ ରୂପ ଦେଇଯାଇଛନ୍ତି ।

**ଲିଭରପୁଲ ପ୍ରତ୍ୟାବର୍ତ୍ତନ :**

ଘରୁ ବାହାରିବାର ୧୬ ଦିନ ପରେ ଜୁଲାଇ ୩୦ ତାରିଖ ଦିନ ଲିଭର୍‌ପୁଲ ଫେରିଲୁ । ବ୍ରସେଲ୍‌ସରୁ ପ୍ରଥମେ ବସ୍‌ରେ ଅଷ୍ଟେଣ୍ଡ ଯାତ୍ରାକଲୁ । ସେଠାରେ ମଧ୍ୟାହ୍ନଭୋଜନ ପରେ ଜାହାଜରେ ବସି ଡୋଭର୍ ଅଭିମୁଖରେ ଆମର ଯାତ୍ରା ଆରମ୍ଭ କଲୁ । ଫେରିବା ବେଳେ ସମୁଦ୍ରରେ ବଡ଼ ବଡ଼ ଢେଉ ଉଠିଥିବାର ଲକ୍ଷ୍ୟ କଲୁ । ତା' ସାଙ୍ଗକୁ ପବନ ଓ

ବର୍ଷା । ଆସିଲାବେଳେ ଜାହାଜ ସ୍ୱାଭାବିକ ଗତିରେ ଆସିଥିଲା । ପାଗ ମଧ୍ୟ ଭଲ ଥିଲା । ଯାହାହେଉ ଟିକିଏ ଡେରିରେ ହେଲେ ମଧ୍ୟ ନିର୍ବିଘ୍ନରେ ଇଂଲିଶ ପ୍ରଣାଳୀ ପାରହୋଇ ଶେଷରେ ଇଂଲଣ୍ଡ ଉପକୂଳରେ ଥିବା ଡୋଭର୍‌ଠାରେ ପହଞ୍ଚିଲୁ । ସେଠାରୁ ଭିକ୍ଟୋରିଆ ଷ୍ଟେସନ୍‌କୁ ଟ୍ରେନରେ ଯାଇ ପହଞ୍ଚିଲା ପରେ ଆଉ ଗୋଟିଏ ଟ୍ରେନ୍‌ରେ ଲିଭରପୁଲର ଲାଇମ ଷ୍ଟ୍ରିଟ ଷ୍ଟେସନକୁ ଗଲୁ । ଟ୍ରେନସବୁ ଯଥାସମୟରେ ମିଳିବାରୁ ଘରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବାରେ କୌଣସି ଅସୁବିଧା ହୋଇ ନଥିଲା । ଘରେ ପହଞ୍ଚିଲାବେଳକୁ ରାତି ୧୧ଟା । ଅଳ୍ପ ସମୟ ମଧ୍ୟରେ ରାତ୍ରି ଭୋଜନ କରି ଆମର ସେହି ପରିଚିତ ଘରେ ଆରାମରେ ଶୋଇପଡ଼ିଲୁ ଗଭୀର ନିଦ୍ରାରେ ।

ପରଦିନ ସକାଳେ ଟିକେ ଡେରିରେ ଉଠିଲୁ । ଉଠିଲା ପରେ ପରିଚିତ ଘର ଓ ପରିବେଶରେ ମଧ୍ୟ କିପରି ସବୁ ନୂଆ ନୂଆ ଲାଗୁଥିଲା । ଲାଗିବାର କଥା ମଧ୍ୟ । ଏହି ୧୬ ଦିନ ମଧ୍ୟରେ କେତେ ପଥ ଅତିକ୍ରମ କରିଛୁ ଜଳ ଓ ସ୍ଥଳ ଭାଗରେ । କେତେ ସ୍ଥାନ ପରିଦର୍ଶନ କରିଛୁ । ଏହି ସ୍ୱଳ୍ପ ସମୟ ମଧ୍ୟରେ ହଲାଣ୍ଡ, ବେଲଜିୟମ, ଲକ୍ସେମ୍ବର୍ଗ, ଜର୍ମାନୀ ଓ ଫ୍ରାନ୍‌ସ୍ ଦେଶମାନଙ୍କ ସହିତ ଲଣ୍ଡନ ଓ ପ୍ୟାରିସ ପରି ମହାନଗରୀମାନ ଦେଖିସାରି ଘରକୁ ଫେରିଛୁ । ତେଣୁ କିଛିଦିନ ଘରେ ରହି ମଧ୍ୟ ସବୁ ଅଲଗା ଲାଗିବା ସ୍ୱାଭାବିକ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଦୀର୍ଘ ଦିନଧରି ଯାତ୍ରା ପରେ ମଧ୍ୟ ଆମକୁ ବିଶେଷ କ୍ଲାନ୍ତ ଲାଗୁ ନ ଥାଏ । ମନେପଡ଼ିଲା, ଓଡ଼ିଶାରେ ଥିଲାବେଳେ ଓଡ଼ିଶାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତରେ ଥିବା କୌଣସି ସ୍ଥାନକୁ ବସ୍‌ରେ ଗଲେ କେତେ କ୍ଲାନ୍ତ ଲାଗେ । କଟକରୁ କୋରାପୁଟ କିମ୍ବା ସୁନ୍ଦରଗଡ଼ ପ୍ରଭୃତି ସ୍ଥାନକୁ ବସ୍‌ରେ ଯାଇଥିବା ସମୟର ଅବସ୍ଥାକୁ ମନେପକାଇ ଏ ଯାତ୍ରାର ସୁଖ-ସ୍ୱାଚ୍ଛନ୍ଦ୍ୟ ଆମକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ବିଶ୍ଳେଷଣ କରି ଭାବିଲି ଏହାର କାରଣମାନ । ଆମ ଦେଶର ଯାତ୍ରୀ ଏଠାକାର ଯାତ୍ରୀମାନଙ୍କ ତୁଳନାରେ କେତେ ବେଶି ଅସୁବିଧାରେ ଯାତ୍ରା କରନ୍ତି । ଆମର ବସ୍‌ଗୁଡ଼ିକରେ ଏପରି ବସିବାର ସୁବିଧା ନାହିଁ । ବସ୍‌ଗୁଡ଼ିକ ପୁରୁଣା ଓ ଉପଯୁକ୍ତ ଯତ୍ନ ଅଭାବରୁ ରାସ୍ତାରେ ବେଳେ-ବେଳେ ପଡ଼ିରହେ । ବସ୍ ମଧ୍ୟରେ ଅସମ୍ଭବ ଭିଡ଼ । ଅନେକ ସମୟରେ ଠିଆ ହୋଇ ଯିବାକୁ ପଡ଼େ । ବସିଲେ ମଧ୍ୟ ନିଃଶ୍ୱାସ ବନ୍ଦ ହୋଇଗଲା ପରି ବୋଧହୁଏ ।

ଏଠିକାର ବସ୍‌ରେ କିନ୍ତୁ ମୋଟେ ଭିଡ଼ ନାହିଁ । ବସିବାର ସ୍ଥାନ ସବୁ ଉଡ଼ାଜାହାଜରେ ଥିବା ସିଟ୍ ପରି ଆରାମଦାୟକ । ବସ୍‌ରେ ବସି ବାହାରର ମୁକ୍ତବାୟୁ ପାଇବାକୁ ଇଚ୍ଛା ହେଲେ ଭିତରେ ଥିବା ଝରକା ଖୋଲି ହେବ । ରାସ୍ତାସବୁ ବେଶ୍ ଚଉଡ଼ା, ସମତଳ ଓ ଉନ୍ନତ ଧରଣର । ତା'ଛଡ଼ା ଏକତରଫା ହୋଇଥିବାରୁ ବସ୍ ଓ ମଟରଗାଡ଼ିରେ ଗଲାବେଳେ ଡ୍ରାଇଭରମାନେ ହର୍ଣ୍ଣ ଦିଅନ୍ତି ନାହିଁ । ବସ୍ ଭିତରେ ଅଭ୍ୟାସବଶତଃ ଯାତ୍ରୀମାନେ ସାଧାରଣତଃ ନୀରବ କିମ୍ବା ଆସ୍ତେ ଆସ୍ତେ କଥାବାର୍ତ୍ତା କରନ୍ତି । ଏ ସବୁ କାରଣରୁ ବସ୍‌ରେ ଗଲାବେଳେ କେତେ ଶାନ୍ତିରେ ଓ ଆରାମରେ ଯାଉଥିଲୁ । ବାଟରେ ସର୍ଭିସେସ୍ (Services) ସବୁ ଥିବାରୁ ଯାତ୍ରୀମାନଙ୍କର ପରିସ୍ରା କରିଯିବା କିମ୍ବା ଝାଡ଼ା

ଯିବା ଇତ୍ୟାଦି ଦରକାର ହେଲେ କୌଣସି ଅସୁବିଧା ହେଉ ନ ଥିଲା । ଆମ ଦେଶରେ ଏ ସବୁ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ । ଏ ଦିଗରେ କର୍ତ୍ତୃପକ୍ଷ ଅଧିକ ତତ୍ପର ହେଲେ ଯାତ୍ରୀମାନଙ୍କର ସୁବିଧା ହୁଅନ୍ତା ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୁଅନ୍ତା । ପାଶ୍ଚାତ୍ୟ ଦେଶମାନଙ୍କରେ ପର୍ଯ୍ୟଟକମାନଙ୍କର ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ଥିବାରୁ ଯାତ୍ରୀମାନେ ଆରାମରେ ଯାତାୟାତ କରିପାରନ୍ତି । ତେଣୁ ଏ ଦେଶମାନଙ୍କୁ ବିଦେଶରୁ ବହୁସଂଖ୍ୟାରେ ଯାତ୍ରୀମାନେ ଆସନ୍ତି ଓ ଦେଶମାନେ ପ୍ରଭୂତ ବୈଦେଶିକ ମୁଦ୍ରା ଅର୍ଜନ କରନ୍ତି । ଆମ ଦେଶରେ ଅନେକ ଦର୍ଶନୀୟ ସ୍ଥାନ ଅଛି । ତେଣୁ ନାନା ଅସୁବିଧା ସତ୍ତ୍ୱେ ପ୍ରତିବର୍ଷ ଭାରତକୁ ବହୁ ପର୍ଯ୍ୟଟକ ଆସିଥାନ୍ତି । କିନ୍ତୁ ଏହି ପର୍ଯ୍ୟଟକମାନଙ୍କ ସଂଖ୍ୟା ଅନ୍ୟ ଦେଶମାନଙ୍କୁ ଆସୁଥିବା ପର୍ଯ୍ୟଟକଙ୍କ ତୁଳନାରେ ନଗଣ୍ୟ । ଅଳ୍ପ କେତେ ବର୍ଷ ହେଲା ଆମ ଦେଶରେ ହୋଟେଲ-ଶିଳ୍ପର ପ୍ରସାର ଆରମ୍ଭ ହୋଇଛି । ଭବିଷ୍ୟତରେ ଏ ଶିଳ୍ପର ଅଧିକ ପ୍ରସାର ହେଲେ ଓ ବିଶେଷତଃ ଜାତୀୟ ରାଜପଥରେ ମଧ୍ୟମ ଧରଣର ହୋଟେଲ ସ୍ଥାନେ ସ୍ଥାନେ ନିର୍ମିତ ହେଲେ ପର୍ଯ୍ୟଟକମାନଙ୍କର ଅଧିକ ସୁବିଧା ହୋଇପାରିବ ।

**ଆମର ଜର୍ମାନୀ ଯିବା କଥା :**

ଭାରତକୁ ଫେରିବା ପୂର୍ବରୁ ଜର୍ମାନୀରେ ଥିବା ମୋର ଭାଇ ଅଦ୍ୱୈତାନନ୍ଦ ମିଶ୍ର ତାର ଘରକୁ ଯିବାକୁ ଅନୁରୋଧ କରିଥିଲା । ସେ ସେଠାରେ ଗୋଟିଏ ଲୁହା କାରଖାନାରେ ଉଚ୍ଚପଦସ୍ଥ ଇଞ୍ଜିନିୟର । ୨୮ ବର୍ଷ ହେଲା ଜର୍ମାନୀରେ ରହୁଛି । ତେଣୁ ସେ ଓ ତାର ପିଲାମାନେ ଜର୍ମାନ୍ ଭାଷାରେ ସ୍ଥାନୀୟ ଅଧିବାସୀଙ୍କ ପରି କଥାବାର୍ତ୍ତା କରିପାରନ୍ତି . ସେମାନେ ବର୍ତ୍ତମାନ ଜର୍ମାନୀର କେଫେଲ୍‌ଡ ସହରରେ ଅଛନ୍ତି । ସେଠାକୁ ଯିବାକୁ ହେଲେ ଡସେଲଡର୍ଫ ବିମାନଘାଟୀକୁ ଉଡ଼ାଜାହାଜରେ ଯିବାକୁ ହେବ । ସେଠାରୁ କେଫେଲ୍‌ଡକୁ ଯିବାକୁ ମଟରଗାଡ଼ିରେ ପ୍ରାୟ ୩୦ ମିନଟ୍ ସମୟ ଲାଗେ । ଯିବା ପୂର୍ବରୁ ସେମାନଙ୍କ ପାଇଁ ସଙ୍ଗରେ ଲିଭରପୁଲରୁ କିଛି ଭାରତୀୟ ମିଷ୍ଟାନ୍ନ ନେଲୁ । ସେଠାରେ ଭାରତୀୟ ଖାଦ୍ୟ ଓ ମିଷ୍ଟାନ୍ନ ମିଳେ ନାହିଁ ବୋଲି ଶୁଣିଥିଲୁ । ଜର୍ମାନୀ ଯିବା ପାଇଁ ଆଗରୁ ଭିସା ମିଳିଥାଏ । ବ୍ରିଟିଶ୍ ଏୟାର ୱେଜ୍‌ର ଉଡ଼ାଜାହାଜରେ ଯିବା ଓ ଫେରିଆସିବା ପାଇଁ ଆମର ଟିକେଟ ମଧ୍ୟ ହୋଇସାରିଥାଏ । ଆମେ ଭାରତ ଫେରିବା ବାଟରେ ଜର୍ମାନୀ ଯିବୁ ବୋଲି ଭାବିଥିଲୁ । କିନ୍ତୁ ଦେଖିଲୁ ଇଂଲଣ୍ଡରୁ ଭାରତ ଫେରିବା ବାଟରେ ଜର୍ମାନୀ ହେଲେ ମଧ୍ୟ ଲଣ୍ଡନରୁ ବମ୍ବେକୁ ୨୩୦ ପାଉଣ୍ଡ ଭଡ଼ା ପଡ଼ୁଥିବା ସ୍ଥଳେ ଫ୍ରାଙ୍କଫୋର୍ଟରୁ ବମ୍ବେକୁ ୪୭୫ ପାଉଣ୍ଡ ପଡ଼େ । ତେଣୁ ଜର୍ମାନୀରୁ ଫେରି ଲଣ୍ଡନରୁ ସିଧାସଳଖ ବମ୍ବେ ଯିବାକୁ ସ୍ଥିର କଲୁ । ଝିଅ ଜ୍ୱାଇଁଙ୍କର ଛୁଟି ନ ଥିବାରୁ କେବଳ ଆମେ ଦୁଇଜଣ ଜର୍ମାନୀ ଯିବାର ସ୍ଥିର ହେଲା ।

୧୯୮୩ ମସିହା ଏପ୍ରିଲ ୨ ତାରିଖ ସକାଳ ସାଢ଼େ ଆଠଟା ବେଳେ ଜର୍ମାନୀ ଯିବା ପାଇଁ ଆମେ ଘର ଛାଡ଼ି ମାଞ୍ଚେଷ୍ଟର ବିମାନଘାଟୀରେ ଯାଇ ପହଞ୍ଚିଲୁ । ଇଉରୋପକୁ ଯାଉଥିବା

ଯାତ୍ରୀମାନେ ସାଧାରଣତଃ ମାଞ୍ଚେଷ୍ଟରଠାରୁ ଯାତ୍ରା ଆରମ୍ଭ କରିଥାଆନ୍ତି । ମାଞ୍ଚେଷ୍ଟର ସହର ଆଗରୁ ଦେଖିଥିଲୁ । ଏହା ଗୋଟିଏ ବେଶ୍ ବଡ଼ ସହର ଓ ବନ୍ଦର । ଲୋକ-ସଂଖ୍ୟା ସାଢ଼େ ପାଞ୍ଚଲକ୍ଷ । ଏହା ବସ୍ତ୍ରଶିଳ୍ପ ପାଇଁ ପ୍ରସିଦ୍ଧ । ଆମର ଉଡ଼ାଜାହାଜ ଛାଡ଼ିଲା ସକାଳ ୧୦-୬୫ ବେଳେ । ମାତ୍ର ୧ ଘଣ୍ଟା ୨୦ ମିନିଟ୍‌ରେ ଆମେ ପହଞ୍ଚିଲୁ ପଶ୍ଚିମ-ଜର୍ମାନୀର ଡସେଲଡର୍ଫଠାରେ । ସେତେବେଳେ ଇଂଲଣ୍ଡ ସମୟରେ ସକାଳ ୧୧ଟା ୪୫ ମିନିଟ୍ ଓ ଜର୍ମାନୀ ସମୟ ଅନୁଯାୟୀ ଅପରାହ୍ନ ୧୨ଟା ୪୫ମିନିଟ୍ । ମୋର ଭାଇ ବିମାନଘାଟୀକୁ ତା ସାନ ଝିଅ କୁନୁମା ସଙ୍ଗରେ ଆସିଥାଏ ।

ଡସେଲଡର୍ଫରୁ କ୍ରେଫେଲ୍ଡ ସହରରେ ଥିବା ତାଙ୍କ ଘରେ ପହଞ୍ଚିବାକୁ ମାତ୍ର ୪୫ମିନିଟ୍ ଲାଗିଥିଲା । କ୍ରେଫେଲ ପଶ୍ଚିମ-ଜର୍ମାନୀ ଦେଶର ପଶ୍ଚିମାଂଶର ଗୋଟିଏ ଶିଳ୍ପୋନ୍ନତ ସହର, ରାଇନ ନଦୀ କୂଳରେ ଅବସ୍ଥିତ । ଏହି ସହର ଶିଲ୍କ, ରେଅନ ଓ ଲୌହ ଶିଳ୍ପ ପାଇଁ ପ୍ରସିଦ୍ଧ । ଏହାର ଲୋକସଂଖ୍ୟା ୨,୨୩,୦୦୦ । କ୍ରେଫେଲ୍ଡ ସହର ଭିତରେ ଗଲାବେଳେ ଲକ୍ଷ୍ୟକଲି ଅଧିକାଂଶ ଘର ପୁଷ୍ପ-ଉଦ୍ୟାନରେ ସୁସଜ୍ଜିତ । ତା ଛଡ଼ା ଏହି ସହରର ରାସ୍ତା ମଝିରେ ନାନା ରଙ୍ଗର ଫୁଲଗଛ ଲଗାହୋଇଥିବାରୁ ସହରଟି ଗୋଟିଏ ସୁଶୋଭିତ ପାର୍କ ଭଳି ଦିଶେ । ହଲାଣ୍ଡର ଲୋକଙ୍କ ପରି ଜର୍ମାନୀର ଲୋକମାନେ ମଧ୍ୟ ଭାରି ଫୁଲପ୍ରିୟ; ତେଣୁ ଜର୍ମାନୀର ସବୁ ସହର ଏହିପରି ସୁନ୍ଦର ସୁନ୍ଦର ଫୁଲବଗିଚାରେ ସଜାହୋଇବାର ଦେଖିଲୁ । ଏଠାରେ ଘରର ନିର୍ମାଣ-କୌଶଳ ଇଂଲଣ୍ଡଠାରୁ ଭିନ୍ନ ।

ମୋ ଭାଇର ପରିବାର ଆମର ଆସିବାକୁ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି; ତେଣୁ ଆମେ ପହଞ୍ଚିଲାକ୍ଷଣି ଆନନ୍ଦ ଓ ଉଲ୍ଲାସରେ ଘର ପୂରିଉଠିଲା । ଘରର ନମ୍ବର ୨୧ ଇମ ବେନ୍ରେଡର ଫେଲ୍ଡ୍ **(21 IM Benrader Feld)** : ଜର୍ମାନ ଭାଷା ହୋଇଥିବାରୁ ଘର ଓ ସ୍ଥାନର ନାମ ଶୁଣିବାକୁ ପ୍ରଥମେ ଅଡ଼ୁଆ ଲାଗେ । ଅନ୍ୟାନ୍ୟ ଘର ପରି ସୁନ୍ଦର ଘାସପଡ଼ିଆ, ଫୁଲ ଓ ଫଳ ବଗିଚା ରହିଛି । ବହୁ ପ୍ରକାରର ଫୁଲ ଓ ଫଳ ଗଛ ବଗିଚାରେ ଅଛି । ସେ ପର୍ଯ୍ୟନ୍ତ ଗ୍ରୀଷ୍ମଋତୁ ହୋଇ ନ ଥିବାରୁ ଫୁଲସବୁ ଫୁଟି ନ ଥାଏ । ତଥାପି ଆମେ ସେଠାରୁ ଆସିବା ପୂର୍ବରୁ କେତେକ ଫୁଲ ଦେଖିବାକୁ ପାଇଲୁ—ଫଳ ହେବାକୁ ଡେରି । ବଗିଚାରେ ସେଓ, ଚେରି, ପ୍ଲମ, ପିଅର ଓ ପିଚ୍ ଇତ୍ୟାଦି ବହୁ ପ୍ରକାରର ଫଳଗଛ ଅଛି । ଫଳ ବହୁତ ହୁଏ—ଖାଇ ନ ହେବାରୁ ବଣ୍ଟାହୁଏ । ଏ ସବୁ ଫଳ ଫୁଲ ଦେଖି ମନରେ ବଡ଼ ଆନନ୍ଦ ହେଲା । ଘରଟି ବୁଲିକରି ଦେଖିଲୁ । ତିନିମହଲା ଘର । ତା ଛଡ଼ା ବେସ୍‌ମେଣ୍ଟରେ ଅର୍ଥାତ୍ ମାଟି ତଳେ ଦୁଇ ତିନୋଟି ଘର ଅଛି । ଜର୍ମାନୀର ଅଧିକାଂଶ ଘରେ ମାଟି ତଳେ ଏପରି ଘର ଥିବାର ଶୁଣିଲି । ଏହି ଘରମାନଙ୍କରେ ଅନ୍ୟାନ୍ୟ ଜିନିଷ ଭିତରେ ଗୋଟିଏ ବଡ଼ ଫ୍ରିଜର୍ ଓ ଘରକୁ ଗରମ କରିବାର ଯନ୍ତ୍ରାଦି ଥାଏ ।

ଆମେ ପହଞ୍ଚିବାର ଅଳ୍ପସମୟ ପରେ ଟେଲିଫୋନ୍ ବାଜିଲା । ସେଠିକାର ମିଷ୍ଟର ମାଥୁର ନାମକ ଜଣେ ଭାରତୀୟ ଇଞ୍ଜିନିୟର ଆମକୁ ସେଦିନ ସନ୍ଧ୍ୟାବେଳେ ରାତ୍ରି ଭୋଜନ

ପାଇଁ ନିମନ୍ତ୍ରଣ ଜଣାଇଲେ । ଯିବାପାଇଁ ସମ୍ମତି ଦେଲୁ । ତାଙ୍କ ଘରେ ଅନେକ ଭାରତୀୟ ଓ ଜର୍ମାନ ଇଞ୍ଜିନିୟରଙ୍କ ସଙ୍ଗରେ ଦେଖାହେଲା । ଜର୍ମାନମାନଙ୍କ ସଙ୍ଗରେ କଥାବାର୍ତ୍ତା ବେଳେ ଅନୁଭବ କଲୁ ଭାଷା-ସମସ୍ୟା । ସେଠାରେ ଅଧିକାଂଶ ଲୋକ ଇଂରାଜୀ ବୁଝନ୍ତି ନାହିଁ; ଅଳ୍ପ କେତେକ ସାମାନ୍ୟ ଇଂରାଜୀ ଜାଣନ୍ତି । ତେଣୁ, ଅନୁଭବ କଲୁ ଜର୍ମାନୀରେ ଥିବା ପର୍ଯ୍ୟନ୍ତ ସେମାନଙ୍କ ସଙ୍ଗରେ ଅନ୍ୟର ବିନା ସାହାଯ୍ୟରେ କଥାବାର୍ତ୍ତା କରିବା ସମ୍ଭବ ନୁହେଁ । ରାତ୍ରି ଭୋଜନ ପାଇଁ ପରିବେଷଣ କରାଗଲା ଭାରତୀୟ ଖାଦ୍ୟ । ଏଠାରେ ଥିବା ଭାରତୀୟମାନେ ଇଂଲଣ୍ଡରେ ଥିବା ଭାରତୀୟଙ୍କ ପରି ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ ସଚେଷ୍ଟ । କିନ୍ତୁ ଏହା କଷ୍ଟକର ବ୍ୟାପାର; କାରଣ ଜର୍ମାନୀରେ ଭାରତୀୟଙ୍କ ସଂଖ୍ୟା ଇଂଲଣ୍ଡ ତୁଳନାରେ ବହୁତ କମ୍ । ଶୁଣିଲୁ ଇଂଲଣ୍ଡରେ ମିଳୁଥିବା ଭାରତୀୟ ଶାକସବ୍ଜି ଓ ପୋଷାକପତ୍ର ଏଠାରେ ମିଳେ ନାହିଁ । ରାତ୍ରି ଭୋଜନ ପରେ ଉପସ୍ଥିତ ବନ୍ଧୁମାନଙ୍କ ସଙ୍ଗରେ କଥାବାର୍ତ୍ତା କରି ଫେରିଲାବେଳକୁ ପ୍ରାୟ ମଧ୍ୟରାତ୍ରି ।

## କଲୋନ ଓ ବନ୍ ସହର :

ତହିଁ ଆରଦିନ ସକାଳେ କଲୋନ୍ (**Cologne**) ଓ ବନ୍ ସହର ଦେଖିବାକୁ ମଟର ଗାଡ଼ି ଯୋଗେ ବାହାରିଲୁ । ଏହି ଉଭୟ ସହର ରାଇନ୍ କୂଳରେ ଅବସ୍ଥିତ । ପ୍ରଥମେ କଲୋନ୍ ସହରରେ ପହଞ୍ଚିଲୁ । ଏହା ଗୋଟିଏ ବଡ଼ ସହର—ଲୋକସଂଖ୍ୟା ପ୍ରାୟ ସାଢ଼େ ଆଠଲକ୍ଷ । ଏହା ଗୋଟିଏ ରେଲୱେ ଜଙ୍କସନ୍ ଓ ବିଭିନ୍ନ ଶିଳ୍ପ ଓ ବ୍ୟାଙ୍କର କେନ୍ଦ୍ରସ୍ଥଳ । ପୃଥିବୀପ୍ରସିଦ୍ଧ ସୁବାସିତ ଅତର ଇଉଡି କଲୋନ (**Eau de Cologne**) ଏଠାରେ ପ୍ରସ୍ତୁତ ହୁଏ । ଏଠାରେ ଥିବା ପ୍ରଖ୍ୟାତ କଲୋନ୍ ବିଶ୍ୱବିଦ୍ୟାଳୟ ୧୩୮୮ ସାଲରେ ପ୍ରତିଷ୍ଠିତ ହୋଇଥିଲା । ଦ୍ୱିତୀୟ ମହାଯୁଦ୍ଧରେ ଜର୍ମାନୀର ବହୁ କଳକାରଖାନା ଓ କୋଠାବାଡ଼ି ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନଷ୍ଟ ହୋଇଥିଲା । ୧୨୪୮ ସାଲରେ ନିର୍ମିତ ଏ ସ୍ଥାନର ପ୍ରସିଦ୍ଧ ଗୀର୍ଜା ମଧ୍ୟ ଏହି ଯୁଦ୍ଧରେ ବହୁତ କ୍ଷତିଗ୍ରସ୍ତ ହୋଇଥିଲା । ପରେ ପୁନଃନିର୍ମିତ ହୋଇ ବର୍ତ୍ତମାନ କଲୋନ ସହରର ଶୋଭା ବର୍ଦ୍ଧନ କରୁଛି ।

କଲୋନ ଯିବା ବାଟରେ ଗୋଟିଏ ଖାଇବା ଦୋକାନରେ କିଛି ଜଳଖିଆ କିଣି ଖାଇଲୁ । ଏ ଦୋକାନକୁ ଯାଇ ଜର୍ମାନୀ ଦେଶର ଖାଦ୍ୟପଦାର୍ଥର ନାମ ଓ ସ୍ୱାଦୁ ଜାଣିବା ଆମରଂ ପ୍ରଧାନ ଉଦ୍ଦେଶ୍ୟ ଥିଲା । ଛୋଟ ଦୋକାନ—କିନ୍ତୁ ଖାଦ୍ୟ ସୁସ୍ୱାଦୁ । ପ୍ରଥମ ଖାଦ୍ୟର ନାମ **'Rei be kuchen'** ଅର୍ଥାତ୍ ସିଝା ଆଳୁରେ ତିଆରି ଚପ୍ । ଦ୍ୱିତୀୟଟିର ନାମ **Frika Della mit Kartofd Salad;** ଏହାର ଅର୍ଥ ମାଂସ ଚପ୍ ସହିତ ଆଳୁ ସାଲାଡ଼ । ଏହି ଅପରିଚିତ ନାମ ଥିବା ଖାଦ୍ୟ ଖାଇସାରି ବନ୍ ସହର ଦେଖିବାକୁ ଗଲୁ ।

୧୯୪୯ ସାଲଠାରୁ ବନ୍ ସହର ପଶ୍ଚିମ-ଜର୍ମାନୀର ରାଜଧାନୀ ହୋଇ ଆସିଛି । ଏହାର ଲୋକସଂଖ୍ୟା ପ୍ରାୟ ତିନିଲକ୍ଷ । ଏଠାରେ ପଶ୍ଚିମ-ଜର୍ମାନୀର ବୁନ୍‌ଦେଶହାଉସ୍

(Bundeshaus) ଅର୍ଥାତ୍ ପାର୍ଲାମେଣ୍ଟଭବନ ଅବସ୍ଥିତ । ତା'ଛଡ଼ା ଏଠାରେ ବିଭିନ୍ନ ସଚିବାଳୟ ଓ ପ୍ରସିଦ୍ଧ ବନ-ବିଶ୍ୱବିଦ୍ୟାଳୟ ମଧ୍ୟ ଅଛି । ଏହି ସହରରେ ପୃଥିବୀପ୍ରସିଦ୍ଧ ସଙ୍ଗୀତଜ୍ଞ ବିଥୋଭେନ୍ ୧୭୭୦ ସାଲରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସଙ୍ଗୀତରେ ଭାବପ୍ରବଣତା ସହିତ ଉଚ୍ଚାଙ୍ଗ ସଙ୍ଗୀତର ଶୃଙ୍ଖଳା ଥିବାରୁ ପୃଥିବୀର ସଙ୍ଗୀତଜ୍ଞଙ୍କ ମଧ୍ୟରେ ତାଙ୍କର ସ୍ଥାନ ବହୁ ଉଚ୍ଚରେ । ବନ୍ ସହରରେ ବିଶ୍ୱବିଦ୍ୟାଳୟ, ପାର୍ଲାମେଣ୍ଟଭବନ, ଚାନ୍ସେଲର୍ଙ୍କ ନିବାସ ଇତ୍ୟାଦି ବହୁ ସରକାରୀ ଗୃହ ଦେଖିସାରିଲା ପରେ ପର୍ବତ ଉପରେ ଥିବା ଗୋଟିଏ ଗୃହ ଦେଖିବାକୁ ଯାଇଥିଲୁ । ଏହି ଗୃହରେ ଯୁଦ୍ଧୋତ୍ତର ସମୟରେ କ୍ରୁପ୍ସ ନାମକ ଜର୍ମାନୀର ପୃଥିବୀବିଖ୍ୟାତ ଶିଳ୍ପପତିଙ୍କୁ ବନ୍ଦୀ କରି ରଖାହୋଇଥିଲା । ଏହି ପର୍ବତ ଉପରୁ ବନ୍ ସହରର ଦୃଶ୍ୟ ବଡ଼ ମନୋହର । ଜର୍ମାନୀର ଏସବୁ ପ୍ରସିଦ୍ଧ ସ୍ଥାନ ଦେଖି ଘରକୁ ଫେରିଲୁ ସନ୍ଧ୍ୟା ପ୍ରାୟ ସାଢ଼େ ଛ'ଟା ବେଳକୁ । ସେ ଦିନ ଆମ ଘରେ ଭୋଜି । ଅନେକ ଭାରତୀୟ ଓ ଜର୍ମାନ ଲୋକଙ୍କୁ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରାହୋଇଥାଏ । ସେମାନଙ୍କ ଭିତରେ ଭାରତୀୟମାନଙ୍କ ଛଡ଼ା ଗୋଟିଏ ଜର୍ମାନ ଦମ୍ପତି ମଧ୍ୟ ଥାଆନ୍ତି । ସୌଭାଗ୍ୟବଶତଃ ସେମାନେ ଇଂରାଜୀ ଜାଣନ୍ତି । ତେଣୁ ତାଙ୍କ ସାଙ୍ଗରେ କଥାବାର୍ତ୍ତା କରିବାରେ ବିଶେଷ ଅସୁବିଧା ହେଲାନାହିଁ । ନିମନ୍ତ୍ରିତ ଭାରତୀୟଙ୍କ ମଧ୍ୟରେ କେନିୟାରୁ ଆସିଥିବା ଗୋଟିଏ ଭାରତୀୟ ପରିବାର ମଧ୍ୟ ଥାଆନ୍ତି । ସେମାନଙ୍କୁ ସେଠା ସରକାରଙ୍କ ଚାପରେ ଅନେକ ସମ୍ପତ୍ତି ଛାଡ଼ିକରି ଆସିବାକୁ ପଡ଼ିଥିଲା । ତେବେ ବର୍ତ୍ତମାନ ସେ ବିଷୟ ନେଇ ମା' ଓ ଝିଅଙ୍କ ମନରେ ଆଉ ବିଷାଦ ନାହିଁ । ଝିଅ ବର୍ତ୍ତମାନ ଗୋଟିଏ କମ୍ପାନୀରେ ଭଲ ଚାକିରିଟିଏ ପାଇଛି ।

## ଉପର୍ଟାଲ୍‌ର ଦୋଦୁଲ୍ୟମାନ ଟ୍ରେନ୍ :

ତହିଁ ଆରଦିନ ଉପର୍‌ଟାଲ୍ (Wuppertal) ନାମକ ଜର୍ମାନୀର ପଶ୍ଚିମାଞ୍ଚଳର ଗୋଟିଏ ସହର ଦେଖିବାକୁ ଯାଇଥିଲୁ । ଅନେକଗୁଡ଼ିଏ ସହରକୁ ମିଶାଇ ୧୯୨୯ରେ ଏହି ସହରଟି ପ୍ରତିଷ୍ଠିତ । ଏହାର ଲୋକସଂଖ୍ୟା ପ୍ରାୟ ଚାରିଲକ୍ଷ । ଉପର୍ ନଦୀ କୂଳରେ ଏହି ସହର ଅବସ୍ଥିତ ଥିବାରୁ ଏହା 'ଉପର୍‌ଟାଲ୍' ନାମରେ ନାମିତ ହୋଇଛି । ବସ୍ତ୍ରଶିଳ୍ପ, ଔଷଧ ତିଆରି କାରଖାନା ଓ ମଦ୍ୟ ତିଆରି ପାଇଁ ଏ ସହର ପ୍ରସିଦ୍ଧ । ଏହି ଶିଳ୍ପୋନ୍ନତ ସହରଟି ଦର୍ଶକଙ୍କ ତୀର୍ଥସ୍ଥାନ । ସେମାନେ ଏଠାରେ ସାଧାରଣତଃ ଦୁଇଟି ଦର୍ଶନୀୟ ସ୍ଥାନ ଦେଖିବାକୁ ଆସିଥାନ୍ତି । ପ୍ରଥମଟି ଏଠାରେ ଉପର୍ ନଦୀ ଉପରେ ଚାଲୁଥିବା ଟ୍ରେନ । ଏହି ଟ୍ରେନ୍‌ର ବିଶେଷତ୍ୱ ହେଲା ସାଧାରଣ ଟ୍ରେନ ପରି ମାଟି ଉପରେ ଥିବା ରେଳରାସ୍ତା ଉପରେ ଏହା ଚାଲେ ନାହିଁ । ଉପର୍ (Wupper) ନଦୀ ଉପରେ ଯାଇଥିବା ଗୋଟିଏ ମୋଟା ତାରରୁ ଏହା ଝୁଲି କରି ଚାଲିବାରୁ ଏହାକୁ ହାଙ୍ଗିଙ୍ଗ ଟ୍ରେନ (Hanging train) ବା ଦୋଦୁଲ୍ୟମାନ ଟ୍ରେନ କୁହାଯାଇଥାଏ । ଟ୍ରେନ ଚାଲିଲାବେଳେ ଏହାର ଉପରେ ଥିବା ଗୋଟିଏ ଚକ ବିଦ୍ୟୁତ୍ ତାର ସହିତ ସଂଯୁକ୍ତ ହୋଇଥାଏ । ଏହି ଟ୍ରେନ ଏକ

ପ୍ରକାର ମନୋରେଲ୍ (monorail) ବା ଗୋଟିଏ ରେଲଧାରଣାରେ ଚାଲୁଥିବା ଟ୍ରେନ । ଏପରି ଟ୍ରେନ ଆମେରିକା ଓ ଜାପାନରେ କେବଳ ଅଛି ବୋଲି ଶୁଣିଲି; ଅନ୍ୟତ୍ର ନାହିଁ ।

ଟିକେଟ କରି ଏ ଟ୍ରେନ୍‌ରେ ବସିବାକୁ ଗଲୁ । ଅନ୍ୟ ଟ୍ରେନପରି ଏହି ଟ୍ରେନର ଯାତ୍ରୀ-ମାନଙ୍କ ପାଇଁ ମଧ୍ୟ ଷ୍ଟେସନ୍ ଓ ପ୍ଲାଟଫର୍ମମାନ ଅଛି । ଗୋଟିଏ ପ୍ଲାଟଫର୍ମରେ ଅପେକ୍ଷା କରିଥାଉ । ଉପର୍ ନଦୀ ଅତିକ୍ରମ କରି ସେ ପାଖରୁ ଟ୍ରେନ୍‌ଟି ଆସିବାର ଦେଖିଲୁ । ଆମେ ଅପେକ୍ଷା କରିଥିବା ପ୍ଲାଟଫର୍ମରେ ଗାଡ଼ି ଆସି ରହିଲା । ଆମେ ରେଲଡବାର ଦ୍ୱାର ପାଖରେ ପହଞ୍ଚିଲାକ୍ଷଣି ଟ୍ରେନର ଦ୍ୱାର ଆପେ ଆପେ ଖୋଲିଗଲା । ଆମେ ଭିତରକୁ ଗଲୁ; ଦ୍ୱାର ପୁନର୍ବାର ଆପେ ଆପେ ବନ୍ଦ ହେଲା । ଟ୍ରେନ୍ ଚାଲିବାକୁ ଲାଗିଲା । ଚାହିଁ ଦେଖିଲୁ ତଳେ ଉପର୍ ନଦୀ । ଆମେ ତାହାର ବହୁ ଉଚ୍ଚରେ ସେହି ଝୁଲନ୍ତା ଟ୍ରେନରେ ବସି ଯାଉଛୁ । ଡ୍ରାଇଭର୍‌ଙ୍କ ପାଖରେ ଦେଖିଲୁ ଡାହାଣ ପାଖରେ ଗୋଟିଏ ଟେଲିଭିଜନ୍ ଓ ବାମ ପାଖରେ ଗୋଟିଏ ଡାକବାଜିଯନ୍ତ୍ର । ଟେଲିଭିଜନ୍‌ଦ୍ୱାରା ସେ ଦେଖୁଥାନ୍ତି ଟ୍ରେନ୍‌ର ଯାତ୍ରୀମାନଙ୍କୁ—କିଏ ଆସିଲା ଓ କିଏ ଓହ୍ଲାଇଲା । ସେ ଅନୁସାରେ ଟ୍ରେନ୍‌ର କବାଟ ବନ୍ଦ ହେଉଥାଏ ଓ ଖୋଲୁଥାଏ । ପାଖରେ ଥିବା ଡାକବାଜିଯନ୍ତ୍ର ସାହାଯ୍ୟରେ ଡ୍ରାଇଭର ଷ୍ଟେସନ ଆସିବା ପୂର୍ବରୁ ଷ୍ଟେସନର ନାମ ଇତ୍ୟାଦି ଘୋଷଣା କରୁଥାନ୍ତି । ଏହି ଟ୍ରେନ୍ ଓ ଏଥିରେ ଯିବାଆସିବା କରିବା ଅଭିନବ ଧରଣର ହୋଇଥିବାରୁ ବହୁ କାଳ ପାଇଁ ଏହା ସ୍ମରଣୀୟ ହୋଇ ରହିବ ।

ଏହି ଟ୍ରେନ୍‌ଯାତ୍ରା ପରେ ଆଉ ଗୋଟିଏ ଅପୂର୍ବ ଦୃଶ୍ୟ ଦେଖିଲୁ । ଏହି ସହରରେ ଅଛି ଗୋଟିଏ କ୍ଲକ୍ ମ୍ୟୁଜିୟମ ବା ବିଭିନ୍ନ ଘଣ୍ଟାର ସଂଗ୍ରହାଳୟ । ପୃଥିବୀର ନାନା ସ୍ଥାନରୁ ଆସି ବିଭିନ୍ନ ପ୍ରକାରର ଘଣ୍ଟା ଏଠାରେ ସଂରକ୍ଷିତ ଅଛି । ଏହି ମ୍ୟୁଜିୟମ୍‌ର ବାହାରେ ଗୋଟିଏ ସ୍ତମ୍ଭ ଉପରେ ବିପରୀତ ଦିଗରେ ଦୁଇଟି ଗ୍ରେଟ ଝରକା ଅଛି । ସନ୍ଧ୍ୟା ୫ଟା ବାଜିଲାକ୍ଷଣି ଦୁଇ ଦିଗରୁ ଦୁଇଟି ମୂର୍ତ୍ତି ବାହାରି ଆସିଲେ । ଡାହାଣ ପାଖରୁ ଆସିବା ମୂର୍ତ୍ତିଟି ଯମଦୂତ, ମନୁଷ୍ୟ ଜୀବନରୁ ଏକ ଘଣ୍ଟା ଅତୀତ ହୋଇଛି । ହସ୍ତରେ ଥିବା କୁଠାର ସାହାଯ୍ୟରେ ଯମଦୂତ କାଟିବା ଦୃଶ୍ୟର ଏହା ହିଁ ବିଷାଦପୂର୍ଣ୍ଣ ତାତ୍ପର୍ଯ୍ୟ । ଯମଦୂତଙ୍କ ସଙ୍ଗରେ ଏକସମୟରେ ଅପରଦିଗରୁ ଆସିଥିଲେ ଈଶ୍ୱରଙ୍କର ଦୂତ । ସେ ମଧ୍ୟ ଏହି ଏକ ଘଣ୍ଟା ଅତିବାହିତ ହେବା ପୃଥିବୀକୁ ଜଣାଇଲେ; କିନ୍ତୁ ତାଙ୍କର ବାର୍ତ୍ତା ଆଶାଜନକ—ଭୟାବହ ନୁହେଁ । ଏହି ସ୍ତମ୍ଭର ତଳେ ଅନେକଗୁଡ଼ିଏ ବଡ଼ ବଡ଼ ଘଣ୍ଟା । ପୃଥିବୀର ବିଭିନ୍ନ ସ୍ଥାନରେ ସେହି ସମୟରେ କେତେଟା ବାଜିଛି ଏହି ଘଣ୍ଟାମାନଙ୍କରୁ ଜାଣି-ହେଉଥାଏ । ଘଣ୍ଟାରେ ଇଂଲଣ୍ଡର ସମୟ ଦେଖିଲୁ । ଜର୍ମାନୀରେ ସେତେବେଳେ ଅପରାହ୍ଣ ୫ଟା ବାଜିଥିବାବେଳେ ଇଂଲଣ୍ଡରେ ବାଜିଛି ଅପରାହ୍ଣ ୪ଟା ଓ ବମ୍ବେରେ ବାଜିଛି ରାତି ସାଢ଼େନଅଟା । ଉଡ଼ାଜାହାଜଯାତ୍ରୀଙ୍କ ପକ୍ଷରେ ବିଭିନ୍ନ ଦେଶର ସମୟ ଜାଣିବା ବଡ଼ ଗୁରୁତ୍ୱପୂର୍ଣ୍ଣ ।

ଉପର୍ ଥାଲ ସହରରେ ଗୋଟିଏ ଶୌଚାଳୟକୁ ଗଲୁ ଆବଶ୍ୟକତା ଦୃଷ୍ଟିରୁ । ସେଠାରେ ଗୋଟିଏ କୋଠରୀରେ ପାଣିକଲମାନ ଥାଏ । ହାତ ଧୋଇବାକୁ ସେ କଳ ତଳକୁ ହାତ ଦେଖାଇଲାକ୍ଷଣି ପାଣି ପାଇପରୁ ବାହାରିବାକୁ ଆରମ୍ଭ କଲା—ପାଇପ ମୋଡ଼ିବାର ଆବଶ୍ୟକତା ନାହିଁ । ହାତ ପାଇପ ତଳୁ କାଢ଼ିଆଣିଲାରୁ ପାଣି ବୋହିବା ବନ୍ଦ ହୋଇଗଲା । ଏ ବ୍ୟବସ୍ଥା ଦେଖି ଆଶ୍ଚର୍ଯ୍ୟ ଲାଗିଲା । ଶୁଣିଲୁ ଏହି ଅତ୍ୟାଧୁନିକ ଫଟୋ ଇଲେକ୍ଟ୍ରିକ୍ (**Photo-electric**) ବ୍ୟବସ୍ଥା ଜର୍ମାନୀରେ ଅନେକ ସ୍ଥାନରେ ଅଛି ।

## ଜର୍ମାନୀର ଅଟୋବାନ୍

ଜର୍ମାନୀର ଜାତୀୟ ରାଜପଥକୁ ଅଟୋବାନ୍ (**autobahn**) କୁହାଯାଏ । ଏହି ଜାତୀୟ ରାଜପଥଦେଇ ଥରେ ଯାଉଥାଉ । ସେଦିନ ନିମନ୍ତ୍ରଣ ଥାଏ ଡସେଲଡର୍ଫରେ ଥିବା ମିଃ ଆପ୍ଟେ ନାମକ ଜଣେ ଭାରତୀୟ ଇଞ୍ଜିନିୟରଙ୍କ ଘରେ । ବାଟରେ ଲକ୍ଷ୍ୟ କଲୁ, ରାସ୍ତା କଡ଼ରେ ଉଚ୍ଚ ପ୍ରାଚୀରମାନ । ବୁଝିଲୁ ଏହି ପ୍ରାଚୀରଗୁଡ଼ିକୁ ସାଉଣ୍ଡ ବ୍ୟାରିୟର (**Sound Barrier**) ବା ଶବ୍ଦ-ନିରୋଧକ ପ୍ରାଚୀର କୁହାଯାଏ । ଜାତୀୟ ରାଜପଥ ପାଖରେ ଯେଉଁଠି ଜନବସତି ଅଛି ସେଠାରେ ଏପରି ପ୍ରାଚୀର ଦିଆହୋଇଥାଏ; ଏହାର ଉଦ୍ଦେଶ୍ୟ ଜନବସତିରେ ବାସକରୁଥିବା ଲୋକମାନଙ୍କୁ ଯେପରି ଗାଡ଼ିର ଶବ୍ଦ ନ ଶୁଭିବ । ଗାଡ଼ିର ଶବ୍ଦ ଶୁଣିବାଦ୍ୱାରା ଲୋକମାନେ ବିଶ୍ରାମ ନେବାରେ ଓ ଅନ୍ୟ କାର୍ଯ୍ୟ କରିବା ସମୟରେ ଅସୁବିଧା ଭୋଗକରନ୍ତି ।

ଆଉ ଗୋଟିଏ ବ୍ୟବସ୍ଥା ଏହି ଜାତୀୟ ପଥରେ ଯିବାବେଳେ ଦେଖିଲି । ଏହି ସୁପ୍ରଶସ୍ତ ରାଜପଥରେ ଦିଆହୋଇଥିବା ଆଲୋକସବୁ ସ୍ୱତଃ ପ୍ରଜ୍ୱଳିତ ହୁଏ ଓ ଲିଭେ । ଯେତେ-ବେଳେ ଅନ୍ଧାର ହୋଇଯାଏ, ସେତେବେଳେ ଆପେ ଆପେ ଏହି ଆଲୁଅ ସବୁ ଜଳିଉଠେ ଏବଂ ସୂର୍ଯ୍ୟର ପ୍ରଥମ କିରଣ ପଡ଼ିବାକ୍ଷଣି ଏ ଆଲୋକ ସବୁ ସ୍ୱତଃ ଲିଭିଯାଏ । ଜର୍ମାନୀ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ବିଜ୍ଞାନରେ ସବୁଠାରୁ ଅଧିକ ଅଗ୍ରଗତି କରିଛି । ଏ ସବୁ ତାହାର ସାମାନ୍ୟ ନମୁନା ମାତ୍ର ।

ଜର୍ମାନୀର ଅଟୋବାନ୍ ଆମେରିକାର ନ୍ୟାସନାଲ ହାଇୱେ ବ୍ୟତୀତ ପୃଥିବୀର ଅନ୍ୟ ସବୁ ଜାତୀୟ ରାଜପଥଠାରୁ ଚଉଡ଼ା ଓ ସୁନ୍ଦର ବୋଲି ଶୁଣିଲି । ଏହା ହିଟଲରଙ୍କ ସମୟରେ ତିଆରି । ରାସ୍ତାସବୁ ଏକତରଫା ଓ ପ୍ରତ୍ୟେକ ଦିଗରେ ୬ଟା ରାସ୍ତା ଥାଏ । ରାସ୍ତାରେ ଗଲାବେଳେ ଦେଖିଲି ପ୍ରାୟ ୧ ମାଇଲ ବ୍ୟବଧାନରେ ଗୋଟିଏ ଗୋଟିଏ ଫୋନ୍ । ପୁଲିସ କର୍ମଚାରୀ ଓ ଯାତ୍ରୀମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ଇଂଲଣ୍ଡରେ ଓ ଭାରତରେ ମଧ୍ୟ ରାସ୍ତାର ବାମ ପାଖରେ ଯିବାର ବ୍ୟବସ୍ଥା । ଏଠାରେ ରାସ୍ତାର ଡାହାଣ ପାଖରେ ଯିବାର ବ୍ୟବସ୍ଥା ଅଛି । ସବୁ ଗାଡ଼ି **Leftwheel drive**—ଅର୍ଥାତ୍ ଗାଡ଼ିର ବାମପାଖରେ ବସି ଚାଳକ ଗାଡ଼ି ଚଳାଇଥାଏ । ଲକ୍ଷ୍ୟ କଲି, ହେଲିକପ୍ଟର

ସାହାଯ୍ୟରେ ଆକାଶମାର୍ଗରୁ ତଳେ ରାଜପଥରେ ଯାତାୟାତ କରୁଥିବା ଗାଡ଼ିମାନଙ୍କୁ ପୁଲିସର ନିୟନ୍ତ୍ରଣ ବ୍ୟବସ୍ଥା ।

ସେଦିନ ଭୋଜିସଭାରେ ପହଞ୍ଚି ଦେଖିଲି ବହୁ ଭାରତୀୟ ପରିବାରଙ୍କ ସହିତ କେତେକ ଜର୍ମାନ ପରିବାର ମଧ୍ୟ ନିମନ୍ତ୍ରିତ ହୋଇ ଆସିଛନ୍ତି । ତାଙ୍କ ମଧ୍ୟରୁ ଜଣେ ପ୍ରଖ୍ୟାତ ଅର୍ଥନୀତି ଅଧ୍ୟାପକ । ଅବସର ଗ୍ରହଣ ପରେ ସେଠିକାର ଗୋଟିଏ ବଡ଼ ବ୍ୟାଙ୍କର ଚେୟାରମ୍ୟାନ । ସେଠାରେ ଆଉ ଜଣେ ଜର୍ମାନ୍ ମୁଁ ରାଉରକେଲାରେ ଥିଲି ବୋଲି ଜାଣି ମୋ ସାଙ୍ଗରେ ବହୁତ କଥାବାର୍ତ୍ତା କଲେ । ସେ ରାଉରକେଲା ଇସ୍ପାତ୍ କାରଖାନାରେ ଇଞ୍ଜିନିୟର ଭାବରେ କାମ କରୁଥିବା ସମୟରେ ତାଙ୍କର ଅନେକ ଭାରତୀୟ ବନ୍ଧୁ ଥିଲେ । ଶୁଣିଲି ତାଙ୍କ ମଧ୍ୟରୁ ଜଣେ ଏ ପର୍ଯ୍ୟନ୍ତ ପାଞ୍ଚ ନମ୍ବର ସେକ୍ଟରରେ ଅଛନ୍ତି ଓ ଏହି ଜର୍ମାନ ଇଞ୍ଜିନିୟର ତାଙ୍କ ସଙ୍ଗରେ ବରାବର ପତ୍ରାଳାପ କରନ୍ତି । ମୁଁ ରାଉରକେଲାରେ ଥିବା ସମୟରେ ଶୁଣିଥିଲି ଯେ ବଡ଼ଦିନ ଉପଲକ୍ଷେ ସେ ପିଲାମାନଙ୍କ ପାଇଁ ବରାବର କିଛି ଉପହାର ପଠାଇଥାନ୍ତି । ଏହିପରି କେତେ ବଂଧୁଙ୍କୁ ଦେଖିବାର ସୁଯୋଗ ସେଦିନ ପାଇଥିଲି । ମୁଁ ସେଠାକୁ ଆସିଥିବାରୁ ଏ ଭୋଜିସଭାର ଆୟୋଜନ ହୋଇଥିଲା ବୋଲି ଜାଣିଲି । ସେଠାରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ତରଫରୁ ସେଦିନ ମତେ ଉପହାର ଦିଆଗଲା । ମୁଁ ଧନ୍ୟବାଦର ସହିତ ତାହା ଗ୍ରହଣ କଲି । ସେଦିନ ଖାଇସାରି ଘରକୁ ଫେରିଲାବେଳକୁ ରାତି ପ୍ରାୟ ୧୧ଟା ।

## ଡସେଲଡର୍ଫ, ବୋକମ ଓ ରୁର୍ ବିଶ୍ୱବିଦ୍ୟାଳୟ

୪ ତାରିଖ ଏପ୍ରିଲ । ଆମେ ଆଜି ସକାଳେ ବୋକମ (**Bochum**)ରେ ଥିବା ରୁର୍ (**Ruhr**) ବିଶ୍ୱବିଦ୍ୟାଳୟ ଦେଖିବାକୁ ଗଲୁ । ସେଠାରେ ମୋର ଝିଆରୀ ମଞ୍ଜୁ ଡାକ୍ତରୀ ପଢ଼େ; ଜର୍ମାନ ଭାଷା ସ୍ଥାନୀୟ ଅଧିବାସୀଙ୍କ ପରି କହିପାରେ । ଏଠାରେ ଡାକ୍ତରୀ ପାସ୍ କରିବାକୁ ୯ ବର୍ଷ ଲାଗେ । ଡାକ୍ତରୀ ପାସ୍ କରିବା ପରେ ପୁଅମାନଙ୍କ ପାଇଁ ୧ ବର୍ଷ ବାଧ୍ୟତାମୂଳକ ଭାବରେ ଯୁଦ୍ଧବିଦ୍ୟା ଶିକ୍ଷା । ରୁର୍ ବିଶ୍ୱବିଦ୍ୟାଳୟ ଗୋଟିଏ ପର୍ବତ ଉପରେ ଅବସ୍ଥିତ । ବିଶ୍ୱବିଦ୍ୟାଳୟର ବହୁତଳ ଗୃହ ଆଧୁନିକ ନିର୍ମାଣ କୌଶଳରେ ତିଆରି । ତଳକୁ ଦେଖିଲେ ଦିଶିବ ସବୁଜ ଉପତ୍ୟକା ଦେଇ ଯାଇଥିବା ଅଣଓସାରିଆ ରାସ୍ତା ଓ ସର୍ବଶେଷରେ ଧାଡ଼ି ଧାଡ଼ି ସୁନ୍ଦର ଘର । ବୋକମ ସହର ଜର୍ମାନୀର ପଶ୍ଚିମାଂଶରେ ଥିବା ରୁର୍ ଉପତ୍ୟକାରେ ଅବସ୍ଥିତ । ଏହାର ଲୋକସଂଖ୍ୟା ସାଢ଼େତିନିଲକ୍ଷ । ଏହା ଲୌହଶିଳ୍ପ ଓ ବିଭିନ୍ନ ଇଞ୍ଜିନିୟରିଂ ଦ୍ରବ୍ୟ ଉତ୍ପାଦନ ପାଇଁ ପ୍ରସିଦ୍ଧ । ଏହି ସହର ଗତ ମହାଯୁଦ୍ଧରେ ବିଶେଷଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ ଏଠାରେ ଅଧିକାଂଶ ଘର ନୂଆ ଛାଞ୍ଚାରେ ତିଆରି ବହୁତଳ-ପ୍ରାସାଦ ।

ଏପ୍ରିଲ ୮ତାରିଖ ଦିନ ଡସେଲଡର୍ଫ (Dusseldorf) ସହର ଦେଖିବାକୁ ଯାଇଥିଲୁ । କ୍ରେଫେଲ୍ଡ୍ ସହରଠାରୁ ଅଳ୍ପଦୂରରେ । ଏହି ସହରରେ ଆନ୍ତର୍ଜାତିକ ବିମାନଘାଟି ଅଛି । ତାହା ଛଡ଼ା ଏହା ଲୌହଶିଳ୍ପ, ବସ୍ତ୍ରଶିଳ୍ପ ଓ ମଟର ଗାଡ଼ି ତିଆରି କାରଖାନା ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହି ସହରର ଲୋକସଂଖ୍ୟା ସାଢ଼େଛ'ଲକ୍ଷ । ଡସେଲଡର୍ଫ ସହରକୁ ଯିବା ରାସ୍ତାରେ ରାଇନ ନଦୀ ତଳେ ନିର୍ମିତ ସୁଡ଼ଙ୍ଗ ଭିତର ଦେଇ ଯିବାକୁ ପଡ଼େ । ସୁଡ଼ଙ୍ଗ ପାରହେଲା ପରେ ଗୋଟିଏ ଲୌହ ପୋଲ ଅତିକ୍ରମ କଲୁଁ । ଶୁଣିଲୁ, ଏହି ପୋଲଟିକୁ ଚାରି ଛଅ ଇଞ୍ଚ ଘୁଞ୍ଚାଇବା ଜରୁରୀ ହୋଇଥିଲା । ଆଶ୍ଚର୍ଯ୍ୟର କଥା, ପୋଲକୁ ଘୁଞ୍ଚାଇବା ବେଳେ ତାକୁ ନଭାଙ୍ଗି ମଧ୍ୟ ଘୁଞ୍ଚାହୋଇପାରିଥିଲା । ଏହି ଚମକପ୍ରଦ ଘଟଣା ଦେଖିବାକୁ ପୃଥିବୀର ଅନେକ ଦେଶରୁ ଇଞ୍ଜିନିୟରମାନେ ଜର୍ମାନୀକୁ ଆସିଥିଲେ । ଡସେଲଡର୍ଫ ସହରରେ ବୁଲିଲାବେଳେ ଭାଇଠାରୁ ଶୁଣିଲୁ, ସେ ଏହି ସହରରେ ଆଗରୁ କାର୍ଯ୍ୟ କରୁଥିଲା । ଏଠାରେ ଜୀବନର ପ୍ରଥମ କେତେବର୍ଷ ସୁଖ ଓ ଆନନ୍ଦରେ କଟିଥିବାରୁ ଡସେଲଡର୍ଫ ସହର ପ୍ରତି ତାର ଗୋଟିଏ ଆକର୍ଷଣ ଅଛି । ସେଠାର ଯେଉଁ ଡାକ୍ତରଖାନାରେ ତାର ଦୁଇଟି ଝିଅ ଜନ୍ମ ହୋଇଥିଲେ ସେ ଡାକ୍ତରଖାନା ମଧ୍ୟ ଦେଖିଲୁ ।

## ରାଇନ ଓ ମୋଜେଲ ନଦୀରେ ବନ୍ୟା

କବ୍ଲେଞ୍ଜ ସହର ପରିଦର୍ଶନ କରିବାକୁ ଯିବା ଆମ ପକ୍ଷରେ ଗୋଟିଏ ଅବିସ୍ମରଣୀୟ ଘଟଣା । ଜର୍ମାନୀର ପଶ୍ଚିମାଞ୍ଚଳରେ ରାଇନ ଓ ମୋଜେଲ ନଦୀର ସଙ୍ଗମ ସ୍ଥଳରେ ଏହା ଅବସ୍ଥିତ । ଏହା ରାଇନ ପ୍ରଦେଶର ରାଜଧାନୀ ଓ ଏହାର ଲୋକସଂଖ୍ୟା ୧୨୦,୦୦୦ । ମଦ ତିଆରି ଓ ପିଆନୋ ନାମକ ବାଦ୍ୟଯନ୍ତ୍ର ତିଆରି ଶିଳ୍ପ ପାଇଁ କବ୍ଲେଞ୍ଜ ପ୍ରସିଦ୍ଧ । ତା ଛଡ଼ା ଏ ସ୍ଥାନର ପ୍ରାକୃତିକ ଦୃଶ୍ୟ ମଧ୍ୟ ବଡ଼ ମନୋହର । ଏପ୍ରିଲ ୧୦ ତାରିଖ ସକାଳେ ଏ ସହର ଦେଖିବାକୁ ବାହାରିଲୁ । ଏଠାକୁ ଯିବାକୁ ଆଗ୍ରହ ଥିବାରୁ ଆମ ଦୁଇ ଜଣଙ୍କ ଛଡ଼ା ଭାଇର ସ୍ତ୍ରୀ ଓ ପିଲାମାନେ ମଧ୍ୟ ସମସ୍ତେ ଆମ ସଙ୍ଗରେ ଆସିଲେ । କବ୍ଲେଞ୍ଜ ଯିବା ବାଟରେ କୋଲୋନ୍ ଓ ବନ୍ ସହର ଅତିକ୍ରମ କଲୁ । ତା ଛଡ଼ା ଅତିକ୍ରମ କଲୁ ଅନେକ ପର୍ବତ ଓ ଉପତ୍ୟକା । ଏହି ପର୍ବତ ସବୁ ଅତିକ୍ରମ କଲାବେଳେ ଆମ ମଟରଗାଡ଼ି ସ୍ୱାଭାବିକ ଗତିରେ ଯିବାର ଦେଖି ଆଶ୍ଚର୍ଯ୍ୟ ହେଲୁ । ସାଧାରଣ ରାସ୍ତା ଓ ଏହି ପାର୍ବତ୍ୟ ରାସ୍ତା ମଧ୍ୟରେ ଏ ଦେଶରେ ବିଶେଷ ପାର୍ଥକ୍ୟ ନାହିଁ । ପାହାଡ଼ ସବୁ କାଟି ଏପରି ସୁନ୍ଦର ଭାବରେ ରାସ୍ତା ନିର୍ମାଣ କରାହୋଇଛି ଯେ ମଟରଗୁଡ଼ିକକୁ ଏ ରାସ୍ତାମାନଙ୍କରେ ଗଲାବେଳେ କଷ୍ଟ ଅନୁଭବ କରିବାକୁ ପଡ଼େ ନାହିଁ । ଦୂରରେ ଦିଶୁଥିବା ପର୍ବତ ଦେଖୁ ଦେଖୁ ନିକଟବର୍ତ୍ତୀ ହୁଏ । କିଛି ସମୟ ପରେ ସେହି ପର୍ବତକୁ ପଛରେ ପକାଇ ଦେଇ ଗାଡ଼ି ଛୁଟିଚାଲିଥାଏ ଆଗକୁ । ରାସ୍ତା ସାଙ୍ଗକୁ ଗାଡ଼ି ମଧ୍ୟ ଉନ୍ନତ ଧରଣର; ତେଣୁ ଯାତାୟାତରେ ଏତେ ସୁବିଧା । ଶେଷରେ କବ୍ଲେଞ୍ଜରେ ପହଞ୍ଚିଲା ପରେ ଦେଖିଲୁ ଅପ୍ରତ୍ୟାଶିତ ଦୃଶ୍ୟ ।

ରାଇନ ଓ ମୋଜେଲ ନଦୀରେ ଆକସ୍ମିକ ପ୍ରବଳ ବନ୍ୟା ହେତୁ କବ୍ଲେଞ୍ଜ ନିକଟସ୍ଥ ଅଧିକାଂଶ ରାସ୍ତା ଯାତାୟାତ ପାଇଁ ବନ୍ଦ । କବ୍ଲେଞ୍ଜ ସହରର ଦକ୍ଷିଣକୁ ରାଇନ ନଦୀ କୂଳେ କୂଳେ ଯାଇ ରୁଡେସିମ (Rudesheim) ନାମକ ସହର ଦେଖିବାର ପ୍ରସ୍ତାବ ଥିଲା । ବନ୍ୟା ପାଇଁ ରାସ୍ତା ବନ୍ଦ ଥିବାରୁ ସେ ପ୍ରସ୍ତାବ ସ୍ଥଗିତ ରହିଲା । ଏହି ରୁଡେସିମ ସହର ମଦ ତିଆରି କେନ୍ଦ୍ର ହିସାବରେ ସାରା ପୃଥିବୀରେ ପ୍ରସିଦ୍ଧ । ଶୁଣିଲୁ ୧୯୪୭ ପରଠାରୁ ଏପରି ବନ୍ୟା ଏ ଅଞ୍ଚଳରେ କେବେ ଦେଖା ନ ଥିବାରୁ ବନ୍ୟା ଦେଖିବାକୁ ଆମ ପିଲାଙ୍କର ଓ ସ୍ଥାନୀୟ ଅଧିବାସୀଙ୍କର ପ୍ରବଳ ଆଗ୍ରହ । ଏହି ପ୍ରବଳ ବନ୍ୟାରୁ ରକ୍ଷା କରିବା ପାଇଁ ନଦୀ କୂଳରୁ ଲୋକମାନଙ୍କୁ ସ୍ଥାନାନ୍ତରିତ କରାହୋଇଥାଏ । ଆମେ ବନ୍ ସହର ଦେଇ ଆସିଲା-ବେଳେ ବନ୍ୟାଜଳ ସମ୍ମୁଖସ୍ଥ ରାସ୍ତାକୁ ଆସିଯିବାରୁ ଶୁଣିଲୁ ପାର୍ଲାମେଣ୍ଟ ଭବନର ତଳ ମହଲରୁ ଓ ଅନ୍ୟ କେତେକ ସରକାରୀ ଭବନରୁ କାଗଜପତ୍ର ସ୍ଥାନାନ୍ତରିତ କରାହୋଇଛି । ମନେପଡ଼ିଲା, ତିନଚାରି ଦିନ ଆଗରୁ ଏ ସ୍ଥାନମାନ ଆମେମାନେ ବୁଲିକରି ଦେଖିଥିଲୁ । ହେଡେଲବର୍ଗରେ ମଧ୍ୟ ଦେଖିଲୁ ବନ୍ୟାର ଦୃଶ୍ୟ । ଏ ସହର ନିକଟରେ ରାଇନ ନଦୀର ଜଳ ବଢ଼ିବାରେ ଲାଗିଥାଏ । ତେବେ ବନ୍ୟାଜଳ ସହରର କିଛି କ୍ଷତି କରିନଥାଏ । ଦେଖିବାର କଥା, ଜର୍ମାନୀରେ ଏ ଯେଉଁ ବନ୍ୟା ବିଭିନ୍ନ ସହରରେ ଅପ୍ରତ୍ୟାଶିତ ଭାବରେ ଦେଖାଦେଲା, ସେଥିରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନଥିଲା । ଏହି ସ୍ଥାନମାନଙ୍କରେ ଜୀବନରକ୍ଷାର ଉପଯୁକ୍ତ ବ୍ୟବସ୍ଥା ଥିବାରୁ ଏହା ସମ୍ଭବ ହେଲା ।

ହେଡେଲବର୍ଗ ଫେରିଲା ବେଳକୁ ସନ୍ଧ୍ୟା ପ୍ରାୟ । ନିକଟରେ ଗୋଟିଏ ହୋଟେଲରେ ରାତ୍ରି ଭୋଜନ କଲୁ । ହୋଟେଲର ନାମ ହାଇଡେବ୍ଲୁନ୍‌ଚେନ (Heideblunchen) ଅର୍ଥାତ୍ ପୁଷ୍ପଉଦ୍ୟାନରେ ପ୍ରସ୍ଫୁଟିତ ଗୋଟିଏ କ୍ଷୁଦ୍ର ପୁଷ୍ପ । ଏପରି ସୁନ୍ଦର ଓ ଅଭିନବ ନାମ ଦେଖି ଉପଲବ୍ଧି କଲି ଏ ଜାତିର ଫୁଲ ପ୍ରତି ଆଗ୍ରହ । ଜର୍ମାନୀରେ ଥିବା ସମୟରେ ଫୁଲ ମାର୍କେଟ ଦେଖିଛି । କି ସୁନ୍ଦର ଫୁଲଦ୍ୱାରା ଏହି ଦୋକାନ ସବୁ ସଜ୍ଜିତ ! ଥରେ ଦେଖିଲେ ଭୁଲି ହୁଏ ନାହିଁ ।

ତହିଁ ଆରଦିନ ଓଲେଡର୍ଫ ଗଲୁ । ସେଠାରେ ମଧ୍ୟ ଦେଖିଲୁ ରାଇନ୍ ନଦୀରେ ବନ୍ୟା । ଆମ ସଙ୍ଗରେ ଅନେକ ସ୍ଥାନୀୟ ଅଧିବାସୀ ମଧ୍ୟ ବନ୍ୟା ଦେଖୁଥାନ୍ତି । ଅଧିକାଂଶ ଲୋକ ତା ପୂର୍ବରୁ ବନ୍ୟା ଦେଖିନାହାନ୍ତି । ତେଣୁ ସେମାନଙ୍କ ପକ୍ଷରେ ନୂତନ ଅନୁଭୂତି । ସେଦିନ କିନ୍ତୁ ବନ୍ୟା କମିବାକୁ ଆରମ୍ଭ କରିଥାଏ । ତେଣୁ ରାଇନ ନଦୀର ଦୁଇ କୂଳକୁ ଯାତାୟାତ କରୁଥିବା ଜାହାଜମାନଙ୍କୁ ପୂର୍ବପରି ଯିବାଆସିବା କରିବାକୁ ଅନୁମତି ଦିଆହୋଇଥାଏ । ଆମେ ସେଠାରେ ଥିବା ଗୋଟିଏ ବଡ଼ ସଡ଼କପୋଲ ଉପରେ ଠିଆ ହୋଇ ବନ୍ୟାର ଦୃଶ୍ୟ ଦେଖିଲୁ । ସେ ଦୃଶ୍ୟ କିନ୍ତୁ ବେଶୀ ଉପଭୋଗ କଲେ ଆମର ପିଲାମାନେ ।

## ଡର୍ଟମଣ୍ଡ ଓ ଘୂର୍ଣ୍ଣାୟମାନ ଭୋଜନାଳୟ

ଜର୍ମାନୀ ରହଣିର ଶେଷ ଦିନରେ ଡର୍ଟମଣ୍ଡ (Dortmund) ସହର ଦେଖିବାକୁ ଗଲୁ । ବେଫେଲଡ ସହରଠାରୁ ୭୦ ମାଇଲ ଦୂର । ଏହା ରୁର୍ ଉପତ୍ୟକାରେ ଅବସ୍ଥିତ ଗୋଟିଏ ବଡ଼ ସହର । ଲୋକସଂଖ୍ୟା ସାଢ଼େ ଛଅ ଲକ୍ଷ । ଏହା ମଦଜାତୀୟ, କୋଇଲା, ଲୌହଶିଳ୍ପ ଓ ଇଞ୍ଜିନିୟରିଂ ଦ୍ରବ୍ୟାଦି ଶିଳ୍ପ ପାଇଁ ପ୍ରସିଦ୍ଧ । ଏହି ସହରରେ ଅବସ୍ଥିତ ୱେଷ୍ଟଫେଲେନ ପାର୍କ ଏ ସହରର ପ୍ରଧାନ ଦର୍ଶନୀୟ ସ୍ଥାନ । ଯଥାରୀତି ପ୍ରାତଃଭୋଜନ ସାରି ଆମେ ମଟରଗାଡ଼ିରେ ଏପ୍ରିଲ ୧୫ ତାରିଖ ସକାଳେ ବେଫେଲଡରୁ ବାହାରିଲୁ ୮ଟା ସମୟରେ; ପ୍ରାୟ ଦେଢ଼ ଘଣ୍ଟା ପରେ ଡର୍ଟମଣ୍ଡ ସହରରେ ପହଞ୍ଚିଲୁ । ରାସ୍ତାରେ କେତେ କଳକାରଖାନା ଦେଖିଲୁ । ରୁର୍ ଉପତ୍ୟକା ଜର୍ମାନୀର ଶ୍ରେଷ୍ଠ ଶିଳ୍ପୋନ୍ନତ ଅଞ୍ଚଳ । ଏଠାରେ ଜର୍ମାନୀର ବହୁ ବଡ଼ ବଡ଼ କାରଖାନା ଅଛି । ମନେପଡ଼ିଲା ଭାରତର ଦୁର୍ଗାପୁର, ବୋକାରୋ, ରାଉରକେଲା, ଜାମସେଦପୁର, ବର୍ଣ୍ଣପୁର ଇତ୍ୟାଦି ଶିଳ୍ପାଞ୍ଚଳ ପରସ୍ପରର ବହୁ ନିକଟରେ ଅବସ୍ଥିତ ହୋଇଥିବାରୁ ଭାରତର ଏହି ଅଞ୍ଚଳକୁ ଜର୍ମାନୀର ରୁର୍ ଉପତ୍ୟକା ସଙ୍ଗେ ତୁଳନା କରାଯାଇଥାଏ ।

ଡର୍ଟମଣ୍ଡରେ ପହଞ୍ଚିବା ପରେ ୱେଷ୍ଟଫେଲେନ୍ ପାର୍କ ଦେଖିବାକୁ ଗଲୁ । ଏହି ପାର୍କରେ ଗ୍ରୀଷ୍ମଋତୁରେ ବହୁ ପର୍ଯ୍ୟଟକଙ୍କ ସମାଗମ ହୁଏ । ଏହି ଗ୍ରୀଷ୍ମଋତୁ ଜୁନ, ଜୁଲାଇ ଓ ଅଗଷ୍ଟ ମାସକୁ ସାଧାରଣତଃ ବୁଝାଯାଏ । ଆମେ ଏପ୍ରିଲ ମାସରେ ଯାଇଥିବାରୁ ସେତେବେଳେ ପାର୍କରେ ଅଳ୍ପ କେତେକ ପର୍ଯ୍ୟଟକଙ୍କୁ ଦେଖିଲୁ । ସେ ସମୟରେ ଲଗା-ଯାଇଥିବା ଫୁଲ ମଧ୍ୟ ଫୁଟିନଥାଏ । ଠାଏ ଠାଏ ଫୁଲ ଦେଖିଲୁ । କି ସୁନ୍ଦର ସେ ଫୁଲ ! ଗୋଟିଏ ସ୍ଥାନରେ ଅତି ସୁନ୍ଦର ପୁଷ୍ପଶଯ୍ୟା ଦେଖିଲୁ । ସେଠାରେ ଗୋଟିଏ ଫଟୋ ଉଠାଇଲୁ । ସେ ଫଟୋ ଦେଖିଲେ ଏହି ରମଣୀୟ ପାର୍କର ସ୍ମୃତି ମନରେ ଜାଗ୍ରତ ହୁଏ ।

ସେହି ବିସ୍ତୃତ ପାର୍କ ମଧ୍ୟରେ ଉପଭୋଗ କରିବାର ବହୁ ବ୍ୟବସ୍ଥା । ଗୋଟିଏ ସ୍ଥାନରେ ଦେଖିଲୁ ଅନେକଗୁଡ଼ିଏ କୃତ୍ରିମ ଝରଣା ଓ ତାହା ପାଖରେ ସୁନ୍ଦର ପ୍ରାକୃତିକ ପରିବେଶରେ ବସିବା ପାଇଁ ଅନେକଗୁଡ଼ିଏ ବେଞ୍ଚ । ସନ୍ଧ୍ୟା ସମୟରେ ସେଠାରେ ସଙ୍ଗୀତ ପରିବେଷଣ କରାଯାଏ । ସଙ୍ଗୀତର ତାନେ ତାନେ ଝରଣାରୁ ଜଳ ନିର୍ଗତ ହୁଏ ଏବଂ ତାହା ସେଠାରେ ଥିବା ଆଲୋକମାଳାଦ୍ୱାରା ଉଦ୍ଭାସିତ ହୁଏ । ଆମେ ସନ୍ଧ୍ୟା ପୂର୍ବରୁ ଚାଲିଆସିବାରୁ ସେ ଅପୂର୍ବ ଦୃଶ୍ୟ ଦେଖିପାରିଲୁ ନାହିଁ । ତଥାପି ସେଠାରେ ଆଉ ଦୁଇଟି ଅନୁଭୂତି ହେଲା, ଯାହା ଅବିସ୍ମରଣୀୟ ।

ସେହି ବିସ୍ତୃତ ପାର୍କରେ ବୁଲୁଥିବା ସମୟରେ ମୋର ସ୍ତ୍ରୀ କହିଲେ ତାଙ୍କୁ କ୍ଲାନ୍ତ ଲାଗୁଛି ଓ ତାଙ୍କ ପାଦ ବିନ୍ଧୁଛି । ଏହା ଶୁଣିଲା ପରେ ଆମ ସମସ୍ତଙ୍କୁ ନିକଟସ୍ଥ ଗୋଟିଏ ସ୍ଥାନକୁ ଘେଇ ନେଲା । ସେଠି ଓଜନ ହେବା ଯନ୍ତ୍ର ପରି ଗୋଟିଏ ଯନ୍ତ୍ର ଅଛି । ସେହି ଯନ୍ତ୍ରର

ନାମ ଅଟୋ-ଫିଟ (Auto-fit) । ସେହି ଯନ୍ତ୍ରରେ ଠିଆ ହୋଇ ନିର୍ଦ୍ଦିଷ୍ଟ କର୍ମୀନ ମୁଦ୍ରା ପକାଇବାରୁ ମୋର ସ୍ତ୍ରୀ ଅନୁଭବ କଲେ ସେ ଯନ୍ତ୍ରରେ ଏକପ୍ରକାର ସ୍ପନ୍ଦନ । ଏହିଠାରେ ପ୍ରାୟ ୫ ମିନଟ ଠିଆହେବାଦ୍ୱାରା ସେହି ସ୍ପନ୍ଦନ ଯୋଗୁ ସେ ବହୁ ପରିମାଣରେ ଆରାମ ବୋଧକଲେ । ଛୋଟିଆ ଯନ୍ତ୍ରଟିଏ ହେଲେ ବ ତାହା ସାହାଯ୍ୟରେ କ୍ଳାନ୍ତ ଲୋକକୁ ବହୁତ ଆରାମ ମିଳେ ।

ତା ପରେ ଆମ୍ଭେମାନେ ସେଠାରେ ଗୋଟିଏ ବିରାଟ ସ୍ତମ୍ଭ ଦେଖିଲୁ । ସ୍ତମ୍ଭର ଉଚ୍ଚତା ପ୍ରାୟ ୬୦୦ ଫୁଟ । ୪୫୦ ଫୁଟ ଉଚ୍ଚତାରେ ଗୋଟିଏ ଭୋଜନାଳୟ ଅଛି । ଲିଫ୍ଟ ସାହାଯ୍ୟରେ ଭୋଜନାଳୟକୁ ଗଲୁ । ସେହି ଭୋଜନାଳୟରେ ବସି ଦେଖିଲୁ ଆମରି ଭଳି କେତେକ ପର୍ଯ୍ୟଟକ ସେଠାକୁ ମଧ୍ୟାହ୍ନଭୋଜନ କରିବାକୁ ଆସିଛନ୍ତି । ସେଠାରେ ବସିବାର କିଛି ବେଳ ପରେ ଲକ୍ଷ୍ୟ କଲୁ ଭୋଜନାଳୟଟି ଧୀରେ ଧୀରେ ନିଜ କକ୍ଷରେ ବୁଲୁଛି । ଧୀରେ ଧୀରେ ଭୋଜନାଳୟଟି ବୁଲିବାରୁ ଦେଖିଲୁ ଡର୍ଟମଣ୍ଡ ସହରର ଘୂର୍ଣ୍ଣାୟମାନ ଦୃଶ୍ୟ, ବଡ଼ ବଡ଼ ଘର, ତା କଡ଼େ କଡ଼େ ଯାଇଥିବା ରାସ୍ତା, ରାସ୍ତାରେ ଚାଲୁଥିବା ଶହ ଶହ ଗାଡ଼ି ଓ ପୁଷ୍ପସଜ୍ଜିତ ଉଦ୍ୟାନ । ସବୁ ଆମ ଆଖି ଆଗରେ ଭାସି ଭାସି ଯାଉଥାଏ । ସେ ଦିନର ଏହି ଅନୁଭୂତି ସବୁବେଳେ ମନେପଡ଼େ । ତା ସଙ୍ଗରେ ମଧ୍ୟ ମନେପଡ଼େ ସେ ଦିନର ସୁନ୍ଦର ଓ ସୁସ୍ୱାଦୁ କେକ୍ ଓ ଆଇସକ୍ରୀମ ।

ସେଠାରେ ମଧ୍ୟାହ୍ନଭୋଜନ ସାରି ବେଫେଲ୍ଡ଼ ଅଭିମୁଖରେ ଫେରିଲୁ । ବାଟରେ ବେଫେଲ୍ଡ଼ ବଜାରକୁ ଗଲୁ । ସେଠାରେ ଉଡ଼ାଜାହାଜରେ ଆମର ଜିନିଷ ସବୁ ସୁବିଧାରେ ନେବା ପାଇଁ ଦୁଇଟି ବଡ଼ ହାତ ବ୍ୟାଗ କିଣିଲୁ । ଆମେ ମନା କରିବା ସତ୍ତ୍ୱେ ଭାଇ କେତେଗୁଡ଼ିଏ ଉପହାର ବଜାରରୁ କିଣି ଆମକୁ ଦେଲା । ମୋ ପାଇଁ ଗୋଟିଏ ଛୋଟ କ୍ୟାଲକୁଲେଟର ବା ହିସାବ କରିବା ଯନ୍ତ୍ର ଉପହାର ମଧ୍ୟରେ ଥିଲା । ଏହା ଜର୍ମାନୀରେ ତିଆରି । ସାଧାରଣତଃ ହିସାବ କରିବାର ଯନ୍ତ୍ରରେ ବ୍ୟାଟେରି ବ୍ୟବହୃତ ହୋଇଥାଏ । ଏଥିରେ ବ୍ୟାଟେରିର ଆବଶ୍ୟକତା ନାହିଁ । ଏହା ସୌରଶକ୍ତିଦ୍ୱାରା ଚାଲେ ।

## ଇଂଲଣ୍ଡ ଫେରିବା କଥା

୧୯୮୩ ସାଲ ଏପ୍ରିଲ ୧୬ ତାରିଖ । ସକାଳଠାରୁ ଆମର ଜର୍ମାନୀ ଛାଡ଼ି ଇଂଲଣ୍ଡ ଫେରିଯିବାର ଆୟୋଜନ ଆରମ୍ଭ ହେଲା । ପ୍ରାୟ ଦୁଇ ସପ୍ତାହ ରହି ଏଠାରୁ ଗଲାବେଳେ ସମସ୍ତଙ୍କ ମନରେ ବିଷାଦର ଛାୟା । ଯିବାର ଅବ୍ୟବହିତ ପୂର୍ବରୁ ଘର ବାହାରେ ଓ ଘାସ ପଡ଼ିଆରେ ସମସ୍ତଙ୍କର ଫଟୋ ଉଠାହେଲା । ତା ପରେ ଆମେ ଚାଲିଲୁ ଡସେଲଡର୍ଫ ଆନ୍ତର୍ଜାତିକ ବିମାନଘାଟୀ ଅଭିମୁଖେ, ସେହି ପରିଚିତ ଓ ପୁଷ୍ପସଜ୍ଜିତ ରାସ୍ତାବାଟେ ଗଲାବେଳେ ମନେହେଲା ବୋଧହୁଏ ଏ ସ୍ଥାନକୁ ଆସିବା ଆମ ପକ୍ଷରେ ଆଉ ସମ୍ଭବ ହେବ ନାହିଁ । ଦୁଃଖ ଲାଗିଲା । ରାସ୍ତାରେ ଭିଡ଼ ଥିବାରୁ ପହଞ୍ଚିବାକୁ ଟିକିଏ ଡେରି ହେଲା । ତଥାପି

ଯଥାସମୟରେ ବିମାନଘାଟୀରେ ପହଞ୍ଚିଲୁ । ବିମାନଘାଟୀରେ ପହଞ୍ଚି ଶୁଣିଲୁ, ଆମର ବିମାନ ମାଞ୍ଚେଷ୍ଟର ବିମାନଘାଟୀକୁ ଯାଇପାରିବ ନାହିଁ—କାରଣ ସେଠାରେ ସେଦିନ କର୍ମଚାରୀଙ୍କର ଧର୍ମଘଟ ଥିବାରୁ କୌଣସି ବିମାନ ସେଠାକୁ ଯିବା-ଆସିବା କରୁନାହିଁ ।

ବଡ଼ ଚିନ୍ତିତ ହେଲୁ । ଅଳ୍ପବେଳ ପରେ ବ୍ରିଟିଶ ଏୟାର ୱେଜ ତରଫରୁ ଘୋଷଣା କରାଗଲା ଯେ ମାଞ୍ଚେଷ୍ଟର ଯାତ୍ରୀଙ୍କୁ ଏକଘଣ୍ଟା ପରେ ଉଡ଼ାଜାହାଜରେ ବର୍ମିଂହାମ ବିମାନଘାଟୀକୁ ନିଆଯିବ ଓ ସେଠାରୁ ବସ୍ ଯୋଗେ ମାଞ୍ଚେଷ୍ଟର ବିମାନଘାଟୀକୁ ନିଆ-ଯିବାର ବ୍ୟବସ୍ଥା କରାହେବ । ଏହା ଶୁଣି ଆଶ୍ୱସ୍ତ ହେଲୁ । ଉଡ଼ାଜାହାଜ ଓ ବସ୍‌ରେ ଯାଇ ମାଞ୍ଚେଷ୍ଟରରେ ପହଞ୍ଚିଲୁ । ଅଭ୍ୟର୍ଥନାକାରିଣୀଙ୍କୁ ଅନୁରୋଧ କରିବାରୁ ସେ ଜ୍ୱାଇଁଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅଭ୍ୟର୍ଥନା ଅଫିସକୁ ଆସି ଆମକୁ ଭେଟିବାକୁ ଅନୁରୋଧ କଲେ । ଲିଭରପୁଲ ଯିବାପୂର୍ବରୁ ଆମେ ସେଠି ଥିବା ଜ୍ୱାଇଁଙ୍କର ଜଣେ ଡାକ୍ତର ବନ୍ଧୁ ଡାକ୍ତର ଜୟକୃଷ୍ଣ ରାଉତଙ୍କ ଘରକୁ ଗଲୁ । ସେ ତାଙ୍କ ଘରକୁ ଯିବା ପାଇଁ ବିଶେଷ କରି ଅନୁରୋଧ କରିଥିଲେ । ସେଠି କିଛି ସମୟ ରହିଲୁ । ମୋର ବେଶୀ ସମୟ କଟିଲା ତାଙ୍କ ଶିଶୁ ପୁତ୍ର ଟୋନି ସଙ୍ଗରେ । ତାହାର ଏକାନ୍ତ ଇଚ୍ଛା ମୁଁ ତାର ସମସ୍ତ ଖେଳନା ଦେଖିବି । ଗୋଟିଏ ସ୍ୱତନ୍ତ୍ର କୋଠରିରେ ତା ପାଇଁ କେତେ ରକମର ଖେଳନା ! ଖେଳନାମାନଙ୍କ ମଧ୍ୟରୁ ଟ୍ରେନ୍, ରକେଟ୍, ଜାହାଜର ଅଂଶକୁ ଯୋଡ଼ିବା ଖେଳନା ଅନେକ ଥିବାରୁ ସେଗୁଡ଼ିକ ନେଇ ଖେଳିବାଦ୍ୱାରା ଶିଶୁମାନଙ୍କର ମାନସିକ ଶକ୍ତିର ଯଥେଷ୍ଟ ଉନ୍ନତି ହୋଇଥାଏ ।

ଇଂଲଣ୍ଡରେ ରହିବା ଭିତରେ ଲକ୍ଷ୍ୟକଲି ପ୍ରତ୍ୟେକ ପରିବାରରେ ଶିଶୁମାନଙ୍କର ଖେଳନା, ଖାଦ୍ୟ, ପୋଷାକପତ୍ର ଓ ବହି ଇତ୍ୟାଦିରେ ଯଥେଷ୍ଟ ଖର୍ଚ୍ଚ । ଇଂଲଣ୍ଡରେ ରହିବା ସମୟରେ କୌଣସି ରୁଗ୍ଣ ଓ ଅପରିଷ୍କାର ପିଲା ଦେଖିଲି ନାହିଁ । ପିଲାମାନେ ସର୍ବଦା ସୁସ୍ଥ ଓ ସତେଜ, ଜୀବନୀଶକ୍ତିରେ ଭରା । ଦେଖିଲେ ମନ ଖୁସି ହୋଇଯିବ । ଜାତୀୟ ଜୀବନ ଏହି ଶିଶୁମାନଙ୍କ ଉପରେ ନିର୍ଭର କରୁଥିବାରୁ ସେମାନଙ୍କର ମଙ୍ଗଳ-ବିଧାନ କରିବା ପ୍ରତ୍ୟେକ ଜାତିର କର୍ତ୍ତବ୍ୟ ହେବା ଉଚିତ ।

ସେଦିନ ଲିଭରପୁଲରେ ପହଞ୍ଚିଲୁ ସନ୍ଧ୍ୟା ପ୍ରାୟ ସାଢ଼େଆଠଟାବେଳେ । ଘଣ୍ଟାକ ପରେ ଟେଲିଫୋନ ଘଣ୍ଟି ବାଜିଲା । ଜର୍ମାନୀରୁ ଫୋନ୍ ଆସିଛି । ସାନ ଭାଇ, ତାର ସ୍ତ୍ରୀ ଓ ପିଲାମାନେ ଆମେ ଯଥାସମୟରେ ଭଲରେ ପହଞ୍ଚିଲୁ କି ନାହିଁ ଜାଣିବା ପାଇଁ ବ୍ୟାକୁଳ ।

□□□

# ସପ୍ତମ ଅଧ୍ୟାୟ

## ଆମର ଭାରତ-ପ୍ରତ୍ୟାବର୍ତ୍ତନ

ଏପ୍ରିଲ ୧୬ ତାରିଖ ଦିନ ଆମ ବିଦାୟ ଉପଲକ୍ଷରେ ଗୋଟିଏ ଭୋଜିର ଆୟୋଜନ ହୋଇଥାଏ । ଲିଭରପୁଲ ଓ ନିକଟସ୍ଥ ସ୍ଥାନମାନଙ୍କରେ ଥିବା ଡାକ୍ତର ବନ୍ଧୁମାନଙ୍କୁ ସପରିବାର ନିମନ୍ତ୍ରଣ ହୋଇଛି । ଏକବର୍ଷ ଇଂଲଣ୍ଡ ରହଣି ଭିତରେ ସେମାନଙ୍କ ସଙ୍ଗେ ଆତ୍ମୀୟତା ହୋଇଛି । ସେମାନଙ୍କୁ ନେଇ କେତେ ସ୍ମୃତି ଆମ ମନରେ ଅନୁଭବ କଲୁ; ଏହା ପରେ ଆମର ଅନେକଙ୍କ ସହିତ ଆଉ ଦେଖା ହେବ ନାହିଁ । ନାନାପ୍ରକାର ଖାଦ୍ୟ ରନ୍ଧା ହୋଇଥାଏ । ନିମନ୍ତ୍ରିତ ବନ୍ଧୁମାନେ ମଧ୍ୟ ସଙ୍ଗରେ ନାନା ଖାଦ୍ୟପଦାର୍ଥ ଆଣିଥାନ୍ତି । ଖାଇବା ସମୟରେ ପ୍ରତ୍ୟେକଙ୍କ ସଙ୍ଗରେ ବହୁତ ସମୟ ଧରି କଥାବାର୍ତ୍ତା ହେଲା । ଭାରତ ଆସିଲେ ଆମ ଘରକୁ ଆସିବାକୁ ପ୍ରତ୍ୟେକଙ୍କୁ ନିମନ୍ତ୍ରଣ କଲୁ । ଭିଡିଓ କ୍ୟାମେରାରେ ଫଟୋ ଉଠିଲା । ଶେଷରେ ସମସ୍ତେ ବିଦାୟ ନେଇ ଗଲେ । ଆମ ମନରେ ଓ ସେମାନଙ୍କ ମନରେ ଗଭୀର ଦୁଃଖ ।

ଏପ୍ରିଲ ୨୩ ତାରିଖ ଦିନ ଆମେ ହିଥ୍ରୋ ଉଡ଼ାଜାହାଜଘାଟିରୁ ବମ୍ବେ ଅଭିମୁଖରେ ବାହାରିବାର କଥା । ତେଣୁ, ଆଉ ମାତ୍ର ୫ ଦିନ ଲିଭରପୁଲରେ ରହିବାର ସୁଯୋଗ ଆମର ରହିଲା । ଏହି ୫ ଦିନ ସମୟ ମଧ୍ୟରେ ବନ୍ଧୁମାନଙ୍କ ଘରକୁ ନିମନ୍ତ୍ରଣ ରକ୍ଷା କରି ଯିବାରେ ସମସ୍ତ ସମୟ କଟିଗଲା । ପ୍ରତ୍ୟେକ ବନ୍ଧୁ ଆମକୁ ଖାଇବାକୁ ଡାକିଲେ ଓ ନାନା ଉପହାର ମଧ୍ୟ ଦେଲେ । ଅନେକ ଫଟୋ ମଧ୍ୟ ଉଠିଲା । ଏ ସମସ୍ତଙ୍କଠାରୁ ବିଦାୟ ନେବାବେଳେ ଆମ ପକ୍ଷରେ ବଡ଼ ଦୁଃଖଦାୟକ ହୋଇଥିଲା । ବାର୍ବାରା ଓ ଆଲେନ୍‌ଙ୍କଠାରୁ ବିଦାୟ ନେଲାବେଳେ ପରିବାରର ଜଣେ ନିକଟତମ ବ୍ୟକ୍ତିଠାରୁ ବିଦାୟ ନେଲାପରି ବୋଧହେଲା । କେହି ଲୁହ ସମ୍ଭରଣ କରିପାରିଲେ ନାହିଁ । ଏ ପର୍ଯ୍ୟନ୍ତ ସେମାନେ ପତ୍ରାଳାପ କରନ୍ତି ଏବଂ ତାଙ୍କର ସେହି ପତ୍ରରୁ ତାଙ୍କର ଆମ ପ୍ରତି ଶ୍ରଦ୍ଧା ଓ ଅନୁରାଗ ଅନୁଭବ କରିହୁଏ ।

୨୮ ତାରିଖ ଅପରାହ୍ଣରେ ଜ୍ୟାକ୍‌ଙ୍କ ସଙ୍ଗରେ ତାଙ୍କ ମଟରଗାଡ଼ିରେ ଲିଭରପୁଲ ଛାଡ଼ିଲୁ । ଲିଭରପୁଲର ପରିଚିତ ବଜାର ବାଟଦେଇ ଗଲାବେଳେ ଦୁଃଖ ଲାଗିଲା । ସ୍ମୃତିବହୁଳ ଏ ସ୍ଥାନସବୁ ଛାଡ଼ିଗଲାବେଳେ ଦୁଃଖ ଲାଗିବାର କଥା; ବିଶେଷତଃ ଏ ଦୂର ବିଦେଶକୁ ଆଉ ଥରେ ଆସିବା ଅସମ୍ଭବ ପ୍ରାୟ । ଗାଡ଼ି ଯେତେବେଳେ ଇଂଲଣ୍ଡର ପଲ୍ଲୀ ଅଞ୍ଚଳ ଦେଇ ଯାଉଥାଏ ସେତେବେଳେ ମଧ୍ୟ ବିଶେଷ ଦୁଃଖ ଅନୁଭବ କଲି । ସେ ସବୁ ସ୍ଥାନ ଦେଖିଲେ ଆମକୁ ସବୁବେଳେ ବଡ଼ ଆନନ୍ଦ ଲାଗୁଥିଲା । ଲଣ୍ଡନ ମହାନଗରୀର

ବିଭିନ୍ନ ରାସ୍ତା ଦେଇ ଗଲାବେଳେ ଆଉ କେବେ ଏ ସବୁ ଦେଖିହେବ ବୋଲି ପ୍ରଶ୍ନ ମନକୁ ଆସୁଥାଏ । ଜ୍ୱାଇଁଙ୍କ ବନ୍ଧୁ ଡାକ୍ତର ଜେନାଙ୍କ ଲଣ୍ଡନସ୍ଥିତ ଘରେ ପହଞ୍ଚିଲୁ ରାତି ପ୍ରାୟ ସାଢ଼େଦଶଟା ବେଳକୁ । ଇଂଲଣ୍ଡ ଆସିଲାବେଳେ ମଧ୍ୟ ତାଙ୍କ ଘରେ ରହି ଆସିଥିଲୁ । ପହଞ୍ଚିବାରେ ଡେରି ହେବାରୁ ତାଙ୍କର ଦୁଇ ଝିଅ କୁନୁ ଓ ମୁନୁ ଶୋଇପଡ଼ି ଥିଲେ । ଖାଇବା ପିଇବା ସାରି ଶୀଘ୍ର ଶୋଇବାକୁ ଗଲୁ ।

ପ୍ରତ୍ୟୁଷରୁ ଉଠି ନିତ୍ୟକର୍ମ ସାରି ସକାଳ ପ୍ରାୟ ୮ଟା ବେଳକୁ ହିଥ୍ରୋ ଉଡ଼ାଜାହାଜଘାଟୀ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲୁ । ସଙ୍ଗରେ ଡାକ୍ତର ଜେନା ସପରିବାର ଆସିଥାନ୍ତି । ପୁନର୍ବାର ଶୁଳ୍କ ବିଭାଗ ଓ ନିରାପତ୍ତା ବିଭାଗ କର୍ମଚାରୀଙ୍କ ସଙ୍ଗରେ ଦେଖାହେଲା । କିନ୍ତୁ ବର୍ତ୍ତମାନ ମନରେ ଅସ୍ଥିରତା ପରିବର୍ତ୍ତିରେ ଥାଏ ବିଦାୟକାଳୀନ ବିଷାଦ । ଉଡ଼ାଜାହାଜ ଉଡ଼ିବାକୁ ଲାଗିଲା—ଉଚ୍ଚରେ—କ୍ରମେ ଅତି ଉଚ୍ଚରେ । କ୍ୱେଟ୍ ଏଆର ୱେଜର ଉଡ଼ାଜାହାଜରେ ଆସିଥାଉ । କର୍ମଚାରୀମାନେ ତାଙ୍କ ଭାଷାରେ ଓ ଇଂରାଜୀରେ କଥାବାର୍ତ୍ତା କରୁଥାନ୍ତି । ଆସିଲାବେଳେ ଆମେ ଏୟାର ଇଣ୍ଡିଆର ଏକ ଉଡ଼ାଜାହାଜରେ ଆସିଥିଲୁ । କର୍ମଚାରୀମାନେ ଭାରତୀୟ ଥିଲେ । ପ୍ରଥମଥର ପାଇଁ ବିଦେଶଯାତ୍ରାରେ ଆସିଥିଲେ ମଧ୍ୟ ଉଡ଼ାଜାହାଜରେ ଏହି କର୍ମଚାରୀମାନଙ୍କୁ ଦେଖି ଆମକୁ ଆଶ୍ୱସ୍ତ ଲାଗିଥିଲା । ସେ ଉଡ଼ାଜାହାଜରେ ମଧ୍ୟ ଅନେକ ଭାରତୀୟ ଯାତ୍ରୀ ଥିଲେ । ଏଥର ଆମ ଉଡ଼ାଜାହାଜରେ ମାତ୍ର ଜଣେ ଦୁଇଜଣ ଭାରତୀୟ ଯାତ୍ରୀ ଥାଆନ୍ତି; ତଥାପି ଆମକୁ ଏହା ମୋଟେ ବିବ୍ରତ କରି ନ ଥିଲା । ଇତିମଧ୍ୟରେ ଆମେ ବହୁ ଦେଶ ଭ୍ରମଣ କରି ଫେରିଛୁ । ଏହି ଉଡ଼ାଜାହାଜରେ ଖାଦ୍ୟ ଭାରତୀୟ ଖାଦ୍ୟପରି; ତେଣୁ ଭଲଲାଗିଲା । ଅନ୍ୟାନ୍ୟ ବ୍ୟବସ୍ଥା ବିଭିନ୍ନ ଆନ୍ତର୍ଜାତିକ ଉଡ଼ାଜାହାଜ ସଙ୍ଗେ ପ୍ରାୟ ସମାନ । ବର୍ତ୍ତମାନ ଆମର ଚିନ୍ତା କିପରି ନିର୍ବିଘ୍ନରେ ବମ୍ବେରେ ପହଞ୍ଚିବୁ । ଭାରତୀୟ ସମୟ ପ୍ରାୟ ରାତି ୧୧ଟାବେଳେ ଆମେ କ୍ୱେଟ ବିମାନଘାଟୀରେ ଅବତରଣକଲୁ । ସେଠାରୁ ସେହି କମ୍ପାନୀର ଆଉ ଗୋଟିଏ ଉଡ଼ାଜାହାଜରେ ଆମେ ବମ୍ବେ ଯାତ୍ରା କରିବୁ ।

ଆମର ଜିନିଷସବୁ ବମ୍ବେଗାମୀ ଉଡ଼ାଜାହାଜକୁ ବିମାନକର୍ମଚାରୀ ନେଇଗଲେ । କେବଳ ଆମେ ଆମର ହାତ ବ୍ୟାଗ ନେଇ ଉଡ଼ାଜାହାଜ ଭିତରକୁ ଗଲୁ । ଏହି ବିମାନଘାଟୀଟି ମଧ୍ୟ ବେଶ୍ ବଡ଼ । ଏଠିକାର ବ୍ୟବସ୍ଥା ପାଶ୍ଚାତ୍ୟ ଦେଶର ବିମାନଘାଟୀ ପରି ଏତେ ଉନ୍ନତ ନ ଥିବାରୁ କେତେବେଳେ ଓ କେଉଁଠାରେ ଆମେ ଯାଇ ଉଡ଼ାଜାହାଜରେ ବସିବୁ, ସନ୍ଦେହ ହେଉଥାଏ । ଯାହାହେଉ ଶେଷରେ ଉଡ଼ାଜାହାଜରେ ବସିଲାପରେ ଆଶ୍ୱସ୍ତ ହେଲୁ । ଉଡ଼ାଜାହାଜରେ ଦେଖିଲୁ ଅଧିକାଂଶ ଯାତ୍ରୀ ଭାରତୀୟ । ଅଳ୍ପ ସମୟ ଭିତରେ ବମ୍ବେର ସାହାର ବିମାନଘାଟୀରେ ଆମ ଉଡ଼ାଜାହାଜ ଅବତରଣ କଲା । ସେତେବେଳେ ଭାରତୀୟ ସମୟ ରାତି ୪ଟା । ପୁନର୍ବାର ଭାରତୀୟ ଭୂମିକୁ ଫେରିଆସିଲାବେଳେ ଅନୁଭବ କଲୁ ମନରେ ଅପୂର୍ବ ଆନନ୍ଦ । ମନରୁ ଦୂର ହେଲା ଇଂଲଣ୍ଡ ଛାଡ଼ିବା ସମୟର ବିଦାୟ-

କାଳୀନ ବିଷାଦ । ଦେଖାହେଲା ଆମର ଝିଅ ଓ ଜ୍ୱାଇଁଙ୍କ ସଙ୍ଗେ । ଏଥର ସେମାନେ ଆସିଛନ୍ତି ଆନନ୍ଦରେ ଆମକୁ ତାଙ୍କ ଘରକୁ ପାଛୋଟି ନେବାପାଇଁ ।

ବମ୍ବେରେ କେତେଦିନ ଆରାମରେ କଟିଲା । ଦୀର୍ଘଦିନ ଧରି ନାନା ଦେଶ ଓ ସ୍ଥାନ ପରିଭ୍ରମଣ ପରେ ବିଶ୍ରାମର ଆବଶ୍ୟକତା ସବୁଠାରୁ ବେଶୀ । ଜ୍ୱାଇଁଙ୍କର ପାଞ୍ଚ ମହଲାରେ ଥିବା ସୁପ୍ରଶସ୍ତ ଘରେ ବସି ତଳେ ଯାଉଥିବା ଗାଡ଼ି ଓ ପଥଚାରୀଙ୍କୁ ନିର୍ଲିପ୍ତ ଭାବରେ ଦେଖିବାରେ ଆନନ୍ଦ । ବେଳେବେଳେ ମୋର ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖେ ସମୁଦ୍ରକୁ । ତାର ନୀଳଜଳରେ ଭାସମାନ ଜାହାଜସବୁ ଦେଖିବାକୁ କେତେ ଭଲ ଲାଗେ । ଘର ବିମାନଘାଟୀର ନିକଟରେ ଥିବାରୁ ଘର ଉପର ଦେଇ ଉଡ଼ିଯାଏ ବିଭିନ୍ନ ଦେଶର କେତେ ଉଡ଼ାଜାହାଜ । ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଉଡ଼ାଜାହାଜ ସବୁ ଦେଖୁ ଦେଖୁ ସେଗୁଡ଼ିକ କ୍ଷଣକ ମଧ୍ୟରେ ନୀଳ ଆକାଶରେ କେଉଁଆଡ଼େ ଲୀନ ହୋଇଯାଆନ୍ତି ।

ମେ ମାସ ୭ ତାରିଖରେ ଭୁବନେଶ୍ୱର ଅଭିମୁଖରେ କୋଣାର୍କ ଏକ୍‌ସ୍‌ପ୍ରେସରେ ଯିବାର ସ୍ଥିର ହେଲା । ଷ୍ଟେସନରୁ ବିଦାୟ ନେଲେ ଝିଅ ଓ ଜ୍ୱାଇଁ । ଆମର ଟ୍ରେନ୍‌ଯାତ୍ରା ଆରମ୍ଭ ହେଲା ରାତି ପ୍ରାୟ ୧୦ଟା ବେଳେ । ତହିଁଆରଦିନ ସକାଳ ୧୧ଟା ବେଳେ ଟଣ୍ଡୁର ଷ୍ଟେସନରେ ଅପ୍ରତ୍ୟାଶିତ ଭାବରେ ଆମକୁ ଓହ୍ଲାଇବାକୁ ପଡ଼ିଲା । ଗୋଟିଏ ମାଲଗାଡ଼ି ଲାଇନଚ୍ୟୁତ ହେବାରୁ ଆଗକୁ ଟ୍ରେନ୍ ଯିବ ନାହିଁ । ବସ୍‌ରେ ଅତି କଷ୍ଟରେ ସିକନ୍ଦରାବାଦକୁ ଯାଇ ସେଠାରୁ ଭୁବନେଶ୍ୱର ଅଭିମୁଖରେ ପୁନର୍ବାର ଟ୍ରେନ୍‌ରେ ଯାତ୍ରା ଆରମ୍ଭ କଲୁ ।

ଶେଷରେ ଆମେ ଫେରିଲୁ ଭୁବନେଶ୍ୱର—ଦୀର୍ଘ ଦିନ ପରେ । ଏତେ ଦେଶ, ଏତେ ସହର, ଏତେ ଆଖିଝଲସାଇବା ଭଳି ଦୃଶ୍ୟ ଦେଖି ଫେରିଲା ପରେ ମଧ୍ୟ ନିଜ ଜନ୍ମଭୂମିକୁ ଫେରିବାରେ କି ଆନନ୍ଦ, ଅନୁଭବୀମାନେ ନିଶ୍ଚୟ ବୁଝିପାରିବେ । ମୋର ଝିଅ ଚନ୍ଦ୍ରିକା, ଜ୍ୱାଇଁ ନିରଞ୍ଜନ କର ଓ ଦୁଇ ନାତୁଣୀ ମୁନୁ ଓ ପିଙ୍କୁଙ୍କ ସଙ୍ଗରେ ପୁନର୍ବାର ଦେଖାହେଲା । ଇଂଲଣ୍ଡ ଗଲାବେଳେ ଅନେକ ବନ୍ଧୁବାନ୍ଧବ ଭୁବନେଶ୍ୱର ଷ୍ଟେସନକୁ ଆମକୁ ବିଦାୟ ଦେବାକୁ ଆସିଥାନ୍ତି । ମୋର ଝିଅ ଚନ୍ଦ୍ରିକା ମତେ ଧରି କାନ୍ଦିବାର କଥା ମନେଅଛି । ଇଟାଲୀର ଇଲିନା ସିଂଟାରିଷ୍ଟି ନାମ୍ନୀ ଗୋଟିଏ ଝିଅ ଆମ ଡବାରେ ଆମ ପାଖ ବେଞ୍ଚରେ ବସିଥାଏ । ସେ କୌତୂହଳ ସମ୍ବରଣ ନ କରିପାରି ସେ ଝିଅ କିଏ ଓ ସେ କାହିଁକି ଏତେ କାନ୍ଦୁଛି ବୋଲି ପଚାରିଲା । ମୁଁ ତାକୁ ବୁଝାଇଲି ଯେ ସେ ମୋର ବଡ଼ ଝିଅ ଓ ଆମେ ଦୀର୍ଘ ଦିନ ଧରି ଭାରତରୁ ଅନୁପସ୍ଥିତ ରହୁଥିବାରୁ ତା ମନରେ ଗଭୀର ଦୁଃଖ । ଆମେ ଇଂଲଣ୍ଡ ଗଲାବେଳେ ଚନ୍ଦ୍ରିକା ଆମକୁ ବହୁ କାର୍ଯ୍ୟରେ ସାହାଯ୍ୟ କରିଥିଲା । ଏମାନଙ୍କୁ ସମସ୍ତଙ୍କୁ ଦେଖି ଯେଉଁ ଆନନ୍ଦ ଲାଗିଲା, ତାହା ଅବର୍ଣ୍ଣନୀୟ । ମୋର ସେତେବେଳେ ମନେପଡ଼ିଲା ସାନ ନାତୁଣୀ କଥା । ଇଂଲଣ୍ଡ ଗଲାବେଳେ ଅଭିମାନଭରା ସ୍ୱରରେ କହିଥିଲା ତାର ଆଈକୁ—ତୁ ତ ସବୁ ଜାଗାକୁ ଆମକୁ ସାଙ୍ଗରେ ନେଇ ଯାଉ···ଏଥର ଆମକୁ ନ ନେଇ ଏକୁଟିଆ କାହିଁକି ଯାଉଛୁ [illegible]

ପାଠାଗାର
17596
31-5-87